ସେରଲକ୍ ହୋମସ୍ କାହାଣୀ ୯

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ସେର୍‌ଲକ୍ ହୋମସ୍ କାହାଣୀ

(୯ମ ଖଣ୍ଡ)

ଲେଖକ :
ସାର୍ ଆର୍ଥର୍ କୋନାନ୍‌ଡୟଲ୍
ଅନୁବାଦକ :
ଶ୍ରୀ ଦିବାକର ପାଣି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
ବିନୋଦବିହାରୀ, କଟକ-୨
ଶାଖା : ମେନ୍‌ରୋଡ୍‌, ବ୍ରହ୍ମପୁର-୧

ମୁଦ୍ରକ :
ରାଜାରାମ ମହାପାତ୍ର
ମହାପାତ୍ର ବ୍ରଦର୍ସ
ବ୍ରହ୍ମପୁର-୨

ପ୍ରଥମ ମୁଦ୍ରଣ : ଅକ୍ଟୋବର୍‌, ୧୯୮୧

ମୂଲ୍ୟ : ଟ ୯. ୦୦

Digitized by srujanika@gmail.com

ସୂଚୀ

୧ । ସୁନା ଚଷମା ୧
୨ । ଚାର୍ଲସ୍ ଅଗଷ୍ଟସ୍ ମିଲ୍ଭର୍ଟନ୍ ୩୨
୩ । ଷଷ୍ଠ ନେପୋଲିୟନ୍ ୫୬
୪ । ନିଖୋଜ ଖେଳାଳୀ ୮୭
୫ । ଏବି ଗ୍ରେନ୍ଜ୍ ରହସ୍ୟ ୧୧୬
୬ । ଦ୍ୱିତୀୟ ଦାଗ ୧୪୯

Digitized by srujanika@gmail.com

ସୁନା ଚଷମା

ତିନିଖଣ୍ଡ ବିରାଟ ପାଣ୍ଡୁଲିପିରେ ଆମର ୧୮୯୪ ମସିହାର କାମର ବିବରଣୀ ଲେଖାହୋଇରହିଛି । ଆଜି ତା'ଉପରେ ଆଖିପକାଉଥିବାବେଳେ, ସେଥିରୁ କେଉଁ କେଉଁ କେଶ ସବୁ ବେଶି କୌତୂହଳପ୍ରଦ ଆଉ କେଉଁଥିରେ ମୋ ବନ୍ଧୁଙ୍କର ଅସାଧାରଣ ଶକ୍ତି ପ୍ରକାଶିତ ହୋଇଛି ତା ଠିକ୍ କରିବା ମୋ ପକ୍ଷରେ ଅତି କଷ୍ଟକର ବୋଲି ମୁଁ ସ୍ୱୀକାର କରୁଛି । ପୃଷ୍ଠାଗୁଡ଼ା ଓଲଟାଇ ଗଲେ ମୋ ଆଖିରେ ପଡ଼ୁଛି, ଘୃଣିତ ଲାଲ ଜୋକ କାହାଣୀ ଆଉ ବ୍ୟାଙ୍କର୍ କ୍ରସବିଙ୍କ ମର୍ମନ୍ତୁଦ ମୃତ୍ୟୁ କାହାଣୀ । ଆଉ ଗୋଟିଏ ପୃଷ୍ଠାରେ ଦେଖୁଛି ଆଡ଼ିଲଟନ୍ ଦୁର୍ଘଟଣାର ବିବରଣୀ । ସ୍ମିଥ୍ ମର୍ଟିମୋର୍ଙ୍କ ଉତ୍ତରାଧିକାର କେସ୍ ମଧ୍ୟ ଏହି ସମୟର । ତା'ଛଡ଼ା ଅଛି ବୋଲେଭର୍ଡ଼ର ହତ୍ୟାକାରୀ ହୁଭରେଟ୍‌କୁ ଖୋଜି ଆରେଷ୍ଟ କରିବା ଘଟଣା । ଏଇ ଅଭିଯାନ ପାଇଁ ହୋମ୍ସ ଫ୍ରାନ୍ସର ପ୍ରେସିଡେଣ୍ଟଙ୍କ ନିଜ ହାତଲେଖା ଅଭିନନ୍ଦନପତ୍ର ପାଇଥିଲେ । ଏଇ ପ୍ରତ୍ୟେକ କେଶର ବିବରଣୀ ଖୁବ୍ କୌତୂହଳପୂର୍ଣ୍ଣ ଆଉ ଚମକପ୍ରଦ । କିନ୍ତୁ ମୋ ମତରେ ୟକ୍ସଲି ଓଲ୍ଡପ୍ଲେସର କାହାଣୀରେ ଯେପରି ଅନେକ ଅସାଧାରଣ ପଏଣ୍ଟ ସବୁ ରହିଛି ଅନ୍ୟ କେଉଁଥିରେ ସେପରି ନାହିଁ । ତରୁଣ ଉଇଲୋବି ସ୍ମିଥ୍‌ଙ୍କ କରୁଣ ମୃତ୍ୟୁ ଏବଂ ଏଇ ଅପରାଧର କାରଣ ଆଦି ଏଇ ଘଟଣାର ଅନ୍ତର୍ଗତ ।

ନଭେମ୍ବର ମାସ ଶେଷ ଆଡ଼କୁ ଗୋଟିଏ ରାତିର କଥା । ଭୀଷଣ ଝଡ଼-ତୋଫାନ ହେଉଥାଏ । ହୋମ୍ସ ଆଉ ମୁଁ ସଂଧ୍ୟାଠାରୁ ଚୁପ୍‌ଚାପ୍ ବସିଥାଉ । ହୋମ୍ସ ତାଙ୍କ ଶକ୍ତିଶାଳୀ ଲେନ୍ସଟା ଧରି ଖଣ୍ଡେ ଚମଡ଼ାରେ ଥିବା ମୂଳ ଲେଖାକୁ ବୁଝିବାକୁ ଚେଷ୍ଟା କରୁଥାନ୍ତି । ମୁଁ ସର୍ଜରୀ (ଅସ୍ତ୍ରଚିକିତ୍ସା) ଉପରେ ନୂଆହୋଇ ଲେଖା ଯାଇଥିବା ପ୍ରବନ୍ଧ ପଢ଼ିବାରେ ମଜ୍ଜି ଯାଇଥାଏ । ବାହାରେ

Digitized by srujanika@gmail.com

ବେକରଷ୍ଟ୍ରୀଟ୍‌ରେ ପବନର ଭୀଷଣ ଗର୍ଜନ । ଝରକାର କାଚ ଉପରେ ମୁଷଳଧାରରେ ମେଘ ବରଷୁଥାଏ । ବିଖ୍ୟାତ ଲଣ୍ଡନ ସହର, ଯେଉଁଠି ମଣିଷ ହାତର ସବୁ କରାମତି ଦେଖାଯାଇଛି, ସେଇଠି ପ୍ରକୃତିର ଏଇ ତାଣ୍ଡବଲୀଳା ଆଉ ପ୍ରକୃତି ଆଗରେ ଏଇ ବିରାଟ ଲଣ୍ଡନ ସହର କେଡ଼େ ଶ୍ରେଷ୍ଠ ଭବିଲାବେଳକୁ ଆଶ୍ଚର୍ଯ୍ୟ ଲାଗୁଥାଏ । ଝରକା ପାଖକୁ ଯାଇ ବାହାର ନିର୍ଜନ ରାସ୍ତାକୁ ଚାହିଁଲି । ମଝିରେ ମଝିରେ ଗୋଟେ ଗୋଟେ ବତୀ ଜଳୁଥାଏ । ଅକ୍‌ସଫୋର୍ଡ ଷ୍ଟ୍ରୀଟ୍ ମୁଣ୍ଡ ଆଡ଼ୁ ଗୋଟେ ମାତ୍ର ଗାଡ଼ି ଆସୁଥାଏ ।

ଟିକିଏ ପରେ ହୋମ୍‌ସ ଲେନ୍‌ସଟା ରଖିଦେଇ କହିଲେ, "ଯାହାହେଉ, ଆଜି ରାତି ଆମକୁ ବାହାରକୁ ଯିବାକୁ ପଡ଼ିବନାହିଁ । ମୁଁ ଯଥେଷ୍ଟ କାମକଲିଣି । ଆଖିକୁ ବାଧା ହେଉଛି । ଯାହା ଦେଖିଲି, ଏଟା କୌଣସି ମଠର ପଞ୍ଚଦଶ ଶତାବ୍ଦିର ମଧ୍ୟଭାଗରୁ ଆରମ୍ଭ ହୋଇଥିବା ହିସାବପତ୍ର । କିନ୍ତୁ ଏ କ'ଣ ?"

ପବନର ସୁ-ସୁ ଶବ୍ଦ ଭିତରେ ଘୋଡ଼ା ଟାପୁର ଶବ୍ଦ ଏବଂ ଘୋଡ଼ାଗାଡ଼ି ଚକର ଶବ୍ଦ ଶୁଣାଗଲା । ଗାଡ଼ିଟା ପକ୍‌କା ରାସ୍ତା ଉପରେ ଅଟକିଲା । ଯେଉଁ ଗାଡ଼ିଟା ମୁଁ ଦେଖିଥିଲି ସେଟା ଆମ ଘର ସାମନାରେ ଅଟକିଲା । ଜଣେ ଲୋକ ଗାଡ଼ିରୁ ଓହ୍ଲାଇଲେ । ମୁଁ ହଠାତ୍ କହିଉଠିଲି, 'ତାଙ୍କର କ'ଣ ଦର୍କାର ଥାଇପାରେ ?"

"ଦର୍କାର ! ସେ ଆମକୁ ହିଁ ଦର୍କାର କରନ୍ତି । ଆଉ ଆମର ଉଆଟ୍‌ସନ୍, ଓଭର୍‌କୋଟ୍, ମଫଲର୍, ରବରର ଯୋତା ଆଉ ଏ ପାଗର ମୁକାବିଲା କରିବା ପାଇଁ ଯାହା କିଛି ଉଦ୍‌ଭାବିତ ହୋଇଛି ସେ ସବୁ ଦର୍କାର । ଟିକିଏ ଅପେକ୍ଷା କର । ଗାଡ଼ିଟା ପୁଣି ଚାଲିଗଲା । ଆମକୁ ସାଥିରେ ନେଇଯିବାର ହୋଇଥିଲେ ସେ ଗାଡ଼ିଟାକୁ ଅଟକାଇ ରଖିଥାନ୍ତେ । ଚଞ୍ଚଳ ତଳକୁ ଯାଇ ଦରଜାଟା ଖୋଲିଦିଅ । କାରଣ ଆଉ ସମସ୍ତେ ଶୋଇସାରିବେଣି !"

ଅଧ ରାତିରେ ଆସିଥିବା ଏଇ ଆଗନ୍ତୁକଙ୍କ ଉପରେ ବାଟଘରର ଆଲୁଅଟା ପଡ଼ିଲା ମାତ୍ରେ ତାଙ୍କୁ ଚିହ୍ନିବାରେ କିଛି ଅସୁବିଧା ହେଲା ନାହିଁ । ସେ ତରୁଣ ଡିଟେକ୍‌ଟିଭ୍ ଷ୍ଟାନ୍‌ଲି ହପ୍‌କିନ୍‌ସ । କେତେଥର ହୋମ୍‌ସ ତାଙ୍କର ଉନ୍ନତି

Digitized by srujanika@gmail.com

ପାଇଁ ଆଗ୍ରହର ସହିତ ସାହାଯ୍ୟ କରିଛନ୍ତି । ବ୍ୟସ୍ତହୋଇ ହପକିନ୍‌ସ ପଚାରିଲେ, "ସେ ଘରେ ଅଛନ୍ତି ?"

ଉପରୁ ହୋମ୍‌ସଙ୍କ ପାଟି ଶୁଭିଲା, "ଉପରକୁ ଆସ । ଏପରି ଏକ ରାତିରେ ଆମ ପାଖକୁ ଆସିବାର ଅଭିପ୍ରାୟ କ'ଣ ?"

ଡିଟେକ୍‌ଟିଭ୍‌ ପାହାଚ ଉପରକୁ ଉଠି ଗଲେ । ଆମ ବୈଠକଘରର ଆଲୁଅ ତାଙ୍କ ଓ୍ୱାଟର୍‌ପ୍ରୁଫ୍‌ ଉପରେ ପଡ଼ି ଚକ୍‌ ଚକ୍‌ ଦେଖାଗଲା । ମୁଁ ତାଙ୍କୁ ସେଟା ବାହାର କରିବାରେ ସାହାଯ୍ୟ କଲି । ହୋମ୍‌ସ ନିଆଁ ଉସ୍‌କେଇ ଭିତରକୁ କାଠ ଖଣ୍ଡେ ପେଲିଦେଇ କହିଲେ, "ଏଥର ହପକିନ୍‌ସ ଗୋଡ଼, ହାତ ଟିକିଏ ସେକି ହୁଅ । ଏଇ ନିଅ ସିଗାରେଟ୍‌ । ଏ ପାଗରେ ଗରମ ପାଣିରେ ଲେମ୍ବୁ ମିଶାଇ ପିଇବାକୁ ଡାକ୍ତର ନିଶ୍ଚୟ ତୁମକୁ ଉପଦେଶ ଦେବେ । ନିଶ୍ଚୟ କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ତୁମେ ଏ ଝଡ଼ତୋଫାନରେ ବାହାରି ଆସିଛ ।"

"ହଁ, ପ୍ରକୃତରେ ଖୁବ୍‌ ଗୁରୁତ୍ୱପୂର୍ଣ୍ଣ ମିଷ୍ଟର୍‌ ହୋମ୍‌ସ । ଆଜି ଅପରଓଳିଯାକ ମୁଁ ଖୁବ୍‌ କାର୍ଯ୍ୟ ବ୍ୟସ୍ତ । ଖବରକାଗଜରେ ୟୁକ୍‌ସି କେସ୍‌ ବିଷୟରେ କିଛି ଦେଖିଛନ୍ତି ?"

"ଆଜି ପଞ୍ଚଦଶ ଶତାବ୍ଦି ପର ଘଟଣା କିଛି ମୁଁ ଦେଖିନାହିଁ ।"

"ଖବରକାଗଜରେ ମୋଟେ ଗୋଟେ ପାରାଗ୍ରାଫ୍‌ ଲେଖା ହୋଇଛି । ସେ ସବୁ ମଧ୍ୟ ଠିକ୍‌ ସମ୍ବାଦ ନୁହେଁ । ତେଣୁ ଆପଣ ପଢ଼ି ନଥିଲେ ବି କିଛି କ୍ଷତି ନାହିଁ । ଘଟଣାଟା କେଣ୍ଟ୍‌ରେ ଘଟିଛି । ଚାଥାମ୍‌ରୁ ସାତମାଇଲ ଆଉ ରେଲ୍‌ଲାଇନ୍‌ ପାଖରୁ ତିନିମାଇଲ ଦୂର । ମୁଁ ତିନଟା ପନ୍ଦର ମିନିଟ୍‌ରେ ଟେଲିଗ୍ରାମ୍‌ ପାଇଲି ଆଉ ପାଞ୍ଚଟାବେଳେ ୟକ୍‌ସଲି ଓଲ୍ଡ୍‌ ପ୍ଲେସ୍‌ରେ ପହଞ୍ଚି ଅନୁସନ୍ଧାନ କଲି । ସାଙ୍ଗେ ସାଙ୍ଗେ ଚାରିଙ୍ଗକ୍ରସ୍‌ ଆସି ଶେଷ ଟ୍ରେନ୍‌ ଧରିଲି । ସେଇଠୁ ଗୋଟେ ଗାଡ଼ି କରି ସିଧା ଆପଣଙ୍କ ପାଖକୁ ଆସିଲି ।"

"ତା ଅର୍ଥ, ମୁଁ ଭାବୁଛି ତୁମେ କେସ୍‌ ବିଷୟରେ ସଠିକ୍‌ ନୁହଁ ?"

"ମୁଁ କେସ୍‌ର ଅଗ ମୂଳ କିଛି ବୁଝିପାରୁନାହିଁ । ଯେତେ କେସ୍‌ରେ ମୁଁ କାମ କରିଛି, ଏମିତି ଜଟିଳ ପରିସ୍ଥିତି କେଉଁଠି ଦେଖି ନାହିଁ । ପ୍ରଥମରୁ

Digitized by srujanika@gmail.com

କିନ୍ତୁ ଘଟଣାଟା ଖୁବ୍ ସରଳ ବୋଲି ମନେହେଉଥିଲା । ଜଣେ ଲୋକକୁ ହତ୍ୟା କରାଯାଇଛି । କିନ୍ତୁ ହତ୍ୟାର ଉଦ୍ଦେଶ୍ୟ କିଛିନାହିଁ । ସେଇଥିପାଇଁ ମୁଁ ବେଶି ଘାବରାଇ ଯାଉଛି । ଯେତେଚେଷ୍ଟାକଲେ ବି ମୁଁ କିଛି ଉଦ୍ଦେଶ୍ୟ ଖୋଜି ପାଉନାହିଁ । କେହି ତାଙ୍କୁ ହତ୍ୟା କରିବାର କିଛି କାରଣ ନାହିଁ ।"

ସିଗାରେଟ୍ ଖଣ୍ଡେ ଲଗାଇ ଚଉକିରେ ଆଉଜି ବସି ହୋମ୍‌ସ କହିଲେ, "ସମୁଦାୟ ଘଟଣାଟା କୁହ ।"

ଘଟଣା ବେଶ୍ ପରିଷ୍କାର । କିନ୍ତୁ ତାର ଅର୍ଥ କ'ଣ କିଛି ବୁଝିହେଉନାହିଁ । ଘଟଣାଟା ହେଲା ଏଇଆ । କେତେବର୍ଷ ତଳେ ଏଇ ୟକ୍‌ସଲି ଓଲ୍‌ଡ୍‌ପ୍ଲେସ୍ ଘରଟା ଜଣେ ବୟସ୍କ ଭଦ୍ରଲୋକ କିଣିଲେ । ତାଙ୍କ ନାଁ ପ୍ରଫେସର୍ କୋରାମ୍ ବୋଲି କହିଲେ । ସେ ଜଣେ ବିକଳାଙ୍ଗ ଅକର୍ମଣ୍ୟ ଲୋକ । ଅଧିକାଂଶ ସମୟ ବିଛଣାରେ ପଡ଼ିରହନ୍ତି । ବାକି ସମୟତକ ବାଡ଼ି ଖଣ୍ଡେ ଧରି ଘରେ ଏପାଖ ସେପାଖ ହୁଅନ୍ତି କିମ୍ବା ଗୋଟିଏ ଚକଲଗା ଚଉକିରେ ବସନ୍ତି ଆଉ ମାଳି ଚଉକିଟା ଠେଲି ଠେଲି ତାଙ୍କୁ ବୁଲାଏ । ପାଖର ଯେଉଁ କେତେ ଜଣ ଘାଇପଡ଼ିଶା ତାଙ୍କୁ ଖୁବ୍ ଭଲ ପାଆନ୍ତି ଆଉ ସେ ଜଣେ ଖୁବ୍ ଜ୍ଞାନୀ ଲୋକ ବୋଲି ସମସ୍ତେ ଜାଣନ୍ତି । ତାଙ୍କ ଘରେ ଜଣେ ବୟସ୍କା ପରିଚାରିକା ଶ୍ରୀମତୀ ମାର୍କର୍ ଆଉ ଜଣେ ଚାକରାଣୀ ସୁଜାନ୍ ଟାର୍ଲ୍‌ଟନ୍ । ସେ ଆସିଲା ଦିନୁ ଏ ଦୁ'ଜଣ ତାଙ୍କ ପାଖେ ଅଛନ୍ତି । ସେ ଦୁ'ଜଣଙ୍କ ଚରିତ୍ର ଖୁବ୍ ଭଲ ବୋଲି ଜଣାଯାଏ । ପ୍ରଫେସର ଗୋଟିଏ କଅଣ ବହି ଲେଖୁଛନ୍ତି । ବର୍ଷେତଳେ ସେ ଦେଖିଲେ ତାଙ୍କର ଜଣେ ସେକ୍ରେଟାରୀ ନିହାତି ଦରକାର । ଜଣ ଜଣ କରି ଦୁ'ଜଣଙ୍କୁ ସେ ପ୍ରଥମେ ପରୀକ୍ଷା କରି ଦେଖିଲେ । କିନ୍ତୁ ସେମାନଙ୍କ ଦ୍ୱାରା କାମ ଚଳିଲା ନାହିଁ । ତାପରେ ମିଷ୍ଟର୍ ଉଇଲୋବି ସ୍ମିଥ୍ ନାଁରେ ଜଣେ ଯୁବକ ଆସିଲେ । ସେ ବିଶ୍ୱବିଦ୍ୟାଳୟରୁ ପାଶ୍ କଲାପରେ ସିଧାସଳଖ ଏଠିକି ଆସିଲେ । ମାଲିକ ଯାହା ଚାହୁଁଥିଲେ ସେ ଠିକ୍ ସେଇଆ ଥିଲେ । ସକାଳ-ବେଳା ପ୍ରଫେସର୍ ଯାହା ସବୁ ଡାକନ୍ତି ତାକୁ ଲେଖିବା ହେଲା ତାଙ୍କ କାମ । ଉପରବେଳା ପରଦିନ କାମ ପାଇଁ ବହି ସବୁ ପଢ଼ିବାରେ କଟିଯାଏ । ଉଇଲୋବି ସ୍ମିଥ୍ ଉଇଙ୍ଗିଙ୍ଗ ହାମ୍‌ର ଲୋକ । ସେଠି ତାଙ୍କ ମିଳାଦନେ କିମ୍ବା

Digitized by srujanika@gmail.com

କେମ୍ବ୍ରିଜ୍‌ରେ ତାଙ୍କ ତରୁଣ ଅବସ୍ଥାରେ ତାଙ୍କ ବିରୁଦ୍ଧରେ କିଛି ଶୁଣାନାହିଁ । ମୁଁ ତାଙ୍କ ପ୍ରଶଂସାପତ୍ର ସବୁ ଦେଖିଛି । ସେଥିରୁ ଜାଣିଲି ତାଙ୍କ ଚରିତ୍ର ଖୁବ୍ ଭଲ, ସେ ଖୁବ୍ ପରିଶ୍ରମୀ ଆଉ ତାଙ୍କର କିଛି ଦୋଷ ଦୁର୍ବଳତା ନାହିଁ । ତଥାପି ଆଜି ସକାଳେ ପ୍ରଫେସର୍‌ଙ୍କ ପଢ଼ାଘରେ ଏଇ ଯୁବକଙ୍କର ମୃତ୍ୟୁ ହୋଇଛି । ପରିସ୍ଥିତିରୁ ଜଣାଯାଏ ଏହା ହତ୍ୟାକାଣ୍ଡ ।"

ଝରକା ପାଖରେ ପବନ ଖୁବ୍ ଜୋର୍‌ରେ ଗର୍ଜୁଥାଏ । ହୋମ୍‌ସ୍ ଆଉ ମୁଁ ନିଆଁ ପାଖକୁ ଆଉ ଟିକିଏ ଲାଗିଗଲୁ । ତରୁଣ ଇନ୍‌ସ୍‌ପେକ୍ଟର୍ ଧୀରେ ଧୀରେ ଗୋଟି ଗୋଟି କରି ତାଙ୍କ କଥା କହିଚାଲିଲେ ।

"ଆପଣ ସାରା ଇଂଲଣ୍ଡରେ ପ୍ରଫେସର୍‌ଙ୍କ ଘର ପରି ସ୍ୱୟଂସମ୍ପୂର୍ଣ୍ଣ ଘର ଦେଖିବାକୁ ପାଇବେ ନାହିଁ । ବାହାରର ପ୍ରଭାବରୁ ପୂରା ମୁକ୍ତ । ସପ୍ତାହ ସପ୍ତାହ ଧରି କେହି ବଗିଚା ଗେଟ୍ ବାହାରକୁ ମଧ୍ୟ ଯାଆନ୍ତି ନାହିଁ । ପ୍ରଫେସର୍ ସବୁବେଳେ ତାଙ୍କ କାମରେ ବୁଡ଼ିରହିଥାନ୍ତି । ଯୁବକ ସ୍ମିଥ୍ ପାଖଆଖର କାହାକୁ ଚିହ୍ନନ୍ତି ନାହିଁ । ମାଳି ମର୍‌ଟିମର୍ ଆଗେ ସୈନ୍ୟବାହିନୀରେ କାମ କରୁଥିଲା । ଏବେ ପେନସନ୍ ପାଉଛି । ତାର ଚରିତ୍ର ଅତି ଭଲ । ସେ ପ୍ରଫେସର୍‌ଙ୍କ ଘରେ ରହେନାହିଁ । ବଗିଚା ସେ ମୁଣ୍ଡରେ ଗୋଟିଏ ତିନି ବଖରିଆ ଘରେ ସେ ରହେ । ୟକ୍‌ସଲି ଓଲ୍ଡ୍‌ପ୍ଲେସ୍ ହତା ଭିତରେ ଏତିକି ଲୋକ । ତା'ଛଡ଼ା ବଗିଚାର ଗେଟ୍‌ଟା କାଥାମରୁ ଲଣ୍ଡନ ଯାଇଥିବା ରାସ୍ତାଠାରୁ ପ୍ରାୟ ଶହେଗଜ ଦୂର । ବଗିଚା ଗେଟ୍‌ରେ ଗୋଟିଏ ଛିଟିକିଣି ଲାଗିଛି । ତେଣୁ କେହି ଲୋକ ବାହାରୁ ସେଟା ଖୋଲି ଭିତରକୁ ଯିବାରେ କିଛି ଅସୁବିଧା ନାହିଁ ।

"ଏଥର ସୁଜାନ ଟାର୍‌ଲ୍‌ଟନ୍ ଯାହା ସାକ୍ଷୀଦେଲା ମୁଁ ଆପଣଙ୍କୁ କହୁଛି । ଘଟଣା ବିଷୟରେ ନିଶ୍ଚିତ୍ତଭାବେ କିଛି କହିପାରିବା ଲୋକ ସେ ଏକା । ସକାଳବେଳା ଏଗାରଟାରୁ ବାରଟା ଭିତର କଥା । ସୁଜାନ୍ ଉପରମହଲାର ସାମନା ପାଖ ଶୋଇଲାଘରେ ପରଦା ଟାଙ୍ଗୁଥିଲା । ପ୍ରଫେସର୍ କୋରାମ୍ ସେ ସମୟ ଯାଏ ବି ବିଛଣାରୁ ଉଠିନଥିଲେ । କାରଣ ପାଗ ଖରାପ ହେଲେ ସେ ଦି'ପହରର ଆଗରୁ ଉଠନ୍ତି ନାହିଁ । ଘରଚାକରାଣୀ ଘର ପଛପାଖେ କିଛି କାମରେ ବ୍ୟସ୍ତ ଥିଲା । ଉଇଲୋବି ସ୍ମିଥ୍ ତାଙ୍କ ଶୋଇବାଘରେ ଥିଲେ । କିନ୍ତୁ ସେ

Digitized by srujanika@gmail.com

ବାରଣ୍ଡା ବାଟେ ଚାଲିକି ପଢ଼ାଘରକୁ ଯିବାର ଗୃହକର୍ତ୍ରୀ ଶୁଣିଛନ୍ତି । ପଢ଼ାଘରଟା ଗୃହକର୍ତ୍ରୀ ପରଦା ଟାଣିଥିବା ଘରର ଠିକ୍ ତଳେ । ସେ ଉଇଲୋବ ସ୍ମିଥ୍‌ଙ୍କୁ ଦେଖିନାହାନ୍ତି; କିନ୍ତୁ ତାଙ୍କ ଗୃହ ଜାଣିବାରେ ତାର କିଛି ଭୁଲ୍ ହୋଇପାରେ ନା । ପଢ଼ାଘରର ଦରଜା ବନ୍ଦ ହେବାର ସେ ଶୁଣି ନାହିଁ । କିନ୍ତୁ ପ୍ରାୟ ମିନିଟିଏ ପରେ ସେ ତଳ ଘରୁ ଗୋଟେ ଭୟଙ୍କର ଚିତ୍କାର ଶୁଣି ପାରିଲା । ଚିତ୍କାରଟା କୌଣସି ପୁରୁଷ ବା ନାରୀର ହୋଇଥାଇପାରେ । ସେଇ ସାଙ୍ଗେ ସାଙ୍ଗେ କିଛି ଗୋଟେ ଜିନିଷ ଦୁମ୍‌କିରି ପଡ଼ିବାର ଶବ୍ଦ ଶୁଣାଗଲା । ସାରା ଘରଟା ଥରିଗଲା ପରି ଲାଗିଲା । ତା'ପରେ ସବୁ ଚୁପ୍‌ଚାପ୍ । ମୁହୂର୍ତ୍ତିକପାଏ ଗୃହକର୍ତ୍ରୀ ଭୟରେ ପଥର ପାଲଟିଗଲା । ତାପରେ ସାହସ ଧରି ତଳକୁ ଧାଇଁଗଲା । ପଢ଼ାଘରର ଦରଜା ବନ୍ଦ ଥିଲା । ସେ ସେଟା ଖୋଲିଲା । ଭିତରେ ମିଷ୍ଟର୍ ଉଇଲୋବି ସ୍ମିଥ୍ ଚଟାଣ ଉପରେ ପଡ଼ିଥିଲେ । ପ୍ରଥମେ ତାଙ୍କ ଦେହରେ କିଛି ଆଘାତର ଚିହ୍ନ ସେ ଦେଖିପାରିଲାନାହିଁ । କିନ୍ତୁ ତାଙ୍କୁ ଉଠାଇବାକୁ ବସିଲାବେଳେ ଦେଖିଲା ତାଙ୍କ ବେକର ତଳ ଅଂଶରୁ ରକ୍ତ ବୋହୁଛି । ବେକରେ ଗୋଟେ କ୍ଷୁଦ୍ର କ୍ଷତ, କିନ୍ତୁ ଗଭୀରଆ । ଫଳରେ ବେକର ଶିରାଟା ପୂରା ଦୁ'ଖଣ୍ଡ ହୋଇ କଟିଯାଇଛି । ଯେଉଁ ଅସ୍ତ୍ରଆରରେ ଏ କ୍ଷତ ହୋଇଥିଲା ସେଟା ଗାଲିଚା ଉପରେ ମୃତ ସ୍ମିଥ୍‌ଙ୍କ ପାଖରେ ପଡ଼ିଥିଲା । ସେଟା ଗୋଟେ କ୍ଷୁଦ୍ର ଛୁରୀ । ବେଣ୍ଟଟା ହାତୀଦାନ୍ତର ଆଉ ଛୁରୀଟା ଖୁବ୍ ଟାଣ । ସେଟା ପ୍ରଫେସରଙ୍କର ଜିନିଷ ।

"ପ୍ରଥମେ ଗୃହକର୍ତ୍ରୀ ଭାବିଲା, ତରୁଣ ସ୍ମିଥ୍ ମରିଯାଇଛନ୍ତି । କିନ୍ତୁ ସୁରେଇରୁ କିଛି ପାଣି ଆଣି ତାଙ୍କ ମୁହଁରେ ଛିଞ୍ଚିବାରୁ ସେ ମୁହୂର୍ତ୍ତିକ ପାଇଁ ଆଖି ଖୋଲିଲେ । ଅସ୍ପଷ୍ଟ ସ୍ୱରରେ ସେ କହିଲେ, 'ପ୍ରଫେସର୍—ସେଇ ନାରୀ ।' ଶବ୍ଦ ଦୁ'ଟା ଠିକ୍ ଏଇଆ ବୋଲି ଗୃହକର୍ତ୍ରୀ ଶପଥ କରି କହୁଛି । ଆଉ କିଛି କହିବା ପାଇଁ ସେ ବିଫଳ ହୋଇ ଚେଷ୍ଟା କଲେ ଆଉ ଡାହାଣ ହାତଟା ଉପରକୁ ଟେକିଲେ । ତାପରେ ତାଙ୍କ ପ୍ରାଣ ଉଡ଼ିଗଲା । ଏ ଭିତରେ ଘର-ଲୁଗାକା ଆଉ ସେଠି ପହଞ୍ଚି ଯାଇଥିଲା । କିନ୍ତୁ ସେତେବେଳକୁ ତରୁଣ ସ୍ମିଥ୍‌ଙ୍କ କଥା ସରିଯାଇଥିଲା । ସୁଜାନ୍‌କୁ ସେଠି ଛାଡ଼ି ସେ ପ୍ରଫେସରଙ୍କ ରୁମ୍‌କୁ

Digitized by srujanika@gmail.com

ଦୌଡ଼ିଗଲା । ସେ ଖୁବ୍ ବିଚଳିତ ଅବସ୍ଥାରେ ବିଛଣା ଉପରେ ବସିଥିଲେ । କାରଣ ସେ ଯେଉଁ ସବୁ ଶବ୍ଦ ଶୁଣିଲେ ସେଥିରୁ ଜାଣି ପାରିଥିଲେ ଯେ କିଛି ଗୋଟେ ଭୀଷଣ ଦୁର୍ଘଟଣା ଘଟିଛି । ସେତେବେଳକୁ ପ୍ରଫେସର୍ ତାଙ୍କ ରାତ୍ରି ପୋଷାକ ପିନ୍ଧିଥିଲେ ବୋଲି ଶପଥକରି କହିବାକୁ ଶ୍ରୀମତୀ ମାର୍କର୍ ପ୍ରସ୍ତୁତ । ପ୍ରକୃତରେ ମର୍ଟିମର୍‌ର ବିନାସାହାଯ୍ୟରେ ପୋଷାକ ପିନ୍ଧିବା ତାଙ୍କ ପକ୍ଷରେ ଅସମ୍ଭବ । ବାରଟାବେଳେ ଆସିବାକୁ ସେ ମର୍ଟିମର୍‌କୁ ଆଦେଶ ଦେଇ-ଥିଲେ । ପ୍ରଫେସର୍ କହନ୍ତି ଯେ ସେ ଦୂରରୁ ଚିତ୍କାରଟା ଶୁଣିଛନ୍ତି । ତା'ଛଡ଼ା ସେ ଆଉ କିଛି ଜାଣନ୍ତି ନାହିଁ । ତରୁଣ ସ୍ମିଥ୍‌ଙ୍କ ଶେଷ ଶବ୍ଦର ଅର୍ଥ କ'ଣ ହୋଇପାରେ ସେ କହିବାକୁ ଅକ୍ଷମ । କିନ୍ତୁ ସେ ଭାବନ୍ତି ସେଟା ମୃତ୍ୟୁ ପୂର୍ବର ବାତୁଳତାର ଫଳ । ସେ ଜାଣନ୍ତି, ଦୁନିଆରେ ୱିଲୋବି ସ୍ମିଥ୍‌ଙ୍କର କେହି ଶତ୍ରୁ ନଥିଲେ । ତେଣୁ ହତ୍ୟାର କାରଣ କ'ଣ ହୋଇପାରେ ସେ କହିପାରିବେନାହିଁ । ସେ ପ୍ରଥମେ ମାଳି ମର୍ଟିମରକୁ ସ୍ଥାନୀୟ ପୋଲିସକୁ ଡାକିବା ପାଇଁ ପଠାଇଲେ । ଟିକିଏ ପରେ ହେଡ୍-କନେଷ୍ଟ୍‌ବଲ ମୋତେ ଡକାଇ ପଠାଇଲେ । ମୁଁ ଯେତିକି ଯିବା ପୂର୍ବରୁ କେହି କୌଣସି ଜିନିଷରେ ହାତ ଦେଇ ନଥିଲେ ଆଉ ଘରକୁ ପଡ଼ିଥିବା ରାସ୍ତା ଉପରେ କେହି ନ ଚାଲିବାକୁ ଆଦେଶ ଦିଆଯାଇଥିଲା । ଆପଣଙ୍କ ପଦ୍ଧତି କାମରେ ଲଗାଇବାର ଗୋଟେ ସୁନ୍ଦର ସୁଯୋଗ ମିଳିଗଲା ମିଷ୍ଟର୍ ହୋମ୍ସ । ଆଉ କିଛି ଅଭାବ ରହିଲା ନାହିଁ ।"

ଟିକିଏ କୁଟିଳ ହସ ହସି ମୋ ବନ୍ଧୁ କହିଲେ, "କେବଳ ମିଷ୍ଟର୍ ସେରଲକ୍ ହୋମ୍ସ ବ୍ୟତୀତ ! ହଉ, ସବୁ କଥା ଶୁଣିଯିବା । ତୁମେ କ'ଣ ସବୁ କଲ ?"

"ଆପଣ ପ୍ରଥମେ ଏଇ ନକ୍ସାଟା ଦେଖନ୍ତୁ ମିଷ୍ଟର୍ ହୋମ୍ସ । ଏଥିରୁ ପ୍ରଫେସର୍‌ଙ୍କ ପଢ଼ା ଘର ଏବଂ କେସର ଅନ୍ୟାନ୍ୟ ବିଷୟରେ ଆପଣଙ୍କର ଗୋଟେ ମୋଟାମୋଟି ଧାରଣା ହେବ । ମୋ ଅନୁସନ୍ଧାନ ମଧ୍ୟ ଆପଣ ବୁଝିବାରେ ସୁବିଧା ହେବ ।"

Digitized by srujanika@gmail.com

ସେ ଗୋଟେ ନକ୍ସା ଖୋଲି ହୋମ୍ସଙ୍କ ଆଣ୍ଠୁ ଉପରେ ରଖିଲେ । ମୁଁ ହୋମ୍ସଙ୍କ ପଛ ପାଖେ ଠିଆହୋଇ ତାଙ୍କ କାନ୍ଧ ଉପରବାଟେ ନକ୍ସାଟା ଦେଖିଲି ।

"ଏଇଟା ଅବଶ୍ୟ ଗୋଟେ ରଫ ନକ୍ସା ଆଉ ଏଥିରେ କେବଳ ଜରୁରୀ ଦରକାରୀ ପର୍ଯ୍ୟନ୍ତ ସବୁ ରହିଛି । ବାକି ସବୁ ପରେ ଆପଣ ନିଜେ ଦେଖିବେ । ଏଥର ପ୍ରଥମେ ଆମେ ଧରିନେବା ଯେ ହତ୍ୟାକାରୀ ବାହାରୁ ଘର ଭିତରେ ପଶିଛି ତେବେ ପ୍ରଶ୍ନ ହେଲା ସେ କିପରି, କେଉଁବାଟେ ଭିତରକୁ ଯାଇଛି । ନିଶ୍ଚୟ ବଗିଚା ଭିତର ରାସ୍ତା ଆଉ ପଛପାଖ ଦରଜା ବାଟେ । ସେଠୁ ପଢ଼ାଘରକୁ ସିଧାସଳଖ ଯାଇହେବ । ଅନ୍ୟ କୌଣସି ବାଟେ ଯିବାଟା ଅତି ଅସୁବିଧାଜନକ । ପଳାଇଗଲାବେଳେ ମଧ୍ୟ ସେ ସେଇବାଟେ ଯାଇଥିବ । କାରଣ ଅନ୍ୟ ଦୁଇଟା ବାଟରୁ ଗୋଟେ ବାଟରେ ସୁଶାନ୍ ଧାଇଁ ଆସୁଥିଲା ଏବଂ ଅନ୍ୟଟା ସିଧାସଳଖ ପ୍ରଫେସରଙ୍କ ଶୋଇବାଘରକୁ ଯାଇଛି । ତେଣୁ ମୁଁ ସାଙ୍ଗେ ସାଙ୍ଗେ ବଗିଚା ରାସ୍ତା ଆଡ଼େ ଧ୍ୟାନ ଦେଲି । ନିକଟରେ ବର୍ଷାହୋଇ ରାସ୍ତାଟା ପୁରା ଓଦା ଥିଲା । ତେଣୁ ସେଠି ପାଦ ଚିହ୍ନ ପଡ଼ିଥିବାର ଯଥେଷ୍ଟ ଆଶା ।

"ପରୀକ୍ଷାରୁ ଦେଖିଲି ହତ୍ୟାକାରୀ ଖୁବ୍ ଚାଲାକ୍ ଆଉ ଦକ୍ଷ । ରାସ୍ତାରେ କୌଣସି ପାଦ ଚିହ୍ନ ମିଳିଲା ନାହିଁ । କିନ୍ତୁ କେହି ଜଣେ ରାସ୍ତାଧାରର ଘାସ ଉପରେ ଯାଇଥିବାରେ କିଛି ସନ୍ଦେହ ନାହିଁ । କୌଣସି ପାଦଚିହ୍ନ ନ ରହିବା ପାଇଁ ସେ ନିଶ୍ଚୟ ଏହା କରିଛି । ମୁଁ କୌଣସି ପରିଷ୍କାର ଚିହ୍ନ ଦେଖିବାକୁ ପାଇଲି ନାହିଁ, କିନ୍ତୁ ଘାସଗୁଡ଼ା ଦଳିହୋଇ ଯାଇଥିଲା ଆଉ କେହି ନିଶ୍ଚୟ ସେବାଟେ ଯାଇଥିଲା । ସେ ଲୋକ କେବଳ ହତ୍ୟାକାରୀ । କାରଣ ମାଳି ବା ଅନ୍ୟ କେହି ସକାଳେ ସେପାଖକୁ ଯାଇନାହାନ୍ତି ଆଉ ବର୍ଷା ରାତିରେ ହୋଇଥିଲା ।"

ହୋମ୍ସ କହିଲେ, "ଠିକ୍ଏ ଭୁଲ । ଏଇ ରାସ୍ତାଟା ଘରୁ କେଉଁଆଡ଼େ ଯାଇଛି ?"

"ବାହାରର ରାସ୍ତାକୁ ।"

"ରାସ୍ତାଟା କେତେ ଲମ୍ବା ହେବ ?"

Digitized by srujanika@gmail.com

"ପ୍ରାୟ ଶହେ ଗଜ ପାଖାପାଖି ।"

"ରାସ୍ତାଟା ଯେଉଁଠି ଗେଟ୍ ଭିତର ଦେଇ ଯାଇଛି ସେଠି ତ ତୁମେ କିଛି ଚିହ୍ନ ଦେଖିବାକୁ ପାଇଥିବ ?"

"ଦୁର୍ଯୋଗକୁ ସେଠି ରାସ୍ତାଟାରେ ଟାଇଲ୍ ବସୁହୋଇଛି ।"

"ଆଚ୍ଛା, ବାହାର ରାସ୍ତା ଉପରେ ?"

"ନା, ରାସ୍ତାଟା ପୂରା କାଦୁଅ ହୋଇ ଯାଇଥିଲା ।"

"ହୁଁ ! ଆଚ୍ଛା ଘାସ ଉପରର ଚିହ୍ନ, ଘରଆଡ଼କୁ ପଡ଼ିଥିଲା ନା ବାହାରଆଡ଼କୁ ?"

"ତା ଜାଣିବା ଅସମ୍ଭବ । କାରଣ ପାଦ ଗୁଣପାଖରେ କିଛି ଚିହ୍ନନଥିଲା ।"

"ପାଦଟା ଛୋଟ ନା ବଡ଼ ?"

"ମୋତେ ବାରି ହେବ ନାହିଁ ।"

ହୋମ୍‌ସ ବ୍ୟସ୍ତହୋଇ ଉଠି କହିଲେ, "ସେଠିକିବେଳୁ ପ୍ରବଳ ବର୍ଷା ଆଉ ଝଡ଼ ଲାଗି ରହିଛି । ଏବେ ସେଠୁ କିଛି ଜାଣିବା କଷ୍ଟକର ହେବ । ହଉ, ଆଉ କ'ଣ କରାଯିବ ! ଆଚ୍ଛା ମିଷ୍ଟର ଓପ୍‌ନସ୍, ତୁମେ ଯେତେବେଳେ ନିଶ୍ଚିତ ହେଲ ଯେ ନିଶ୍ଚିତଭାବରେ କିଛି ଜାଣିପାରିଲ ନାହିଁ, କ'ଣ କଲ ?"

ମୁଁ ଭାବିଛି ଅନେକ କଥା । ମୁଁ ନିଶ୍ଚିତଭାବେ ଜାଣିପାରିଛି ମିଷ୍ଟର୍ ହୋମ୍‌ସ । ମୁଁ ଜାଣିପାରିଲି ବାପାଙ୍କୁ କେହି ଲୋକ ଖୁବ ସାବଧାନରେ ଘର ଭିତରେ ପଶିଛି । ସେପରେ ମୁଁ ବାରଣ୍ଡାଟା ପରୀକ୍ଷା କଲି । ତା'ଉପରେ ନଡ଼ିଆକତାର ଚଟେଇ ପଡ଼ିଛି । ତେଣୁ ତା ଉପରେ କୌଣସି ପ୍ରକାର ଚିହ୍ନ ନାହିଁ । ସେଇ-ବାଟେ ଯାଇ ମୁଁ ପଢ଼ାଘରେ ପହଞ୍ଚିଲି । ଘରଟାରେ ଜିନିଷପତ୍ର ବିଶେଷ କିଛି ନାହିଁ । ପ୍ରଧାନ ଜିନିଷ ଭିତରେ ହେଲା ଲେଖାଲେଖି କରିବା ପାଇଁ ଗୋଟେ ବଡ଼ ଟେବୁଲ । ଟେବୁଲର ଦି' ପାଖରେ ଦି' ଧାଡ଼ି ଡ୍ରୟର ଆଉ ମଝିରେ ଗୋଟେ ଛୋଟ ଆଲମାରି । ଡ୍ରୟରଗୁଡ଼ା ଖୋଲାଥିଲା, କିନ୍ତୁ ଆଲମାରିଟାରେ ତାଲା ପଡ଼ିଥିଲା । ଯାହା ଜଣାଗଲା, ଡ୍ରୟରଗୁଡ଼ା ସବୁବେଳେ ଖୋଲାଥାଏ । ସେଥିରେ ସେମିତି କିଛି ମୂଲ୍ୟବାନ ଜିନିଷ ରଖେ ନାହିଁ । ଆଲ୍‌ମାରିରେ କିନ୍ତୁ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା । କିନ୍ତୁ ସେଠି କେହି ହାତ ମାରିବାର

Digitized by srujanika@gmail.com

ଚିହ୍ନ ନଥିଲା । ପ୍ରଫେସର୍ ମଧ୍ୟ ନିର୍ଭରଭାବେ କହିଲେ, କୌଣସି ଜିନିଷ ହଜିନାହିଁ । ତେଣୁ କୌଣସି ଡକାୟିତ ହୋଇନଥିବା ନିଶ୍ଚିତ ।

"ଏଥର ମୁଁ ତରୁଣ ସ୍ମିଥ୍‌ଙ୍କ ମୃତଦେହ କଥା କହେ । ସେଟା ଆଲମିରା ପାଖରେ ପଡ଼ିଥିଲା, ଠିକ୍ ତାର ବାଁ କଡ଼କୁ । ନକ୍‌ସାରେ ସେଟା ଦେଖା-ହୋଇଛି । ଛୁରୀଟା ବେକର ଡାହାଣପାଖେ ପଶିଛି ଆଉ ପଛପାଖରୁ ଭୁସିହୋଇଛି । ତେଣୁ ଏଟା ଆତ୍ମହତ୍ୟା ହେବା ଅସମ୍ଭବ ।"

"ଅବଶ୍ୟ ଯଦି ସେ ନିଜେ ଛୁରୀ ଉପରେ ପଡ଼ି ନଥାନ୍ତି,"—ହୋମ୍‌ସ କହିଲେ ।

"ତା ଠିକ୍ । ମୁଁ ମଧ୍ୟ ସେ କଥା ଚିନ୍ତାକରିଛି । କିନ୍ତୁ ଛୁରୀଟା ମୃତ ଦେହଠାରୁ କେତେ ଫୁଟ ଦୂରରେ ପଡ଼ିଥିଲା । ତେଣୁ ସେଟା ଅସମ୍ଭବ । ତାଛଡ଼ା ସେ ମୃତ୍ୟୁ ପୂର୍ବରୁ କହିଥିବା ଶବ୍ଦ ଅଛି । ଶେଷରେ ମୃତଲୋକର ଡାହାଣ ହାତମୁଠାରେ ଜାବୁଡ଼ିହୋଇ ରହିଥିବା ଏଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମଧ୍ୟ ଅଛି ।"

ପକେଟ୍ ଭିତରୁ ଷ୍ଟାନ୍‌ଲି ହପକିନ୍‌ସ ଗୋଟେ କାଗଜପୁଡ଼ା ବାହାରକଲେ । ସେଟା ଖୋଲି ସେଥିରୁ ଗୋଟେ ସୁନା ଚଷମା ବାହାରକଲେ । ଚଷମାର ଦୁଇ କଡ଼ରେ ଦୁ'ଖଣ୍ଡ ଛିଣ୍ଡାକଳା ସିଲ୍‌କ୍‌ସୂତା ଝୁଲୁଥିଲା । ହପକିନ୍‌ସ ପୁଣି କହିଲେ, "ଉଇଲୋବି ସ୍ମିଥ୍‌ଙ୍କ ଦୃଷ୍ଟିଶକ୍ତି ଖୁବ୍ ଭଲ । ହତ୍ୟାକାରୀ ମୁହଁରୁ ସେ ଏଟା ଛଡ଼େଇ ନେଇଥିବାରେ କିଛି ସନ୍ଦେହ ରହି ନପାରେ ।"

ସେର୍‌ଲକ୍ ହୋମ୍‌ସ ଚଷମାଟା ହାତକୁ ନେଇ ଖୁବ ଯତ୍ନରେ ପରୀକ୍ଷା କଲେ । ସେ ତାକୁ ନିଜ ନାକ ଉପରେ ଧରିଲେ, ଚଷମା କାଚଭିତର ଦେଇ ପଢ଼ିବାକୁ ଚେଷ୍ଟାକଲେ, ଝରକାପାଖକୁ ଯାଇ ଚଷମାରେ ବାହାର ରାସ୍ତାକୁ ଚାହିଁଲେ, ଲ୍ୟାମ୍ପ୍‌ର ସୁବିଧାଆଲୁଅରେ ଖୁବ୍ ଭଲଭାବେ ଚଷମାଟା ଆଡ଼େ ଚାହିଁଲେ ଏବଂ ଶେଷରେ ସାମାନ୍ୟ ଟିକିଏ ହସିଦେଇ ଟେବୁଲ ପାଖରେ ବସି ଖଣ୍ଡେ କାଗଜରେ କେତୋଟି ଲେଖି ଷ୍ଟାନ୍‌ଲି ହପକିନ୍‌ସଙ୍କ ହାତକୁ ବଢ଼ାଇ ଦେଲେ । ତା'ପରେ କହିଲେ, "ତୁମପାଇଁ ମୁଁ ଏଇତକ କରିପାରେ । ଏହା ବିଶେଷ ଦରକାରରେ ଆସିପାରେ ।"

Digitized by srujanika@gmail.com

ବିସ୍ମିତ ଡିଟେକ୍‌ଟିଭ୍ ବଡ଼ ପାଟିରେ ଲେଖାଟା ପଢ଼ିଲେ । ଲେଖାଥିଲା : "ଜଣେ ଭଲ ଘରର ସ୍ତ୍ରୀଲୋକ ଦରକାର । ଭଦ୍ରମହିଳାଙ୍କ ପରି ବେଶଭୂଷା । ତାଙ୍କ ନାକଟା ଖୁବ୍ ମୋଟା ; ଆଖି ଦୁ'ଟା ନାକ ପାଖକୁ ଖୁବ୍ ଲାଗି ଲାଗି । କପାଳ କୁଞ୍ଚିତ । ହାବଭଙ୍ଗୀ ବେଶ୍ ଆଭିଜାତ୍ୟପୂର୍ଣ୍ଣ । ଜଣାଯାଏ ଗଲା କେତୋଟି ମାସ ଭିତରେ ସେ ଖୁବ୍ କମ୍‌ରେ ଦୁ'ଥର ଚଷମା ଦୋକାନକୁ ଯାଇଛନ୍ତି । ତାଙ୍କ ଚଷମାଟା ବେଶ୍ ମଜଭୁତ ଆଉ ଚଷମା ଦୋକାନ ସେତେ ବେଶି ନୁହେଁ । ତେଣୁ ତାଙ୍କୁ ଖୋଜିବାହାରକରିବାରେ କିଛି ଅସୁବିଧା ହେବନାହିଁ ।"

ହପ୍‌କିନ୍‌ସଙ୍କ ବିସ୍ମୟ ଆଉ ମୋ ଉପରେ ତାର ଛାପ ଦେଖି ହୋମ୍‌ସ ହସିଉଠିଲେ । କହିଲେ, "ମୋର ଏ ଅନୁଶୀଳନ ଅତି ସହଜ । ଗୋଟିଏ ଚଷମା, ବିଶେଷତଃ ଏପରି ଏକ ଚଷମାରୁ ଯାହା ଜାଣିହେବ ଅନ୍ୟ କୌଣସି ଜିନିଷରୁ ତା ଜାଣିବା ଅଧିକ କଷ୍ଟକର । ଚଷମାର ଆକାର ଆଉ ମୃତଲୋକର ଶେଷକଥାରୁ ମୁଁ ଜାଣିଲି ଚଷମାଟା ଜଣେ ନାରୀର । ସେ ନାରୀର ବେଶ-ଭୂଷା କଥା । ତୁମେ ଦେଖୁଛ ଚଷମାରେ ସୁନାଗ୍ରୁଉଣି ହୋଇଛି । ଯେଉଁ ଲୋକ ଏପରି ଚଷମା ବ୍ୟବହାର କରେ ସେ ବେଶଭୂଷାରେ ଊଣା ଥିବବୋଲି କେହି କେବେ କଳ୍ପନା କରିବ ନାହିଁ । ତୁମେ ଦେଖ ଚଷମାର କ୍ଲିପ୍‌ଟା ତୁମ ନାକ ତୁଳନାରେ ବି ଯଥେଷ୍ଟ ଚଉଡ଼ା । ତେଣୁ ଜଣାଯାଏ ସେ ନାରୀଙ୍କ ନାକ ଯଥେଷ୍ଟ ମୋଟା । ମୋ ନିଜ ମୁହଁର ଚଉଡ଼ା ଖୁବ୍ କମ୍ । ତଥାପି ମୋ ଆଖି ଲାଗରେ ମଝିକୁ ଆସିପାରୁନାହିଁ । ତେଣୁ ସେ ନାରୀର ଆଖି ଦୁ'ଟା ନାକର ଦୁ'ପାଖେ ଖୁବ୍ ପାଖାପାଖି ।

ମୁଁ ଉତ୍ତର ଦେଲି, "ହଁ, ତୁମର ସବୁ ଯୁକ୍ତି ବୁଝିପାରିଲି । କିନ୍ତୁ ସେ ଦୁ'ଥର ଚଷମା ଦୋକାନକୁ ଯିବା କଥା ତୁମେ କେମିତି ଜାଣିଲ ବୁଝିପାରିଲି ନାହିଁ ।"

ଚଷମାଟା ହାତରେ ଧରି ହୋମ୍‌ସ କହିଲେ, "ତୁମେ ଦେଖି ପାରୁଥିବ, କ୍ଲିପ୍‌ରେ କର୍କର ଏଣ୍ଡୁ ଧାର ଦିଆଯାଇଛି । ତା'ହେଲେ ନାକ ଉପରେ ବେଶୀ ଚାପ ପଡ଼ିବ ନାହିଁ । ସେଥିରୁ ଗୋଟିଏ ପାଖରେ କର୍କ ଧାର ମଇଳା ଆଉ ସାମାନ୍ୟ ଘୋରି ହୋଇଯାଇଛି; କିନ୍ତୁ ଅନ୍ୟ ଧାରଟା ନୂଆ । ଏଥିରୁ

Digitized by srujanika@gmail.com

ଜଣାଯାଉଛୁ ଗୋଟେ ଧାର ଖସି ପଡ଼ିଥିଲା ଆଉ ନୂଆ ଧାର ଲାଗିଛୁ । ପୁରୁଣା ଧାରଟା ଛଅମାସରୁ ଅଧିକ ସମୟ ହେଲା ଲାଗି ନାହିଁ ବୋଲି ମୁଁ ଭାବୁଛୁ । ଦୁ'ଟାଯାକ ଧାର ପୂରାପୂର ସମାନ । ତେଣୁ ମୁଁ ଜାଣିଲି ଯେ ଷ୍ଟାଙ୍ଗେର୍‌ସନ ନୂଆ ଧାରଟା ପାଇଁ ପୁଣିଥରେ ସେଇ ଏକା ଦୋକାନକୁ ଯାଇଛନ୍ତି ।"

ପ୍ରଶଂସା କରି ହପ୍‌କିନ୍‌ସ କହିଉଠିଲେ, "ବାଃ ଚମତ୍କାର ! ଏସବୁ ପ୍ରମାଣ ମୋ ହାତରେ ଥିଲା ଅଥଚ ମୁଁ ମୋଟେ ଜାଣିପାରିଲି ନାହିଁ । ଯାହାହେଉ, ମୁଁ ଲଣ୍ଡନର ଚଷମା ଦୋକାନ ସବୁ ଦେଖିବା ପାଇଁ ଠିକ୍ କରିଥିଲି ।"

"ଅବଶ୍ୟ ତା ତୁମେ କରିବ । ଏବେ କେଶ ସମ୍ବନ୍ଧରେ ଆମକୁ ଆଉ କିଛି କହିବାର ଅଛି ?"

"ଆଉ କିଛି ନାହିଁ ମିଷ୍ଟର୍ ହୋମ୍‌ସ । ମୁଁ ତ ଭାବୁଛି ମୁଁ ଯାହାଜାଣେ ଆପଣ ସେସବୁ ଜାଣନ୍ତି, ବୋଧହୁଏ ଅଧିକା । ରେଲଷ୍ଟେସନ୍ ବା ରାସ୍ତାରେ କେହି ଅଜଣା ଲୋକ ଦେଖାଯାଇଥିବା ବିଷୟରେ ଆମେ ଅନୁସନ୍ଧାନ କରିଥିଲୁ; କିନ୍ତୁ ସେପରି କୌଣସି ଲୋକର ଖବର ପାଇନାହୁଁ । ହତ୍ୟାର ଉଦ୍ଦେଶ୍ୟ କ'ଣ ହୋଇପାରେ, ମୁଁ ଚିନ୍ତା କରି ପାରୁନାହିଁ । କେହି ହତ୍ୟାର ଉଦ୍ଦେଶ୍ୟ କହିପାରିବନାହିଁ ।"

"ସେ ବିଷୟରେ ମୁଁ ତୁମକୁ ସାହାଯ୍ୟ କରିପାରିବିନାହିଁ । କିନ୍ତୁ କାଲି ତୁମ ସାଥିରେ ଆମେ ଯିବା ପାଇଁ ତୁମେ ବୋଧହୁଏ ଚାହୁଁଛ ?"

"ଯଦି ଆପଣ କିଛି ମନେ ନ କରନ୍ତି ମିଷ୍ଟର୍ ହୋମ୍‌ସ ସକାଳ ଛଅଟା ବେଳେ ଚେରିଙ୍ଗ୍‌କ୍ରସ୍‌ରୁ କାଥାମ୍‌କୁ ଗୋଟେ ଟ୍ରେନ୍ ଅଛି । ଆମେ ଆଠଟାରୁ ସାଢ଼େ ଆଠଟା ଭିତରେ ୟକ୍‌ସ୍ଲି ଓଲ୍ଡ୍ ପ୍ଲେସ୍‌ରେ ପହଞ୍ଚିଯିବା ।"

"ତା'ହେଲେ ଆମେ ସେଇ ଟ୍ରେନ୍‌ରେ ଯିବା । ତୁମ କେସ୍‌ରେ କେତେକ କୌତୂହଳପୂର୍ଣ୍ଣ ଲକ୍ଷଣ ସବୁ ଅଛି । ମୁଁ ଆଗ୍ରହରେ ଏ ଘଟଣା ଦେଖିବି । ଏବେ ପାଖାପାଖି ରାତି ଏକଟା ବାଜିଲାଣି । ଆମେ କେତେ ଘଣ୍ଟା ଶୋଇ ପଡ଼ିଲେ ଭଲ ହେବ । ତୁମେ ନିଆଁ ପାଖରେ ଏଇ ସୋଫା ଉପରେ ଶୋଇ ଯାଇ ପାରିବ । ଯିବା ଆଗରୁ ମୁଁ ସ୍ପିରିଟ୍ ଲ୍ୟାମ୍ପ୍ ଲଗାଇ କଫି କରିନେଇ ପାରିବି ।"

Digitized by srujanika@gmail.com

ତା' ପରଦିନ ଝଡ଼ ବନ୍ଦ ହୋଇଯାଇଥିଲା । କିନ୍ତୁ ସକାଳେ ଆମେ ବାହାରିଲା ବେଳକୁ ପାଗଟା ଖରାପ ଥିଲା । ଏଥମ୍ ସନଲ୍ୟାର୍ କାଳାଭୂଇଁ ଉପରେ ଶୀତଦିନର ସୂର୍ଯ୍ୟ ଉଇଁଆସିଲା । ଆମ ଜୀବନର ପ୍ରଥମ ଭାଗରେ ଏଇଠାରେ ଆମେ ଆଣ୍ଡ୍ରାମାନର ବନ୍ଦୀ ପଛରେ ଗୋଡ଼ାଇବା କଥା ମନେପଡ଼ିଲା । ଗୁଡ଼ାଏ ବାଟ ଆସିଲା ପରେ ଆମେ କାଥାମଠୁଁ କେତେ ମାଇଲ ଦୂର ଗୋଟେ ଷ୍ଟେଟ ଷ୍ଟେସନ୍‌ରେ ଓହ୍ଲାଇପଡ଼ିଲୁ । ଘୋଡ଼ା ଆଉ ଗାଡ଼ି ଠିକ ହେଉ ହେଉ ତରତରରେ କିଛି ଜଳଖିଆ ଖାଇନେଲୁ । ଶେଷରେ ସ୍ୱନାମକ ଡିଭନ୍ ସ୍ଥାନରେ ପହଞ୍ଚିଲାବେଳକୁ ଆମେ କାମ ପାଇଁ ପ୍ରସ୍ତୁତ । ବଗିଚା ଗେଟ୍ ପାଖରେ ଜଣେ କନେଷ୍ଟବଲ୍ ଆମକୁ ଭେଟିଲା ।

ହପ୍‌କିନ୍‌ସ ପଚାରିଲେ, "ଆଉ କିଛି ଖବର ଅଛି ୱିଲ୍‌ସନ୍ ?"

"ନା ଆଜ୍ଞା, କିଛି ନାହିଁ ।"

"କୌଣସି ଅଜଣା ଲୋକ ଦେଖାଯାଇଥିବାର ଖବର ?"

"ନା ଆଜ୍ଞା । ରେଲ୍‌ଷ୍ଟେସନ୍‌ରେ ସେମାନେ ନିଶ୍ଚିତ ଯେ କେହି ଅଜଣା ଲୋକ କାଲି ଆସିନାହିଁ ବା ଯାଇନାହିଁ ।"

"ହୋଟେଲ୍ ଆଉ ଭଡ଼ା ଘରେ ଅନୁସନ୍ଧାନ କରିଥିଲ ?"

"ହଁ, ସେଠି କେହି ଲୋକ ନାହାନ୍ତି ।"

"ଚାଲି ଆସିବାକୁ ଏଠୁ କାଥାମ୍ ଅଳ୍ପ ବାଟ । କେହି ଲୋକ ସେଠି ରହି-ଥାଇପାରେ କିମ୍ବା ଅଲକ୍ଷ୍ୟରେ ଟ୍ରେନ୍ ଧରି ଚାଲିଯାଇଥାଇପାରେ । ହଁ, ମିଷ୍ଟର୍ ହୋମ୍‌ସ, ଏଇଟା ବଗିଚା ରାସ୍ତା; ମୋର ବିଶ୍ୱାସରେ ମୁଁ କହୁଥିଲି । ମୁଁ ଦୃଢ଼ଭାବେ କହିପାରେ କାଲି ଏ ରାସ୍ତା ଉପରେ କିଛି ଚିହ୍ନ ନଥିଲା ।"

"କେଉଁକଡ଼େ ଘାସ ଉପରେ ଚିହ୍ନ ଥିଲା ?"

"ଏଇ ପାଖେ ଆଜ୍ଞା । ଫୁଲ ବଗିଚା ଆଉ ରାସ୍ତା ମଝିରେ ଏଇ ସରୁ ଘାସ ଧାର । ଆଜି ସେ ସଙ୍କେତ ମୁଁ ଦେଖିପାରୁନାହିଁ । କିନ୍ତୁ କାଲି ପରିଷ୍କାର ଦେଖା ଯାଉଥିଲା ।"

ହୋମ୍‌ସ ଘାସ ଧାର ଉପରେ ଲଇଁପଡ଼ି କହିଲେ, "ହଁ ହଁ, କେହି ଏ ବାଟେ ଯାଇଛି । ନାରୀ ଜଣକ ଖୁବ୍ ସାବଧାନରେ ପାଦ ପକାଇଥିବ । ତା

Digitized by srujanika@gmail.com

ନ ହେଲେ ଗୋଟେ ପାଖେ ରାସ୍ତା ଉପରେ ଏବଂ ଅନ୍ୟ ପାଖେ ନରମା ବଗିଚାରେ ତା ପାଦ ଚିହ୍ନ ରହିଯିବ । ନୁହେଁ ?"

"ହଁ ଆଜ୍ଞା, ସେ ଖୁବ୍ ଚାଲାକ୍ ।"

ହୋମ୍‌ସ କହିଲେ, "ତୁମେ କହୁଛ ସେ ନିଶ୍ଚୟ ଏଇବାଟେ ଫେରିଥିବ ?"

"ହଁ, ଆଉ ଅନ୍ୟ ବାଟ ନାହିଁ ।"

"ଏଇ ଘରୁ ଘାସ ଧାର ଉପରେ ?"

"ନିଶ୍ଚୟ ।"

"ହୁଁ, ସେ କାମଟା ଅତି ଅସାଧାରଣ । ଆଚ୍ଛା, ଆମର ଏ ରାସ୍ତା କାମ ସରିଗଲା । ଏଥର ଆଗକୁ ଯିବା । ଏଇ ବଗିଚା ବାଟଟା ବୋଧହୁଏ ସବୁବେଳେ ଖୋଲାଥାଏ ? ତେଣୁ ଆଗନ୍ତୁକ ସିଧାସଳଖ ଭିତରକୁ ଚାଲି ଆସି ପାରିଥିବ । ହତ୍ୟା କରିବାର ମତ୍‌ଲବ୍ ତାର ନଥିଲା । ତା ହୋଇଥିଲେ ସେ ନିଶ୍ଚୟ କିଛି ଅସ୍ତ୍ର ଧରି ଆସିଥାନ୍ତା । ଟେବୁଲ ଉପର ଛୁରୀ ଉପରେ ନିର୍ଭର କରି ନଥାନ୍ତା । ସେ ଏଇ ବରଣ୍ଡାବାଟେ ଯାଇଛି । ନଡ଼ିଆକତା ଚଟେଇ ଉପରେ କିଛି ଚିହ୍ନ ରହିନାହିଁ । ତାପରେ ସେ ପଢ଼ାଘରେ ପଶିଛି । ସେଠି ସେ କେତେ ସମୟ ରହିଛି ? ଆମର ଜାଣିବାର ଉପାୟ ନାହିଁ ।"

'ଅଳ୍ପ କେତେ ମିନିଟ୍‌ରୁ ବେଶୀ ନୁହେଁ । ମୁଁ ଆପଣଙ୍କୁ କହିବାକୁ ଭୁଲି ଯାଉଥିଲି । ପରିଚାରିକା ଶ୍ରୀମତୀ ମାର୍‌କର୍ ଅଳ୍ପ ସମୟ ଆଗରୁ ଘର ସଫା କରିବା ପାଇଁ ସେଠିକି ଆସିଥିଲା । ସେ କହିବା ଅନୁଯାରେ ପ୍ରାୟ ପନ୍ଦର ମିନିଟ୍ ଆଗରୁ ।"

"ତା ହେଲେ ସମୟର ଗୋଟେ ସୀମା ଆମେ ପାଇଗଲେ । ଆମର ଲୋକ ଜଣକ ଘର ଭିତରକୁ ଆସିଛି । ଏଠି ସେ କ'ଣ କରିଛି ? ସେ ଟେବୁଲ ପାଖକୁ ଯାଇଛି । କାହିଁକି ? ଡ୍ରୟର ଭିତରୁ କିଛି ଜିନିଷ ପାଇଁ ନୁହେଁ । ସେଠି ଯଦି ସେ ନେଇ ଯିବା ପରି କିଛି ଜିନିଷ ଥାଆନ୍ତା ତା'ହେଲେ ନିଶ୍ଚୟ ତାଲା ପଡ଼ିଥାନ୍ତା । ନା, ଆଲମିରା ଭିତରେ ଥିବା କିଛି ଜିନିଷ ପାଇଁ ସେ ଯାଇଛି ଅଛା । ଅଚ୍ଛା, ଆଲମିରା ସାମନା ପଟରେ ଏ କଟା ଦାଗଟା କ'ଣ ? ହଆସିଲ

Digitized by srujanika@gmail.com

କାଠିଟାଏ ଲଗାଇ ଧର ତ ଉଆଟ୍‌ସନ୍ । ମୋତେ ଏ କଥା କହୁ ନଥିଲ କାହିଁକି ହପ୍‌କିନ୍‌ସ ?"

ଯେଉଁ କଟା ଚଣ୍ଟାକୁ ହୋମ୍‌ସ ପରୀକ୍ଷା କରୁଥିଲେ ସେଟା ଗୃହକଣର ମିଲ ପାଖରୁ ଆରମ୍ଭ ହୋଇ ଡାହାଣ କଡ଼କୁ ଗୃର ଇଞ୍ଚ ଯାଏ ଲମ୍ବି ଯାଇ ଥିଲା । ସେଠି ପଟା ଉପରର ବାର୍ଣ୍ଣିସ୍ ଘର୍ଷି ହୋଇଯାଇଥିଲା । ହପ୍‌କିନ୍‌ସ କହିଲେ, "ମୁଁ ଏଟାକୁ ଲକ୍ଷ୍ୟକରିଥିଲି ମିଷ୍ଟର୍ ହୋମ୍‌ସ । କିନ୍ତୁ ଏ ଭଳି ଦାଗ ଆପଣ ଗୃହ କଣା ପାଖରେ ପ୍ରାୟ ଦେଖିବାକୁ ପାଇବେ ।"

"ଏ ଦାଗଟା କିନ୍ତୁ ନଗଦ ହୋଇଛି । ଖୁବ ନକଟରେ । ଏଇ ଦେଖ, ଯେଉଁଠି ମିଲଟା କଟିଯାଇଛି ସେଠି କେମିତି ଚକ୍‌ଚକ୍ କରୁଛି । ପୁରୁଣା ଦାଗ ହୋଇଥିଲେ ଏପରି ହୋଇନଥା ନାହିଁ । ମୋ ଲେନ୍‌ସରେ ଏଟା ଦେଖ । ସେଇ ବାର୍ଣ୍ଣିସ୍‌କୁ ମଧ୍ୟ ଦେଖ ' ଲଙ୍ଗଳ ଗାଆର ହ'ପାଖେ ମାଟି ପରି କଟା ଚଣ୍ଟା ହ' ପାଖେ ବାର୍ଣ୍ଣିସ୍ ଲାଗିରହିଛି । ଶ୍ରୀମତୀ ମାର୍କର୍ ଅଛନ୍ତି ?"

ଜଣେ ବୟସ୍କା ସ୍ତ୍ରୀଲୋକ ଘର ଭିତରକୁ ଆସିଲେ । ତାଙ୍କ ମୁହଁ ଶୁଖି ଯାଇଥାଏ ।

"କାଲି ସକାଳେ ତୁମେ ଆଲମିରାଟା ପୋଛୁଥିଲ ?" ହୋମ୍‌ସ ପଚାରିଲେ ।

"ହଁ ଆଜ୍ଞା ।"

"ଏଇ କଟା ଦାଗଟା ଦେଖିଥିଲ ?"

"ନା, ମୁଁ ଦେଖିନାହିଁ ।"

"ମୁଁ ଜାଣେ ତୁମେ ଦେଖି ନଥିବ । କାରଣ ଦାଗଟା ଥିଲେ ପୋଛିଲା ବେଳେ କଡ଼ର ଏଇ ବାର୍ଣ୍ଣିସ୍ ସଫା ହୋଇଯାଇଥାନ୍ତା । ଏ ଆଲମିରାର ଗୃହ କାହା ପାଖରେ ଥାଏ ?"

"ପ୍ରଫେସର୍ ତାଙ୍କ ଘଣ୍ଟା ଚେନ୍‌ରେ ସେଟା ରଖିଥାନ୍ତି ।"

"ସେଟା କ'ଣ ଗୋଟେ ସାଧାରଣ ଗୃହ ?"

"ନା ଆଜ୍ଞା । ସେଟା ଚବ୍ କମ୍ପାନୀର ଗୃହ ।"

"ଠିକ୍ ଅଛି । ତୁମେ ଯାଇପାର ଶ୍ରୀମତୀ ମାର୍କର୍ । ଏବେ ଆମେ କିଛିଟା ଆଗେଇ ପାରିଛେ । ନାରୀ ଜଣକ ଘରଭିତରକୁ ଆସିଛି । ଆଲମିରା

Digitized by srujanika@gmail.com

ପାଖକୁ ଯାଇ ସେଇଟାକୁ ଖୋଲୁଛନ୍ତି ବା ଖୋଲିବାକୁ ଚେଷ୍ଟା କରୁଛନ୍ତି । ସେ ଏ କାମରେ ଲାଗିଥିବାବେଳେ ଉଇଲୋବି ସ୍ମିଥ୍ ଘର ଭିତରକୁ ଆସିଛନ୍ତି । ନାରୀଜଣକ ତରତରରେ ଚାବିଟା ନେଇଆସିଲାବେଳକୁ ଏ କଟା ଦାଗ ହୋଇଯାଇଛି । ସ୍ମିଥ୍ ତାକୁ ଧରି ପକାଇଛନ୍ତି । ସେ ସ୍ମିଥ୍‌ଙ୍କ ହାତ ମୁଠାରୁ ଖସିଯିବା ପାଇଁ ପାଖରେ ଯାହା ପାଇଲେ (ସେଇଟା ଏଇ ଛୁରୀ) ସେଥିରେ ତାଙ୍କୁ ଆଘାତ କରିଛି । ଆଘାତଟା ମାରାତ୍ମକ ହୋଇଯାଇଛି । ସ୍ମିଥ୍ ପଡ଼ି-ଯାଇଛନ୍ତି ଆଉ ନାରୀଜଣକ ଖସି ପଳାଇଛି । ସେ ଯେଉଁ ଜିନିଷ ପାଇଁ ଆସିଥିଲା ସେଇଟା ନେଇଥାଇପାରେ ବା ନ ପାରେ । ଚାକରାଣୀ ସୁଯାନ୍ ଅଛି ? ଆଚ୍ଛା ସୁଯାନ୍ ତୁମେ ଚିତ୍କାରଟା ଶୁଣିଲାପରେ ଏଇ ଦରଜାବାଟେ କେହି ପଳାଇ ଯାଇଥାଇପାରେ ?"

"ନା ଆଜ୍ଞା ଅସମ୍ଭବ । ମୁଁ ସିଡ଼ିବାଟେ ତଳକୁ ଆସିବା ଆଗରୁ ବାରଣ୍ଡା ବାଟେ କେହି ଯାଇଥିଲେ ତାକୁ ଦେଖିପାରିଥାନ୍ତି । ତାଛଡ଼ା ଏ ଦରଜାଟା ମୋଟେ ଖୋଲି ଯାଇନାହିଁ । ତା ହୋଇଥିଲେ ମୁଁ ଶୁଣିପାରିଥାନ୍ତି ।"

"ତାହେଲେ ଏ ବାଟେ କେହି ଯାଇନଥିବା ନିଶ୍ଚିତ । ତେଣୁ ସେ ସ୍ତ୍ରୀଲୋକ ଯେଉଁବାଟେ ଆସିଥିଲା ସେଇବାଟେ ଯାଇଛି । ଏଇ ଆର ବାରଣ୍ଡା ରାସ୍ତାଟା ପ୍ରଫେସରଙ୍କ ରୁମ୍‌କୁ ବୋଲି ଶୁଣିଲି । ସେ ପାଖେ ବାହାରକୁ ଯିବାକୁ କୌଣସି ବାଟ ନାହିଁ ?"

"ନା ଆଜ୍ଞା ।"

"ଆମେ ଏଇ ପାଖେ ଯାଇ ପ୍ରଫେସରଙ୍କ ସାଥିରେ ଦେଖା କରିବା । ଆଚ୍ଛା ହପ୍‌କିନ୍‌ସ ! ଏଇଟା ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା । ପ୍ରଫେସରଙ୍କ ରୁମ୍‌କୁ ଯିବା ବାଟରେ ମଧ୍ୟ ନଡ଼ିଆକତା ଚଟେଇ ବିଛାଯାଇଛି ।"

"ହେଲେ ସେଥିରେ କହିବାର କ'ଣ ?"

"କେସ୍ ସାଥିରେ ଏହାର କିଛି ସମ୍ପର୍କ ତୁମେ ଦେଖିପାରୁନାହଁ ? ମୁଁ ସେକଥା ଉପରେ ଜୋର୍ ଦେଉନାହିଁ । ମୋର ନିଶ୍ଚୟ ଭୁଲ୍ ହୋଇଯାଇଛି । ତଥାପି ଏଥିରୁ କିଛି ଜାଣିବାର ଅଛି । ହଉ, ମୋ ସାଥିରେ ଆସ । ପ୍ରଫେସରଙ୍କ ସାଥିରେ ପରିଚୟ କରାଇଦିଅ ।"

Digitized by srujanika@gmail.com

"ଆମେ ବାରଣ୍ଡାବାଟେ ଗଲୁ । ଏ ବାରଣ୍ଡାର ଲମ୍ବ, ବଗିଚା ଆଡ଼କୁ ଯାଇଥିବା ବାରଣ୍ଡାର ଲମ୍ବ ସମାନ । ବାରଣ୍ଡା ଶେଷରେ ସ୍ଲେଟ ପାହାଚ ଆଉ ତା ପାଖରେ ଦରଜା । ହପକିନ୍ସ କବାଟ ଠକ୍ ଠକ୍ କଲେ ଆଉ ତାପରେ ଆମକୁ ଘର ଭିତରକୁ ନେଇଗଲେ । ରୁମ୍‌ଟା ବେଶ୍ ବଡ଼ । ଚାରିକଡ଼ରେ ସେଲଫରେ ବହି ଜମା । ତାଛଡ଼ା ତଳେ ଚାରିକଣରେ ବହି ଗଦା । ଘର ମଝିରେ ଗୋଟେ ଖଟ । ତା ଉପରେ ଚାରିପାଖେ ତକିଆ ମଝିରେ ଘରର ମାଲିକ । ଏପରି ଉଲ୍ଲେଖନୀୟ ଚେହେରା ଲୋକ ମୁଁ ପ୍ରାୟ ଦେଖିନାହିଁ । ଈଗଲ୍ ମୁହଁ ପରି କ୍ଷୀଣ ମୁହଁ । କଳା କଳା ଆଖି ଦି'ଟା ଉପରକୁ ପତା ଝୁଲିପଡ଼ିଛି । ମୁଣ୍ଡର ବାଳ ଆଉ ମୁହଁର ଦାଢ଼ି ପୂରା ଧଳା । ପାଟି ଚାରିପାଖେ ଦାଢ଼ିରେ ହଳଦିଆ ରଙ୍ଗ ବୋଳା ହୋଇଛି । ଧଳା ଦାଢ଼ି ଭିତରେ ଖଣ୍ଡେ ସିଗାରେଟ୍‌ର ନିଆଁ ଜକ୍‌ଜକ୍ କରୁଥିଲା । କଡ଼ା ସିଗାରେଟ ଧୂଆଁ ରେ ଘରଟା ପୂର୍ଣ୍ଣ । ସେ ହାଣ୍ଡସେକ୍ କରିବା ପାଇଁ ହୋମ୍‌ସଙ୍କ ଆଡ଼କୁ ହାତ ବଢ଼ାଇଲେ । ଦେଖିଲି ସିଗାରେଟ୍ ଧୂଆଁ ଲାଗି ହାତଟା ବି ହଳଦିଆ ହୋଇଯାଇଛି ।

ସୁନ୍ଦର ଇଂରାଜି ଭାଷା । କିନ୍ତୁ କେମିତି ଏକ ଅସାଧାରଣ ଉଚ୍ଚାରଣ କରି ସେ କହିଲେ, "ମୁଁ ବହୁତ ସିଗାରେଟ୍ ଟାଣେ ମିଷ୍ଟର୍ ହୋମ୍‌ସ । ନିଅନ୍ତୁ ଗୋଟେ ସିଗାରେଟ । ଆଉ ଆପଣ ? ନିଅନ୍ତୁ । ମୁଁ ତାକୁ ଆଲେକ୍‌ଜାଣ୍ଡ୍ରିଆରୁ ମଗାଇଛି ସେମାନେ ମୋ ପାଖକୁ ଏକାବେଳେ ହଜାରେ ସିଗାରେଟ ପଠାନ୍ତି । କିନ୍ତୁ ମୁଁ ଦୁଃଖର ସହିତ କହୁଛି, ପ୍ରତି ପନ୍ଦର ଦିନରେ ମୁଁ ପୁଣି ମଗାଏ । ଏଟା ନିହାତି ଖରାପ; କିନ୍ତୁ ମୁଁ ବୁଢ଼ାଲୋକ । ମୋର ଆମୋଦ ପ୍ରମୋଦ ଭିତରୁ ଏଟା ଗୋଟେ । ସିଗାରେଟ୍ ଆଉ ମୋ କାମ - ମୋ ପାଇଁ ଆଉ କେବଳ ଏତିକି ଅଛି ।"

ହୋମ୍‌ସ ସିଗାରେଟ୍ ଖଣ୍ଡେ ଲଗାଇ ଘରର ଚାରିଆଡ଼େ ଆଖି ବୁଲାଇ ନେଉଥାନ୍ତି । ବୁଢ଼ା ପ୍ରଫେସର୍ ପୁଣି କହିଲେ, "ମୋ ପାଇଁ ଥିଲା ସିଗାରେଟ୍ ଆଉ ମୋ କାମ । ଏବେ କିନ୍ତୁ ଖାଲି ସିଗାରେଟ୍ । ହାୟ, କି ଭୟଙ୍କର ବିପତ୍ତି ! ଏତେ ଶ୍ରଦ୍ଧେୟ ତରୁଣ ! ମାତ୍ର କେତେଟା ମାସ ଟ୍ରେନିଂ ପରେ

Digitized by srujanika@gmail.com

ସେ ଜଣେ ଚମତ୍କାର ସହକାରୀ ହୋଇପାରିଥିଲେ । ଆପଣ ଘଟଣାଟା ବିଷୟରେ କ'ଣ ଭାବୁଛନ୍ତି ମିଷ୍ଟର୍ ହୋମ୍‌ସ ?"

"ମୁଁ ଏ ପର୍ଯ୍ୟନ୍ତ କିଛି ଠିକ୍ କରିନାହିଁ ।"

"ଆମେ ଏ ବିଷୟରେ ପୂରା ଅନ୍ଧାରରେ । ଆପଣ କିଛି ଆଲୋକପାତ କରି-ପାରିଲେ ମୁଁ ବାସ୍ତବିକ ବଡ଼ କୃତଜ୍ଞ ହେବି । ମୋପରି ଜଣେ ପୁସ୍ତକ-କୀଟ ଆଉ ଅକର୍ମଣ୍ୟ ଲୋକ ପାଇଁ ଏହା ଏକ ବଡ଼ ଆଘାତ । ମୁଁ ମୋର ଚିନ୍ତା-ଶକ୍ତି ହରାଇଲି ପରି ଜଣାଯାଉଛି । କିନ୍ତୁ ଆପଣ କାର୍ଯ୍ୟଦକ୍ଷ । ଏହା ଆପଣଙ୍କର ନିତିଦିନିଆ କାମ । ଏପରି ଜରୁରୀ ପରିସ୍ଥିତିରେ ଆପଣ ଅସ୍ଥିର ହେବା ଲୋକ ନୁହନ୍ତି । ଆପଣଙ୍କୁ ଆମ ପାଖରେ ପାଇ ଆମେ ଅତି ଭାଗ୍ୟବାନ୍ ।"

ହୋମ୍‌ସ ପ୍ରଫେସର୍‌ଙ୍କ କଥା ଶୁଣୁ ଶୁଣୁ ଘରର ଗୋଟେ ପାଖରେ ଏପଟ ସେପଟ ହେଉଥା'ନ୍ତି । ଦେଖିଲି, ସେ ଖୁବ୍ ଶୀଘ୍ର ଶୀଘ୍ର ସିଗାରେଟ୍ ଟାଣି ଚାଲିଛନ୍ତି । ଜାଣିଲି ଏଇ ଆଲେକ୍‌ଜାଣ୍ଡ୍ରିଆ ସିଗାରେଟ୍ ତାଙ୍କୁ ମଧ୍ୟ ଭଲ ଲାଗିଛି । ବୁଢ଼ା ପ୍ରଫେସର୍ ପୁଣି କହିଲେ, "ହଁ ଆଜ୍ଞା, ଏହା ମୋ ପ୍ରତି ଏକ ଦାରୁଣ ଆଘାତ । ସେଇ ଟେବୁଲ୍ ଉପରେ ଜମା ହୋଇଥିବା କାଗଜ ମୋର ଲେଖା । ସିରିଆ ଆଉ ଇଜିପ୍‌ଟର କୋପ୍‌ଟିକ୍ ମଠରୁ ମିଳିଥିବା ଲେଖାର ଏହା ବିଶ୍ଲେଷଣ । ଏଥିରୁ ଧର୍ମର ଆରମ୍ଭ ବିଷୟରେ ଅନେକ କଥା ଜଣାଯିବ । ଏବେ ମୋର ସହକାରୀ ଚାଲିଯିବାପରେ ମୁଁ ଏ କାମ ଶେଷ କରିପାରିବି କି ନାହିଁ ଜାଣେନା । ବାଃ ମିଷ୍ଟର୍ ହୋମ୍‌ସ, ସିଗାରେଟ୍ ଟାଣିବାରେ ଆପଣ ମୋଠୁ ଆହୁରି ଚଞ୍ଚଳିଆ ଦେଖୁଛି ।"

ହୋମ୍‌ସ ହସିଲେ । ସିଗାରେଟ୍ ଡବାରୁ ଆଉ ଖଣ୍ଡେ ସିଗାରେଟ୍ ନେଇ ଲଗାଇ କହିଲେ, "ମୁଁ ସବୁକଥା ଆଲୋଚନା କରି ବିଚାର କରେ । ଆପଣଙ୍କୁ ବେଶି କିଛି ପ୍ରଶ୍ନ ପଚାରିବି ନାହିଁ । କାରଣ ମୁଁ ଜାଣିବାକୁ ପାଇଛି, ହତ୍ୟାଟା ଘଟିଲାବେଳେ ଆପଣ ବିଛଣାରୁ ଉଠିନଥିଲେ । ତେଣୁ ସେ ବିଷୟରେ କିଛି ଜାଣିନାହାନ୍ତି । ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରୁଛି । ମୃତ୍ୟୁ ପୂର୍ବରୁ ବିଚରା ସ୍ମିଥ୍ 'ପ୍ରଫେସର୍—ସେଇ ନାରୀ' ବୋଲି ଯାହା କହିଲେ ତାର ଅର୍ଥ କ'ଣ ହୋଇପାରେ ?"

Digitized by srujanika@gmail.com

ପ୍ରଫେସର୍ ମୁଣ୍ଡ୍‌ହଲାଇ କହିଲେ, "ସୁଆନ ଗୋଟେ ମଫସଲ ଝିଅ। ଆପଣ ଜାଣନ୍ତି ସେମାନେ କେଡ଼େ ବୋକା। ମୁଁ ଭାବୁଛି ବିଚରୀ କିଛି ଗୁଡ଼େ ଅସଙ୍ଗତ ପ୍ରଲାପ କରିଛି ଆଉ ସୁଆନ୍ ସେଥିରୁ ଏଇ ଅର୍ଥହୀନ କଥା ବୁଝିଛି।"

"ଆଚ୍ଛା, ଏଇ ଦୁର୍ଘଟଣା ବିଷୟରେ ଆପଣ ନିଜେ କିଛି ଚିନ୍ତା କରୁନାହାନ୍ତି ?"

"ଯେତେ ଦୂର ସମ୍ଭବ ଏହା ଏକ ଦୁର୍ଘଟଣା। ସମ୍ଭବତଃ ଏହା ଆତ୍ମହତ୍ୟା। ଏଇଟା କେବଳ ମୋର ଅନୁମାନ। ଏଇ ଯୁବକମାନଙ୍କର ଅନେକ ଗୋପନୀୟ ଜଞ୍ଜାଳ ଥାଏ। ଏହା ହୃଦୟର କିଛି ବେଦନା ହୋଇପାରେ, ଯାହା ଆମକୁ ଜଣା ନାହିଁ। ହତ୍ୟା ଅପେକ୍ଷା ଏହା ଅଧିକ ସମ୍ଭବପର।

"କିନ୍ତୁ ଚଷମାଟା ?"

"ମୁଁ ଏ ବିଷୟରେ ଅନଭିଜ୍ଞ, କେବଳ କଳ୍ପନାର ଲୋକ। ମୁଁ ଜୀବନର ବାସ୍ତବ ଘଟଣା ବିଷୟରେ କିଛି କହିପାରିବିନାହିଁ। ତଥାପି ଆମେ ଜାଣୁ, ପ୍ରେମର ପରିଣତି ବଡ଼ ବିଚିତ୍ର ହୋଇଥାଏ। ଆଉ ସିଗାରେଟ୍ ଦରକାର ? ବେଶ୍ ନିଅନ୍ତୁ। କେହି ମୋ ସିଗାରେଟ୍‌କୁ ପସନ୍ଦ କଲେ ମୋତେ ଆନନ୍ଦ ଲାଗେ। ହଁ, ଯେତେବେଳେ ଜଣେ ଲୋକ ନିଜ ଜୀବନ ଶେଷ କରିଦେବାକୁ ଯାଏ, ସେ ପାଖରେ ଗ୍ଲୋଭସ୍, ଚଷମା ବା ଅନ୍ୟ କେଉଁ ଗୋଟେ ଜିନିଷ ସ୍ନେହର ଚିହ୍ନ ରୂପେ ରଖିଥାଏ। କିଏ ଜାଣେ ? ଏ ଭଦ୍ରଲୋକ ଘାସ ଉପରେ ପାଦ ଚିହ୍ନ କଥା କହୁଥିଲେ। କିନ୍ତୁ ସେ ବିଷୟରେ ଭୁଲ ହେବାଟା ସହଜ। ଆଉ ଛୁରି କଥା। ବିଚାରୀ ହତଭାଗା ପଡ଼ିଗଲାବେଳେ ଛୁରିଟା ଦୂରକୁ ଫିଙ୍ଗିହୋଇ ଯାଇଥାଇପାରେ। ମୋ କଥାଟା ପିଲାଳିଆ ହୋଇପାରେ ତଥାପି ମୋତେ ଲାଗୁଛି ଉଇଲୋବି ସ୍ମିଥ୍ ନିଜ ହାତରେ ନିଜକୁ ହତ୍ୟା କରିଛନ୍ତି।"

ପ୍ରଫେସରଙ୍କର ଏ ଯୁକ୍ତିରେ ହୋମ୍‌ସ ଅବାକ୍ ହୋଇଗଲେ। ସେ କିଛି ସମୟ ଯାଏ ଚିନ୍ତାରେ ବୁଡ଼ି ରହି ସିଗାରେଟ୍ ପରେ ସିଗାରେଟ୍ ଟାଣି

Digitized by srujanika@gmail.com

ଏପାଖ ସେପାଖ ହେଲେ । ଶେଷରେ ସେ କହିଲେ, "ମୋତେ କହନ୍ତୁ ପ୍ରଫେସର୍ କୋରାମ୍, ସେ ଆଲମାରି ଭିତରେ କ'ଣ ଅଛି ?"

"ସେପରି ନେବା ଭଳି କିଛି ନାହିଁ । ଘରୋଇ କାଗଜପତ୍ର, ମୋ ସ୍ତ୍ରୀର ଚିଠି, ଇଉନିଭର୍ସିଟି ସାର୍ଟିଫିକେଟ ଇତ୍ୟାଦି । ଏଇଟି ଚାବି । ଆପଣ ନିଜେ ଦେଖିପାରନ୍ତି ।"

ହୋମ୍‌ସ ଚାବିଟା ନେଲେ ଆଉ କିଛି ସମୟ ସେଟା ଦେଖିଲେ । ତା'ପରେ ସେ ଚାବିଟା ଫେରାଇଦେଲେ । କହିଲେ, "ନା, ଏଥିରୁ ମୁଁ କିଛି ସାହାଯ୍ୟ ପାଇପାରିବ ବୋଲି ଭାବୁନାହିଁ । ମୁଁ ବରଂ ଚୁପ୍‌ଚାପ୍ ଆପଣଙ୍କ ବଗିଚାକୁ ଯାଇ ନିରୋଳାରେ କଥାଟା ଚିନ୍ତା କରିବି । ଆପଣ ଯେଉଁ ଆତ୍ମ-ହତ୍ୟା କଥା କହିଲେ, ତା ସପକ୍ଷରେ ମଧ୍ୟ କିଛି ଯୁକ୍ତି ଅଛି । ଆମେ ଆପଣଙ୍କୁ ବିରକ୍ତ କରିଥିବାରୁ ମୁଁ ଦୁଃଖିତ । ଖିଆପିଆ ଶେଷଯାଏ ଆମେ ଆପଣଙ୍କୁ ଆଉ ବିରକ୍ତ କରିବୁ ନାହିଁ । ଦୁଇଟାବେଳେ ଆମେ ଆସିବୁ ଆଉ ସେ'ା ଭିତରେ ଯାହା କିଛି ଘଟିବ ଆପଣଙ୍କୁ ଜଣାଇବୁ ।"

ହୋମ୍‌ସ କେମିତି ଅନ୍ୟମନସ୍କ ହୋଇଗଲେ । ଆମେ କିଛିସମୟଯାଏ ବଗିଚା ରାସ୍ତାରେ ଏପାଖ ସେପାଖ ବୁଲିଲୁ । ଶେଷରେ ମୁଁ ପଚାରିଲି, "କ'ଣ କିଛି ସୂତ୍ର ପାଇଲ ?" ସେ ଉତ୍ତର ଦେଲେ, "ମୁଁ ଯେଉଁ ସିଗାରେଟ୍ ସବୁ ଟାଣିଲି ତା ଉପରେ ସବୁ ନିର୍ଭର କରେ । ମୋର ହୁଏତ ପୂରା ଭୁଲ ହୋଇ-ଥାଇପାରେ । ସିଗାରେଟ୍‌ଗୁଡ଼ା ମୋତେ ସବୁ ଦେଖାଇବ ।"

ମୁଁ କହିଉଠିଲି, "ହୋମ୍‌ସ, ସିଗାରେଟ୍‌ରୁ ତୁମେ କେମିତି –"

"ତୁମେ ମଧ୍ୟ ଦେଖିପାର । ନ ହେଲେ ବି କିଛି କ୍ଷତି ନାହିଁ । ଆମ ହାତରେ ତ ଚଷମା ଦୋକାନୀ ସୂତ୍ରଟା ଅଛି । କିନ୍ତୁ ମୁଁ ସୁବିଧା ପାଇଲେ ସିଧାସଳଖ ବାଟ ଧରେ । ଏଇତ ଶ୍ରୀମତୀ ମାରକର୍ । ଚାଲ, ତାଙ୍କ ସାଥିରେ ପାଞ୍ଚମିନିଟ୍ କଥାବାର୍ତ୍ତା କରିବା ।"

ଆଗରୁ ମୁଁ ହୁଏତ କେଉଁଠି କହିଥାଇପାରେ, ହୋମ୍‌ସ ଯେତେବେଳେ ଇଚ୍ଛା କରନ୍ତି ସ୍ତ୍ରୀଲୋକମାନଙ୍କର ସ୍ନେହ ଆଉ ଆସ୍ଥାଭାଜନ ହୋଇପାରନ୍ତି । ଏଇଟା ତାଙ୍କର ଗୋଟେ ବିଶେଷତ୍ୱ । ସେ କହିଥିବା ସମୟର ଅଧା ସମୟ

Digitized by srujanika@gmail.com

ଭିତରେ ପରିଗୃହିକାର ମନ ପୂରା ଜାଣିନେଲେ । ଅନେକବର୍ଷର ପରିଚିତ ଲୋକ ପରି ସେ ତା ସାଥିରେ କଥାବାର୍ତ୍ତା ଆରମ୍ଭ କରିଦେଲେ ।

ପରିଗୃହିକା କହିଲା, "ହଁ, ମିଷ୍ଟର୍ ହୋମ୍ସ । ଆପଣ ଯାହା କହୁଛନ୍ତି ସେଇଆ । ସେ ଖୁବ୍ ଉତ୍କଟ ସିଗାରେଟ୍ ଟାଣନ୍ତି । ଦିନସାରା ଆଉ ବେଳେ ବେଳେ ରାତିସାରା । ଦିନେ ଦିନେ ସକାଳେ ସେ ଘର କୁହୁଡ଼ି ପଡ଼ିଥିଲା ପରି ହୋଇଥାଏ । ବିଚରା ସ୍ମିଥ୍ ମଧ୍ୟ ଖୁବ୍ ସିଗାରେଟ୍ ପିଅନ୍ତି; କିନ୍ତୁ ପ୍ରଫେସର୍ଙ୍କ ପରି ନୁହେଁ । ସିଗାରେଟ୍ ଟାଣିବା ଫଳରେ ତାଙ୍କ ସ୍ୱାସ୍ଥ୍ୟ ଭଲ ବା ଖରାପ ହେବାର ମୁଁ ଜାଣିନାହିଁ ।"

"କିନ୍ତୁ ତାଦ୍ୱାରା ଖାଇବାର ଷୁଧା ମରିଯାଏ ।"

"ମୁଁ ସେ କଥା ଜାଣେନା ।"

"ମୁଁ ଭାବୁଛି, ପ୍ରଫେସର ଖୁବ୍ କମ୍ ଖାଉଥିବେ ।"

"ତାର କିଛି ଠିକ୍ ନାହିଁ । ବେଳେ ବେଳେ ବେଶି ତ ବେଳେ ବେଳେ କମ୍ ।"

"ଆଜି ସକାଳେ ସେ ଜଳଖିଆ ଖାଇନାହାନ୍ତିବୋଲି ମୁଁ ଦୃଢ଼ଭାବେ କହି-ପାରେ । ଏତେ ସିଗାରେଟ୍ ଟାଣିଲା ପରେ ସେ ଆଉ କିଛି ଖାଇବେ ନାହିଁ ।"

"ଏଇଠି ଆପଣଙ୍କର ଭୁଲ ହେଲା । କାରଣ ଆଜି ସକାଳେ ସେ ପ୍ରଚୁର ଜଳଖିଆ ଖାଇଛନ୍ତି । ତାଠୁ ବେଶି ଖାଇବାର ମୁଁ ତାଙ୍କୁ କେବେ ଦେଖି ନାହିଁ । ଆଉ ଲଞ୍ଚ ପାଇଁ ସେ ଯଥେଷ୍ଟ କଟ୍‌ଲେଟ୍‌ର ବରାଦ କରିଛନ୍ତି । ମୁଁ ନିଜେ ଆଶ୍ଚର୍ଯ୍ୟ ହୋଇଯାଉଛି । କାରଣ କାଲି ଯେତେବେଳେ ମୁଁ ପଢ଼ା ଘରକୁ ଯାଇ ବିଚରା ସ୍ମିଥ୍ ପଡ଼ିଥିବା ଦେଖିଲି; ମୁଁ ଖାଇବା ଜିନିଷ କଥା ଭୁଲିଗଲି । ଅଥଚ ପ୍ରଫେସର—ଏ ଦୁନିଆରେ ସବୁ ସମ୍ଭବ ।"

ଆମେ ସକାଳବେଳାଟା ବଗିଚାରେ ବୁଲାବୁଲିକରି କଟେଇ ଦେଲୁ । ଷ୍ଟାନ୍‌ଲି ହପ୍‌କିନ୍ସ ଗାଁଭିତରଆଡ଼େ ଯାଇଥିଲେ । ପୂର୍ବଦିନ ସକାଳେ କାଥାମ୍ ରାସ୍ତାରେ ଜଣେ ଅଚିହ୍ନା ସ୍ତ୍ରୀଲୋକକୁ କେତେଜଣ ପିଲା ଦେଖିଥିଲେ ବୋଲି ଶୁଣାଗଲା । ସେଇକଥା ବୁଝିବାକୁ ସେ ଯାଇଥିଲେ । ଏଣେ ମୋ ବନ୍ଧୁଙ୍କର ସବୁ ଶକ୍ତି ଯେମିତି ସରିଯାଇଛି ସେଇପରି ଜଣାଯାଉଥିଲା ।

Digitized by srujanika@gmail.com

କୌଣସି କେଶରେ ସେ ଏମିତ ଦକ୍ଷପନ୍ତରିଆ ଭାବେ କାମ କରିବା ମୁଁ ଦେଖି ନାହିଁ । ହପ୍‌କିନ୍‌ସ ଫେରି କହିଲେ ଯେ ସେ ପିଲମାନଙ୍କୁ ଭେଟିଲେ । ସେମାନେ ହୋମ୍‌ସଙ୍କ ବର୍ଣ୍ଣନା ପରି ଜଣେ ସ୍ତ୍ରୀଲୋକକୁ ଦେଖିଥିବା କଥା କହିଲେ । ଏ ଖବରରେ ମଧ ହୋମ୍‌ସଙ୍କର କୌଣସି ଆଗ୍ରହ ହେଲ ପରି ଜଣାଗଲନାହିଁ । ଖାଇଲାବେଳେ ସୁସାନ୍ ଆମକୁ ପଧାନିଥା କରୁଥିଲ । ସେ ଆପେ ଆପେ ଗୋଟେ ଖବର ଦେଲ । ତାର ବିଶ୍ୱାସ ପୂର୍ବଦିନ ସକାଳେ ମିଷ୍ଟର୍ ସ୍ମିଥ୍ ବୁଲିବାକୁ ଯାଇଥିଲେ ଆଉ ଦୁର୍ଘଟଣା ଘଟିବାର ଅଧଘଣ୍ଟାଏ ଆଗରୁ ଫେରିଥିଲେ । ଏ ଖବରରେ ହୋମ୍‌ସ ବିଶେଷ ଆଗ୍ରହ ପ୍ରକାଶ କଲ ପରି ଜଣାଗଲା । ଏ ଘଟଣାର ତାତ୍ପର୍ଯ୍ୟ କ'ଣ ମୁଁ କିଛି ଜାଣିପାରିଲିନାହିଁ । ହଠାତ୍ ହୋମ୍‌ସ ଚଉକିରୁ ଉଠି ପଡ଼ି ଘଣ୍ଟା ଦେଖି କହିଲେ, "ଦୁ'ଟା ବାଜିଗଲ । ଆମେ ଉପରକୁ ଯାଇ ପ୍ରଫେସରଙ୍କ ସାଥିରେ କଥାବାର୍ତ୍ତା କରିବା ।"

ପ୍ରଫେସର୍ ସେଇକ୍ଷଣି ଖାଇବାକାମ ସାରିଥିଲେ । ଖାଲି ପ୍ଲେଟଗୁଡ଼ା ଦେଖି ଜାଣିଲୁ, ପରିଚାରିକା ତାଙ୍କ ଖାଇବା ବିଷୟରେ ଯାହା କହୁଥିଲ ସତ । ସେ ଆମ ଆଡ଼କୁ ବୁଲି ଚାହିଁଲେ । ତାଙ୍କ ଧଳା ବାଳ ଆଉ ଜଳନ୍ତା ଆଖିରୁ ଜାଣିଲି ସେ ପ୍ରକୃତରେ ଏକ ରହସ୍ୟମୟ ଲୋକ । ମୁହଁରେ ସିଗାରେଟ୍ ଲାଗି ରହିଥାଏ । ସେ ତାଙ୍କ ପୋଷାକପତ୍ର ପିନ୍ଧି ନିଆଁ ପାଖରେ ଗୋଟେ ଆରାମ ଚଉକିରେ ବସିଥାନ୍ତି ।

"ମିଷ୍ଟର ହୋମ୍‌ସ, ଏ ରହସ୍ୟର କ'ଣ କିଛି ସମାଧାନ କଲେ ?" ସେ ପଚାରିଲେ । ତାଙ୍କ ପାଖରେ ଟେବୁଲ ଉପରେ ଥିବା ବଡ଼ ସିଗାରେଟ୍ ଟିଣଟା ହୋମ୍‌ସଙ୍କ ଆଡ଼କୁ ବଢ଼ାଇଦେଲେ । ସେଇ ମୁହୂର୍ତ୍ତରେ ହୋମ୍‌ସ ତାଙ୍କ ହାତ ବଢ଼ାଇଦେଲେ । ଦୁ'ଜଣଙ୍କ ହାତ ବାଜି ସିଗାରେଟ୍ ଟିଣଟା ତଳେ ପଡ଼ିଗଲ । ମିନିଟିଏ ଦୁ'ମିନିଟ୍ ଯାଏ ଆମେ ସମସ୍ତେ ଆଣ୍ଠେଇପଡ଼ି ସିଗାରେଟ୍ ଗୁଡ଼ା ଗୋଟେଇବାରେ ଲାଗିଗଲୁ । ପୁଣି ଯେତେବେଳେ ଉଠି ଠିଆ ହେଲୁ, ଦେଖିଲି ହୋମ୍‌ସଙ୍କ ଆଖି ଆଉ ମୁହଁ ଖୁବ୍ ଉଜ୍ଜ୍ୱଳ । ଘଡ଼ିସନ୍ଧି ଅବସ୍ଥାରେ ତାଙ୍କର ଏ ଚେହେରା ମୁଁ ଦେଖିଛି ।

Digitized by srujanika@gmail.com

ସେ କହିଲେ, "ହଁ, ମୁଁ ଏ ରହସ୍ୟର ସମାଧାନ କରିଛି ।"

ଷ୍ଟାନ୍‌ଲି ହପ୍‌କିନ୍‌ସ ଆଉ ମୁଁ ବିସ୍ମୟରେ ଚାହିଁ ରହିଲୁ । ପ୍ରଫେସର୍‌ଙ୍କ କ୍ଷୀଣ ମୁହଁ ଉପରେ ଏକ ପ୍ରକାର ଅବଜ୍ଞାର ଭାବ ଖେଳିଗଲା । ସେ କହିଲେ, "ସତେ, କ'ଣ ବଗିଚା ଭିତରେ ସମାଧାନ କଲେ ?"

"ନା, ଏଇଠି ।"

"ଏଇଠି ! କେତେବେଳେ ?"

"ଏଇ, ବର୍ତ୍ତମାନ ।"

"ଆପଣ ନିଶ୍ଚୟ ରହସ୍ୟ କରୁଛନ୍ତି ମିଷ୍ଟର ହୋମ୍‌ସ । ମୁଁ କହିବାକୁ ବାଧ୍ୟ ହେଉଛି ଯେ ଆପଣ ଏତେ ବଡ଼ ଗୋଟେ ଗୁରୁତର ଘଟଣାକୁ ଥଟ୍ଟାରେ ଉଡ଼େଇ ଦେଉଛନ୍ତି ।"

ମୁଁ ମୋ ବିଶ୍ଳେଷଣର ପ୍ରତ୍ୟେକଟିକୁ ପରୀକ୍ଷା କରି ଦେଖିଛି ପ୍ରଫେସର୍ କୋରାମ୍ ଆଉ ସେ ସବୁ ନିର୍ଭୁଲ ବୋଲି ମୁଁ ନିଶ୍ଚିତ । ଏ ଘଟଣାରେ ଆପଣଙ୍କର ଉଦ୍ଦେଶ୍ୟ କ'ଣ ବା ଆପଣ କି ପ୍ରକାର ଅଭିନୟ କରିଛନ୍ତି ମୁଁ ସେ କଥା କହିପାରିବିନାହିଁ । କେତେ ମିନିଟ୍ ଭିତରେ ସେଟା ମୁଁ ଆପଣଙ୍କ ମୁହଁରୁ ଶୁଣିବି । ଏ ଭିତରେ ଗଲା କଥା ସବୁ ମୁଁ ଆପଣଙ୍କ ଆଗରେ କହି-ଯାଉଛି । ମୋର ଆଉ କ'ଣ ଖବର ଦର୍କାର ଆପଣ ଜାଣିପାରିବେ ।

"ଗଲା କାଲି ଜଣେ ନାରୀ ଆପଣଙ୍କ ପଢ଼ାଘର ଭିତରେ ପଶିଥିଲା । ଆପଣ ଆଲମାରି ଭିତରେ ରଖିଥିବା କୌଣସି ଦଲିଲ୍ କାଗଜ ନେବା ତାଙ୍କର ଉଦ୍ଦେଶ୍ୟ । ସେ ନିଜର ଗୋଟେ ଚାବି ଆଣିଥିଲେ । ଆପଣଙ୍କ ଚାବିଟା ପରୀକ୍ଷା କରି ଦେଖିବାର ସୁଯୋଗ ମୁଁ ପାଇଛି । ବାର୍ନିସ୍ ଉପରର କଣ୍ଟା ଦାଗ ଦ୍ୱାରା ଚାବିର ରଙ୍ଗ ଯାହା ଟିକିଏ ଛାଡ଼ି ଯାଇଥାନ୍ତା ଆପଣଙ୍କ ଚାବିରେ ତା ଦେଖିଲି ନାହିଁ । ତେଣୁ ଆପଣ ଏ କାମରେ ସହଯୋଗୀ ନୁହନ୍ତି । ପ୍ରମାଣରୁ ମୁଁ ଜାଣିଛି ଯେ ଆପଣଙ୍କ ଅଜ୍ଞାତରେ ଚୋରି କରିବାକୁ ଆସିଥିଲା ।"

ମୁହଁରୁ ସିଗାରେଟ୍ ଧୂଆଁ ଛାଡ଼ି ପ୍ରଫେସର୍ କହିଲେ, "ବେଶ୍ ମଜା କଥା । ଆପଣର ସ୍ୱାଧୀନରେ ଆଉ କିଛି ଯୋଡ଼ିବାର ନାହିଁ ? ଆପଣ ଯଦି ଏଇ ନାରୀ

Digitized by srujanika@gmail.com

କଥା ଏ ମାଏ ଜାଣିପାରିଲେ ତା'ହେଲେ ସେ କୁଆଡ଼େ ଗଲା କହି-ପାରିବେ ନିଶ୍ଚୟ ।"

"ମୁଁ ସେଥିପାଇଁ ଚେଷ୍ଟା କରିବି । ପ୍ରଥମ କଥା ହେଲା, ଆପଣଙ୍କ ସେକ୍ରେଟାରୀ ତାକୁ ଧରିଲେ ଆଉ ସେ ଖସିଯିବା ପାଇଁ ତାଙ୍କ ଦେହରେ ଛୁରୀଟା ଭୁସି ଦେଲେ । ଏଇ ଦୁର୍ଗତିକୁ ମୁଁ ଏକ ଦୁଃଖମୟ ଦୁର୍ଘଟଣା ବୋଲି କହିବି । କାରଣ ମୁଁ ନିଶ୍ଚିତ ଯେ କୌଣସି ପ୍ରକାର ଗୁରୁତର ଆଘାତ ଦେବା ସେ ନାରୀର ଉଦ୍ଦେଶ୍ୟ ନଥିଲା । ଜଣେ ହତ୍ୟାକାରୀ କିଛି ଅସ୍ତ୍ର ନ ଧରି କେବେ ଆସେନା । ନିଜେ କ'ଣ କରିପକାଇଛି ଦେଖିଲା ପରେ ସେ ଭୟରେ ସେଇ ଜାଗାରୁ ପଳାଇଯାଇଛି । ଦୁର୍ଭାଗ୍ୟକୁ ଟଣାଓଟରାରେ ତା ଚଷମାଟା ଖସି ଯାଇଛି । ତା ଆଖି ଅତି ଖରାପ ଆଉ ଚଷମା ବିନା ସେ ନିରୁପାୟ ହୋଇ ପଡ଼ିଛି । ସେ ଯେଉଁ ବରଣ୍ଡା ଦେଇ ଆସିଥିଲା ସେଇ ବରଣ୍ଡା ବୋଲି ଭାବି ଆଉ ଗୋଟେ ବରଣ୍ଡାରେ ପଳାଇଯାଇଛି । ଦୁ'ଟାଯାକ ବରଣ୍ଡାରେ ନଡ଼ିଆ-କତାର ଚଟେଇ ବିଛା ହୋଇଥିଲା । ସେ ଭୁଲ ବାଟରେ ଚାଲିଆସିଛି ବୋଲି ଜାଣିଲାବେଳକୁ ଯଥେଷ୍ଟ ଡେରି ହୋଇଯାଇଥିଲା । ପଛକୁ ଫେରିବାର ଉପାୟ ନାହିଁ । ସେ ଯେଉଁ ଜାଗାରେ ଥିଲା ସେଠି ମଧ୍ୟ ରହିବା ଅସମ୍ଭବ । ତେଣୁ ସେ ଆଗକୁ ଚାଲିଲା । ପାହାଚ ଉପରେ ଉଠି ଗୋଟେ ଦରଜା ଠେଲି ଖୋଲିଦେଲା ଆଉ ଆପଣଙ୍କ ରୁମ୍ ଭିତରେ ପଶିଗଲା ।"

ବୁଢ଼ା ପ୍ରଫେସର୍ ଆଁ କରି ହୋମ୍ସଙ୍କ ମୁହଁକୁ ଚାହିଁ ରହିଲେ । ତାଙ୍କ ମୁହଁରେ ଭୟ ଆଉ ବିସ୍ମୟର ଚିହ୍ନ । ଚେଷ୍ଟା କରି ନିଜକୁ ସମ୍ଭାଳି ନେଇ ସେ କାନ୍ଧ ଝାଙ୍କି କହିଲେ, "ଆପଣଙ୍କ କଥା ସବୁ ବେଶ୍ ସୁନ୍ଦର ମିଷ୍ଟର୍ ହୋମ୍ସ୍; ହେଲେ ସେଥିରେ ଗୋଟେ ତ୍ରୁଟି ରହିଯାଉଛି । ମୁଁ ନିଜେ ଏ ଘରେ ଥିଲି ଆଉ ଦିନ ସାରା ମୁଁ ଘର ଛାଡ଼ି ଯାଇ ନାହିଁ ।"

"ମୁଁ ସେ କଥା ଜାଣେ ପ୍ରଫେସର୍ କୋରାମ୍ ।"

"ତା'ହେଲେ ଆପଣଙ୍କ କହିବାର ଅର୍ଥ ମୁଁ ଏ ଖଟ ଉପରେ ଶୋଇଛି ଅଥଚ ଜଣେ ନାରୀ ଏ ଘରେ ପଶିବା ଜାଣିପାରିଲି ନାହିଁ ?"

Digitized by srujanika@gmail.com

"ମୁଁ ତ ସେ କଥା କହୁନାହିଁ । ସେ ଆସିବାର ଆପଣ ଜାଣନ୍ତି । ଆପଣ ତା ସାଥିରେ କଥାବାର୍ତ୍ତା କରିଛନ୍ତି, ତାକୁ ଚିହ୍ନି ପାରିଛନ୍ତି । ସେ ଖସିଯିବାରେ ଆପଣ ତାକୁ ସାହାଯ୍ୟ କରିଛନ୍ତି ।"

ପ୍ରଫେସର୍ ପୁଣି ଜୋର୍‌ରେ ହସିଉଠିଲେ । ସେ ଉଠି ଠିଆହେଲେ । ତାଙ୍କ ଆଖି ଦି'ଟା ବାଘପରି ଚକ୍ ଚକ୍ କରୁଥାଏ । ସେ କହିଲେ, "ଆପଣ ପାଗଳ ମିଷ୍ଟର୍ ହୋମ୍ସ । ପାଗଳଙ୍କ ପରି କଥା କହୁଛନ୍ତି । ମୁଁ ତାକୁ ଖସିଯିବାରେ ସାହାଯ୍ୟ କରିଛି ? ତେବେ ସେ ବର୍ତ୍ତମାନ କେଉଁଠି ?"

ଘର କଣରେ ଥିବା ଗୋଟେ ବଡ଼ ଉଚ୍ଚା ବହି ଆଲମାରି ଆଡ଼କୁ ହାତଠାରି ହୋମ୍ସ କହିଲେ, "ସେଇଠି ।" ଦେଖିଲି ବୁଢ଼ା ପ୍ରଫେସର୍ ଖୁବ୍ ଜୋର୍‌ରେ ଥରିଉଠିଲେ ଆଉ ଲଥ୍‌କରି ଚଉକିଟାରେ ବସି ପଡ଼ିଲେ । ସେଇ ସାଙ୍ଗେ ସାଙ୍ଗେ ବହି ଆଲମାରିଟା ଖୋଲିଗଲା ଆଉ ଜଣେ ନାରୀ ଘର ଭିତରକୁ ବାହାରି ଆସିଲେ । କୌଣସି ବିଦେଶୀ ଉଚ୍ଚାରଣ କରି ସେ କହିଲେ, "ଆପଣ ଠିକ୍ କହିଛନ୍ତି । ମୁଁ ଏଇଠି !" ଧୂଳିରେ ତାଙ୍କ ଦେହ ମାଟିଆ ଦିଶୁଥାଏ ଆଉ କାନ୍ଥରୁ ବୁଢ଼ିଆଣୀ ଜାଲଝୁଡ଼ା ଦେହରେ ଲାଗିଥାଏ । ତାଙ୍କ ମୁହଁ ସାରା ବି ମଳି ଜମାହୋଇଥାଏ । ସେ କେବେ ସୁନ୍ଦରୀ ହୋଇନଥିବେ । ତାଙ୍କ ଦେହର ଗଠନ ହୋମ୍ସଙ୍କ ବର୍ଣ୍ଣନା ସହିତ ସମାନ । ତା ଛଡ଼ା ତାଙ୍କ ଓଠ ଖୁବ୍ ଲମ୍ବା । ତାଙ୍କ ଆଖି ଖରାପ ଥିବାରୁ ହେଉ ବା ଅନ୍ଧାରରୁ ଆଲୁଅକୁ ଆସିଥିବା କାରଣରୁ ହେଉ ସେ ଚକିତହୋଇ ଠିଆହୋଇ ଚାରିଆଡ଼କୁ ଚାହିଁଲେ । ଆମେ କିଏ ଏବଂ କେଉଁଠି ଜାଣିବାକୁ ଚେଷ୍ଟାକଲେ । ତଥାପି ଏସବୁ ଅସୁବିଧା ସତ୍ତ୍ୱେ ତାଙ୍କ ଚେହେରାରୁ ସେ ଭଦ୍ର ଆଉ ସମ୍ଭ୍ରାନ୍ତ ପରି ଜଣାଯାଉଥିଲେ । ତାଙ୍କର ନିର୍ଭିକତା ବାସ୍ତବିକ ପ୍ରଶଂସାର ଯୋଗ୍ୟ । ଷ୍ଟାନ୍ଲି ହପ୍‌କିନ୍ସ ତାଙ୍କୁ ଆରେଷ୍ଟ କରି ତାଙ୍କ ହାତ ଧରିନେଲେ; କିନ୍ତୁ ସେ ଖୁବ୍ ଭଦ୍ର ଭାବରେ ହପ୍‌କିନ୍‌ସଙ୍କୁ ଘୁଞ୍ଚାଇଦେଲେ । ବୁଢ଼ା ପ୍ରଫେସର୍ ଚଉକିଟାରେ ଆଉଜି ପଡ଼ିଥାନ୍ତି । ମୁହଁ ଡରରେ ଶୁଖିଯାଇଥାଏ । ଚିନ୍ତାପୂର୍ଣ୍ଣ ଆଖିରେ ଭଦ୍ରମହିଳାଙ୍କ ଆଡ଼େ ଚାହିଁଥାନ୍ତି ।

Digitized by srujanika@gmail.com

ଭଦ୍ରମହିଳା କହିଲେ, "ହଁ, ମୁଁ ଆପଣଙ୍କର ବନ୍ଦୀ । ମୁଁ ସବୁକଥା ଶୁଣିଛି ଆଉ ବୁଝିଛି ଆପଣ ସତକଥାଟା ଜାଣିପାରିଛନ୍ତି । ମୁଁ ସବୁ ସ୍ୱୀକାର କରୁଛି । ମୁଁ ସେ ତରୁଣ ଭଦ୍ରଲୋକଙ୍କୁ ହତ୍ୟା କରିଛି । କିନ୍ତୁ ସେ କହିଲେ ଏଟା ଗୋଟେ ଦୁର୍ଘଟଣା, ସେ ଠିକ୍ କହିଛନ୍ତି । ଏମିତିକ ମୋ ହାତରେ ସେଟା ଛୁରୀଟା ବୋଲି ମୁଁ ମୋଟେ ଜାଣି ନଥିଲି । ହତାଶ ହୋଇ ମୁଁ ଟେବୁଲ ଉପରେ ଯାହା ପାଇଲି ଉଠାଇଆଣି ତାଙ୍କୁ ଆଘାତ ଦେଲି । କେବଳ ତାଙ୍କ ହାତରୁ ଖସିଯିବାର ଉଦ୍ଦେଶ୍ୟରେ । ଏହା ପୂରାପୂରି ସତ ।"

ହୋମ୍‌ସ କହିଲେ, "ମୁଁ ଜାଣେ ଆପଣ ଯାହା କହୁଛନ୍ତି ସତ । କିନ୍ତୁ ମୁଁ ଦେଖୁଛି ଆପଣ ଅସୁସ୍ଥ ବୋଧ କରୁଛନ୍ତି ।"

ତାଙ୍କର ସେ ଧୂଳିବୋଳା ମୁହଁ କେମିତି ଭୟଙ୍କର ଦେଖାଯାଉଥାଏ । ସେ ଖଟର ଗୋଟେ କଡ଼େ ବସିଗଲେ । ପୁଣି କହିବା ଆରମ୍ଭକଲେ ।

"ଏଠି ମୋର ସମୟ ଖୁବ୍ କମ୍ । କିନ୍ତୁ ମୁଁ ଆପଣଙ୍କୁ ପ୍ରକୃତ ସତ କଥାଟା ଜଣାଇବି । ମୁଁ ଏଇ ଭଦ୍ରଲୋକଙ୍କ ସ୍ତ୍ରୀ । ସେ ଇଂରେଜ ଲୋକ ନୁହନ୍ତି, ରୁଷିଆର ଲୋକ । ତାଙ୍କ ନାଁ ମୁଁ କହିବି ନାହିଁ ।"

ପ୍ରଫେସର ବୁଢ଼ା ବିଚଳିତ ହୋଇଉଠି କହିଲେ, "ତୁମକୁ ପ୍ରଭୁଙ୍କ ରାଣ ଆନା ।"

ସେ ଘୃଣାରେ ପ୍ରଫେସରଙ୍କ ଆଡ଼କୁ ଚାହିଁ କହିଲେ, "ତୁମର ସେ କଦର୍ଯ୍ୟ ଜୀବନ ଧରି ରହିବା ପାଇଁ ଏତେ ବ୍ୟଗ୍ର କାହିଁକି ସର୍ଗିଅସ୍ ? ତୁମେ ଜୀବନରେ ଅନେକଙ୍କର କ୍ଷତି କରିଛ; କିନ୍ତୁ କାହାରି ଭଲ କରିନାହଁ, ଏମିତିକ ତୁମ ନିଜର । ଯାହାହେଉ, ଭଗବାନଙ୍କ ନିର୍ଦ୍ଦେଶ ଆଗରୁ ତୁମ ଜୀବନର ସେଇ ସରୁ ସୂତାଟିଅକ ଛିଣ୍ଡାଇଦେବା ମୋର ଦର୍କାର ନାହିଁ । ଏଇ ଅଭିଶପ୍ତ ଘରକୁ ଆସିବା ପରେ ମୁଁ ଯଥେଷ୍ଟ ଭୋଗକରି ସାରିଲିଣି । କିନ୍ତୁ ମୋତେ ସବୁକଥା କହିବାକୁ ହେବ । ନହେଲେ ଆଉ ସମୟ ମିଳିବନାହିଁ ।

"ହଁ, ମୁଁ କହିଲି ନା, ମୁଁ ଏଇ ଭଦ୍ରଲୋକଙ୍କ ସ୍ତ୍ରୀ । ଯେତେବେଳେ ତାଙ୍କୁ ପଚାଶ ବର୍ଷ ଆଉ ମୋତେ ମୋଟେ କୋଡ଼ିଏ । ବୋକାମୀ କରି ମୁଁ

Digitized by srujanika@gmail.com

ତାଙ୍କୁ ବିବାହ କଲି । ରୁଷିଆର ଗୋଟିଏ ସହରରେ ଆମର ବିବାହ ହେଲା । ସେ ଜାଗା ନାଁ ମୁଁ କହିବି ନାହିଁ ।"

ବୁଢ଼ା ପୁଣି କହିଉଠିଲେ, "ଆନା !"

ଭଦ୍ରମହିଳା କହି ଚାଲିଲେ, "ଆମେ ଥିଲୁ ସମାଜ ସଂସ୍କାରକ, ବିପ୍ଳବୀ । ସେ, ମୁଁ ଏବଂ ଆହୁରି ଅନେକ । ତା'ପରେ ବଡ଼ ଗଣ୍ଡଗୋଳିଆ ସମୟ ଆସିଗଲା । ଜଣେ ପୋଲିସ ଅଫିସରଙ୍କୁ ହତ୍ୟାକରାଗଲା । ଅନେକଙ୍କୁ ଆରେଷ୍ଟ କରାଗଲା । ଆମ ବିରୁଦ୍ଧରେ ପ୍ରମାଣ ଦରକାର ହେଲା । ନିଜକୁ ରକ୍ଷା କରିବା ପାଇଁ ଆଉ ପ୍ରଚୁର ପୁରସ୍କାର ପାଇବା ଲୋଭରେ ମୋ ସ୍ୱାମୀ ତାଙ୍କ ସ୍ତ୍ରୀ ଆଉ ସାଥୀମାନଙ୍କ ପ୍ରତି ବିଶ୍ୱାସଘାତକତା କଲେ । ହଁ, ତାଙ୍କର ସ୍ୱୀକାରୋକ୍ତି ଉପରେ ଆମକୁ ଆରେଷ୍ଟ କରାଗଲା । କେତେକଙ୍କୁ ଫାଶି ଦିଆଗଲା । ଆଉ କେତେକଙ୍କୁ ସାଇବେରିଆ ପଠାଇ ଦିଆଗଲା । ମୁଁ ଏଇ ଶେଷ ଦଳରେ ଥିଲି । କିନ୍ତୁ ମୋର ଦଣ୍ଡ ଯାବଜ୍ଜୀବନ ପାଇଁ ନଥିଲା । ମୋ ସ୍ୱାମୀ ତାଙ୍କ ପାପ ଅର୍ଜିତ ଧନ ଧରି ଇଂଲଣ୍ଡକୁ ଚାଲିଆସିଲେ । ଏଠି ନିରୋଳାରେ ରହିଲେ । ସେ ଜାଣିଥିଲେ ଯେ, ସେ କେଉଁଠି ଅଛନ୍ତି ଆମ ଦଳ ଜାଣିଲେ ତାଙ୍କର ବିଚାର ହେବାକୁ ସପ୍ତାହଟାଏ ବି ଲାଗିବ ନାହିଁ ।"

ଥରିଲା ହାତ ବଢ଼ାଇ, ଆଉ ଗୋଟିଏ ସିଗାରେଟ୍ ନେଇ ବୁଢ଼ା ପ୍ରଫେସର୍ କହିଲେ, "ମୋ ଜୀବନ ତୁମ ହାତରେ ଆନା । ତୁମେ ସବୁବେଳେ ମୋ ପ୍ରତି ଦୟା ଦେଖାଇଛ !

"ମୁଁ ଏ ପର୍ଯ୍ୟନ୍ତ ତାଙ୍କ ସଇତାନର ଚରମକଥା କହି ନାହିଁ । ଆମ ଦଳରେ ଜଣେ ସାଥୀଥିଲେ । ମୁଁ ତାଙ୍କୁ ପ୍ରାଣ ଭରି ଭଲପାଉଥିଲି । ସେ ଅତି ଭଦ୍ର ଆଉ ନିଃସ୍ୱାର୍ଥପର । ମୋ ସ୍ୱାମୀଙ୍କର ଠିକ୍ ଓଲଟା । ସେ ହିଂସାକୁ ଘୃଣା କରୁଥିଲେ । ଆମେ ସମସ୍ତେ ବରଂ ଦୋଷୀ ହୋଇପାରୁ; କିନ୍ତୁ ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ଏଇ ହିଂସା ବାଟ ଛାଡ଼ିବା ପାଇଁ ସେ ବରାବର ମୋ ପାଖକୁ ଲେଖୁଥିଲେ । ଏଇ ଚିଠିଗୁଡ଼ା ତାଙ୍କୁ ରକ୍ଷା କରିପାରିଥାନ୍ତା । ମୋ ଡାଏରୀଟା ମଧ୍ୟ ତାଙ୍କୁ ସାହାଯ୍ୟ କରିଥାନ୍ତା । ସେଥିରେ ତାଙ୍କ ପ୍ରତି ମୋର ଭାବ ଆଉ ଆମର ମତାମତ ସବୁ ମୁଁ ଲେଖି ରଖିଥିଲି । ମୋ ସ୍ୱାମୀ ସେ ଡାଏରୀ ଆଉ ଚିଠି ସବୁ

Digitized by srujanika@gmail.com

ପାଇ ତାଙ୍କୁ ଲୁଗ୍ଭଇ ରଖିଲେ । ଏଇ ଯୁବକଙ୍କର ଜୀବନ ଶେଷ କରି ଦେବା ପାଇଁ ସେ ସବୁପ୍ରକାର ଚେଷ୍ଟା କଲେ । ସେ ସଫଳ ହୋଇ ପାରିଲେ ନାହିଁ ସତ; କିନ୍ତୁ ଆଲେକ୍‌ସିସ୍‌ଙ୍କୁ ବନ୍ଦୀ କରି ହୋଇ ସାଇବେରିଆ ପଠାଇ ଦିଆଗଲା । ଏବେ ସେ ସେଇଠି ଲୁଣ ଖଣିରେ କଠୋର ପରିଶ୍ରମ କରୁଛନ୍ତି । ଏବେ ଏଇ ମୁହୂର୍ତ୍ତରେ ସେ କଥା ଚିନ୍ତା କର ସଇତାନ । ସେଇ ଆଲେକ୍‌ସିସ୍, ଯାହାଙ୍କ ନାଁ ମୁହଁରେ ଧରିବାକୁ ତୁ ଯୋଗ୍ୟ ନୋହୁ, ଏୀତଦାସ ପରି ପଡ଼ି ରହିଛନ୍ତି, ଅଥଚ ତୋତେ ହାତମୁଠାରେ ପାଇ ମୁଁ ଛାଡ଼ିଦେଇଛି ।”

“ତୁମେ ସବୁବେଳେ ମୋ ପ୍ରତି ସଦୟ ହୋଇଛ ଆନା !”

ଭଦ୍ରମହିଳା ଉଠି ଠିଆ ହେଲେ; କିନ୍ତୁ କଷ୍ଟ ଅନୁଭବ କଲାପରି ପୁଣି ବସି ପଡ଼ି କହିଲେ, “ମୋତେ ମୋ କଥା ଶେଷ କରିବାକୁ ଦିଅ । ମୋର ଦଣ୍ଡ ଶେଷ ହୋଇଗଲା । ମୁଁ ଆସି ମୋର ସେଇ ଡାଏରୀ ଆଉ ଚିଠି ଖୋଜିଲି । ତାକୁ ରୁଷିଆ ସରକାରଙ୍କ ପାଖକୁ ପଠାଇ ପାରିଲେ ମୋ ବନ୍ଧୁ ଖଲାସ ହୋଇଯିବେ । ମୋ ସ୍ୱାମୀ ଇଂଲଣ୍ଡ ଆସିବା କଥା ମୁଁ ଜାଣିଥିଲି । ମାସ ମାସ ଧରି ଖୋଜିବା ପରେ ସେ କେଉଁଠି ରହୁଛନ୍ତି ମୁଁ ଜାଣିପାରିଲି । ମୋ ଡାଏରୀଟା ତାଙ୍କ ପାଖେ ଅଛି ବୋଲି ମଧ୍ୟ ମୁଁ ଜାଣିଥିଲି । କାରଣ ମୁଁ ସାଇବେରିଆରେ ଥିଲା ବେଳେ ସେ ମୋ ପାଖକୁ ଗୋଟେ ଚିଠି ଦେଇଥିଲେ । ସେଥିରେ ସେ ମୋ ଡାଏରୀରୁ କେତେ ଅଂଶ ଲେଖିଥିଲେ । ମୁଁ ଜାଣିଥିଲି ସେ ଖୁବ୍ ପ୍ରତିହିଂସାପରାୟଣ ଲୋକ ଆଉ ନିଜ ଇଚ୍ଛାରେ ଡାଏରୀଟା ମୋତେ ଦେବେ ନାହିଁ । ତଥାପି ମୋତେ ସେଟା ପାଇବା ପାଇଁ ଚେଷ୍ଟା କରିବାକୁ ହେବ । ସେଇ ଉଦ୍ଦେଶ୍ୟରେ ମୁଁ ଗୋଟେ ପ୍ରାଇଭେଟ ଡିଟେକ୍‌ଟିଭ୍ ଫାର୍ମରେ ଜଣଙ୍କୁ କାମରେ ଲଗାଇଲି । ସେ ମୋ ସ୍ୱାମୀଙ୍କ ସେକ୍ରେଟାରୀ ରୂପେ କାମ କଲେ । ସେ ତୁମର ଦ୍ୱିତୀୟ ସେକ୍ରେଟାରୀ । ସେ ଖୁବ୍ ଶୀଘ୍ର ଏଠୁ ଚାଲିଗଲେ । ମୋ ଡାଏରୀ ଆଉ ଚିଠି ଆଲମାରିରେ ଅଛି ବୋଲି ସେ ଜାଣିଲେ ଆଉ ଘରର ଗୋଟେ ଛାପ ନେଇଗଲେ । ତାଙ୍କ କାମ ସେତିକି । ଘରଟାର ଗୋଟେ ନକ୍‌ସା ସେ ମୋତେ ଦେଲେ ଆଉ କହିଲେ ଯେ ସକାଳବେଳା ପଢ଼ାଘରଟା ଖାଲିଥାଏ କାରଣ ସେକ୍ରେଟାରୀ ଆସି ଏଇ ରୁମ୍‌ରେ କାମ କରନ୍ତି ।

Digitized by srujanika@gmail.com

ଶେଷରେ ମୁଁ ସାହସ ଧରି କାଗଜଗୁଡ଼ା ନେବାକୁ ଆସିଲି । କାମରେ ସଫଳ ହେଲି ସତ; କିନ୍ତୁ କି ମର୍ମନ୍ତୁଦ ଘଟଣା ବଦଳରେ !

ମୁଁ ଠିକ୍ କାଗଜଗୁଡ଼ା ନେଇ ଆଲମାରି ଗୁବି ବନ୍ଦ କଲାବେଳକୁ ଏଇ ତରୁଣ ଭଦ୍ରଲୋକ ମୋତେ ଧରି ପକାଇଲେ । ମୁଁ ସେ ଦିନ ସକାଳେ ତାଙ୍କୁ ଦେଖିଥିଲି । ରାସ୍ତାରେ ଦେଖା ହୋଇଥିଲା ଆଉ ପ୍ରଫେସର୍ କେରାମ୍ କେଉଁଠି ରହନ୍ତି ବୋଲି ମୁଁ ତାଙ୍କୁ ପଚାରିଥିଲି । ସେ ତାଙ୍କ ପାଖରେ ଚାକରି କରିବା ମୋତେ ଜଣା ନଥିଲା ।"

"ବିଲ୍‌କୁଲ୍ ଠିକ୍ ।" ହୋମସ୍ କହିଲେ, "ସେକ୍ରେଟାରୀ ଫେରିଆସି ଏଇ ନାରୀଙ୍କୁ ଭେଟିଥିବା କଥା ତାଙ୍କ ମାଲିକଙ୍କୁ କହିଥିଲେ । ତା'ପରେ ମୃତ୍ୟୁ ପୂର୍ବରୁ ସେ ଜଣାଇଦେବାକୁ ଚାହୁଁଥିଲେ ସେଇ ନାରୀ ଯାହାସାଥିରେ ସକାଳେ ସେ କଥାବାର୍ତ୍ତା କରିଥିଲେ ।"

ଆଦେଶ ଦେଲା ଭଙ୍ଗୀରେ ଭଦ୍ରମହିଳା କହିଲେ, "ମୋତେ କହିବାର ସୁଯୋଗ ଦିଅନ୍ତୁ । ଏଇ ତରୁଣ ତଳେ ପଡ଼ିଯିବା ମାତ୍ରେ ମୁଁ ଘରୁ ଦୌଡ଼ି-ପଳାଇଲି । କିନ୍ତୁ ଭୁଲ ବାଟଟାରେ ଆସି ମୋ ସ୍ୱାମୀଙ୍କ ରୁମ୍‌ରେ ପହଞ୍ଚିଲି । ସେ ମୋତେ ଧରାଇଦେବେ ବୋଲି ଧମକ ଦେଲେ । ମୁଁ ତାଙ୍କୁ କହିଲି ଯେ ତା'ହେଲେ ତାଙ୍କ ଜୀବନଟା ବି ମୋ ହାତରେ । ସେ ମୋତେ ଆଇନ୍ ହାତରେ ଧରାଇ ଦେଲେ ମୁଁ ତାଙ୍କୁ ଆମ ଦଳ ହାତରେ ଧରାଇ ଦେବି । ମୁଁ ମୋ ନିଜ ପାଇଁ ବଞ୍ଚିବାକୁ ଚାହୁଁ ନଥିଲି, ଚାହୁଁଥିଲି କେବଳ ମୋର ଉଦ୍ଦେଶ୍ୟ ପୂରଣ ପାଇଁ । ମୋ ସ୍ୱାମୀ ଜାଣିଥିଲେ ମୁଁ ଯାହା କହୁଛି ସେଇଆ କରିବି ଆଉ ତାଙ୍କ ଭାଗ୍ୟ ମୋ ଭାଗ୍ୟ ସହିତ ଜଡ଼ିତ । କେବଳ ସେଇ କାରଣରୁ ସେ ମୋତେ ଲୁଚାଇ ରଖିଲେ । ସେଇ ଅନ୍ଧାରୁଆ ଜାଗାରେ ଲୁଚିରହିବାକୁ ମୋତେ କହିଲେ । ସେ ଏଇ ଘରେ ଖିଆପିଆ କରନ୍ତି । ତେଣୁ ତାଙ୍କ ଖାଦ୍ୟରୁ କିଛି ମୋତେ ଦେବାରେ ଅସୁବିଧା ହେଲାନାହିଁ । କଥା ହେଲା ପୋଲିସ ଏ ଘର ଛାଡ଼ି ଗଲାପରେ ମୁଁ ରାତିରେ ଏଠୁ ଖସି ଯିବି, ଆଉ କେବେ ଆସିବି ନାହିଁ । କିନ୍ତୁ କୌଣସି ପ୍ରକାରେ ଆପଣ ସବୁ କଥା ଜାଣିପାରିଲେ ।" ସେ ତାଙ୍କ ପୋଷାକ ଭିତରୁ ଗୋଟେ ଛୋଟ ପାକେଟ୍

Digitized by srujanika@gmail.com

ବାହାର କଲେ । କହିଲେ, "ମୋର ଶେଷକଥା କହୁଛି । ଏଇ ପାକେଟ୍‌ଟା ଆଲେକସିସ୍‌ଙ୍କୁ ରକ୍ଷା କରି ପାରିବ । ଏଟା ମୁଁ ଆପଣଙ୍କ ହାତରେ ଦେଲି । ଡାକ୍ତର ଏଟା ନଅନ୍ତୁ । ରୁଷିଆ ଦୂତାବାସରେ ଦେଇଦେବେ । ଏଥର ମୋ କାମ ସରିଲା ଆଉ— ।"

"ତାଙ୍କୁ ବନ୍ଦ କର ।" ହୋମ୍‌ସ ଚିତ୍କାର କରିଉଠିଲେ । ଧାଇଁ ଯାଇ ସେ ଭଦ୍ରମହିଳାଙ୍କ ହାତରୁ ଗୋଟେ ଛୋଟ ଶିଶି ଛଡ଼ାଇ ଆଣିଲେ । ଭଦ୍ର ମହିଳା ଖଟ ଉପରେ ପଡ଼ିଯାଇ କହିଲେ, "ବହୁତ ଡେରି ହୋଇଯାଇଛି । ମୁଁ ଲୁଚିବା ଜାଗାରୁ ଆସିବା ଆଗରୁ ବିଷଟା ଖାଇନେଇଛି । ମୋ ମୁଣ୍ଡ ଘୂରି-ଯାଉଛି । ମୁଁ ଗଲିଲି । ପାକେଟ୍‌ଟା କଥା ମନେରଖିବେ, ଏଇ ମୋର ଶେଷ ଅନୁରୋଧ ।"

ଆମେ ସହରକୁ ଫେରିବା ବାଟରେ ହୋମ୍‌ସ କହିଲେ, "କେଶ୍‌ଟା ସହଜ; କିନ୍ତୁ ଏଥିରୁ ଅନେକ ଶିଖିବାର ଅଛି । କେଶ୍‌ଟା ଆରମ୍ଭରୁ ହିଁ ଏଇ ଚଷମା ଉପରେ ନିର୍ଭର କରୁଥିଲା । ଭାଗ୍ୟକୁ ମରିବେଳକୁ ସେ ଚଷମାଟା ଟାଣି ନେଇ ଥିଲେ । ନହେଲେ ଆମେ ଏ କେଶ୍‌ର ସମାଧାନ କରିପାରିଥାନ୍ତେ କି ନା ସେ ବିଷୟରେ ମୁଁ ନିଶ୍ଚିତ ନୁହେଁ । ଚଷମାଟାରୁ ମୁଁ ଜାଣିଲି ଯେ ଲଗାଇବା-ବାଲାର ଆଖି ଅତି ଖରାପ ଆଉ ଚଷମା ବିନା ସେ ଅସହାୟ ହୋଇପଡ଼ିବ । ତୁମେ ମୋତେ କହିଲ ଯେ ସେ ଘାସ ଧାରି ଉପରେ ଚାଲି ଆସିଛି । କିନ୍ତୁ କେଉଁଠି ହେଲେ ତା ପାଦ ଭୁଲରେ ଘାସ ବାହାରକୁ ଯାଇନାହିଁ । ମୁଁ କହିଥିଲି, ଏଇଟା ଅତି ଉଲ୍ଲେଖଯୋଗ୍ୟ କାମ । ମୁଁ ମୋ ମନେ ମନେ ଠିକ୍ କରିନେଲି ଯେ, ତା ପାଖରେ ଆଉ ଗୋଟେ ଚଷମା ନଥିଲେ ଏ କାମ କରିବା ଅସମ୍ଭବ । ତେଣୁ ମୁଁ ବିଚାର କଲି, ସେ ଏଇ ଘର ଭିତରେ ଅଛି । ଦୁ'ଟା ଯାକ ବରଣ୍ଡା ସମାନ । ତେଣୁ ତାର ଭୁଲ ହୋଇଯିବା ସ୍ୱାଭାବିକ । ତା' ହୋଇଥିଲେ ସେ ପ୍ରଫେସରଙ୍କ ରୁମ୍‌କୁ ଯାଇଥିବା ନିଶ୍ଚିତ । ମୁଁ ଖୁବ୍ ସାବଧାନ ରହିଲି । ଘରଟାରେ କୌଣସି ଲୁଚି ରହିବା ଜାଗା ଅଛି କି ନାହିଁ ପରୀକ୍ଷା କଲି । ଗାଲିଚା ମଝିରେ କେଉଁଠି କିଛି ଫାଙ୍କ ନ ଥିଲା ଆଉ ସେଥିରେ ଜୋର୍‌ରେ କଣ୍ଟା ବାଡ଼ିଆ ହୋଇଥିଲା । ତେଣୁ ଗାଲିଚା ତଳେ କିଛି ଗୁପ୍ତ

Digitized by srujanika@gmail.com

ଦ୍ୱାର ଥିବା ମୁଁ ଭାବିଲି ନାହିଁ। ବହିଗୁଡ଼ାକର ପଛ ପାଖେ କିଛି ଗୁପ୍ତକଥା ଥାଇପାରେ। ତୁମେ ଜାଣ, ପୁରୁଣାକାଳିଆ ଲାଇବ୍ରେରୀରେ ଏମିତି ଜାଗା ଥାଏ। ମୁଁ ଦେଖିଲି ସବୁ ବହିଥାକରେ ବହି ଗଦା ହୋଇଛି; କିନ୍ତୁ ଗୋଟେ ଥାକ ଖାଲି। ଭାବିଲି ଏଇଟା ଲୁଚିବା ଜାଗାକୁ ଯିବାର ବାଟ ହୋଇପାରେ। ମୁଁ କୌଣସି ପ୍ରକାର ଚିହ୍ନ ଦେଖିବାକୁ ପାଇଲି ନାହିଁ। ଗାଲିଚାଟା କଳା ଆଉ ମାଟିଆ ମିଶା ରଙ୍ଗର। ତେଣୁ ମୁଁ ଗୁଡ଼ାଏ ସିଗାରେଟ୍ ଟାଣି ପାଉଁଶ ଗୁଡ଼ା ସେ ବହି ଥାକ ସାମନାରେ ଚାରିଆଡ଼େ ପକାଇଲି। ଏଟା ଗୋଟେ ସହଜ କୌଶଳ; କିନ୍ତୁ ବେଶ୍ ଫଳପ୍ରଦ ହେଲା। ତାପରେ ଆମେ ତଳକୁ ଗଲେ। ତୁମ ଆଗରେ ମୁଁ କହିଥିଲି, ପ୍ରଫେସର୍ କୋରାମ୍‌ଙ୍କ ଖାଇବା ବଢ଼ି ଯାଇଛି। ତୁମେ ସେ କଥା ବୁଝିପାରିଲନାହିଁ। ତାପରେ ଆମେ ଉପର ରୁମ୍‌କୁ ଗଲେ। ସିଗାରେଟ୍ ଟିଣଟା ମୁଁ ଜାଣି ଜାଣି ତଳେ ପକାଇଦେଲି। ଫଳରେ ମେଜଆଟା ଭଲଭାବେ ପରୀକ୍ଷା କରିବାର ସୁଯୋଗ ମିଳିଲା। ସିଗାରେଟ୍ ପାଉଁଶ ଉପର ଚିହ୍ନରୁ ମୁଁ ଜାଣିଲି ଆମେ ନଥିବା ବେଳେ ସେ ନାରୀ ବାହାରକୁ ଆସିଥିଲେ। ସେ ଲୁଚି ରହିଥିବା ଜାଗାଟା ବେଶ୍ ସହଜରେ ଜାଣିହେଲା। ହଉ ହପକିନ୍‌ସ। ଚାରିଙ୍ଗକ୍ରସ୍ ଷ୍ଟେସନ୍ ହୋଇଗଲା। ତୁମେ କେଶ୍‌ରେ ଏପରି କୃତକାର୍ଯ୍ୟ ହୋଇଥିବାରୁ ମୁଁ ତୁମକୁ ଅଭିନନ୍ଦନ କରୁଛି। ତୁମେ ନିଶ୍ଚୟ ସ୍କଟଲାଣ୍ଡ ୟାର୍ଡ଼ ଯିବ। ଆସ ୱାଟ୍‌ସନ୍, ଆମେ ଗୋଟେ ଗାଡ଼ି କରି ରୁଷିଆ ଦୂତାବାସକୁ ଯିବା।

* * *

ଚାର୍ଲସ୍ ଅଗଷ୍ଟସ୍ ମିଲ୍‌ଭର୍‌ଟନ୍

ମୁଁ ଯେଉଁ ଘଟଣା କଥା କହୁଛି ସେ କେତେ ବର୍ଷ ତଳର କଥା । ତଥାପି ତାକୁ ପରୋକ୍ଷଭାବରେ କହିବାକୁ ମୁଁ କିଛିଟା ସଙ୍କୋଚ ବୋଧକରୁଛି । ଯଥେଷ୍ଟ ବିଚାରକରି ଆଉ ସଂଯତ ହୋଇ ମଧ୍ୟ ଏ କଥା ଆହୁରି ଅନେକ ଦିନଯାଏ ପ୍ରକାଶ କରିହୁଅନ୍ତାନାହିଁ । କିନ୍ତୁ ଏବେ ଏ ଘଟଣାରେ ସମ୍ପୃକ୍ତ ପ୍ରଧାନ ଲୋକ ମଣିଷ ଗନ୍ତା ଆଇନ ହାତରୁ ଅନେକ ଦୂରକୁ ଚାଲି ଯାଇଛନ୍ତି ଏବଂ ଯେତେଟା ଗୋପନୀୟତା ସମ୍ଭବ ରକ୍ଷାକରି କାହାରିକୁ ଆଘାତ ନ ଦେଲାପରି କଥାଟା କୁହାଯାଇପାରେ । କୌଣସି ତାରିଖ ବା କୌଣସି ଘଟଣା (ଯାହା ପ୍ରକୃତ ଘଟଣା ଖୋଜି ବାହାର କରିବାରେ ସାହାଯ୍ୟ କରିବ) ଗୋପନ ରଖିଲେ ପାଠକମାନେ ମୋତେ କ୍ଷମାକରିବେ ।

ହୋମ୍‌ସ ଆଉ ମୁଁ ସନ୍ଧ୍ୟାରେ ବୁଲିବା ପାଇଁ ବାହାରି ଯାଇଥିଲୁ । ଶୀତ ଦିନର ଥଣ୍ଡା ଆଉ କୁହୁଡ଼ିଆ ସନ୍ଧ୍ୟା । ଫେରିଲୁ ପ୍ରାୟ ଛଅଟା ବେଳକୁ । ହୋମ୍‌ସ ଲ୍ୟାମ୍ପଟା ତେଜିଦେଲା ମାତ୍ରେ ଆଲୁଅଟା ଟେବୁଲ ଉପରେ ଥିବା ଖଣ୍ଡେ କାର୍ଡରେ ପଡ଼ିଲା । ସେ ତା'ଉପରେ ଆଖି ବୁଲାଇ ନେଇ ବିରକ୍ତିରେ ସେଇଟାକୁ ମେଜିଆ ଉପରକୁ ଫିଙ୍ଗିଦେଲେ । ମୁଁ କାର୍ଡଟା ଉଠାଇନେଇ ପଢ଼ିଲି :

ଚାର୍ଲସ୍ ଅଗଷ୍ଟସ୍ ମିଲ୍‌ଭର୍‌ଟନ୍
ଆପ୍‌ଲ୍ ଡୋର୍ ଟାଉଆର୍ସ
ହାମ୍ପ୍ ଷ୍ଟେଡ୍ ।

ଏଜେଣ୍ଟ ।

ପଚାରିଲି, "ସେ କିଏ ?" ହୋମ୍‌ସ ବସିପଡ଼ି ନିଆଁ ପାଖକୁ ଗୋଡ଼ ଲମ୍ବାଇଦେଇ କହିଲେ, "ଲଣ୍ଡନର ସବୁଠୁ ଜଘନ୍ୟ ଲୋକ । କାର୍ଡ ପଛ ପାଖରେ କିଛି ଲେଖାଅଛି ?"

Digitized by srujanika@gmail.com

ମୁଁ ପତ୍ରପାଖଟା ଓଲଟାଇ ଦେଖିଲି । ପଢ଼ିଲି, "ଯାତ୍ରେ ଛଅଟାବେଳେ ସାକ୍ଷାତ କରିବାକୁ ଯିବି — ଚ୍. ଅ. ମି ।"

"ହଁ, ସେ ଆସି ପହଞ୍ଚିବା ସମୟ ପ୍ରାୟ ହୋଇଗଲା । ଚିଡ଼ିଆଖାନାରେ ସାପମାନଙ୍କ ଆଗରେ ଠିଆହୋଇ ହଲଚଲ ହେଉଥିବା ସେଇ ବିଷାକ୍ତ ଜୀବ ଆଉ ତାଙ୍କ ଚେପ୍ଟା ମୁହଁ ଦେଖିଲେ ମନରେ କେଉଁ ଭାବ ଆସେ ତୁମେ ଅନୁଭବ କରିପାରୁଛ ୱାଟ୍ସନ୍? ମିଲ୍ଭରଟନ୍ ଉପରେ ମୋର ସେଇ ଧାରଣା । ମୋ ଜୀବନରେ ମୁଁ ପଚାଶରୁ ଅଧିକ ହତ୍ୟାକାରୀଙ୍କ ମୁକାବିଲା କରିଛି । କିନ୍ତୁ ତାଙ୍କ ଭିତରେ ଯେ ସବୁଠୁ କଦର୍ଯ୍ୟ ତା'ପ୍ରତି ବି ମୋର ଯେଉଁ ଘୃଣା ତା ଏ ଲୋକ ପ୍ରତି ଘୃଣାଠାରୁ ଅଧିକ ନୁହେଁ । ତଥାପି ତା ସାଥିରେ କଥାବାର୍ତ୍ତା ନ କରିବାକୁ ମୋର ଉପାୟ ନାହିଁ । ସେ ପ୍ରକୃତରେ ମୋ ନିମନ୍ତ୍ରଣରେ ଏଠିକି ଆସୁଛି ।"

"କିନ୍ତୁ ସେ କିଏ ?"

"ମୁଁ କହୁଛି ୱାଟ୍ସନ୍ । ସେ ହେଲା ବ୍ଲାକ୍ମେଲର୍ମାନଙ୍କ ରାଜା । ଯେଉଁ ଭଦ୍ର ଲୋକ ଆଉ ଭଦ୍ରମହିଳାଙ୍କର କିଛି ଗୁପ୍ତକଥା ମିଲ୍ଭରଟନ୍ ହାତରେ ପଡ଼ିଗଲା, ଭଗବାନ କେବଳ ତାଙ୍କର ସାହା । ହସହସ ମୁହଁ ଅଥଚ ପଥର ପରି କଠୋର ହୋଇ ସେ ତାଙ୍କଠାରୁ ରସ ଚିପୁଡ଼ି ଚିପୁଡ଼ି ଶୁଖିଲା କରିଦେବ । ଲୋକଟା ତା କାମରେ ବିଚକ୍ଷଣ ଏବଂ ଅନ୍ୟ ଯେ କୌଣସି ଭଲ ବ୍ୟବସାୟରେ ଯଥେଷ୍ଟ ନାଁ କରିପାରିଥାନ୍ତା । ତାର ପଦ୍ଧତି ହେଲା ନିମ୍ନ ପ୍ରକାର । ଧନୀ ଆଉ ପଦସ୍ଥଲୋକଙ୍କ ସମ୍ପର୍କରେ ଚିଠି ପାଇଁ ସେ ଖୁବ୍ ବେଶୀ ପଇସା ଦେବ ବୋଲି ଜଣାଇଦିଏ । ଏଇ ଚିଠିପତ୍ର ସେ ଯେ କେବଳ ବିଶ୍ୱାସଘାତକ ଚାକର ଚାକରାଣୀଙ୍କ ଠାରୁ ପାଏ ତା ନୁହେଁ, ଯେଉଁ ଗୁଣ୍ଡାଗୁଣ୍ଡା ଭଦ୍ରଲୋକ ବୋଲି ଦେଖାଇହୋଇ ଭଦ୍ରମହିଳାମାନଙ୍କର ବିଶ୍ୱାସ ଆଉ ସ୍ନେହଭାଜନ ହୋଇଥାନ୍ତି ସେମାନଙ୍କଠାରୁ ବି ପାଏ । ଏ ସବୁରେ ପଇସା ଦେବାରେ ସେ ମୋଟେ କୃପଣ ନୁହେଁ । ମୁଁ ଜାଣିଛି ଯେ ସେ ଦୁ'ଧାଡ଼ିର ଖଣ୍ଡେ ଚିଠି ପାଇଁ ଜଣେ ଚାକରକୁ ସାତ ଶହ ପାଉଣ୍ଡ ଦେଇଥିଲା ଆଉ ତା ଫଳରେ ଗୋଟେ ସମ୍ଭ୍ରାନ୍ତ ପରିବାର ନଷ୍ଟ ହୋଇଗଲା । ଏଇ ପ୍ରକାର ସବୁ

Digitized by srujanika@gmail.com

ଚାର୍ଲି ମିଲ୍‌ଭର୍‌ଟନ୍‌ ହାତକୁ ଯାଏ ଆଉ ଏ ସହରର ଶହ ଶହ ଲୋକ ତା' ନାଁ ଶୁଣିଲେ ଥରିଯାଆନ୍ତି । କେତେବେଳେ କାହା ଉପରେ ତା ହାତ ପଡ଼ିବ କେହି ଜାଣେନା । କାରଣ ସେ ଯଥେଷ୍ଟ ଧନୀ ଆଉ ଧୂର୍ତ୍ତ । ପଇସା ପାଇଁ କେବେ ତରତର ହୁଏ ନାହିଁ । ବର୍ଷ ବର୍ଷ ଧରି ସେ ଅପେକ୍ଷା କରି ରହେ ଆଉ ଠିକ୍‌ ବେଳକାଳ ଦେଖି ତା କାମ ଆରମ୍ଭ କରେ ଆଉ ପ୍ରଚୁର ଅର୍ଥ ପାଏ । ମୁଁ କହୁଛି, ସେ ଲଣ୍ଡନର ସବୁଠୁଁ କଦର୍ଯ୍ୟ ଲୋକ । ଜଣେ ଗୁଣ୍ଡା ରାଗବେଳେ ତା ସାଙ୍ଗକୁ ମଧ୍ୟ ମାଡ଼ ଦେଇଥାଏ । କିନ୍ତୁ ଏ ଲୋକ ଠିକଣାବେଳରେ ଆମ୍ଭ ଉପରେ ଅତ୍ୟାଚାର କରି ତାର ଭର୍ତ୍ତି ପଇସାଥଳିକୁ ଆହୁରି ବଢ଼ାଏ । ତେଣୁ କୌଣସି ଗୁଣ୍ଡା ସାଥିରେ ମଧ୍ୟ ତାକୁ ତୁଳନା କରାଯାଇ ପାରେନା ।"

ମୋ ବନ୍ଧୁ ଏମିତି ଆବେଗରେ କଥା କହିବାର ମୁଁ କେବେ ଶୁଣି ନାହିଁ । କହିଲି, "କିନ୍ତୁ ଲୋକଟା ତ ନିଶ୍ଚୟ ଆଇନର ହାତମୁଠା ଭିତରକୁ ଆସି ପାରିବ ?"

"ଆଇନ ଦୃଷ୍ଟିରୁ ନିଶ୍ଚୟ; କିନ୍ତୁ ବାସ୍ତବତା ଦୃଷ୍ଟିରୁ ନୁହେଁ । ଉଦାହରଣ ସ୍ୱରୂପ ଜଣେ ଭଦ୍ରମହିଳାଙ୍କର ଜୀବନ ନଷ୍ଟ ହୋଇ ସେ ଯଦି କେତେ ମାସ ଜେଲ୍‌ ଗଲା ତେବେ ଭଦ୍ରମହିଳାଙ୍କର ସେଥିରେ ଲାଭ କ'ଣ ? ତାର ଶିକାରମାନେ ତା ବିରୁଦ୍ଧରେ କିଛି କରିବାକୁ ସାହସ କରନ୍ତି ନାହିଁ । ସେ ଯଦି କୌଣସି ନିର୍ଦୋଷ, ନିରୀହ ଲୋକକୁ ବ୍ଲାକ୍‌ମେଲ୍‌ କରନ୍ତା ଆମେ ତାକୁ ଧରନ୍ତେ । କିନ୍ତୁ ସେ ଭାରି ଚାଲାଖ୍‌ । ନା ନା, ୱାଟ୍‌ସନ୍‌, ଆମେ ତାର ମୁକାବିଲା କରିବା ପାଇଁ ଅନ୍ୟ କିଛି ବାଟ କରିବା ।"

"ତାଙ୍କୁ କାହିଁକି ଡକାଇଛ ?"

"କାରଣ ମୋର ଜଣେ ବିଖ୍ୟାତ ମକ୍କେଲ ତାଙ୍କର କରୁଣ କେସ୍‌ ମୋ ହାତରେ ଅର୍ପଣ କରିଛନ୍ତି । ସେ ହେଉଛନ୍ତି ଗଲବର୍ଷର ସର୍ବଶ୍ରେଷ୍ଠ ସୁନ୍ଦରୀ ଲେଡ଼ି ଇଭାବ୍ରାକୱେଲ । ଏଇ ପନ୍ଦରଦିନପରେ ଡୋଭରକୋର୍ଟର୍‌ ଆର୍ଲଙ୍କ ସହିତ ତାଙ୍କର ବିବାହ ହେବା କଥା । କିନ୍ତୁ ଏଇ ସଇତାନ ହାତରେ କେତେ ଗୁଡ଼େ ଅପରିଣାମଦର୍ଶୀ ଚିଠି ପଡ଼ିଛି । ଅପରିଣାମଦର୍ଶୀ ୱାଟ୍‌ସନ୍‌ ଆଉ ଅଧିକା ଖରାପ କିଛି ନୁହେଁ । ଏଇ ଚିଠିଗୁଡ଼ା ଇଭା ଜଣେ ଗରିବ

Digitized by srujanika@gmail.com

ଗାଉଁଲି ଯୁବକ ପାଖକୁ ଲେଖିଥିଲେ । ବିବାହ ନିର୍ବନ୍ଧଟା ଭାଙ୍ଗି ଦେବା ପାଇଁ ସେ ଚିଠି ଯଥେଷ୍ଟ । ମିଲ୍‌ଭର୍ଟନ ପ୍ରଚୁର ଅର୍ଥ ନ ପାଇଲେ ସେ ଚିଠିଗୁଡ଼ା ଆର୍ଲଙ୍କ ପାଖକୁ ପଠାଇଦେବ । ତା’ସାଥିରେ ପଇସାପଣ ବିଷୟରେ କଥାବାର୍ତ୍ତା କରିବା ପାଇଁ ମୋତେ କ୍ଷମତା ଦିଆଯାଇଛି ।”

ଏତିକିବେଳେ ତଳେ ରାସ୍ତାରେ ଘୋଡ଼ାଟାପୁ ଆଉ ଘୋଡ଼ାଗାଡ଼ିର ଶବ୍ଦ ଶୁଭିଲା । ମୁଁ ତଳକୁ ଚାହିଁ ଦେଖିଲି, ଗୋଟାଏ ଚକଚକିଆ ଗାଡ଼ି ଆଉ ଦୁଇଟା ବଡ଼ବଡ଼ ସୁନ୍ଦର ଚିକ୍କଣ ଘୋଡ଼ା । ଜଣେ ଚାକର ଗାଡ଼ିର ଦରଜା ଖୋଲି-ଦେଲା । ଜଣେ ଅଳ୍ପଉଚ୍ଚ ହୃଷ୍ଟପୁଷ୍ଟଲୋକ ଓହ୍ଲାଇ ପଡ଼ିଲେ । ତାଙ୍କ ଦେହରେ ପଶମର ଗୋଟେ ଓଭର୍‌କୋଟ୍ । ମିନିଟ୍‌କ ପରେ ସେ ଆମ ରୁମ୍‌ରେ ପହଞ୍ଚିଲେ ।

ଚାର୍ଲସ ଅଗଷ୍ଟସ୍ ମିଲ୍‌ଭର୍ଟନଙ୍କ ବୟସ ପଚାଶ ବର୍ଷ ହେବ । ମୁଣ୍ଡଟା ବେଶ୍ ବଡ଼ ଆଉ ମୁହଁ ଖୁବ୍ ପରିଷ୍କାର । ସୁନା ଫ୍ରେମ୍‌ର ଚଷମା ଭିତରେ ଧୂସର ଆଖି ଦି’ଟା ଜଳୁଥାଏ । ଚେହେରାରୁ ଜଣାଯାଉଥିଲା ମିଷ୍ଟର୍ ପିକ୍-ଉଇକ୍‌ଙ୍କ ପରି ପରୋପକାରୀ ହୋଇଥିବେ । ଚେହେରା ପରି କଣ୍ଠସ୍ୱର ମଧ୍ୟ ଅତି ଧୀର ଆଉ ମଧୁର । ସେ ହୋମ୍‌ସଙ୍କ ସାଥିରେ କରମର୍ଦ୍ଦନ କରିବା ପାଇଁ ମାଂସାଳ ହାତଟାକୁ ଆଗକୁ ବଢ଼ାଇ ଚାଲିଆସିଲେ । ହୋମ୍‌ସ ସେ ହାତଟାକୁ ବେଖାତିର କରି କଠୋର ଭାବରେ ତାଙ୍କ ଆଡ଼େ ଚାହିଁଲେ । ମିଲ୍‌ଭର୍ଟନଙ୍କ ହସ ଆହୁରି ବଢ଼ିଗଲା । ସେ ଦେହରୁ ଓଭର୍‌କୋଟ୍‌ଟା ବାହାରକରି ଚଉଡାଇ ଚଉକି ପିଠି ଉପରେ ରଖି ବସିଗଲେ । ତା’ପରେ ମୋ ଆଡ଼କୁ ହାତଠାରି କହିଲେ, “ଏ ଭଦ୍ରଲୋକ ? କିଛି ଅସୁବିଧା ହେବ ନାହିଁ ତ ?”

“ଡାକ୍ତର ୱାଟ୍‌ସନ୍ ମୋର ବନ୍ଧୁ ଆଉ ସହକର୍ମୀ ।”

“ଭଲ କଥା । ମୁଁ ଆପଣଙ୍କ ମହକିଲଙ୍କ ସ୍ୱାର୍ଥଦୃଷ୍ଟିରୁ କହୁଥିଲି । କାରଣ କଥାଟା ଅତି ସଙ୍କୋଚଜନକ ।”

“ଡାକ୍ତର ୱାଟ୍‌ସନ୍ ଘଟଣାଟା ଶୁଣିସାରିଛନ୍ତି ।”

“ତା’ହେଲେ ଏଥର କାମଟା ଆରମ୍ଭ କରିଦେବା । ଆପଣ କହୁଛନ୍ତି ଯେ,

Digitized by srujanika@gmail.com

ଆପଣ ଲେଡ଼ି ଇଭାଙ୍କ ପ୍ରତିନିଧି । ମୋର ସର୍ତ୍ତ ଗ୍ରହଣ କରିବା ପାଇଁ ସେ ଆପଣଙ୍କୁ କ୍ଷମତା ଦେଇଛନ୍ତି ?"

"ଆପଣଙ୍କ ସର୍ତ୍ତ କ'ଣ ?"

"ସାତ ହଜାର ପାଉଣ୍ଡ ।"

"ତାର ବିକଳ୍ପ କ'ଣ ?"

"ଦେଖନ୍ତୁ ଆଜ୍ଞା । କଥାଟା ଆଲୋଚନା କରିବାକୁ ମୋ ମନରେ କଷ୍ଟ ଆସୁଛି । କିନ୍ତୁ ଚଉଦ ତାରିଖ ଦିନ ପଇସାଟା ମୋତେ ଦିଆ ନ ଗଲେ ଅଠର ତାରିଖରେ ବିବାହ ହୋଇପାରିବନାହିଁ ।"

ହୋମ୍‌ସ ଟିକିଏ ଭାବି କହିଲେ, "ଆପଣ କଥାଟା ଅତିମାତ୍ରାରେ ନିଶ୍ଚିତ ବୋଲି ଧରି ନେଉଛନ୍ତି । ମୁଁ ଅବଶ୍ୟ ସେ ଚିଠିର ବିଷୟବସ୍ତୁ ସହିତ ପରିଚିତ । ମୁଁ ଯାହା ଉପଦେଶ ଦେବି ମୋ ମକ୍କେଲ ନିଶ୍ଚୟ ତା କରିବେ । ତାଙ୍କର ଭାବି ସ୍ୱାମୀଙ୍କୁ ସବୁ କଥା କହି ତାଙ୍କ ଦୟା ଉପରେ ଭରସା ରଖିବାକୁ ମୁଁ ତାଙ୍କୁ ଉପଦେଶ ଦେବି ।"

ହସି ଉଠି ମିଲ୍‌ଭର୍‌ଟନ୍ କହିଲେ, "ଆପଣ ତା'ହେଲେ ଆର୍ଲଙ୍କୁ ଜାଣନ୍ତି ନାହିଁ ।"

ହୋମ୍‌ସଙ୍କ ପ୍ରତାରଣାପୂର୍ଣ୍ଣ ଆଖିରୁ ବୁଝିଲି ସେ ଆର୍ଲଙ୍କୁ ଜାଣନ୍ତି । ସେ ପଚାରିଲେ, "ଚିଠିଗୁଡ଼ାକରେ କ୍ଷତିକାରକ କ'ଣ ଅଛି ?"

ମିଲ୍‌ଭର୍‌ଟନ୍ ଉତ୍ତର ଦେଲେ, "ସେ ଗୁଡ଼ାକ ବେଶ୍ ରସମୟ । ଲେଡ଼ି ଇଭା ଜଣେ ଚମତ୍କାର ଲେଖିକା । କିନ୍ତୁ ମୁଁ ଜୋର୍‌ଦେଇ କହିପାରେ, ଡୋଭର୍‌କୋର୍ଟର ଆର୍ଲ ସେଗୁଡ଼ାକ ପସନ୍ଦ କରିବେ ନାହିଁ । ଆପଣଙ୍କ ମକ୍କେଲଙ୍କର ସ୍ୱାର୍ଥଦୃଷ୍ଟିରୁ ଏଇ ଚିଠିଗୁଡ଼ା ଆର୍ଲଙ୍କ ହାତକୁ ଗଲେ ଭଲ ହେବ ବୋଲି ଆପଣ ଯଦି ଭାବୁଛନ୍ତି, ତା ହେଲେ ସେ ଚିଠିଗୁଡ଼ା ପାଇବା ପାଇଁ ଆପଣ ଏତେ ପଇସା ଦେବା ବୋକାମୀ ହେବ ।" ସେ ଉଠି ତାଙ୍କ ଓଭର୍‌କୋଟ୍‌ଟା ଚଉକି ଉପରୁ ଟାଣିନେଲେ ।

ରାଗ ଆଉ ଅଡ଼ୁଆରେ ହୋମ୍‌ସ ନାଲି ପଡ଼ିଗଲେ । କହିଲେ, "ଟିକିଏ ରହନ୍ତୁ । ଆପଣ ଅତି ବ୍ୟଗ୍ର ହୋଇପଡ଼ୁଛନ୍ତି । ଏପରି ଏକ ଲଜ୍ଜାକର

Digitized by srujanika@gmail.com

ଘଟଣାରେ ଅପବାଦଠୁ ଦୂରେଇ ରହିବାକୁ ଆମେ ନିଶ୍ଚୟ ସବୁପ୍ରକାର ଚେଷ୍ଟାକରିବୁ ।"

ମିଲ୍‌ଭର୍‌ଟନ୍ ପୁଣି ଚଉକିରେ ବସିପଡ଼ି କହିଲେ, "ମୁଁ ଜାଣିଥିଲି ଆପଣ ନିଶ୍ଚୟ ସେଇ ଦୃଷ୍ଟିରୁ କଥାଟା ବିଚାର କରିବେ ।"

ହୋମ୍‌ସ କହି ଚାଲିଲେ, "ତା ସାଙ୍ଗେ ସାଙ୍ଗେ ଆପଣ ବୁଝିବା ଉଚିତ ଯେ ଲେଡ଼ି ଇଭା ମୋଟେ ଧନୀ ନୁହନ୍ତି । ଦୁଇହଜାର ପାଉଣ୍ଡ ହେଲା ବେଳକୁ ତାଙ୍କର ସବୁ ସମ୍ପତ୍ତି ସଫା ହୋଇଯାଇଥିବ । ଆପଣ ଯେତେ ପଇସା କହୁଛନ୍ତି ତା ତାଙ୍କ ଶକ୍ତିର ପୂରା ବାହାରେ । ତେଣୁ ମୋର ଅନୁରୋଧ ଆପଣ ଆପଣଙ୍କ ଦାବି ଟିକିଏ କମାନ୍ତୁ । ଆଉ ମୁଁ ଯେତିକି କହିଲି ସେତିକିନେଇ ଚିଠିଗୁଡ଼ା ଫେରାଇ ଦିଅନ୍ତୁ । ଅତି ବେଶି ହେଲେ ଆମେ ସେଇ ଦୁଇହଜାର ଦେଇ ପାରିବୁ ।"

"ଲେଡ଼ି ଇଭାଙ୍କ ସମ୍ପତ୍ତି ବିଷୟରେ ଆପଣ ଯାହା କହିଲେ ସେ କଥା ମୋତେ ଜଣାଅଛି । ତା'ସାଙ୍ଗେ ସାଙ୍ଗେ ଆପଣ ନିଶ୍ଚୟ ସ୍ୱୀକାର କରିବେ ଯେ, ଜଣେ ଭଦ୍ରମହିଳାଙ୍କର ବନ୍ଧୁବାନ୍ଧବ, ସାଙ୍ଗସାଥିମାନେ ତାଙ୍କୁ ସାହାଯ୍ୟ କରିବାର ଉପଯୁକ୍ତ ସମୟ ହେଲା ତାଙ୍କ ବିବାହ ସମୟ । ଏ ପ୍ରକାର ଉପହାର ଭଲ ହେବ ନାହିଁ ବୋଲି ସେମାନେ କୁଣ୍ଠିତ ହୋଇପାରନ୍ତି । କିନ୍ତୁ ମୁଁ ତାଙ୍କୁ ବୁଝାଇଦେବି ଯେ ଯେକୌଣସି ଆଲୋକସଜ୍ଜା ଆଉ ଖିଆପିଆ ଅପେକ୍ଷା ଏଇ ଚିଠି ବିଡ଼ାଟା ସେମାନଙ୍କୁ ବେଶି ଆନନ୍ଦ ଦେବ ।"

"ଏହା ଅସମ୍ଭବ ।"

ମିଲ୍‌ଭର୍‌ଟନ୍ ଗୋଟେ ମୋଟା ପକେଟ୍ ବୁକ୍ ବାହାରକରି କହିଲେ, "କି ଦୁର୍ଭାଗ୍ୟର କଥା ! ନାରୀମାନଙ୍କୁ ଚେଷ୍ଟା ନ କରିବାକୁ କହିବାଟା ସଦୁପଦେଶ ନୁହେଁ ବୋଲି ମୁଁ ଭାବୁଛି । ଏଇଟା ଦେଖନ୍ତୁ ।" ସେ ଖଣ୍ଡେ ଲଫାଫା ହାତରେ ଧରି ଦେଖାଇଲେ । ସେଥିରେ ଆର୍ଲବଂଶର ସଙ୍କେତ ଥିଲା । "ଏଇଟା କାହାର ସେକଥା କାଲି ସକାଳ ପୂର୍ବରୁ କହିବାଟା ବୋଧହୁଏ ଠିକ୍ ହେବ ନାହିଁ । କିନ୍ତୁ ସେତେବେଳକୁ ଏଟା ଠିକଣାଲୋକ ହାତରେ ପଡ଼ିସାରିଥିବ । ସାମାନ୍ୟ କିଛି ପଇସା ପାଇଁ ଏସବୁ ଘଟିଯିବ । ବଡ଼ କରୁଣ କଥା । ମିସ୍‌ ମିରେଭିଲ୍

Digitized by srujanika@gmail.com

କୁମାରୀ ମାଇଲସ୍‌ ଆଉ କର୍ଣ୍ଣେଲ୍ ଡୋର୍‌କଙ୍ଗ୍‌ଙ୍କ ବିବାହ ବନ୍ଧନ କେମିତି ହଠାତ୍ ଭାଙ୍ଗିଗଲା ଆପଣଙ୍କର ମନେଥିବ । ବିବାହର ମାତ୍ର ଦୁଇଦିନ ପୂର୍ବରୁ ମର୍ନିଙ୍ଗ୍ ପୋଷ୍ଟ ଖବରକାଗଜରେ ସେ ସମ୍ବାଦ ପ୍ରକାଶିତ ହୋଇଥିଲା । କିନ୍ତୁ କାହିଁକି ଏ ବନ୍ଧନ ଭାଙ୍ଗିଲା । କେହି ହୁଏତ ବିଶ୍ୱାସ କରିବେ ନାହିଁ; ମାତ୍ର ବାରଣହିଁ ପାଉଣ୍ଡ ସବୁକଥା ଠିକ୍ କରିଦେଇଥାନ୍ତା । କଥାଟା ବଡ଼ କରୁଣ ନୁହେଁ ? ତଥାପି ଆପଣଙ୍କପରି ଜଣେ ବିଚକ୍ଷଣବ୍ୟକ୍ତିଲୋକ ମୂଲେଇ କରୁଛନ୍ତି; ଅଥଚ ଆପଣଙ୍କ ମହକିଲଙ୍କ ଭବିଷ୍ୟତ ଆଉ ମାନସମ୍ମାନ ଧୂଳିସାତ ହେବା ଉପରେ ! ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି ମିଷ୍ଟର ହୋମ୍‌ସ ।"

ହୋମ୍‌ସ ଉତ୍ତରଦେଲେ, "ମୁଁ ଯାହା କହୁଛି ପୂରା ଠିକ୍ । ଏତେ ପଇସା ହୋଇପାରିବନାହିଁ । ମୁଁ ଯେତିକି କହିଲି ସେ କିଛି କମ୍ ନୁହେଁ । ଆପଣ ସେଇତିକି ଗ୍ରହଣକଲେ ବରଂ ଭଲ ହେବ । ଏଇ ଭଦ୍ରମହିଳାଙ୍କ ଜୀବନ ନଷ୍ଟକରି ଆପଣଙ୍କର କିଛି ଲାଭହେବ ନାହିଁ ।"

ସେଇଠି ଆପଣ ଭୁଲ୍‌କରୁଛନ୍ତି ମିଷ୍ଟର୍ ହୋମ୍‌ସ । ଏକଥାଟା ପଦାରେ ପଡ଼ିଗଲେ ପରୋକ୍ଷଭାବରେ ମୋର ଯଥେଷ୍ଟ ଲାଭ ହେବ । ଏଇପରି ଆଉ ଆଠ ଦଶଟା କେସ୍ ମୋ ହାତରେ ଅଛି । ଲେଡ଼ି ଇଭାଙ୍କ କାହାଣୀ ତାଙ୍କ ଭିତରେ ପ୍ରଚାରିତ ହୋଇଗଲେ ସେମାନେ ଠିକ୍ ବାଟକୁ ଆସିଯିବେ । ବୁଝିପାରିଲେ ତ ?"

ହୋମ୍‌ସ ଧୂମ୍‌କରି ଚଉକିରୁ ଉଠିପଡ଼ି କହିଲେ, "ତାଙ୍କ ପଛରେ ଠିଆ ହୋଇଯାଅ ଡ୍ୱାଟ୍‌ସନ୍ । ତାଙ୍କୁ ଖୁଲିଯିବାକୁ ଦିଅନା । ହୁଁ, ଏଥର ମହାଶୟ, ସେଇ କୋଟ୍ ବନ୍ଧଭିତରେ କ'ଣ ଅଛି ଦେଖିବା ।"

ମିଲ୍‌ଭର୍‌ଟନ୍ ଗୋଟେ ମୂଷାପରି ଚଟ୍‌କରି ଘରର ଗୋଟେ କଡ଼କୁ ଖସିଯାଇ କାନ୍ଥକୁ ପିଠିଦେଇ ଠିଆହୋଇଗଲେ । ତା'ପରେ କୋଟ୍‌ଭିତରୁ ଗୋଟେ ବଡ଼ ରିଭଲ୍‌ଭର୍ ଦେଖାଇ କହିଲେ, "ମିଷ୍ଟର୍ ହୋମ୍‌ସ, ମୁଁ ଏଇପରି କିଛି ଆଶାକରୁଥିଲି । ଆପଣ ଏପରି କେତେଥର କରିଛନ୍ତି; କିନ୍ତୁ ସେଥିରେ ଲାଭ କ'ଣ ? ଆପଣ ଜାଣିରଖନ୍ତୁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଆଉ ଦର୍କାର ହେଲେ ମୋର ଅସ୍ତ୍ର ବ୍ୟବହାର କରିପାରେ । କାରଣ ଆଇନ୍

Digitized by srujanika@gmail.com

ମୋତେ ସମର୍ଥନ କରିବ । ତା'ଛଡ଼ା ଚିଠିଗୁଡ଼ା ଏଇ ନୋଟ୍ ବହି ଭିତରେ ମୁଁ ଆଣିଛିବୋଲି ଆପଣ ଭାବିବାଟା ନିହାତି ଭୁଲ । ମୁଁ ଏଡ଼େ ବୋକା ନୁହେଁ । ହଉ, ମୋର ଆଜି ସନ୍ଧ୍ୟାରେ ଆଉ ଜଣେ ଦି'ଜଣଙ୍କ ସହିତ ଦେଖାକରିବାର ଅଛି ଆଉ ହାମ୍ପଷ୍ଟେଡ୍ ଏଠୁ ଗୁଡ଼ାଏବାଟ ।" ସେ ହାତରେ ରିଭଲ୍‌ଭର୍‌ଟା ଧରି ଆଗକୁ ଆସି ତାଙ୍କ କୋଟ୍‌ଟାନେଇ ଦରଜାଆଡ଼କୁ ଚାଲିଗଲେ । ମୁଁ ଗୋଟେ ଚଉକି ଉଠାଇ ଧରିଲି; କିନ୍ତୁ ହୋମ୍‌ସ ମୁଣ୍ଡ ହଲାଇ ମନାକଲେ ଆଉ ମୁଁ ଚଉକିଟା ଥୋଇଦେଲି । ସାମାନ୍ୟ ମୁଣ୍ଡ ନୁଆଁଇ କର୍ଣିଶ କରି ହସି, ଆଖିମିଟିକାମାରି ମିଲ୍‌ଭର୍‌ଟନ୍ ଘରଭିତରୁ ଚାଲିଗଲେ । ଟିକିଏପରେ ଘୋଡ଼ାଗାଡ଼ିର ଦରଜା ବନ୍ଦହେବା ଆଉ ଚକ ଗଡ଼ିବା ଶବ୍ଦ ଶୁଣାଗଲା ।

ହୋମ୍‌ସ ଟ୍ରାଉଜର୍ ପକେଟ୍‌ରେ ହାତପୂରାଇ ନିଶ୍ଚଳହୋଇ ନିଆଁ ପାଖରେ ବସିଗଲେ । ମୁଣ୍ଡଟା ଛାତିଉପରକୁ ଲଇଁ ପଡ଼ିଥାଏ । ଆଖିଦି'ଟା ଜଳନ୍ତା ନିଆଁ ଉପରେ ସ୍ଥିରହୋଇ ରହିଥାଏ । ଅଧଘଣ୍ଟାଏ ଯାଏ ସେ ନୀରବ ନିଶ୍ଚଳହୋଇ ବସିରହିଲେ । ତା'ପରେ କିଛି ଗୋଟେ ସିଦ୍ଧାନ୍ତ କଲାପରି ସେ ଚଟ୍‌କରି ଉଠି ଠିଆହୋଇ ତାଙ୍କ ଶୋଇବାଘର ଭିତରକୁ ଚାଲିଗଲେ । ଟିକିଏ ପରେ ଜଣେ କର୍ମ ତତ୍ପର ଯୁବକ ଘରୁ ବାହାରି ଆସିଲା । ମୁହଁରେ ଅଳ୍ପ ଅଳ୍ପ ଦାଢ଼ି । ମାଟିର ପାଇପ୍‌ଟା ଲଗାଇ ସେ ରାସ୍ତାକୁ ଓହ୍ଲାଇଗଲା । "ମୁଁ କିଛି ସମୟ ପରେ ଫେରିବି ୱାଟ୍‌ସନ୍," ଏତିକି କହି ସେ ରାତିର ଅନ୍ଧାର ଭିତରେ ମିଶିଗଲା । ମୁଁ ଜାଣିଲି ହୋମ୍‌ସ ଚାର୍ଲସ୍ ଅଗଷ୍ଟସ୍ ମିଲ୍‌ଭର୍‌ଟନ୍ ବିରୁଦ୍ଧରେ ତାଙ୍କର ଅଭିଯାନ ଆରମ୍ଭ କଲେ । କିନ୍ତୁ ଏ ଅଭିଯାନର ପରିଣତି କି ବିଚିତ୍ର ଆକାର ଧାରଣ କରିବ ତା ମୁଁ କଳ୍ପନା କରିନଥିଲି ।

କେତେ ଦିନଯାଏ ହୋମ୍‌ସ ବରାବର ଏଇ ପୋଷାକ ପିନ୍ଧି ବାହାରକୁ ଯାଆନ୍ତି ଆଉ ଆସନ୍ତି । ତାଙ୍କଠୁ କେବଳ ଶୁଣିଲି ହାମ୍ପ୍‌ଷ୍ଟେଡ୍‌ରେ ତାଙ୍କ ସମୟ କଟୁଛି ଆଉ ଅକାରଣରେ ନୁହେଁ । ତା'ଛଡ଼ା ସେ କ'ଣ କରୁଛନ୍ତି ସେ ବିଷୟରେ ମୁଁ କିଛି ଜାଣିନଥିଲି । ଶେଷରେ ଦିନେ ସେ ତାଙ୍କ ନୈଶ ଅଭିଯାନରୁ ଫେରିଲେ । ସଂଧ୍ୟାବେଳ । ପ୍ରବଳ ଝଡ଼ତୋଫାନ ହେଉଥାଏ । ଛଦ୍ମବେଶଟା

Digitized by srujanika@gmail.com

ଖୋଲିଦେଇ ନିଆଁ ପାଖେ ବସିପଡ଼ି ସେ ମନବୋଧକରି ହସିଲେ । ତା’ପରେ କହିଲେ, "ତୁମେ ମୋତେ ଜଣେ ବିବାହିତ ଲୋକବୋଲି କହିବ ୱାଟ୍‌ସନ୍ ?"

"ନା, ମୋଟେ ନୁହେଁ ।"

"ତୁମର ଶୁଣିବାକୁ ଆଗ୍ରହ ହେବ ଯେ, ମୁଁ ବିବାହ କରିବାପାଇଁ ପ୍ରତିଶ୍ରୁତି ଦେଇଛି ।"

"ହୋମ୍‌ସ, ମୁଁ ତୁମକୁ ଅଭିନନ୍ଦନ --।"

"ମିଲ୍‌ଭର୍ଟନ୍‌ଙ୍କ ଗୃହକର୍ତ୍ରୀଙ୍କୁ ।"

"ହେ ପ୍ରଭୁ, ଏ କ’ଣ କହୁଛ ହୋମ୍‌ସ ?"

"ମୋର ଖବର ଦର୍କାର ।"

"ତଥାପି ତୁମେ ଏତେଟା — ।"

"ଏହା ନିହାତି ଦର୍କାର । ସେଠି ମୋ ନାଁ ଏସ୍କଟ୍ ଆଉ ମୁଁ ଜଣେ ପାଣି ପାଇପ୍ ବସାଇବା ବ୍ୟବସାୟୀ । ମୁଁ ପ୍ରତିଦିନ ସନ୍ଧ୍ୟାରେ ତା ସହିତ ବୁଲିବାକୁ ଯାଇଛି ଆଉ କଥାବାର୍ତ୍ତା କରିଛି । ସେ ଯେଉଁ କଥାବାର୍ତ୍ତା ! ଗୁଡ଼୍, ମୁଁ ଯାହା ଜାଣିବାକୁ ଚାହୁଁଥିଲି ସବୁ ଜାଣିପାରିଛି । ମୋ ହାତ ପାପୁଲିପରି ମିଲ୍‌ଭର୍ଟନ୍‌ଙ୍କ ଘରର ଅନ୍ଧିକନ୍ଧି ସବୁ ମୋତେ ଜଣା ।"

"କିନ୍ତୁ ସେ ଝିଅ କଥା ହୋମ୍‌ସ ?"

"ଆଉ କିଛିବାଟ ନଥିଲା ୱାଟ୍‌ସନ୍ । ଟେବୁଲଉପରେ ଏପରି ଗୋଟେ ବାଜି ପଡ଼ିଲାବେଳେ ତୁମେ ତୁମହାତର ତାସକୁ ଯେତେଦୂରସମ୍ଭବ ଠିକ୍ ଭାବରେ ଖେଳିବା ଦର୍କାର । ଯାହାହେଉ, ସୁଖର କଥା ସେ ଝିଅ ପାଇଁ ମୋର ଜଣେ ପ୍ରତିଦ୍ୱନ୍ଦ୍ୱୀ ଅଛି । ସୁବିଧାପାଇଲେ ସେ ମୋତେ ସଫା କରିଦେବାକୁ ପଛେଇବ ନାହିଁ । କି ଚମତ୍କାର ରାତି ହୋଇଛି !"

"ଏ ପାଗ ତୁମକୁ ଭଲ ଲାଗୁଛି ?"

"ମୋର ଉଦ୍ଦେଶ୍ୟ ସାଧନ ପାଇଁ ଏ ପାଗ ଉପଯୁକ୍ତ । ଆଜି ରାତିରେ ମିଲ୍‌ଭର୍ଟନ୍ ଘରୁ ଚୋରିକରିବା ମୋର ଉଦ୍ଦେଶ୍ୟ ।" --ହୋମ୍‌ସ ଅତି ଧୀରେ ଅଥଚ ଦୃଢ଼ଭାବରେ ଏ କଥା କହିଲେ । ଶୁଣୁ ଶୁଣୁ ମୋ ନିଶ୍ୱାସ

Digitized by srujanika@gmail.com

ବନ୍ଦ ହୋଇଗଲା ଆଉ ଆପାଦମସ୍ତକ ଥରିଗଲା । ଅନ୍ଧାର ରାତିରେ, ବନ୍ଧୁକ ଝଲକରେ ପୃଥିବୀଟା ମୁହୂର୍ତ୍ତିକପାଇଁ ଦେଖାଗଲାପରି ଏ କାମର ଫଳ ମୋ ଆଖି ଆଗରେ ଝଲସି ଉଠିଲା । କେଶ୍‌ର ଅନୁସନ୍ଧାନ, ଆମେ ଧରାପଡ଼ିବା, ଏତେ ମାନସମ୍ମାନପୂର୍ଣ୍ଣ ଜୀବନ ନିନ୍ଦା ଅପବାଦରେ ଶେଷହେବା, ମୋ ବନ୍ଧୁ ସେଇ ବଦ୍‌ମାସ୍ ମିଲ୍‌ଭର୍‌ଟନ୍‌ର ଦୟାର ପାତ୍ର ହେବା ସବୁ ଆଖିଆଗରେ ଦିଶିଗଲା । ମୁଁ କହିଲି, "ତୁମେ କ'ଣ କରିବାକୁ ଯାଉଛ ଟିକିଏ ଚିନ୍ତାକର ହୋମ୍‌ସ ।"

"ବୁଝିଲି ବନ୍ଧୁ, ମୁଁ ସବୁଦିଗରୁ କଥାଟା ବିଚାର କରିଛି । ମୁଁ ବିଚାର ନକରି କୌଣସି କାମ କରେ ନାହିଁ । ତା ନ ହେଲେ ଅନ୍ୟ କିଛି ଉପାୟ ସମ୍ଭବ ଥିଲେ ମୁଁ ଏପରି ଏକ ଦୁଃସାହସିକ ବିପଦସଙ୍କୁଳ ପନ୍ଥା ଧରି ନଥାନ୍ତି । ଆମେ କଥାଟାକୁ ଭଲଭାବେ ଦେଖିବା । ନୀତି ଦୃଷ୍ଟିରୁ କାମଟା ଅନ୍ୟାୟ ନୁହେଁ ବୋଲି ତୁମେ ନିଶ୍ଚୟ ସ୍ୱୀକାର କରିବ । ଜଣଙ୍କ ଘର ଚୋରି କରିବା ଆଉ ତା ପକେଟ୍‌ବୁକ୍ ଜବରଦସ୍ତି ଛଡ଼ାଇବା ଭିତରେ କିଛି ତଫାତ୍ ଅଛି ; ତୁମେ ତ ପୁଣି ସେ କାମରେ ମୋତେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲ ।"

କଥାଟା ମୁଁ ମନେମନେ ଚିନ୍ତା କଲି । କହିଲି, "ହଁ, ଯେ ପର୍ଯ୍ୟନ୍ତ ଆମର ଉଦ୍ଦେଶ୍ୟ ଅନ୍ୟ କୌଣସି ଜିନିଷ ନ ଆଣି କେବଳ ସେଇ ଚିଠିଗୁଡ଼ା ଆଣିବା କାମଟା ନିଶ୍ଚୟ ନୀତି ଦୃଷ୍ଟିରୁ ନ୍ୟାୟ-ସଙ୍ଗତ । କାରଣ ସେ ଚିଠିଗୁଡ଼ା ଅନ୍ୟାୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି ।"

"ଠିକ୍ କହୁଛ । ଯେହେତୁ କାମଟା ନୀତି ଦୃଷ୍ଟିରୁ ଅନ୍ୟାୟ ନୁହେଁ । ମୋତେ କେବଳ ବ୍ୟକ୍ତିଗତ ଦାୟ୍ୱ ବା ସଙ୍କଟକଥା ବିଚାର କରିବାକୁ ହେବ । ଯେତେବେଳେ ଜଣେ ଭଦ୍ରମହିଳା ଉପାୟଶୂନ୍ୟହୋଇ ଜଣେ ଭଦ୍ରଲୋକଙ୍କର ସାହାଯ୍ୟ ଲୋଡ଼ୁଛନ୍ତି ସେତେବେଳେ ଭଦ୍ରଲୋକ ବ୍ୟକ୍ତିଗତ ସଙ୍କଟ ଉପରେ ଜୋର୍ ଦେବା ଉଚିତ୍ ନୁହେଁ ।"

"କିନ୍ତୁ ତୁମେ ବଡ଼ ଅସୁବିଧା ପରିସ୍ଥିତିରେ ପଡ଼ିଯିବ ।"

"ସେଇଟା ତ ବ୍ୟକ୍ତିଗତ ଦାୟିତ୍ୱର ଗୋଟିଏ ଅଂଶ । ଚିଠିଗୁଡ଼ା ପାଇବାର ଅନ୍ୟ କିଛି ବାଟ ସମ୍ଭବ ନୁହେଁ । କାରଣ ଭଦ୍ରମହିଳାଙ୍କର ଏତେ ପଇସା ନାହିଁ କିମ୍ବା ତାଙ୍କୁ ସାହାଯ୍ୟ କରିବାକୁ କେହି ବନ୍ଧୁ ନାହାନ୍ତି । କାଲି ଶେଷ

Digitized by srujanika@gmail.com

ତାରଖ । ଆଜ ରାତ ଭିତରେ ଆମେ ଚଠିଗୁଡ଼ା ନେଇ ନ ଆସିଲେ ଏଇ ସଇତାନ୍‌ଟା ଯାହା କହୁଛି ସେଇଆ କରବ । ତେଣୁ ମୁଁ ମୋ ମକ୍କେଲଙ୍କୁ ତାଙ୍କ ଭାଗ୍ୟ ଉପରେ ଛାଡ଼ିଦେବି କମ୍ବା ମୋର ଶେଷ ଚେଷ୍ଟା କରିବ । ମିଲ୍‌ଭର୍‌ଟନ୍ ଆଉ ମୋ ଭିତରେ ଏଟା ଗୋଟେ ଦ୍ୱନ୍ଦ୍ୱ ଯୁଦ୍ଧ । ତୁମେ ତ ଦେଖିଲ ପ୍ରଥମଥର ସେ କେମିତ ଜିଣିଗଲା । କନ୍ତୁ ଶେଷ ପର୍ଯ୍ୟନ୍ତ ଯୁଦ୍ଧ ନ କଲେ ମୋ ମାନସମ୍ମାନ, ମୋ ସୁନାମ ନଷ୍ଟ ହୋଇଯିବ ।"

"ମୋତେ କନ୍ତୁ ଏଟା ଭଲ ଲାଗୁନାହିଁ । କନ୍ତୁ ଭାବୁଛି ତାହାହିଁ କରିବାକୁ ହେବ । ଆମେ କେତେବେଳେ ବାହାରବା ?"

"ତୁମେ ଯାଇପାରବ ନାହିଁ ।"

"ତାହେଲେ ତୁମେ ବ ଯାଇପାରବ ନାହିଁ । ଏ ଅଭିଯାନରେ ମୋତେ ସାଥିରେ ନ ନେଲେ ମୁଁ ଗୋଟେ ଗାଡ଼ି କର ସିଧାସଳଖ ଥାନାକୁ ଯାଇ ସବୁ କଥା କହଦେବ । ଏ କଥା ନଶ୍ଚିତ ଆଉ ତୁମେ ଜାଣ ମୁଁ କେବେ ମୋ କଥା ଭାଙ୍ଗେ ନାହିଁ ।"

"କନ୍ତୁ ତୁମେ ମୋତେ କଛି ସାହାଯ୍ୟ କରପାରବନାହିଁ ।"

"ସେ କଥା ତୁମେ କେମିତ ଜାଣିଲ ? କେତେବେଳେ କ'ଣ ଘଟିବ ତୁମେ କହପାରବନାହିଁ । ଯାହାହେଉ, ମୁଁ ମୋର ସ୍ଥିର କରସାରଛି । ମାନସମ୍ମାନ ତ ଖାଲ ତୁମର ନୁହେଁ, ଅନ୍ୟ ଲୋକଙ୍କର ମଧ୍ୟ ଅଛି ।"

ହୋମ୍‌ସ ଟିକଏ ବରକ୍ତ ହେଲପର ଜଣାଯାଉଥିଲେ । କନ୍ତୁ ତାଙ୍କ ମୁହଁର ଭାବ ବଦଳଗଲା । ମୋ କାନ୍ଧରେ ହାତ ଥାପୁଡ଼ାଇ ସେ କହଲେ, "ହଉ, ସେଇଆ ହଉ । ଆମେ ବର୍ଷ ବର୍ଷ ଧର ଏ ଘରେ ସାଥିହୋଇ ରହୁଛେ । ଶେଷରେ ଜେଲର ଏକା କୋଠରରେ ସାଥିହୋଇ ରହଲେ କଛିଟା ଭଲ ଲାଗିବ । ତୁମେ ଜାଣ ୱାଟ୍‌ସନ୍, ମୋର ଧାରଣା ଯେ ମୁଁ ଜଣେ ଖୁବ୍ ଦକ୍ଷ ଅପରାଧୀ ହୋଇପାରଥାନ୍ତ । ମୋ ଜୀବନରେ ସେ ଦଗରେ ଏଇ ଗୋଟେ ସୁଯୋଗ ଆସିଛି । ଏଇ ଦେଖ ।" ଡ୍ରୟରର ଭିତରୁ ସେ ଗୋଟେ ପରଷ୍କାର ଚମଡ଼ାଥଳ ବାହାର କଲେ ଆଉ ତାକୁ ଖୋଲ କେତେଗୁଡ଼ାଏ ଚକଚକିଆ ହତଆର ଦେଖାଇଲେ । "ଏଟା ହେଲା ଗୋଟେ ସୁନ୍ଦର ଆଧୁନକ ସିନ୍ଧକାଟ

Digitized by srujanika@gmail.com

ଯନ୍ତ୍ରବାକ୍ସ । ଏହାହେଲା ନକଲ୍ ହୋଇଥିବା ଗ୍ରେଟ ଶାବେଳୀ । ଏହା ହେଲା ହୀରା ମୁନଥିବା କାଚ କାଟିବା ଯନ୍ତ୍ର, ଆଉ ଏସବୁ ନକଲି ଚାବି । ଆଉ ତାଛଡ଼ା ସବୁ ଆଧୁନିକ ଯନ୍ତ୍ରପାତି ଅଛି । ଏଇଟା ବି ମୋ ଡାର୍କ୍ ଲଣ୍ଠନ । ସବୁ ଜିନିଷ ଠିକ୍‌ଠାକ୍ ଅଛି । ତୁମର ଶବ୍ଦ ନହେବା ଭଳି ଜୋତା ଅଛି ?"

"ହଁ, ମୋର ରବର ସୋଲ୍ ଟେନିସ୍ ଜୋତା ।"

"ଚମତ୍କାର ! ଆଉ ମୁଖା ?"

"ମୁଁ କଳା ସିଲ୍କ କନାରେ ଗୋଟେ ଯୋଡ଼େ କରି ନେଇ ପାରିବି ।"

"ଦେଖୁଛି ଏ ଦିଗରେ ତୁମର ଗୋଟେ ସ୍ୱାଭାବିକ ପ୍ରବୃତ୍ତିଅଛି । ବେଶ୍ ଭଲ, ତୁମେ ମୁଖାଗୁଡ଼ା ତିଆରି କରି ପକା । ଯିବା ପୂର୍ବରୁ ଆମେ କିଛି ଖାଇନେବା । ଏବେ ସାଢ଼େ ନଅଟା ବାଜିଛି । ଏଗାରଟା ବେଳକୁ ଆମେ ଗୋଟେ ଗାଡ଼ିରେ ଚର୍ଚ୍ଚରୋଡ଼ଯାଏ ଚାଲିଯିବା । ସେଠୁ ଆପ୍ଲ୍‌ଡୋର୍ ଟାଉଆର୍ ଯାଏ ଚାଲିଚାଲି ଯିବାକୁ ପ୍ରାୟ ପନ୍ଦର ମିନିଟ ଲାଗିବ । ଆମେ ରାତିଅଧ ଆଗରୁ ଆମକାମରେ ଲାଗିଯିବା । ମିଲ୍‌ଭର୍ଟନ୍‌ର ନିଦ ଖୁବ୍ ଗାଢ଼ ଆଉ ସେ ଠିକ୍ ସାଢ଼େ ଦଶଟାବେଳେ ଶୋଇବାକୁ ଯାଏ । ଭାଗ୍ୟ ଭଲଥିଲେ ଆମେ ଲେଡ଼ି ଇଭାଙ୍କ ଚିଠିଯାକ ପକେଟ୍‌ରେ ପୂରାଇ ଦି'ଟାବେଳକୁ ଏଠିକି ଫେରିଆସିବା ।"

ହୋମ୍‌ସ ଆଉ ମୁଁ ଆମର ଦର୍କାରୀ ପୋଷାକ ପିନ୍ଧିନେଲୁ । ଯେ କେହି ଦେଖିଲେ ଭାବିବ ଆମେ ଥିଏଟରରୁ ଘରକୁ ଫେରୁଛୁ । ଅକ୍ସ୍‌ଫୋର୍ଡ଼ ଷ୍ଟ୍ରୀଟ୍‌ରେ ଗୋଟେ ଗାଡ଼ିକରି ଆମେ ହାମ୍ପ୍‌ଷ୍ଟେଡ୍‌ର ଗୋଟେ ଜାଗାକୁ ଚାଲିଗଲୁ । ସେଠି ଗାଡ଼ିକି ବିଦା କରିଦେଲୁ । ଖୁବ୍ ଥଣ୍ଡା ହେଉଥାଏ ଆଉ କାଲୁଆ ପବନ ବହୁଥାଏ । ତେଣୁ ଗ୍ରେଟ୍‌କୋଟ୍‌ମାନ ପିନ୍ଧି ଆମେ ଗ୍ରେଟ ଗ୍ରେଟ ବୁଦାଥିବା ପଡ଼ିଆ ଧାରେ ଧାରେ ଚାଲିଲୁ । ହୋମ୍‌ସ କହିଲେ, "କାମଟା ଅତି ସାବଧାନରେ କରିବାକୁ ହେବ । ଚିଠିଗୁଡ଼ା ଲୋକଟାର ପଢ଼ାଘରେ ଗୋଟେ ଲୁହା ବାକ୍ସରେ ଅଛି । ପଢ଼ାଘରଟା ତା ଶୋଇବା ଘରର ଠିକ୍ ସାମନାରେ । ଅପରପକ୍ଷରେ ସବୁ ମୋଟା ଲୋକପରି ସେ ନିଘୋଡ଼ନିଦରେ ଶୁଏ । ତା' ଚାକରାଣୀ ଆଗାଥା କହୁଥିଲା, ତାକୁ ନିଦରୁ

Digitized by srujanika@gmail.com

ଉଠାଇବା ଅସମ୍ଭବ । ତା ସେକ୍ରେଟାରୀ ଧନସାରୁ ପଢ଼ାଘରେ କାମରେ ବ୍ୟସ୍ତ । ସେଇଥିପାଇଁ ଆମକୁ ରାତରେ ଆସିବାକୁ ହେଲା । ତା'ଛଡ଼ା ତାର ଗୋଟେ କୁକୁର ଅଛି । ସେଟା ବଗିଚାରେ ବୁଲୁଥାଏ । ମୁଁ କାଲି ସନ୍ଧ୍ୟାରେ ଆଗାଥାକୁ ଭେଟିଥିଲି ଆଉ ସେ କୁକୁରଟାକୁ ଘରେ ଚାବି ପକାଇ ଦେଇଥିବ ବୋଲି କହିଛି । ଏଇ ଘରଟା, ସେଇ ଯେଉଁ ବଡ଼ ଘରଟା । ଏଇ ଗେଟ୍ ବାଟେ ଆସ । ଏଥର ଏଇ ଲରେଲ୍ ବୁଦା କଡ଼େ କଡ଼େ ଡାହାଣକୁ ଆସ । ମୁଁ ଭାବୁଛି ଏଇଠି ମୁଖାଗୁଡ଼ା ପିନ୍ଧିନେଲେ ଭଲ ହେବ । ଦେଖୁଛତ, କୌଣସି ଝରକାରେ ଆଲୁଅ ଦେଖାଯାଉନାହିଁ । ସବୁ ବିଲ୍‌କୁଲ୍ ଠିକ୍ ଅଛି ।"

କଳାମୁଖା ଦୁ'ଟା ପିନ୍ଧି ଆମେ ଲଣ୍ଡନର ଦୁ'ଟା ଦୁର୍ଦ୍ଦାନ୍ତଲୋକ ପାଲଟିଗଲୁ । ପାଦ ଚପିଚପି ଘରପାଖକୁ ଚାଲିଗଲୁ । ଘରର ଗୋଟେ ପାଖରେ ଗୋଟେ ଲମ୍ବା ବରଣ୍ଡା । ବରଣ୍ଡା କାନ୍ଥରେ ଗୁଡ଼େ ଝରକା ଆଉ ଦୁ'ଟା ଦରଜା । ଫିସ୍‌ଫିସ୍ କରି ହୋମ୍‌ସ କହିଲେ, "ସେଇଟା ତା'ଶୋଇବାଘର । ଏଇ ଦରଜାଟା ସିଧାସଳଖ ପଢ଼ାଘର ଭିତରକୁ । ଏଟା ଆମକୁ ସୁବିଧା ହେବ । କିନ୍ତୁ ଏଟାରେ ତାଲା ପଡ଼ିଛି ଆଉ ବୋଲ୍‌ଟ୍ କଷାଯାଇଛି । ଏଟାକୁ ଖୋଲିଲେ ବେଶି ଶବ୍ଦ ହେବ । ଏ କଡ଼କୁ ବୁଲି ଆସ । ଏଇଠି ଗଛଗୁଡ଼ା ରଖିବାପାଇଁ ଗୋଟେ ଘର ଅଛି । ସେଠୁ ବୈଠକଖାନାକୁ ବାଟ ଅଛି ।"

ସେଠି ତାଲା ପଡ଼ିଥିଲା; କିନ୍ତୁ ହୋମ୍‌ସ ଗୋଟେ ଗୋଲ କାଚ କାଢ଼ିଦେଇ ତାଲାଟା ଭିତରପାଖରୁ ଖୋଲିଦେଲେ । ଟିକିଏ ପରେ ଆମେ ଘରଭିତରକୁ ପଶିଗଲୁ ଆଉ ହୋମ୍‌ସ ପଛରୁ ଦରଜାଟା ବନ୍ଦ କରିଦେଲେ । ଆଇନ୍ ଆଖିରେ ଆମେ ଅପରାଧୀ ହୋଇଗଲୁ । ଘରର ଗରମ ବାୟୁ ଆଉ ବିଭିନ୍ନ ଗଛର କଡ଼ା ଗନ୍ଧରେ ଶ୍ୱାସରୁଦ୍ଧ ହୋଇଗଲାପରି ଲାଗିଲା । ସେ ମୋ ହାତଧରି ସେଇ ଅନ୍ଧାରରେ ଗଛଗୁଡ଼ାକ କଡ଼େ କଡ଼େ ଟାଣି ନେଇଗଲେ । ଗଛର ପତ୍ର ଆମ ମୁହଁରେ ଘଷି ହୋଇଯାଉଥାଏ । ହୋମ୍‌ସଙ୍କର ଅନ୍ଧାରରେ ଦେଖି ପାରିବାର ଅସାଧାରଣ ଶକ୍ତି ଥିଲା । ଏଇଟା ସେ ଖୁବ୍ ଯତ୍ନରେ ଅଭ୍ୟାସ କରିଥିଲେ । ଗୋଟେ ହାତରେ ମୋ ହାତ ଧରି ସେ ଗୋଟେ ଦରଜା

Digitized by srujanika@gmail.com

ଖୋଲିଲେ । ଆମେ ଗୋଟେ ବଡ଼ ଘରେ ପହଞ୍ଚିଲୁ ପରି ମୋତେ ଜଣାଗଲା । ଘର ଭିତରେ ସିଗାରେଟ୍‌ର ଗନ୍ଧ । କେହି ଅଳ୍ପ ସମୟ ଆଗରୁ ସିଗାରେଟ୍ ଟାଣିଥିଲା । ଜିନିଷପତ୍ର ଭିତରେ ରାସ୍ତା ବାରି ବାରି ସେ ଆଉ ଗୋଟେ ଦରଜା ଖୋଲିଲେ । ଆମେ ସେବାଟେ ଯିବା ପରେ ସେ ଦରଜାଟା ପଛରୁ ବନ୍ଦ କରିଦେଲେ । ବାହାରେ ଅନ୍ଧାର ମୁଁ ଦେଖିଲି କାନ୍ଥରେ ଗୁଡ଼େ କୋଟ୍ ଝୁଲୁଛି । ଜାଣିଲି ଆମେ ଗୋଟେ କରିଡରରେ । ଆମେ ସେବାଟେ ଗଲୁ । ହୋମ୍‌ସ ଖୁବ୍ ଧୀରେ ଡାହାଣ କଡ଼ର ଆଉ ଗୋଟେ ଦରଜା ଖୋଲିଲେ । କିଛି ଗୋଟେ ଆମ ଆଡ଼କୁ ଧାଇଁ ଆସିଲା । ମୋ ଛାତି ଥରି ଉଠିଲା । କିନ୍ତୁ ଦେଖିଲୁ ସେଟା ଗୋଟେ ବିରାଡ଼ି । ଏ ଘରେ ନିଆଁ ଜଳୁଥିଲା ଆଉ ସିଗାରେଟ୍ ଗନ୍ଧରେ ଘରଟା ପୂରିଯାଇଥିଲା । ହୋମ୍‌ସ ପାଦ ଚିପି ଚିପି ଭିତରକୁ ଗଲେ । ତାଙ୍କ ପଛେ ପଛେ ମୁଁ । ତା'ପରେ ସେ ଖୁବ୍ ଆସ୍ତେ ଦରଜାଟା ବନ୍ଦ କରିଦେଲେ । ଆମେ ମିଲ୍‌ଭର୍ଟନ୍‌ଙ୍କ ପଢ଼ାଘରେ । ଆରପାଖେ ଗୋଟେ ପରଦା ଝୁଲୁଥିଲା । ଜାଣିଲୁ ସେ'ଟା ଶୋଇବାଘରକୁ ରାସ୍ତା ।

ନିଆଁ ଆଲୁଅରେ ଘରଟା ଉଜ୍ଜ୍ୱଳ ଦିଶୁଥିଲା । ଦରଜା ପାଖରେ ଗୋଟେ ଇଲେକ୍‌ଟ୍ରି ସୁଇଚ୍ ଥିବାର ଦେଖିପାରିଲି । କିନ୍ତୁ ଆଲୁଅ ଜାଳିବା ଦର୍କାର ନଥିଲା । ନିଆଁ ଜଳୁଥିବା ଜାଗାର ଗୋଟେ ପାଖରେ ମୋଟା ପରଦା । ବାହାରୁ ଆମେ ଦେଖିଥିବା ଝରକାକୁ ଏଇ ପରଦା ଢାଙ୍କି ଥିଲା । ଆର ପାଖରେ ବରଣ୍ଡାକୁ ବାହାରିବା ପାଇଁ ଦରଜା । ଘର ମଝିରେ ଗୋଟେ ଡେସ୍କ ଆଉ ତା'ପାଖରେ ଗୋଟେ ଘୂରିବା ଚଉକି । ତା ବିପରୀତ ଦିଗରେ ଗୋଟେ ବଡ଼ ବହିଆଲ । ତା'ଉପରେ ଏଥେନ୍‌ଙ୍କର ଗୋଟେ ମାର୍ବଲ ମୂର୍ତ୍ତି । କାନ୍ଥ ଆଉ ବହିଆଲ ମଝିରେ ଗୋଟେ କଣରେ ଗୋଟେ ନେଳିଆ ରଙ୍ଗର ଉଚ୍ଚା ବାକ୍‌ସ । ତାର ପିତଳ ମୁଠା ନିଆଁ ଆଲୁଅରେ ଚକ୍‌ଚକ୍ କରୁଥାଏ । ହୋମ୍‌ସ ଧୀରେ ଧୀରେ ଯାଇ ସେ'ଟା ଦେଖିଲେ । ତା'ପରେ ସେ ଶୋଇବାଘର ଦରଜା ପାଖକୁ ଯାଇ ମୁଣ୍ଡ ଲୁଆଁଇ କାନ ଡେରି ଶୁଣିଲେ । ଭିତରୁ କିଛି ଶବ୍ଦ ଶୁଭୁ ନଥିଲା । ଏ ଭିତରେ ମୋର ଧାରଣା ହେଲା ଆମେ ବାହାର ଦରଜା ବାଟେ ପଳାଇଯିବା ସୁବିଧା ହେବ । ତେଣୁ ମୁଁ ସେଟାକୁ ପରୀକ୍ଷା

Digitized by srujanika@gmail.com

କରିନେଲି । ଦେଖି ଆଶ୍ଚର୍ଯ୍ୟ ହେଲି ଯେ ·ସେ'ଟାରେ ତାଲା ପଡ଼ିନଥିଲା ବା ବନ୍ଦ ନଥିଲା । ମୁଁ ହୋମ୍‌ସଙ୍କ କାନରେ ଟିପ ମାରିଦେଲି ଆଉ ସେ ସେଇ ଦରଜା ଆଡ଼କୁ ଗୁହିଁଲେ । ଦେଖିଲି ସେ ଚମକି ପଡ଼ିଲେ । ମୋ ପରି ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ । ମୋ କାନପାଖରେ ମୁହଁଲଗାଇ ତୁନି ତୁନି କହିଲେ, "ଲକ୍ଷଣଟା ମୋତେ ଭଲ ନୁହଁ । ସ୍ୟା'ର ଅର୍ଥ ମୁଁ ବୁଝି ପାରୁ ନାହିଁ । ଯାହାହେଉ, ଆମର ସମୟ ନଷ୍ଟ କରିବାର ନାହିଁ ।"

"ମୋ ଦ୍ୱାରା କିଛି କାମ ହୋଇପାରିବ ?"

"ହଁ, ତୁମେ ସେ ଦରଜା ପାଖରେ ଠିଆ ହୋଇଥାଅ । କେହି ସେ ଆଡ଼ୁ ଆସିବାର ଶୁଣିଲେ ଦରଜାଟା ଭିତରୁ କିଳିଦେବ । ଆମେ ଯେଉଁ ବାଟେ ଆସିଛେ ସେବାଟେ ପଳାଇଯିବା । ଏ ପାଖରୁ କେହି ଆସିଲେ, ଆମ କାମ ସରିଥିଲେ ଆମେ ଏଇ ଦରଜା ବାଟେ ପଳାଇବା କିମ୍ବା ଏଇ ଝରକା ପରଦା ପଛପାଖେ ଲୁଚିଯିବା । ବୁଝିଲ ?"

ମୁଣ୍ଡ ହଲାଇ ମୁଁ ଦରଜା ପାଖରେ ଠିଆ ହେଲି । ମନରୁ ପ୍ରଥମ ଭୟ ଦୂର ହୋଇଯାଇଥାଏ । ଆମେ ଆଇନ ଭଙ୍ଗକାରୀ ନୋହୁ । ଆଇନ ରକ୍ଷାକାରୀ ବୋଲି ଭାବ ମନରେ ଉଲ୍ଲାସ ଜାତହେଲା । ଆମ ଅଭିଯାନର ମହତ ଉଦ୍ଦେଶ୍ୟ, ଏହା ନିଃସ୍ୱାର୍ଥ ଏବଂ ବଦାନ୍ୟ, ଆମ ପ୍ରତିଦ୍ୱନ୍ଦୀର ସଇତାନୀ ଚରିତ୍ର ଏଇ ଅଭିଯାନ ପ୍ରତି ମୋର ଆଗ୍ରହକୁ ଆହୁରି ବଢ଼ାଇଦେଲା । ନିଜକୁ ଦୋଷୀ ବୋଲି ନ ଭାବି ଏଇ ବିପଦ୍ଜନକ ପରିସ୍ଥିତିରେ ବି ମୁଁ ବେଶ୍ ଆନନ୍ଦ ଅନୁଭବ କଲି । ହୋମ୍‌ସଙ୍କୁ ମନେ ମନେ ଯଥେଷ୍ଟ ପ୍ରଶଂସା କଲି । ତାଙ୍କୁ ଲକ୍ଷ୍ୟ କରୁଥାଏ । ଜଣେ ସର୍ଜନ ଗୋଟେ ସୂକ୍ଷ୍ମ ଅପରେସନ୍ କଲା ପରି ସେ ଧୀରସ୍ଥିରଭାବେ ତାଙ୍କ ଯନ୍ତ୍ର ବାକ୍ସରୁ ଯନ୍ତ୍ର ସବୁ ବାହାରକରି ଦେଖୁଥା'ନ୍ତି । ଏଇପରି ବାକ୍ସ ଖୋଲିବା ତାଙ୍କର ଗୋଟେ ସଉକ ବୋଲି ମୁଁ ଜାଣିଥିଲି । ଏଇ ଅସୁର ପରି ଶାଗୁଆ ରଙ୍ଗର ବାକ୍ସଟା ସାମନାରେ ଦେଖି ତାଙ୍କର କି ଆନନ୍ଦ ମୁଁ ଜାଣିପାରିଲି । ଏହି ଡ୍ରାଗନ୍ ପେଟରେ କେତେ ସୁନ୍ଦରୀ ତରୁଣୀଙ୍କର ସୁନାମ ଲୁଚି ରହିଛି । ହୋମ୍‌ସ ତାଙ୍କ ଓଭର୍ କୋଟ୍‌ଟା ଗୋଟେ ଚଉକି ଉପରେ ରଖି ଦେଇଥିଲେ । ଭିତର କୋଟର ହାତ ଉପରକୁ ଗୁଡ଼ାଇଦେଇ

Digitized by srujanika@gmail.com

ସେ ଦ'ଟା ଉଅଁର, ଗୋଟେ ଶାବେଲୀ ଆଉ କେତେଗୁଡ଼େ ନକଲ ଗ୍ରବ ବାହାରକର ରଖିଲେ । ମୁଁ ଦରଜା ମଝିରେ ଠିଆହୋଇ ଏସବୁ ଆଡ଼େ ଗ୍ରହୁଁଥାଏ ଏବଂ କୌଣସି ଜରୁରୀ ପରସ୍ଥିତି ପାଇଁ ପ୍ରସ୍ତୁତ ଥାଏ । ଅବଶ୍ୟ କୌଣସି ବାଧା ପଡ଼ୁଥିଲେ କ'ଣ କରିବ ସେ ବିଷୟରେ ମୋର କିଛି ନିର୍ଦ୍ଦିଷ୍ଟ ଯୋଜନା ନଥାଏ । ଅଧଘଣ୍ଟାଏଯାଏଁ ହୋମ୍‌ସ ଏକାଗ୍ରଚିତ୍ତରେ କାମରେ ଲଗିଲେ । ଜଣେ ତାଲିମପ୍ରାପ୍ତ ମେକାନିକ୍ ପରି ଗୋଟେ ହତିଆର ରଖି-ଦେଉଥାନ୍ତି ତ ଆଉ ଗୋଟେ ନେଉଥାନ୍ତି । ଶେଷରେ କେଁ କରି ଗୋଟେ ଶବ୍ଦ ହେଲି ଆଉ ଶାଗୁଆ ବାକ୍‌ସର କବାଟଟା ଖୋଲିଗଲା । ଭିତରେ ଗୁଡ଼ାଏ କାଗଜ ପ୍ୟାକେଟ୍ ଥିବାର ଦେଖିଲି । ପ୍ରତ୍ୟେକଟା ବନ୍ଧାହୋଇ ଜଉମୁଦ କରା-ହୋଇଥିଲା ଏବଂ ଉପରେ କିଛି ଲେଖାଥିଲା । ହୋମ୍‌ସ ଗୋଟେ ପ୍ୟାକେଟ୍ ବାହାର କରି ଆଣିଲେ । କିନ୍ତୁ ନିଆଁର ଧପ୍‌ଧପ୍ ଆଲୁଅରେ ଉପର ଲେଖାଟା ପଢ଼ିବା ଅସମ୍ଭବ । ମିଲ୍‌ଭର୍ଟନ୍ ପାଖ ଘରେ ଶୋଇଛନ୍ତି । ଇଲେକ୍‌ଟ୍ରି ଆଲୁଅ ଲଗାଇବା ବିପଜ୍ଜନକ । ତେଣୁ ସେ ତାଙ୍କ ଡାର୍କ ଲଣ୍ଠନଟା ବାହାର କଲେ । ଦେଖିଲି ହଠାତ୍ ସେ ଅଟକିଗଲେ ଆଉ କାନ ଡେରି ଶୁଣିଲେ । ତା'ପରେ ମୁହୂର୍ତ୍ତକ ଭିତରେ ସେ ବାକ୍‌ସର ଦରଜାଟା ବନ୍ଦ କରିଦେଇ, ତାଙ୍କ କୋଟ୍‌ଟା ଉଠାଇନେଇ, ଯନ୍ତ୍ରପାତି ସବୁ ପକେଟରେ ଭର୍ତ୍ତିକରି ଝରକା ପରଦା ପଛପାଖକୁ ଗ୍ଲିଗଲେ ଆଉ ମୋତେ ମଧ୍ୟ ସେଇଆ କରିବାକୁ ଠାରିଦେଲେ ।

ମୁଁ ତାଙ୍କ ପାଖକୁ ସେଠିକି ଗ୍ଲିଗଲାପରେ ସେ କାହିଁକି ଏମିତି ଚମକି ଉଠିଲେ ଜାଣିପାରିଲି । ଘରଭିତରେ କେଉଁଠି କିଛି ଶବ୍ଦ ଶୁଭୁଥିଲା । ଦୂରରେ ଗୋଟେ ଦରଜା ବନ୍ଦହେବା ଶୁଣାଗଲା । ତା'ପରେ ଗୋଟେ ଗୋଳମାଳିଆ ଗୁଣୁଗୁଣୁ ଶବ୍ଦ ଆଉ ପାଦ ଶବ୍ଦ ଶୁଣାଗଲା । ଶବ୍ଦଟା ଆମ ଆଡ଼କୁ ଆସୁଥିଲା । ଦରଜା ସେପଟ କରିଡରେ ଶବ୍ଦଟା ଶୁଭୁଥିଲା । ଦରଜା ପାଖରେ ଶବ୍ଦଟା ଅଟକି-ଗଲା । ଦରଜା ଖୋଲି ହେଲା ଆଉ ଇଲେକ୍‌ଟ୍ରି ଲାଇଟ୍‌ଟା ଜଳିଉଠିଲା । ଦରଜାଟା ପୁଣି ବନ୍ଦହେଲା ଆଉ ସିଗାରେଟ୍ ଧୂଆଁର କଡ଼ାଗନ୍ଧ ଆମ ନାକରେ ବାଜିଲା । ତା'ପରେ ଆମଠୁ କେତେ ଗଜ ମାତ୍ର ଦୂରରେ ପାଦ ଶବ୍ଦ ଏପଟ

Digitized by srujanika@gmail.com

ସେପଟ ହେବାର ଶୁଣାଗଲା । ଶେଷରେ ଗୋଟେ ଚଉକିର କେଁ କେଁ ଶବ୍ଦ ଶୁଭିଲା ଆଉ ପାଦ ଶବ୍ଦ ବନ୍ଦ ହୋଇଗଲା । ତା'ପରେ ତାଲାରେ ଚାବି ଲଗାଇବା ଶବ୍ଦ ଆଉ କାଗଜର ଖସ୍‌ଖସ୍ ଶବ୍ଦ ଶୁଣିପାରିଲି । ଏ ଯାଏ ମୁଁ ପରଦା ବାହାରକୁ ଚାହିଁବାକୁ ସାହସ କରି ନଥିଲି । ଏବେ ଦୁଇ ପରଦା ମଝି ଫାଙ୍କରେ ଟିକିଏ ଚାହିଁଲି । ମୋ କାନ୍ଧ ଉପରେ ହୋମ୍‌ସଙ୍କ କାନ୍ଧର ଚାପରୁ ଜାଣିଲି ଯେ ସେ ବି ମୋ ମଥାରେ ଚାହୁଁଛନ୍ତି । ଆମ ସାମନାରେ ହାତପୂଆରେ ଆମ ଆଡ଼କୁ ପିଠିକରି ମିଲ୍‌ଭର୍‌ଟନ୍ ବସିଛନ୍ତି । ଆମେ ତାଙ୍କ ଚଲାଣି ବିଷୟରେ ଭୁଲ ହିସାବ କରିଥିଲୁ ବୋଲି ବୁଝିପାରିଲୁ । ସେ ମୋଟେ ଶୋଇବାକୁ ଯାଇ ନଥିଲେ । ସେ ମୁଣ୍ଡରେ କେଉଁ ଘରେ ବସି ସିଗାରେଟ୍ ଟାଣୁଥିଲେ । ସେ ଘରର ଝରକାଟା ଆମ ଆଖିରେ ପଡ଼ି ନଥିଲା । ତାଙ୍କ ବଡ଼ ଧୂସର ମୁଣ୍ଡ. ତା'ଭିତରର ଚନ୍ଦାଅଂଶଟା ଆମକୁ ପରିଷ୍କାର ଦେଖାଯାଉଥାଏ । ସେ ନାଲି ଚମଡ଼ା ଚଉକିଟାରେ ପଛକୁ ଆଉଜି ବସିଥାନ୍ତି, ଗୋଡ଼ ଦି'ଟା ଆଗକୁ ଲମ୍ବିଥାଏ, ମୁହଁର ଲମ୍ବା କଳା ସିଗାରେଟ୍‌ଟା ଆଗକୁ ତେରଛା ହୋଇ ଲମ୍ବିଥାଏ । ତାଙ୍କ ହାତରେ ଗୋଟେ କିଛି ଦଲିଲ୍ । ସେଇଟାକୁ ସେ ଅଳସ ଭାବରେ ପଢ଼ୁଥାନ୍ତି । ମୁହଁରୁ ସିଗାରେଟ୍ ଧୂଆଁର କୁଣ୍ଡଳୀ ଉପରକୁ ଉଠୁଥାଏ । ତାଙ୍କ ଢଙ୍ଗଢାଙ୍ଗରୁ ଜଣାଗଲା ସେ ଚଞ୍ଚଳ ସେଠୁ ଯାଉନାହାନ୍ତି । ହୋମ୍‌ସ ମୋ ହାତକୁ ଜୋରରେ ଚାପିଧରିଲେ ଯେପରି ସେ କହିବାକୁ ଚାହାନ୍ତି ପରିସ୍ଥିତି ତାଙ୍କର ଆୟତ୍ତରେ ଆଉ ସେ ମନରେ ଆଶ୍ୱସ୍ତି ଅନୁଭବ କରୁଛନ୍ତି । ମୋତେ ଯାହା ପରିଷ୍କାର ଦେଖାଯାଉଥିଲା ସେ ତା ଦେଖିପାରୁଥିଲେ କି ନାହିଁ ମୁଁ ଜାଣେନା । ସେଇଟା ହେଲା ବାକ୍ସର ଦରଜାଟା ଭଲଭାବେ ବନ୍ଦ ହୋଇ ନଥିଲା । ମିଲ୍‌ଭର୍‌ଟନ୍ ଯେ କୌଣସି ମୁହୂର୍ତ୍ତରେ ସେ'ଟା ଲକ୍ଷ୍ୟ କରିପାରନ୍ତି । ମୋ ମନେ ମନେ ମୁଁ ଠିକ୍ କରି ନେଲି, ଯଦି ଦେଖିବି ଲୋକଟାର ଆଖି ସେ ବାକ୍ସ ଉପରେ ପଡ଼ିଗଲା ତେବେ ତେଣିକି ମୋ ଓଭରକୋଟ୍‌ଟା ତା'ଉପରେ ଘୋଡ଼େଇ ଦେଇ ତାକୁ ବାନ୍ଧି ପକାଇବି । ଆଉ ସବୁ କଥା ହୋମ୍‌ସଙ୍କ ହାତରେ ଛାଡ଼ିଦେବି । କିନ୍ତୁ ମିଲ୍‌ଭର୍‌ଟନ୍ ମୋଟେ ତେଣେ ଚାହିଁଲେ ନାହିଁ । ସେ କାଗଜଟା

Digitized by srujanika@gmail.com

ପଢ଼ିବାରେ ମଜ୍ଜି ଯାଇଥାଆନ୍ତି । ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଚାଲିଥାଆନ୍ତି । ମୁଁ ଖବରକାଗଜଟା ପଢ଼ିସାରିବାପରେ ବା ସିଗାରେଟ୍‌ଟା ଟାଣିସାରିବାପରେ ସେ ତାଙ୍କ ରୁମ୍‌କୁ ଚାଲିଯିବେ । କିନ୍ତୁ ସେ ଏଥିରୁ କୌଣସିଟାର ଶେଷରେ ପହଞ୍ଚିବାଆଗରୁ ହଠାତ୍ ଗୋଟେ ଉଲ୍ଲେଖଯୋଗ୍ୟ ଘଟଣା ଘଟିଗଲା । ଫଳରେ ଆମର ଚିନ୍ତାଧାରା ଓଲଟପାଲଟ ହୋଇଗଲା ।

ମୁଁ ଲକ୍ଷ୍ୟକରିଛି ମିଲ୍‌ଭର୍‌ଟନ୍ ମଝିରେ ମଝିରେ ବଡ଼ିବର ତାଙ୍କ ହାତ ଘଣ୍ଟାକୁ ଚାହୁଁଥାନ୍ତି । ଥରେ ସେ ଅଧୈର୍ଯ୍ୟ ହେଲାପରି ଉଠି ଠିଆହୋଇଗଲେ, ପୁଣି ବସିପଡ଼ିଲେ । ଏତେ ରାତିରେ ତାଙ୍କର କାହା ସହିତ ସାକ୍ଷାତ କରିବାର ଥାଇପାରେ ବୋଲି ମୁଁ ଧାରଣା କରିପାରିଲିନାହିଁ । ବାହାର ବାରଣ୍ଡାରୁ ଗୋଟେ କ୍ଷୀଣ ଶବ୍ଦ ମୋ କାନରେ ବାଜିଲା । ମିଲ୍‌ଭର୍‌ଟନ୍ କାଗଜଟା ପକାଇ ଦେଇ ସିଧାସଳଖ ଚଉକିରେ ବସିରହିଲେ । ଶବ୍ଦଟା ପୁଣି ଶୁଣାଗଲା । ତା'ପରେ କବାଟରେ ଆସ୍ତେ ଠକ୍‌ଠକ୍ ଶବ୍ଦ ହେଲା । ମିଲ୍‌ଭର୍‌ଟନ୍ ଉଠିଯାଇ କବାଟଟା ଖୋଲିଦେଲେ । ସଂକ୍ଷେପରେ ସେ କହିଲେ, "ତୁମର ପାଖାପାଖି ଅଧଘଣ୍ଟେ ଡେରିହୋଇଛି ।"

ଦରଜାଟାରେ ତାଲା ନପଡ଼ିବା ଆଉ ମିଲ୍‌ଭର୍‌ଟନ୍ ଏତେ ରାତି ଯାଏ ଚେଇଁ ରହିବାର ଅର୍ଥ ତେବେ ଏଇଆ । ଜଣେ ନାରୀର ପୋଷାକର ଖସ୍‌ଖସ୍ ଶବ୍ଦ ଶୁଣାଗଲା । ମିଲ୍‌ଭର୍‌ଟନ୍ ଆମ ଆଡ଼କୁ ମୁହଁ ବୁଲାଇବାରୁ ମୁଁ ପରଦା ହୁ'ଟା ମଝିରେ ଥିବା ଫାଙ୍କଟା ବନ୍ଦ କରିଦେଇଥିଲି । ଏବେ ତାକୁ ପୁଣି ଖୋଲିବାକୁ ସାହସ କଲି । ସେ ପୁଣି ଚଉକିରେ ବସିପଡ଼ିଲେ । ସିଗାରେଟ୍‌ଟା ସେମିତି ମୁହଁରେ ଲାଗିଥାଏ । ତାଙ୍କ ସାମନାରେ ଇଲେକ୍‌ଟ୍ରିକ୍‌ର ଉଜ୍ଜ୍ୱଳ ଆଲୁଅରେ ଜଣେ ପତଳା ଡେଙ୍ଗା ମହିଳା ଠିଆ ହୋଇଥାନ୍ତି । ତାଙ୍କ ମୁହଁ ଉପରେ ଗୋଟେ ଓଢ଼ଣୀ । ସେ ଘନଘନ ନିଃଶ୍ୱାସ ନେଉଥାନ୍ତି ଆଉ ଆବେଗରେ ତାଙ୍କ ଦେହସାରା ଥରୁଥାଏ । ମିଲ୍‌ଭର୍‌ଟନ୍ କହିଲେ, "ଦେଖ, ତୁମଲାଗି ମୁଁ ଟିକିଏ ବିଶ୍ରାମ ନେଇପାରିଲିନାହିଁ । ଆଶା, ତୁମଠୁ ତାର ମୂଲ୍ୟ ପାଇପାରିବି । ତୁମେ ଆଉ କେତେବେଳେ ଆସି ପାରିଲ ନାହିଁ—ଏଁ ?"

Digitized by srujanika@gmail.com

ମହିଳା ଜଣକ କେବଳ ମୁଣ୍ଡ ହଲାଇଲେ ।

"ହେଲା, ଯଦି ନପାରିଲ ନାହିଁ । ଯଦି ତୁମ ମାଲିକାଣୀ କାଉଣ୍ଟେସ୍‌ ଏଡ଼େ ନଷ୍ଟୁରୀ ତୁମେ ତାର ପ୍ରତିଶୋଧ ନେବାର ସୁଯୋଗ ପାଇଛ । ଆରେ, ତୁମେ ଥରୁଛ କାହିଁକି ? ଦମ୍ଭଧରି ଠିଆହୁଅ । ହଁ, ଏଥର ଆମ ଧନ୍ଦାକୁ ଆସିବା ।" ସେ ଡେସ୍କର ଡ୍ରୟାରରୁ ଗୋଟେ ନୋଟ୍‌ଖାତା ବାହାରକରି କହିଲେ, "ତୁମେ କହୁଛ, କାଉଣ୍ଟେସ୍‌ ଡିଆଲ୍‌ବର୍ଟଙ୍କର ପାଞ୍ଚଖଣ୍ଡ ଚିଠି ତୁମ ପାଖରେ ଅଛି । ତୁମେ ତାକୁ ବିକି କରିବାକୁ ଚାହୁଁଛ ଆଉ ମୁଁ କିଣିବାକୁ ଚାହୁଁଛି । ଖାଲି ରହିଲା ଦରଦାମ୍‌ କଥା । ଅବଶ୍ୟ ମୁଁ ଚିଠିଗୁଡ଼ା ଦେଖିବାକୁ ଚାହେଁ । ଯଦି ସେଗୁଡ଼ା ପ୍ରକୃତରେ--ହେ ଭଗବାନ୍‌, ତୁମେ ?"

କିଛି ପରଦାହେଲେ ନକହି ମହିଳା ଜଣକ ତାଙ୍କର ଓଢ଼ଣୀଟା ଖୋଲି ଦେଇଥିଲେ । ମିଲ୍‌ଭର୍‌ଟନ୍‌ଙ୍କ ଆଗରେ ଏକ ସୁନ୍ଦର ସୁଡ଼ଳ ମୁହଁ । ଗାଢ଼ କଳା ଆଖିପତା ତଳେ ଦୁଇଟା ଜଳନ୍ତା ଆଖି । ପତଳା ଓଠରେ ଏକ କ୍ରୂରହସରଧାର । ସେ କହିଲେ, "ହଁ, ମୁଁ । ଯେଉଁ ନାରୀର ଜୀବନ ତୁମେ ନଷ୍ଟ କରିଦେଇଛ ।"

ମିଲ୍‌ଭର୍‌ଟନ୍‌ ହସିଉଠିଲେ । କିନ୍ତୁ ତାଙ୍କ ସ୍ୱରରେ ଭୟର ସଙ୍କେତ ଥିଲା । ସେ କହିଲେ, "ତୁମେ ତ ବଡ଼ ଅବୁଝାହେଲ । ଏତେଡ଼ାଏ କଥାଗଲା କାହିଁକି ? ସତ କହୁଛି, ଜାଣି ଜାଣି ମୁଁ ଗୋଟେ ମାଛିକି ମଧ ଆଘାତ କରେ ନାହିଁ । କିନ୍ତୁ ପ୍ରତ୍ୟେକ ଲୋକର ତ ବ୍ୟବସାୟ ଅଛି । ମୁଁ ଆଉ କ'ଣ କରିଥାନ୍ତି ? ମୁଁ ଯେଉଁ ଦାମ୍‌ କହିଲି ସେ'ଟା ତୁମ କ୍ଷମତାର ବାହାରନୁହେଁ । କିନ୍ତୁ ତୁମେଦେଲ ନାହିଁ ।"

"ଆଉ ସେଇଥିପାଇଁ ତୁମେ ଚିଠିଗୁଡ଼ା ମୋ ସ୍ୱାମୀଙ୍କ ପାଖକୁ ପଠାଇ-ଦେଲ । ସେ ବିଚରା ଦୁନିଆର ସବୁଠୁ ଭଦ୍ରଲୋକ, ଯାହାଙ୍କ ଯୋତା ସଫାକରିବାକୁ ମୁଁ ଅଯୋଗ୍ୟ, ସେ ଏ ଆଘାତ ସହିନପାରି ପ୍ରାଣତ୍ୟାଗ କଲେ । ତୁମର ମନେଥିବ ସେଦିନ ରାତିରେ ମୁଁ ଏଇ ଦରଜାବାଟେ ଆସି, ମୋତେ ଦୟାକରିବାକୁ ତୁମକୁ କେତେ ନେହୁରା ହୋଇଥିଲି; ଆଉ ତୁମେ,

Digitized by srujanika@gmail.com

ଆଜି ଯେମିତି ହସୁଛ ସେଦିନ ବି ସେମିତି ମୋ ମୁହେଁ ମୁହେଁ ହସି ଉଠିଥିଲ । ହଁ, ମୋତେ ପୁଣି ଏଠି ଦେଖିବବୋଲି ତୁମେ ଆଶା କରିନଥିଲ । ସେଇ ରାତିରେ ମୁଁ ଶିଖିଲି, ତୁମକୁ କେମିତି ଏକା ସାମନା ସାମନି ଭେଟିବି । ଏଥର ଚାର୍ଲସ୍ ମିଲ୍‌ଭର୍ଟନ୍, ତୁମର କ'ଣ କହିବାର ଅଛି ?"

ମିଲ୍‌ଭର୍ଟନ୍ ଉଠି ଠିଆହୋଇ କହିଲେ, "ତୁମେ ମୋତେ ଏମିତି ଧମକାଇବବୋଲି କଳ୍ପନା କରିନାହିଁ । ମୁଁ କେବଳ ବଡ଼ପାଟିରେ ଡାକିଦେଲେ ମୋ ଚାକରମାନେ ଆସିଯିବେ ଆଉ ମୁଁ ତୁମକୁ ଆରେଷ୍ଟ କରାଇ ଦେଇପାରିବି । କିନ୍ତୁ ହଠାତ୍ ରାଗିଯିବାଟା ତୁମ ପ୍ରକୃତିବୋଲି ମୁଁ ଜାଣେ । ତେଣୁ ତୁମକୁ କ୍ଷମାକଲି । ଯେମିତି ଆସିଥିଲ ସେମିତି ଏଠୁ ସାଙ୍ଗେ ସାଙ୍ଗେ ଚାଲିଯାଅ ।"

ଭଦ୍ରମହିଳା ଛାତିଉପରେ ହାତରଖି ସେମିତି ଠିଆ ହୋଇଥାନ୍ତି । ତାଙ୍କ ପତଳା ଓଠରେ ସେଇ ଭୟଙ୍କର କ୍ରୂର ହସରେଖା ।

"ମୋ ଜୀବନକୁ ତୁମେ ଯେମିତି ନଷ୍ଟ କରିଦେଇଛ, ସେମିତି ଆଉ କାହା ଜୀବନ ନଷ୍ଟକରିବାର ସୁଯୋଗ ମୁଁ ତୁମକୁ ଦେବିନାହିଁ । ମୋ ହୃଦୟରେ ଯେଉଁ ଆଘାତ ଦେଇଛ ଆଉ କାହା ହୃଦୟରେ ସେ ଆଘାତ ଦେଇପାରିବନାହିଁ । ଏ ଦୁନିଆଟାକୁ ମୁଁ ଗୋଟେ ବିଷଧର ସାପ ମୁହଁରୁ ରକ୍ଷାକରିବି । ସଇତାନ କୁକୁର, ତୋ କାମର ଫଳ ନେ, ନେ, ନେ ।"

ଭଦ୍ରମହିଳା ଗୋଟେ ରିଭଲ୍‌ଭର୍ ବାହାରକରି ଗୁଳିପରେଗୁଳି ମିଲ୍‌ଭର୍ଟନ୍‌ଙ୍କ ଦେହରେ ବସାଇଦେଲେ । ମିଲ୍‌ଭର୍ଟନ୍ ପଛକୁ ହଟିଗଲେ ଏବଂ ତା'ପରେ ଟେବୁଲଉପରେ ମୁହଁମାଡ଼ି ପଡ଼ିଗଲେ । ଟିକିଏପରେ ସେ ଟଳି ଟଳି ଉଠି ଠିଆହେଲେ; କିନ୍ତୁ ଆଉ ଗୋଟାଏ ଗୁଳି ତାଙ୍କ ଛାତିରେ ବସିଗଲା । ସେ ଘରର ମେଜିଆଉପରେ ଟଳିପଡ଼ିଲେ । "ତୁମେ ମୋତେ ଜିଣିଗଲ," ଏତିକି କହି ସେ ଜଡ଼ହୋଇ ପଡ଼ିଗଲେ । ଭଦ୍ରମହିଳା ତାଙ୍କ ମୁହଁକୁ ଚାହିଁ ଜୋତାରେ ମୁହଁଟାକୁ ଦଳି ପକାଇଲେ । ପୁଣିଥରେ

Digitized by srujanika@gmail.com

ଚାହିଁଲେ; କିନ୍ତୁ କିଛି ଶବ୍ଦ ବା ହଲଚଲ୍‌ହେବା ନଥିଲା । 'ସୁ' କରି ଗୋଟେ ଶବ୍ଦ ହେଲା । ରାତିର ଶୀତଳପବନ ଘରଭିତରକୁ ପଶିଆସିଲା ଆଉ ପ୍ରତିଶୋଧ ନେବା ଲୋକ କେଉଁଆଡ଼େ ଚାଲିଗଲେ ।

ଆମେ ବାଧାଦେବାକୁ ଚେଷ୍ଟା କରିଥିଲେ ବି ଭାଗ୍ୟହାତରୁ ମିଲ୍‌ଭର୍‌ଟନ୍‌ଙ୍କୁ ରକ୍ଷା କରିପାରିନଥାନ୍ତୁ । କିନ୍ତୁ ଭଦ୍ରମହିଳା ମିଲ୍‌ଭର୍‌ଟନ୍‌ଙ୍କ ଦେହରେ ଗୁଳିପରେ ଗୁଳି ବସାଇଦେଲା ବେଳକୁ ମୁଁ ବାହାରକୁ ଡେଇଁ ପଡ଼ିବାକୁ ବସିଥିଲି । ସେତିକିବେଳକୁ ହୋମ୍‌ସ ଜୋରରେ ମୋ ହାତଟାକୁ ଚିପି ଧରିଲେ । ବୁଝିଲି ଆମର ସେଥିରେ କିଛି କରିବାର ନାହିଁ । ସଇତାନଟା ଶେଷରେ ଧର୍ମ କବଳରେ ପଡ଼ିଛି । ଆମର ନିଜର ଅନ୍ୟ ଲକ୍ଷ୍ୟ ଆଉ କର୍ତ୍ତବ୍ୟ ଅଛି । ମହିଳା ଜଣକ ଘରଭିତରୁ ଯାଉ ନଯାଉଣୁ ହୋମ୍‌ସ ଖୁବ୍ ଶୀଘ୍ର ଆଉ ଧୀର ପଦରେ ଦରଜାପାଖକୁ ଚାଲିଗଲେ । ଦରଜାର ତାଲାଟା ବନ୍ଦ କରିଦେଲେ । ସେଇ ମୁହୂର୍ତ୍ତରେ ଆମେ ଭିତରୁ ପାଟି ଆଉ ପାଦଶବ୍ଦ ଶୁଣିପାରିଲୁ । ରିଭଲ୍‌ଭର୍ ଗୁଳିଶବ୍ଦରେ ଘରର ସମସ୍ତେ ଉଠିପଡ଼ିଥିଲେ । ହୋମ୍‌ସ ଅତି ଧୀରସ୍ଥିରଭାବେ ବାକ୍‌ସପାଖକୁ ଯାଇ ବିଡ଼ା ବିଡ଼ା ଚିଠି ବାହାରକରି ନିଆଁରେ ପକାଇଦେଲେ । ବାକ୍‌ସଟା ଖାଲିହେବାଯାଏ ସେ ବାରମ୍ବାର ଏଇଆ କରି ଲାଗିଲେ । କେହି ଜଣେ ଦରଜାର ହାଣ୍ଡେଲଟା ମୋଡ଼ିଦେଇ ଖୁବ୍ ଜୋର୍‌ରେ କବାଟରେ ଧକା ବାଡ଼େଇଲା । ହୋମ୍‌ସ ଚାରିଆଡ଼େ ଆଖିବୁଲାଇ ଆଣିଲେ । ଯେଉଁ ଚିଠିଖଣ୍ଡ ମିଲ୍‌ଭର୍‌ଟନ୍‌ଙ୍କ ମରଣ ସମ୍ବାଦ ଆଣି ଆସିଥିଲା ସେ ଖଣ୍ଡ ରକ୍ତ ବୋଳାହୋଇ ଟେବୁଲଉପରେ ପଡ଼ିଥିଲା । ହୋମ୍‌ସ ସେ ଖଣ୍ଡକ ଜଳନ୍ତା କାଗଜଉପରକୁ ପକାଇଦେଲେ । ତା'ପରେ ସେ ବାହାରପାଖ ଦରଜାର ଚାବିଟା ବାହାରକରି ଆଣିଲେ । ଆମେ ବାହାରକୁ ଚାଲିଆସିଲା ପରେ ସେ ଦରଜାଟା ବାହାର ପାଖରୁ ବନ୍ଦ କରି ଦେଇ କହିଲେ, "ଏଇପାଖେ ୱାଟ୍‌ସନ୍ । ଏଇପାଖେ ଗଲେ ଆମେ ବଗିଚା କାନ୍ଥଟା ଡେଇଁ ଚାଲିଯାଇପାରିବା ।"

ଏତେ ଶୀଘ୍ର ଲୋକେ ତତ୍ପର ହୋଇଉଠିବେ ବୋଲି ମୁଁ ବିଶ୍ୱାସ କରି ପାରିନଥିଲି । ପଛକୁ ଚାହିଁ ଦେଖିଲି ଏତେ ବଡ଼ ଘରଟାର ଚାରିଆଡ଼େ

Digitized by srujanika@gmail.com

ଆଲୁଅ । ସାମନା ଦରଜାଟା ଖୋଲି ଆଉ ରାସ୍ତାଉପରକୁ ଲୋକେ ମାଡ଼ି ଆସୁଛନ୍ତି । ସାରାବଗିଚ୍ଚାଟାରେ ଲୋକ । ଆମେ ବରଣ୍ଡାରୁ ଖସି ଆସିଲା ବେଳକୁ ଗୋଟେ ଲୋକ ଜୋର୍‌ରେ ପାଟିକରି ଉଠିଲା ଆଉ ଆମ ପଛେପଛେ ଜୋର୍‌ରେ ଡଉ଼ିଲା । ହୋମ୍‌ସ ସେ ଜାଗାଟା ଭଲଭାବରେ ଜାଣିଥିଲେ ଆଉ ସେ ଗ୍ଲେଟ ଗ୍ଲେଟ ଗଛ ବୁଦାଭିତର ଦେଇ ଖୁବ୍ ଜୋର୍‌ରେ ଦୌଡ଼ି ଚାଲିଲେ । ମୁଁ ତାଙ୍କ ପଛେ ପଛେ । ଆମକୁ ଡଉ଼ୁଥିବା ଲୋକଟା ଧଇଁସଇଁହୋଇ ଧାଇଁଥାଏ । ଆମେ କାନ୍ଥ ପାଖରେ ପହଞ୍ଚିଗଲୁ । ଛଅଫୁଟ ଉଚା କାନ୍ଥ । ହୋମ୍‌ସ କାନ୍ଥଉପରକୁ ଡେଇଁପଡ଼ି ପାରହୋଇଗଲେ । ମୁଁ ଠିକ୍ ସେଇଆ କଲାବେଳକୁ ପଛଲୋକଟା ମୋ ବଳାଗଣ୍ଠିରେ ହାତପକାଇଦେଲା । କିନ୍ତୁ ମୁଁ ଗୋଡ଼ଟାକୁ ଜୋର୍‌ରେ ଭିଡ଼ିଦେଇ ଖସିଗଲି । ଆରପାଖ ଘାସଉପରେ ମୁହଁମାଡ଼ି ପଡ଼ିଗଲି । ହୋମ୍‌ସ ସାଙ୍ଗେ ସାଙ୍ଗେ ମୋତେ ଉଠାଇଦେଲେ । ଆଖିପିଛୁଳାକେ ଆମେ ସେ ବଡ଼ ଘାସପଡ଼ିଆ ଆଉ ବୁଦୁବୁଦିକିଆ ଜଙ୍ଗଲ ଭିତରେ ପବନପରି ଧାଇଁଚାଲିଲୁ । ମୁଁ ଭାବୁଛି ଆମେ ପ୍ରାୟ ଦୁ'ମାଇଲ ଦୌଡ଼ିଆସିଲୁ । ତା'ପରେ ହୋମ୍‌ସ ଠିଆହୋଇ କାନଡେରି ଶୁଣିଲେ । ଆମ ପଛରେ ସବୁ ନୀରବ । ଆମପଛରେ ଗୋଡ଼ାଇଥିବା ଲୋକଟା ହାବୁଡ଼ରୁ ଖସିଯାଇ ଆମେ ଏବେ ନିରାପଦ ।

ତା'ପରଦିନ ସକାଳେ ଆମେ ଜଳଖିଆ ଖାଇସାରି ବସିଥାଉ । ଏତିକିବେଳେ ସ୍କଟଲାଣ୍ଡ ଇଆର୍ଡର ଲେଷ୍ଟ୍ରେଡ୍ ଆସି ପହଞ୍ଚିଗଲେ । ଆଉ ସମ୍ଭାଷଣ ଦିଆନିଆପରେ ସେ କହିଲେ, "ଆପଣ କ'ଣ ଏବେ ବିଶେଷ-କାର୍ଯ୍ୟବ୍ୟସ୍ତ ଅଛନ୍ତି ?"

"ଆପଣଙ୍କ କଥା ନଶୁଣିବାଭଳି କାର୍ଯ୍ୟବ୍ୟସ୍ତ ନାହିଁ ।"

"ମୁଁ ଭାବୁଥିଲି, ଆପଣଙ୍କ ହାତରେ ଏବେ ଯଦି ସେମିତି କିଛି ବିଶେଷ କାମ ନାହିଁ । ଆପଣ ଆମକୁ ଗୋଟେ ଉଲ୍ଲେଖଯୋଗ୍ୟ କେଶ୍‌ରେ ସାହାଯ୍ୟ କରନ୍ତେ । କେଶ୍‌ଟା କାଲି ରାତି ହାମ୍ପ୍‌ଷ୍ଟେଡ୍‌ରେ ଘଟିଛି ।"

"କେଶ୍‌ଟା କ'ଣ ?"

Digitized by srujanika@gmail.com

"ଗୋଟେ ହତ୍ୟା କେଶ୍, ଖୁବ୍ ଅସାଧାରଣ ହତ୍ୟାକାଣ୍ଡ । ମୁଁ ଜାଣେ ଆପଣ ଏସବୁ କେଶ୍‌ରେ ଖୁବ୍ ଆଗ୍ରହୀ । ଆପଣ ଯଦି ଆପଲ୍‌ଡୋର୍-ଟାଉଆର୍ ଯାଏ ଯାଇ ଆମକୁ ଏ କେଶ୍‌ରେ ଉପଦେଶ ଦିଅନ୍ତେ ଆମେ ବଡ଼ ଉପକୃତ ହୁଅନ୍ତୁ । ଏଟା କିଛି ସାଧାରଣ ଅପରାଧ ନୁହେଁ । ଏଇ ମୃତ ମିଲ୍‌ଭର୍‌ଟନ୍ ଉପରେ ଆମେ କିଛିଦିନହେଲା ଆଖି ରଖିଥିଲୁ । ଲୋକଟା ବଡ଼ ବଦ୍‌ମାସ୍ । ସେ ବ୍ଲାକ୍‌ମେଲ୍‌କରିବା ପାଇଁ ଗୁଡ଼ାଏ କାଗଜପତ୍ର ରଖିଥିଲା ବୋଲି ଶୁଣାଯାଏ । ହତ୍ୟାକାରୀମାନେ ଏଇ କାଗଜଗୁଡ଼ା ପୋଡ଼ି ପକାଇଛନ୍ତି । କୌଣସି ମୂଲ୍ୟବାନ ଜିନିଷ ଯାଇନାହିଁ । ଯେତେଦୂର ସମ୍ଭବ, ଅପରାଧୀମାନେ ସମ୍ଭ୍ରାନ୍ତଲୋକ ଆଉ ସାମାଜିକ ଅପବାଦ ରୋକିବା ତାଙ୍କର ଉଦ୍ଦେଶ୍ୟ ।"

ହୋମ୍‌ସ କହିଉଠିଲେ, "ଅପରାଧୀମାନେ ! ବହୁବଚନ !"

"ହଁ, ସେ ଦୁ'ଜଣ । ସେମାନେ ପ୍ରାୟ ଧରାପଡ଼ି ଯାଇଥିଲେ । ସେମାନଙ୍କର ପାଦଚିହ୍ନ ଅଛି ଆଉ ତାଙ୍କ ବର୍ଣ୍ଣନା ମଧ୍ୟ ଆମେ ପାଇଛୁ । ତାଙ୍କୁ ଖୋଜି ବାହାର କରିବାର ଯଥେଷ୍ଟ ସମ୍ଭାବନା ଅଛି । ପ୍ରଥମଲୋକ ଜଣକ ଖୁବ୍ ତତ୍ପର; କିନ୍ତୁ ଦ୍ୱିତୀୟ ଲୋକକୁ ବଗିଚାର ମାଳି ଧରି ନେଇ ଥିଲା । କିନ୍ତୁ କିଛି ସଂଘର୍ଷ ପରେ ଲୋକଟା ଖସିଗଲା । ସେ ବେଶି ଡେଙ୍ଗା ନୁହେଁକି ଛୋଟା ନୁହେଁ । ବେଶ୍ ହୃଷ୍ଟପୁଷ୍ଟଲୋକ, ବେକଟା ମୋଟା, ନିଶ ରଖିଛି ଆଉ ଆଖି ଉପରେ ଗୋଟେ ମୁଖା ପିନ୍ଧିଥିଲା ।"

ହୋମ୍‌ସ ଉତ୍ତରଦେଲେ, "ଏଗୁଡ଼ା ବାଜେକଥା । ଆପଣ ଯେଉଁ ବର୍ଣ୍ଣନା କରୁଛନ୍ତି ସେଟା ଡାକ୍ତର ଓ୍ୱାଟ୍‌ସନ୍‌ଙ୍କ ବର୍ଣ୍ଣନା ହୋଇପାରେ ।"

ବେଶ୍ ଖୁସିହୋଇ ଇନ୍‌ସ୍ପେକ୍ଟର୍ କହିଲେ, "ତା'ସତ, ଏଟା ଓ୍ୱାଟ୍‌ସନ୍‌ଙ୍କ ବର୍ଣ୍ଣନା ହୋଇପାରେ ।"

"ମୁଁ ଆପଣଙ୍କୁ ଏ କେଶ୍‌ରେ ସାହାଯ୍ୟ କରିପାରିବିନାହିଁ ଲେଷ୍ଟ୍ରେଡ୍ । ମୁଁ ଏଇ ମିଲ୍‌ଭର୍‌ଟନ୍‌କୁ ଜାଣିଥିଲି । ମୋ ବିଚାରରେ ସେ ଲଣ୍ଡନର ସବୁଠୁ ଭୟଙ୍କର ଲୋକ । ତା'ର କେତେଗୁଡ଼ାଏ ଅପରାଧ ଆଇନ୍ ଅନୁସାରେ ଦଣ୍ଡନୀୟ ନୁହେଁ । ତେଣୁ ବ୍ୟକ୍ତିଗତ ପ୍ରତିଶୋଧ କେତେକ ପରିମାଣରେ ଯଥାର୍ଥ । ସେ ବିଷୟରେ ଯୁକ୍ତିକରିବା ଦରକାରନାହିଁ । ମୁଁ ସ୍ଥିର

Digitized by srujanika@gmail.com

କରିପାରିଛି । ଅପରାଧୀମାନଙ୍କ ପ୍ରତି ମୋର ବରଂ ସହାନୁଭୂତି ଅଛି, ମୃତବ୍ୟକ୍ତି ପାଇଁ ମୋଟେ ନାହିଁ । ମୁଁ ଏ କେଶ୍‌ରେ କିଛି କରିପାରିବିନାହିଁ ।"

ଆମେ ଯେଉଁ ଦୁର୍ଘଟଣା ଆଖିଆଗରେ ଦେଖି ଆସିଲୁ ସେ ବିଷୟରେ ହୋମ୍‌ସ କିଛିହେଲେ ପଦେ ବି କହୁନଥାନ୍ତି । କିନ୍ତୁ ସକାଳଓଳିଟା ସାରା ସେ ଖୁବ୍ ଚିନ୍ତିତ ଥିବାର ଲକ୍ଷ୍ୟକଲି । ତାଙ୍କ ଉଦାସ ଆଖି ଆଉ ବିଚଳିତ ଢଙ୍ଗଢାଙ୍ଗରୁ ଜାଣିଲି ସେ ସେମିତି କୌଣସିକଥା ମନେପକାଇବାକୁ ଚେଷ୍ଟାକରୁଛନ୍ତି । ଖରାବେଳେ ଆମେ ଖାଇ ବସିଥାଉ । ଅଧାଖିଆରୁ ସେ ହଠାତ୍ ଉଠିପଡ଼ି କହିଲେ, "ମନେପଡ଼ିଲା ଉଆଟ୍‌ସନ୍ । ତୁମ ଟୋପିଟା ଆଣ । ମୋ ସାଥିରେ ଆସ ।"

ସେ ଖୁବ୍ ଜୋର୍‌ରେ ବେକର୍‌ଷ୍ଟ୍ରୀଟ୍‌ରୁ ଅକ୍‌ସ୍‌ଫୋର୍ଡଷ୍ଟ୍ରୀଟ୍‌ଦେଇ ଚାଲିଥାନ୍ତି । ଶେଷରେ ଆମେ ରିଜେଣ୍ଟ୍‌ସର୍‌କ୍‌ସ ପାଖପାଖି ପହଞ୍ଚିଗଲୁ । ସେଠି ବାଁ ପାଖେ ଗୋଟେ ଦୋକାନ । ଝରକାପାଖରେ ବିବାହିତ ଦମ୍ପତି-ମାନଙ୍କର ଫଟୋ । ସେଥିରୁ ଗୋଟେ ଫଟୋକୁ ହୋମ୍‌ସ ଏକା ଲୟରେ ଚାହିଁଥାନ୍ତି । ତାଙ୍କୁ ଦେଖି ମୁଁ ମଧ୍ୟ ସେଇ ଫଟୋ ଆଡ଼େ ଚାହିଁଲି । ଫଟୋଟା ଜଣେ ରାଜକୀୟ ସମ୍ଭ୍ରାନ୍ତ ମହିଳାଙ୍କର । ଦେହରେ ରାଜପୋଷାକ ଆଉ ମୁଣ୍ଡରେ ହୀରାର ଅଳଙ୍କାର । ମୁଁ ସେ ନାକ, ଆଖିପତା, ଚିବୁକ ଆଡ଼େ ଚାହିଁରହିଲି । ସେ ଯେଉଁ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ବିବାହ କରିଥିଲେ ତାଙ୍କ ନାଁଟା ପଢ଼ି ବିସ୍ମୟରେ ମୋ ନିଃଶ୍ୱାସ ବନ୍ଦ ହୋଇଗଲା । ମୋ ଆଖି ହୋମ୍‌ସଙ୍କ ଆଖି ଉପରେ ପଡ଼ିଗଲା । ସେ ନିଜ ଓଠରେ ବଶିଆଙ୍ଗୁଠିଟା ମାରିଦେଲେ । ଆମେ ସେ ଜାଗାରୁ ଫେରିଆସିଲୁ ।

* * *

Digitized by srujanika@gmail.com

ଷଷ୍ଠ ନେପୋଲିୟନ୍

ସ୍କଟଲଣ୍ଡ ଇଆର୍ଡ଼ର ଇନସ୍‌ପେକ୍ଟର୍ ଲେଷ୍ଟ୍ରେଡ୍ ସନ୍ଧ୍ୟାରେ ଆସି ଆମପାଖରେ ପହଞ୍ଚିଲେ । ଏଟା କିଛି ଅସାଧାରଣ କଥା ନୁହେଁ । ସେ ଆସିଲେ ସେର୍ଲକ୍ ହୋମ୍‌ସ ବେଶ୍ ଖୁସି ହୁଅନ୍ତି । କାରଣ ପୋଲିସ ସଦର ମହ-କୁମାରେ କ'ଣ ସବୁ ଚାଲିଛି ସେ ଲେଷ୍ଟ୍ରେଡ଼ଙ୍କ ପାଖରୁ ଜାଣିପାରନ୍ତି । ଏଇସବୁ ଖବର ବଦଳରେ ଲେଷ୍ଟ୍ରେଡ୍ ଯେଉଁସବୁ କେଶ୍ ହାତକୁ ନେଇଥାନ୍ତି ହୋମ୍‌ସ ତା'ମନଦେଇ ଶୁଣନ୍ତି ଆଉ ବେଳେବେଳେ ତାଙ୍କ ଅଗାଧ ଜ୍ଞାନ ଆଉ ଅନୁଭୂତିଦ୍ୱାରା ଲେଷ୍ଟ୍ରେଡ୍‌ଙ୍କୁ କିଛି ସୂଚନା ଆଉ ଉପଦେଶ ଦେଇଥାଆନ୍ତି ।

ସେଦିନ ସନ୍ଧ୍ୟାରେ ଲେଷ୍ଟ୍ରେଡ୍ ପାଗ ଆଉ ଖବରକାଗଜ ବିଷୟରେ ଏଣୁ ତେଣୁ କହିଲେ । ତା'ପରେ ସିଗାରେଟ୍ ଟାଣି ଚିନ୍ତାକୁଳପରି ଚୁପ୍‌ଚାପ୍ ବସିଗଲେ । ହୋମ୍‌ସ କୌତୂହଳୀ ହୋଇ ତାଙ୍କଆଡ଼େ ଚାହିଁ କହିଲେ, "ହାତରେ ସେମିତି କିଛି ଉଲ୍ଲେଖଯୋଗ୍ୟ କେଶ୍ ଅଛି ?"

"ନା ମିଷ୍ଟର୍ ହୋମ୍‌ସ, ସେତେ ଗୁରୁତ୍ୱପୂର୍ଣ୍ଣ ବା ଉଲ୍ଲେଖଯୋଗ୍ୟ ନୁହେଁ ।"

"ତାହେଲେ କେଶ୍‌ର ସବୁକଥା ମୋତେ କହନ୍ତୁ ।"

ଲେଷ୍ଟ୍ରେଡ ହସିଲେ । କହିଲେ, "ମୋ ହାତରେ କେଶ୍‌ଥିବା କଥା ଅସ୍ୱୀକାରକର କିଛି ଲାଭନାହିଁ । ତଥାପି ଘଟଣାଟା ଏତେ ଅସଙ୍ଗତ ଆଉ ବାଜେ ଯେ ଆପଣଙ୍କୁ ସେକଥା କହିବାକୁ ସଙ୍କୋଚ ଲାଗୁଛି । ଅପରପକ୍ଷରେ ଘଟଣାଟା ଯଦିଓ ଅତି ତୁଚ୍ଛ ତଥାପି ଅସାଧାରଣ । ମୁଁ ଜାଣେ ଅସାଧାରଣ ଘଟଣାପ୍ରତି ଆପଣଙ୍କର ବିଶେଷ ଆଗ୍ରହ । କିନ୍ତୁ ମୋ ମତରେ ଘଟଣାଟା ବରଂ ଡାକ୍ତର ୱାଟ୍‌ସନଙ୍କ ବ୍ୟବସାୟ ସଂକ୍ରାନ୍ତରେ ।"

Digitized by srujanika@gmail.com

ମୁଁ ପଚାରିଲି, "କିଛି ବେମାରି ?"

"ପାଗଳାମୀ । ଆଉ ଏକ ଅଦ୍‌ଭୁତ ଧରଣର ପାଗଳାମୀ । ଆଜିକାଲି ନେପୋଲିୟନ୍‌ଙ୍କୁ ଅତି ଘୃଣାକରିବା ଏବଂ ତାଙ୍କ ମୂର୍ତ୍ତି ଯେଉଁଠି ଦେଖିଲେ ତାକୁ ଭାଙ୍ଗି ଗୁଣ୍ଡ କରିଦେବାଭଳି ଲୋକ ଅଛି ବୋଲି ଆପଣ କଳ୍ପନା କରିପାରିବେନାହିଁ ।"

ଚଉକିଉପରକୁ ଆଉଜି ବସି ହୋମ୍‌ସ କହିଲେ, "ସେ ବିଷୟ ବୁଝିବା ମୋ ଧନ୍ଦାଭିତରକୁ ଆସୁନାହିଁ ।"

"ମୁଁ ଠିକ୍‌ ସେଇଆ କହୁଥିଲି । ତଥାପି ଲୋକଟା ଯେତେବେଳେ ଏଇ ମୂର୍ତ୍ତିଗୁଡ଼ା ଭାଙ୍ଗିବାକୁ ଅନ୍ୟର ଘରେ ପଶୁଛି, ଘଟଣାଟା ଆଉ ଡାକ୍ତରଙ୍କ ହାତରେ ନରହି ପୋଲିସହାତକୁ ଚାଲିଆସୁଛି । କାରଣ ସେ ଏଥିପାଇଁ ଡକାୟତି କରୁଛି ।"

ସଳଖହୋଇ ବସି ହୋମ୍‌ସ କହିଲେ, "ଡକାୟତି ! ବାଃ, ବେଶ୍‌ ମଜାକଥା ତ । ମୋତେ ଘଟଣାର ପୁରା ବିବରଣୀଟା କୁହ ।"

ଲେସ୍‌ଟ୍ରେଡ୍‌ ତାଙ୍କ ନୋଟ୍‌ବୁକ୍‌ଟା ଦେଖି ସବୁକଥା ମନେପକାଇ କହିଲେ, 'ମୋର୍‌ସ ହଡ୍‌ସନ୍‌ଙ୍କ ଦୋକାନର ଘଟଣା । ଦୋକାନଟା କେନିଂଟନ୍‌ ରୋଡ୍‌ରେ । ସେଠି ଗୋଟେ ଅଂଶରେ ଛବି ଆଉ ମୂର୍ତ୍ତିସବୁ ବିକିପାଇଁ ଥାଏ । ତାଙ୍କ ସହକାରୀ ମାତ୍ର ମୁହୂର୍ତ୍ତିକ ପାଇଁ ଦୋକାନ ସାମନାରୁ କୁଆଡ଼େ ଯାଇ-ଥିଲେ । କିଛି ଗୋଟେ ଭାଙ୍ଗିବାପରି ଶବ୍ଦ ସେ ଶୁଣିପାରି ଧାଇଁ ଆସିଲେ । ଦେଖିଲେ ମୂର୍ତ୍ତିଗୁଡ଼ାକ ଭିତରେ ଥିବା ନେପୋଲିୟନ୍‌ଙ୍କର ଗୋଟେ ମୂର୍ତ୍ତିଭାଙ୍ଗି ଗୁଣ୍ଡ ହୋଇ ପଡ଼ିଛି । ସେ ରାସ୍ତାଉପରକୁ ଧାଇଁଗଲେ । ରାସ୍ତାରେ ଯିବା ଆସିବା କରୁଥିବା ଲୋକେ କହିଲେ ଯେ ଦୋକାନରୁ ଜଣେଲୋକ ବାହାରି ପଳାଇବାର ସେମାନେ ଦେଖିଛନ୍ତି । ତଥାପି ସେ କାହାରିକୁ ଦେଖିବାକୁ ପାଇଲେ ନାହିଁ କିମ୍ବା ବଦ୍‌ମାସ୍‌ଟାକୁ ଧରିବା ବା ଚିହ୍ନିବାର କିଛି ବାଟ ପାଇଲେ ନାହିଁ । ଏକୁ ସହରରେ କେବେକେବେ ଘଟୁଥିବା ଗୁଣ୍ଡାମୀ ବୋଲି ଧରିନିଆଗଲା । ବିଟ୍‌ରେ ଥିବା କନେଷ୍ଟବଲଙ୍କୁ ମଧ୍ୟ ସେଇ ମର୍ମରେ ରିପୋର୍ଟ ଦିଆଗଲା । ଘଟଣାଟା ଅନୁସନ୍ଧାନ ପାଇଁ ଚିନ୍ତାଖେଳ ପରି ମନେହେଲା ।

Digitized by srujanika@gmail.com

"ଦ୍ୱିତୀୟ ଘଟଣାଟା କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ ଅସାଧାରଣ । ଘଟଣାଟା ମାତ୍ର କାଲି ରାତିରେ ଘଟିଛି । କେନ୍ସିଙ୍ଗ୍ଟନ୍ ରୋଡ଼ରେ ମୋର୍ସ ହଡ୍ସନ୍ଙ୍କ ଦୋକାନଠୁ କେତେଶହ ଗଜ ଦୂରରେ ଜଣେ ଡାକ୍ତର ରହନ୍ତି । ନାଁ ଡାକ୍ତର ବାର୍ନିକଟ୍ । ଥେମ୍ସନଦୀର ଦକ୍ଷିଣ ପାଖରେ ସେ ସବୁଠୁ ବଡ଼ ଡାକ୍ତରୀ ବ୍ୟବସାୟୀ । ତାଙ୍କର ଘର ଆଉ ମୁଖ୍ୟ ପରାମର୍ଶ ଅଫିସ କେନ୍ସିଙ୍ଗ୍ଟନ୍ ରୋଡ଼ରେ । କିନ୍ତୁ ଦୁଇ ମାଇଲ ଦୂରରେ ଲୋୟର୍ ବ୍ରିକ୍ସଟନ୍ ରୋଡ଼ରେ ତାଙ୍କର ଗୋଟେ ଶାଖା ଅଫିସ ଅଛି । ଡାକ୍ତର ବାର୍ନିକଟ୍ ନେପୋଲିୟନ୍ଙ୍କର ଜଣେ ବଡ଼ ଭାବକ ଆଉ ତାଙ୍କ ଘରେ ଫରାସୀ ସମ୍ରାଟଙ୍କର ଛବି ବହି ଆଉ ଆଉ ଅନ୍ୟ ସ୍ମୃତି ସବୁ ପୂରିରହିଛି । କିଛିଦିନତଳେ ସେ ମୋର୍ସ ହଡ୍ସନ୍ଙ୍କ ଠାରୁ ନେପୋଲିୟନଙ୍କର ଦୁଇଟା ପ୍ଲାଷ୍ଟର ମୂର୍ତ୍ତି କିଣିଥିଲେ । ଏ ମୂର୍ତ୍ତି ଫରାସୀ ଶିଳ୍ପୀ ଡିଭାଇନ୍ଙ୍କ ଦ୍ୱାରା ତିଆରି । ଏଥିରୁ ଗୋଟେ ମୂର୍ତ୍ତି ସେ ତାଙ୍କ କେନ୍ସିଙ୍ଗ୍-ଟନ୍ ରୋଡ଼ ଘର ବାଟଘରେ ରଖିଥିଲେ । ଅନ୍ୟଟା ବ୍ରିକ୍ସଟନ୍ ରୋଡ଼ରେ ତାଙ୍କ ଡାକ୍ତରଖାନାରେ ଗୋଟେ ଥାକ ଆଲମିରା ଉପରେ ରଖିଥିଲେ । ଆଜି ସକାଳେ ଡାକ୍ତର ବାର୍ନିକ୍ ସେଠି ପହଞ୍ଚି ଦେଖିଲେ ତାଙ୍କ ଘରେ ଡକାୟତି ହୋଇଛି । କିନ୍ତୁ ଆଶ୍ଚର୍ଯ୍ୟର କଥା, କେବଳ ନେପୋଲିୟନ୍ଙ୍କ ମୂର୍ତ୍ତି ବ୍ୟତୀତ ଅନ୍ୟ କୌଣସି ଜିନିଷରେ ହାତ ବାଜି ନାହିଁ । ଡକାୟତ ମୂର୍ତ୍ତିଟା ପଦାକୁ ନେଇଯାଇ ସେଟାକୁ ବଗିଚା କାନ୍ଥରେ ପିଟି ଚୂନା କରିଦେଇଛି । ସେଠୁ ମୂର୍ତ୍ତିର ଭଙ୍ଗା ଅଂଶ ମିଳିଛି ।"

ହାତ ଦୁଇଟା ମଳି ମଳି ହୋମ୍ସ କହିଲେ, "ଏ ତ ବାସ୍ତବିକ ବଡ଼ ବିଚିତ୍ର କଥା ।"

"ମୁଁ ଭାବିଲି କଥାଟା ଆପଣଙ୍କ ମନକୁ ପାଇବ । କିନ୍ତୁ ଘଟଣାଟାର ଶେଷକୁ ମୁଁ ଆସିନାହିଁ । ଡାକ୍ତର ବାର୍ନିକଟ୍ ବାରଟା ବେଳେ ତାଙ୍କ ଡାକ୍ତରଖାନାକୁ ଆସିବା କଥା । ସେଠି ପହଞ୍ଚି ସେ ଦେଖିଲେ ଯେ, ରାତିରେ ଝରକା ଭଙ୍ଗାଯାଇଛି ଆଉ ନେପୋଲିୟନ୍ଙ୍କ ଦ୍ୱିତୀୟ ମୂର୍ତ୍ତିଟା ଭାଙ୍ଗି ଟିକିଟିକି ହୋଇ ଘରଭିତରେ ପଡ଼ିଛି । ସେ କେମିତି ବିସ୍ମିତ ହୋଇଥିବେ ଆପଣ ଅନୁମାନ କରନ୍ତୁ । ମୂର୍ତ୍ତିଟା ଯେଉଁଠି ଥିଲା ସେଇଠି ତାକୁ ପିଟି ଗୁଣ୍ଡ କରିଦିଆଯାଇଛି । ଉଭୟ ଘଟଣାରେ

Digitized by srujanika@gmail.com

କେଉଁ ଅପରାଧୀ ବା ପାଗଳ ଏ କାମକରୁଛି ଜାଣିବାପାଇଁ କୌଣସି ସୂତ୍ର ନାହିଁ । ଏଇ ହେଲା ଘଟଣା ମିଷ୍ଟର୍ ହୋମ୍‌ସ ।"

ହୋମ୍‌ସ ଉତ୍ତରଦେଲେ, "ଘଟଣା ଦୁଇଟା ଅସାଧାରଣ ସତ; କିନ୍ତୁ ଅଦ୍ଭୁତ ନୁହେଁ । ଆଚ୍ଛା, ଡାକ୍ତର ବାର୍ନିକଟ୍‌ଙ୍କ ଘରେ ଭଙ୍ଗାଯାଇଥିବା ମୂର୍ତ୍ତି ଦୁ'ଟା ଆଉ ମୋରସ ହଡସନ୍‌ଙ୍କ ଦୋକାନରେ ଭଙ୍ଗାଯାଇଥିବା କ'ଣ ପୂରାପୂରି ସମାନ ?"

"ହଁ, ସବୁଗୁଡ଼ା ଗୋଟେ ଛାଞ୍ଚରେ ତିଆରି ।"

"ଏ ଘଟଣାରୁ ଯେଉଁ ଲୋକ ମୂର୍ତ୍ତିସବୁ ଭାଙ୍ଗୁଛି ତାର ନେପୋଲିୟନ୍‌ଙ୍କ ପ୍ରତି ବିଶେଷ ଘୃଣା ଥିବାର ଅନୁମାନ କରିବାଟା ମୋଟେ ଠିକ୍ ହେବନାହିଁ । ସେଇ ବିଖ୍ୟାତ ସମ୍ରାଟଙ୍କର ଶହ ଶହ ମୂର୍ତ୍ତି ଲଣ୍ଡନ ସହରରେ ଅଛି । କିନ୍ତୁ ମୂର୍ତ୍ତି ଭାଙ୍ଗୁଥିବା ଲୋକ କେବଳ ଗୋଟେ ଛାଞ୍ଚରେ ଗଢ଼ା ମୂର୍ତ୍ତିସବୁ ଭାଙ୍ଗୁଛି ।"

"ମୁଁ ବି ଠିକ୍ ସେଇଆ ଭାବୁଥିଲି । ଅପରପକ୍ଷରେ ଲଣ୍ଡନର ଯେଉଁ ଅଞ୍ଚଳରେ ମୋରସ୍ ହଡ଼ସନ୍ ମୂର୍ତ୍ତି କିଣା ବିକା କରନ୍ତି । କେତେବର୍ଷ ହେଲା ତାଙ୍କ ଦୋକାନରେ ଏଇ ତିନଟା ମୂର୍ତ୍ତି ଥିଲା । ତେଣୁ ଆପଣଙ୍କ କହିବା ଅନୁଯାୟୀ ଲଣ୍ଡନରେ ଶହ ଶହ ମୂର୍ତ୍ତି ଥିଲେ ମଧ୍ୟ ସେ ଅଞ୍ଚଳରେ କେବଳ ଏଇ ତିନଟା ମୂର୍ତ୍ତି ଥିବା ସମ୍ଭବ । ତେଣୁ କେଉଁ ସ୍ଥାନୀୟଲୋକ କ୍ରୋଧାନ୍ଧହୋଇ ସେଇଠୁ ମୂର୍ତ୍ତିଭଙ୍ଗା ଆରମ୍ଭ କରିଥାଇପାରେ । ଆପଣ କ'ଣ ଭାବୁଛନ୍ତି ଡାକ୍ତର ୱାଟସନ୍ ?"

ମୁଁ ଉତ୍ତରଦେଲି, "ଏଇପରି ଗୋଟେ ବିଷୟରେ ପାଗଳା ଲୋକଙ୍କର ସମ୍ଭାବନାର କିଛି ସୀମା ନାହିଁ । ସେମାନଙ୍କର ଏଇ ଅବସ୍ଥାକୁ ଫରାସୀ ମନୋବିଜ୍ଞାନୀମାନେ ଇଡିଫିକ୍ସ ବୋଲି କହୁଛନ୍ତି । ଏଇ ଲୋକମାନେ କେବଳ ଗୋଟେ କଥାକୁ ଛାଡ଼ିଦେଲେ ଅନ୍ୟସବୁ ଦିଗରେ ବେଶ୍ ସୁସ୍ଥ ମନା । ଯେଉଁ ଲୋକ ନେପୋଲିୟନ୍‌ଙ୍କ ବିଷୟ ଗୁଡ଼ାଏ ପଢ଼ିଛି କିମ୍ବା ଯାହାର ପୂର୍ବପୁରୁଷ ନେପୋଲିୟନ୍‌ଙ୍କ ଯୁଦ୍ଧରେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି ତାର ଇଡିଫିକ୍ସ ଜାତହେବା ସମ୍ଭବ । ତାର ପ୍ରଭାବରେ ସେ ଏ ପ୍ରକାର କ୍ରୋଧାନ୍ଧ ହୋଇପାରେ ।"

Digitized by srujanika@gmail.com

"ସେକଥା ଚଳିବ ନାହିଁ ୱାଟ୍‌ସନ୍ ।" ହୋମ୍‌ସ ମୁଣ୍ଡହଲାଇ କହିଲେ । କାରଣ ଇଡ଼ିଫିକ୍‌ସ ଯେତେ ପ୍ରବଳହେଲେ ବି ତାହା ଏଇ ପାଗଳକୁ ମୂର୍ତ୍ତିଗୁଡ଼ା ଖୋଜି ବାହାରକରିବାକୁ ବଳ ଦେବନାହିଁ ।"

"ତାହେଲେ ତୁମେ ଏ ଘଟଣାରୁ କ'ଣ ବୁଝୁଛ ?"

"ମୁଁ କିଛି ବୁଝିବାକୁ ଚେଷ୍ଟା କରୁନାହିଁ । ତେବେ ମୁଁ କେବଳ ଏତିକି ଲକ୍ଷ୍ୟକରୁଛି ଯେ ଏଇ ମୂର୍ତ୍ତିଭାଙ୍ଗିବା ଭଦ୍ରଲୋକର କାମରେ ଗୋଟେ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି । ଉଦାହରଣ ସ୍ୱରୂପ ଡାକ୍ତର ବାର୍‌ନିକଟଙ୍କ ବାଟଘରେ କିଛି ଶବ୍ଦହେଲେ ଘରର ଲୋକେ ଶୁଣିପାରିବେ । ତେଣୁ ମୂର୍ତ୍ତିଟା ବାହାରକୁ ନିଆଯାଇ ଭଙ୍ଗାଯାଇଛି । କିନ୍ତୁ ତାଙ୍କ ଡାକ୍ତରଖାନାରେ କେହି ଶୁଣିପାରିବାର ଆଶଙ୍କା କମ୍ । ତେଣୁ ମୂର୍ତ୍ତିଟା ଯେଉଁଠିଥିଲା ସେଇଠି ଭାଙ୍ଗିଦିଆଯାଇଛି । ଘଟଣାଟା ଅବଶ୍ୟ ନିହାତି ତୁଚ୍ଛପରି ମନେହେବ, ତଥାପି ମୁଁ କୌଣସି ଘଟଣାକୁ ତୁଚ୍ଛବୋଲି ମନେ କରେ ନାହିଁ । ମୋର ମନେଅଛି, ମୋର କେତେକ ବଡ଼ବଡ଼ କେଶ୍‌ରେ ସେମିତି କିଛି ଉଲ୍ଲେଖଯୋଗ୍ୟ ଘଟଣାନଥିଲା । ତୁମର ମନେଥିବ ୱାଟ୍‌ସନ୍, ଆବର୍‌ନେଟି ପରିବାରର ଭୟଙ୍କର କାହାଣୀ । ଏ ଘଟଣା ସମ୍ବନ୍ଧରେ ପ୍ରଥମେ ମୋ ପାଖକୁ ଯେଉଁ ସମ୍ବାଦ ଆସିଲା ତା'ହେଲା ଖୁବ୍ ଗରମ ଦିନରେ ମସଲା ତେଲରେ କେତେ ଗଭୀରକୁ ବୁଡ଼ିଥିଲା । ତେଣୁ ତୁମର ଏଇ ତିନି ମୂର୍ତ୍ତିଭଙ୍ଗା ଘଟଣାକୁ ମୁଁ ହସରେ ଉଡ଼ାଇଦେଇ ପାରିବନାହିଁ ଲେଷ୍ଟ୍ରେଡ୍ । ଏଇ ଅସାଧାରଣ କାର୍ଯ୍ୟ ଧାରାରେ ଆଉ କିଛି ନୂଆ ଘଟଣା ଘଟିଲେ ମୋତେ ଜଣାଇଲେ ମୁଁ ବଡ଼ କୃତଜ୍ଞ ହେବି ।'

ଯେଉଁ ନୂଆ ଘଟଣାଟା ହୋମ୍‌ସ ଆଶା କରୁଥିଲେ ତାହା ଖୁବ୍ ଚଞ୍ଚଳ ଘଟିଗଲା । ଘଟଣାଟା ମଧ୍ୟ ଅଧିକ ଦୁଃଖପୂର୍ଣ୍ଣ । ଆମେ ଏହା କଳ୍ପନା କରିନଥିଲୁ । ତା'ଆରଦିନ ସକାଳେ ମୁଁ ଉଠି ମୋ ଶୋଇଲାଘରେ ପୋଷାକ ପିନ୍ଧୁଥାଏ । ଏତିକିବେଳେ କବାଟରେ ଠକ୍ ଠକ୍ ଶବ୍ଦହେଲା ଆଉ ହୋମ୍‌ସ ଘରଭିତରକୁ ପଶିଆସିଲେ । ତାଙ୍କ ହାତରେ ଗୋଟେ ଟେଲିଗ୍ରାମ୍ ।

Digitized by srujanika@gmail.com

ସେ ବଡ଼ପାଟିରେ ପଢ଼ିଲେ : "ଶୀଘ୍ର ଆସନ୍ତୁ । ୧୩୧ ପିଟ୍‌ଷ୍ଟ୍ରୀଟ୍, କେନ୍‌ସିଙ୍ଗ୍‌ଟନ । ଲେସ୍‌ଟ୍ରେଡ୍ ।"

"କଥା କ'ଣ ?" ମୁଁ ପଚାରିଲି ।

"ଜାଣେନା । ଯାହା କିଛି ହୋଇପାରେ । ମୋର ସନ୍ଦେହ ସେଇ ମୂର୍ତ୍ତି ଭଙ୍ଗା ଘଟଣା ବାବଦରେ କିଛି । ତା' ହୋଇଥିଲେ ଆମର ମୂର୍ତ୍ତିଭଙ୍ଗା ବନ୍ଧୁଟି ଲଣ୍ଡନର ଆଉ ଗୋଟେ ଭାଗରେ ତାର କାମ ଆରମ୍ଭ କରି ଦେଲାଣି । ଟେବୁଲ ଉପରେ କଫି ଅଛି ଓ୍ୱାଟ୍‌ସନ୍ ଆଉ ବାହାରେ ଗାଡ଼ି ଅପେକ୍ଷା କରୁଛି ।"

ଅଧଘଣ୍ଟାକରେ ଆମେ ପିଟ୍‌ଷ୍ଟ୍ରୀଟ୍‌ରେ ପହଞ୍ଚିଗଲୁ । ଜନ କୋଳାହଳମୟ ଲଣ୍ଡନ ସହରର ଠିକ୍ ପାଖେ ପାଖେ ଏକ ନିରୋଳା ଜାଗା । ୧୩୧ ନମ୍ବର ଘର ଧାଡ଼ିଏ ସୁନ୍ଦର ଆଡ଼ମ୍ବର ଶୂନ୍ୟ ଘର । ଦେଖିଲୁ ଘରର ସାମନା ରେଲିଂ ପାଖରେ ଅନେକ ଲୋକ ଜମା । ସମସ୍ତେ ଖୁବ୍ କୌତୂହଳୀ । ହୋମ୍‌ସ କହିଉଠିଲେ, "ହେ ଭଗବାନ, ଅନ୍ତତଃ ହତ୍ୟା କରିବାର ଚେଷ୍ଟା ହୋଇଛି । ତାଠୁ କିଛି କମ୍ ଘଟଣା ହୋଇଥିଲେ ଲଣ୍ଡନରୁ ସମ୍ବାଦ ପ୍ରତିନିଧି ଆସି ନଥାନ୍ତେ । ସେ ଲୋକ ବେକ ଲମ୍ବାଇ ଗୁନ୍ଧିରହିଛନ୍ତି । ତେଣୁ ଜଣାଯାଉଛି କିଛି ହିଂସାକାଣ୍ଡ ଘଟିଛି । ଘଟଣା କଣ ଓ୍ୱାଟ୍‌ସନ୍ ? ସେଇଠି ସାମନା ଝରକା ପାଖରେ ଲେସ୍‌ଟ୍ରେଡ୍ । ଆମେ ଶୀଘ୍ର ସବୁ କଥା ଜାଣିପାରିବା ।"

ଲେସ୍‌ଟ୍ରେଡ୍ ଆମକୁ ଡାକନେଲେ । ସେ ଖୁବ୍ ଗମ୍ଭୀର ଦେଖାଯାଉଥାନ୍ତି । ସେ ଆମକୁ ଗୋଟେ ବୈଠକଖାନାକୁ ନେଇଗଲେ । ସେଠି ଜଣେ ବୟସ୍କ ଲୋକ ଏପଟ ସେପଟ ହେଉଥାନ୍ତି । ସେ ଖୁବ୍ ବିଚଳିତ ଜଣାପଡୁଥାନ୍ତି । ମୁଣ୍ଡବାଳଗୁଡ଼ା ଆଲୁରୁବାଲୁରୁ ହୋଇଯାଇଥାଏ । ଫ୍ଲାନେଲ୍‌ର ଗୋଟେ ଗାଉନ୍ ପିନ୍ଧିଥାନ୍ତି । ସେ ସେଇ ଘରର ମାଲିକ । ଆମ ସାଥିରେ ତାଙ୍କର ପରିଚୟ କରାଇ ଦିଆଗଲା । ସେ ମିଷ୍ଟର୍ ହୋରାସ୍ ହାର୍‌କର୍, ସେଣ୍ଟ୍ରାଲ୍ ପ୍ରେସ୍ ସିଣ୍ଡିକେଟ୍‌ରେ କାମ କରନ୍ତି । ଲେସ୍‌ଟ୍ରେଡ୍ କହିଲେ, "ପୁଣି ସେଇ ନେପୋଲିୟନ୍ ମୂର୍ତ୍ତି ଧନ୍ଦା । କାଲି ରାତରେ ଜାଣିଲି ଆପଣ ଏଥିରେ ଖୁବ୍

Digitized by srujanika@gmail.com

ଆଗ୍ରହୀ । ଏବେ ଘଟଣାଟା ଖୁବ୍‌ ଗୁରୁତର ଆକାର ଧାରଣ କରିଛି । ତେଣୁ ସ୍ୱବଳ ଆପଣ ଏଠିକି ଆସିବାକୁ ମନ ବଳାଇବେ ।”

“କି ଗୁରୁତର ଆକାର ଧାରଣ କରିଛି ?”

“ହତ୍ୟା । ମିଷ୍ଟର୍‌ ହାର୍‌କର୍‌, ଠିକ ଠିକ୍‌ ଯାହା ଘଟିଛି, ଏଇ ଭଦ୍ରଲୋକଙ୍କ ଆଗରେ କହନ୍ତୁ ।”

ଭଦ୍ରଲୋକ ଆମ ଆଡ଼କୁ ବୁଲି ବଡ଼ ବିରସମନରେ କହିଲେ, “କି ବିଚିତ୍ରକଥା ଦେଖନ୍ତୁ । ଜୀବନସାରା ମୁଁ ଅନ୍ୟଲୋକଙ୍କ ସମ୍ବାଦ ସଂଗ୍ରହ କରିଆସିଛି । ଏବେ ମୋ ପାଖରେ ଏତେବଡ଼ ଗୋଟେ ଖବର । କିନ୍ତୁ ମୁଁ ଏତେ ଘାବରେଇ ଯାଇଛି ଯେ ମୋ ମୁହଁରୁ ଦି’ପଦ କଥା ଠିକ୍‌ ବାହାରି ପାରୁନାହିଁ । ସାମ୍ବାଦିକ ଭାବରେ ମୁଁ ଏଠିକି ଆସିଥିଲେ ଅନ୍ୟଲୋକଙ୍କଠାରୁ ଖବର ସଂଗ୍ରହକରି ପ୍ରତ୍ୟେକ ଖବରକାଗଜରେ ପ୍ରକାଶ କରିଥାନ୍ତି । କିନ୍ତୁ ପରିସ୍ଥିତି ଯାହା, ମୋତେ ବିଭିନ୍ନ ଲୋକଙ୍କ ଆଗରେ କଥାଟା କହିବାକୁ ପଡ଼ୁଛି । ଅଥଚ ମୁଁ ନିଜେ କଥାଟାକୁ କିଛି କାମରେ ଲଗାଇ ପାରୁନାହିଁ । ଯାହାହେଉ ମୁଁ ଆପଣଙ୍କ ନାଁ ଶୁଣିଛି ମିଷ୍ଟର୍‌ ସେର୍‌ଲକ୍‌ ହୋମ୍‌ସ । ଆପଣ ଯଦି ଏଇ ବିଚିତ୍ରଘଟଣା କଥା ବୁଝାଇଦେଇ ପାରିବେ ତେବେ ମୋ କହିବାର ମୂଲ୍ୟ ମୁଁ ପାଇଯିବି ।”

ହୋମ୍‌ସ ଚଉକିଉପରେ ବସି ମନଦେଇ ଶୁଣିଲେ ।

“ଘଟଣାଟା ସେଇ ନେପୋଲିୟନଙ୍କ ମୂର୍ତ୍ତିକୁ କେନ୍ଦ୍ରକରି ଘଟିଲାପରି ମନେହେଉଛି । ଚାରିମାସତଳେ ସେ ମୂର୍ତ୍ତି ମୁଁ କିଣିଥିଲି । ହାଏ ଷ୍ଟ୍ରିଟ ଷ୍ଟେସନ ପାଖ ହାର୍‌ଡିଂ ବ୍ରଦର୍‌ସଙ୍କଠାରୁ ଶସ୍ତାରେ ପାଇଥିଲି । ମୋ ସାମ୍ବାଦିକ କାମର ଅଧିକାଂଶ ମୋତେ ରାତିରେ କରିବାକୁ ପଡ଼େ ଆଉ ବେଳେବେଳେ ମୁଁ ରାତିଯାକ ବସି ଲେଖାଲେଖି କରେ । କାଲି ଠିକ୍‌ ସେଇଆ ହେଲା । ମୁଁ ଉପରମହଲାର ପଛପାଖ ମୋ କୋଠରୀରେ ବସି ଲେଖୁଥାଏ । ସେତେବେଳକୁ ରାତି ତିନିଟା । ତଳେ କିଛି ଶବ୍ଦହେବାର ଶୁଣିପାରିଲି । କାନଡେରିଲି କିନ୍ତୁ ଶବ୍ଦ ଆଉ ଶୁଣାଗଲା ନାହିଁ । ସ୍ୱବଳ ବାହାରୁ କେଉଁଠୁ ଶବ୍ଦଟା ଆସିଥିଲା । ତା’ପରେ, ପାଞ୍ଚମିନିଟ୍‌ପରେ ହଠାତ୍‌ ଗୋଟେ ଭୟଙ୍କର

Digitized by srujanika@gmail.com

ଚିତ୍କାର ଶୁଣାଗଲା । ସେମିତି ଭୟଙ୍କର ଶବ୍ଦ ମୁଁ କେବେ ଶୁଣିନାହିଁ ମିଷ୍ଟର୍ ହୋମ୍‌ସ । ବଞ୍ଚିଥିବାଯାଏ ସେ ଶବ୍ଦ ମୋ କାନରେ ବାଜୁଥିବ । ପ୍ରାୟ ଦ'ମିନିଟ୍‌ଯାଏ ଭୟରେ ମୁଁ ବରଫ ପାଲଟିଗଲି । ତା'ପରେ ନିଆଁ ଉଖୁରା ଛଡ଼ଟା ଧରି ତଳକୁ ଚାଲିଲି । ଏଇ ଘରେ ପହଞ୍ଚି ଦେଖିଲି ଝରକାଟା ଠିଆ ମେଲା ଆଉ ଥାକଉପରୁ ନେପୋଲିୟନଙ୍କ ମୂର୍ତ୍ତିଟା ଚାଲିଯାଇଛି । କେହି ଡକାୟତ ଯେ ମୂର୍ତ୍ତିଟା କାହିଁକି ନେବ ମୁଁ ଭାବିପାରୁନାହିଁ । କାରଣ ମୂର୍ତ୍ତିଟା ପ୍ଲାଷ୍ଟରରେ ତିଆରି ଆଉ ତା'ର ମୂଲ୍ୟ ବେଶୀ କିଛି ନୁହେଁ ।

"ଆପଣ ନିଜେ ଦେଖିପାରିବେ, ସେଇ ଖୋଲା ଝରକାବାଟେ କେହି ବାହାରକୁ ଗଲେ, ଗୋଟେ ଲମ୍ବାପହଞ୍ଚ ପକାଇଦେଲେ ସାମନା ଦରଜା ପାହାଚରେ ପହଞ୍ଚିବ । ଡକାୟତଟା ନିଶ୍ଚୟ ସେଇଆ କରିଛି । ତେଣୁ ମୁଁ ବୁଲିଯାଇ ଦରଜାଟା ଖୋଲିଦେଲି । ଅନ୍ଧାର ଭିତରେ ପଦାକୁ ପାଦ ପକାଇଲାମାତ୍ରେ ମୁଁ ସେଠି ପଡ଼ିଥିବା ଜଣେ ମୃତଲୋକ ଉପରେ ପ୍ରାୟ ପଡ଼ିଗଲି । ଧାଇଁଆସି ଆଲୁଅଟାଏ ନେଇଗଲି । ଦେଖିଲି ବିଚରା ସେଠି ପଡ଼ିଛି । ତା ତଣ୍ଟିରେ ଗୋଟେ ଗମ୍ଭୀରିଆ କ୍ଷତ ଆଉ ଜାଗାଟାରେ ରକ୍ତର ସୁଅ । ବିଚରା ଚିତ୍‌ହୋଇ ପଡ଼ିଥିଲା । ତା ଆଣ୍ଠୁ ଦ'ଟା କୁଞ୍ଚି ହୋଇଯାଇଥିଲା ଆଉ ଭୟରେ ପାଟିଟା ମେଲା ହୋଇଯାଇଥିଲା । ମୁଁ କୌଣସିମତେ ମୋ ପୋଲିସ ହୁଇସିଲଟା ବଜାଇଦେଲି । ତା'ପରେ ମୁଁ ନିଶ୍ଚୟ ଅଚେତା ହୋଇଯାଇଥିବି । କାରଣ ମୋର ଚେତାଆସିଲାରୁ ଦେଖିଲି ମୁଁ ବାଟଘରେ ଆଉ ପୋଲିସ ଜଣକ ମୋ ପାଖରେ ଠିଆ ହୋଇଛି ।"

ହୋମ୍‌ସ ପଚାରିଲେ, "ଆଚ୍ଛା, ସେ ନିହତ ଲୋକ କିଏ ?"

ଲେଷ୍ଟ୍ରେଡ୍ ଉତ୍ତରଦେଲେ, "ସେ କିଏ ଜାଣିବାର କିଛି ସଙ୍କେତ ନାହିଁ । ଆପଣ ଶବ ବ୍ୟବଚ୍ଛେଦ ଘରେ ତାକୁ ଦେଖିପାରିବେ । ଆମେ ଏଯାଏ କିଛି କରିନାହୁଁ । ସେ ଜଣେ ଡେଙ୍ଗା ଆଉ ବେଶ୍ ବଳୁଆ ଲୋକ । ବୟସ ତିରିଶ ବର୍ଷରୁ ବେଶି ହେବନାହିଁ । ପୋଷାକପତ୍ର ଅତି ସାଧାରଣ ହେଲେ ମଧ୍ୟ ଲୋକଟା କୁଲିମୂଲିଆ ପରି ଜଣାଯାଉନାହିଁ । ଗୋଟେ ଶିଙ୍ଗବେଣ୍ଟଲଗା ଛୁରୀ

Digitized by srujanika@gmail.com

ତା'ପାଖରେ ରକ୍ତଭିତରେ ପଡ଼ିଥିଲା । ଏଇ ଅସ୍ତ୍ରରେ ହତ୍ୟା କରାଯାଇଛି କି ସେଇଟା ମୃତଲୋକର ମୁଁ ଜାଣେନା । ତା'ପୋଷାକରେ କିଛି ନାଁ ନଥିଲା । ତା ପକେଟ୍‌ରେ ଗୋଟେ ଆପଲ୍, କିଛି ସୂତା, ଲଣ୍ଡନ ସହରର ଗୋଟେ ଷ୍ଟ୍ରିଟ ମାନଚିତ୍ର ଏବଂ ଗୋଟ ଫଟୋ ଛଡ଼ା ଆଉ କିଛି ନଥିଲା । ଏଇଟି ସେ ଫଟୋ ।"

ଫଟୋଟା ଗୋଟେ ଷ୍ଟ୍ରିଟ କାମେରାରେ ଉଠାହୋଇଥିଲା । ସେଇଟା ଜଣେ ଖୁବ୍ ସତର୍କଲୋକର ଫଟୋ । ମୁହଁଟା ମାଙ୍କଡ଼ ମୁହଁପରି । ଆଖିପତା ଦୁ'ଟା ଖୁବ୍ ମୋଟା । ମୁହଁର ତଳ ଅଂଶଟା ବବୁନ୍‌ର ଥୋଡ଼ପରି ପଦାକୁ ଲମ୍ବି ଯାଇଛି । ଫଟୋଟାକୁ ଭଲଭାବେ ଦେଖିସାରି ହୋମ୍‌ସ ପଚାରିଲେ, "ଆଉ ସେ ମୂର୍ତ୍ତିଟା କ'ଣ ହେଲା ?"

"ଆପଣ ଆସିବାର ଠିକ୍ ପୂର୍ବରୁ ଆମେ ତା'ର ଖବର ପାଇଲୁ । କାମ୍ପଡେନ୍ ହାଉସ୍ ରୋଡ୍‌ର ଗୋଟେ ଖାଲି ଘର ସାମନା ବଗିଚାରେ ସେଇଟା ମିଳିଛି । ସେଇଟା ଚିକିଚିକି ହୋଇ ଭଙ୍ଗାଯାଇଛି । ମୁଁ ଏବେ ସେଇଟା ଦେଖିବାକୁ ଯାଉଛି । ଆପଣ ଯିବେ ?"

"ନିଶ୍ଚୟ । ମୋର ସେଇଟା ଟିକିଏ ଦେଖିବା ଦର୍କାର ।" ତା'ପରେ ଘରର ଗାଲିଚା ଆଉ ଝରକାଟା ପରୀକ୍ଷାକରି ସେ କହିଲେ, "ଲୋକଟା ଖୁବ୍ ଡେଙ୍ଗା ଆଉ କର୍ମତତ୍ପର । ଝରକାଟା ଯେତେ ଉଚ୍ଚାରେ ସେଠିକି ଯାଇ ତାକୁ ଖୋଲିବାଟା କିଛି ସହଜ କାମ ନୁହେଁ । ବାହାରିବାଟା ଅବଶ୍ୟ ଅପେକ୍ଷାକୃତ ସହଜ । ଆପଣ ଆମ ସାଥିରେ ଯିବେ ମିଷ୍ଟର୍ ହାର୍କର୍ ?"

"ହଁ, ମୁଁ ସେଠିକି ଯାଇ କିଛି ସମ୍ବାଦ ଯୋଗାଡ଼ କରିବାକୁ ଚେଷ୍ଟା କରିବି । ଅବଶ୍ୟ ସନ୍ଧ୍ୟାର ପ୍ରଥମ ସଂସ୍କରଣ କାଗଜରେ ଟିକିନିଖି ଖବର ସବୁ ବାହାରି ଯିବଣି । ଏ ସବୁ ମୋ ଭାଗ୍ୟ ! ଡନ୍‌କାଷ୍ଟରର ମଞ୍ଚ ଯେତେବେଳେ ଭାଙ୍ଗିଗଲା ଆପଣଙ୍କର ସେ କଥା ମନେଥିବ । ସେଠି ମୁଁ ଏକମାତ୍ର ସମ୍ବାଦିକ ଥିଲି । କିନ୍ତୁ ଏକମାତ୍ର ମୋର ଖବରକାଗଜରେ ସେ ବିଷୟରେ କିଛି ଖବର ବାହାରିଲା ନାହିଁ । କାରଣ ଖବରକାଗଜ ପାଇଁ କିଛି ଲେଖିବା

Digitized by srujanika@gmail.com

ଅବସ୍ଥାରେ ମୁଁ ନଥିଲି । ଅତି ଉତ୍ତେଜିତ ହୋଇ ଯାଇଥିଲି । ଏବେ ମୋର ଘରବାଟ ମୁହଁରେ ଗୋଟେ ହତ୍ୟାକାଣ୍ଡ ଘଟିଗଲା । କିନ୍ତୁ ମୁଁ ଖବରକାଗଜକୁ କିଛି ଖବର ପଠାଇ ପାରିଲିନାହିଁ ।"

ଆମେ ସେ ଘରୁ ବାହାରିଗଲା ବେଳକୁ ସେ ଖଣ୍ଡେ ଫୁଲ୍‌ସ୍କାପ୍ କାଗଜରେ ତରତରରେ କ'ଣ ଲେଖିବାର ଶୁଣିପାରିଲି ।

ଯେଉଁ ଜାଗାରେ ମୂର୍ତ୍ତିର ଭଙ୍ଗା ଅଂଶ ପଡ଼ିଥିଲା ତା ବେଶି ଦୂର ନୁହେଁ । ମୋଟେ କେତେ ଶହ ଗଜଭିତରେ । ସେଇ ମହାନ୍ ସମ୍ରାଟଙ୍କର ଏଇ ଦୁର୍ଦ୍ଦଶା ଉପରେ ଆମର ଆଖି ପ୍ରଥମଥର ପାଇଁ ପଡ଼ିଲା । ଏଇ ମୂର୍ତ୍ତି ଏକ ଅଜଣା ଲୋକ ମନରେ ଏତେ ଘୃଣା ଆଉ ବିଦ୍ୱେଷ ସୃଷ୍ଟି କରିଛି । ଘାସ ଉପରେ ମୂର୍ତ୍ତିର ଭଙ୍ଗାଖଣ୍ଡମାନ ବିଚ୍ଛୁରିତ ହୋଇ ପଡ଼ିଥିଲା । ହୋମ୍‌ସ ସେଥିରୁ କେତେଖଣ୍ଡ ଗୋଟାଇ ଖୁବ୍ ଯତ୍ନରେ ପରୀକ୍ଷାକଲେ । ତାଙ୍କ ନିବିଷ୍ଟ ମନ ଆଉ ଭାବ ଭଙ୍ଗୀରୁ ମୁଁ ଠିକ୍ ଜାଣିପାରିଲି ଯେ ସେ କିଛି ନା କିଛି ଗୋଟେ ସୂତ୍ର ପାଇପାରିଛନ୍ତି ।

"କ'ଣ ?" ଲେଷ୍ଟ୍ରେଡ୍ ପଚାରିଲେ ।

ହୋମ୍‌ସ ଉତ୍ତରଦେଲେ, "ଆମକୁ ଆହୁରି ଅନେକବାଟ ଯିବାକୁ ହେବ । ତଥାପି—ତଥାପି—ଆମେ କାମକରିବା ପାଇଁ କିଛିଟା ସଙ୍କେତ ଦେବାଭଳି ଘଟଣା ଅଛି । ଏଇ ଅଦ୍ଭୁତ ଅପରାଧୀ ଆଖିରେ ଏଇ ମୂର୍ତ୍ତିର ମୂଲ୍ୟ ଗୋଟେ ମଣିଷର ଜୀବନଠାରୁ ଅଧିକ । ଏ ହେଲା ଗୋଟେ ପଏଣ୍ଟ୍ । ତା'ପରେ ଆଉ ଗୋଟେ ଅସାଧାରଣ କଥାହେଲା ମୂର୍ତ୍ତିଟାକୁ ସେ ଘରଭିତରେ କିମ୍ବା ସେଇ ପାଖଆଖରେ ଭାଙ୍ଗିନାହିଁ । ତେଣୁ ମୂର୍ତ୍ତିଟାକୁ ଭାଙ୍ଗିଦେବା କ'ଣ ତାର ଏକମାତ୍ର ଉଦ୍ଦେଶ୍ୟ ?"

"ଏଇ ଦ୍ୱିତୀୟ ଲୋକକୁ ହଠାତ୍ ପାଇଯିବାରୁ ସେ ବିଚଳିତ ହୋଇଗଲା । ସେ କ'ଣ କରୁଛି କିଛି ବୁଝିପାରିଲା ନାହିଁ ।"

"ହଁ, ସେଇଟା ସମ୍ଭବ । କିନ୍ତୁ ଯେଉଁ ଘରର ବଗିଚାରେ ମୂର୍ତ୍ତିଟା ଭଙ୍ଗାଯାଇଛି ସେଇ ଘରର ଅବସ୍ଥିତ ପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଁ ତୁମକୁ ଉପଦେଶ ଦେଉଛି ।"

Digitized by srujanika@gmail.com

ଲେସ୍‌ଟ୍ରେଡ୍ ହୋମ୍‌ସଙ୍କ ମୁହଁକୁ ଚାହିଁ କହିଲେ, "ଘରଟା ଗୋଟେ ଖାଲିଘର । ସେ ଜାଣିଥିଲା ସେଠି କେହି ତା କାମରେ ବାଧାଦେବାକୁ ନାହିଁ ।"

"ହଁ, କିନ୍ତୁ ରାସ୍ତାକଡ଼ରେ ଆଗରୁ ଆଉଗୋଟେ ଖାଲିଘର ବି ଅଛି । ଏଠିକି ଆସିବା ଆଗରୁ ସେ ସେ ଘରଟା ଡେଇଁ ଆସିଛି । ଏଟା ନିଶ୍ଚିତ ଯେ ସେ ମୂର୍ତ୍ତିଟା ଧରି ଯେତେ ବେଶିବାଟ ଯିବ ଧରାପଡ଼ିଯିବାର ଆଶଙ୍କା ସେତେ ବେଶି । ତେବେ ମୂର୍ତ୍ତିଟାକୁ ସେ ପ୍ରଥମ ଖାଲିଘର ପାଖରେ ଭାଙ୍ଗିଲା ନାହିଁ କାହିଁକି ?"

ଲେସ୍‌ଟ୍ରେଡ୍ ଉତ୍ତରଦେଲେ, "ମୁଁ କିଛି ଭାବିପାରୁନାହିଁ ।"

ଆମ ମୁଣ୍ଡଉପରେ ଥିବା ଷ୍ଟ୍ରୀଟ୍‌ଲାମ୍ପ ଆଡ଼କୁ ହାତଠାରି ହୋମ୍‌ସ କହିଲେ, "ଏଠି ସେ ଯାହାକରୁଛି ଦେଖିପାରୁଛି । କିନ୍ତୁ ସେଠି ଆଲୁଅ ନାହିଁ । ସେଇ ହେଲା କାରଣ ।"

ଡିଟେକ୍‌ଟିଭ୍ ଲେସ୍‌ଟ୍ରେଡ୍ କହିଉଠିଲେ, "ହେ ପ୍ରଭୁ ! ତା ପୂରାପୂରି ଠିକ୍ । ଏବେ ଆପଣ କହିଲାରୁ ମୋର ମନେପଡ଼ୁଛି । ମିଷ୍ଟର୍ ବାର୍‌ନିକଟଙ୍କ ମୂର୍ତ୍ତିଟା ତାଙ୍କ ନାଲିଆଲୁଅଟା ପାଖରେ ଭଙ୍ଗା ହୋଇଥିଲା । ଆଚ୍ଛା ମିଷ୍ଟର୍ ହୋମ୍‌ସ, ଏ ତଥ୍ୟକୁ ନେଇ ଆମେ କ'ଣ କରିବା ?"

"ଏ କଥାଟା ମନେରଖିବା । ଭବିଷ୍ୟତରେ କିଛି ଘଟିପାରେ, ଯାହାର ଏଇ କଥା ସାଥିରେ ସମ୍ପର୍କ ଥିବ । ଏବେ ଆପଣ କି ପଦକ୍ଷେପ ନେବେ ବୋଲି ଭାବୁଛନ୍ତି ମିଷ୍ଟର୍ ଲେସ୍‌ଟ୍ରେଡ୍ ?"

"ମୋ ମତରେ ଘଟଣାଟା ଜାଣିବାର ବାସ୍ତବ ପନ୍ଥା ହେଲା, ପ୍ରଥମେ ମୃତ ଲୋକକୁ ଚିହ୍ନୋଟ କରିବା । ସେ ବାବଦରେ କିଛି ଅସୁବିଧା ହେବ ନାହିଁ । ଲୋକଟା କିଏ ଆଉ ତାର ସାଙ୍ଗସାଥି କିଏ ଜାଣିଲାପରେ ସେ କାଲି ରାତିରେ ପିଟ୍‌ଷ୍ଟ୍ରୀଟ୍‌ରେ କ'ଣ କରୁଥିଲା ଜାଣିବା ଆମ ପାଇଁ ସୁବିଧାଜନକ ହେବ । ତା'ଛଡ଼ା ମିଷ୍ଟର୍ ହୋମ୍‌ସ ହାର୍‌କରଙ୍କ ଦରଜା ସାମନାରେ ଯେଉଁ ଲୋକ ତାକୁ ଭେଟିଛି ଆଉ ହତ୍ୟାକରିଛି ତାକୁ ଜାଣିବା ବି ସହଜ ହେବ । ଆପଣଙ୍କ ମତ କ'ଣ ଏଇଆ ନୁହେଁ ?"

"ନିଶ୍ଚୟ । ନଥିଲେ ମୁଁ ଏ ବାଟରେ କେଉଁଠାରେ ଆଗେଇବି ନାହିଁ ।"

Digitized by srujanika@gmail.com

"ଆପଣ ତାହେଲେ କ'ଣ କରିବେ ?"

"ଆପଣଙ୍କ ଉପରେ କୌଣସି ପ୍ରଭାବ ପକାଇବା ଠିକ୍ ନୁହେଁ । ମୋର ପ୍ରସ୍ତାବ, ଆପଣ ଆପଣଙ୍କ ବାଟରେ ଚାଲନ୍ତୁ ଆଉ ମୁଁ ମୋ ବାଟରେ । ପରେ ଆମେ ଆମ ଅନୁସନ୍ଧାନ ନୋଟ ତୁଳନା କରିପାରିବା । ଆଉ ପ୍ରତ୍ୟେକଟା ଅନ୍ୟର ପରିପୂରକ ହୋଇପାରିବ ।"

"ବେଶ୍, ଭଲକଥା ।"

"ହଁ, ଆପଣ ଯଦି ପିଟ୍‌ଷ୍ଟ୍ରୀଟ ଫେରିବେ ତେବେ ମିଷ୍ଟର୍ ହାର୍‌କର୍ ଦେଖିବେ ନିଶ୍ଚୟ । ମୋ ତରଫରୁ ତାଙ୍କୁ କହିଦେବେ, ମୁଁ ମନେ ମନେ ନିଷ୍ପତ୍ତି କରିଛି ଯେ, ଗଲାରାତିରେ ତାଙ୍କ ଘରେ ଯେଉଁ ଲୋକ ପଶିଥିଲା ସେ ଜଣେ ଭୟଙ୍କର ନରହତ୍ୟାକାରୀ ପାଗଳ । ତା'ର ନେପୋଲିୟନଙ୍କ ପ୍ରତି ବିଶେଷ ଘୃଣା । ତାଙ୍କ କାଗଜ ପାଇଁ ଲେଖା ପଠାଇବାକୁ ଏହା ଦରକାରରେ ଆସିବ ।"

ଲେସ୍‌ଟ୍ରେଡ୍ ଚମକିଲାପରି କହିଲେ, "ଆପଣ କ'ଣ ପ୍ରକୃତରେ ଏହା ଭାବୁଛନ୍ତି ?"

ହସି ହସି ହୋମ୍ସ କହିଲେ, "ବୋଧହୁଏ ନୁହେଁ । ତଥାପି ମୁଁ ଜାଣେ ମିଷ୍ଟର୍ ହାର୍‌କର୍ ଏ କଥାରେ ଖୁବ୍ ଆଗ୍ରହ ହେବେ । ହଁ ୱାଟ୍‌ସନ୍, ଆଜି ଦିନଯାକ ଆମକୁ ଅନେକ ଜଟିଳ କାମ କରିବାକୁ ପଡ଼ିବ । ଆଜି ସନ୍ଧ୍ୟା ଛଅଟାବେଳେ ଆପଣ ବେକର୍‌ଷ୍ଟ୍ରୀଟ୍‌ରେ ଆମସାଥିରେ ସାକ୍ଷାତକଲେ ମୁଁ ଖୁବ୍ ଖୁସି ହେବି, ଲେସ୍‌ଟ୍ରେଡ୍ । ସେ ଯାଏ ମୃତଲୋକ ପକେଟ୍‌ରୁ ମିଳିଥିବା ଏଇ ଫଟୋଟା ମୋ ପାଖରେ ଥାଉ । ଆଜି ରାତିରେ ଗୋଟେ ଛୋଟକାଟ ଅଭିଯାନରେ ମୁଁ ତୁମର ସାହାଯ୍ୟ ଲୋଡ଼ିପାରେ । ବର୍ତ୍ତମାନ ପାଇଁ ବିଦାୟ ।"

ସେର୍‌ଲକ୍ ହୋମ୍‌ସ୍ ଆଉ ମୁଁ ସାଥିହୋଇ ଚାଲିଚାଲି କିଛିବାଟ ଗଲାପରେ ହାର୍‌ଡ଼ିଙ୍ଗ୍ ବ୍ରଦର୍‌ସ୍ ଦୋକାନପାଖରେ ଯେ ଅଟକିଲେ । ଏଇଠୁ ମୂର୍ତ୍ତିଟା କିଣା ଯାଇଥିଲା । ଜଣେ ତରୁଣ ସହକାରୀ ଜଣାଇଲା ଯେ, ମିଷ୍ଟର୍ ହାର୍‌ଡ଼ିଙ୍ଗ୍ ଉପରବେଳାକୁ ଆସିବେ । ସେ ନିଜେ ଜଣେ ନୂଆଲୋକ । ତେଣୁ

Digitized by srujanika@gmail.com

ସେ ଆମକୁ କିଛି ଖବର ଦେଇପାରିଲେନାହିଁ । ହୋମ୍‌ସଙ୍କ ମୁହଁରୁ ଜାଣିଲି ସେ ହତାଶ ଆଉ ବିରକ୍ତ ହୋଇପଡ଼ିଛନ୍ତି । ଶେଷରେ ସେ କହିଲେ, "ହଉ, ଆମ ମନ ଅନୁସାରେ ସବୁ ହେବ ବୋଲି ଆଶାକରିବା ଠିକ୍ ନୁହେଁ ଓଆଟ୍‌ସନ୍ । ଆମକୁ ପୁଣି ଉପରବେଳା ଆସିବାକୁ ପଡ଼ିବ । ତୁମେ ନିଶ୍ଚୟ ଜାଣିପାରୁଥିବ ଯେ ଏଇ ମୂର୍ତ୍ତି ସବୁର ମୂଳ କେଉଁଠି ମୁଁ ଖୋଜି ବାହାର କରିବାକୁ ଚେଷ୍ଟାକରୁଛି । ତା'ହେଲେ ମୂର୍ତ୍ତିର ଏଇ ବିଚିତ୍ର ପରିଣତିର କାରଣ ଜାଣି ହେବ । ଚାଲ, କେନ୍‌ସିଙ୍ଗ୍‌ଟନ୍‌ର ମୋର୍‌ସ ହଡ୍‌ସନ୍‌ଙ୍କ ପାଖକୁ ଯିବା । ସେ ଏ ସମସ୍ୟାଉପରେ କିଛି ଆଲୋକପାତ କରିପାରିବେ କି ନାହିଁ ଦେଖିବା ।"

ଘଣ୍ଟାଏପରେ ଆମେ ମୂର୍ତ୍ତି ବ୍ୟବସାୟୀଙ୍କ ଦୋକାନରେ ପହଞ୍ଚିଗଲୁ । ସେ ଟିକିଏ ବୁଢ଼ା ଆଉ ହୃଷ୍ଟପୁଷ୍ଟ ଲୋକ । ମୁହଁଟା ଲାଲ ଆଉ ରାଗିଲା ଚଡ଼ଚଡ଼ିଆ ସ୍ୱଭାବ । ସେ କହିଲେ, "ହଁ ଆଜ୍ଞା । ମୋର ଏଇ ଦୋକାନରେ । ଯଦି ଏଇପରି କେହି ଗୁଣ୍ଡା ଆସି ଆମ ଜିନଷ ଭାଙ୍ଗି ନଷ୍ଟକରିଦିଏ, ଆମେ ସରକାରକୁ କାହିଁକି ଟାକ୍‌ସ ଇତ୍ୟାଦି ଦେଉଛୁ ମୁଁ ଜାଣିପାରୁନାହିଁ । ହଁ ଆଜ୍ଞା, ମୁଁ ଡାକ୍ତର ବାର୍‌ନିକଟ୍‌ଙ୍କୁ ଦୁଇଟା ମୂର୍ତ୍ତି ବିକିକରିଥିଲି । ମୁଁ ଭାବୁଛି, ଏଟା ଶୂନ୍ୟବାଦୀଙ୍କର ଗୋଟେ ଚକ୍ରାନ୍ତ । ମୁଁ ମୂର୍ତ୍ତିସବୁ କେଉଁଠୁ ଆଣିଥିଲି ? ଏ ଘଟଣାରେ ତାର କି ସମ୍ପର୍କ ମୁଁ ଜାଣିପାରୁ ନାହିଁ । ତଥାପି ଆପଣ ଯଦି ଜାଣିବାକୁ ଚାହୁଁଛନ୍ତି, ମୁଁ ଷ୍ଟେପ୍‌ନି, ଚର୍ଚ୍ଚଷ୍ଟ୍ରୀଟ୍‌ର ଗେଲ୍‌ଡର୍ ଆଣ୍ଡ୍ କମ୍ପାନିରୁ ଏସବୁ ଆଣିଥିଲି । ଏ ବ୍ୟବସାୟରେ ସେ ବେଶ୍ ଜଣାଶୁଣା ଆଉ ପ୍ରାୟ କୋଡ଼ିଏ ବର୍ଷହେଲା ଏ ବ୍ୟବସାୟ କରୁଛନ୍ତି । ମୁଁ କେତେଟା ମୂର୍ତ୍ତି ଆଣିଥିଲି ? ତିନଟା । ଦୁଇଟା ଡାକ୍ତର ବାର୍‌ନିକଟ୍ ନେଇଥିଲେ, ଆଉ ଗୋଟେ ଦିନ ଦି'ପହରେ ମୋ ଦୋକାନରେ ଗୁଣ୍ଡ ହୋଇଗଲା । ଏଇ ଫଟୋଟା ମୁଁ ଚିହ୍ନେ କି ନାହିଁ ? ନା, ମୁଁ ଚିହ୍ନେନା । ହଁ ହଁ, ମୁଁ ଚିହ୍ନିଲି ପରି ଲାଗୁଛି । କାହିଁକି, ଇଏତ ବେପୋ ! ସେ ଜଣେ ଇଟାଲିଆନ୍ କାରିଗର । ସେ କିଛିଟା ଖୋଦେଇ କାମ, ଫ୍ରେମ୍ ଉପରେ ରଙ୍ଗକାମ ଆଉ ଏଇପରି ଅନ୍ୟ କାମ କରେ । ମୋ ପାଖରେ ସେ ବେଶ୍ ଦକ୍ଷତା କାମ

Digitized by srujanika@gmail.com

କରୁଥିଲା । ଗଲା ସପ୍ତାହରେ ସେ ମୋ ପାଖରୁ ଚାଲିଗଲା । ମୁଁ ତା' ବିଷୟରେ ଆଉ କିଛି ଶୁଣିନାହିଁ । ସେ କେଉଁଠୁ ଆସିଥିଲା ବା କୁଆଡ଼େ ଗଲା ମୁଁ କିଛି ଜାଣେନା । ମୋ ପାଖରେ ଥିଲାବେଳେ ତା ବିରୁଦ୍ଧରେ କିଛି କହିବାର ନାହିଁ । ମୂର୍ତ୍ତିଟା ଭାଙ୍ଗିବାର ଦୁ'ଦିନ ଆଗରୁ ସେ ଏଠୁ ଚାଲିଯାଇଥିଲା ।"

ଆମେ ବାହାରକୁ ଆସୁ ଆସୁ ହୋମ୍‌ସ କହିଲେ, "ମୋର୍‌ସ ହଡ୍‌ସନ୍‌ଙ୍କ ଠାରୁ ଆମେ ଆଉ କିଛି ଜାଣିବାର ଆଶା କରିପାରେନା । କେନ୍‌ସିଙ୍ଗ୍‌ଟନ୍ ଆଉ କେନ୍‌ସିଙ୍ଗ୍‌ଟନ୍ ଉଭୟସ୍ଥାନରେ ଆମେ ଏଇ ବେପୋକୁ ପାଉଛେ । ତେଣୁ ଆମର ଦଶମାଇଲ ଆସିବାଟା ବୃଥା ନୁହେଁ । ଏଥର ଉଆଟ୍‌ସନ୍ ଆମେ ଗେଲ୍‌ଡର୍ ଆଣ୍ଡ କମ୍ପାନିକୁ ଚାଲିବା । ମୂର୍ତ୍ତିଗୁଡ଼ାକର ଆରମ୍ଭ ସେଇଠୁ । ଆମେ ସେଠୁ ନିଶ୍ଚୟ କିଛି ଖବର ପାଇବା ।"

ବିଳାସବ୍ୟସନଭରା ଲଣ୍ଡନ ସହରର ହୋଟେଲ, ଥିଏଟର୍ ହଲ, ବ୍ୟବସାୟ ସ୍ଥଳ ଆଦି ଗୋଟି ଗୋଟି ଅତିକ୍ରମକରି ଆମେ ଶେଷରେ ଏକ ନଈକୂଳ ସହରରେ ପହଞ୍ଚିଲୁ । ଏଠି ଇଉରୋପର ବିଭିନ୍ନ ସ୍ଥାନରୁ ଚାଲି-ଆସିଥିବା ଲୋକଙ୍କ ଘର । ଏଠି ଧନେ ଧନୀବ୍ୟବସାୟୀମାନେ ରହୁଥିଲେ । ଚଉଡ଼ା ସର୍ବସାଧାରଣ ରାସ୍ତାପାଖରେ ଆମେ ଯାହା ଖୋଜୁଥିଲୁ ସେଇ ଖୋଦେଇକାମ ଦେଖିଲୁ । ଗୋଟେ ବଡ଼ ଅଗଣାରେ ବିଭିନ୍ନ ଶିଳ୍ପ କାମ ଭର୍ତ୍ତିହୋଇଥାଏ । ତା'ପାଖରେ ଗୋଟେ ବଡ଼ଘର । ଭିତରେ ପଚାଶଜଣ ଯାଏ ଲୋକ ମୂର୍ତ୍ତିତିଆରି କାମରେ ଲାଗିଥାନ୍ତି । ସେଠାକାର ମ୍ୟାନେଜର୍ ଜଣେ ସୁସ୍ଥ ସବଳ ଜର୍ମାନଲୋକ । ସେ ବେଶ୍ ଭଦ୍ରତାର ସହ ଆମକୁ ଡାକିନେଲେ । ହୋମ୍‌ସଙ୍କର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମଧ୍ୟ ପରିଷ୍କାରଭାବେ ଦେଲେ । ତାଙ୍କ ଖାତାରୁ ଜଣାଗଲା ଯେ, ଡିଭାଇନ୍ ନେପୋଲିୟନ୍‌ଙ୍କର ଯେଉଁ ମାର୍ବଲ ମୁଣ୍ଡ କରିଥିଲେ ସେଇଥିରୁ ଶହଶହ ମୂର୍ତ୍ତି ନକଲ କରାଯାଇଛି । କିନ୍ତୁ ମୋର୍‌ସ ହଡ୍‌ସନ୍‌ଙ୍କପାଖକୁ ଯେଉଁ ତିନୋଟା ମୂର୍ତ୍ତି ପଠାଯାଇଥିଲା ତା ସାଥିରେ ଆଉ ତିନୋଟା ମୂର୍ତ୍ତି ଏକାବେଳେ ଗୋଟେ ଛାଞ୍ଚରୁ ତିଆରି ହୋଇଥିଲା । ଅନ୍ୟ ତିନୋଟା ମୂର୍ତ୍ତି କେନ୍‌ସିଙ୍ଗ୍‌ଟନ୍‌ର ହାର୍‌ଡିଙ୍ଗ୍ ବ୍ରଦର୍‌ସ୍‌ଙ୍କୁ ଦିଆଯାଇଛି । ଅନ୍ୟ ମୂର୍ତ୍ତିଠାରୁ ଏ ଛଅଟା ମୂର୍ତ୍ତି ଅଲଗାହେବାର କୌଣସି

Digitized by srujanika@gmail.com

କାରଣ ନାହିଁ । କେହି ଲୋକ ସେ ମୂର୍ତ୍ତିସବୁ ଭାଙ୍ଗିବାର କ'ଣ କାରଣ ଥାଇପାରେ ସେ କିଛି କହିପାରିଲେନାହିଁ । ବରଂ କଥାଟା ଶୁଣି ସେ ହସିଲେ । ଏଇ ମୂର୍ତ୍ତିସବୁର ମୋଟା ବ୍ୟବସାୟୀଙ୍କର ପ୍ରତ୍ୟେକକୁ ଛଅସିଲିଂକର କିନ୍ତୁ ଖୁଚୁରା ବ୍ୟବସାୟୀ ତାକୁ ବାର ସିଲିଂ ବା ସେଥିରୁ କିଛି ଅଧିକା ଦାମ୍‌ରେ ବିକିପାରିବ । ପ୍ରତ୍ୟେକମୁଣ୍ଡ ଦୁଇଟା ଫାଳକିଆ ଛାଞ୍ଚରେ ତିଆରି । ପ୍ଲାଷ୍ଟର୍ ଅଫ୍ ପାରିସ୍‌ରେ ଦୁଇଫାଳଯାକ ତିଆରି ହେଲାପରେ ତାକୁ ଏକାଠି ଯୋଡ଼ି ସମ୍ପୂର୍ଣ୍ଣ ମୂର୍ତ୍ତି କରାଯାଇଛି । ସାଧାରଣତଃ ଇଟାଲୀର କାରିଗରଙ୍କ ଦ୍ୱାରା ସେଇଘରେ ଏସବୁ ମୂର୍ତ୍ତି ତିଆରି ହୋଇଥାଏ । ମୂର୍ତ୍ତିତିଆରି ସରିବାପରେ ଶୁଖିବା ପାଇଁ ବାରଣ୍ଡାରେ ଟେବୁଲଉପରେ ରଖାଯାଏ ଏବଂ ତା'ପରେ ଗୋଦାମଘରେ ଜମା କରାଯାଏ । ତାଙ୍କଠୁ ଏତିକିମାତ୍ର ଶୁଣିବାକୁ ପାଇଲୁ ।

କିନ୍ତୁ ଫଟୋଟା ଦେଖିବାମାତ୍ରେ ମ୍ୟାନେଜରଙ୍କ ମୁହଁ ଆଉ ଆଖି ରାଗରେ ଜଳିଉଠିଲା । ସେ କହିଉଠିଲେ, "ଆଃ, ବଦମାସ୍ ! ହଁ, ଏ ଲୋକଟାକୁ ମୁଁ ଭଲଭାବେ ଜାଣେ । ଆମ ଏ ଅନୁଷ୍ଠାନର ବେଶ୍ ସୁନାମ ଆଉ ମର୍ଯ୍ୟାଦା ଅଛି । କିନ୍ତୁ ଏଇ ଲୋକଟା ପାଇଁ ଥରେ ପୋଲିସ ଆମ ଏଠିକି ଆସିଥିଲା । ସେ ପ୍ରାୟ ବର୍ଷେକରୁ ବେଶି ଦିନରକଥା । ରାସ୍ତାରେ ଆଉ ଜଣେ ଇଟାଲୀୟ ଲୋକକୁ ଛୁରୀ ମାରିଦେଇ ସେ ଏଠି କାମକୁ ଚାଲିଆସିଲା । ପୋଲିସ ତା' ପଛେପଛେ ଆସି ତାକୁ ଏଠୁ ଧରିନେଲେ । ତା ନାଁ ବେପୋ । ତାର ଅନ୍ୟ କିଛି ନାଁ ମୁଁ ଜାଣେ ନାହିଁ । ଏପରି ଲୋକକୁ କାମରେ ରଖିଥିବାରୁ ମୋତେ ସାବଧାନ କରିଦିଆଗଲା । କିନ୍ତୁ ଲୋକଟା ଭଲ କାରିଗର—ଅତି ଭଲ କାରିଗରଙ୍କ ଭିତରୁ ଜଣେ ।"

"ସେ କ'ଣ ଦଣ୍ଡ ପାଇଲା ?"

"ଯେଉଁ ଲୋକକୁ ଛୁରୀମାରିଥିଲା ସେ ବଞ୍ଚିଗଲା । ଏଣୁ ବର୍ଷେ ଜେଲଦଣ୍ଡ ହେଲା । ସେ ନିଶ୍ଚୟ ଜେଲ୍‌ରୁ ଖଲାସ ହେବଣି । ହେଲେ, ସେ ଆଉ ଏଠିକି ମୁହଁଦେଖାଇବାକୁ ଆସିନାହିଁ । ତାର ଜଣେ ଭାଇ ଆମ ଏଠି ଅଛି । ସେ ଏବେ କେଉଁଠି ଆପଣ ତା'ଭାଇଠାରୁ ଜାଣିପାରିବେ ।"

Digitized by srujanika@gmail.com

ହୋମ୍‌ସ କହିଲେ, "ନା, ନା, ତା' ଭାଇଙ୍କୁ ଏ ବିଷୟରେ କିଛି ପଦେହେଲେ କହିବେ ନାହିଁ । ଘଟଣାଟା ଅତି ଗୁରୁତ୍ୱପୂର୍ଣ୍ଣ । ମୁଁ ଯା'ଭିତରେ ଯେତିକି ଯେତିକି ପଶୁଛି ଏଟା ସେତିକି ଗୁରୁତର ଜଣାଯାଉଛି । ହଁ, ଆପଣଙ୍କ ହିସାବ ଖାତାରୁ ଲକ୍ଷ୍ୟକଲି ଏସବୁମୂର୍ତ୍ତି ଗଲବର୍ଷ ଜୁନ୍ ତିନିତାରିଖରେ ବିକ୍ରି ହୋଇଛି । ବେପୋ ଆରେଷ୍ଟ ହେବା ତାରିଖ କହିପାରିବେ ?"

ମ୍ୟାନେଜର୍ ଉତ୍ତରଦେଲେ, "ଦରମାବହିରୁ ଆନୁମାନିକ କହି ହେବ ।" କେତେଟା ପୃଷ୍ଠା ଓଲଟାଇ ସେ କହିଲେ, "ହଁ, ସେ ମେ ମାସ କୋଡ଼ିଏ ତାରିଖରେ ତାର ଶେଷ ଦରମା ନେଇଛି ।"

ହୋମ୍‌ସ କହିଲେ, "ଧନ୍ୟବାଦ । ମୁଁ ଆଉ ଆପଣଙ୍କ ସମୟ ଓ ଧୈର୍ଯ୍ୟ ନଷ୍ଟ କରିବିନାହିଁ । ଏ ବିଷୟରେ କାହାକୁ କିଛି କହିବେ ନାହିଁ ବୋଲି ପୁଣି ଥରେ ସାବଧାନ କରାଇଦେଉଛି ।" ଯା'ପରେ ଆମେ ମୁହଁ ବୁଲାଇ ଚାଲିଆସିଲୁ ।

ସେତେବେଳକୁ ଉପରବେଳା ବେଳ ବହୁତ ଗଡ଼ିଗଲଣି । ଗୋଟେ ହୋଟେଲରେ ତରତରରେ ଗଣ୍ଡେ ଖାଇନେଲୁ । ହୋଟେଲ ବାଟ ମୁହଁରେ ଟେବୁଲଉପରେ ଖଣ୍ଡେ ଖବରକାଗଜ ପଡ଼ିଥିଲା । ଉପରେ ବଡ଼ବଡ଼ ଅକ୍ଷରରେ ଲେଖାଥିଲା, "କେନ୍‌ସିଙ୍ଗ୍‌ଟନ୍‌ରେ ଗୃଦ୍ଧିଳା । ଜଣେ ପାଗଳ ଦ୍ୱାରା ହତ୍ୟା । ଲେଖାଟାରୁ ଜାଣିଲୁ ମିଷ୍ଟର୍ ହୋରାସ୍ ହାର୍କର୍‌ଙ୍କ ସମ୍ବାଦ କାଗଜରେ ଛପାହୋଇଛି । ଦୁଇଟା ସ୍ତମ୍ଭରେ ସମୁଦାୟ ଘଟଣା ବେଶ୍ ବନେଇ ଚୁନେଇ, ସୁନ୍ଦରଭାବେ ଲେଖାଯାଇଛି । ଖାଉଖାଉ ହୋମ୍‌ସ କାଗଜଟା ଉପରେ ଆଖିବୁଲାଇ ନେଲେ । ଥରେ ଦୁ'ଥର ସେ ସାମାନ୍ୟ ହସିବାର ଲକ୍ଷ୍ୟ କଲି । ସେ କହିଲେ, "ସବୁ ଠିକ୍ ଅଛି ୱାଟ୍‌ସନ୍ । ଏଇ ସମ୍ବାଦଟା ଶୁଣ । 'ଏହା ସନ୍ତୋଷଜନକ ଯେ, ଏଇ କେଶ୍‌ରେ କୌଣସି ମତଦ୍ୱୈଧ ହେବାର ପ୍ରଶ୍ନ ନାହିଁ । କାରଣ ସ୍କଟଲଣ୍ଡ୍ ୟାର୍ଡ଼ର ଖ୍ୟାତନାମା ଅଫିସର ଲେଷ୍ଟ୍ରେଡ଼୍ ଏବଂ ବିଖ୍ୟାତ ଘରୋଇ ଡିଟେକ୍‌ଟିଭ୍ ଶେର୍‌ଲକ୍ ହୋମ୍‌ସ ଉଭୟେ ଏଇ କାଳ୍ପନିକମାକାର ଘଟଣାବଳୀ ଉପରେ ଏକମତ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ ଏହା କୌଣସି ଇଚ୍ଛାକୃତ ଅପରାଧ ନହୋଇ ବରଂ

Digitized by srujanika@gmail.com

ପାଗଳାମୀ ହୋଇପାରେ । ମାନସିକ ବିକୃତ ଛଡ଼ା ଅନ୍ୟ କିଛୁ ଏ କାମର କାରଣ ହୋଇନପାରେ ।' ସମ୍ବାଦସଂସ୍ଥା ଗୋଟେ ଖୁବ୍ ମୂଲ୍ୟବାନ୍ ସଂସ୍ଥା ୱାଟ୍‌ସନ୍; କେବଳ ତାକୁ ବ୍ୟବହାରକରି ଜାଣିଲେ ହେଲା । ଏଥର ତୁମର ସବୁ କାମସରିଲା, ଆମେ କେନ୍‌ସିଂଟନ୍ ଫେରିବା । ହାର୍‌ଡିଙ୍ଗ୍ ବ୍ରଦର୍‌ସ୍‌ର ମ୍ୟାନେଜର୍ ଏ ବିଷୟରେ କ'ଣ କହୁଛନ୍ତି ଦେଖିବା ।"

ସେଇ ବିରାଟ ଦୋକାନର ମାଲିକ ଜଣେ ଅଳ୍ପ ଉଚ୍ଚା ଲୋକ । ବେଶ୍ ପ୍ରଫୁଲ୍ଲ ଆଉ ଚଞ୍ଚଳ । ପ୍ରଶ୍ନର ଉତ୍ତରଦେବାକୁ ସବୁବେଳେ ପ୍ରସ୍ତୁତ । ସେ କହିଲେ, "ହଁ ଆଜ୍ଞା, ସଂଧ୍ୟା କାଗଜରେ ମୁଁ ସବୁ ବିବରଣୀ ପଢ଼ିସାରିଛି । ମିଷ୍ଟର ହୋମ୍‌ସ ହାର୍‌କର୍ ଆମର ଜଣେ ଗ୍ରାହକ । ଆମେ କେତେ ମାସ ତଳେ ମୂର୍ତ୍ତିଟା ତାଙ୍କୁ ଦେଇଥିଲୁ । ସେଇଭଳିଆ ତିନୋଟା ମୂର୍ତ୍ତି ଆମେ ଷ୍ଟେପ୍‌ନିର ଗେଲ୍‌ଡର୍ ଆଣ୍ଡ୍ କମ୍ପାନିରୁ ମଗାଇଥିଲୁ । ସେ ସବୁ ବିକ୍ରି ହୋଇ-ଯାଇଛି । କାହାକୁ ? ହଁ, ବିକ୍ରି ଖାତାଟା ଦେଖି ମୁଁ ଖୁବ୍ ସହଜରେ କହି ଦେଇ ପାରିବି । ଏଇଟି, ଆମ ଲେଖାସବୁ । ଏଇ ଦେଖନ୍ତୁ, ଗୋଟାଏ ମିଷ୍ଟର ହାର୍‌କର୍‌ଙ୍କୁ, ଗୋଟେ ଚିସ୍‌ଉଇକ୍, ଲାବର୍‌ନମ୍‌ଭେଲ୍, ଲାବର୍‌ନମ୍‌ଲଜ୍‌ର ମିଷ୍ଟର ଜୋସିଆ ବ୍ରାଉନ୍‌ଙ୍କୁ ଆଉ ଗୋଟେ ରିଡିଙ୍ଗ୍, ଲୋୟର୍ ଗ୍ରୋଭ୍‌ରୋଡ଼ର୍ ମିଷ୍ଟର୍ ସାଣ୍ଡ୍‌ଫୋର୍ଡ଼ଙ୍କୁ । ନାଁ, ଏ ଯେଉଁ ଫଟୋଟା ଦେଖାଇଲେ ସେ ଲୋକକୁ ମୁଁ କେବେ ଦେଖିନାହିଁ । ଏ ମୁହଁ କେବେ ଭୁଲି ହେବ ନାହିଁ । ନା କ'ଣ ଆଜ୍ଞା ? କାହିଁକି ନା, ଏତେ କଦର୍ଯ୍ୟ ମୁହଁ ମୁଁ ଆଉ କେବେ ଦେଖି ନାହିଁ । ଆମ କର୍ମଚାରୀଙ୍କ ଭିତରେ ଇଟାଲୀୟ ଲୋକ ଅଛନ୍ତି କି ନାହିଁ ? ହଁ ଆଜ୍ଞା, ଅଛନ୍ତି । ବିକ୍ରିଖାତା ଦେଖିବାକୁ ମନ କଲେ ସେ ଖୁସିରେ ଦେଖିପାରିବେ । ସେ ଖାତାଟା ଉପରେ ବିଶେଷ ନଜର ରଖିବାର କିଛି କାରଣ ନାହିଁ । ଇଏ ତ ଏକ ବିଚିତ୍ର ସମସ୍ୟା । ଆପଣଙ୍କ ଅନୁସନ୍ଧାନ ଫଳ କ'ଣ ହେଲା ଦୟାକରି ମୋତେ ଜଣାଇବେ ।"

ମିଷ୍ଟର୍ ହାରଡିଙ୍ଗ୍‌ଙ୍କ କଥା ଭିତରେ ହୋମ୍‌ସ କେତେ ଗୁଡ଼େ ନୋଟ୍ ଲେଖିନେଲେ । ଦେଖିଲି ଘଟଣାର ଗତିରେ ସେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ । ଯାହାହେଉ ସେ କୌଣସି ପ୍ରକାର ମତ ପ୍ରକାଶ କଲେ ନାହିଁ । କେବଳ ଏତିକି କହିଲେ

Digitized by srujanika@gmail.com

ଯେ, ଆମେ ଶୀଘ୍ର ନ ଗଲେ ଲେସ୍ଟ୍ରେଡଙ୍କ ସାଥିରେ ଦେଖାହେବାର ବିଳମ୍ବ ହୋଇଯିବ । ଯତକୁସତ ଆମେ କେକର୍ ଷ୍ଟ୍ରୀଟରେ ପହଞ୍ଚିଲବେଳକୁ ଡିଟେକ୍ଟିଭ ଲେସ୍ଟ୍ରେଡ୍ ଆଗରୁ ଆସି ପହଞ୍ଚି ସାରିଛନ୍ତି । ସେ ଖୁବ୍ ଅସ୍ଥିର ଭାବରେ ଘର ଭିତରେ ଏପଟ ସେପଟ ହେଉଥାନ୍ତି । ତାଙ୍କ ଗୃହାଣୀରୁ ଜଣାଗଲା ତାଙ୍କର ସେ ଧନଟାର କାମ ବୃଥା ହୋଇନାହିଁ । ଆମକୁ ଦେଖି ସେ ପଚାରିଲେ, "ଆଜି ଖବର କ'ଣ ମିଷ୍ଟର୍ ହୋମ୍ସ ?"

ମୋ ବନ୍ଧୁ ଉତ୍ତର ଦେଲେ, "ଧନଯାତ୍ରା ଆମେ ଖୁବ୍ କାର୍ଯ୍ୟବ୍ୟସ୍ତ ଆଉ କାମଟା ଅକାରଣ ନୁହେଁ । ଆମେ ମୂର୍ତ୍ତି ତିଆରି କରିବାବାଲା ଆଉ ଖୁଚୁରା ବିକ୍ରି କରିବାବାଲା ଉଭୟଙ୍କୁ ଭେଟିଛୁ । ଏବେ ମୁଁ ପ୍ରତ୍ୟେକ ମୂର୍ତ୍ତି ବିଷୟ ଆରମ୍ଭରୁ ଜାଣିପାରିବ ।"

ଲେଷ୍ଟ୍ରେଡ୍ କହି ଉଠିଲେ, "ସେଇ ମୂର୍ତ୍ତି ! ହଉ, ଆପଣ ଆପଣଙ୍କ ବାଟରେ ଚାଲନ୍ତୁ ମିଷ୍ଟର ହୋମ୍ସ । ମୋର ସେଥିରେ କିଛି କହିବାର ନାହିଁ । କିନ୍ତୁ ମୁଁ ଭାବୁଛି ମୁଁ ଆପଣଙ୍କ ଅପେକ୍ଷା ଯଥେଷ୍ଟ ଅଧିକା କାମ କରିପାରିଛି । ମୃତ ଲୋକଟାକୁ ମୁଁ ଚିହ୍ନୋଟ କରିପାରିଛି ।"

"ସତେ !"

"ଆଉ ହତ୍ୟାର କାରଣ ମଧ୍ୟ ଜାଣିପାରିଛି ।"

"ବାଃ, ଚମତ୍କାର !"

"ହିଲ୍ ନାଁରେ ଆମର ଜଣେ ଇନସ୍ପେକ୍ଟର୍ ଅଛନ୍ତି । ଏଇ ମୃତଲୋକର ବେକରେ କାଥଲିକ୍ ସମ୍ପ୍ରଦାୟର ଗୋଟେ ସଙ୍କେତ ଅଛି । ଏଇ ସଙ୍କେତ ଆଉ ତା'ଦେହର ରଙ୍ଗରୁ ମୁଁ ଅନୁମାନ କରିଥିଲି ଲୋକଟା ଦକ୍ଷିଣ ଅଞ୍ଚଳର । ଇନସ୍ପେକ୍ଟର୍ ହିଲ୍ ତାକୁ ଦେଖିଲାମାତ୍ରେ ଚିହ୍ନି ପକାଇଲେ । ତା ନାଁ ପିଟ୍ରୋ ଭେନୁସି । ସେ ନେପଲସ୍‌ର ଲୋକ ଆଉ ଲଣ୍ଡନର ନୃଶଂସ ଗୁଣ୍ଡାକଟାଙ୍କ ଭିତରୁ ଜଣେ । ସେ ମାଫିଆ ଦଳ ସହିତ ସଂପୃକ୍ତ । ଆପଣ ଜାଣନ୍ତି, ଏଇ ମାଫିଆ ଏକ ଗୁପ୍ତ ରାଜନୈତିକ ଦଳ । କେହି ତାର ବିରୁଦ୍ଧରେ ଗଲେ ତାକୁ ହତ୍ୟା କରାଯାଏ । ଏଥର ଦେଖନ୍ତୁ, ଘଟଣା କେମିତି ପରିଷ୍କାର ହୋଇଯାଉଛି ।

Digitized by srujanika@gmail.com

ଅନ୍ୟ ଲୋକଟା ସମ୍ଭବତଃ ଜଣେ ଇଟାଲୀୟ ଆଉ ଏଇ ମାଫିଆର ସଭ୍ୟ । ସେ କୌଣସି ପ୍ରକାରେ ଦଳର ନିୟମ ଭାଙ୍ଗିଛି । ·ପିଟ୍ରୋଙ୍କୁ ତା ପଛରେ ଲଗା-ଯାଇଛି । ତା ପକେଟରୁ ଯେଉଁ ଫଟୋଟା ମିଳିଛି । ସେଟା ବୋଧହୁଏ ଏଇ ଅନ୍ୟ ଲୋକର । ଲୋକଟାକୁ ଠିକ୍ ଚିହ୍ନିବା ଲାଗି ସେ ଫଟୋଟା ପାଖେ ପାଖେ ରଖିଛି । ସେ ଲୋକଟାର ପିଛା ଧରିଛି ଆଉ ଲୋକଟା ଗୋଟେ ଘରେ ପଶିବା ଦେଖିଛି । ସେ ବାହାରେ ଅପେକ୍ଷା କରିଛି । ଲୋକଟା ବାହାରିବା ମାତ୍ରେ ତାଙ୍କ ଭିତରେ ଧସ୍ତାଧସ୍ତି ହୋଇଛି ଆଉ ସେ ନିଜେ ଆଘାତ ପାଇଛି । କଥାଟା ଆପଣଙ୍କ ମନକୁ କେମିତି ପାଉଛି ମିଷ୍ଟର୍ ହୋମ୍‌ସ ?"

କଥାଟାକୁ ପସନ୍ଦ କଲାପରି ହାତତାଳିମାରି ହୋମ୍‌ସ କହିଲେ, "ଚମତ୍କାର ଲେଷ୍ଟ୍ରେଡ୍, ଚମତ୍କାର ! କିନ୍ତୁ ଏଇ ମୂର୍ତ୍ତିଭଙ୍ଗା କଥା ତ ଏଥିରୁ କିଛି ଜାଣି ହେଲା ନାହିଁ ।"

"ସେଇ ମୂର୍ତ୍ତି ! ଦେଖୁଛି ଆପଣଙ୍କ ମୁଣ୍ଡରୁ ସେଇ ମୂର୍ତ୍ତି କଥା ମୋଟେ ଦୂର ହେଉ ନାହିଁ । ସେ କିଛି ନୁହେଁ, ଗୋଟେ ସାଧାରଣ ଚୋରି । ବେଶି ହେଲେ ଛଅ ମାସ ଜେଲଦଣ୍ଡ । ଆମେ ପ୍ରକୃତରେ ଏଇ ହତ୍ୟାକାଣ୍ଡର ଅନୁସନ୍ଧାନ କରୁଛେ । ମୁଁ କହି ରଖୁଛି, ଯା'ର ସବୁ ସୂତ୍ର ମୁଁ ଯୋଗାଡ଼ କରୁଛି ।"

"ତା'ପରେ ?"

"ସେଇଟା ଖୁବ୍ ସରଳ । ଇନସ୍‌ପେକ୍ଟର୍ ହିଲ୍‌ଙ୍କ ସାଥିରେ ଧରି ମୁଁ ଏଇ ଇଟାଲୀୟମାନେ ରହୁଥିବା ଅଞ୍ଚଳକୁ ଯିବି । ଏଇ ଫଟୋଟା ଯାହାର ତାକୁ ଖୋଜି ହତ୍ୟାଅପରାଧରେ ଆରେଷ୍ଟ କରିବି । ଆପଣ ଆମ ସାଥିରେ ଯିବେ ?"

"ବୋଧହୁଏ ନୁହେଁ । ମୁଁ ଭାବୁଛି ଆମେ ଆହୁରି ସହଜ ବାଟରେ ଆମ କାମ ହାସଲ କରିପାରିବା । ମୁଁ ଅବଶ୍ୟ ନିର୍ଦ୍ଦିଷ୍ଟଭାବରେ କହିପାରୁନାହିଁ । କାରଣ ସବୁ ଗୋଟେ ଉପାଦାନ ଉପରେ ନିର୍ଭର କରୁଛି ଆଉ ସେଟା ଆମ ଆୟତ୍ତ ବାହାରେ । କିନ୍ତୁ ମୋର ପୂରା ଆଶା, ଆପଣ ଯଦି ଆଜି ରାତିରେ ଆମ ସାଥିରେ ଆସିବେ ତା'ହେଲେ ଲୋକଟାକୁ ହାତାହାତି ଧରିବାରେ ମୁଁ ଆପଣଙ୍କୁ ସାହାଯ୍ୟ କରିପାରିବି ।"

Digitized by srujanika@gmail.com

"ସେଇ ଇଟାଲିୟମାନେ ରହୁଥିବା ଅଞ୍ଚଳରେ ?"

'ନା, ମୁଁ ଭାବୁଛି ଚିସ୍‌ଉଇକ୍‌ରେ ତାକୁ ପାଇବାର ସମ୍ଭାବନା ବେଶି । ଆପଣ ଯଦି ଆଜି ମୋ ସାଥିରେ ଚିସ୍‌ଉଇକ୍ ଆସିବେ ତେବେ କାଲି ମୁଁ ଆପଣଙ୍କ ସାଥିରେ ଇଟାଲିୟ ବାସସ୍ଥାନକୁ ଯିବାର କଥା ଦେଉଛି । ଏଇ ସାମାନ୍ୟ ବିଳମ୍ବରେ କିଛି କ୍ଷତି ହେବ ନାହିଁ । ଏବେ କିଛି ସମୟ ଶୋଇ-ପଡ଼ିଲେ ଭଲ ହେବ । କାରଣ ଏଗାରଟା ପୂର୍ବରୁ ଆମେ ବାହାରିବା ନାହିଁ ଆଉ ଫେରୁ ଫେରୁ ସକାଳ ହୋଇଯାଇପାରେ । ଆପଣ ଆମ ସାଥିରେ ଖିଆପିଆ କରିନେଇ ସୋଫା ଉପରେ ବିଶ୍ରାମ କରି ନିଅନ୍ତୁ । ତୁମେ ଉଆଟ୍‌ସନ୍ ଫୋନ୍ କରି ଜଣେ ଚିଠି ନେଇଯିବା ଲୋକ ଡକାଅ । ମୋର ଗୋଟେ ଚିଠି ପଠାଇବାର ଅଛି ଆଉ ଚିଠିଟା ବର୍ତ୍ତମାନ ଯିବା ନିହାତି ଦରକାର ।"

ଉପରମହଲାର ଗୋଟେ ବଖରାରେ ଅଦରକାରୀ ବାଜେ ଜିନିଷପତ୍ର ଜମା ହୋଇଥାଏ । ସନ୍ଧ୍ୟା ସାରା ହୋମ୍‌ସ ସେ ଘରେ ପଶି ପୁରୁଣା ଖବରକାଗଜ ଗୁଡ଼ା ଘାଣ୍ଟିବାରେ ଲାଗିଲେ । ଶେଷରେ ସେ ଯେତେବେଳେ ତଳକୁ ଓହ୍ଲାଇଲେ, ତାଙ୍କ ଆଖିରେ ବିଜୟର ଦର୍ପ । କିନ୍ତୁ ତାଙ୍କର ଏଇ ଖୋଜା-ଖୋଜିର ଫଳ ସେ ଆମକୁ କିଛି କହିଲେ ନାହିଁ । କିନ୍ତୁ ଏଇ ଜଟିଳ କେଶ୍‌ର ବିଭିନ୍ନ ତଥ୍ୟ ସବୁ ସେ ଯେଉଁ ପଦ୍ଧତିରେ ଖୋଜି ବାହାର କରୁଥାନ୍ତି ମୁଁ ତା' ପଦେ ପଦେ ବୁଝିପାରିଥାଏ । ଯଦିଓ ଆମେ କେଉଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବୁ ମୁଁ କଳ୍ପନା କରି ପାରୁ ନଥାଏ ତଥାପି ଭଲଭାବେ ଜାଣିଥିଲି ଯେ, ଏଇ ଅଦ୍ଭୁତ ଅପରାଧୀ ଅନ୍ୟ ଦୁଇଟା ନେପୋଲିୟନ୍ ମୂର୍ତ୍ତି ଭାଙ୍ଗିବାକୁ ଚେଷ୍ଟା କରିବ ବୋଲି ହୋମ୍‌ସ ଆଶା କରୁଥିଲେ । ସେଥିରୁ ଗୋଟେ ମୂର୍ତ୍ତି ଚିସ୍-ଉଇକ୍‌ରେ ଥିବା ମୋର ମନେଅଛି । ତେଣୁ ଲୋକଟାକୁ ଠିକ୍ ମୂର୍ତ୍ତି ଭାଙ୍ଗିବାବେଳେ ଧରିବା ଆମ ଏ ଅଭିଯାନର ଉଦ୍ଦେଶ୍ୟ ବୋଲି ସନ୍ଦେହ ରହିଲା ନାହିଁ । ହୋମ୍‌ସଙ୍କ ଚତୁରତାକୁ ମନେ ମନେ ପ୍ରଶଂସା ନକରି ରହି ପାରିଲି ନାହିଁ । କାରଣ ସନ୍ଧ୍ୟା ଖବରକାଗଜରେ ସେ ଗୋଟେ ଭୁଲ ତଥ୍ୟ ପ୍ରକାଶ କରାଇ ଦେଇଥିଲେ । ଫଳରେ ଲୋକଟା ନିର୍ବିଘ୍ନରେ ତା କାମ କରି ପାରିବ ବୋଲି ତାର ଧାରଣା ହେବ । ମୋ ରିଭଲ୍‌ଭରଟା ସାଥିରେ ନେବା

Digitized by srujanika@gmail.com

ପାଇଁ ହୋମ୍‌ସ ମୋତେ ଯେତେବେଳେ କହୁଲେ ମୁଁ ମୋଟେ ବିସ୍ମିତ ହେଲିନାହିଁ । ସେ ନିଜେ ତାଙ୍କର ପ୍ରିୟ ଅସ୍ତ୍ର ଶିକାରି ବନ୍ଧୁକଟାରେ ଗୁଳି ଭରି ଧରିଲେ ।

ଏଗାରଟାବେଳକୁ ଗୋଟେ ଗାଡ଼ି ଆମ ଘର ସାମନାକୁ ଆସିଲା । ସେଥିରେ ଆମେ ହାମର୍ସ୍ମିଥ୍ ବ୍ରିଜ୍ ଯାଏ ଗଲୁ । ସେଠି ଅପେକ୍ଷା କରିବାକୁ ଗାଡ଼ି-ବାଲାକୁ କହି ଆମେ ଗ୍ଲିଲୁ । ଅଳ୍ପ ବାଟ ଯିବା ପରେ ଗୋଟେ ନିର୍ଜନ ରାସ୍ତାରେ ପହଞ୍ଚିଲୁ । ରାସ୍ତାକଡ଼ରେ ସୁନ୍ଦର ସୁନ୍ଦର ଘର । ପ୍ରତ୍ୟେକ ଘରର ହତା ଅଲଗା । ଗୋଟେ ଷ୍ଟ୍ରୀଟ୍‌ଲ୍ୟାମ୍ପ୍ ଆଲୁଅରେ ପଢ଼ିଲୁ: 'ଲବର୍‌ନମ୍ ଭିଲା' । ଗେଟ୍‌ର ଗୋଟେ ଖୁଣ୍ଟ ଉପରେ ଲେଖା ହୋଇଥିଲା । ବଗିଚା ଭିତର ରାସ୍ତାରେ ବାଟ ଘର ଦରଜା ପାଖ ବତୀର ଆଲୁଅ ପଡ଼ିଥିଲା । ଆଉ ସବୁଆଡ଼ ଅନ୍ଧାର । ତେଣୁ ଜାଣିଲୁ ଘରର ବାସିନ୍ଦା ସମସ୍ତେ ଶୋଇ ସାରିଲେଣି । ରାସ୍ତା ଆଉ ହତା ମଝିରେ କାଠର ବାଡ଼ । ଭିତର ପାଖେ ବାଡ଼ର କଳା ଛାଇ ପଡ଼ି ଗାଢ଼ ଅନ୍ଧାର । ସେଇଠି ଆମେ ଛପି ରହିଲୁ । ଚୁପ୍‌ଚାପ୍ କରି ହୋମ୍‌ସ କହିଲେ, "ମୋର ସନ୍ଦେହ, ଆମକୁ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିପାରେ । ଆମ ଭାଗ୍ୟକୁ ବର୍ଷା ନାହିଁ । ସମୟ କାଟିବା ପାଇଁ ଆମେ ସିଗାରେଟ୍ ଟାଣିବାକୁ ସାହସ କରିପାରିବାନାହିଁ । ଯାହାହେଉ, ଆମ ଏ ପରିଶ୍ରମର ମୂଲ୍ୟ ଆମେ ପାଇବାର ସମ୍ଭାବନା ଯଥେଷ୍ଟ ବେଶି ।"

ଯାହାହେଉ, ହୋମ୍‌ସ ଯେତେଟା ଆଶା କରୁଥିଲେ ଆମକୁ ସେତେ ସମୟ ଜଗି ରହିବାକୁ ପଡ଼ିଲା ନାହିଁ । ହଠାତ୍ ଅପ୍ରତ୍ୟାଶିତଭାବେ ଆମର ଏଇ ଜାଗରଣ ଶେଷ ହେଲା । ମୁହୂର୍ତ୍ତିକ ଭିତରେ ଅତର୍କିତଭାବରେ ବଗିଚାର ଗେଟ୍‌ଟା ଖୋଲିଗଲା । ଗୋଟାଏ କଳାମୂର୍ତ୍ତି ମାର୍ଜାର ପରି ଚଞ୍ଚଳ ଭାବରେ ବଗିଚା ରାସ୍ତାରେ ଆଗେଇ ଚାଲିଲା । ବାଟଘର ଦରଜା ପାଖ ଆଲୁଅରେ ଆମେ ତାକୁ ଦେଖିପାରିଲୁ । ଖୁବ୍ ଶୀଘ୍ର ସେ ଘର ଛାଇର ଅନ୍ଧାର ଭିତରେ ଲୁଚିଗଲା । କେତେଯୁଗ ସମୟ ଚୁପ୍‌ଚାପ୍ କଟିଗଲା । ଆମେ ପ୍ରାୟ ନିଃଶ୍ୱାସ ବନ୍ଦକରି ରହିଥାଉ । ତା'ପରେ ଖୁବ୍ ଧିର କେଁ କେଁ ଶବ୍ଦ ଆମ କାନରେ ପଡ଼ିଲା । ଝରକାଟା ଖୋଲିଲା । ଶବ୍ଦଟା ବନ୍ଦ ହୋଇଗଲା । ପୁଣି କେତେ

Digitized by srujanika@gmail.com

ସମସ୍ତ ଚୁପ୍‌ଚାପ୍ । ଲୋକଟା ଘର ଭିତରକୁ ପଶିଲା । ଘର ଭିତରେ ଗୋଟେ ଡାର୍କ ଲଣ୍ଠନର ଝଲକ ଦେଖାଗଲା । ଲୋକଟା ଯାହା ଖୋଜୁଥିଲା ସେ ଘରେ ନଥିଲା । କାରଣ ଆଲୁଅର ଝଲକ ଆଉ ଗୋଟେ ଝରକା ପାଖରେ ଦେଖାଗଲା । ତା'ପରେ ଆଉ ଗୋଟେ ଝରକା ପାଖରେ ।

ଚୁପ୍‌ଚାପ୍‌କରି ଲେସ୍ଟ୍ରେଡ୍ କହିଲେ, "ଚାଲନ୍ତୁ, ଆମେ ସେଇ ଖୋଲା ଝରକା ପାଖକୁ ଯିବା । ଲୋକଟା ବାହାରି ଆସିଲାବେଳକୁ ତାକୁ ମାଡ଼ିବସିବା ।"

କିନ୍ତୁ ଆମେ ଟିକିଏ ହଲଚଲ ହେବା ଆଗରୁ ଲୋକଟା ଘରଭିତରୁ ବାହାରିଆସିଲା । ସେ ଆଲୁଅ ପଡ଼ିଥିବା ଜାଗାକୁ ଆସିଲାରୁ ଦେଖିଲୁ କାଖତଳେ ସେ କିଛି ଗୋଟେ ଧଳା ଜିନିଷ ଧରିଛି । ଚୋରଙ୍କ ପରି କନକନ ହୋଇ ସେ ଚାରିଆଡ଼େ ଆଖି ବୁଲାଇ ଆଣିଲା । ନିର୍ଜନ ରାସ୍ତାଟା ପୁରାପୁରି ନୀରବ । ତା ମନରେ ଦମ୍ଭ ଆସିଗଲା । ଆମ ଆଡ଼କୁ ପିଠି କରି ସେ କାଖରେ ଧରିଥିବା ଜିନିଷଟା ତଳେ ଥୋଇଲା । ପରମୁହୂର୍ତ୍ତରେ ଖୁବ୍ ଜୋରରେ ପିଟିବା ଶବ୍ଦ ଆଉ ଭଙ୍ଗା ଜିନିଷ ପଡ଼ିବାର ଝଣ୍ ଝଣ୍ ଶବ୍ଦ ଶୁଣାଗଲା । ଲୋକଟା ତା' କାମରେ ମଜ୍ଜି ଯାଇଥିଲା । ତେଣୁ ଘାସପଡ଼ିଆ ପାରିହୋଇ ଆମେ ତା ପାଖକୁ ଗଲେ ମଧ୍ୟ ସେ ଆମ ପାଦ ଶବ୍ଦ ଶୁଣିପାରିଲାନାହିଁ । ବାଘ ଡେଇଁଲା ପରି ହୋମ୍‌ସ ତା' ପିଠି ଉପରକୁ ଡେଇଁପଡ଼ି ତାକୁ ମାଡ଼ି ବସିଲେ । ଲେସ୍ଟ୍ରେଡ୍ ଆଉ ମୁଁ ସାଙ୍ଗେ ସାଙ୍ଗେ ତା' ହାତ ଦୁଇଟାକୁ ଜାବୁଡ଼ି ଧରିଲୁ ଆଉ ତା ହାତରେ ହାତକଡ଼ା ଲାଗିଗଲା । ଲୋକଟାର ମୁହଁ ଉପରକୁ ଓଲଟାଇବାରୁ ଦେଖିଲି, ଅତି କଦର୍ଯ୍ୟ ମୁହଁ । ରାଗରେ ପାଚିଯାଇ ସେ ଆମ ଆଡ଼କୁ ଚାହିଁଥାଏ । ଜାଣିଲି ଫଟୋଟା ଯେଉଁ ଲୋକର ତାକୁ ହିଁ ଆମେ ଧରିଛୁ ।

ହୋମ୍‌ସଙ୍କ ଧ୍ୟାନ କିନ୍ତୁ ଆମ ବନ୍ଦୀ ଆଡ଼େ ନଥାଏ । ଦରଜା ପାହାଚ ଉପରେ ବସି ପଡ଼ି ସେ ଲୋକଟା ଘର ଭିତରୁ ନେଇ ଆସିଥିବା ଜିନିଷଟାକୁ ଖୁବ୍ ଯତ୍ନରେ ପରୀକ୍ଷା କରିବାରେ ଲାଗିଥାନ୍ତି । ସେଟା ଆମେ ସକାଳେ ଦେଖିଥିବା ମୂର୍ତ୍ତି ପରି ନେପୋଲିୟନ୍‌ଙ୍କର ଗୋଟେ ମୂର୍ତ୍ତି ଆଉ ସେଟା ମଧ୍ୟ ଟିକି ଟିକି ହୋଇ ଭାଙ୍ଗି ଯାଇଥିଲା । ହୋମ୍‌ସ ପ୍ରତି ଟୁକୁରା ଖଣ୍ଡ ଆଣି

Digitized by srujanika@gmail.com

ଆଲୁଅରେ ସନ୍ଖରେ ଦେଖୁଆନ୍ତି । କିନ୍ତୁ କୌଣସି ପ୍ଲାଷ୍ଟର ଟୁକୁରା ଅନ୍ୟ ଟୁକୁରାଠାରୁ ଅଲଗା ନଥିଲା । ସେ ତାଙ୍କ ପରୀକ୍ଷା ଶେଷକଲାବେଳକୁ ବାଟ ଘରର ଆଲୁଅ ଜଳଉଠିଲା ଆଉ ଦରଜା ଖୋଲିଲା । ଘରର ମାଲିକ ଆସି ପହଞ୍ଚିଗଲେ । ବେଶ୍ ହୃଷ୍ଟପୁଷ୍ଟ ଲୋକ । ମୁହଁ ବେଶ୍ ପ୍ରଫୁଲ୍ଲ । ଟ୍ରାଉଜର୍ ଆଉ ସାର୍ଟ ପିନ୍ଧିଥାନ୍ତି । ହୋମ୍‌ସ କହିଲେ, "ଆପଣ ବୋଧହୁଏ ମିଷ୍ଟର୍ ହୋରିସିଆ ବ୍ରାଉନ୍ ?"

"ହଁ ଆଜ୍ଞା । ଆଉ ଆପଣ ନିଶ୍ଚୟ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ ? ଆପଣ ପଠାଇଥିବା ଚିଠି ମୁଁ ପାଇଲି ଆଉ ଆପଣ କହିଥିବା ମୁତାବକ କାମ କରିଛି । ଆମେ ପ୍ରତ୍ୟେକ ଦରଜା ଭିତର ପାଖରୁ ଚାବି ଦେଇ ଅପେକ୍ଷାକରି ରହିଲୁ । ଆପଣ ଏ ବଦ୍‌ମାସ୍‌ଟାକୁ ଧରିବା ଦେଖି ମୁଁ ଖୁବ୍ ଖୁସି । ହଉ, ଆପଣମାନେ ଭିତରକୁ ଆସନ୍ତୁ ଆଉ ସାମାନ୍ୟ କିଛିଏ ଜଳଖିଆ କରି ନିଅନ୍ତୁ ।"

ଲେସଟ୍ରେଡ୍ କିନ୍ତୁ ବନ୍ଦୀକୁ ନିରାପଦ ଜାଗାକୁ ନେଇଯିବା ପାଇଁ ବଡ଼ ବ୍ୟଗ୍ର ହେଲେ । ତେଣୁ କେତେ ମିନିଟ୍ ଭିତରେ ଗୋଟେ ଗାଡ଼ି ଡକାଇ ଆମେ ଚାରିଜଣ ଲଣ୍ଡନ ବାହାରିଲୁ । ବନ୍ଦୀ ପଦେହେଲେ କଥା କହିଲା ନାହିଁ । କିନ୍ତୁ ମୁଣ୍ଡରୁ ଲମ୍ବିଥିବା କେଶ ଭିତରୁ କଟମଟ କରି ଆମ ଆଡ଼େ ଚାହୁଁଥାଏ । ଥରେ ମୋ ହାତଟା ତା ପାଖକୁ ଲାଗିଗଲାପରି ଜଣାଗଲା । ସେ ଭୋକିଲା ଗଧିଆ ବାଘ ପରି ମୋ ହାତଟାକୁ ଜାବୁଡ଼ି ଧରିବାକୁ ବସିଲା । ଥାନାରେ ଆମେ ଅନେକ ବେଳଯାଏ ରହିଲୁ । ଲୋକଟାର ଲୁଗାପଟା ଖାନତଲାସ କରାଗଲା । କିନ୍ତୁ କେତେଟା ସିଲିଂ ଓ ଗୋଟେ ଖୋଲାଥିବା ଛୁରୀ ଛଡ଼ା ଆଉ କିଛି ମିଳିଲାନାହିଁ । ଛୁରୀ ବେଣ୍ଟଟାରେ କଗଦା ରକ୍ତ ଦାଗ ଥିଲା । ଆମେ ଫେରିବାକୁ ବାହାରିଲାବେଳକୁ ଲେସ୍‌ଟ୍ରେଡ୍ କହିଲେ, "ସବୁ ଠିକ୍ ଅଛି । ହିଲ୍ ଏ ଲୋକଗୁଡ଼ାଙ୍କୁ ଭଲ ରକମ ଜାଣନ୍ତି । ସ୍ୱା ନାଁ ସେ କହି ଦେଇ-ପାରିବେ । ଆପଣ ଦେଖିବେ, ମୁଁ ଯେଉଁ ମଫିଆ କଥା କହୁଥିଲି ତା' ପୁରାପୁରି ଠିକ୍ । ଯାହାହେଉ, ମୁଁ ଆପଣଙ୍କ ପାଖରେ କୃତଜ୍ଞ

Digitized by srujanika@gmail.com

ମିଷ୍ଟର୍ ହୋମ୍‌ସ । ଆପଣ ଯେମିତି ଭାବରେ ଲୋକଟାକୁ ଧରିଲେ ତା ବାସ୍ତବିକ ପ୍ରଶଂସନୀୟ । ଏବେ ବି ମୁଁ ସେ କଥା ବୁଝିପାରୁନାହିଁ ।"

ହୋମ୍‌ସ ଉତ୍ତର ଦେଲେ, "ଏବେ ସେ ସବୁକଥା ବୁଝାଇବାକୁ ଅନେକ ଡେରି ହୋଇଗଲାଣି । ତା'ଛଡ଼ା ଆଉ ଗୋଟେ ଦୁ'ଟା କାମ ଶେଷ ହୋଇ ନାହିଁ । ଏପରି ଗୋଟେ କେଶ୍‌ରେ ଶେଷଯାଏ କାମ କରିଯିବା ଦର୍କାର । କାଲି ସଂଧ୍ୟାରେ ଆପଣ ଆଉ ଥରେ ମୋ ବେକର୍‌ଷ୍ଟ୍ରୀଟ୍ ଘରକୁ ଆସିଲେ ମୁଁ ଆପଣଙ୍କୁ ଦେଖାଇଦେବି, ଏବେ ସୁଦ୍ଧା ଆପଣ ଏ ଘଟଣାର ପ୍ରକୃତ ଅର୍ଥ ପାଇ ପାରି ନାହାନ୍ତି । । ଏ କେଶ୍‌ରେ କେତେ ଗୁଡ଼ାଏ ତଥ୍ୟ ଅଛି ଯାହା ଅପରାଧ ଇତିହାସରେ ସମ୍ପୂର୍ଣ୍ଣ ନୂଆ । ହଁ ଓ୍ୱାଟ୍‌ସନ୍, ତୁମେ ଭବିଷ୍ୟତରେ ମୋର ଏଇ ଶ୍ରେଷ୍ଠ ଶ୍ରେଷ୍ଠ ସମସ୍ୟା ବିଷୟ ଲେଖିଲେ, ନେପୋଲିୟନ୍ ମୂର୍ତ୍ତି ବାବଦରେ ଆମର ଯେଉଁ ଅଭିଯାନ ତାର ବିବରଣୀ ଲେଖିବ । ଦେଖିବ, ଲେଖାଟା ବେଶ୍ ସରସ ହେବ ।"

ତା'ପରଦିନ ସଂଧ୍ୟାରେ ଲେସ୍‌ଟ୍ରେଡ୍ ଆସିଲେ । ବନ୍ଦୀ ବିଷୟରେ ସେ ଗୁଡ଼ାଏ ଖବର ପାଇପାରିଥିଲେ । ତା ନାଁ ବେପୋ । ଅନ୍ୟ ନାଁ କିଛି ଜଣା ନାହିଁ । ଇଟାଲୀୟମାନେ ରହୁଥିବା ଅଞ୍ଚଳରେ ସେ ଅତି ଖରାପ ଲୋକ ବୋଲି ଜଣାଶୁଣା । ଏକ ସମୟରେ ସେ ଜଣେ ଦକ୍ଷ ଶିଳ୍ପି ଥିଲା ଆଉ ଭଲ ବାଟରେ ଦୁ'ପଇସା ଉପାର୍ଜନ କରୁଥିଲା । କିନ୍ତୁ ସେ ପରେ ଖରାପ ବାଟକୁ ଗଲା । ଥରେ ଗୋଟେ ଶ୍ରେଷ୍ଠ ଚୋରି ଏବଂ ଆଉ ଥରେ ଜଣେ ଇଟାଲୀୟ ଲୋକକୁ ଛୁରୀ ମାରିବା ଅପରାଧରେ ସେ ଦୁ'ଥର ଜେଲ୍ ଯାଇଛି । ସେ ଖୁବ୍ ପ୍ରାଞ୍ଜଳ ଭାବରେ ଇଂରାଜି ଭାଷା କହିପାରେ । ସେ ମୂର୍ତ୍ତିଗୁଡ଼ା ଭାଙ୍ଗିବାର କାରଣ ଏବେ ସୁଦ୍ଧା ଜଣା ଯାଇନାହିଁ । ସେ ବିଷୟରେ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସେ ମନାକରିଦେଉଛି । ପୋଲିସ କିନ୍ତୁ ଜାଣିବାକୁ ପାଇଛି ଯେ ଏଇ ମୂର୍ତ୍ତିଗୁଡ଼ା ସେ ନିଜ ହାତରେ କରିଥାଇପାରେ । କାରଣ ସେ ଏଇ ରକମ କାମ କରିବା ପାଇଁ ଗେଲ୍‌ଡ଼ର୍ ଆଣ୍ଡ କମ୍ପାନୀରେ ନିଯୁକ୍ତ ହୋଇଥିଲା । ଏସବୁ ଖବରରୁ ଆମେ ଅଧିକାଂଶ ଜାଣିଥିଲୁ । ତଥାପି ହୋମ୍‌ସ ଖୁବ୍ ଧୀର-ସ୍ଥିରଭାବେ ସବୁ ଶୁଣୁଥାନ୍ତି । ମୁଁ କିନ୍ତୁ ତାଙ୍କୁ ଭଲଭାବେ ଜାଣେ । ଦେଖିଲି

Digitized by srujanika@gmail.com

ତାଙ୍କର ମନ ଅନ୍ୟଆଡ଼େ । ସେ ଯେତେ ଲୁଚାଇବାକୁ ବସିଲେ ବି ତାଙ୍କ ବିଚଳିତଭାବ ମୋ ଆଖିରେ ଧରାପଡ଼ିଗଲା । ସତେ ଯେମିତି ସେ କିଛି ଗୋଟାଏ ଆଶା କରୁଥାନ୍ତି । ଶେଷରେ ସେ ଚଉକି ଉପରେ ସଳଖି ବସିଲେ । ତାଙ୍କ ଆଖି ଦ'ଟା ବେଶ୍ ଉଜ୍ଜ୍ୱଳ ହୋଇଉଠିଲା । କଲିଂ ବେଲ୍‌ଟା ବାଜି ଉଠିଲା । ମିନିଟିଏ ପରେ ପାହାଚ ଉପରେ ପାଦ ଶବ୍ଦ ଶୁଭିଲା । ତା'ପରେ ଜଣେ ବୟସ୍କ ଭଦ୍ରଲୋକ ଘର ଭିତରକୁ ପଶି ଆସିଲେ । ତାଙ୍କ ଡାହାଣ ହାତରେ ଗୋଟେ ପୁରୁଣା କାଳିଆ ଅଖା ମୁଣି । ସେଇଟା ଟେବୁଲ ଉପରେ ରଖି ସେ ପଚାରିଲେ, "ମିଷ୍ଟର ସେର୍ଲକ୍ ହୋମ୍ସ ଏଠି ଅଛନ୍ତି ?"

ସାମାନ୍ୟ ମୁଣ୍ଡ ଲୁଆଇଁ ହସି ହସି ହୋମ୍ସ କହିଲେ, "ଆପଣ ରିଡ଼ିଙ୍ଗ୍‌ର ମିଷ୍ଟର୍ ସାଣ୍ଡ୍ ଫୋର୍ଡ଼ ବୋଧହୁଏ ?"

"ହଁ ଆଜ୍ଞା । ମୋର ଟିକିଏ ଡେରି ହୋଇଯାଇଛି ବୋଧହୁଏ । ହେଲେ ଆଜିକାଲି ଟ୍ରେନ୍‌ଗୁଡ଼ାକରେ ସମସ୍ତ କିଛି ଠିକ୍ ରହୁନାହିଁ । ଆପଣ ମୋ ପାଖରେ ଥିବା ଗୋଟେ ମୂର୍ତ୍ତି ବିଷୟରେ ଲେଖିଥିଲେ ।"

"ବିଲ୍‌କୁଲ୍ ଠିକ୍ ।"

"ଆପଣଙ୍କ ଚିଠି ଏଇ ମୋ ପାଖରେ ଅଛି । ଆପଣ ଲେଖିଥିଲେ, 'ମୁଁ ଡିଭାଇନ୍‌ଙ୍କ ନେପୋଲିୟନ୍ ମୂର୍ତ୍ତିର ଗୋଟେ କପି ରଖିବାକୁ ଚାହେଁ, ଆଉ ଆପଣଙ୍କ ପାଖରେ ଯେଉଁ ମୂର୍ତ୍ତିଟା ଅଛି ତା ପାଇଁ ମୁଁ ଆପଣଙ୍କୁ ଦଶ ପାଉଣ୍ଡ ଦେବାକୁ ରାଜି ଅଛି ।' ଏ କଥା ଠିକ୍ ?"

"ନିଶ୍ଚୟ ।"

"ଆପଣଙ୍କ ଚିଠି ପାଇ ମୁଁ ବଡ଼ ଆଶ୍ଚର୍ଯ୍ୟ ହୋଇଗଲି । ମୋ ପାଖରେ ଏ ମୂର୍ତ୍ତି ଅଛି ବୋଲି ଆପଣ କେମିତି ଜାଣିଲେ ମୁଁ କିଛି ଭାବିପାରୁନାହିଁ ।"

"ଆପଣ ଅବଶ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିବେ । କିନ୍ତୁ ଏହା'ର ଉତ୍ତରଟା ଅତି ସହଜ । ହାର୍‌ଡିଙ୍ଗ୍ ବ୍ରଦର୍‌ସ୍‌ର ମିଷ୍ଟର ହାର୍‌ଡ଼ିଙ୍ଗ୍ ମୋତେ କହିଲେ ଯେ, ତାଙ୍କ ପାଖରେ ଥିବା ଶେଷ ମୂର୍ତ୍ତିଟା ସେ ଆପଣଙ୍କୁ ବିକିଛନ୍ତି । ତାଙ୍କଠାରୁ ଆପଣଙ୍କ ଠିକଣା ପାଇଲି ।"

Digitized by srujanika@gmail.com

"ଓଃ, ଏମିତ କଥା ! ମୁଁ ଏ ମୂର୍ତ୍ତି ପାଇଁ ତାଙ୍କୁ କେତେ ପଇସା ଦେଇ-ଥିଲି ସେ ଆପଣଙ୍କୁ କହିଛନ୍ତି ?"

"ନାଁ, କହି ନାହାନ୍ତି ।"

"ଦେଖନ୍ତୁ, ମୁଁ ଗରିବ ସତ, ହେଲେ ଅସାଧୁ ନୁହେଁ । ମୁଁ ଏ ମୂର୍ତ୍ତିଟା ପାଇଁ ମୋଟେ ପନ୍ଦର ଶିଲିଂ ଦେଇଛି । ଆପଣଙ୍କ ପାଖରୁ ମୁଁ ଦଶ ପାଉଣ୍ଡ ନେବା ଆଗରୁ ଆପଣଙ୍କୁ ଏ କଥା ଜଣାଇ ଦେବା ଉଚିତ ।"

"ଆପଣର ଏଇ ବିବେକୀ ପଣିଆ ପାଇଁ ଅଶେଷ ଧନ୍ୟବାଦ । କିନ୍ତୁ ମୁଁ ଯେଉଁ ଦାମ୍ ଦେବାକୁ କହୁଛି ସେଥିରୁ ମୋଟେ ଟଳିବି ନାହିଁ ।

"ସେଟା ଆପଣଙ୍କ ଉଦାରତା ମିଷ୍ଟର ହୋମ୍‌ସ । ଆପଣଙ୍କ କହିବା ଅନୁସାରେ ମୁଁ ମୂର୍ତ୍ତିଟା ସାଥିରେ ଆଣିଛି । ଏଇ ସେଟା ।"

ସେ ବ୍ୟାଗ୍‌ଟା ଖୋଲି ମୂର୍ତ୍ତିଟା ଟେବୁଲ୍ ଉପରେ ରଖିଲେ । ଦେଖିଲୁ ଆମେ ଆଗରୁ ଦେଖିଥିବା ଭଙ୍ଗା ମୂର୍ତ୍ତିର ଏଇଟା ଅବିକଳ ନକଲ । ହୋମ୍‌ସ ପକେଟରୁ ଖଣ୍ଡେ କାଗଜ ବାହାର କରି ଖଣ୍ଡେ ଦଶ ପାଉଣ୍ଡ ନୋଟ୍ ଟେବୁଲ ଉପରେ ରଖି କହିଲେ, "ଆପଣ ଦୟାକରି ଏଇ ସାକ୍ଷୀମାନଙ୍କ ଆଗରେ ଏଇ କାଗଜରେ ଦସ୍ତଖତ କରନ୍ତୁ ମିଷ୍ଟର ସାଣ୍ଡ୍‌ଫୋର୍ଡ଼ । ଏଥିରେ ଲେଖା ଅଛି, ଏ ମୂର୍ତ୍ତିରେ ଥିବା ଆପଣଙ୍କର ସବୁ ପ୍ରକାର ଅଧିକାର ଆପଣ ମୋତେ ଦେଲେ । ଆପଣ ଜାଣନ୍ତି, ମୁଁ ନିୟମ ଶୃଙ୍ଖଳ ମାନି ଚାଲିବା ଲୋକ । ପରେ ଘଟଣା କି ଆକାର ଧାରଣ କରିବ ଆପଣ ତ ଜାଣନ୍ତି ନାହିଁ । ଧନ୍ୟବାଦ ମିଷ୍ଟର୍ ସାଣ୍ଡ୍‌ଫୋର୍ଡ଼ । ଏଇ ଆପଣଙ୍କ ପଇସା । ଏଥର ଆସନ୍ତୁ । ଆପଣଙ୍କର ମଙ୍ଗଳ ହେଉ ।"

ଆଗନ୍ତୁକ ଗୃହୁଯିବା ପରେ ହୋମ୍‌ସଙ୍କ ଗତିବିଧି ଦେଖି ଆମେ ଏକ ଧ୍ୟାନରେ ତାଙ୍କର ଆଡ଼େ ଗୃହିଁରହିଲୁ । ସେ ପ୍ରଥମେ ଡ୍ରୟାରରୁ ଖଣ୍ଡେ ପରିଷ୍କାର ଧଳା କନା ବାହାର କରି ଟେବୁଲ୍ ଉପରେ ବିଛାଇଦେଲେ । ତା'ପରେ ସେ ନୂଆ କରି ପାଇଥିବା ମୂର୍ତ୍ତିଟାକୁ ଟେବୁଲର ଠିକ୍ ମଝିରେ ଥୋଇଲେ । ଶେଷରେ ସେ ତାଙ୍କ ଶିକାର ବନ୍ଧୁକଟା ଧରି ଷ୍ଟ୍ରୁ ନେପୋ-ଲିୟନ୍ ମୁଣ୍ଡ ଉପରେ ଖୁବ୍ ଜୋର୍‌ରେ ଆଘାତ କଲେ । ମୂର୍ତ୍ତିଟା ଟିକ ଟିକ

Digitized by srujanika@gmail.com

ହୋଇ ଭାଙ୍ଗିଗଲା । ହୋମ୍ସ ଲଇଁପଡ଼ି ଭଙ୍ଗା ଟ୍ରକ୍ସର ଖଣ୍ଡଗୁଡ଼ା ଦେଖିବାରେ ଲାଗିଲେ । ଟିକଏ ପରେ ସେ ଆନନ୍ଦରେ ଚିତ୍କାର କରି ଟ୍ରକ୍ସରୁ ଖଣ୍ଡେ ହାତରେ ଧରି ଦେଖାଇଲେ । ହାଲୁଆ ମଝିରେ କୋଳିଟାଏ ପରି ସେଇ ଟ୍ରକ୍ସ ମଝିରେ ଗୋଟେ ଗୋଲ କଳା ଜିନିଷ ଠାକ ରହିଥିଲା ।

ହୋମ୍ସ କହିଉଠିଲେ, "ବନ୍ଧୁଗଣ, ମୁଁ ଆପଣମାନଙ୍କ ଆଗରେ ବୋର୍ଜିଆମାନଙ୍କର ବିଖ୍ୟାତ କଳାମୁକ୍ତା ଉପସ୍ଥାପନ କରୁଛି ।"

ଲେସ୍‌ଟ୍ରେଡ୍ ଆଉ ମୁଁ କିଛି ସମୟ ଯାଏ ନିର୍ବାକ ହୋଇ ବସି ରହିଲୁ । ତା'ପରେ ଆପେ ଆପେ ଆମ ହାତ ତାଳି ମାରି ହୋଇଗଲା । ହୋମ୍ସଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । କୌଣସି ନାଟକ ଲେଖକ ଦର୍ଶକମାନଙ୍କ ଅଭି-ନନ୍ଦନ ଗ୍ରହଣ କଲା ପରି ସେ ଆମ ପାଖରେ ମୁଣ୍ଡ ନୁଆଁଇଦେଲେ । କିଛି ସମୟ ପାଇଁ ସେ ଚିନ୍ତାଶୀଳ ମେସିନ୍‌ରୁ ଭାବପ୍ରବଣ ମଣିଷ ହୋଇଗଲେ । ଜଣେ ବନ୍ଧୁର ଅଭିନନ୍ଦନରେ ସେ ବିହ୍ୱଳ ହୋଇଗଲେ ।

ପୁଣି ସେ କହିଲେ, "ହଁ, ଏହା ବର୍ତ୍ତମାନ ପୃଥିବୀରେ ଥିବା ଏକ ବିଖ୍ୟାତ ମୁକ୍ତା । ରାଜକୁମାର କୋଲୋନା ଡାକ୍ରେ ହୋଟେଲରେ ଥିଲାବେଳେ ତାଙ୍କ ଶୋଇବା ଘରୁ ଏ ମୁକ୍ତା ଚୋରି ହୋଇଯାଇଥିଲା । ଶେଷରେ ଏ ମୂର୍ତ୍ତି ଭିତରୁ ତା ମିଳିଲା । ଭାଗ୍ୟକୁ ମୁଁ ଅନୁଶୀଳନ ପଦ୍ଧତିରେ ଏକୁ ଖୋଜିବାହାର କରିପାରିଛି । ଆପଣଙ୍କର ମନେଥିବ ଲେସ୍‌ଟ୍ରେଡ୍, ଏ ମୂଲ୍ୟବାନ ମୁକ୍ତା ହଜିଲାବେଳେ କି ଚାଞ୍ଚଲ୍ୟ ଖେଳିଯାଇଥିଲା । ଲଣ୍ଡନ ପୋଲିସ୍ ଏକୁ ଖୋଜି-ବାହାର କରିବା ପାଇଁ ଅନେକ ଚେଷ୍ଟା କରିଥିଲା । କିନ୍ତୁ ସବୁ ବ୍ୟର୍ଥ ହେଲା । ଏ କେଶ୍‌ରେ ମୋ ପରାମର୍ଶ ମଧ୍ୟ ପଚରାଯାଇଥିଲା । ମୁଁ ମଧ୍ୟ ଏ କେଶ ଉପରେ କିଛି ଆଲୋକପାତ କରିପାରିନଥିଲି । ରାଜକୁମାରୀଙ୍କ ଚାକରାଣୀ ଉପରେ ସନ୍ଦେହ ହୋଇଥିଲା । ସେ ଜଣେ ଇଟାଲୀୟ । ତାର ଜଣେ ଭାଇ ଲଣ୍ଡନରେ ଥିବାର ପ୍ରମାଣ ମିଳିଲା । କିନ୍ତୁ ତାର ଏ ଘଟଣା ସହିତ କିଛି ସମ୍ପର୍କ ଥିବାର ଆମେ ଖୋଜି ପାଇଲୁ ନାହିଁ । ସେ ଚାକରାଣୀର ନାଁ ଲୁଭ-କ୍ରେସିଆ ଭେନୁସି । ଦୁ'ଦିନ ତଳେ ନିହତ ହୋଇଥିବା ପିଟ୍ରୋ ତା'ଭାଇ ବୋଲି

Digitized by srujanika@gmail.com

ଏବେ ମୋ ମନରେ ମୋଟେ ସନ୍ଦେହ ନାହିଁ । ମୁଁ ପୁରୁଣା କାଗଜଗୁଡ଼ାକରୁ ତାରଖଗୁଡ଼ା ଖୋଜ ଦେଖୁଥିଲି । ଗେଲଡର ଆଣ୍ଡ କମ୍ପାନୀରେ ବେପୋ ଆରେଷ୍ଟ ହେବାର ଠିକ୍ ଦୁ'ଦିନ ଆଗରୁ ଏଇ ମୁକ୍ତା ହଜିଥିବା ଦେଖିଲି । ସେତେବେଳକୁ ଏଇ ନେପୋଲିୟନ୍ ମୂର୍ତ୍ତି ଛଅଟା ତିଆରି ହେଉଥିଲା । ଏବେ ତୁମେ ଘଟଣାର କ୍ରମଟା ଜାଣିପାରୁଥିବ । ଅବଶ୍ୟ ମୁଁ ଘଟଣାଗୁଡ଼ାକ ବିପରୀତ ଦିଗରୁ ଜାଣିପାରିଲି । ବେପୋ ପାଖରେ ଏଇ ମୁକ୍ତା ଥିଲା । ସେ ଏଟା ପିଏଟ୍ରୋଙ୍କ ଠାରୁ ଚୋରେଇ ଆଣିଥାଇପାରେ କିମ୍ବା ପିଏଟୋର ସହଯୋଗୀ ହୋଇଥାଇପାରେ କିମ୍ବା ପିଏଟ୍ରୋ ଆଉ ତା ଭଉଣୀ ମଧ୍ୟରେ ଯୋଗସୂତ୍ର ବି ହୋଇଥାଇପାରେ । ଏଥିରୁ କେଉଁଟା ଠିକ୍ ସେଥିରେ ଆମର କିଛି ଯାଏ-ଆସେ ନାହିଁ ।

"ପ୍ରଧାନ କଥା ହେଲା ମୁକ୍ତାଟା ତା' ପାଖରେ ଥିଲା ଆଉ ସେତିକିବେଳେ ପୋଲିସ୍ ତାକୁ ଗୋଡ଼ାଇଲା । ସେ ଯେଉଁ କାରଖାନାରେ କାମ କରୁଥିଲା ସେଠିକି ପଳେଇଲା । ସେ ଦେଖିଲା ଏତେ ବଡ଼ ମୂଲ୍ୟବାନ ଜିନିଷକୁ ଲୁଚେଇବା ପାଇଁ ତା' ପାଖରେ ସମୟ ଖୁବ୍ କମ୍ । ନ ହେଲେ ତାକୁ ଖାନ୍‌ତଲାସ କରା-ଗଲେ ମୁକ୍ତାଟା ଧରାପଡ଼ିଯିବ । ବରଣ୍ଡାରେ ଛଅଟା ପ୍ଲାଷ୍ଟର୍‌ର ନେପୋଲିୟନ୍ ମୂର୍ତ୍ତି ଶୁଖାଯାଇଥିଲା । ସେଥିରୁ ଗୋଟେ ନରମ ଥିଲା । ବେପୋ ଜଣେ ଦକ୍ଷ କାରିଗର । ମୁହୂର୍ତ୍ତକ ଭିତରେ ସେ କଞ୍ଚା ପ୍ଲାଷ୍ଟରରେ ଗୋଟେ କଣା କରି ମୁକ୍ତାଟା ତା' ଭିତରେ ଗଳାଇଦେଲା । ତା'ପରେ ହାତ ମାରି ମୂର୍ତ୍ତିଟା ପୁଣି ଠିକ୍ କରିଦେଲା । ମୁକ୍ତାଟା ଲୁଚେଇବା ପାଇଁ ସେଟା ଅତି ଉପଯୁକ୍ତ ଜାଗା । ସେଠୁ କେହି ସେଟା ପାଇବାର ମୋଟେ ସମ୍ଭାବନା ନାହିଁ । କିନ୍ତୁ ବେପୋକୁ ବର୍ଷେ ଜେଲ୍‌ଦଣ୍ଡ ହୋଇଗଲା । ଏ ଭିତରେ ସେଇ ଛଅଟା ମୂର୍ତ୍ତି ଲଣ୍ଡନର ବିଭିନ୍ନ ଜାଗାକୁ ଚାଲିଗଲା । ଏଥିରୁ କେଉଁଟାରେ ମୁକ୍ତାଟା ଅଛି ସେ ଜାଣିବା ଅସମ୍ଭବ । କେବଳ ମୂର୍ତ୍ତିକୁ ଭାଙ୍ଗିଲେ ସେ ଜାଣି ପାରିବ । ମୂର୍ତ୍ତିକୁ ହଲାଇଲେ ମଧ୍ୟ କିଛି ଜଣାଯିବନାହିଁ । କାରଣ ପ୍ଲାଷ୍ଟର୍‌ଟା ଓଦା ଥିଲା ଆଉ ମୁକ୍ତାଟା ସେଥିରେ ଠାକିଯାଇଥିବାର ସମ୍ଭାବନା ବେଶି । ବାସ୍ତବରେ ମଧ୍ୟ ସେଇଆ ହୋଇଥିବାର ଦେଖିଲେ । ବେପୋ କିନ୍ତୁ ହତାଶ ହେଲା ନାହିଁ । ଯଥେଷ୍ଟ

Digitized by srujanika@gmail.com

ବୁଦ୍ଧି ଖଟାଇ ଆଉ ପରିଶ୍ରମ କରି ସେ ମୁକ୍ତା ଖୋଜିବା କାମ କରିଚାଲିଲା । ତାର ଜଣେ ଲେଖାପୋଖା ଭାଇ ଗେଲ୍‌ଡର୍‌ଙ୍କ ପାଖେ କାମ କରୁଥିଲା । ତାର ଜରିଆରେ ମୂର୍ତ୍ତିଗୁଡ଼ା ଯେଉଁ ଖୁଚୁରା ବ୍ୟବସାୟୀ ନେଇଥିଲେ ସେମାନଙ୍କ ନାଁ ସେ ଜାଣିପାରିଲା । କୌଣସି ପ୍ରକାରେ ସେ ମୋରସ୍ ହଡ୍‌ସନ୍‌ଙ୍କ ପାଖରେ ଖଣ୍ଡେ ଚାକିରି ଯୋଗାଡ଼ କରିନେଲା । ଏଇପରିଭାବେ ସେ ତିନିଟା ମୂର୍ତ୍ତି ଖୋଜି ବାହାରିକଲା । କିନ୍ତୁ ମୁକ୍ତାଟା ତା' ଭିତରେ ନଥିଲା । ତା'ପରେ ଜଣେ ଇଟାଲିୟ୍ ଚାକିରିଆ ଜରିଆରେ ଅନ୍ୟ ତିନିଟା ମୂର୍ତ୍ତି କେଉଁଠାକୁ ଯାଇଛି ସେ ଖୋଜି ବାହାର କଲା । ପ୍ରଥମ ମୂର୍ତ୍ତିଟା ହାର୍‌କର୍‌ଙ୍କ ପାଖେ ଥିଲା । ସେଠି ତା ସହଯୋଗୀ ତା' ପଛେ ପଛେ ଲାଗିଗଲା । ମୁକ୍ତାଟା ହଜିବା ପାଇଁ ସେ ବେପୋକୁ ଦାୟୀ କଲା । ଦୁ'ଜଣଙ୍କ ଭିତରେ ଧସ୍ତାଧସ୍ତି ହୋଇ ବେପୋ ତାକୁ ଛୁରି ମାରିଦେଲା ।"

ମୁଁ ପଚାରିଲି, "ଅନ୍ୟ ଲୋକଟା ଯଦି ତାର ସହଯୋଗୀ ତେବେ ବେପୋ କାହିଁକି ତା ଫଟୋଟା ପାଖରେ ରଖିଥିଲା ?"

"ଅନ୍ୟ କୌଣସି ଲୋକଠାରୁ ତା ଖବର ବୁଝି ତାକୁ ଖୋଜି ବାହାର କରିବା ପାଇଁ । ସେଇ ଏକମାତ୍ର କାରଣ ହୋଇପାରେ । ଏଇ ହତ୍ୟା ପରେ ମୁଁ ଦେଖିଲି ବେପୋ ଆଉ ବିଳମ୍ବ ନକରି ବରଂ ଶୀଘ୍ର ତା କାମରେ ଲାଗିଯିବ । ପୋଲିସ୍ କାଳେ ତାର ଏ ଗୁପ୍ତ କଥା ଜାଣିପାରିବ ବୋଲି ତାର ଭୟ ହୋଇଥିବ । ତେଣୁ ପୋଲିସ୍ ଏ ଦିଗରେ ଆଗେଇବା ଆଗରୁ ସେ ତା କାମ କରିନେବା ପାଇଁ ତରତର ହୋଇଥିବ । ହାର୍‌କରଙ୍କ ମୂର୍ତ୍ତିରୁ ସେ ମୁକ୍ତାଟା ପାଇ ନାହିଁ ବୋଲି ମୁଁ ଅବଶ୍ୟ ସଠିକ୍ ଜାଣି ନଥିଲି । ସେ ଏଇ ମୁକ୍ତାଟା ଖୋଜୁଛି ବୋଲି ମଧ୍ୟ ମୁଁ ନିଶ୍ଚିତ ହୋଇ ନଥିଲି । କିନ୍ତୁ ସେ କିଛି ଗୋଟେ ଜିନିଷ ଖୋଜୁଛି ବୋଲି ମୁଁ ସଠିକ୍ ଜାଣିଥିଲି । କାରଣ ମୂର୍ତ୍ତିଟା ନେଇ ସେ କେତେଗୁଡ଼େ ଘର ପାରିହୋଇ ବଗିଚାରେ ଆଲୁଅ ଥିବା ଜାଗାକୁ ଯାଇଛି । ହାରକର୍‌ଙ୍କ ମୂର୍ତ୍ତିଟା ତିନିଟା ମୂର୍ତ୍ତି ଭିତରୁ ଗୋଟେ । ତେଣୁ ମୁକ୍ତାଟା ସେଥିରେ ନଥିବା ସମ୍ଭାବନା ଥିବା ଅପେକ୍ଷା ବେଶି । ଆଉ ଦୁଇଟା ମୂର୍ତ୍ତି ରହିଲା । ଲଣ୍ଡନରେ ଥିବା ମୂର୍ତ୍ତିଟା ତାର ପ୍ରଥମ ଲକ୍ଷ୍ୟ ହେବା ସ୍ୱାଭାବିକ ।

Digitized by srujanika@gmail.com

ମୁଁ ସେ ଘରର ଲୋକମାନଙ୍କୁ ଆଗରୁ ସାବଧାନ କରଦେଇଥିଲି, ଯେମିତି ଆଉ ଦ୍ୱିତୀୟ ଦୁର୍ଘଟଣା ନ ଘଟେ । ତା'ପରେ ଆମେ ସେଠିକି ଗଲେ ଆଉ ଫଳ ଯାହାହେଲା ଦେଖିଲ । ସେତେବେଳକୁ ଅବଶ୍ୟ ମୁଁ ଜାଣିଥିଲି ଯେ ଆମେ ବୋର୍‌ଜିଆ ମୁକ୍ତା ଉଦ୍ଧାର ପାଇଁ ଯାଉଛେ । ମୃତଲୋକର ନାଁରୁ ମୁଁ ମୁକ୍ତା କଥା ଜାଣିପାରିଲି । ଆଉ ରହିଲା ଗୋଟେ ମୂର୍ତ୍ତି । ସେଟା ରିଡିଙ୍ଗ୍‌ରେ ଥିଲା । ତେଣୁ ମୁକ୍ତାଟା ନିଶ୍ଚୟ ସେଇ ମୂର୍ତ୍ତିରେ ଥିବ । ମୁଁ ତୁମ ଆଗରେ ମୂର୍ତ୍ତିଟା ମାଲିକଙ୍କଠାରୁ କିଣିନେଲି ଆଉ ମୁକ୍ତା ତା' ଭିତରେ ଥିଲା ।"

ଆମେ କିଛି ସମୟ ଚୁପ୍‌ଚାପ୍‌ ବସିଗଲୁ । ତା'ପରେ ଲେଷ୍ଟ୍ରେଡ୍‌ କହିଲେ, "ଆପଣ ଅନେକ କେଶ୍‌ରେ କାମ କରିବାର ଦେଖିଛୁ ମିଷ୍ଟର୍‌ ହୋମ୍‌ସ । ହେଲେ ଏମିତି କୌଶଳରେ କାମ କରିବାର ମୁଁ କେବେ ଜାଣି ନାହିଁ । ସ୍କଟ୍‌ଲାଣ୍ଡ ଇୟାର୍ଡରେ ଆମେ ଆପଣଙ୍କୁ ମୋଟେ ଈର୍ଷା କରୁନାହୁଁ । ଆମେ ଆପଣଙ୍କ ପାଇଁ ବରଂ ଗର୍ବ ଅନୁଭବ କରୁଛୁ । ଆପଣ ଯଦି ଦୟାକରି କାଲି ସ୍କଟ୍‌ଲାଣ୍ଡ ଇୟାର୍ଡ଼ ଆସିବେ ତେବେ ପୁରୁଣା ଇନ୍‌ସ୍‌ପେକ୍ଟର୍‌ଙ୍କଠାରୁ ଆରମ୍ଭ କରି ନୂଆ କନେଷ୍ଟବଲ୍‌ ପର୍ଯ୍ୟନ୍ତ ସମସ୍ତେ ନିଶ୍ଚୟ ଆପଣଙ୍କୁ ଅଭିନନ୍ଦନ କରିବେ ।"

ଅଳ୍ପ ହସି ହୋମ୍‌ସ କହିଲେ, "ଧନ୍ୟବାଦ ।" ଦେଖିଲି ମୁହୂର୍ତ୍ତକ ପାଇଁ ସେ ସାଧାରଣ ମଣିଷ ପରି ଭାବପ୍ରବଣ ହୋଇଗଲେ । ଟିକିଏ ପରେ ସେ ପୁଣି ସେଇ ଚିନ୍ତାଶୀଳ ଯନ୍ତ୍ରରେ ପରିଣତ ହୋଇଗଲେ । କହିଲେ, "ମୁକ୍ତାଟା ସିନ୍ଦୁକ ଭିତରେ ରଖିଦିଅ ୱାଟ୍‌ସନ୍‌ ଆଉ କଙ୍କ ସିଙ୍ଗଲ୍‌ଟନ୍‌ ଫୋର୍‌ଜରି କେଶ୍‌ର କାଗଜପତ୍ର ବାହାରକର । ହଉ ବିଦାୟ ଲେଷ୍ଟ୍ରେଡ୍‌ । ଭବିଷ୍ୟତରେ ଯଦି କିଛି କେଶ୍‌ ଆପଣଙ୍କ ହାତକୁ ଆସେ ତେବେ ତାର ସମାଧାନ ପାଇଁ ଆପଣଙ୍କୁ କିଛି ସୂଚନା ଦେଇପାରିଲେ ମୁଁ ଖୁସି ହେବି । * * *

Digitized by srujanika@gmail.com

ନିଖୋଜ ଖେଳାଳୀ

ବେକର୍ ଷ୍ଟ୍ରିଟ୍‌ରେ ଆମେ ଅନେକ ଅଦ୍ଭୁତ ଅନେକ ଟେଲିଗ୍ରାମ୍ ପାଇବାରେ ଅଭ୍ୟସ୍ତ । କିନ୍ତୁ ସାତ ଆଠବର୍ଷତଳେ ଫେବୃୟାରୀ ମାସର ଏକ କୁହୁଡ଼ିଆ ସକାଳେ ଯେଉଁ ଟେଲିଗ୍ରାମ୍‌ଟା ଆସିଥିଲା ମୋର ସେ କଥା ଖୁବ୍ ଭଲଭାବରେ ମନେଅଛି । ପ୍ରାୟ ପନ୍ଦର ମିନିଟ୍ ଯାଏ ହୋମ୍‌ସ ଯାବରାଇଗଲେ । ସେଟା ତାଙ୍କ ନାଁରେ ଆସିଥିଲା ଆଉ ଲେଖାଥିଲା—"ଦୟାକରି ମୋତେ ଅପେକ୍ଷା କରିଥିବେ । ଭୀଷଣ ଦୁର୍ଯୋଗ । ରାଇଟ୍‌ଇନ୍ ମିଳୁନାହିଁ । କାଲି ଅପରିହାର୍ଯ୍ୟ । —ଓଭର୍‌ଟନ୍ ।"

ହୋମ୍‌ସ ଟେଲିଗ୍ରାମ୍‌ଟା ବାରମ୍ବାର ପଢ଼ି କହିଲେ, "ଷ୍ଟ୍ରାଣ୍ଡ୍ ପୋଷ୍ଟ ଅଫିସ୍ ମୋହର । ଦଶଘଣ୍ଟା ଛତିଶମିନିଟ୍‌ରେ ପଠାଯାଇଛି । ଟେଲିଗ୍ରାମ୍‌ଟା ପଠାଇଲାବେଳେ ମିଷ୍ଟର୍ ଓଭର୍‌ଟନ୍ ନିଶ୍ଚୟ ଅତିମାତ୍ରାରେ ଉତ୍ତେଜିତ ହୋଇପଡ଼ିଛନ୍ତି । ଯାହାହେଉ, ମୁଁ ଏଇ ଟାଇମ୍‌ସ୍ କାଗଜଟାରେ ଆଖି ବୁଲାଇ ଆସୁ ଆସୁ ସେ ନିଶ୍ଚୟ ପହଞ୍ଚିଯିବେ ଆଉ ଆମେ ସବୁକଥା ଜାଣି ପାରିବା । ଏବେ ତ କିଛି କାମନାହିଁ । ଯାହାକିଛି ଗୋଟେ ସମସ୍ୟାହେଲେ ବି ବେଶ୍ ଭଲ ଲାଗିବ ।

ପ୍ରକୃତରେ ଆମର କାମଧନ୍ଦା ବଡ଼ ମାନ୍ଦା ପଡ଼ିଯାଇଥାଏ । ଏଇ କାମନଥିବା ସମୟଟାକୁ ମୁଁ ଏଣିକି ଖୁବ୍ ଭୟକରେ । କାରଣ ମୋ ଅନୁଭୂତିରୁ ମୁଁ ଜାଣିଥିଲି, ମୋ ବନ୍ଧୁଙ୍କର ଅସାଧାରଣ କାର୍ଯ୍ୟଦକ୍ଷ ମସ୍ତିଷ୍କ ଚଳାଇବାପାଇଁ କିଛି ଉପକରଣ ନଥିବାଟା ବଡ଼ ବିପଜ୍ଜନକ । ବର୍ଷବର୍ଷଧରି ଧିରେ ଧିରେ ମୁଁ ତାଙ୍କର ସେଇ ଉତ୍ତେଜକ ଔଷଧ ଅଭ୍ୟାସ ଛଡ଼ାଇ ଦେଇଥିଲି । ତା'ଫଳରେ ଥରେ ତାଙ୍କର ଯେ ଅସାଧାରଣ ପ୍ରତିଭା ନଷ୍ଟହୋଇ ଯିବାର ଭୟ ଥିଲା । ଏବେ ସାଧାରଣତଃ ସେ ଆଉ ସେ କୃତ୍ରିମ ଉତ୍ତେଜନା

Digitized by srujanika@gmail.com

ଗୃହ୍ଣ ନଥିଲେ । କିନ୍ତୁ ମୁଁ ଜାଣିଥିଲି ତାଙ୍କ ଭିତରର ସେ ପିଶାଚ ମରିଯାଇ-ନଥିଲା, କେବଳ ଶୋଇପଡ଼ିଥିଲା । ସେକଥା ପୁଣି ଖୁବ୍ ପତଳା । କାମ ନଥିବା ବେଳେ ତାଙ୍କ ଆଖିର ଭଙ୍ଗୀରୁ ମୁଁ ଜାଣିପାରୁଥିଲି ତାଙ୍କର ସେଇ କୋକେନ୍, ମର୍‌ଫିଆ ଅଭ୍ୟାସ ଯେକୌଣସି ମୁହୂର୍ତ୍ତରେ ଚେଇଁ ଉଠିବ । ତେଣୁ ସେ ଓଭର୍‌ଟନ୍ ଯେ ହୁଅନ୍ତୁ, ମୁଁ ମନେମନେ ତାଙ୍କୁ ଆଶୀର୍ବାଦ କଲି । ସେ ଯେଉଁ ପ୍ରହେଳିକା ସମ୍ବାଦ ଆଣିଛନ୍ତି ତା ମୋବନ୍ଧୁଙ୍କ ବିପଜ୍ଜନକ ନୀରବତା ଭାଙ୍ଗିଦେବ । ମୋ ବନ୍ଧୁଙ୍କ ଜୀବନର ସବୁଠୁ ବିପଦପୂର୍ଣ୍ଣ ଝଡ଼ଝଂଝାଠୁ ଏଇ ନୀରବତା ବେଶି ଭୟଙ୍କର ।

ଆମେ ଯାହା ଆଶା କରୁଥିଲୁ ସେଇଆ ହେଲା । ଟେଲିଗ୍ରାମ୍ ପଛେ ପଛେ ପଠାଇଥିବା ଲୋକ ଆସିଗଲେ । ତାଙ୍କ କାର୍ଡ଼ରୁ ଦେଖିଲୁ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଟ୍ରିନିଟି କଲେଜର ମିଷ୍ଟର୍ ସାଇରିଲ୍ ଓଭର୍‌ଟନ୍ । ଦରଜାପାଖରେ ସେ ପହଞ୍ଚିଗଲେ । ବେଶ୍ ସୁସ୍ଥ ସବଳ ଯୁବକ । ମାଂସପେଶୀ-ଗୁଡ଼ା କୁନ୍ଦାଇଲାପରି । ଓଜନରେ ପ୍ରାୟ ଷୋହଳ ଷ୍ଟୋନ୍ ହେବେ । ଚଉଡ଼ାକାନ୍ଧ ଦରଜାଟାକୁ ପୂରା ଢାଙ୍କିଦେଇଥାଏ । ସେ ଆମ ଆଡ଼କୁ ଗୁହିଁ କହିଲେ, "ମିଷ୍ଟର ସେର୍‌ଲକ୍ ହୋମ୍‌ସ ?"

ମୋ ବନ୍ଧୁ କେବଳ ମୁଣ୍ଡ ଲୁଆଁଇଲେ ।

"ମୁଁ ସ୍କଟ୍‌ଲାଣ୍ଡଇଆର୍ଡ ଯାଇଥିଲି । ଇନସପେକ୍ଟର୍ ଷ୍ଟାନ୍‌ଲି ହପ୍‌କିନ୍‌ସଙ୍କ ସାଥିରେ ଦେଖାକଲି । ଆପଣଙ୍କ ପାଖକୁ ଆସିବାକୁ ସେ ମୋତେ ଉପଦେଶ ଦେଲେ । ସେ ମୋତେ କହିଲେ, 'କେଶ୍‌ଟା ପୋଲିସ୍ ଅପେକ୍ଷା ଆପଣଙ୍କ ହାତରେ ଦେଲେ ଭଲ' ।"

"ହଉ, ବସନ୍ତୁ । ଆଉ ଘଟଣାଟା କ'ଣ ମୋତେ କହନ୍ତୁ ।"

"ଘଟଣାଟା ବଡ଼ ଭୟଙ୍କର ମିଷ୍ଟର ହୋମ୍‌ସ । ମୋ ମୁଣ୍ଡ ବାଳ ଧଳା ହୋଇଯିବଣି କି କ'ଣ ମୋର ସନ୍ଦେହ । ଗଡ୍‌ଫ୍ରେ ଷ୍ଟନ୍‌ଟନ୍—ଆପଣ ତାଁଙ୍କ ଶୁଣିଥିବେ ନିଶ୍ଚୟ । ସେ ଦଳର ମୂଳ ମେଢ଼ି । ମୋ ଦଳରୁ ମୁଁ ବରଂ ଆଉ ଦୁ'ଜଣଙ୍କୁ ବାଦ୍ ଦେଇପାରେ; କିନ୍ତୁ ଗଡ୍‌ଫ୍ରେ ଷ୍ଟନ୍‌ଟନ୍ ଆଗ ଲାଇନ୍‌ରେ ନହେଲେ ଦରକାର । ପାଶ୍ ଦେବା ହେଉ, ଡିବ୍ଲିଙ୍ଗ୍ ହେଉ, ସବୁଥିରେ ତା

Digitized by srujanika@gmail.com

ସାଥିରେ ସମାନ ଆଉ କେହି ନାହିଁ । ମୁଁ କ'ଣ କରିବ ? ସେଇକଥା ଆପଣଙ୍କୁ ପଚାରୁଛି ମିଷ୍ଟର୍ ହୋମ୍‌ସ । ଆମର ଅବଶ୍ୟ ପ୍ରଥମ ରିଜର୍ଭ ଖେଳାଳି ମୁର୍‌ହାଉସ୍ ଅଛି; କିନ୍ତୁ ସେ ହାଫ୍ ଲାଇନ୍‌ରେ ଖେଳିବା ତାଲିମ ପାଇଛି । ସେ ସ୍ପେସିଙ୍ଗ୍ କିକ୍ ମାରିବାରେ ଧୁରନ୍ଧର; କିନ୍ତୁ ତାର ବିଚାରଶକ୍ତି ମୋଟେ ନାହିଁ । ଅକ୍‌ସଫୋର୍ଡର ଆଗ ଲାଇନ୍ ଖେଳାଳି ମର୍ଟନ୍ ବା ଜନ୍‌ସନ୍ ତାକୁ ଘାବରାଇ ଦେବେ । ଷ୍ଟିଭେନ୍‌ସନ୍ ଅବଶ୍ୟ ଖୁବ୍ ଦ୍ରୁତ ଖେଳାଳି । କିନ୍ତୁ ସେ ପଚାଶଗଜ ଦୂରରୁ ବି ବଲ୍‌ଟା ଠିକ୍ ମାରିପାରେନା । ନା, ମିଷ୍ଟର୍ ହୋମ୍‌ସ, ଗଡ୍‌ଫ୍ରେ ଷ୍ଟାଣ୍ଟନ୍‌କୁ ଖୋଜି ବାହାରକରିବାରେ ଆପଣ ଆମକୁ ସାହାଯ୍ୟ ନକଲେ ଆମ କଥା ସରିଯିବ ।"

ମୋ ବନ୍ଧୁ ବିସ୍ମୟ ଏବଂ ଆନନ୍ଦରେ ଏଇ ଲମ୍ବା ବକ୍ତବ୍ୟ ଶୁଣିଗଲେ । ତା'ପରେ ହାତବଢ଼ାଇ ଏସ୍ ଅକ୍ଷର ବହିଟା ଆଣି ଓଲଟାଇଗଲେ । କିଛି ସମୟ ବୃଥାରେ କାଗଜ ଓଲଟାଇଲାପରେ କହିଲେ, "ଏଇଟି ଆର୍ଥର୍ ଏଇଚ୍ ଷ୍ଟାଣ୍ଟନ୍ ନାଁ । ସେ ଜଣେ ତରୁଣ ଜାଲିଆତି । ଆଉ ଏଇଟା ହେନ୍‌ରି ଷ୍ଟାଣ୍ଟନ୍ । ସେ ଫାଶୀ ପାଇବାରେ ମୁଁ ସାହାଯ୍ୟ କରିଥିଲି । କିନ୍ତୁ ଗଡ୍‌ଫ୍ରେ ଷ୍ଟାଣ୍ଟନ୍ ମୋପାଇଁ ଏକ ନୂଆ ନାଁ ।"

ଏଥର କିନ୍ତୁ ଆଗନ୍ତୁକ ବିସ୍ମିତହୋଇ କହିଲେ, "କି କଥା ମିଷ୍ଟର୍ ହୋମ୍‌ସ ! ମୋର ଧାରଣା ଥିଲା ଆପଣ ସବୁକଥା ଜାଣନ୍ତି । ଆପଣ ଯଦି ଗଡ୍‌ଫ୍ରେ ଷ୍ଟାଣ୍ଟନ୍ ନାଁ ଶୁଣିନାହାଁନ୍ତି ତେବେ ସାଇରିଲ୍ ଓଭର୍‌ଟନ୍‌ଙ୍କୁ ମଧ୍ୟ ଜାଣି ନଥିବେ ?"

ଅଳ୍ପ ହସି ହୋମ୍‌ସ ମୁଣ୍ଡ ହଲାଇଲେ ।

ଖେଳାଳି କହିଉଠିଲେ, "ହେ ଭଗବାନ୍ ! କି କଥା ! ଓ୍ୱେଲ୍‌ସ ବିପକ୍ଷରେ ଇଂଲଣ୍ଡ ଦଳରେ ମୁଁ ପ୍ରଥମ ରିଜର୍ଭ ଥିଲି । ତା'ଛଡ଼ା ଏବର୍ଷ ସାରା ମୁଁ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଅଧିନାୟକତ୍ୱ କରିଛି । କିନ୍ତୁ ସେ କଥା ଛାଡ଼ନ୍ତୁ । ଇଂଲଣ୍ଡର କେହି ଲୋକ ଗଡ୍‌ଫ୍ରେ ଷ୍ଟାଣ୍ଟନ୍‌କୁ ଜାଣନ୍ତି ନାହିଁ ବୋଲି ମୋର ଧାରଣା ନଥିଲା । କେମ୍ବ୍ରିଜ୍‌ର ଖେଳାଳି, ପାଞ୍ଚଥର ଆନ୍ତର୍ଜାତୀୟ

Digitized by srujanika@gmail.com

ଖେଳରେ ଅଂଶଗ୍ରହଣ କରୁଛନ୍ତି । ଆପଣ କେଉଁ ଦୁନିଆରେ ରହୁଛନ୍ତି ମିଷ୍ଟର୍ ହୋମ୍‌ସ ?"

ଖେଳାଳୀ ଯୁବକଙ୍କର ଏ ବିସ୍ମୟ ଦେଖି ହୋମ୍‌ସ ହସିହସି କହିଲେ, ଆପଣଙ୍କ ଦୁନିଆ ମୋଠୁ ଭିନ୍ନ ମିଷ୍ଟର୍ ଓଭର୍‌ଟନ୍ । ଆପଣଙ୍କ ଦୁନିଆଁ ମୋ ଦୁନିଆ ଠାରୁ ସୁସ୍ଥ ଆଉ ମଧୁର । ସମାଜର ବିଭିନ୍ନ ବିଭାଗକୁ ମୋର ଶାଖା ପ୍ରଶାଖା ଲମ୍ବିଛି । କିନ୍ତୁ ଆନନ୍ଦର କଥା ଇଂଲଣ୍ଡର ସବୁଠୁ ମଉଜ ବିଷୟ ସୌଖିନ ଖେଳ ଆଡ଼କୁ ତା ମୋଟେ ଯାଇନାହିଁ । ଯାହାହେଉ, ଆପଣ ଏମିତ ଅପ୍ରତ୍ୟାଶିତଭାବେ ଆସିବା ଦ୍ୱାରା ଦେଖୁଛି, ସେଇ ସୁସ୍ଥଖେଳ ଜଗତରେ ବି ମୋ ପାଇଁ କାମ ଅଛି । ତେଣୁ ଏବେ ବସନ୍ତୁ ଆଉ ଧୀରସ୍ଥିର ଭାବରେ ଯାହା ଘଟିଛି ମୋତେ କହନ୍ତୁ ଆଉ ମୁଁ ଆପଣଙ୍କୁ କି ପ୍ରକାରେ ସାହାଯ୍ୟ କରିପାରିବି ତା'ମଧ୍ୟ କହନ୍ତୁ ।"

ଯୁବକ ଓଭର୍‌ଟନ୍‌ଙ୍କର ମୁଣ୍ଡତୁଳନାରେ ମାଂସପେଶୀର କାମ ଅଧିକ । ତେଣୁ ସେ ଟିକିଏ ଚିନ୍ତିତ ହୋଇଗଲେ । କିନ୍ତୁ ଶେଷରେ ତାଙ୍କର ବିଚିତ୍ର କାହାଣୀ ଶୁଣାଇଲେ । ତା'ଭିତରେ କେତେଗୁଡ଼େ କଥା ବାରମ୍ବାର କହିଗଲେ । ଆଉ କେତେଗୁଡ଼େକଥା ବୁଝିହେଲା ନାହିଁ । ସେଗୁଡ଼ାକୁ ମୁଁ ମୋ ଲେଖାରୁ ବାଦ୍‌ଦେଇଛି ।

ସେ କହିଲେ, "ଘଟଣାଟା ଏଇପ୍ରକାର ମିଷ୍ଟର ହୋମ୍‌ସ । ମୁଁ ତ କହିଛି, ମୁଁ କେମ୍ବ୍ରିଜର ଫୁଟବଲ୍ ଦଳର ଅଧିନାୟକ ଆଉ ଗଡ଼ଫ୍ରେ ଷ୍ଟାଣ୍ଟନ୍ ଆମର ସବୁଠୁ ଭଲଖେଳାଳୀ । କାଲି ଆମେ ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ ସାଥିରେ ଖେଳିବୁ । କାଲି ଆମେ ସମସ୍ତେ ଆସି ବେଣ୍ଟଲିଙ୍କ ହୋଟେଲରେ ରହିଲୁ । ସମସ୍ତେ ଶୋଇଲେଣି କି ନାହିଁ ଦେଖିବାପାଇଁ ମୁଁ ରାତି ଦଶଟାରେ ବୁଲିଆସିଲି । କାରଣ ମୁଁ ଜାଣେ ଗୋଟାଏ ଦଳକୁ ଖେଳପାଇଁ ଉପଯୁକ୍ତ ରଖିବାକୁ ହେଲେ ପ୍ରତ୍ୟେକ ଖେଳାଳୀର ଉପଯୁକ୍ତ ତାଲିମ ଆଉ ଯଥେଷ୍ଟ ନିଦ ଦରକାର । ଗଡ଼୍‌ଫ୍ରେ ଶୋଇବାକୁ ଯିବା ଆଗରୁ ମୁଁ ତା'ପାଖରେ ପଦେ ଦି'ପଦ କଥାବାର୍ତ୍ତା ହେଲି । ସେ କେମିତି ମଳିନ ଆଉ ଚିନ୍ତିତ ଜଣାଯାଉ-ଥିଲା । କିନ୍ତୁ ସେ କହିଲା; ସବୁ ଠିକ୍ ଅଛି, କେବଳ ସାମାନ୍ୟ ମୁଣ୍ଡବ୍ୟଥା ।'

Digitized by srujanika@gmail.com

ମୁଁ ତାଠୁ ବିଦାୟ ନେଇଆସିଲି । ଅଧଘଣ୍ଟାଏ ପରେ (ପରେ ହୋଟେଲ ଜଗୁଆଳିଠାରୁ ଶୁଣିଲି) ଜଣେ ମୋଟାଲୋକ, ମୁହଁରେ ଦାଢ଼ିଅଛି, ଖଣ୍ଡେ ଚିଠିଧରି ଗଡ୍‌ଫ୍ରେ ପାଖକୁ ଆସିଲା । ସେତେବେଳକୁ ସେ ଶୋଇନଥିଲା । ଚିଠିଟା ତା ରୁମକୁ ନିଆହେଲା । ଗଡ୍‌ଫ୍ରେ ଚିଠିଟା ପଢ଼ି ଗଛକାଟିଲାପରି ଚଉକିରେ ପଡ଼ିଗଲା । ଜଗୁଆଳି ଏତେ ଡରିଗଲା ଯେ ମୋତେ ଡାକିବାକୁ ଆସୁଥିଲା; କିନ୍ତୁ ଗଡ୍‌ଫ୍ରେ ତାକୁ ବାରଣ କଲା । ଟିକିଏ ପାଣି ପିଇ ନିଜକୁ ଦୃଢ଼ କଲା । ତା'. ପରେ ସେ ତଳକୁ ଯାଇ ଚିଠି ଆଣିଥିବା ଲୋକ ସାଥିରେ କ'ଣ କଥାବାର୍ତ୍ତାକଲା ଆଉ ଦୁ'ଜଣଯାକ ସାଥିହୋଇ ଚାଲିଗଲେ । ଜଗୁଆଳି ଦେଖିଲା ସେମାନେ ଷ୍ଟ୍ରାଣ୍ଡ ଆଡ଼କୁ ଖୁବ୍ ଜୋର୍‌ରେ ଦୌଡ଼ିଛନ୍ତି । ଆଜି ସକାଳେ ଦେଖିଲାବେଳକୁ ଗଡ଼୍‌ଫ୍ରେର ରୁମ ଖାଲି । ରାତିରେ ସେ ବିଛଣାରେ ଶୋଇନାହିଁ । ତାର ଜିନିଷପତ୍ର ସବୁ ମୁଁ ଯେମିତି ଦେଖିଥିଲି ସେମିତି ଥିଲା । ସେ ମୁହୂର୍ତ୍ତିକଭିତରେ ସେଇ ଅଜଣା ଲୋକ ସାଥିରେ ଚାଲିଗଲା । ତା'ପରେ ତାର ଆଉ କିଛି ଖବର ନାହିଁ । ସେ ଫେରିବାର ଆଶା ମୋର ନାହିଁ । ଗଡ୍‌ଫ୍ରେ ଜଣେ ଖେଳାଳୀ । ଖେଳ ତା' ମଜ୍ଜା ଭିତରେ ମିଶିଯାଇଛି । ସେମିତି କିଛି ଗୁରୁତର କାରଣ ନଥିଲେ ସେ ତା ଟାଲିମ୍ ଛାଡ଼ି ତା ଅଧିନାୟକକୁ ଛାଡ଼ି ଚାଲି ଯାଇ ନଥାନ୍ତା । ନା, ମୋର ମନେହୁଏ ସେ ସବୁଦିନ ପାଇଁ ଚାଲିଯାଇଛି ଏବଂ ଆମେ ତାକୁ ଆଉ ଦେଖିବାକୁ ପାଇବୁ ନାହିଁ ।"

ସେର୍ଲକ୍ ହୋମ୍‌ସ ଗମ୍ଭୀର ଧ୍ୟାନ ସହ ଏଇ ଅଦ୍ଭୁତ ବିବରଣୀ ଶୁଣିଗଲେ । ତା'ପରେ କହିଲେ, "ଆପଣ କ'ଣ କଲେ ?"

"ମୁଁ କେମ୍ବ୍ରିଜ୍‌କୁ ଟେଲିଗ୍ରାମ୍ କଲି । ଭାବିଲି ସେଠି କେହି ତା'ବିଷୟ କିଛି ଶୁଣିଥିବେ । ତା'ର ଉତ୍ତର ପାଇଲି । କେହି ତାକୁ ଦେଖିନାହାନ୍ତି ।"

"ସେ କେମ୍ବ୍ରିଜ୍ ଫେରିଯିବାର କିଛି ସୁବିଧା ଥିଲା ?"

"ହଁ, ଏଗାରଟା ପନ୍ଦର ମିନଟ୍‌ରେ ଗୋଟେ ଟ୍ରେନ୍ ଅଛି ।"

"କିନ୍ତୁ ଆପଣ ଯେତେଦୂର ଜାଣନ୍ତି ସେ ଏ ଟ୍ରେନ୍ ଧରିନାହାନ୍ତି ?

"ନା, ସେ ଏ ଟ୍ରେନ୍‌ରେ ଯାଇନାହିଁ !"

Digitized by srujanika@gmail.com

"ତା'ପରେ ଆପଣ କ'ଣ କଲେ ?"

"ମୁଁ ଲର୍ଡ ମାଉଣ୍ଟ ଜେମ୍‌ସଙ୍କ ପାଖକୁ ତାର କଲି ।"

"ଲର୍ଡ ମାଉଣ୍ଟ ଜେମ୍‌ସଙ୍କ ପାଖକୁ କାହିଁକି ?"

"ଗଡ୍‌ଫ୍ରେର ବାପା ମା'ଆ ନାହାନ୍ତି । ଲର୍ଡ ମାଉଣ୍ଟ ଜେମ୍‌ସ ତା'ର ଘନିଷ୍ଠ ସଂପର୍କୀୟ । ବୋଧହୁଏ ତାର ମଉସା ।

"ସତେ ! ଏକଥା ଘଟଣାଉପରେ ନୂଆ ଆଲୋକପାତ କରୁଛି । ଲର୍ଡ ମାଉଣ୍ଟ ଜେମ୍‌ସ ଇଂଲଣ୍ଡର ବଡ଼ବଡ଼ ଧନୀ ଲୋକଙ୍କ ଭିତରୁ ଜଣେ ।"

"ଗଡ୍‌ଫ୍ରେ ସେକଥା କହୁବାର ଶୁଣିଛି ।"

"ଆଉ ଆପଣଙ୍କ ବନ୍ଧୁ ତାଙ୍କର ଘନିଷ୍ଠ ସଂପର୍କୀୟ ?"

"ହଁ, ସେ ତାଙ୍କର ଉତ୍ତରାଧିକାରୀ । ବୁଢ଼ାଙ୍କୁ ପ୍ରାୟ ଅଶୀ ବର୍ଷ—ଗଣ୍ଠିବାତ ରୋଗୀ । ସେ ଗଡ୍‌ଫ୍ରେକୁ ଗୋଟେ ସିଲିଂ ବି ଦେବାର ଶୁଣାନାହିଁ । କାରଣ ସେ ଅତି କୃପଣ, କୁମ୍ଭୁମଗଣ୍ଠି । ତଥାପି ତାଙ୍କର ସବୁ ସଂପତ୍ତି ଗଡ୍‌ଫ୍ରେ ପାଇବ ।"

"ଲର୍ଡମାଉଣ୍ଟ ଜେମ୍‌ସଙ୍କଠୁ ଆପଣ କିଛି ଖବର ପାଇଲେ ?"

"ନା ।"

"ଲର୍ଡ ମାଉଣ୍ଟ ଜେମ୍‌ସଙ୍କ ପାଖକୁ ଯିବାରେ ଆପଣଙ୍କ ବନ୍ଧୁଙ୍କର କ'ଣ ଉଦ୍ଦେଶ୍ୟ ଥାଇପାରେ ?"

"ପୂର୍ବ ରାତିରେ କୌଣସି କାରଣରୁ ସେ ବିଚଳିତ ଜଣାଯାଉଥିଲା । ଯଦି ସେଥିପାଇଁ ପଇସା ଦର୍କାର ତେବେ ସେ ଲର୍ଡ ମାଉଣ୍ଟ ଜେମ୍‌ସଙ୍କ ପାଖକୁ ଯିବା ସମ୍ଭବ । କାରଣ ସେ ତାର ନିକଟତମ ସଂପର୍କୀୟ ଆଉ ତାଙ୍କର ପଇସା ଯଥେଷ୍ଟ ଅଛି । ଅବଶ୍ୟ ମୁଁ ଯାହାଶୁଣିଛି ସେ ତାଙ୍କଠୁ ପଇସା ପାଇବାର ଆଶା ଖୁବ୍ କମ୍ । ଗଡ୍‌ଫ୍ରେ ତାଙ୍କୁ ମୋଟେ ଭଲ ପାଏ ନାହିଁ । ଅନ୍ୟ କିଛି ଉପାୟଥିଲେ ସେ ତାଙ୍କପାଖକୁ ମୋଟେ ଯାଇନଥିବ ।"

"ଆଚ୍ଛା, ଆମେ ସେକଥା ଖୁବ୍ ଶୀଘ୍ର ଜାଣିପାରିବା । ଯଦି ଆପଣଙ୍କ ବନ୍ଧୁ ତାଙ୍କ ସଂପର୍କୀୟଙ୍କ ପାଖକୁ ଯାଇଥାନ୍ତି ତେବେ ଏତେ ରାତିରେ ସେଇ ଦାଢ଼ିବାଲା ଲୋକ ଆସିବା, ଆଉ ଗଡ୍‌ଫ୍ରେ ବିଚଳିତ ହୋଇପଡ଼ିବା ବିଷୟରେ ଆପଣ କ'ଣ ଭାବୁଛନ୍ତି ?"

Digitized by srujanika@gmail.com

ସାଇରଲ୍ ଓଭର୍‌ଟନ୍ ଢ଼'ହାତରେ ମୁଣ୍ଡଗୃପି କହିଲେ, "ମୁଁ ସେଥିରୁ କିଛି ହେଲେ ବୁଝିପାରୁନାହିଁ ।"

"ହଉ, ମୋର ଆଜ ଢନସାବ୍ କିଛି କାମନାହିଁ । ମୁଁ ଘଟଣାଟା ଦେଖିବ । କିନ୍ତୁ ମୁଁ ଆପଣଙ୍କୁ ଉପଦେଶ ଦେଉଛି, ଏଇ ତରୁଣ ଭଦ୍ରଲୋକଙ୍କ କଥା ନଭାବି ମ୍ୟାଚ୍ ଲାଗି ପ୍ରସ୍ତୁତ ହୁଅନ୍ତୁ । ଆପଣ ଯାହା କହିଲେ, ସେମିତି କିଛି ଗୋଟେ ଅଲଂଘ୍ୟ ଦର୍କାର ପଡ଼ିବାରୁ ସେ ଏମିତି ଚାଲିଯାଇଛନ୍ତି ଆଉ ସେଇ କାରଣରୁ ସେ ନଫେରିବା ଧ୍ରୁବ । ଚାଲନ୍ତୁ, ସାଥିହୋଇ ସେ ହୋଟେଲ ଆଡ଼େ ବୁଲିଆସିବା । ଦେଖିବା ସେ ଜଗୁଆଳିଠାରୁ ଯଦି କିଛି ନୂଆଖବର ମିଳିପାରେ ।"

ଜଣେ ସାଧାରଣ ସାକ୍ଷୀକୁ ଖୁସିକରାଇ ତାଠୁ କଥା ଆଦାୟକରିବା କଳା ସେର୍ଲକ୍ ହୋମ୍‌ସଙ୍କୁ ବେଶ୍ ଜଣା । ଗଡ୍‌ଫ୍ରେ ଷ୍ଟଣ୍ଟନ୍‌ଙ୍କ ରୁମ୍‌ଭିତରେ ସେ ଜଗୁଆଳିଠାରୁ ଯାହାକିଛି ଜାଣିବାକଥା ବୁଝିନେଲେ । ଗଲାରାତିରେ ଆସିଥିବା ଲୋକ ଭଦ୍ରଲୋକପରି ଜଣାଯାଉନଥିଲା । ଜଗୁଆଳିର କହିବାଅନୁସାରେ ସେ ଜଣେ ସାଧାରଣ ଲୋକ । ବୟସ ପ୍ରାୟ ପଚାଶ ବର୍ଷ ହେବ । ମୁହଁରେ ପାଚିଲା ଦାଢ଼ି । ପୋଷାକ ଅତି ସାଧାରଣ । ତା'ମୁହଁ ମଳିନ ଦିଶୁଥିଲା । ସେ ଖୁବ୍ ବିଚଳିତ ହେଲାପରି ଜଣାଯାଉଥିଲା । ଚିଠି ଖଣ୍ଡ ଦେଲାବେଳେ ତା ହାତ ଥରୁଥିବାର ଜଗୁଆଳି ଲକ୍ଷ୍ୟକରିଛି । ଗଡ୍‌ଫ୍ରେ ଷ୍ଟଣ୍ଟନ୍ ଚଟ୍‌କରି ଚିଠିଟା ପକେଟ୍‌ରେ ପୁରାଇଦେଲେ । ବାଟ ରୁମ୍‌ରେ ଅପେକ୍ଷାକରିଥିବା ଏଇ ଲୋକ ସାଥିରେ ଗଡ୍‌ଫ୍ରେ ହାଣ୍ଡସେକ୍ କରିନାହାନ୍ତି । ସେମାନେ କେତେପଦ କଥାବାର୍ତ୍ତା କଲେ । ସେଥିରୁ ଜଗୁଆଳି କେବଳ ଗୋଟେ ଶବ୍ଦ 'ସମୟ' ଶୁଣି ପାରିଛି । ତା'ପରେ ସେମାନେ ଖୁବ୍ ଶୀଘ୍ର ଚାଲିଗଲେ । ସେତେବେଳକୁ ଘଣ୍ଟାରେ ଠିକ୍ ସାଢ଼େ ଦଶଟା ବାଜିଥିଲା ।

ଷ୍ଟଣ୍ଟନ୍‌ଙ୍କ ଖଟଉପରେ ବସିପଡ଼ି ହୋମ୍‌ସ କହିଲେ, "ଆଚ୍ଛା, ତୁମେ ଦିନବେଳା ଜଗୁଆଳି, ନା ?"

"ହଁ ଆଜ୍ଞା । ଏଗାରଟାରେ ମୋର ଛୁଟି ।"

"ରାତି ଜଗୁଆଳି ବୋଧହୁଏ କିଛି ଦେଖିନାହିଁ ?"

Digitized by srujanika@gmail.com

"ନା ଆଜ୍ଞା, ଗତ ଡେରରେ କେବଳ ଗୋଟେ ଥିଏଟର୍ ଦଳ ଆସିଥିଲେ । ତା'ଛଡ଼ା ଆଉ କେହି ନାହିଁ ।"

"କାଲି ସାରାଦିନ ତୁମେ ଏଠି କାମରେ ଥିଲ ?"

"ଆଜ୍ଞା ।"

"ତୁମେ ମିଷ୍ଟର୍ ଷ୍ଟଣ୍ଟନ୍‌ଙ୍କ ପାଖକୁ କିଛି ଖବର ନେଇଥିଲ ?"

"ହଁ, ଗୋଟେ ଟେଲିଗ୍ରାମ୍ ।"

"ସତେ ! ସେତେବେଳେ କେତେ ସମୟ ହେବ ?"

"ପ୍ରାୟ ଛଅଟା ।"

"ମିଷ୍ଟର୍ ଷ୍ଟଣ୍ଟନ୍ ସେତେବେଳେ କେଉଁଠି ଥିଲେ ?"

"ଏଇଠି, ତାଙ୍କ ରୁମ୍‌ରେ ।"

"ସେ ସେଟା ଖୋଲିଲାବେଳେ ତୁମେ ଏଠି ଥିଲ ?"

"ହଁ ଆଜ୍ଞା, କାଳେ କିଛି ଉତ୍ତରଦେବେ ବୋଲି ଅପେକ୍ଷା କରିଥିଲି ।"

"ସେ କିଛି ଉତ୍ତର ଦେଲେ ?"

"ହଁ ଆଜ୍ଞା, ସେ ଗୋଟେ ଉତ୍ତର ଲେଖିଲେ ।"

"ତୁମେ ସେଟା ନେଲ ?"

"ନା, ସେ ନିଜେ ନେଲେ ।"

"କିନ୍ତୁ ସେ ତୁମ ସାମନାରେ ସେଟା ଲେଖିଲେ ?"

"ହଁ ଆଜ୍ଞା, ମୁଁ ଦରଜାପାଖରେ ଠିଆ ହୋଇଥିଲି ଆଉ ସେ ସେଇ ଟେବୁଲଟା ଆଡ଼େ ପିଠିକରି ଠିଆ ହୋଇଥିଲେ । ଲେଖିସାରିଲା ପରେ ସେ କହିଲେ, 'ଆଚ୍ଛା, ତୁମେ ଯାଇପାର । ମୁଁ ନିଜେ ଏଟା ନେଇଯିବି' ।"

"ସେ କେଉଁଥିରେ ସେଟା ଲେଖିଲେ ?"

"ଗୋଟେ କଲମରେ ।"

"ଟେଲିଗ୍ରାମ୍ ଫର୍ମଟା ଟେବୁଲଉପରେ ଥିବା ଏଇ ଫର୍ମରୁ ଗୋଟେ ?"

"ହଁ ଆଜ୍ଞା, ସବାଉପର ଫର୍ମଟା ।"

ହୋମ୍‌ସ ଉଠିଲେ । ଫର୍ମଗୁଡ଼ା ଝରକାପାଖକୁ ନେଇ ଉପର ଫର୍ମଟା ପରୀକ୍ଷାକରି ଦେଖିଲେ । ତା'ପରେ ନିରାଶହୋଇ ଫର୍ମଗୁଡ଼ା ପକାଇଦେଇ

Digitized by srujanika@gmail.com

କହିଲେ, "ଦୁଃଖର କଥା, ସେ ପେନ୍‌ସିଲ୍‌ରେ ଏଟା ଲେଖିନାହାନ୍ତି । ପେନ୍‌ସିଲ୍‌ରେ ଲେଖିଲେ ଦାଗଟା ତଳ କାଗଜକୁ ଯାଇନଥିବା ତୁମେ ଲକ୍ଷ୍ୟ କରିଥିବ ୱାଟ୍‌ସନ୍ । ଯାହାହେଉ, ମୁଁ ଦେଖୁଛି ସେ ଗୋଟେ ମୁନିଆଁ ପର-କଲମରେ ଲେଖିଛନ୍ତି । ଏଇ ଶୁଖିଲାକାଗଜରେ ଆମେ ନିଶ୍ଚୟ କିଛି ଚିହ୍ନ ପାଇପାରିବା । ହଁ, ଏଇଟି ସେ ଦାଗ ।"

ସେ ଶୁଖିଲା କାଗଜରୁ ଖଣ୍ଡେ ଚିରି ଆଣି ଆମକୁ ଦେଖାଇଲେ । ଶୁଖିଲାକାଗଜ ଉପରେ ଦାଗଟା ଥିଲା । ସାଇରଲ୍ ଓଭର୍‌ଟନ୍ ଖୁବ୍ ଖୁସି ହୋଇଯାଇ କହିଲେ, "ଦର୍ପଣ ଆଗରେ କାଗଜଟା ଧରନ୍ତୁ ।"

ହୋମ୍‌ସ କହିଲେ, "ଦର୍କାର ନାହିଁ । କାଗଜଟା ଖୁବ୍ ପତଳା ଆଉ ତାକୁ ଓଲଟାଇ ଦେଲେ ଜଣାପଡ଼ିବ । ଏଇ ଦେଖ ।" ସେ କାଗଜଟା ଓଲଟାଇ ଦେଲେ ଆଉ ଆମେ ପଢ଼ିଲୁ—'ଦୟାକରି ଆମକୁ ସାହାଯ୍ୟ କରନ୍ତୁ '।

"ଗଡ଼୍‌ଫ୍ରେ ଷ୍ଟାଉନ୍ ଯାଇନଥିବାର ଅଳ୍ପ ସମୟ ଆଗରୁ ଯେଉଁ ଟେଲିଗ୍ରାମ୍ ପଠାଇଥିଲେ ଏଟା ତାର ଶେଷ ଅଂଶ । ଏଥିରେ ଖୁବ୍ କମ୍‌ରେ ଆଉ ଛଅଟା ଶବ୍ଦ ଥିଲା ଆଉ ଆମେ ତା ଜାଣିପାରିଲେନାହିଁ । କିନ୍ତୁ ଯାହାଅଛି— 'ଦୟାକରି ଆମକୁ ସାହାଯ୍ୟ କରନ୍ତୁ'--ସେଥିରୁ ଜଣାଯାଉଛି ଏଇ ଯୁବକ କୌଣସି ବଡ଼ ଧରଣର ବିପଦ ଆଶଙ୍କା କରୁଥିଲେ ଆଉ କେହି ଜଣେ ତାଙ୍କୁ ରକ୍ଷା କରିପାରିଥାନ୍ତା । ଆମକୁ ଶବ୍ଦଟାକୁ ଲକ୍ଷ୍ୟକର । ସେଥିରୁ ଜଣାଯାଉଛି ଅନ୍ୟ ଜଣେ ମଧ୍ୟ ଏଥିରେ ସମ୍ପୃକ୍ତ । ସେ ଲୋକ ସେଇ ଦାଢ଼ିବାଲା ମଳିନ ମୁହାଁ ଲୋକ ଛଡ଼ା ଆଉ କିଏ ହୋଇପାରେ ? ଏଇ ଲୋକ ଆଉ ଗଡ଼୍‌ଫ୍ରେ ଷ୍ଟାଉନ୍ ମଧ୍ୟରେ ସମ୍ପର୍କ କ'ଣ ? କାହାଠାରୁ ଏ ଦୁହେଁ ସାହାଯ୍ୟ ଆଶା କରନ୍ତି ? ଆମର ଅନୁସନ୍ଧାନର ସୀମା ଯଥେଷ୍ଟ କମିଯାଇଛି ।

ମୁଁ କହିଲି, "ଟେଲିଗ୍ରାମ୍‌ଟା କାହା ପାଖକୁ ପଠାଯାଇଛି, ଆମେ କେବଳ ସେତିକ ଖୋଜି ବାହାରକଲେ ହେଲା ।"

"ବିଲ୍‌କୁଲ୍ ଠିକ୍ କହିଛ ୱାଟ୍‌ସନ୍ । ତୁମର ଏ ଚିନ୍ତାଧାରା ମୋ ମୁଣ୍ଡରେ ବି ଉଙ୍କିମାରିଛି । କିନ୍ତୁ ତୁମେ ଜାଣ, ଆମେ ଡାକଘରକୁ ଯାଇ ଅନ୍ୟ ଜଣଙ୍କର ଟେଲିଗ୍ରାମ୍‌ର ପ୍ରତିପତ୍ର (Counterfoil) ଦେଖିବାକୁ ଚାହିଁଲେ,

Digitized by srujanika@gmail.com

ଡାକଘର କର୍ମଚାରୀମାନେ ହୁଏତ ଆମ କଥା ରଖି ନ ପାରନ୍ତି । ଏସବୁ ଧନ୍ଦାରେ ଅନେକ ସରକାରୀ ଆଦବ କାଇଦା ଅଛି । ତଥାପି ମୁଁ ଭାବୁଛି ଟିକିଏ ଲାଜ ଛାଡ଼ି, ଚାଲାକ୍‌ଭାବରେ କାମ କଲେ ଆମ କାମଟା ହାସଲ କରି-ପାରିବା । ହଉ, ମିଷ୍ଟର୍ ଓଭର୍‌ଟନ୍, ଏବେ ଆପଣଙ୍କ ଉପସ୍ଥିତିରେ ମୁଁ ଟେବୁଲ ଉପରେ ଥିବା ଏଇ କାଗଜଗୁଡ଼ା ଦେଖିବାକୁ ଚାହେଁ ।

ଟେବୁଲ ଉପରେ କେତେଗୁଡ଼ାଏ ଚିଠି, ବିଲ୍ ଆଉ ନୋଟ୍ ବୁକ୍ ଥିଲା । ହୋମ୍‌ସ ଖୁବ୍ ଶୀଘ୍ର ସେଗୁଡ଼ା ଓଲଟାଇ ତୀକ୍ଷ୍ଣଦୃଷ୍ଟି ପକାଇନେଲେ । ଶେଷରେ କହିଲେ, "ନା ଏ ଭିତରେ କିଛି ନାହିଁ । ଆଚ୍ଛା, ମୁଁ ଭାବୁଛି ଆପଣଙ୍କ ବନ୍ଧୁ ବେଶ୍ ସୁସ୍ଥ ସବଳ ଥିଲେ; ତାଙ୍କର କୌଣସି ବେମାରି ନଥିଲା ।"

"ନା, ସେ ବେଶ୍ ସୁସ୍ଥ ସବଳ ।"

"ସେ କେବେ କିଛି ରୋଗରେ ପଡ଼ିବା ଆପଣ ଜାଣିଛନ୍ତି ?"

"ନା, ଦିନକ ପାଇଁ ବି ସେ ବେମାର ହୋଇନାହିଁ ।"

"ଆପଣ ଯାହାଭାବୁଛନ୍ତି ସେ ବୋଧହୁଏ ସେତେଟା ସୁସ୍ଥ ସବଳ ନଥିଲେ । ମୁଁ ଭାବୁଛି ତାଙ୍କର କିଛି ଗୁପ୍ତ ବେମାରି ଥାଇପାରେ । ଆପଣଙ୍କ ଅନୁମତି ନେଇ ମୁଁ ଏଥିରୁ ଖଣ୍ଡେ ଦୁ'ଖଣ୍ଡ କାଗଜ ପକେଟ୍‌ରେ ରଖୁଛି । ଭବିଷ୍ୟତ ଅନୁସନ୍ଧାନରେ ତାହା ସାହାଯ୍ୟ କରିପାରେ ।"

"ଅପେକ୍ଷା କରନ୍ତୁ, ଟିକିଏ ଅପେକ୍ଷା କରନ୍ତୁ ।"—ଗୋଟାଏ ଅସନ୍ତୋଷ ସୂଚକ ସ୍ୱର ଶୁଣାଗଲା । ଆମେ ଚାହିଁ ଦେଖିଲୁ ଜଣେ କଦାକାର ବୁଢାଲୋକ ଦରଜା ପାଖରେ ଠିଆହୋଇ ଏପଟ ସେପଟ ହଲୁଛନ୍ତି । ସେ ଗୋଟେ ମଇଳା କଳାରଙ୍ଗର ପୋଷାକ ପିନ୍ଧିଥିଲେ । ମୁଣ୍ଡରେ ଚଉଡ଼ା ଧାର ଥିବା ଗୋଟେ ଟୋପି ଆଉ ବେକରେ ଗୋଟେ ଢିଲା ଧଳା ନେକ୍‌ଟାଇ । ଲୋକଟା ନିହାତି କଦର୍ଯ୍ୟ ଶ୍ମଶାନ ଚଣ୍ଡାଳ ପରି ଦିଶୁଥିଲା । ଏଇ କଦର୍ଯ୍ୟ ଚେହେରା ସତ୍ତ୍ୱେ ବି ତାର ସେଇ କଡ଼ା କଥା ଆଉ ଚଞ୍ଚଳ ଭାବଭଙ୍ଗୀ ଆମ ଧ୍ୟାନ ଆକର୍ଷଣ କଲା । ସେ ପଚାରିଲା, "ଆପଣ କିଏ ଆଉ କେଉଁ ଅଧିକାରରେ ଏ ଭଦ୍ରଲୋକଙ୍କ କାଗଜପତ୍ରରେ ହାତ ମାରିଲେ ?"

Digitized by srujanika@gmail.com

"ମୁଁ ଜଣେ ଘରୋଇ ଗୋଇନ୍ଦା (ଡିଟେକ୍‌ଟିଭ୍)। ତାଙ୍କର ନିରୁଦ୍ଦିଷ୍ଟ ହେବାର କାରଣ ଜାଣିବାକୁ ମୁଁ ଚେଷ୍ଟା କରୁଛି।"

"ସତେ ? ଆପଣ ଗୋଇନ୍ଦା ? ଆଉ କିଏ ଆପଣଙ୍କୁ ଏ କାମରେ ଲଗାଇଛି ?"

"ଏଇ ଭଦ୍ରଲୋକ, ମିଷ୍ଟର୍ ଷ୍ଟଣ୍ଟନ୍‌ଙ୍କ ବନ୍ଧୁ। ସ୍କଟ୍‌ଲଣ୍ଡ ଇୟାର୍ଡ ତାଙ୍କୁ ମୋ ପାଖକୁ ପଠାଇଲା।"

"ଆଉ ଆପଣ କିଏ ?"

"ମୁଁ ସାଇରିଲ୍ ଓଭର୍‌ଟନ୍।"

"ଓଃ, ଆପଣ ତା'ହେଲେ ମୋ ପାଖକୁ ଟେଲିଗ୍ରାମ କରିଥିଲେ। ମୋ ନାଁ ଲର୍ଡ ମାଉଣ୍ଟ୍ ଜେମ୍‌ସ୍। ବେଜ୍ ୱାଟର୍ ବସ୍ ଯେତେ ଶୀଘ୍ର ଆସିପାରେ ମୁଁ ସେତେ ଶୀଘ୍ର ଆସିଛି। ଆପଣ ତା' ହେଲେ ଜଣେ ଗୋଇନ୍ଦା ନିଯୁକ୍ତ କରିଛନ୍ତି ?"

"ହଁ ଆଜ୍ଞା।"

"ଖର୍ଚ୍ଚ ବହନ କରିବାକୁ ଆପଣ ପ୍ରସ୍ତୁତ ଅଛନ୍ତି ?"

"ମୋ ବନ୍ଧୁ ଗଡ୍‌ଫ୍ରେକୁ ଖୋଜି ବାହାର କଲା ପରେ ସେ ନିଶ୍ଚୟ ଖର୍ଚ୍ଚଟା ବହନ କରିବେ। ମୋର ସେଥିରେ ସନ୍ଦେହ ନାହିଁ।"

"କିନ୍ତୁ ତାକୁ ଯଦି ଆଉ ନ ପାଆନ୍ତି ? ସ୍ୱା'ର ଉତ୍ତର—"

"ସେ ପରିସ୍ଥିତିରେ ତା ପରିବାର—"

"ସେ କଥା ହୋଇପାରିବନାହିଁ। ମନେରଖନ୍ତୁ ମିଷ୍ଟର୍ ଗୋଇନ୍ଦା, ମୋ'ଠୁ ଗୋଟେ ପେନି ପାଇବାର ଆଶା ରଖନ୍ତୁ ନାହିଁ। ବୁଝିଲେ। ଏଇ ଯୁବକର ପରିବାର ବୋଇଲେ ମୁଁ ଏକା। କହି ରଖୁଛି ମୁଁ ଏଥିପାଇଁ ଦାୟୀ ନୁହେଁ। ସେ ଯଦି ମୋ'ଠୁ କିଛି ପ୍ରତ୍ୟାଶା କରିଥାଏ ତାର କାରଣ ହେଲା ମୁଁ କେବେ ପଇସା ପାଣିରେ ପକାଇଦେଇନାହିଁ ଆଉ ଏବେ ସେଟା ଆରମ୍ଭ କରିବାର ମତଲବ୍ ମୋର ନାହିଁ। ଆଉ ସେଇ ଯେଉଁ କାଗଜ-ଗୁଡ଼ାରେ ଆପଣ ମନ ଇଚ୍ଛା ହାତ ମାରି ଗୋଳିଛନ୍ତି କହି ରଖୁଛି, ସେଥିରେ

Digitized by srujanika@gmail.com

ଯଦି କିଛି ମୂଲ୍ୟବାନ କାଗଜପତ୍ର ଥାଏ, ତା' ପାଇଁ ଆପଣ ପୁରାପୁରି ଦାୟୀ ହେବେ ।

ସେର୍ଲକ୍ ହୋମ୍ସ ଉତ୍ତର ଦେଲେ, "ଠିକ୍ ଅଛି ଆଜ୍ଞା । ଆଚ୍ଛା, ଏହି ଯୁବକ ନିରୁଦ୍ଦିଷ୍ଟ ହେବା ବିଷୟରେ ଆପଣ କିଛି ସିଦ୍ଧାନ୍ତ କରିଛନ୍ତି ?"

"ନା ଆଜ୍ଞା ନା । ସେ ଯଥେଷ୍ଟ ବୟସ୍କ ଆଉ ବଡ଼ । ନିଜ କଥା ନିଜେ ବୁଝିପାରିବ । ସେ ଯଦି ବୋକାମୀ କରି ନିଜକୁ ରକ୍ଷା କରି ନ ପାରିଲା, ତାକୁ ଖୋଜି ବାହାର କରିବାର ଦାୟିତ୍ୱ ମୁଁ ନେଇପାରିବି ନାହିଁ ।"

କୁଟୀଳଭଙ୍ଗୀରେ ଆଖି ନଚାଇ ହୋମ୍ସ କହିଲେ, "ମୁଁ ଆପଣଙ୍କ କଥା ବେଶ୍ ବୁଝିପାରୁଛି । ଆପଣ ବୋଧହୁଏ ମୋ କଥା ବୁଝିପାରୁନାହାନ୍ତି । ଗଡ୍‌ଫ୍ରେ ଷ୍ଟୁଣ୍ଟନ୍ ଖୁବ୍ ଗରିବ ବୋଲି ଜଣା । ତାଙ୍କଠୁ କିଛି ପାଇବା ଆଶାରେ କେହି ତାଙ୍କୁ ହରଣଚାଳ କରିନେବା ସମ୍ଭବ ନୁହେଁ । କିନ୍ତୁ ଆପଣଙ୍କ ଧନ-ସମ୍ପତ୍ତି କଥା ଇଂଲଣ୍ଡ ବାହାରେ ବି ଜଣାଶୁଣା ଲର୍ଡ ମାଉଣ୍ଟ ଜେମସ୍ । ତେଣୁ କୌଣସି ଡକାୟତ ଦଳ ଆପଣଙ୍କ ଘର, ଧନସମ୍ପତ୍ତି ଓ ଅଭ୍ୟାସ ବିଷୟରେ ଖବର ସଂଗ୍ରହ କରିବା ପାଇଁ ଆପଣଙ୍କ ପୁତୁରାଙ୍କୁ ହରଣଚାଳ କରି ନେଇଥିବା ଯଥେଷ୍ଟ ସମ୍ଭବ ।"

ରୁକ୍ଷ ଭଦ୍ରଲୋକଙ୍କ ମୁହଁ ତାଙ୍କ ନେକ୍‌ଟାଇ ପରି ଶେତାପଡ଼ିଗଲା । ସେ କହିଉଠିଲେ, "ହେ ପ୍ରଭୁ ! ପ୍ରକୃତ କଥା । ମୁଁ ଏ କଥା ମୋଟେ ଭାବି ନଥିଲି । ଦୁନିଆଁରେ କି ଅମଣିଷ, ସଇତାନ୍ ସବୁ ଅଛନ୍ତି ! କିନ୍ତୁ ଗଡ୍‌ଫ୍ରେ ଅତି ଭଲ ଆଉ ଦୃଢ଼ ପିଲା । ତା' ବୁଢ଼ା ମଉସାକୁ ବିପଦରେ ପକାଇବାକୁ ସେ କୋଉଥିରେ ହେଲେ ପ୍ରଲୋଭିତ ହେବନାହିଁ । ଆଜି ସଂଧ୍ୟାରେ ମୁଁ ସୁନାଗୁଡ଼ାକ ବ୍ୟାଙ୍କ୍‌କୁ ଉଠାଇନେବି । ଏ ଭିତରେ ଆପଣ ହେଳା କରନ୍ତୁ ନାହିଁ ମିଷ୍ଟର୍ ଡିଟେକ୍‌ଟିଭ୍ । ତାକୁ ନିରାପଦରେ ଫେରାଇ ଆଣିବା ପାଇଁ ଆପଣ ସବୁପ୍ରକାର ଚେଷ୍ଟା କରନ୍ତୁ । ଆଉ ପଇସା କଥା ? ପାଞ୍ଚ ପାଉଣ୍ଡ ହେଉ, ଦଶ ପାଉଣ୍ଡ ହେଉ, ଯାହା ଖର୍ଚ୍ଚ ହେବ ଆପଣ ମୋଠୁ ପାଇବେ ।"

ଏଇ ସମ୍ଭ୍ରାନ୍ତ କୃପଣଙ୍କ ମନ ସଚେତ ହୋଇଗଲା ପରେ ବି ଆମକୁ ସାହାଯ୍ୟ କଲାଭଳି କିଛି ଖବର ତାଙ୍କଠୁ ମିଳିଲା ନାହିଁ । କାରଣ ସେ ତାଙ୍କ ପୁତୁରାର

Digitized by srujanika@gmail.com

ଘଟଣାର ଜୀବନୀ ବିଷୟରେ କିଛି ଜାଣି ନଥିଲେ । ଆମର ଏକମାତ୍ର ସୂତ୍ର ହେଲା ଏଇ ଖଣ୍ଡିଆ ଟେଲିଗ୍ରାମ୍ । ତାର ଗୋଟାଏ ନକଲ ହାତରେ ଧରି ହୋମ୍‌ସ ବାହାରିଲେ । ଆମେ ଲର୍ଡ ମାଉଣ୍ଟ୍ ଜେମ୍‌ସଙ୍କୁ ବିଦା କରି ଦେଇ-ଥିଲୁ । ଓଭର୍‌ଟନ୍ ତାଙ୍କ ଦଳର ଅନ୍ୟାନ୍ୟ ଖେଳାଳୀମାନଙ୍କ ସହିତ ଆଲୋଚନା କରିବାକୁ ଚାଲିଯାଇଥିଲେ । ହୋଟେଲ୍‌ଠୁ ଅଳ୍ପ ଦୂରରେ ଗୋଟେ ଟେଲିଗ୍ରାଫ୍ ଅଫିସ୍ ଥିଲା । ଆମେ ସେଇଠି ରହିଲୁ ।

ହୋମ୍‌ସ କହିଲେ, "ଚେଷ୍ଟାକରି ଦେଖାଯାଉ ୱାଟ୍‌ସନ୍ । ଅବଶ୍ୟ ଗୋଟେ ୱାରେଣ୍ଟ୍ ଥିଲେ ଆମେ କାଉଣ୍ଟର୍ ଫାଇଲଗୁଡ଼ା ଦେଖିବାକୁ ଦାବି କରି-ପାରନ୍ତେ । କିନ୍ତୁ ଆମେ ତ ସେଯାଏଁ ଯାଇ ନାହେଁ । ମୁଁ ଭାବୁଛି ଏତେ କାର୍ଯ୍ୟ ବ୍ୟସ୍ତ ଜାଗାରେ ସେମାନେ କୌଣସି ଲୋକର ମୁହଁ ମନେରଖି ନଥିବେ । ଗୋଟେ ସାହସ କରାଯାଉ ।"

ଝରକା ପଛପାଖେ ଜଣେ ତରୁଣୀ ଠିଆ ହୋଇଥିଲେ । ହୋମ୍‌ସ ଅତି କୋମଳ ଆଉ ବିନମ୍ର ଭାଷାରେ କହିଲେ, "ଆପଣଙ୍କୁ ହଇରାଣ କରୁଥିବାରୁ ମୁଁ ବଡ଼ ଦୁଃଖିତ । କାଲି ମୁଁ ଗୋଟେ ଟେଲିଗ୍ରାମ୍ ପଠାଇଥିଲି । ସେଥିରେ ସାମାନ୍ୟ ଭୁଲ ରହିଯାଇଥିଲା । ମୁଁ ତାର ଉତ୍ତର ପାଇଲି ନାହିଁ । ମୋର ସନ୍ଦେହ ଶେଷରେ ମୋ ନାଁଟା ଲେଖିବାକୁ ମୁଁ ଭୁଲିଯାଇଛି । ସେଇ ଭୁଲ ହୋଇଛି କି ନା ଆପଣ ଦୟାକରି ମୋତେ କହିପାରିବେ ?"

ବଡ଼ାଏ କାଉଣ୍ଟର୍‌ଫାଇଲ୍ ଆଡ଼େଇ ତରୁଣୀ ପଚାରିଲେ, "କେତେବେଳେ ଟେଲିଗ୍ରାମ୍ କରିଥିଲେ ?"

"ଛଅଟାର ଅଳ୍ପ ପରେ ।"

"କାହା ପାଖକୁ ଟେଲିଗ୍ରାମ୍ କରିଥିଲେ ?"

ହୋମ୍‌ସ ଓଠରେ ଆଙ୍ଗୁଠି ମାରି ମୋ ଆଡ଼କୁ ଚାହିଁଲେ । ତା'ପରେ ଖୁବ୍ ଧୀରେ କହିଲେ, "ତାର ଶେଷ ଶବ୍ଦଗୁଡ଼ା ଥିଲା 'ଦୟାକରି ଆମକୁ ସାହାଯ୍ୟ କରନ୍ତୁ' । କୌଣସି ଉତ୍ତର ନପାଇ ମୁଁ ବଡ଼ ବ୍ୟସ୍ତ ହୋଇପଡ଼ିଛି ।"

ତରୁଣୀ ଜଣକ ଗୋଟେ ଫର୍ମ ଅଲଗା କରି ଲମ୍ବା ମେଜ ଉପରେ ଥୋଇ-କହିଲେ, "ଏଇଟି ସେଟା । ଏଥିରେ କାହାର ନାଁ ନାହିଁ ।"

Digitized by srujanika@gmail.com

"ସେଇଥିପାଇଁ ମୁଁ କିଛି ଉତ୍ତର ପାଇଲି ନାହିଁ । ଦେଖନ୍ତୁ କେତେ ବୋକାମୀ ମୋର । ହଉ, ନମସ୍କାର । ମୋ ମୁଣ୍ଡ ହାଲୁକା କରିଦେଇଥିବାରୁ ଆପଣଙ୍କୁ ଅଶେଷ ଧନ୍ୟବାଦ ।"

ଆମେ ରାସ୍ତାକୁ ଚାଲିଆସିଲା ପରେ ମୁଁ ପଚାରିଲି, "ସେଇଠୁ ?"

"ଆମେ ଆଗେଇଛେ ୱାଟ୍‌ସନ୍ । ସେଇ ଟେଲିଗ୍ରାମ୍‌ଟା ଦେଖିବା ପାଇଁ ମୁଁ ସାତଟା ବିଭିନ୍ନ ଉପାୟ ଠିକ୍ କରିଥିଲି । କିନ୍ତୁ ପ୍ରଥମଟାରେ ଆମେ କୃତକାର୍ଯ୍ୟ ହୋଇପାରିବା ବୋଲି ମୁଁ ମୋଟେ ଆଶା କରିନଥିଲି ।"

"ସେଥିରୁ ଲାଭ ହେଲା କ'ଣ ?"

"ଆମ ଅନୁସନ୍ଧାନ ଆରମ୍ଭ କରିବାର ପଏଣ୍ଟ୍ ଆମେ ପାଇଗଲେ ୱାଟ୍‌ସନ୍ ।" ସେ ଗୋଟେ ଘୋଡ଼ାଗାଡ଼ିବାଲାକୁ ଡାକି କହିଲେ, "କିଙ୍ଗ୍‌ସ୍ କ୍ରସ୍ ଷ୍ଟେସନ୍ ।"

"ଆମକୁ ତା'ହେଲେ ରେଲ୍ ଯାତ୍ରା କରିବାକୁ ପଡ଼ିବ ?"

"ହଁ, ମୁଁ ଭାବୁଛି, ଯେତେ ଶୀଘ୍ର ସମ୍ଭବ ଆମକୁ କେମ୍ବ୍ରିଜ୍ ଯିବାକୁ ହେବ । ସବୁଯାକ ସୂଚନା ସେଇ ଦିଗକୁ ।"

ଗ୍ରେଙ୍ଗଇନ୍ ରାସ୍ତାଦେଇ ଗାଡ଼ି ଗଲାବେଳେ ମୁଁ କହିଲି, "ମୋତେ କୁହ, ଏଇ ନିରୁଦ୍ଦିଷ୍ଟ ହେବା ବିଷୟରେ ତୁମର କିଛି ସନ୍ଦେହ ହୋଇଛି ? ଆମର ଏତେ କେଶ୍ ଭିତରେ କେଉଁଥିରେ ଉଦ୍ଦେଶ୍ୟଟା ଏମିତି ଜଟିଳ ବୋଲି ମୋର ମନେ ହେଉନାହିଁ । ତାଙ୍କର ଏଇ ଧନୀ ମଉସାଙ୍କ ଖବର ନେବା ପାଇଁ କେହି ତାଙ୍କୁ ହରଣଚାଲ କରିନେଇଛି ବୋଲି ତୁମେ ନିଶ୍ଚୟ ଭାବୁ ନାହଁ ?"

"ମୁଁ ସ୍ୱୀକାର କରୁଛି ୱାଟ୍‌ସନ୍, ସେ କାରଣଟା ସମ୍ଭବ ବୋଲି ମୋ ମନକୁ ମୋଟେ ପାଉନାହିଁ । କିନ୍ତୁ ସେଇ କୃପଣ ବୁଢ଼ାଙ୍କୁ ଏ ଘଟଣାରେ ଆଗ୍ରହୀ କରିବାର ଏକମାତ୍ର ବାଟ ଏଇଟା ବୋଲି ମୁଁ ଭାବିଲି ।"

"ତାହାବି କାମ ହେଲା । ତେବେ ଅନ୍ୟ କ'ଣ କାରଣ ଥାଇପାରେ ବୋଲି ତୁମେ ଭାବୁଛ ?"

"କାରଣ ଅନେକ ତ ମୁଁ କହିପାରିବି । ଗୋଟେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଠିକ୍ ପୂର୍ବରୁ ଏ ଘଟଣା ଘଟିବା, ବିଶେଷତଃ ଯେଉଁ ଲୋକ ଉପରେ ଏ ଦଳର

Digitized by srujanika@gmail.com

ବିଜୟ୍ଭ ନିର୍ଭର କରୁଛି, ତାକୁ ନେଇ ଏ ଘଟଣା ଘଟିବା ନିଶ୍ଚୟ କୌତୂହଳ ପ୍ରଦ । ଏଟା ଅବଶ୍ୟ କାକତାଳୀୟ ହୋଇପାରେ; କିନ୍ତୁ କୌତୂହଳପୂର୍ଣ୍ଣ ନିଶ୍ଚୟ । ସୌଖୀନ୍ ଖେଳ ଉପରେ ବାଜି ରଖାଯାଏ ନାହିଁ । କିନ୍ତୁ ବାହାରର ଅନେକ ସାଧାରଣଲୋକ ସ୍ଥା'ଉପରେ ବାଜି ରଖିଥାନ୍ତି । ତେଣୁ ଘୋଡ଼ାଦୌଡ଼ ପଡ଼ିଆରୁ ବଦ୍‌ମାସ ଲୋକେ ଘୋଡ଼ାକୁ ହରଣଚୁରି କଲାପରି କେହି ଲୋକ ତା ସ୍ୱାର୍ଥପାଇଁ ସ୍ଥା'କରିଥାଇପାରେ । ଇଏ ହେଲା ଗୋଟେ କାରଣ । ଆଉ ଗୋଟେ କାରଣ ହେଲା ଏଇ ଯୁବକ ଏବେ ଯେତେ ଗରିବ ହେଲେ ବି ଏକ ବିପୁଳ ସମ୍ପତ୍ତିର ଉତ୍ତରାଧିକାରୀ । ତେଣୁ ତାଙ୍କୁ ବନ୍ଦୀ କରି ରଖି ତା'ବଦଳରେ ପଇସା ଆଦାୟ କରିବାର ଚକ୍ରାନ୍ତ ଅସମ୍ଭବ ନୁହେଁ ।"

"କିନ୍ତୁ ଏ ସିଦ୍ଧାନ୍ତର ଟେଲିଗ୍ରାମ୍ ସଙ୍ଗେ କିଛି ସମ୍ପର୍କ ନାହିଁ ।"

"ତା ବିଲ୍‌କୁଲ୍ ଠିକ୍ । ସେଇ ଟେଲିଗ୍ରାମ୍‌ଟା ହେଲା ଏକମାତ୍ର ଜିନିଷ ଯାହାକୁନେଇ ଆମେ କିଛି କରିପାରିବା । ଆମର ଧ୍ୟାନ ତାକୁ ଛାଡ଼ି ଅନ୍ୟଆଡ଼େ ଚାଲିଯିବାଟା ମୋଟେ ଠିକ୍ ହେବ ନାହିଁ । ସେଇ ଟେଲିଗ୍ରାମ୍ ବିଷୟରେ କିଛି ଜାଣିବାପାଇଁ ଆମେ ଏବେ କେମ୍ବ୍ରିଜ୍ ଯାଉଛେ । ବର୍ତ୍ତମାନ ଆମ ଅନୁସନ୍ଧାନର ବାଟ ଖୁବ୍ ଜଟିଳ ଆଉ ଅଜଣା । ତଥାପି ମୋର ଆଶା, ଆଜି ସନ୍ଧ୍ୟାପୂର୍ବରୁ ଆମେ ଏ ରହସ୍ୟର ସମାଧାନ କରିପାରିବା କିମ୍ବା ଯଥେଷ୍ଟ ପରିମାଣରେ ଆଗେଇ ପାରିବା ।"

ଆମେ ବିଶ୍ୱବିଦ୍ୟାଳୟ ସହରରେ ପହଞ୍ଚିଲାବେଳକୁ ଅନ୍ଧାର ହୋଇ-ସାରିଥିଲା । ଷ୍ଟେସନରେ ହୋମ୍ସ ଗୋଟେ ଗାଡ଼ିକଲେ ଆଉ ଡାକ୍ତର ଲେସ୍‌ଲି ଆର୍ମଷ୍ଟ୍ରଙ୍ଗଙ୍କ ଘରକୁ ଯିବାପାଇଁ କହିଲେ । କେତେ ମିନିଟ୍ ପରେ ଆମେ ଜନଗହଳି ରାସ୍ତାକଡ଼ରେ ଗୋଟେ ବିରାଟ କୋଠାଘର ପାଖରେ ଅଟକିଲୁ । ଚାକର ଆମକୁ ଭିତରକୁ ନେଇଗଲା । ଅନେକ ସମୟ ଅପେକ୍ଷା କଲାପରେ ଆମେ ଡାକ୍ତରଙ୍କ ପରାମର୍ଶ ରୁମ୍‌କୁ ଗଲୁ । ଦେଖିଲୁ ଟେବୁଲ୍ ପାଖେ ଡାକ୍ତର ବସିଛନ୍ତି । କେତେ ଦିନହେଲା ମୋର ମୋ ଡାକ୍ତରୀ ବ୍ୟବସାୟ ସାଥିରେ ସମ୍ପର୍କ ନଥାଏ । ତେଣୁ ଲେସ୍‌ଲି ଆର୍ମଷ୍ଟ୍ରଙ୍ଗ୍ ଙ୍କ ନାଁଟା ମୋର ଅଜଣା । ଏବେ ମୁଁ ବୁଝୁଛି ଯେ କେବଳ ବିଶ୍ୱବିଦ୍ୟାଳୟ ଚିକିତ୍ସା

Digitized by srujanika@gmail.com

ବିଦ୍ୟାଳୟର ମୁଖ୍ୟମାନଙ୍କ ଭିତରୁ ଜଣେ ନଥିଲେ, ବିଜ୍ଞାନର ବିଭିନ୍ନ ବିଭାଗରେ ଗବେଷଣାକରି ସାରା ଇଉରୋପରେ ଖ୍ୟାତି ଅର୍ଜନ କରିଥିଲେ । ତଥାପି ତାଙ୍କର ଏଇ ଚମତ୍କାର ରେକର୍ଡ ବିଷୟ ନଜାଣି ମଧ୍ୟ ଯେ କେହି ଲୋକ ତାଙ୍କୁ ଦେଖିଲାମାତେ ଆକୃଷ୍ଟ ହୋଇଯିବ । ବିରାଟ ମୁହଁରେ ଶାନ୍ତିଶୀଳ ଆଖି । ଉନ୍ନତ ଚରିତ ଆଉ କର୍ମଶୀଳ ମନ । ତାଙ୍କ ହାତରେ ମୋ ବନ୍ଧୁଙ୍କ କାର୍ଡଟା ଥାଏ । ସେ ଆମ ଆଡ଼କୁ ଗୁହିଁଲେ । ସେ ଗୃହାଣୀରୁ ଜାଣିଲି ଯେ ଆମ ଉପରେ ମୋଟେ ସନ୍ତୁଷ୍ଟ ନୁହଁନ୍ତି ।

ସେ କହିଲେ, "ମୁଁ ଆପଣଙ୍କ ନାଁ ଶୁଣିଛି ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ ଆଉ ଆପଣଙ୍କ ବ୍ୟବସାୟ ବିଷୟ ଜାଣେ । ମୁଁ ତାକୁ ମୋଟେ ପସନ୍ଦ କରେ ନାହିଁ ।"

"ସେ ବାବଦରେ ଆପଣଙ୍କ ମତ ଦେଶର ଅଧିକାଂଶ ଅପରାଧୀଙ୍କ ମତ ସହିତ ସମାନ ଡାକ୍ତର ।"--- ହୋମ୍‌ସ ଖୁବ୍ ଧୀରସ୍ଥିରଭାବେ କହିଲେ ।

"ଆପଣ ଅପରାଧ ରୋକିବା ପାଇଁ ଯେଉଁ ଚେଷ୍ଟା କରୁଛନ୍ତି, ସେଥିରେ ସମାଜର ଯଥେଷ୍ଟ ଲୋକଙ୍କର ସମର୍ଥନ ରହିବା ଦର୍କାର । ଅବଶ୍ୟ ମୋ ମତରେ ସରକାରୀ କଳ ଏଥିପାଇଁ ଯଥେଷ୍ଟ । ହେଲେ ଆପଣ ବ୍ୟକ୍ତିବିଶେଷଙ୍କର ଗୋପନକଥାକୁ ଯେଉଁ ଉଙ୍କି ମାରନ୍ତି, ପାରିବାରିକ ଘଟଣାକୁ ଖୋଲି ତାଡ଼ ବାହାର କରିବାକୁ ଯେଉଁ ଚେଷ୍ଟାକରନ୍ତି ଆଉ ଯେଉଁମାନେ ଆପଣଙ୍କ ଅପେକ୍ଷା ଅଧିକ କାର୍ଯ୍ୟବ୍ୟସ୍ତ ସେମାନଙ୍କର ଯେଉଁ ସମୟ ନଷ୍ଟକରନ୍ତି ତା ନିଶ୍ଚୟ ସମାଲୋଚନର ବିଷୟ । ଉଦାହରଣ ସ୍ୱରୂପ ବର୍ତ୍ତମାନ ଆପଣଙ୍କ ପାଖରେ ଗପିବା ଠାରୁ ମୋର ଏ ପ୍ରବନ୍ଧଟା ଲେଖିବା ଦର୍କାର ।"

"ସେଥିରେ ସନ୍ଦେହ ନାହିଁ ଡାକ୍ତର । ତଥାପି ଆମର ଏଇ କଥାବାର୍ତ୍ତାଟା ଆପଣଙ୍କ ପ୍ରବନ୍ଧ ଅପେକ୍ଷା ବେଶୀ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । କଥା ପ୍ରସଙ୍ଗରେ ମୁଁ କହିବି ଯେ, ଆପଣ ଯେଉଁକାମରେ ନିନ୍ଦାକରୁଛନ୍ତି ଆମେ ତାର ଠିକ୍ ଓଲଟା କାମ କରୁଛୁ । କୌଣସି କେଶ୍ ଥରେ ସରକାରୀ ପୋଲିସ୍ ହାତକୁ ଗଲେ ସବୁସାଇ ବ୍ୟାପାର ସବୁ ନିଶ୍ଚୟ ପଦାରେ ପଡ଼ିଯିବ । ଆମେ ତା' କରାଇ ନଦେବାକୁ ଚେଷ୍ଟାକରୁଛୁ । ଆପଣ ମୋତେ ସରକାରୀ ପୋଲିସ୍ ଆଗରେ

Digitized by srujanika@gmail.com

ଗୁଳିଥିବା ଜଣେ ବେସରକାରୀ ପଥ ପ୍ରଦର୍ଶକ ବୋଲି ଧରି ନେଇପାରନ୍ତି । ମୁଁ ଆପଣଙ୍କୁ ମିଷ୍ଟର୍ ଗଡ୍‌ଫ୍ରେ ଷ୍ଟଣ୍ଟନ୍‌ଙ୍କ କଥା ପଚାରିବାକୁ ଆସିଛି ।"

"ତାଙ୍କ କଥା କ'ଣ ?"

"ଆପଣ ତାଙ୍କୁ ଜାଣନ୍ତି ନା ନାହିଁ ?"

"ସେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ।"

"ସେ ନିଖୋଜ ହୋଇଥିବା କଥା ଆପଣ ଜାଣନ୍ତି ?"

"ସତେ ?" ଡାକ୍ତରଙ୍କ ସେଇ କଠୋର ଭାବଭଙ୍ଗୀରେ କିଛି ପରିବର୍ତ୍ତନ ଦେଖାଗଲା ନାହିଁ ।

"କାଲି ରାତିରେ ସେ ତାଙ୍କ ହୋଟେଲ୍‌ରୁ ଚାଲିଯାଇଛନ୍ତି । ତା'ପରେ ତାଙ୍କର କିଛି ଖୋଜଖବର ନାହିଁ ।"

"ସେ ଫେରିବେ, ଏଥିରେ ସନ୍ଦେହ ନାହିଁ ।"

"କାଲି ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ୍ ମ୍ୟାଚ୍ ।"

"ମୋର ସେ ସବୁ ପିଲାଖେଳ ପ୍ରତି ମମତା ନାହିଁ । ଏଇ ତରୁଣଙ୍କର ଭାଗ୍ୟରେ ମୁଁ ବିଶେଷଆଗ୍ରହୀ, କାରଣ ମୁଁ ତାଙ୍କୁ ଜାଣେ ଆଉ ଭଲ ପାଏ । ଫୁଟ୍‌ବଲ୍ ମ୍ୟାଚ୍ ମୋ ଭାବନା ଭିତରକୁ ମୋଟେ ଆସୁନାହିଁ ।"

"ତା'ହେଲେ ମିଷ୍ଟର୍ ଷ୍ଟଣ୍ଟନ୍‌ଙ୍କ ଭାଗ୍ୟ ଅନୁସନ୍ଧାନ କାମରେ ମୁଁ ଆପଣଙ୍କ ମମତା ଦାବି କରୁଛି । ସେ କେଉଁଠି ଆପଣ ଜାଣନ୍ତି ?"

"ନା, ମୋଟେ ନୁହେଁ ।"

"କାଲିଠୁ ଆପଣ ତାଙ୍କୁ ଦେଖିନାହାନ୍ତି ?"

"ନା, ଦେଖିନି ।"

"ମିଷ୍ଟର୍ ଷ୍ଟଣ୍ଟନ୍ କ'ଣ ସୁସ୍ଥସବଳ ଲୋକ ?"

"ହଁ, ପୂରା ସୁସ୍ଥସବଳ ।"

"ସେ କେବେ ରୋଗରେ ପଡ଼ିବା ଆପଣ ଜାଣନ୍ତି ?"

"ନା, କେବେ ନୁହେଁ ।"

ହୋମ୍‌ସ ଡାକ୍ତରଙ୍କ ଆଖି ଆଗରେ ଖଣ୍ଡେ କାଗଜ ଫଡ଼୍‌ଫଡ଼୍ କରି କହିଲେ, "ତା'ହେଲେ ଗଲମାସରେ ମିଷ୍ଟର ଗଡ୍‌ଫ୍ରେ ଷ୍ଟଣ୍ଟନ୍ କେମ୍ବ୍ରିଜ୍‌ର ଡାକ୍ତର

Digitized by srujanika@gmail.com

ଲେସ୍‌ଲି ଆର୍ମଷ୍ଟ୍ରଙ୍ଗଙ୍କୁ ପନ୍ଦରଗିନି ଦେଇ ଏ ଯେଉଁ ରସିଦ ନେଇଛନ୍ତି ସେ ବିଷୟ ଆପଣ ବୋଧହୁଏ କହିପାରିବେ । ତାଙ୍କ ଟେବୁଲ ଉପରେ ଥିବା କାଗଜଭିତରୁ ମୁଁ ଏହା ପାଇଛି ।

ରାଗରେ ପାଚିଯାଇ ଡାକ୍ତର କହିଲେ, "ଆପଣଙ୍କୁ ତା'ର କୈଫିୟତ୍ ଦେବାର କିଛି କାରଣ ଅଛି ବୋଲି ମୁଁ ଭାବୁନାହିଁ ମିଷ୍ଟର୍ ହୋମ୍‌ସ ।"

ବିଲ୍‌ଟା ନୋଟ୍‌ବୁକ୍ ଭିତରେ ରଖିଦେଇ ହୋମ୍‌ସ କହିଲେ, "ଆପଣ ଯଦି ସର୍ବସାଧାରଣଙ୍କ ଆଗରେ ଯା'ର କୈଫିୟତ୍ ଦେବାକୁ ପସନ୍ଦ କରନ୍ତି ତେବେ ସେ ପରିସ୍ଥିତି ଖୁବ୍ ଶୀଘ୍ର ଆସିଯିବ । ମୁଁ ତ ଆପଣଙ୍କୁ କହି ଦେଇଛି, ଅନ୍ୟମାନେ ଯାହା ପ୍ରକାଶ କରିବାକୁ ବାଧ୍ୟ ମୁଁ ତାକୁ ଲୁଚାଇ ରଖିପାରେ । ଆପଣ ବରଂ ମୋ ଉପରେ ଭରସା ରଖିଲେ ବିଜ୍ଞତାର ପରିଚୟ ଦେବେ ।"

"ମୁଁ ସେ ବିଷୟରେ କିଛି ଜାଣେନା ।"

"ଆପଣ ମିଷ୍ଟର୍ ଷ୍ଟାଣ୍ଟନ୍‌ଙ୍କଠାରୁ ଲଣ୍ଡନରୁ କିଛି ଖବର ପାଇଥିଲେ ?"

"ନା ।"

ଗୋଟାଏ ଦୀର୍ଘଶ୍ୱାସ ପକାଇ ହୋମ୍‌ସ କହିଲେ, "ହାୟ ଭଗବାନ୍, ପୁଣି ସେଇ ଡାକଘର ! କାଲି ସନ୍ଧ୍ୟା ଛଅଟା ପନ୍ଦର ମିନିଟ୍‌ରେ ଗଡ୍‌ଫ୍ରେ ଷ୍ଟାଣ୍ଟନ୍ ଲଣ୍ଡନରୁ ଆପଣଙ୍କ ପାଖକୁ ଗୋଟେ ଜରୁରୀ ଟେଲିଗ୍ରାମ୍ ପଠାଇଛନ୍ତି । ଅଥଚ ଆପଣ ସେଟା ପାଇନାହାନ୍ତି । ଏହା ନିଶ୍ଚୟ ସାଙ୍ଘାତିକ ଦୋଷ । ମୁଁ ବର୍ତ୍ତମାନ ଡାକଘରକୁ ଯାଇ ଅଭିଯୋଗ ଦାଖଲ କରିବ ।"

ଡାକ୍ତର ଲେସ୍‌ଲି ଆର୍ମଷ୍ଟ୍ରଙ୍ଗ୍ ଚଉକିରୁ ଡେଇଁପଡ଼ିଲେ । ରାଗରେ ତାଙ୍କ ମୁହଁ ପାଚିଯାଇଥାଏ । ସେ କହିଲେ, "ଆପଣମାନେ ମୋ ଘରୁ ବାହାରି ଯାଆନ୍ତୁ କହୁଛି । ଆପଣଙ୍କୁ ଯେ ନିଯୁକ୍ତ କରିଛନ୍ତି, ସେଇ ଲର୍ଡମାଉଣ୍ଟ୍ ଜେମ୍‌ସଙ୍କୁ କହିବେ ତାଙ୍କ ସାଥିରେ ବା ତାଙ୍କ ଏଜେଣ୍ଟଙ୍କ ସାଥିରେ କିଛି କଥାବାର୍ତ୍ତା କରିବାକୁ ମୁଁ ଚାହେଁ ନା । ନା, ଆଉ ପଦେହେଲେ କଥା ବି ନାହିଁ ।" ସେ ଘଣ୍ଟିଟା ଜୋରରେ ବଜାଇ ଦେଇ କହିଲେ, "ଜନ୍, ଏଇ ଭଦ୍ରଲୋକମାନଙ୍କୁ ବାହାର କରି ଦେ ।" ଗୋଟେ ମୋଟାସୋଟା ଚାକର

Digitized by srujanika@gmail.com

ଆମକୁ ଦରଜା ପାଖକୁ ଜବରଦସ୍ତ ଠେଲି ଆଣିଲା ଆଉ ଆମେ ରାସ୍ତାଉପରକୁ ଚାଲି ଆସିଲୁ ।

ଖୁବ୍ ଜୋର୍‌ରେ ହସିଉଠି ହୋମ୍‌ସ କହିଲେ, "ଡାକ୍ତର ଲେସ୍‌ଲି ଆର୍ମ-ଷ୍ଟ୍ରଙ୍ଗ୍ ବେଶ୍ ଶକ୍ତିଶାଳୀ ଆଉ ଦୃଢ଼ମନା ଲୋକ ନିଶ୍ଚୟ । ସେ ଯଦି ତାଙ୍କ ପ୍ରତିଭା ସେ ଦିଗରେ ଖଟାନ୍ତେ ତେବେ ବିଖ୍ୟାତ ପ୍ରଫେସର୍ ମୋରିଆରିଟିଙ୍କ ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ସେ ଉପଯୁକ୍ତ ହୋଇପାରନ୍ତେ । ଏବେ ୱାଟ୍‌ସନ୍, ଏଇ ଅଜଣା ସହରରେ ଆମେ ଏକା । କେଶ୍‌ଟା ପୂରା ଛାଡ଼ି ନ ଦେଲେ ଆମେ ଏଠୁ ଯାଇ ପାରୁନେ । ଆର୍ମଷ୍ଟ୍ରଙ୍ଗ୍‌ଙ୍କ ଘର ବିପରୀତ ଦିଗରେ ଏଇ ଯେଉଁ ହୋଟେଲ୍ ଏଟା ଆମ ପାଇଁ ବେଶ୍ ସୁବିଧାଜନକ । ତୁମେ ଯାଇ ସାମନା ପାଖର ଗୋଟେ ରୁମ୍ ଠିକ୍ କର ଆଉ ରାତି ପାଇଁ ଯାହା ଦର୍କାର କିଣାକିଣି କର । ଏ ଭିତରେ ମୁଁ କେତେଟା ଅନୁସନ୍ଧାନ କରିନେବି ।"

କାମଟା ଚଞ୍ଚଳ ସରିଯିବ ବୋଲି ହୋମ୍‌ସ ଭାବିଥିଲେ । କିନ୍ତୁ ଏଇ କେତେଟା ଅନୁସନ୍ଧାନରେ ଅନେକ ସମୟ ଲାଗିଗଲା । ପାଖାପାଖି ନଅଟା ବେଳକୁ ସେ ହୋଟେଲକୁ ଫେରିଲେ । ମୁହଁ ବିଷାଦରେ ଶୁଖିଯାଇଥାଏ, ଦେହରେ ଅଣ୍ଟୁଏ ଧୂଳି । ଭୋକିଲା, ପରିଶ୍ରମରେ ପୂରା କ୍ଳାନ୍ତ । ଟେବୁଲ ଉପରେ ଖାଇବ ଜିନିଷ ଥୁଆ ହୋଇଥିଲା । ଖାଇପିଇ ସେ ଟିକିଏ ସୁସ୍ଥ ହେଲେ । ତାପରେ ତାଙ୍କର ଅଧା ଦାର୍ଶନିକ ଆଉ ଅଧା ରହସିଆଭାବ ଦେଖା-ଗଲା । ଏତିକିବେଳେ ଗୋଟେ ଗାଡ଼ି ଚକଶବ୍ଦ ଶୁଣି ସେ ଉଠି ଝରକାବାଟେ ପଦାକୁ ଚାହିଁଲେ । ଗ୍ୟାସ୍‌ବତି ଆଲୁଅରେ ଦେଖିଲେ ଡାକ୍ତର ଦରଜା ପାଖରେ ଗୋଟେ ଗାଡ଼ି ଆଉ ଦୁ'ଟା ମାଟିଆ ଘୋଡ଼ା ।

ସେ କହିଲେ, "ତିନିଘଣ୍ଟା ହେଲା ଗାଡ଼ିଟା ଯାଇଥିଲା । ସାଢ଼େ ଛଅଟା ବେଳେ ବାହାରିଲା ଆଉ ଏବେ ଫେରିଲା । ଏଇ ସମୟ ଭିତରେ ଦଶ ବାର ମାଇଲ୍ ଯାଇ ଫେରି ହେବ । ଦିନରେ ଥରେ, ବେଳେ ବେଳେ ଦୁ' ଥର ସେ ଏମିତି ଯାଉଛନ୍ତି ।

"ଡାକ୍ତରୀ ବ୍ୟବସାୟ କରୁଥିବା ଜଣେ ଡାକ୍ତର ପକ୍ଷରେ ଏଟା ଅସାଧାରଣ ନୁହେଁ ?"

Digitized by srujanika@gmail.com

"କିନ୍ତୁ ଆର୍ମଷ୍ଟ୍ରଙ୍ଗ୍ ଡାକ୍ତରୀ ବ୍ୟବସାୟ କରନ୍ତି ନାହିଁ । ସେ ଜଣେ ଅଧ୍ୟାପକ ଆଉ ପରାମର୍ଶଦାତା । ଡାକ୍ତରୀ ବ୍ୟବସାୟ ତାଙ୍କ ଲେଖାଲେଖିରେ ବାଧା ଆଣିବ ବୋଲି ସେ ବ୍ୟବସାୟ କରନ୍ତି ନାହିଁ । ତେବେ ଏତେ ସମୟ ସାଏ କାହିଁକି କୁଆଡ଼େ ଯାଆନ୍ତି ଆଉ କାହା ପାଖକୁ ଯାଆନ୍ତି ?"

"ତାଙ୍କ ଘୋଡ଼ା ସଇସ— ।"

"ତୁମେ କ'ଣ ଭାବୁଛ ମୁଁ ସେ ବାଟ ଛାଡ଼ିଛି । ପ୍ରଥମେ ତାର ପାଖକୁ ଗଲି । ତା ମାଲିକ ଶିକ୍ଷାରେ କି ତା ମନକୁ ମୁଁ ଜାଣେନା, ସେ ମୋ ଉପରେ ଗୋଟେ କୁକୁର ଲଗାଇଦେଲା । ଯାହାହେଉ, ମୋ ବାଡ଼ିଟା ଦେଖି କୁକୁର ଆଉ ମଣିଷ ଦୁହେଁ ଦବିଗଲେ । ସେଇଠି କଥା ସରିଗଲା । ଆଉ କିଛି ଜାଣି-ବାର ପ୍ରଶ୍ନ ନାହିଁ । ମୁଁ ଯାହା କିଛି ଖବର ପାଇଛି ଏଇ ହୋଟେଲରେ ଥିବା ଜଣେ ସ୍ଥାନୀୟ ଲୋକଙ୍କଠାରୁ । ଡାକ୍ତରଙ୍କ ଅଭ୍ୟାସ ଆଉ ପ୍ରତିଦିନ ତାଙ୍କର ଏଇ ଯିବା ଆସିବା କଥା ସେ ମୋତେ କହିଲେ । ସତକୁ ସତ ଠିକ୍ ସେତିକି ବେଳକୁ ଗାଡ଼ିଟା ଡାକ୍ତରଙ୍କ ବାଟ ପାଖକୁ ଆସିଗଲା ।"

"ତୁମେ ଗାଡ଼ିଟାର ପିଛା ଧରି ପାରିଲ ନାହିଁ ?"

"ଚମତ୍କାର ଉଆଟ୍‌ସନ୍ । ତୁମର ଚିନ୍ତାଧାରା ବେଶ୍ ବୈଜ୍ଞାନିକ । ସେ ଭାବନାଟା ମୋ ମୁଣ୍ଡରେ ବି ଢୁକି ଥିଲା । ଆମ ହୋଟେଲ୍ ପାଖରେ ଗୋଟେ ସାଇକଲ୍ ଦୋକାନ ଅଛି, ତୁମେ ଲକ୍ଷ୍ୟ କରିଥିବ । ମୁଁ ଚଞ୍ଚଳ ସେଠିକି ଯାଇ ଗୋଟେ ସାଇକେଲ୍ ଭଡ଼ାକଲି । ଘୋଡ଼ାଗାଡ଼ିଟା ଆଖିଆଗରୁ ଚାଲିଯିବା ପୂର୍ବରୁ ବାହାରି ପଡ଼ିଲି । ଖୁବ୍ ଶୀଘ୍ର ମୁଁ ଗାଡ଼ିଟାକୁ ଟପିଗଲି । ତାପରେ ତାଠୁ ଶହେ ଗଜ ବ୍ୟବଧାନରେ ଚାଲିଲି । ଗାଡ଼ିର ଆଲୁଅ ଉପରେ ନଜର ରଖିଥାଏ । ଶେଷରେ ଆମେ ସହରର ବାହାରେ ପହଞ୍ଚିଗଲୁ । ସେ ମଫସଲ ସଡ଼କ ଉପରେ ପହଞ୍ଚି ଯାଇଥିଲେ । ଏତିକିବେଳେ ଗୋଟେ ଲଜ୍ଜାକର ଘଟଣା ଘଟିଲା । ଗାଡ଼ିଟା ଅଟକିଗଲା ଆଉ ଡାକ୍ତର ଓହ୍ଲାଇପଡ଼ିଲେ । ମୁଁ ମଧ୍ୟ ପଛରେ ଗୋଟେ ଜାଗାରେ ଅଟକି ଯାଇଥିଲି । ସେ ସେଠିକି ଆସି କହିଲେ, 'ରାସ୍ତାଟା ଏଠି ଅଣଓସାରିଆ । ମୋ ଗାଡ଼ି ରହିବା ହେତୁ ଆପଣଙ୍କ ସାଇକଲ ଯିବାରେ ଅସୁବିଧା ହେବ ନାହିଁ ବୋଲି ମୋର ଆଶା ।' କଥାଟା ସେ ଯେଉଁଭଳି ଭାବେ

Digitized by srujanika@gmail.com

କହିଲେ, ତା'ଠୁ ଆଉ ଚମତ୍କାର କ'ଣ ହୋଇଥାନ୍ତା ? ମୁଁ ସାଙ୍ଗେ ସାଙ୍ଗେ ସାଇକଲ ଚଢ଼ି ଗାଡ଼ି ପଛେ ପଛେ ଗଲି। ପ୍ରଧାନ ରାସ୍ତାରେ କେତେ ମାଇଲ ଯାଇ ଗୋଟେ ସୁବିଧାଜାଗା ଦେଖି ଅଟକିଲି। ଗାଡ଼ିଟା ଗଲାବେଳେ ଦେଖିବି। କିନ୍ତୁ ଗାଡ଼ିର ଆଉ ଚିହ୍ନବର୍ଣ୍ଣ ନାହିଁ। ପ୍ରଧାନ ରାସ୍ତାରୁ କଡ଼କୁ କେତେ ଗୁଡ଼େ ରାସ୍ତାଥିବାର ମୁଁ ଲକ୍ଷ୍ୟ କରିଥିଲି। ତେଣୁ ସେଥିରୁ କୌଣସି ରାସ୍ତାରେ ଗାଡ଼ିଟା ନିଶ୍ଚୟ ଯାଇଥିବ। ମୁଁ ଫେରିଆସିଲି; କିନ୍ତୁ ଗାଡ଼ିର ଦେଖା ଦର୍ଶନ ପାଇଲି ନାହିଁ। ଆଉ ଏବେ ତୁମେ ଦେଖୁଛ, ଗାଡ଼ିଟା ମୋ ପଛରେ ଫେରିଲା। ପ୍ରଥମରୁ ମୁଁ ଅବଶ୍ୟ ଡାକ୍ତରଙ୍କର ଏଇ ଯାତ୍ରା ଆଉ ଗଡ୍‌ଫ୍ରେଙ୍କର ନିଖୋଜ ହେବା ଭିତରେ କିଛି ସମ୍ପର୍କ ଥିବାର କଳ୍ପନା କରି ନଥିଲି। କେବଳ ସାଧାରଣଭାବରେ ଡାକ୍ତରଙ୍କ କାର୍ଯ୍ୟକଳାପ ଅନୁସନ୍ଧାନ କରିବା ମୋର ବିଚାର ଥିଲା। ଏବେ ଦେଖୁଛି ସେ ବୁଲି ଗଲାବେଳେ କେହି ତାଙ୍କ ପିଛା ଧରୁଛି କି ନାହିଁ ସେ ତାହା ଖୁବ୍ ଧ୍ୟାନର ସହ ଲକ୍ଷ୍ୟ କରୁଛନ୍ତି। ତେଣୁ ଘଟଣାଟା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ଯାହାହେଉ, ଏ ଘଟଣା ସଫା ନ କରିବାଯାଏ ମୋ ମନରେ ଶାନ୍ତି ନାହିଁ।"

"କାଲି ତ ଆମେ ତାଙ୍କ ପିଛା ଧରି ପାରିବା।"

"ପାରିବା ଆମେ ? କାମଟା ଯେତେ ସହଜ ବୋଲି ତୁମେ ଭାବୁଛ ସେତେ ସହଜ ନୁହେଁ। ତୁମେ ଏ ଅଞ୍ଚଳ ସହିତ ପରିଚିତ ନୁହଁ। ଏଠି ଲୁଚି ରହିବା ପାଇଁ କେଉଁଠି ଟିକିଏ ଜାଗା ନାହିଁ। ଖାଲି ଆଉ ମୁଁ ଆଜି ରାତିରେ ବୁଲି ଆସିଲି। ଜାଗାଟା ତୁମ ହାତ ପାପୁଲି ପରି ସମତଳ ଆଉ ପରିଷ୍କାର। ତା'ଛଡ଼ା ଆଜି ରାତି ଘଟଣାରୁ ଜଣାଗଲା ଡାକ୍ତର ବୋକା ନୁହନ୍ତି। ଲଣ୍ଡନରେ ଆଉ କିଛି ଘଟିଛି କି ନାହିଁ ଜଣାଇବାକୁ ମୁଁ ଓଭର୍‌ଟନଙ୍କ ପାଖକୁ ଟେଲିଗ୍ରାମ କରିଛି। ଏ ଭିତରେ ଆମେ କେବଳ ଡାକ୍ତର ଆର୍ମଷ୍ଟ୍ରଙ୍ଗ୍‌ଙ୍କ ଉପରେ ନଜର ରଖିବା। ଡାକଘରର ସେଇ ତରୁଣୀ ଗଡ୍‌ଫ୍ରେଙ୍କ ଟେଲିଗ୍ରାମ୍‌ର କାଉଣ୍ଟର୍ ଫଏଲ୍‌ଟା ବାହାର କଲାବେଳେ ଡାକ୍ତରଙ୍କ ନାଁଟା ମୁଁ ସେଥିରୁ ଦେଖି ନେଇଥିଲି। ଏଇ ଯୁବକ କେଉଁଠି ସେ ନିଶ୍ଚୟ ଜାଣନ୍ତି। ସେ କଥା ମୁଁ ବାଜିମାରି କହିପାରିବି। ଆଉ ଯଦି ସେ ଜାଣନ୍ତି ଆମେ ଜାଣି ନ ପାରିବାଟା

Digitized by srujanika@gmail.com

ଆମର ଭୁଲ । ଏବେ ମାନିବାକୁ ହେବ, ସୁବିଧାଜନକ ତାସଗୁଡ଼ା ତାଙ୍କ ହାତରେ । କିନ୍ତୁ ତୁମେ ଜାଣ ୱାଟ୍‌ସନ୍, ଖେଳଟାକୁ ଏ ଅବସ୍ଥାରେ ଛାଡ଼ିଦେବା ମୋର ଅଭ୍ୟାସ ନୁହେଁ ।''

ତା'ପରଦିନ ମଧ୍ୟ ଆମେ ରହସ୍ୟ ଆଡ଼କୁ ମୋଟେ ଆଗେଇ ପାରିଲୁ ନାହିଁ । ଜଳଖିଆ ଖାଇ ସାରିବା ପରେ ହୋମ୍‌ସ ଖଣ୍ଡେ ଚିଠି ପାଇଲେ । ସେଟା ପଢ଼ି ଅଳ୍ପ ହସିଦେଇ ସେ ମୋ ଆଡ଼କୁ ବଢ଼ାଇଦେଲେ । ସେଥିରେ ଲେଖାଥିଲା :

ମହାଶୟ,

ମୁଁ ଦୃଢ଼ଭାବେ କହିପାରେ ଯେ, ଆପଣ ମୋ ପଛରେ ଗୋଡ଼ାଇ ମିଛରେ ସମୟ ନଷ୍ଟ କରୁଛନ୍ତି । କାଲି ରାତିରେ ଆପଣ ଲକ୍ଷ୍ୟ କରିଥିବେ ମୋ ଗାଡ଼ି ପଛ ପାଖରେ ଗୋଟେ ଝରକା ଅଛି । ଆପଣ ମୋ ପଛରେ ଗୋଡ଼ାଇଲେ କେବଳ କୋଡ଼ିଏ ମାଇଲ୍ ବାଟ ବୁଲି ବୁଲି ଯେଉଁଠୁ ବାହାରିଥିଲେ ସେଇଠିକି ଫେରିଆସିବେ । ମୋ ପଛରେ ଗୁପ୍ତଚର ପରି ଲାଗି ଆପଣ ଗଡ୍‌ଫ୍ରେ ଷ୍ଟାଣ୍ଟନଙ୍କୁ କିଛି ସାହାଯ୍ୟ କରିପାରିବେନାହିଁ । ବରଂ ଆପଣ ଲଣ୍ଡନ ଫେରିଯାଇ ଆପଣଙ୍କୁ ନିଯୁକ୍ତ କରିଥିବା ଲୋକଙ୍କୁ କହନ୍ତୁ, ଆପଣ ଗଡ୍‌ଫ୍ରେଙ୍କୁ ଖୋଜି ବାହାରକରିବାକୁ ଅକ୍ଷମ । ତା'ଦ୍ୱାରା ଆପଣ ଗଡ୍‌ଫ୍ରେଙ୍କର ଉପକାର କରିବେ । କେମ୍ବ୍ରିଜରେ ରହିଲେ ଆପଣଙ୍କ ସମୟ ଅକାରଣ ନଷ୍ଟ ହେବ ।

ଆପଣଙ୍କର ବିଶ୍ୱସ୍ତ,

''ଲେସ୍‌ଲି ଆର୍ମଷ୍ଟ୍ରଙ୍ଗ୍ ।''

ଡାକ୍ତର ଜଣେ ସ୍ପଷ୍ଟବାଦୀ ଆଉ ସଚ୍ଚୋଟ ପ୍ରତିଦ୍ୱନ୍ଦ୍ୱୀ । ସେ ମୋ କୌତୂହଳ ଯଥେଷ୍ଟ ବଢ଼ାଇ ଦେଇଛନ୍ତି । ଏ ବିଷୟରେ ଆହୁରି ଅଧିକା କିଛି ନ ଜାଣିବା ଯାଏ ମୁଁ ତାଙ୍କୁ ଛାଡ଼ୁନାହିଁ ।''

''ଏବେ ତ ଗାଡ଼ିଟା ତାଙ୍କ ଦରଜା ପାଖରେ ଅଛି । ଏଇ ସେ ଗାଡ଼ି ଭିତରକୁ ଗଲେ । ଗଲାବେଳେ ଆମ ଝରକା ଆଡ଼େ ଚାହିଁବା ମୁଁ ଦେଖିଛି । ମୁଁ ଯଦି ଗୋଟେ ସାଇକେଲ୍ ନେଇ ଥରେ ଚେଷ୍ଟା କରନ୍ତି ?''

''ନା, ନା, ୱାଟ୍‌ସନ୍ । ତୁମର ସ୍ୱାଭାବିକ ତୀକ୍ଷ୍ଣ ବୁଦ୍ଧି ପ୍ରତି ମୋର ଯଥେଷ୍ଟ ସମ୍ମାନ ଅଛି । ତଥାପି ମୁଁ ଭାବୁଛି ତୁମେ ଏଇ ଡାକ୍ତରଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ

Digitized by srujanika@gmail.com

ପାରିବନାହିଁ । ମୁଁ ନିଜେ କିଛି ଉପାୟ ଉଦ୍ଭାବନକରି ଆମ କାମ ହାସଲ କରିପାରିବି । ମୋତେ ତୁମକୁ ଏଠାରେ ଛାଡ଼ିଯିବାକୁ ହେବ । କାରଣ ଆମେ ଏଠି ଅଜଣା । ଏଇ ଗାଁ ଗଣ୍ଡାରେ ଦୁ'ଜଣ ଅଜଣାଲୋକ ଏକାଠି କିଛି ଖବରଦାବର ବୁଝିବାକୁ ଗଲେ ନାନାପ୍ରକାର କଥା ଉଠିବ । ସେଥିକି ମୋର ଡର । ଏଇ ସହରଭିତରେ ମନ ଖୁସିକରିବା ପାଇଁ ତୁମେ ନିଶ୍ଚୟ କିଛି ଦୃଶ୍ୟ ପାଇପାରିବ । ସନ୍ଧ୍ୟା ପୂର୍ବରୁ ମୁଁ କିଛି ସୁସମ୍ବାଦ ଧରି ଆସିବାର ଆଶା ।"

କିନ୍ତୁ ପୁଣିଥରେ ନିରାଶହୋଇ ଫେରିବା ମୋ ବନ୍ଧୁଙ୍କ ଭାଗ୍ୟରେ ଥିଲା । ରାତିରେ ସେ ଅକ୍ଲାନ୍ତକାର୍ଯ୍ୟ ଆଉ କ୍ଳାନ୍ତହୋଇ ଫେରିଲେ ।

"ଆଜି ଦିନଟା ମୋର ବେକାର କଟିଗଲା ଓ୍ୱାଟ୍‌ସନ୍ । ଡାକ୍ତର ସାଧାରଣତଃ ଯେଉଁ ଦିଗକୁ ଯାଆନ୍ତି କେମ୍ବ୍ରିଜ୍‌ର ସେଇଦିଗର ସବୁ ଗାଁ ମୁଁ ବୁଲିଆସିଲି । ସ୍ଥାନୀୟ ଲୋକ ଆଉ ସମ୍ବାଦ ସଂସ୍ଥା ସାଥିରେ କଥାବାର୍ତ୍ତା କଲି । ଚେଷ୍ଟର୍‌ଟନ୍, ହିସ୍ଟନ୍, ଓ୍ୱାଟର୍‌ବିଚ୍ ଆଉ ଓକିଙ୍ଗ୍‌ଟନ୍ ସବୁଜାଗାରେ ସନ୍ଧାନନେଲି । କିନ୍ତୁ ସବୁଠି ହତାଶ ହେଲି । ଏପରି ନିରୋଳାଜାଗାରେ ପ୍ରତିଦିନ ଗୋଟେ ଗାଡ଼ି ଯିବା ଆସିବା କରୁଥିଲେ ଲୋକଙ୍କ ଆଖିରୁ ବାଦ୍ ଯାଇନଥାନ୍ତା । ପୁଣିଥରେ ଏ ଖେଳରେ ଡାକ୍ତର ଜିଣିଗଲେ । ଆଚ୍ଛା, ମୋର କିଛି ଟେଲିଗ୍ରାମ୍ ଅଛି ?"

"ହଁ, ମୁଁ ସେଇଟା ଖୋଲିଦେଇଛି । ଏଇଟି ସେଇଟା । 'ଟ୍ରିନିଟି କଲେଜ୍‌ର ଜେରେମି ଡିକ୍‌ସନ୍‌ଙ୍କ ପାଖରୁ ପମ୍ପିକୁ ଆଣନ୍ତୁ ।' ମୁଁ ଏଥିରୁ କିଛି ବୁଝିପାରୁନାହିଁ ।"

"ଏଟା ବେଶ୍ ପରିଷ୍କାର । ମୋ ପ୍ରଶ୍ନର ଉତ୍ତରରେ ଆମ ବନ୍ଧୁ ଓଭର୍‌ଟନ୍ ଏଟା ପଠାଇଛନ୍ତି । ମୁଁ ମିଷ୍ଟର୍ ଜେରେମି ଡିକ୍‌ସନ୍‌ଙ୍କ ପାଖକୁ ଖଣ୍ଡେ ଚିଠି ପଠାଇବି । ତା'ପରେ ଆମ ଭାଗ୍ୟ ବଦଳିବବୋଲି ମୋର ସନ୍ଦେହ ନାହିଁ । ଆଚ୍ଛା, ମ୍ୟାଚ୍ ଖବର କିଛି ପାଇଛ ?"

"ହଁ, ସ୍ଥାନୀୟ ସନ୍ଧ୍ୟା ଖବରକାଗଜରେ ତା'ର ଗୋଟେ ପୂର୍ଣ୍ଣ ବିବରଣୀ ବାହାରିଛି । ଅକ୍ସଫୋର୍ଡ଼ ଗୋଟେ ଗୋଲ୍ ଆଉ ଦୁଇ ପଏଣ୍ଟରେ ଜିଣିଲା । ବିବରଣୀର ଶେଷଅଂଶରେ ଲେଖାଅଛି : 'ଲାଇଟ୍ ବ୍ଲୁ ଦଳ ହାରିବାର ଏକମାତ୍ର

Digitized by srujanika@gmail.com

କାରଣ ତାଙ୍କର ଆନ୍ତର୍ଜାତୀୟ ଖେଳାଳୀ ଗଡ଼ଫ୍ରେ ଷ୍ଟାଣ୍ଟନଙ୍କର ଦୁର୍ଭାଗ୍ୟଜନକ ଅନୁପସ୍ଥିତି । ତାଙ୍କର ଅନୁପସ୍ଥିତି ଖେଳର ପ୍ରଥମୁହୂର୍ତ୍ତିରେ ଅନୁଭବ କରାଗଲା । ଫରୱାର୍ଡ୍ ଲାଇନ୍‌ରେ ତାଙ୍କର ଏକନ୍ତାର ଅଭାବ ଆଉ ଆକ୍ରମଣ ଏବଂ ପ୍ରତିରକ୍ଷାରେ ଦୁର୍ବଳତା ଏକ ଶକ୍ତିଶାଳୀ ଆଉ ପରିଶ୍ରମୀ ଦଳକୁ ହରାଇଦେଲା ।"

"ତା'ହେଲେ ବନ୍ଧୁ ଓଭର୍‌ଟନଙ୍କ ଚିନ୍ତା ଯଥାର୍ଥ । ବ୍ୟକ୍ତିଗତଭାବେ ମୁଁ ଡାକ୍ତର ଆର୍ମଷ୍ଟ୍ରଙ୍ଗଙ୍କ ସାଥିରେ ଏକମତ ଆଉ ଫୁଟ୍‌ବଲ୍ ଖେଳର ମୋ ଭାବନା ଭିତରେ ସ୍ଥାନ ନାହିଁ । ହଉ, ଆଜି ଚାଲ ଶୋଇଯିବା ୱାଟ୍‌ସନ୍ । କାରଣ ମୁଁ ଜାଣିପାରୁଛି କାଲି କିଛି ଘଟଣା ଘଟିପାରେ ।"

ତା'ପରଦିନ ସକାଳେ ହୋମ୍‌ସଙ୍କୁ ଦେଖିଲାମାତ୍ରେ ମୁଁ ଭୟଭୀତ ହୋଇପଡ଼ିଲି । କାରଣ ସେ ତାଙ୍କ ଗ୍ରେଟ ଇଂଜେକସନ୍ ସିରିଞ୍ଜ୍‌ଟାଧରି ନିଆଁ ପାଖରେ ବସିଥାନ୍ତି । ମୁଁ ଜାଣିଲି ତାଙ୍କର ଏକମାତ୍ର ଦୁର୍ବଳତା ପୁଣି ବାହାରିପଡ଼ିଛି । ତେଣୁ ତାଙ୍କ ହାତରେ ସିରିଂଜଟା ଚକ୍ ଚକ୍ କରୁଥିବାର ଦେଖି ମୁ ଭୟକଲି । ସେ ମୋର ଭୟବିହ୍ୱଳ ଭାବ ଦେଖି ହସିଉଠିଲେ ଆଉ ସିରିଂଜଟା ଟେବୁଲ ଉପରେ ଥୋଇଦେଲେ । ହସିହସି କହିଲେ, "ନା, ନା, ବନ୍ଧୁ, ଭୟକରିବାର କିଛି କାରଣ ନାହିଁ । ଏଥର ଏ ଯନ୍ତ୍ର କିଛି ଖରାପ କରିବ ନାହିଁ । ବରଂ ଆମ ରହସ୍ୟ ତାଲା ଖୋଲିବାପାଇଁ ଏହା ଗୁଞ୍ଜକାଠି ପରି କାମ କରିବ । ଏଇ ସିରିଞ୍ଜଉପରେ ମୋର ଆଶାଭରସା ସବୁ ନିର୍ଭର କରୁଛି । ମୁଁ ବର୍ତ୍ତିମାନ ଗୋଟେ ଗ୍ରେଟକାଟର ଗୁପ୍ତ ଅଭିଯାନରୁ ଫେରିଲି ଆଉ ପରିସ୍ଥିତି ଆମପାଇଁ ଅନୁକୂଳ । ଭଲରକମ ଜଳଖିଆ ଖାଇନିଅ ୱାଟ୍‌ସନ୍ । କାରଣ ଆଜି ଆମେ ଡାକ୍ତର ଆର୍ମଷ୍ଟ୍ରଙ୍ଗଙ୍କ ପିଛାଧରିବା । ଥରେ ସେ କାମରେ ଲାଗିଲେ ତାଙ୍କୁ ତାଙ୍କ ବ୍ୟୂହଭିତରେ ନଧରିବାଯାଏଁ ମୁଁ ଖାଇବା ପିଇବା ବା ବିଶ୍ରାମପାଇଁ ଅଟକି ପାରିବି ନାହିଁ ।"

"ତା'ହେଲେ ଆମେ ଜଳଖିଆ ସାଥିରେ ନେଇ ବାହାରିପଡ଼ିବା । କାରଣ ଆଜି ସେ ଚାଞ୍ଚଲ ବାହାର ପଡ଼ିବେ । ତାଙ୍କ ଗାଡ଼ି ଆସି ଦରଜା ପାଖରେ ଠିଆ ହେଲାଣି ।"

Digitized by srujanika@gmail.com

"ସେଥିପାଇଁ ଚିନ୍ତା କର ନାହିଁ । ସେ ଯାଆନ୍ତୁ । ସେ ଯୁଆଡ଼େ ଯିବେ ମୁଁ ଯଦି ତାଙ୍କୁ ଅନୁସରଣ କରି ନ ପାରେ ତେବେ ସେ ପ୍ରକୃତରେ ଚାଲାକ୍ । ଖାଇସାରିଲାପରେ ମୋ ସାଥିରେ ତଳକୁ ଯିବ । ମୁଁ ଜଣେ ଡିଟେକ୍‌ଟିଭ୍ ସାଥିରେ ତୁମର ପରିଚୟ କରାଇଦେବି । ଆମ ଆଗରେ ଯେଉଁ କାମ ସେ କାମରେ ସେ ଏକ ଜଣାଶୁଣା ବିଶେଷଜ୍ଞ ।"

ଆମେ ତଳକୁ ଆସିବା ପରେ ମୁଁ ହୋମ୍‌ସଙ୍କ ପଛେ ପଛେ ଶାଳଘର ଆଡ଼େ ଗଲି । ସେ ଗୋଟେ କାଠ ବାକ୍‌ସର ଦରଜା ଖୋଲି ଗୋଟେ ଧଳା ଆଉ ମାଟିଆ ରଙ୍ଗ ମିଶା କୁକୁର ପଦାକୁ ଆଣିଲେ । କୁକୁରଟା ମୋଟା ଆଉ ଗେଡ଼ା, କାନ ଦି'ଟା ତଳକୁ ଝୁଲୁଛି । ବିଗଲ୍ ଆଉ ଫକ୍‌ସହାଉଣ୍ଡ ମିଶା । ହୋମ୍‌ସ କହିଲେ, "ତୁମ ସାଥିରେ ପମ୍ପିର ପରିଚୟ କରାଇଦିଏ । ସ୍ଥାନୀୟ ସନ୍ଧାନୀ କୁକୁରଙ୍କ ଭିତରେ ସେ ଶ୍ରେଷ୍ଠ । ଅବଶ୍ୟ ଜୋର୍‌ରେ ଦୌଡ଼ିପାରେ ନାହିଁ; କିନ୍ତୁ ଗନ୍ଧ ବାରିବାରେ ଖୁବ୍ ଦକ୍ଷ । ଆଚ୍ଛା ପମ୍ପି, ତୁ ଜୋର୍‌ରେ ଯାଇ ପାରିବୁ ନାହିଁ ତେବେ ମୁଁ ଭାବୁଛି ଲଣ୍ଡନର ଦି'ଜଣ ମଧ୍ୟବୟସ୍କ ଭଦ୍ରଲୋକଙ୍କ ଠାରୁ ତୁ ଶୀଘ୍ର ଧାଇଁ ପାରିବୁ । ତେଣୁ ମୁଁ ତୋ ବେକରେ ଏଇ ଚମଡ଼ା ପଟିଟା ବାନ୍ଧିଦିଏ । ଏଥର ଚାଲ, ଆଉ ଆମକୁ କ'ଣ ଦେଖାଇ ପାରୁଛୁ ଦେଖା ।" ସେ କୁକୁରଟାକୁ ଡାକ୍ତରଙ୍କ ଦରଜାପାଏ ନେଇଗଲେ । କିଛି ସମୟ ପାଇଁ କୁକୁରଟା ଚାରିଆଡ଼ ଶୁଙ୍ଘିନେଲା । ତା'ପରେ ଉତ୍ତେଜିତ ହୋଇ ଭୁକି ଉଠି ରାସ୍ତାରେ ଆଗେଇ ଚାଲିଲା । ଚଞ୍ଚଳ ଯିବା ପାଇଁ ବେକରେ ବନ୍ଧା ହୋଇଥିବା ଫିତାକୁ ଭିଡ଼ି ଲାଗିଥାଏ । ଅଧଘଣ୍ଟା ଭିତରେ ଆମେ ସହର ଛାଡ଼ି ମଫସଲ ରାସ୍ତାରେ ପହଞ୍ଚିଲୁ ।

ମୁଁ ପଚାରିଲି, "ତୁମେ କ'ଣ କରିଛ ହୋମ୍‌ସ ?"

"ଗୋଟେ ସାମାନ୍ୟ ଉପାୟ; କିନ୍ତୁ ବେଳେ ବେଳେ ଖୁବ୍ କାମରେ ଆସେ । ଆଜି ସକାଳେ ମୁଁ ଡାକ୍ତରଙ୍କ ଅଗଣାକୁ ଯାଇଥିଲି । ମୋ ସିରିଂଜ୍‌ରେ ଆନିସ୍ ତେଲ ଭରି ନେଇଥିଲି । ଡାକ୍ତରଙ୍କ ଗାଡ଼ିର ପଛ ଚକରେ ତେଲଗୁଡ଼ା ପକାଇଦେଲି । ଗୋଟେ ଶିକାରୀ କୁକୁର ଏଠୁ ବହୁତ ଦୂରଯାଏ ଏଇ ଗନ୍ଧ ବାରି ପାରିବ । ବନ୍ଧୁ ଆର୍ମଷ୍ଟ୍ରଙ୍ଗ ପମ୍ପିକୁ ବାଟ ଭୁଲାଇ ପାରିବେ ନାହିଁ । ଓଃ,

Digitized by srujanika@gmail.com

ଲୋକଟା କ ଧୂର୍ତ୍ତ ! କାଲି ଏଇପରି ସେ ମୋ ଆଗରୁ ଖସିଗଲା ।”

କୁକୁରଟା ହଠାତ୍ ପ୍ରଧାନ ରାସ୍ତା ଛାଡ଼ି ଗୋଟେ ଗଳି ରାସ୍ତାକୁ ଚାଲିଲା । ରାସ୍ତାଟାରେ ଘାସ ଭର୍ତ୍ତି । ଅଧ ମାଇଲ୍‌ଏ ପରେ ଏ ରାସ୍ତାଟାଯାଇ ଆଉ ଗୋଟେ ଚଉଡ଼ା ରାସ୍ତାରେ ମିଶିଛି ଆଉ ଗାଡ଼ିର ଚକ୍‌ର ଚିହ୍ନ ପୂର୍ବ ଡାହାଣକୁ ବୁଲିଯାଇଛି । ଆମେ ଯେଉଁ ସହରରୁ ଆସିଲୁ ସେଇ ଆଡ଼କୁ ଯାଇଛି । ରାସ୍ତାଟା ସହରର ଦକ୍ଷିଣ ପାଖରେ ବୁଲି ଆମେ ଯେଉଁଠୁ ବାହାରିଥିଲୁ ତା’ର ବିପରୀତ ଦିଗକୁ ଲମ୍ବିଛି । ହୋମ୍‌ସ କହିଲେ, “ଏଇ ଅଙ୍କାବଙ୍କା ରାସ୍ତା ଆମର ସୁବିଧାଜନକ । କାଲି ରାତି ମୁଁ ସେ ଗାଁମାନଙ୍କରୁ କିଛି ଖବର ନ ପାଇବାରେ ବିଚିତ୍ର କିଛି ନାହିଁ । ଡାକ୍ତର ଖୁବ୍ ମଜାରେ ଖେଳ ଖେଳି ଚାଲିଛନ୍ତି । କିନ୍ତୁ ଏମିତି ଠକିବାର କାରଣ କ’ଣ ? ଆମର ଡାହାଣ ପାଖେ ଏଇ ଗାଁଟା ନିଶ୍ଚୟ ଟ୍ରମ୍‌-ପିଙ୍ଗ୍‌ଟନ୍ ହେବ । ଆଃ, ଏଇତ ସେ ମୋଡ଼ରେ ଗାଡ଼ିଟା ଆସୁଛି । ଶୀଘ୍ର ଓ୍ଵାଟ୍‌ସନ୍ ଶୀଘ୍ର, ନ ହେଲେ ଆମେ ଧରାପଡ଼ିଯିବା ।”

ସେ ଗୋଟେ ଗେଟ୍ ବାଟେ ପଡ଼ିଆ ଭିତରକୁ ଡେଇଁପଡ଼ିଲେ । ଆଉ କୁକୁରଟାକୁ ଟାଣି ନେଇଗଲେ । ସେଟା ଭିଡ଼ଓଟାର ହେଉଥାଏ । ଆମେ ବାଡ଼ କଡ଼ରେ ଛପି ଯାଇଛୁ କି ନାହିଁ, ଗାଡ଼ିଟା ଆମ ପାଖଦେଇ ଚାଲିଗଲା । ଭିତରେ ଆର୍ମଷ୍ଟ୍ରଙ୍ଗ୍ ବସିଥିବାର ଦେଖିଲି । ତାଙ୍କ କାନ୍ଧ ଦୁ’ଟା ଲଇଁ ପଡ଼ିଥାଏ ଆଉ ମୁଣ୍ଡଟା ହାତ ପାପୁଲି ଭିତରେ ଥାଏ । ସେ ଦାରୁଣ ବ୍ୟଥା ପାଇଲା ପରି ଜଣାଗଲା । ମୋ ବନ୍ଧୁଙ୍କ ଗମ୍ଭୀର ମୁହଁରୁ ଜାଣିଲି ସେ ମଧ୍ୟ ବ୍ୟଥିତ । ସେ କହିଲେ, “ଆମର ଏ ଅନୁସନ୍ଧାନର ଶେଷଭାଗ ବିଷାଦପୂର୍ଣ୍ଣ ବୋଲି ମୋର ସନ୍ଦେହ ହେଉଛି । ଘଟଣାଟା ଆମେ ଜାଣିବାକୁ ଆଉ ବେଶି ଡେରି ହେବ ନାହିଁ । ଆ ପମ୍ପି । ଏଇତ, ପଡ଼ିଆ ଭିତରେ ଗୋଟେ ଛୋଟ ଘର ।”

ଆମ ଯାତ୍ରା ଶେଷ ହେଲା ବୋଲି ଆଉ କିଛି ସନ୍ଦେହ ରହିଲା ନାହିଁ । ଗେଟ୍ ପାଖରେ ପମ୍ପି ଏପଟ ସେପଟ ହୋଇ ଭୁକି ଲାଗିଲା । ସେଠି ଗାଡ଼ିଟାର ଚକର ଚିହ୍ନ ପରିଷ୍କାର ଦେଖାଯାଉଥାଏ । ନିରୋଳା ଘରପାଖରେ ଗୋଟେ ପାଦଚଲା ରାସ୍ତା । ହୋମ୍‌ସ କୁକୁରଟାକୁ ବାଡ଼ରେ ବାନ୍ଧି ଦେଲେ ଆଉ ଆମେ ଶୀଘ୍ର ଶୀଘ୍ର ଆଗକୁ ଚାଲିଲୁ । ଛୋଟ ଦରଜାରେ ମୋ ବନ୍ଧୁ ଠକ୍ ଠକ୍

Digitized by srujanika@gmail.com

କଲେ; କିନ୍ତୁ ଭିତରୁ କିଛି ଜବାବ୍ ମିଳିଲା ନାହିଁ । କିନ୍ତୁ ଘରଭିତରେ ଲୋକ ଥିଲେ । କାରଣ ଗୋଟେ କ୍ଷୀଣ ଶବ୍ଦ ଆମ କାନରେ ବାଜୁଥାଏ । ଦୁଃଖ ଆଉ ବିଷାଦର ଏକ କରୁଣ ଶବ୍ଦ । ହୋମ୍‌ସ କିଛିକ୍ଷଣ କ'ଣ କରିବେ ଠିକ୍ କରି ନପାରି ଠିଆ ହୋଇଗଲେ । ତା'ପରେ ଆମେ ଆସିଥିବା ରାସ୍ତା ଆଡ଼କୁ ଫେରିଚାହିଁଲେ । ସେଇ ମାଟିଆ ଘୋଡ଼ାଦ୍ୱ'ଟା ଯୋଚାହୋଇଥିବା ଗାଡ଼ିଟା ଆସୁଛି ।

ସେ କହିଉଠିଲେ, "ଆରେ ଡାକ୍ତର୍ ପୁଣି ଫେରିଆସୁଛନ୍ତି । ତା'ହେଲେ ଠିକ୍ ଅଛି । ସେ ଆସିବା ଆଗରୁ ଏସବୁର ଅର୍ଥ କ'ଣ ଆମେ ଦେଖିବା ଦରକାର ।"

ସେ ଦରଜାଟା ଖୋଲିଦେଲେ ଆଉ ଆମେ ବାଟଘର ଭିତରକୁ ଚାଲିଗଲୁ । ସେଇ କରୁଣ ଶବ୍ଦଟା ଏଥର ଭଲଭାବେ ଶୁଣାଗଲା । ଉପର ମହଲାରୁ ସେ ଶବ୍ଦଟା ଆସୁଥିଲା । ହୋମସ ଚଟ୍‌କରି ଉପରକୁ ଉଠିଲେ ଆଉ ମୁଁ ତାଙ୍କ ପଛେ ପଛେ । ଗୋଟେ ଦରଆଉଜା କବାଟ ଠେଲି ସେ ଖୋଲି ଦେଲେ । ସାମନାର ଦୃଶ୍ୟ ଦେଖି ଆମେ ଭୟଭୀତହୋଇ ଠିଆହୋଇଗଲୁ । ଖଟଉପରେ ଜଣେ ସୁନ୍ଦରୀ ତରୁଣୀ ମରି ପଡ଼ିଆନ୍ତି । ମୁଣ୍ଡରେ ସୁନା ରଙ୍ଗର ବାଳପେଣ୍ଡା । ମୁହଁ ମଳିନ ଆଉ ସ୍ଥିର । ମଳିନ ନୀଳ ଆଖିଦ୍ୱ'ଟା ପୁରା ଖୋଲା । ଖଟକଡ଼ରେ ଜଣେ ଯୁବକ ଆଣ୍ଠୁମାଡ଼ି ବସିଥାନ୍ତି । ମୁହଁଟା ଲୁଗାରେ ଢାଙ୍କି ଦେଇଥାନ୍ତି । ଦୁଃଖରେ କାନ୍ଦିକାନ୍ଦି ତାଙ୍କ ଦେହ ଭାଙ୍ଗି-ପଡ଼ୁଥାଏ । ଦୁଃଖରେ ସେ ଏତେ ବୁଡ଼ି ଯାଇଥାନ୍ତି ଯେ, ହୋମ୍‌ସ ତାଙ୍କ କାନ୍ଧରେ ହାତମାରିବାଯାଏଁ ସେ ମୋଟେ ଉପରକୁ ଚାହିଁଲେ ନାହିଁ ।

ହୋମ୍‌ସ ପଚାରିଲେ, "ଆପଣ ମିଷ୍ଟର୍ ଗଡ୍‌ଫ୍ରେ ଷ୍ଟଣ୍ଟନ୍ ?"

"ହଁ, ମୁଁ । କିନ୍ତୁ ଆପଣ ବହୁତ ଡେରିକରିଦେଲେ । ସେ ମରିଯାଇଛି ।"

ସେ ଦୁଃଖରେ ସ୍ତମ୍ଭିତ ହୋଇ ଯାଇଥିଲେ । ତାଙ୍କର ଧାରଣା ଆମେ କେବଳ ଡାକ୍ତର ଆଉ ତାଙ୍କୁ ସାହାଯ୍ୟ କରିବାକୁ ଆସିଛୁ । ସେ'ଛଡ଼ା ଅନ୍ୟ କିଛି ତାଙ୍କୁ ବୁଝାଇହେଲା ନାହିଁ । ହୋମସ ତାଙ୍କୁ ସାନ୍ତ୍ୱନା ଦେବାପାଇଁ ଆଉ ସେ ନିଖୋଜ ହେବାଦ୍ୱାରା ତାଙ୍କ ବନ୍ଧୁମାନଙ୍କ ଭିତରେ ଯେଉଁ ଆତଙ୍କ

Digitized by srujanika@gmail.com

ଖେଳିଯାଇଛି ସେ କଥା ବୁଝାଇବାକୁ ଗଲାବେଳକୁ ପାହାଚ ଉପରେ ପାଦଶବ୍ଦ ଶୁଣାଗଲା ଆଉ ଦରଜା ପାଖରେ ଡାକ୍ତର ଆର୍ମଷ୍ଟ୍ରଙ୍ଗ୍‌ଙ୍କ କଠୋର ପ୍ରଶ୍ନବାଚକ ମୁହଁ ଦେଖାଗଲା ।

ସେ କହିଲେ, "ତାହେଲେ ଆପଣମାନେ କାମ ହାସଲ କରିନେଲେ ଆଉ ଏପରି ଏକ ସମୟରେ । ମରଣର ଉପସ୍ଥିତିରେ ମୁଁ ଆପଣମାନଙ୍କ ସଙ୍ଗେ ଝଗଡ଼ାକରିବାକୁ ଯାଉନାହିଁ । କିନ୍ତୁ ସତକହୁଛି, ମୋର ବୟସ ଯଦି ଆଉ କିଛି କମ୍ ହୋଇଥାନ୍ତା ତେବେ ଆପଣମାନଙ୍କର ଏଇ ନାରକୀୟ କାମପାଇଁ ଏଠୁ ଅକ୍ଷତ ଶରୀରରେ ଯାଇ ନଥାନ୍ତେ ।"

ମୋ ବନ୍ଧୁ ସମ୍ମାନର ସହ ଉତ୍ତରଦେଲେ, "ମୋତେ କ୍ଷମାକରନ୍ତୁ ଡାକ୍ତର ଆର୍ମଷ୍ଟ୍ରଙ୍ଗ୍ । ମୁଁ ଭାବୁଛି ଆମେ ପରସ୍ପରକୁ ବୁଝିବାରେ ଭୁଲ୍ ହୋଇଯାଇଛୁ । ଆପଣ ଯଦି ତଳକୁ ଆସନ୍ତେ, ଆମେ ଏଇ ଦାରୁଣ ଘଟଣାରେ ନିଜ ନିଜର ଉଦ୍ଦେଶ୍ୟ ବିଷୟରେ କଥାବାର୍ତ୍ତା ହୋଇପାରନ୍ତେ ।"

ମିନିଟ୍‌କପରେ ତଳେ ବସିବାଘରେ ବିଷାଦିତ ଡାକ୍ତର ଆଉ ଆମେ ପହଞ୍ଚିଲୁ । ଡାକ୍ତର କହିଲେ, "ବେଶ୍. ଏଥର କହନ୍ତୁ ।"

"ଆପଣ ପ୍ରଥମେ ବୁଝିରଖନ୍ତୁ ଯେ, ଲର୍ଡ ମାଉଣ୍ଟ୍ ଜେମ୍‌ସ ମୋତେ ଏ କାମରେ ନିଯୁକ୍ତ କରିନାହାନ୍ତି । ଆଉ ସେ ଭଦ୍ରଲୋକଙ୍କ ପ୍ରତି ମୋର କୌଣସି ମମତା ନାହିଁ । କେହି ଜଣେଲୋକ ହଜିଗଲେ, ତା'ର କ'ଣ ହେଲା ଖୋଜି ବାହାର କରିବା ମୋର କର୍ତ୍ତବ୍ୟ । ସେତିକି କରିପାରିଲାପରେ ମୋର କାମ ଶେଷ । କୌଣସି ଘଟଣା ଯଦି କୌଣସି ଅପରାଧଜଡ଼ିତ ନୁହେଁ, ତେବେ ଘରୋଇ ବ୍ୟାପାର ସର୍ବସାଧାରଣରେ ପ୍ରକାଶ ନକରି ତାକୁ ଚପେଇ ରଖିବାପାଇଁ ମୁଁ ବରଂ ବେଶି ବ୍ୟଗ୍ର । ମୁଁ ଦେଖୁଛି ଏ ଘଟଣାରେ କିଛି ଆଇନ ବିରୁଦ୍ଧ କାମ ହୋଇନାହିଁ । ତେଣୁ ଘଟଣାଟା ଖବରକାଗଜରେ ପ୍ରକାଶିତ ନହେବାପାଇଁ ଆପଣ ମୋ ବିଶ୍ବାସ ଆଉ ସହଯୋଗ ଉପରେ ପୂର୍ଣ୍ଣ ଭରସା ରଖିପାରନ୍ତି ।"

ଡାକ୍ତର ଆର୍ମଷ୍ଟ୍ରଙ୍ଗ୍ ଚଞ୍ଚଳ ପାଦ ପକାଇ ଆଗକୁ ଚାଲିଆସିଲେ । ହୋମ୍‌ସଙ୍କ ହାତ ଜାବୁଡ଼ିଧରି କହିଲେ, "ଆପଣ ଭାରି ସୁନ୍ଦର ଲୋକ । ମୁଁ ଆପଣଙ୍କୁ

Digitized by srujanika@gmail.com

ଭୁଲ୍ ବୁଝିଥିଲି । ଭଗବାନ୍‌ଙ୍କ ବରାଦ ତ ! ବିଚରା ଷ୍ଟାଣ୍ଟନ୍‌ଙ୍କୁ ଏଠି ଏପରି ଅବସ୍ଥାରେ ଏକା ଛାଡ଼ିଯାଇଥିବାରୁ ମୋ ବିବେକ ମୋତେ ତାଡ଼ନା କଲା ଆଉ ମୁଁ ଫେରିଆସିଲି । ଫଳରେ ଆପଣଙ୍କ ସାଥିରେ ପରିଚୟ ହେଲା । ଆପଣ ଯାହା ଜାଣନ୍ତି ସେଥିରୁ ଘଟଣାଟା ସହଜରେ ବୁଝିପାରିବେ । ବର୍ଷେ ତଳେ ଗଡ୍‌ଫ୍ରେ ଷ୍ଟାଣ୍ଟନ୍ ଲଣ୍ଡନରେ ଗୋଟେ ଘରଭଡ଼ା ନେଇ ରହୁଥିଲେ । ଘର ମାଲିକାଣୀଙ୍କ ଝିଅସାଥିରେ ତାଙ୍କର ଘନିଷ୍ଠପ୍ରେମ ହୋଇଗଲା । ଆଉ ସେ ତାଙ୍କୁ ବିବାହକଲେ । ଏଇ ଭଦ୍ରମହିଳା ଯେମିତି ସୁନ୍ଦରୀ ସେମିତିଭଲ ଆଉ ଯେମିତି ଭଲ ସେମିତି ଗୁଣିକ୍ । କିନ୍ତୁ ଗଡ୍‌ଫ୍ରେ ଏଇ କୃପଣ ସାମନ୍ତଙ୍କର ଉତ୍ତରାଧି-କାରୀ । ଏଟା ନିଶ୍ଚିତ ଯେ, ବୁଢ଼ା ଏଇ ବାହାଘରକଥା ଜାଣିଲେ ତାଙ୍କୁ ଉତ୍ତରାଧିକାରୀ ପଣରୁ ବଞ୍ଚିତ କରି ଦେବ । ମୁଁ ଗୁଡ୍‌ଫ୍ରେଙ୍କୁ ଭଲଭାବେ ଜାଣିଥିଲି ଆଉ ତାଙ୍କର ଅନେକ ଭଲଗୁଣ ଯୋଗୁଁ ତାଙ୍କୁ ଭଲପାଉଥିଲି । ତାଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଯାହାକିଛି ସମ୍ଭବ ସବୁ କଲି । ଲୋକେ ଏକଥା ନଜାଣିବା ପାଇଁ ଆମେ ସବୁପ୍ରକାର ଚେଷ୍ଟାକଲୁ । କାରଣ ଥରେ କଥାଟା ପଦାକୁ ବାହାରିଲେ ଦୁନିଆସାରା ଜାଣିବାକୁ ବେଶି ସମୟ ଲାଗିବ ନାହିଁ । ଉଣ୍ଡ ବାଇଦ ସହସ୍ର କୋଶ ! ଭଗବାନ୍‌ଙ୍କ ଦୟାରୁ ଏଇ ନିରୋଳା ଘରଟା ମିଳିଗଲା । ତାଙ୍କର ଏଇ ଗୁପ୍ତକଥା ଜଣେ ଅତି ବିଶ୍ୱାସୀ ଗୁକର ଆଉ ମୋ ଛଡ଼ା ଅନ୍ୟ କେହି ଜାଣିପାରିଲେ ନାହିଁ । ସେ ଗୁକର ଏବେ ସାହାଯ୍ୟ ଆଶାରେ ଟ୍ରିଙ୍ଗିଙ୍ଗଟନ୍ ଯାଇଛି । କିନ୍ତୁ ଶେଷରେ ଗୋଟେ ଦାରୁଣ ଆଘାତ ଆସି ପହଞ୍ଚିଲା । ତାଙ୍କ ସ୍ତ୍ରୀ ଏକ ଭୟଙ୍କର ରୋଗରେ ପଡ଼ିଲେ । ରୋଗଟା ମାରାତ୍ମକ କ୍ଷୟକାଶ ରୋଗ । ବିଚରା ତରୁଣ ଦୁଃଖରେ ପାଗଳପରି ହୋଇଗଲେ । ତଥାପି ଏଇ ମ୍ୟାଚ୍‌ରେ ଖେଳିବାପାଇଁ ସେ ଲଣ୍ଡନ ଯିବାକୁ ବାଧହେଲେ । କାରଣ ଖେଳିବାକୁ ନଯିବାର ଯଥେଷ୍ଟ କାରଣଦେବାକୁ ଗଲେ ତାଙ୍କର ଗୁପ୍ତକଥା ପଦାରେ ପଡ଼ିଯିବ । ମୁଁ ଗୋଟେ ଟେଲିଗ୍ରାମ୍‌କରି ତାଙ୍କୁ ଉତ୍ସାହ ଦେବାକୁ ଚେଷ୍ଟାକଲି । ଉତ୍ତରରେ ସେ ମୋ ପାଖକୁ ଟେଲିଗ୍ରାମକରି ସବୁକିଛି କରିବାପାଇଁ ଅନୁରୋଧକଲେ । ଏଇ ଟେଲିଗ୍ରାମ୍‌ଟା ଆପଣ କେଜାଣି କିପରି ଦେଖିବାକୁ ପାଇଲେ । ଅବସ୍ଥା କେତେ ଗୁରୁତର ସେକଥା ମୁଁ

Digitized by srujanika@gmail.com

ତାଙ୍କୁ କହୁନଥିଲି । କାରଣ ମୁଁ ଜାଣିଥିଲି ଏଠି ରହି ସେ ଅଧିକ କିଛି କରିପାରିବେ ନାହିଁ । କିନ୍ତୁ ସତକଥାଟା ମୁଁ ହିଁ ଅଟିର ବାପାଙ୍କୁ ଖବରଦେଲି ଆଉ ସେ କିଛି ବିଗ୍ଭରନକରି ଗଡଫ୍ରେଙ୍କୁ କଥାଟା ଜଣାଇଦେଲେ । ଫଳରେ ସେ ପାଗଳପରି ହୋଇ ଏଠିକି ପଳାଇଆସିଲେ । ଆଉ ସେଇ ଅବସ୍ଥାରେ ଆଣ୍ଟୁମାଉ ତାଙ୍କ ସ୍ତ୍ରୀଙ୍କ ଖଟପାଖରେ ବସିରହିଲେ । ଶେଷରେ ଆଜି ସକାଳେ ମୃତ୍ୟୁ ବିଗ୍ଭରୀ ଝିଅଟିର ସବୁ ଦୁଃଖକଷ୍ଟ ଶେଷ କରିଦେଲା । ଘଟଣାଟା ଏଇଆ ମିଷ୍ଟର୍ ହୋମ୍‌ସ, ମୋର ଦୃଢ଼ଆଶା, ଆପଣ ଏବଂ ଆପଣଙ୍କ ବନ୍ଧୁଙ୍କର ବିବେକ ଆଉ ବିଗ୍ଭରଉପରେ ମୁଁ ଭରସା ରଖିପାରିବ ।"

ଉତ୍ତରରେ ହୋମ୍‌ସ କେବଳ ଡାକ୍ତରଙ୍କ ହାତକୁ ଜାବୁଡ଼ିଧରିଲେ । ତାପରେ କହିଲେ, "ଆସ ୱାଟ୍‌ସନ୍," ଦୁଃଖ ଓ ବିଷାଦରେ ଭରା ସେଇ ଘରଭିତରୁ ଆମେ ବାହାରର ଶୀତ ସୂର୍ଯ୍ୟର ଫିକାଆଲୁଅ ଭିତରକୁ ଗ୍ଭଲିଆସିଲୁ ।

* * *

ଏବି ଗ୍ରେନ୍ଜ୍ ରହସ୍ୟ

ଅଠରଶହ ସତାନବେ ମସିହା କଥା । ଶୀତଦିନ ସକାଳ । ଖୁବ୍ ଥଣ୍ଡା ଆଉ କୋହଲା ପାଗ । କେହି ମୋ କାନ୍ଧଟା ଜୋର୍‌ରେ ହଲାଇ ଦେବାରୁ ଉଠିପଡ଼ିଲି । ଦେଖିଲି ହୋମ୍‌ସ । ହାତରେ ମହମବତିଟାଏ ଧରିଥାନ୍ତି । ତାଙ୍କ ବ୍ୟଗ୍ର ମୁହଁରୁ ସାଙ୍ଗେ ସାଙ୍ଗେ ଜାଣିଗଲି କିଛି ଗୋଟେ ଘଟିଛି । ସେ କହି ଉଠିଲେ, "ଆପ୍ ୱାଟ୍‌ସନ୍, ବଡ଼ ଗୁରୁତର କାମ । କଥା ହେବାର ବେଳ ନାହିଁ । ପୋଷାକ ପିନ୍ଧିନେଇ ଚଞ୍ଚଳ ବାହାରିପଡ଼ ।"

ଦଶମିନିଟ ପରେ ଆମେ ଗୋଟେ ଗାଡ଼ିରେ ନିର୍ଜନ ରାସ୍ତାରେ ଚ୍ୟାରିଙ୍ଗ୍‌କ୍ରସ ଷ୍ଟେସନ ଆଡ଼କୁ ଗଲୁ । ଶୀତ ସକାଳର ପ୍ରଥମ ଆଲୁଅରେଖା ବାହାରି ଆସୁଥାଏ । କେଉଁଠି କେମିତି ଜଣେ ଅଧେ ଶ୍ରମିକ ଆମକୁ ଅତିକ୍ରମ କରି ଯାଉଥିବାର ଝାପସା ଦେଖାଯାଉଥାଏ । ହୋମ୍‌ସ ତୁନିହୋଇ ତାଙ୍କ ଓଭର୍-କୋଟ୍ ଭିତରେ ଜାକିଜୁକି ହୋଇ ବସିଥାନ୍ତି । ମୁଁ ମଧ୍ୟ ସେଇଆ କଲି । କାରଣ ପବନଟା ଖୁବ୍ ଥଣ୍ଡା ଥିଲା ଆଉ ଆମେ ଜଳଖିଆପିଇ କିଛି ଖାଇ ନଥିଲୁ । ଷ୍ଟେସନରେ ପହଞ୍ଚି କିଛି ଗରମ ଚା ପିଇନେଲୁ ଆଉ କେଣ୍ଟ ଯିବା ଟ୍ରେନରେ ବସିଗଲୁ । ଦେହ ବେଶ ଗରମ ଲାଗିଲା । ଏବେ ତାଙ୍କର କହିବାକୁ ଆଉ ମୋର ଶୁଣିବାକୁ ଦେହରେ ବଳ ଆସିଲା । ହୋମ୍‌ସ ପକେଟରୁ ଖଣ୍ଡେ ଲେଖାକାଗଜ ବାହାରକରି ବଡ଼ ପାଟିରେ ପଢ଼ିଲେ :

"ଏବି ଗ୍ରେନ୍‌ଜ, ମାର୍‌ସାମ, କେଣ୍ଟ, ସକାଳ ଘ୩.୩୦ "ପ୍ରିୟ ମିଷ୍ଟର୍ ହୋମସ—ଶୀଘ୍ର ଆପଣଙ୍କ ସାହାଯ୍ୟ ପାଇଲେ ଆନନ୍ଦିତ ହେବି । କେଶଟା ବେଶ୍ ଅସାଧାରଣ ପରି ଜଣାଯାଉଛି । ଆପଣଙ୍କ ମନକୁ ପାଇଲା ପରି । କେବଳ ଭଦ୍ରମହିଳାଙ୍କୁ ମୁକ୍ତକରିବା ବ୍ୟତୀତ ଅନ୍ୟ ସବୁ ଯେମିତି ଥିଲା ସେମିତି

Digitized by srujanika@gmail.com

ଅଛି । ଅନୁରୋଧ, ଆପଣ ମୁହୂର୍ତ୍ତେ ବିଳମ୍ବ ନକରି ଆସିବେ । କାରଣ ସାର୍ ଇଉଷ୍ଟେସ୍‌ଙ୍କୁ ସେଠାରେ ଛାଡ଼ିଯିବା ସମ୍ଭବ ନୁହେଁ ।—ଆପଣଙ୍କର ବିଶ୍ୱସ୍ତ,

ଷ୍ଟାନଲି ହପ୍‌କିନ୍‌ସ୍' ।"

"ହପ୍‌କିନ୍‌ସ ମୋତେ ସାତଥର ଡାକିଛନ୍ତି ଆଉ ପ୍ରତ୍ୟେକଥର ତାଙ୍କ ଡାକିବାର ଯଥାର୍ଥତା ଅଛି । ମୋର ବିଶ୍ୱାସ ତାଙ୍କର ସବୁ କେଶ୍ ତୁମେ ଲେଖି ରଖିଛ ଆଉ ମୁଁ ସ୍ୱୀକାର କରୁଛି ତୁମ ଲେଖାର ବର୍ଣ୍ଣନାକୁ ମୁଁ ପସନ୍ଦ ନ କଲେ ବି ତୁମେ ବିଷୟବସ୍ତୁ ବାଛିବାରେ ବେଶ୍ ନିପୁଣ । ତୁମର ଗୋଟେ ମାରାତ୍ମକ ଅଭ୍ୟାସ ହେଲା ପ୍ରତ୍ୟେକ ଜିନିଷକୁ ତୁମେ ବୈଜ୍ଞାନିକ ଦୃଷ୍ଟିକୋଣରୁ ନ ଦେଖି ଜଣେ ଗପ ଲେଖକ ହିସାବରେ ଦେଖ । ତେଣୁ ଯେଉଁ ଲେଖା ଶିକ୍ଷାମୂଳକ ଆଉ ଅତି ଉଚ୍ଚକୋଟୀର ହୋଇପାରନ୍ତା ତାହା ନଷ୍ଟ ହୋଇ-ଯାଏ । ତୁମେ ଚମକପ୍ରଦ ଟିକିନିଖି ବିବରଣୀ ଉପରେ ଗୁରୁତ୍ୱ ଦିଅ । ତାହା ପାଠକଙ୍କୁ ଉତ୍ତେଜିତ କରିଦିଏ; କିନ୍ତୁ କିଛି ଶିକ୍ଷା ଦିଏନା, ଏଇଟା ତୁମ ଲେଖାର ଗୋଟେ ବଡ଼ ଦୋଷ ।"

ମୁଁ ବିରକ୍ତ ହୋଇ କହିଲି, "ତୁମ କେଶ୍‌ର ବିବରଣୀଗୁଡ଼ା ତେବେ ତୁମେ ନିଜେ ଲେଖୁନା କାହିଁକି ?"

"ମୁଁ ଲେଖିବି ଓ୍ୱାଟ୍‌ସନ୍, ନିଶ୍ଚୟ ଲେଖିବି । କିନ୍ତୁ ତୁମେ ତ ଜାଣ, ଏବେ ମୁଁ ଯଥେଷ୍ଟ କାର୍ଯ୍ୟବ୍ୟସ୍ତ । ତେଣୁ ଠିକ୍ କରିଛି, ମୋ ଶେଷଜୀବନ ବେଳକୁ ଗୋଟେ ଗ୍ରନ୍ଥ ଲେଖିବି । ସେଥିରେ ଅନୁସନ୍ଧାନର ସବୁ ପ୍ରକାର କଳା ରହିଥିବ । ଯାହାହେଉ, ଆମର ବର୍ତ୍ତମାନ ଅନୁସନ୍ଧାନ ଗୋଟିଏ ହତ୍ୟା କେଶ୍ ପରି ଜଣାଯାଉଛି ।"

"ତାହେଲେ ତୁମେ କ'ଣ ଭାବୁଛ ସାର୍ ଇଉଷ୍ଟେସ୍ ମୃତ ?"

"ମୁଁ ସେଇଆ ଭାବୁଛି । ହପକିନ୍‌ସ୍‌ଙ୍କ ଲେଖାରୁ ଜଣାଯାଉଛି ସେ ଖୁବ୍ ବିଚଳିତ ହୋଇଯାଇଛନ୍ତି । କିନ୍ତୁ ତୁମେ ତ ଜାଣ ସେ ମୋଟେ ଭାବପ୍ରବଣ ନୁହନ୍ତି । ହଁ, ମୁଁ ଜାଣିଛି, କିଛି ନା କିଛି ହିଂସାକାଣ୍ଡ ଘଟିଛି ଆଉ ଶରୀରଟା ଆମ ପରୀକ୍ଷା ପାଇଁ ରଖାଯାଇଛି । ସାମାନ୍ୟ ଆତ୍ମହତ୍ୟା ହୋଇଥିଲେ ସେ ମୋତେ ଡକାଇ ନଥାନ୍ତେ । ଆଉ ଭଦ୍ରମହିଳାଙ୍କୁ ମୁକ୍ତ କରିବା କଥା ।

Digitized by srujanika@gmail.com

ଜଣାଯାଉଚ୍ଛି ଦୁର୍ଘଟଣା ଘଟିଲାବେଳେ ତାଙ୍କୁ ଘରଭିତରେ ବନ୍ଦ କରି ରଖାଯାଇ ଥିଲା । ଆମେ ଏକ ସମ୍ଭ୍ରାନ୍ତ ପରିବାରକୁ ଯାଉଛେ ଉଆଟ୍‌ସନ । ମୋର ଆଶା ବନ୍ଧୁ ହପ୍‌କିନସ୍‌ଙ୍କ ସୁନାମ ନିଶ୍ଚୟ ବଜାୟ ରହିବ । ଅପରାଧଟା କାଲି ରାତି ବାରଟା ପୂର୍ବରୁ ଘଟିଛି ।"

"ସେ କଥା ତୁମେ କହିପାରିବ କେମିତି ?"

"ସମସ୍ତ ହିସାବ କରି ଘଟଣାଟା ଘଟିଲା ପରେ ସ୍ଥାନୀୟ ପୋଲିସକୁ ଡକା ଯାଇଥିବ । ସେମାନେ ସ୍କଟ୍‌ଲାଣ୍ଡ ଇଆର୍ଡକୁ ଖବର ଦେଇଥିବେ । ହପ୍‌କିନ୍‌ସ୍‌ ଏଠିକି ଆସିଥିବେ ଆଉ ତାପରେ ଆମକୁ ଡକାଇଥିବେ । ଏ ସବୁ କାମ ପାଇଁ ପୂରା ରାତିଟାଏ ଲାଗିଥିବ । ଏଇତ ଆମେ ଚିଜ୍‌ଲ୍‌ହରଷ୍ଟ ଷ୍ଟେସନରେ ପହଞ୍ଚି ଗଲେ । ଆମର ସବୁ ସନ୍ଦେହ ଶୀଘ୍ର ଦୂର ହୋଇଯିବ ।"

ଗୋଟେ ଘୋଡ଼ାଗାଡ଼ିରେ ଅଣଓସାରିଆ ଗାଉଁଲି ରାସ୍ତାରେ ଦୁ'ମାଇଲ ଗଲାପରେ ଆମେ ଗୋଟେ ବଗିଚା ଗେଟ୍‌ ପାଖରେ ପହଞ୍ଚିଲୁ । ଜଣେ ବୁଢ଼ା ଚୌକିଦାର ଗେଟ୍‌ଟା ଖୋଲିଦେଲା । ତା ଶୁଖିଲା ମୁହଁରୁ ଜଣାଗଲା କିଛି ଗୋଟେ ବଡ଼ ବିପଦ ଘଟିଯାଇଛି । ସୁନ୍ଦର ବଗିଚା ଭିତରେ ଚଉଡ଼ା ରାସ୍ତା । ରାସ୍ତା ଦୁ' ପାଖରେ ପୁରୁଣା ଏଲ୍‌ମ ଗଛ ଧାଡ଼ି । ଶେଷରେ ଅଳ୍ପ ଉଚ୍ଚ ପ୍ରଶସ୍ତ ଘର । ଘର ସାମନାରେ ପୁରୁଣାକାଳିଆ ଖମ୍ବ । ଘରଟା ବି ଖୁବ୍‌ ପୁରୁଣା । ଉପରେ ଆଇଭି ଲତା ମାଡ଼ିଛି । କିନ୍ତୁ ବଡ଼ ବଡ଼ ଝରକାରୁ ଜଣାଗଲା, ଘରଟାକୁ ଆଧୁନିକ କରିବାଲାଗି କିଛି ପରିବର୍ତ୍ତନ କରାଯାଇଛି । ଗୋଟେ କଡ଼ର କୋଠରିଗୁଡ଼ା ପୁରାପୁରି ନୂଆ ଜଣାଗଲା । ଖୋଲା ଦରଜା ପାଖରେ ଯୁବକ ଆଉ କର୍ତ୍ତବ୍ୟନିଷ୍ଠ ଡିଟେକଟିଭ୍‌ ଷ୍ଟାନ୍‌ଲି ହପ୍‌କିନ୍‌ସଙ୍କ ସାଥିରେ ଭେଟହେଲା । ସେ କହିଲେ, "ଆପଣ ଆଉ ଡାକ୍ତର ଉଆଟ୍‌ସନ୍‌ ଆସିଥିବାରୁ ମୁଁ ଖୁବ୍‌ ଆନନ୍ଦିତ ମିଷ୍ଟର ହୋମ୍‌ସ । କିନ୍ତୁ ମୋତେ ସମସ୍ତ ମିଳିଥିଲେ ଆପଣମାନଙ୍କୁ ହଇରାଣ କରି ନଥାନ୍ତି । କାରଣ ଭଦ୍ରମହିଳା ସୁସ୍ଥହେବାପରେ ଘଟଣାଟାର ପରିଷ୍କାର ବିବରଣୀ ଦେଇଛନ୍ତି । ତେଣୁ ଆମେ ବିଶେଷ କିଛି କରିବାର ଆଉ ନାହିଁ । ଆପଣଙ୍କର ଲୁଇସାମ୍‌ର ଡକାୟତ ଦଳ କଥା ମନେଥିବ ?"

"ସେଇ ରାନ୍‌ଡାଲ୍‌ସ ତିନିଜଣ ତ ?"

Digitized by srujanika@gmail.com

"ହଁ, ବିଲ୍‌କୁଲ୍ ଠିକ୍ । ବାପ ଆଉ ଦୁ' ପୁଅ । ଏ କାମ ତାଙ୍କର । ସେଥିରେ ମୋର ଟିକିଏ ବି ସନ୍ଦେହ ନାହିଁ । ଏଇ ପନ୍ଦର ଦିନ ତଳେ ସେମାନେ ସିଡେନ୍‌ହାମ୍‌ରେ ଗୋଟେ କାଣ୍ଡ କରିଛନ୍ତି । ଲୋକେ ତାଙ୍କୁ ଦେଖିଛନ୍ତି ଆଉ ତାଙ୍କର ବର୍ଣ୍ଣନା ବି ଦେଇଛନ୍ତି । ଏତେ ଚଞ୍ଚଳ ଏତେ ପାଖରେ ପୁଣି ଗୋଟେ କାଣ୍ଡ ଘଟାଇବାଟା କେହି ଆଶା କରିବ ନାହିଁ । କିନ୍ତୁ ଏଟା ତାଙ୍କ କାମ, ଏଥିରେ ମୋଟେ ସନ୍ଦେହ ନାହିଁ । ଏଥରର ଅପରାଧ ପାଇଁ ଫାଶୀ ହିଁ ଉପଯୁକ୍ତ ।"

"ତା' ହେଲେ ସାର୍ ଇଉଷ୍ଟେସ୍ ମୃତ ?"

"ହଁ, ତାଙ୍କ ନିଜ ପୋକର୍ ଛଡ଼ରେ ତାଙ୍କ ମୁଣ୍ଡ ଫଟାଇ ଦିଆଯାଇଛି ।

"ଘୋଡ଼ାଗାଡ଼ିବାଲା କହୁଥିଲା ସାର୍ ଇଉଷ୍ଟେସ୍ ବ୍ରାକେନ୍‌ଷ୍ଟଲ୍ ।"

"ହଁ, କେଣ୍ଟ୍‌ର ବଡ଼ ବଡ଼ ଧନୀ ଲୋକଙ୍କ ଭିତରୁ ଜଣେ । ଲେଡ଼ିବ୍ରାକେନ୍‌ଷ୍ଟଲ୍ ତାଙ୍କ ବୈଠକଖାନାରେ ଅଛନ୍ତି । ବିଚାରୀ ବଡ଼ ଭୟଭୀତ ହୋଇ ଯାଇଛନ୍ତି । ମୁଁ ଯେତେବେଳେ ପ୍ରଥମେ ତାଙ୍କୁ ଦେଖିଲି ତାଙ୍କର ଜୀବନ ନଥିଲା ପରି ଜଣାଗଲା । ମୁଁ ଭାବୁଛି ଆପଣ ନିଜେ ତାଙ୍କୁ ଭେଟି ତାଙ୍କଠୁ ଘଟଣାଟାର ବିବରଣୀ ଶୁଣିଲେ ଭଲ ହେବ । ତାପରେ ଆମେ ସାଥିହୋଇ ଖାଇବାଘରଟା ପରୀକ୍ଷା କରି ଦେଖିବା ।"

ଲେଡ଼ି ବ୍ରାକେନ୍‌ଷ୍ଟଲ୍ ସେମିତି ସାଧାରଣ ଲୋକ ନୁହନ୍ତି । ଏପରି ବ୍ୟକ୍ତିତ୍ୱ ଥିବା ସୁନ୍ଦରୀ ମୁଁ କେଉଁଠି ଦେଖିନାହିଁ । ମୁଣ୍ଡରବାଳ କୁଞ୍ଚୁକୁଞ୍ଚିଆ ଆଉ ସୁନା ରଙ୍ଗର, ଆଖି ଦୁ'ଟା ନୀଳ ଆଉ ଦେହର ରଙ୍ଗ ଅତି ସୁନ୍ଦର । କେବଳ ନିକଟରେ ଘଟି ଯାଇଥିବା ଘଟଣାରେ ସେ ନିସ୍ତେଜ ଆଉ ମଳିନ ହୋଇ ଯାଇଥାନ୍ତି । ସେ ଯେ କେବଳ ମାନସିକ ଆଘାତ ପାଇଥିଲେ ତା ନୁହେଁ ଶାରୀରିକ ଆଘାତ ମଧ୍ୟ । କାରଣ ତାଙ୍କର ଗୋଟେ ଆଖିର ଉପର ଜାଗା କଦର୍ଯ୍ୟ ଭାବରେ ଫୁଲି କଳା ପଡ଼ିଯାଇଥିଲା । ଜଣେ ଡେଙ୍ଗା ଗମ୍ଭୀର ପ୍ରକୃତିର ଗୃହକର୍ତ୍ତ୍ରୀ ଭିନେଗାର୍ ଆଉ ପାଣିରେ ସେ ଜାଗାଟାକୁ ଖୁବ୍ ଯତ୍ନରେ ଧୋଉଥିଲା । ଭଦ୍ରମହିଳା କ୍ଳାନ୍ତହୋଇ ଗୋଟେ ପଲଙ୍କ ଉପରେ ପଡ଼ିଯାଇଥିଲେ । ଆମେ ଘର ଭିତରକୁ ପଶିଗଲା ମାତ୍ରେ ସେ ଶୀଘ୍ର ଆମ ଆଡ଼େ ଚାହିଁଦେଲେ ।

Digitized by srujanika@gmail.com

ତାଙ୍କ ଆଖି ଆଉ ମୁହଁରୁ ଜଣାଗଲା ଏ ଭୟଙ୍କର ଦୁର୍ଘଟଣା ସତ୍ତ୍ୱେ ବି ସେ ବୁଦ୍ଧି ବା ସାହସ ହରାଇ ନାହାନ୍ତି । ସେ ନୀଳ ଆଉ ଧଳା ରଙ୍ଗର ଗୋଟେ ଢିଲା ଜାମା ପିନ୍ଧିଥିଲେ; କିନ୍ତୁ ତାଙ୍କ ପାଖରେ ପଲଙ୍କଉପରେ ଗୋଟେ କଳାରଙ୍ଗର ଖାଇବାପୋଷାକ ଥୁଆହୋଇଥିଲା ।

ବଡ଼ ଅବସନ୍ନଭାବରେ ସେ କହିଲେ, "ଯାହା ଘଟିଥିଲା ମୁଁ ଆପଣଙ୍କୁ କହିଛି ମିଷ୍ଟର୍ ହପ୍‌କିନ୍‌ସ୍ । ଆପଣ ମୋ ତରଫରୁ ସେ କଥା କହିଦେଲେ ନାହିଁ ? ଆଚ୍ଛା, ଆପଣ ଯଦି ଦର୍କାର କରନ୍ତି, ଯାହା ଯାହା ଘଟିଛି ମୁଁ ଏ ଭଦ୍ରଲୋକମାନଙ୍କ ଆଗରେ କହିବି । ସେମାନେ ଖାଇବା ଘରକୁ ଯାଇ ଥିଲେ ?"

"ମୁଁ ଭାବିଲି ସେମାନେ ପ୍ରଥମେ ଆପଣଙ୍କ ସାଥିରେ କଥାବାର୍ତ୍ତା କରିବା ଭଲ ହେବ ।"

"ଆପଣ ଶୀଘ୍ର ସବୁକାମ ଶେଷକଲେ ମୁଁ ଖୁସି ହେବି । ସେ ସେଠି ଯେମିତି ପଡ଼ିଛନ୍ତି ଭାବିଲାବେଳକୁ ମୋତେ ଭୟଲାଗୁଛି ।" ଲଇଁପଡ଼ି ସେ ହାତପାପୁଲିରେ ମୁହଁରଖି କିଛିସମୟ ବସିଗଲେ । ଏତିକବେଳେ ତାଙ୍କ ଢିଲାଜାମାଟା ବାହୁର ଆଗପାଖରୁ ଖସିଗଲା । ହୋମ୍‌ସ ଚିତ୍କାର କରିଉଠିଲେ ।

"ଆପଣଙ୍କ ଦେହରେ ଅନ୍ୟ କ୍ଷତ ବି ହୋଇଛି । ସେଗୁଡ଼ା କ'ଣ ?" ଦେଖିଲୁ ତାଙ୍କର ଗୋରା ବର୍ତ୍ତୁଳ ମାଂସପେଶୀ ଉପରେ ଦୁଇଟା ପରିଷ୍କାର ଲାଲଚିହ୍ନ । ସେ ତରତରରେ ତାକୁ ଘୋଡ଼ାଇ ପକାଇଲେ । କହିଲେ, "ସେ କିଛି ନୁହେଁ । ଗଲାରାତିର ଘଟଣା ସହିତ ତାର କିଛି ସମ୍ପର୍କ ନାହିଁ । ଆପଣ ଆଉ ଆପଣଙ୍କ ବନ୍ଧୁ ବସିଲେ ମୁଁ ସବୁକଥା ଆପଣଙ୍କୁ କହିବି ।"

"ମୁଁ ସାର୍ ଇଉଷ୍ଟେସ୍‌ଙ୍କ ପତ୍ନୀ । ପ୍ରାୟ ବର୍ଷେହେଲା ଆମର ବିବାହ ହୋଇଛି । ମୋର କୌଣସି କଥା ଲୁଚାଇବାକୁ ଚେଷ୍ଟାକରିବା ଭଲ ହେବ ନାହିଁ ବୋଲି ଭାବୁଛି । ଆମର ଏ ବିବାହ ସୁଖମୟ ନଥିଲା । ମୁଁ ଏ କଥା ନ ମାନିଲେ ବି ଆମ ପାଇପଡ଼ିଶାଏ ଆପଣଙ୍କୁ ଏକଥା କହିବେ । ଦୋଷଟା ବୋଧହୁଏ ଆଂଶିକଭାବରେ ମୋର । ମୁଁ ଦକ୍ଷିଣ ଅଷ୍ଟ୍ରେଲିଆରେ ବଢ଼ିଛି ।

Digitized by srujanika@gmail.com

ସେଠି ସମସ୍ତେ ବେଶି ମୁକ୍ତ ଆଉ କମ୍ ରକ୍ଷଣଶୀଳ । ସାମାଜିକ ପ୍ରଥା ଆଉ ମୌଳିକତା ପୂର୍ଣ୍ଣ ଏଇ ଇଂରେଜ ଜୀବନ ମୋର ରୁଚିକର ନୁହେଁ । କିନ୍ତୁ ଆମ ବିବାହିତ ଜୀବନର ଅଶାନ୍ତିର ପ୍ରଧାନକାରଣ ହେଲା, ସାର୍ ଇଉଷ୍ଟେସ୍ ଅତିମାତ୍ରାରେ ମଦୁଆ ଥିଲେ । ସେପରିଲୋକ ସାଥିରେ ଘଣ୍ଟାଟାଏ ବି ଶାନ୍ତିରେ ଚଳିବା ସୁସ୍କିଲ୍ । ଜଣେ ସ୍ୱାଧୀନଚେତା ଭାବପ୍ରବଣନାରୀ ତାଙ୍କ ପାଖରେ ବନ୍ଧାହୋଇ ରହିବା କେତେ କଷ୍ଟକର କଳ୍ପନା କରନ୍ତୁ । ଏପ୍ରକାର ବିବାହ ବନ୍ଧନକୁ ଧରି ବସିବା ଏକ ଅପରାଧ, ଅଧର୍ମ । ମୁଁ କହୁଛି, ଆପଣଙ୍କର ଏଇସବୁ ଆଇନ୍‌ର ପରିଣତି ଦିନେ ଭୟଙ୍କର ହେବ । ଏ ଦୁର୍ନୀତି ଭଗବାନ ସହିବେନାହିଁ ।" ସେ କିଛିକ୍ଷଣ ବସିରହିଲେ । ତାଙ୍କମୁହଁ ଲାଲ୍ ପଡ଼ିଯାଇଥାଏ ଆଉ ଆଖି ଦି'ଟା ଜଳୁଥାଏ । ଚାକରାଣୀ ଆସ୍ତେ ତାଙ୍କ ମୁଣ୍ଡଧରି ଆଉଁଜାଇ ଦେଲା । ତା'ପରେ ତାଙ୍କ ରାଗ କୁଆଡ଼େ ଚାଲିଗଲା । ସେ କାନ୍ଦି କାନ୍ଦି ହୋଇ କାନ୍ଦିଉଠିଲେ ।

ଟିକିଏପରେ ପୁଣି କହିଲେ, "ମୁଁ ଗଲା ରାତି କଥା ଆପଣଙ୍କୁ କହିବି । ଆପଣ ବୋଧହୁଏ ଜାଣନ୍ତି ଏଘରେ ଚାକରମାନେ ନୂଆତିଆରି ହୋଇଥିବା ସାହାଲରେ ଶୁଅନ୍ତି । ଏଇ ମଝିଘର ଗୁଡ଼ା ଚଳିଣିଘର । ରୋଷେଇଘରଟା ପଛପାଖରେ ଆଉ ଆମ ଶୋଇବାଘର ଉପରେ । ମୋ ଚାକରାଣୀ ଥେରେସା ମୋ ଘରର ଉପର ଘରଟାରେ ଶୁଏ । ଏପାଖରେ ଆଉ କେହିନାହିଁ । ଏପାଖରେ କିଛି ଶବ୍ଦହେଲେ ସେପାଖରେଥିବା ଲୋକେ ଜାଣିପାରିବେ ନାହିଁ । ଏକଥା ଡକାୟତମାନେ ନିଶ୍ଚୟ ଜାଣିଥିବେ । ନହେଲେ ସେମାନେ ଏମିତି କାମ କରିନଥାନ୍ତେ ।

"ସାର୍ ଇଉଷ୍ଟେସ୍ ପ୍ରାୟ ସାଢ଼େ ଦଶଟା ବେଳକୁ ଶୋଇବାକୁ ଗଲେ । ଚାକରମାନେ ଆଗରୁ ତାଙ୍କ ରୁମକୁ ଯାଇସାରିଥିଲେ । କେବଳ ମୋ ଚାକରାଣୀ ଶୋଇନଥିଲା । ସେ ଉପରେ ତା ରୁମ୍‌ରେ ଥିଲା । ମୁଁ ଏଗାରଟାପରେ ବି ଏଇଘରେ ବସି ଗୋଟେ ବହି ପଢୁଥିଲି । ତା'ପରେ ଉପରକୁ ଯିବାଆଗରୁ ମୁଁ ଥରେ ଚାରିଆଡ଼େ ବୁଲି, ସବୁଠିକ୍ ଅଛି କି ନା ଦେଖିବାକୁ ବାହାରିଲି । ସବୁଦିନେ ମୁଁ ନିଜେ ଏ କାମକରେ । କାରଣ ମୁଁ କହିଛି, ସାର୍ ଇଉଷ୍ଟେସ୍‌ଙ୍କ

Digitized by srujanika@gmail.com

ଉପରେ ସବୁବେଳେ ଭରସା ନଥାଏ । ମୁଁ ଷ୍ଟୋଷେଇଘର, ବୈଠକଖାନା, ବିଲିୟାର୍ଡ ରୁମ୍ ଆଦି ବୁଲିଆସିଲି । ଶେଷରେ ଖାଇବା ଘରକୁ ଗଲି । ସେ ଘର ଝରକାରେ ମୋଟା ପରଦା ଦିଆଯାଇଛି । ମୁଁ ସେ ଝରକା ପାଖେ ପହଞ୍ଚିଲି ମାତ୍ରେ ମୋ ମୁହଁରେ ପବନ ବାଜିଲା । ଜାଣିଲି ଝରକାଟା ଖୋଲାଅଛି । ପରଦାଟା ଆଡ଼େଇଦେଲା ମାତ୍ରେ ଜଣେ ବଳିଷ୍ଠ ବୟସ୍କ ଲୋକର ସାମନାସାମନି ହୋଇଗଲି । ଲୋକଟା ସେଇଲେ ଘରଭିତରେ ପଶିଥିଲା । ଝରକାଟା ଖୁବ୍ ବଡ଼ । ଆଉ ଦରଜାର କାମକରୁଥିଲା । ସେବାଟେ ବାହାରପଡ଼ିଆକୁ ବାଟ । ମୁଁ ହାତରେ ମହମବତୀଟା ଜଳାଇଧରିଥିଲି । ସେଇ ଆଲୁଅରେ ଦେଖିଲି ଲୋକଟା ପଛରେ ଆଉ ଦୁ'ଜଣ ଲୋକ । ସେମାନେ ଭିତରେ ପଶିବାକୁ ବସିଥିଲେ । ମୁଁ ପଛକୁ ହଟିଆସିଲି । କିନ୍ତୁ ମୁହୂର୍ତ୍ତିକ ଭିତରେ ଲୋକଟା ମୋଆଡ଼କୁ ମାଡ଼ିଆସିଲା । ସେ ପ୍ରଥମେ ମୋହାତଟା ଆଉ ତା'ପରେ ବେକ-ଟାକୁ ଧରିପକାଇଲା । ମୁଁ ଚିତ୍କାରକରିବାପାଇଁ ପାଟିଫିଟାଇଲିମାତ୍ରେ ସେ ମୋ ଆଖିଉପରକୁ ଖୁବ୍ ଜୋର୍‌ରେ ଗୋଟେ ବିଧା ମାରିଦେଲା । ମୁଁ ତଳେ ପଡ଼ିଗଲି । କିଛି ସମୟପାଇଁ ମୁଁ ନିଶ୍ଚୟ ଅଚେତା ହୋଇଯାଇଥିବି । କାରଣ ମୋ ଚେତାଆସିଲାରୁ ଦେଖିଲି ସେମାନେ କଲିଂବେଲ୍‌ର ଦଉଡ଼ିଟା କାଟି ଦେଇଛନ୍ତି ଆଉ ଟେବୁଲ୍‌ପାଖରେ ଥିବା ମୋଟା ଓକ୍‌କାଠର ଚଉକିଟାରେ ମୋତେ ଜୋର୍‌ରେବାନ୍ଧିଦେଇଛନ୍ତି । ମୁଁ ଏତେଜୋର୍‌ରେ ବନ୍ଧାହୋଇଥିଲି ଯେ, ଟିକିଏ ହଲ୍‌ଚଲ୍ ହୋଇପାରିଲିନାହିଁ । ସେମାନେ ମୋମୁହଁରେ ଗୋଟେ ରୁମାଲ୍ ବାନ୍ଧିଦେଇଥିଲେ । ତେଣୁ ମୁଁ କୌଣସି ପ୍ରକାର ପାଟିକରିପାରିଲିନାହିଁ । ଠିକ୍ ଏତିକିବେଳେ ମୋ ସ୍ୱାମୀ ହତଭାଗା ଘରଭିତରକୁ ପଶିଆସିଲେ । ସେ ନିଶ୍ଚୟ କିଛି ଶବ୍ଦ ଶୁଣିପାରିଥିଲେ ଆଉ ତାଙ୍କ ମନରେ ସନ୍ଦେହ ହୋଇଥିଲା । କାରଣ ସେ ପୂର୍ବାପର ପ୍ରସ୍ତୁତ ହୋଇଆସିଥିଲେ । ସେ ମାତ୍ର ଖଣ୍ଡେ ସାର୍ଟ ଆଉ ଟ୍ରାଉଜର୍ ପିନ୍ଧିଥିଲେ । ତାଙ୍କହାତରେ ତାଙ୍କର କଣ୍ଟାଥିବା ଲୁହାମୁଦ୍‌ଗରଟାଥିଲା । ସେ ଜଣେ ଡକାୟତ ଆଡ଼କୁ ଧାଇଁଆସିଲେ; କିନ୍ତୁ ଆଉଜଣେ, ସେଇ ବୟସ୍କ ଲୋକ, ଲଇଁପଡ଼ି ଚୁଲିରୁ ପୋକର୍‌ଟା ଉଠାଇନେଇ ତାଙ୍କୁ ଖୁବ୍‌ଜୋର୍‌ରେ ପିଟିଦେଲା । ସେ ଉଁ କି ଚୁଁ କିଛି ଶବ୍ଦ ନକରି ତଳେପଡ଼ିଗଲେ, ଆଉ ହଲ୍‌ଚଲ୍

Digitized by srujanika@gmail.com

ହେଲେ ନାହିଁ । ମୁଁ ପୁଣି ଅଚେତ ହୋଇଗଲି; କିନ୍ତୁ ଖୁବ୍‌ ଅଳ୍ପ ସମୟପାଇଁ ଆଖି ଖୋଲିଲାବେଳକୁ ସେମାନେ ପାଖ ଆଲମିରାରୁ ରୁପା ଜିନିଷ ଗୁଡ଼ା ନେଇ ଆସିଲେଣି । ତା'ଛଡ଼ା ସେଠି ଥିବା ଗୋଟେ ମଦ ବୋତଲ ମଧ୍ୟ ନେଇ ଆସି-ଥିଲେ । ପ୍ରତ୍ୟେକଙ୍କ ହାତରେ ଗୋଟେ ଗୋଟେ ଗ୍ଲାସ । ମୁଁ ତ ଆଗରୁ କହିଛି, ତାଙ୍କ ଭିତରୁ ଜଣେ ବୟସ୍କ । ତା ମୁହଁରେ ଦାଢ଼ି । ଅନ୍ୟ ଦୁ'ଜଣ ଯୁବକ, ଦାଢ଼ି ଉଠି ନାହିଁ । ଯେତେଦୂରଆଶା ବାପ ଆଉ ଦୁ'ପୁଅ ହେବେ । ସେମାନେ ଗୁନଗୁନ କଥାବାର୍ତ୍ତା ହେଲେ । ତାପରେ ମୁଁ ଜୋରରେ ବନ୍ଧା ହୋଇଛି କି ନାହିଁ ଦେଖିନେଲେ । ଶେଷରେ ଝରକାଟା କିଲଦେଇ ସେମାନେ ଚାଲିଗଲେ । ପନ୍ଦରମିନିଟ୍‌ପରେ ମୋମୁହଁରୁ ରୁମାଲ୍‌ଟା ଖସିଲା । ମୋ ଚିତ୍କାର ଶୁଣି ଚାକ-ରାଣୀ ମୋପାଖକୁ ଧାଇଁଆସିଲା । ଅନ୍ୟ ଚାକରମାନେ ମଧ୍ୟ ପାଟିଶୁଣି ଧାଇଁ ଆସିଲେ । ଆମେ ସ୍ଥାନୀୟପୋଲିସକୁ ଡକାଇଲୁ । ସେ ସାଙ୍ଗେସାଙ୍ଗେ ଲଣ୍ଡନକୁ ଏ ଖବର ଜଣାଇଦେଲେ । ମୁଁ ଆପଣମାନଙ୍କୁ ଯାହା କହିବାର କହିଲି । ମୋର ଆଶା ଏଇ ମର୍ମନ୍ତୁଦ ଘଟଣା ମୋତେ ପୁନରାବୃତ୍ତି କରିବାକୁ ପଡ଼ିବନାହିଁ ।"

"ଆପଣ କିଛି ପଚାରିବେ ମିଷ୍ଟର ହୋମସ୍‌ ?" ହପ୍‌କିନସ୍‌ ପଚାରିଲେ ।

ହୋମ୍‌ସ ଉତ୍ତର ଦେଲେ, " ମୁଁ ଲେଡ଼ି ବ୍ରାକେନ୍‌ ଷ୍ଟଲ୍‌ଙ୍କ ସମୟ ଆଉ ଧୈର୍ଯ୍ୟ ଉପରେ ଆଉ ଚାପ ପକାଇବାକୁ ଚାହୁଁ ନାହିଁ । ଖାଇବାଘରକୁ ଯିବା ଆଗରୁ ତୁମ ଅନୁଭୂତ ଶୁଣିବାକୁ ଚାହେଁ ।" ସେ ଚାକରାଣୀ ଆଡ଼େ ଚାହିଁଲେ ।

ଚାକରାଣୀ କହିଲା, "ସେ ଲୋକଗୁଡ଼ା ଘର ଭିତରକୁ ଆସିବା ଆଗରୁ ମୁଁ ତାଙ୍କୁ ଦେଖିଥିଲି । ସେତେବେଳକୁ ମୁଁ ମୋ ଶୋଇବା ଘର ଝରକା ପାଖରେ ବସିଥାଏ । ଜହ୍ନ ଆଲୁଅରେ ଦେଖିଲି ତିନିଜଣ ଲୋକ ଗେଟ୍‌ବାଟେ ଆସିଲେ । ସେତେବେଳେ ସେ ବିଷୟରେ ମୁଁ କିଛି ଭାବି ନଥିଲି । ତାର ପ୍ରାୟ ଘଣ୍ଟାଏ ପରେ ମୋ ମାଲିକାଣୀଙ୍କ ଚିତ୍କାର ଶୁଣି ତଳକୁ ଦୌଡ଼ିଆସିଲି । ସେ ଯାହା ବର୍ଣ୍ଣନା କଲେ ତାଙ୍କୁ ସେଇ ଅବସ୍ଥାରେ ଦେଖିଲି । ଆଉ ମାଲିକ ତଳେ ପଡ଼ିଥିଲେ । ଘର ସାରା ତା ରକ୍ତ । ଏ ଦୃଶ୍ୟରେ ସେଠି ବନ୍ଧା ହୋଇଥିବା ଜଣେ ସ୍ତ୍ରୀଲୋକ ନିଶ୍ଚୟ ହତଜ୍ଞାନ ହୋଇଯିବ । କିନ୍ତୁ ସେ, ଆଡିଲେଡ୍‌ର ମେରି ଫ୍ରେସର, ସାହସ ହରାଇ ନଥିଲେ । ଆପଣମାନେ ତାଙ୍କୁ

Digitized by srujanika@gmail.com

ଡେର୍‌ ପଡ଼ୁଥିଲେଣି । ଏଥର ତାଙ୍କର ବିଶ୍ରାମ ନିହାତ ଦରକାର । ତେଣୁ ସେ ମୋ ସାଥିରେ ତାଙ୍କ ରୁମ୍‌କୁ ଯିବେ ।”

ମାଆର ବାତ୍ସଲ୍ୟ ଭଙ୍ଗୀରେ ସେ ତା ମାଲିକାଣୀଙ୍କୁ ଧରି ସେ ଘର ଭିତରୁ ନେଇ ଚାଲିଗଲା । ହପ୍‌କିନସ୍‌ କହିଲେ, “ଏଇ ଚାକରାଣୀ ବରାବର ତାଙ୍କ ପାଖେ ଅଛି । ପିଲାଦିନେ ସେ ତାଙ୍କୁ ଲାଳନ ପାଳନ କରିଛି । ଅଠର ମାସ ତଳେ ସେ ଯେତେବେଳେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଛାଡ଼ିଲେ ସେ ତାଙ୍କ ସାଥିରେ ଇଂଲଣ୍ଡ ଆସିଲା । ତା ନାଁ ଥେରେସା ରାଇଟ୍‌ । ଏପରି ଚାକରାଣୀ ଆପଣ ବର୍ତ୍ତମାନ ପାଇବେ ନାହିଁ । ଏଇବାଟେ ଆସନ୍ତୁ ମିଷ୍ଟର୍‌ ହୋମ୍‌ସ ।”

ହୋମ୍‌ସଙ୍କ ମୁହଁରୁ ଆଗ୍ରହର ଚିହ୍ନ ଦୂର ହୋଇଯାଇଥିଲା । ମୁଁ ଜାଣିଲି ଏ କେଶ୍‌ର ରହସ୍ୟ ସାଥିରେ ସବୁ ପ୍ରକାର ମାଦକତା ଚାଲିଯାଇଛି । କେବଳ ଅପରାଧୀଙ୍କୁ ଆରେଷ୍ଟ୍‌ କରିବାଟା ବାକି । କିନ୍ତୁ ମାଛି ମାରି ସେ ଧାଙ୍କ ହାତ ଗନ୍ଧ କରିବେ କାହିଁକି ? ଜଣେ ଅସାଧାରଣ ବିଶେଷଜ୍ଞଙ୍କୁ ଏପରିଗୋଟେ ବାଜେ କେଶ୍‌ରେ ଡାକିଲେ ସେ ଯେମିତି ବିରକ୍ତ ହେବ, ମୋ ବନ୍ଧୁଙ୍କ ଆଖିରେ ସେ ଚିହ୍ନ ଦେଖିପାରିଲି । କିନ୍ତୁ ଏବି ଗ୍ରେନ୍‌ଜ୍‌ର ଖାଇବା ଘରର ଦୃଶ୍ୟ ଯଥେଷ୍ଟ ଆଶ୍ଚର୍ଯ୍ୟଜନକ । ସେଥିରେ ତାଙ୍କର ମନ ଲାଗିଗଲା ଆଉ ଆଗ୍ରହ ପୁଣି ଫେରିଆସିଲା ।

ଘରଟା ବେଶ୍‌ ବଡ଼ ଆଉ ଉଚ୍ଚା । ଓକ୍‌ କାଠର ସିଲିଂ ଓ କବାଟ । ଚାରିପାଖ କାନ୍ଥରେ ହରିଣ ମୁଣ୍ଡ ଆଉ ପୁରୁଣା କାଳିଆ ଅସ୍ତ୍ର ଶସ୍ତ୍ର ସବୁ ସଜାଯାଇଛି । ଦରଜାର ଠିକ୍‌ ସେ ପାଖରେ ସେଇ ବଡ଼ ଝରକାଟା । ଡାହାଣ ପାଖରେ ତିନଟା ଛୋଟ ଛୋଟ ଝରକା । ସେବାଟେ ଶୀତଦିନ ସୂର୍ଯ୍ୟର କିରଣ ଘର ଭିତରେ ପଡ଼ୁଥାଏ । ବାଁ ପାଖରେ ଗୋଟେ ବଡ଼ ଗମ୍ଭୀରିଆ ନିଆଁ ଉହ୍ନେଇ । ତା ପାଖରେ ଗୋଟେ ମୋଟା ଓକ୍‌ କାଠର ହାତ ଥିବା ଚଉକି । ଭଦ୍ରମହିଳାଙ୍କୁ ମୁକ୍ତ କଲାବେଳେ ଦଉଡ଼ିଟା କେବଳ ଖସାଇ ଦିଆଯାଇଛି । ଗଣ୍ଠି ଗୁଡ଼ା ସେମିତି ଅଛି । ଏଇ ଟିକିନିଖି କଥା ଅବଶ୍ୟ ପଛରେ ଆମର ଖିଆଲ ହେଲା । କାରଣ ସେତେବେଳେ ଆମର ଧ୍ୟାନ ଥାଏ ନିଆଁ ପାଖରେ ବାଘଛାଲର ଗାଲିଚା ଉପରେ ଲମ୍ବହୋଇ ପଡ଼ି ଥିବା ପଦାର୍ଥ ଉପରେ ।

Digitized by srujanika@gmail.com

ତାହେଲ ଜଣେ ଚାଳିଶ ବର୍ଷର ଡେଙ୍ଗା ଆଉ ସୁଗଠଣ ଲୋକର ଶରୀର । ସେ ଚିତ୍ ହୋଇ ପଡ଼ିଥାନ୍ତି । ମୁହଁଟା ଉପରକୁ । ଛୋଟ କଳା ଦାଢ଼ି ଭିତରୁ ଧଳା ଧଳା ଦାନ୍ତଗୁଡ଼ାକ ଦେଖାଯାଉଥାଏ । ହାତ ଦୁ'ଟା ମୁଠାହୋଇ ମୁଣ୍ଡ ଉପରକୁ ଉଠିଯାଇଥାଏ ଆଉ ହାତ ଉପରେ କଣ୍ଟାଳିଆ କଳା ମୁଦ୍‌ଗରଟା ପଡ଼ିଥାଏ । ତାଙ୍କ ସୁନ୍ଦର ମୁହଁ ପ୍ରତିହିଂସା ମିଶା ଘୃଣାରେ ସଙ୍କୁଚିତ ହୋଇ ଯାଇଥାଏ । ତାଙ୍କର ମଳ ମୁହଁଟା ଭୟଙ୍କର ପିଶାଚ ପରି ଦିଶୁଥାଏ । ସେ ଗୋଟିଏ ଗାଢ଼ ପିନ୍ଧା ସାର୍ଟ ପିନ୍ଧିଥିଲେ । ପାଦରେ ଜୋତା ନଥିଲା । ମୁଣ୍ଡଟା ଭୟଙ୍କର ଭାବେ କ୍ଷତ ବିକ୍ଷତ ହୋଇ ଯାଇଥିଲା । ତାଙ୍କ ପାଖରେ ଓଜନିଆ ପୋକର୍‌ଟା ପଡ଼ିଥିଲା । ସେଟା ବାଙ୍କିଯାଇଥିଲା । ହୋମ୍‌ସ ସେଟାକୁ ଆଉ ମୃତ ଲୋକଙ୍କୁ ପରୀକ୍ଷା କରି ଦେଖିଲେ ।

ତାପରେ କହିଲେ, "ଏଇ ବସ୍ତୁଷ୍ଟୁ ରାଣ୍ଡାଲ୍ ନିଶ୍ଚୟ ଖୁବ୍ ଶକ୍ତିଶାଳୀ ଲୋକ ହୋଇଥିବ ।"

"ହଁ । ହପ୍‌କିନ୍‌ସ ଉତ୍ତର ଦେଲେ । "ଲୋକଟାର କେତେ ଗୁଡ଼େ ରେକର୍ଡ଼ ମୋ ପାଖରେ ଅଛି । ସେ ବଡ଼ ଦୁର୍ଦ୍ଦାନ୍ତ ।"

"ତାକୁ ଧରିବାରେ ତୁମର କିଛି ଅସୁବିଧା ହେବ ନାହିଁ ବୋଧହୁଏ ?"

"ମୋଟେ ନୁହେଁ । ଆମେ ତାକୁ ଖୋଜିବା ଆରମ୍ଭ କରିଦେଇଛୁ । ଲୋକଟା ଆମେରିକା ପଳାଇଯାଇଛି ବୋଲି ଆମର ଧାରଣା ଥିଲା । ଏବେ ଆମେ ଜାଣିଲୁ ଦଳଟା ଏଠି ରହିଛି । ଆଉ ସେମାନେ ଖସିଯିବେ କୁଆଡ଼େ ? ଆମେ ପ୍ରତ୍ୟେକ ବନ୍ଦରକୁ ଖବର ପଠାଇ ସାରିଲୁଣି । ତା'ଛଡ଼ା ସେମାନଙ୍କୁ ଧରିଦେବା ପାଇଁ ପୁରସ୍କାର ଆଜି ସଂଧ୍ୟାରେ ଘୋଷଣା କରାଯିବ । କିନ୍ତୁ ଗୋଟିଏ କଥା ମୁଁ ବୁଝିପାରୁନାହିଁ । ସେମାନେ ଏମିତି ପାଗଳ ପରି କାମକଲେ କେମିତି । ସେ ଜାଣନ୍ତି, ଲେଡ଼ି ବ୍ରାକେନ୍‌ଷ୍ଟାଲ୍ ତାଙ୍କ ରୂପର ବର୍ଣ୍ଣନା କରି ଦେବେ ଆଉ ଆମେ ତାଙ୍କୁ ଚିହ୍ନି ବାହାରକରିବାରେ ଅସୁବିଧା ହେବନାହିଁ ।"

"ଠିକ୍ କଥା । ଯେ କେହି ଆଶା କରିବ ଯେ ସେମାନେ ଲେଡ଼ି ବ୍ରାକେନ୍‌ଷ୍ଟାଲ୍‌ଙ୍କୁ ମଧ୍ୟ ଚୁପ୍ କରି ଦେଇଥାନ୍ତେ ।"

Digitized by srujanika@gmail.com

"ମୁଁ କହିଲି, "ଲେଡ଼ି ବ୍ରାକେନ୍‌ଷ୍ଟଲ୍‌ଙ୍କର ଚେତା ଫେରିଆସିଲାଣି ବୋଲି ସେମାନେ ହୁଏତ ଜାଣିପାରିନଥିବେ ।"

"ସେଟା ସମ୍ଭବ । ସେ ଅଜ୍ଞାନ ପରି ଜଣାଯାଉଥିଲେ ସେମାନେ ତାଙ୍କୁ ମାରିଦେବା ଦର୍କାର ହୋଇନଥିବ । ଆଚ୍ଛା, ଏଇ ବିଚାରି ଇଉଷ୍ଟେସ୍‌ଙ୍କ କଥା କ'ଣ ହପ୍‌କିନ୍‌ସ ? ମୁଁ ତାଙ୍କ ବିଷୟରେ କେତେ ଅଜବ୍ କଥା ଶୁଣିଲି ।"

"ସେ ସାଧାରଣ ଅବସ୍ଥାରେ ଥିଲାବେଳେ ଭଲ ଲୋକ । କିନ୍ତୁ ମଦପିଇ ମାତାଲ ହେଲେ ପୂରାପିଶାଚ ବରଂ ଅଧାମାତାଲ ହେଲାବେଳେ ବେଶୀ-ଭୟଙ୍କର । କିନ୍ତୁ ସେ କେବେ ପୂରାମାତାଲହେବା ଜଣାନାହିଁ । ସେତେବେଳେ ସଇତାନ୍ ତାଙ୍କ ଭିତରେ ପଶିଥିଲା ପରି ଜଣାଯାଏ ଆଉ ସେତେବେଳେ ସେ ସବୁକିଛି କରିପାରନ୍ତି । ମୁଁ ଯାହା ଶୁଣିଲି, ତାଙ୍କର ଏତେ ଧନସମ୍ପତ୍ତି ପଦ-ମର୍ଯ୍ୟାଦାଥିବା ସତ୍ତ୍ୱେ ବି ସେ ଥରେ ଦୁ' ଥର ଅପରାଧରେ ଜଡ଼ିତ ହୋଇଛନ୍ତି । ଥରେ ଅପବାଦହେଲା ଯେ, ସେ ଗୋଟେ କୁକୁରଉପରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ । ଆହୁରି କଦର୍ଯ୍ୟକଥା, କୁକୁରଟା ଲେଡ଼ି ବ୍ରାକେନ୍-ଷ୍ଟଲ୍‌ଙ୍କର । କୌଣସି ପ୍ରକାରେ କଥାଟାକୁ ଚପେଇ ଦିଆଗଲା । ଆଉଥରେ ସେ ଚାକରାଣୀ ଥେରେସା ରାଇଟ୍‌ଉପରକୁ ମଦପାତ୍ରଟା ଫିଙ୍ଗିଦେଲେ । ସେ ବାବଦରେ କିଛି ଗୋଳମାଳ ହୋଇଥିଲା । ମୋଟଉପରେ ସେ ନଥିଲେ ବରଂ ଏ ଘରେ ସୁଖଶାନ୍ତି ଦେଖାଯିବ । ଏବେ ଆପଣ ଆଉ କ'ଣ ଦେଖୁଛନ୍ତି ?"

ହୋମ୍‌ସ ଆଣ୍ଠେଇପଡ଼ି ଯେଉଁ ନାଲିଦଉଡ଼ିଟାରେ ଲେଡ଼ି ବ୍ରାକେନ୍ ଷ୍ଟଲ୍‌ଙ୍କୁ ବନ୍ଧା ଯାଇଥିଲା ତାର ଗଣ୍ଠିଗୁଡ଼ାକ ଖୁବ୍ ମନଦେଇ ପରୀକ୍ଷା କରୁଥାନ୍ତି । ତାପରେ ଡକାୟତମାନେ ଦଉଡ଼ିଟା ଜୋର୍‌ରେ ଟାଣିବାରେ ଯେଉଁ ଜାଗାରୁ ସେଟା ଛିଣ୍ଡିଯାଇଥିଲା ସେ ଜାଗାଟା ପରୀକ୍ଷାକରି ଦେଖିଲେ । ସେ କହିଲେ, "ଏଟା ଯେତେବେଳେ ଟଣାହେଲା ରୋଷେଇଘରର ଘଣ୍ଟିଟା ନିଶ୍ଚୟ ଖୁବ୍ ଜୋର୍‌ରେ ବାଜି ଉଠିଥିବ ।"

"ସେଟା କେହି ଶୁଣି ପାରିନାହାନ୍ତି । ରୋଷେଇ ଘରଟା ଘରର ପୂରା ପଛ ପାଖରେ ।"

Digitized by srujanika@gmail.com

"ଡକାୟତ କେମିତି ଜାଣିଲା ଯେ, ଘଣ୍ଟି ଶବ୍ଦଟା କେହି ଶୁଣି ପାରିବେ ନାହିଁ ? ସେ ଏମିତି ବେପରୁଆ ଭାବେ କାମକରିବାକୁ ସାହସ କଲା କେମିତି ?"

"ଠିକ କଥା ମିଷ୍ଟର ହୋମସ୍, ଠିକ୍ କଥା । ଏଇ ପ୍ରଶ୍ନ ମୁଁ ବି ନିଜକୁ ବାରମ୍ବାର ପଚାରୁଛି । ଲୋକଟା ଏ ଘରର ପ୍ରତ୍ୟେକ କଥା ନିଶ୍ଚୟ ଜାଣିଥିବ । ସେଥିରେ ସନ୍ଦେହ ନାହିଁ । ଚାକରମାନେ ଚଞ୍ଚଳ ଶୋଇବାକୁ ଯାଆନ୍ତି ଆଉ ରୋଷେଇଘର ଘଣ୍ଟିଟା ବାଜିଲେ କେହି ଶୁଣି ପାରିବେ ନାହିଁ, ଏକଥା ସେ ନିଶ୍ଚୟ ଭଲଭାବରେ ବୁଝିଥିବ । ତେଣୁ ଘରର କୌଣସି ଚାକର ସାଥିରେ ତାର ସନ୍ଧି ଥିବ । ଏଇଟା ପରିଷ୍କାର ଜଣାଯାଉଛି । କିନ୍ତୁ ଆଠଜଣ ଚାକର ଅଛନ୍ତି । ଆଉ ସମସ୍ତେ ଖୁବ୍ ଭଲ୍ ଲୋକ ।"

"ଯାହା ଉପରକୁ ମାଲିକ ମଦପାନ ଫିଙ୍ଗିଥିଲେ ତାର ଉପରେ ସନ୍ଦେହ ହେବା ସ୍ୱାଭାବିକ । କିନ୍ତୁ ସେ ତା ମାଲିକାଣୀଙ୍କ ପ୍ରତି ଏପରି ବିଶ୍ୱାସଘାତକତା କରିବା ସମ୍ଭବ ନୁହେଁ । ଯାହାହେଉ, ଏଟା ସେତେ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ୍ ନୁହେଁ । ତୁମେ ରାଣ୍ଡାଲ୍‌କୁ ଧରିଲା ପରେ ତାର ସହଯୋଗୀ କିଏ ଜାଣିବାର କିଛି ଅସୁବିଧା ରହିବ ନାହିଁ । ଆମେ ଯାହାସବୁ ଦେଖିଲେ ତା ଲେଡ଼ି ବ୍ରାକେନ୍‌ଷ୍ଟଲ୍‌ଙ୍କ କଥାକୁ ଦୃଢ଼ ସମର୍ଥନ କରୁଛି ।" ତାପରେ ହୋମ୍‌ସ୍ ଝରକାଟା ପାଖକୁ ଯାଇ କହିଲେ, "ଏଠି କିଛି ଚିହ୍ନ ନାହିଁ । ଭୂଇଁଟା ଲୁହାପରି ଟାଣ । ତେଣୁ ସେଠି କିଛି ଚିହ୍ନ ଆଶା କରିବା ବୃଥା । ଆଚ୍ଛା, ଧୂଆଁ ନଳ ଉପରେ ଏ କାଣ୍ଡେଲ୍‌ଗୁଡ଼ା ଜଳାହୋଇ ଥିବାର ଦେଖୁଛି ।"

"ହଁ, ସେ ବତିଗୁଡ଼ାକର ଆଲୁଅ ଆଉ ଲେଡ଼ି ବ୍ରାକେନ୍‌ଷ୍ଟଲ୍‌ଙ୍କ ଶୋଇବା ଘର ବତିରଆଲୁଅ ଡକାୟତଗୁଡ଼ାଙ୍କୁ ବାଟ ଦେଖିବାରେ ସାହାଯ୍ୟ କରିଛି ।"

"ସେମାନେ କ'ଣ ସବୁ ଜିନିଷ ନେଇଛନ୍ତି ?"

ବେଶି କିଛି ନେଇପାରି ନାହାନ୍ତି । କେବଳ କାନ୍ଥ ଆଲମିରାରୁ ଅଧ ଡଜନ ଖଣ୍ଡେ ପ୍ଲେଟ । ଲେଡ଼ି ବ୍ରାକେନ୍‌ଷ୍ଟଲ୍ ଭାବନ୍ତି ଯେ. ସେମାନେ ସାର୍ ଇଉଷ୍ଟେସ୍‌ଙ୍କ ମୃତ୍ୟୁରେ ଖୁବ୍ ଘାବରେଇ ଗଲେ । ତେଣୁ ବେଶି କିଛି ଜିନିଷ ଖୋଜି ନ ନେଇ ପଳାଇ ଯାଇଛନ୍ତି ।"

Digitized by srujanika@gmail.com

"ତା ନିଶ୍ଚୟ ସତ । କିନ୍ତୁ ସେମାନେ ମଦ ପିଇଛନ୍ତି ବୋଲି ଜାଣିଲି ।"

"ହଁ, ନିଜକୁ ଦୃଢ଼ କରିବା ପାଇଁ ।"

"ଠିକ୍ । ଏଇ କକ୍ଷରେ ଏଇ ଯେଉଁ ତିନିଟା ଗ୍ଲାସ୍ ସେଥିରେ କେହି ବୋଧହୁଏ ହାତ ମାରି ନାହାନ୍ତି ?

"ହଁ, ସେ ଗ୍ଲାସ୍ ଆଉ ବୋତଲ୍ ସେମାନେ ଯେମିତି ଛାଡ଼ିଯାଇଥିଲେ ଠିକ୍ ସେମିତି ଅଛି ।"

"ଚାଲ, ସେ ଗୁଡ଼ା ଦେଖିବା । ଆଚ୍ଛା, ଆଚ୍ଛା, ଇଏ କ'ଣ ?"

ଗ୍ଲାସ ତିନିଟାଯାକ ଏକାଠି ଥିଲା । ସବୁଥିରେ ମଦର ରଙ୍ଗ ଲାଗିଥିଲା । ଗୋଟେ ଗ୍ଲାସର ତଳେ ମଦର ତଳ ତଳିଆ ଅଂଶ ଜମି ରହିଥିଲା । ବୋତଲଟା ଗ୍ଲାସ ପାଖରେ ଥିଲା । ସେଥିରେ ଦୁଇ-ତୃତୀୟାଂଶ ପୂରା ଥିଲା । ବୋତଲ ପାଖରେ ଗୋଟେ ଲମ୍ବା କର୍କ ଠିପି ପଡ଼ିଥିଲା । ସେଟା ମଦରେ ଭିଜି ଯାଇଥିଲା । ସେ କର୍କରୁ ଆଉ ବୋତଲଉପରର ଧୂଳିରୁ ଜଣାଗଲା ଯେ, ହତ୍ୟାକାରୀମାନେ ପିଇଥିବା ମଦ କିଛି ବାଜେ ସାଧାରଣ ମଦ ନୁହେଁ ।

ହୋମସ୍‌ଙ୍କ ଢଙ୍ଗଢାଙ୍ଗରେ ପରିବର୍ତ୍ତନ ଦେଖାଗଲା । ତାଙ୍କ ଆଖିରେ ଆଗ୍ରହର ଚିହ୍ନ ଲକ୍ଷ୍ୟ କଲି । ସେ କର୍କଟା ନେଇ ପରୀକ୍ଷାକଲେ ।

"ସେମାନେ ଏଟା ଖୋଲିଲେ କେମିତି ?" ସେ ପଚାରିଲେ ।

ହପ୍‌କିନ୍‌ସ୍ ଗୋଟେ ଅଧା ଖୋଲା ଡ୍ରୟର୍ ଆଡ଼େ ହାତ ଠାରିଲେ । ତା ଭିତରେ କିଛି ଲିନେନ୍ ଟେବଲ୍‌କ୍ଲଥ ଆଉ ଗୋଟେ ବଡ଼ କର୍କ ସ୍କ୍ରୁ (ଠିପି ଖୋଲା ଯନ୍ତ୍ର) ଥିଲା ।

"ଏଇ ସ୍କ୍ରୁଟା ସେମାନେ ବ୍ୟବହାର କରିବା କଥା ଲେଡ଼ି ବ୍ରାକେନ୍‌ଷ୍ଟଲ୍ କହିଛନ୍ତି ।"

"ନାଁ, ଆପଣ ଜାଣନ୍ତି ବୋତଲଟା ଖୋଲା ହେଲାବେଳେ ସେ ଅଚେତ ହୋଇ ଯାଇଥିଲେ ?"

"ତା ସତ କିନ୍ତୁ କଥାହେଉଛି, ଏ ସ୍କ୍ରୁଟା ବ୍ୟବହାର କରାଯାଇନି । ଗୋଟେ ଛୋଟ ପକେଟ୍ ସ୍କ୍ରୁରେ ଏ ବୋତଲଟା ଖୋଲାହୋଇଛି । ଯେତେ ଦୂର ସମ୍ଭବ ମୋ ସ୍କ୍ରୁଟା ଗୋଟେ ଛୁରୀ ସାଥିରେ ଅଛି । ସ୍କ୍ରୁଟା ଦେଢ଼ ଇଞ୍ଚରୁ

Digitized by srujanika@gmail.com

ବେଶୀ ଲମ୍ବ ନୁହେଁ । କର୍କ ଉପରଟାକୁ ପରୀକ୍ଷା କଲେ ତୁମେ ଦେଖିବ ସେଟା ବୋତଲରୁ ବାହାରିବା ଆଗରୁ ସ୍କ୍ରୁଟା ସେଥିରେ ଦୁଇଥର କେଞ୍ଚା ଯାଇଛି । ସେଟା କର୍କରେ ପୂରା ଏପାଖ ସେପାଖ ଫୁଟି ନାହିଁ । ଏଇ ଲୋକକୁ ଧରିଲେ ତୁମେ ତା ପାଖରେ ଏଇପରି ଗୋଟେ ଛୁରୀ ଦେଖିବ ।''

''ଚମତ୍କାର !'' ହପ୍‌କିନ୍‌ସ୍ କହିଉଠିଲେ ।

''କିନ୍ତୁ ଏଇ ଗ୍ଲାସ୍ ଗୁଡ଼ା ମୋତେ ଘାବରେଇ ଦେଉଛି । ଆଚ୍ଛା, ସେ ତିନି ଜଣ ପ୍ରକୃତରେ ମଦ ପିଇବାର ଲେଡ଼ି ବ୍ରାକେନ୍‌ଷ୍ଟାଲ୍ ଦେଖିଛନ୍ତି ?''

''ହଁ, ସେ ବିଷୟରେ ସେ ନିଶ୍ଚିତ ।''

''ତା ହେଲେ କାମ ଶେଷହେଲା । ଆଉ ଅଧିକା କ'ଣ କୁହାଯିବ ? ତେବେ ତୁମେ ନିଶ୍ଚୟ ସ୍ୱୀକାର କରିବ ହପ୍‌କିନ୍‌ସ୍ ଏ ଗ୍ଲାସ୍ ତିନିଟା ଉଲ୍ଲେଖନୀୟ । କ'ଣ ସେଥିରେ କିଛି ଉଲ୍ଲେଖନୀୟ ତୁମେ ଦେଖିପାରୁନାହଁ ? ହଉ, ଛାଡ଼ ସେ କଥା । ବୋଧହୁଏ ଯେଉଁ ଲୋକର ମୋ ପରି ବିଶେଷ ଜ୍ଞାନ ଥିବ ସେ ଗୋଟେ ସହଜ କାରଣ ଥାଉ ଥାଉ ବି ଜଟିଳ କାରଣ ଖୋଜି ବସିବ । ହଉ, ବିଦାୟ ହପ୍‌କିନ୍‌ସ୍ । ଆଉ କିଛି ଆମେ କରିବା ଦେଖୁନାହିଁ । ତୁମ କେଶ୍ ବି ବେଶ୍ ପରିଷ୍କାର ଜଣାଯାଉଛି । ରାଣ୍ଡାଲ୍ ଆରେଷ୍ଟ ହେଲେ, କେଶ୍‌ରେ ଆଉ କିଛି ଅଗ୍ରଗତି ହେଲେ ମୋତେ ଜଣାଇବ । ମୋର ଆଶା ଖୁବ୍ ଶୀଘ୍ର ତୁମର ସଫଳତା ପାଇଁ ମୁଁ ତୁମକୁ ଅଭିନନ୍ଦନ ଜଣାଇବି । ଆସ ଉଆଟ୍‌ସନ୍, ବେକର୍‌ଷ୍ଟ୍ରୀଟ୍‌ରେ ଆମେ ହୁଏତ ଅନ୍ୟ କିଛି କାମରେ ସମୟ ଖଟାଇବା ।''

ଫେରିବା ବାଟରେ ଦେଖିଲି ହୋମ୍‌ସ୍ ଖୁବ୍ ଚିନ୍ତିତ । ଯାହାସବୁ ସେ ଦେଖିଲେ ସେଥିରୁ କିଛି ଗୋଟେ ତାଙ୍କୁ ବିବ୍ରତ କରି ପକାଉଛି ଯେମିତି । ସେ ବାରମ୍ବାର କଥାଟା ମନରୁ ପାଶୋରି ଦେବାକୁ ଚେଷ୍ଟା କରୁଥାନ୍ତି । କିନ୍ତୁ ସନ୍ଦେହଟା ପୁଣି ତାଙ୍କ ମନରେ ଭୁକି ଯାଉଥାଏ । ତାଙ୍କର କୁଞ୍ଚିତ କପାଳ ଆଉ ଆଖିରୁ ଜଣାଯାଉଥାଏ, ତାଙ୍କ ଚିନ୍ତାଧାରା ପୁଣି ଏବି ଗ୍ରେନ୍‌ଜ୍‌ର ଖାଇବା ଘରକୁ ଚାଲିଯାଉଛି । ଆମ ଟ୍ରେନ୍ ଠିକ୍ ଗୋଟେ ଗ୍ରେଟ ଷ୍ଟେସନରୁ ବାହାରିଲା ବେଳକୁ ହଠାତ୍ ହୋମ୍‌ସ ତଳକୁ ଡେଇଁ ପଡ଼ିଲେ ଆଉ ମୋ ହାତ ଧରି ଟାଣିନେଲେ ।

Digitized by srujanika@gmail.com

ଟ୍ରେନ୍‌ର ଶେଷ ବଗିଟା ଗୋଟେ ମୋଡ଼ ପାଖରେ ଅଦୃଶ୍ୟ ହୋଇଗଲା । ତାପରେ ହୋମ୍‌ସ କହିଲେ, "କ୍ଷମାକରିବ ୱାଟ୍‌ସନ୍ । ମୋର ଗୋଟେ ଖିଆଲ୍ ନେଇ ତୁମକୁ ହଇରାଣ କରୁଛି । କିନ୍ତୁ ସତ କହୁଛି, ଏ କେଶ୍‌ଟା ମୁଁ ଏମିତିଭାବେ ଛାଡ଼ି ଦେଇପାରିବି ନାହିଁ । ମୋର ମନ ଏ କେଶ୍‌ରେ ମୋଟେ ସନ୍ତୁଷ୍ଟ ନୁହେଁ । ମୁଁ ଦୃଢ଼ଭାବେ କହିବି କେଶ୍‌ର ଏ ସମାଧାନଟା ପୂରାପୂରି ଭୁଲ୍ । ତଥାପି ଭଦ୍ରମହିଳାଙ୍କ କଥା, ଚାକରାଣୀର ସେ କଥାକୁ ଦୃଢ଼ ସମର୍ଥନ ଏବଂ ଅନ୍ୟ ସବୁ ଛୋଟିଆ ଘଟଣା ବେଶ୍ ଖାପ୍ ଖାଇଯାଉଛି । ତାକୁ ଖଣ୍ଡନ କରିବା ପାଇଁ ମୋ ପାଖରେ କି ପ୍ରମାଣ ଅଛି ? କେବଳ ତିନୋଟା ମଦ ଗ୍ଲାସ୍ । କିନ୍ତୁ ପ୍ରତ୍ୟେକ କଥାକୁ ସତ ବୋଲି ଧରି ନ ନେଇ ମୁଁ ଯଦି ପ୍ରତି ଜିନିଷ ଭଲ ଭାବେ ପରୀକ୍ଷା କରିଥାନ୍ତି ତେବେ ଆମେ ବୋଧହୁଏ ଅନ୍ୟ କିଛି ଜାଣି ପାରିଥାନ୍ତେ । ଏଇ ବେଞ୍ଚରେ ବସ ୱାଟ୍‌ସନ୍ । ଚଜେଲ୍ ହର୍‌ଷ୍ଟ ଯିବା ପାଇଁ ଟ୍ରେନ୍ ଆସିବା ଯାଏ ଆମେ ଅପେକ୍ଷା କରିବା । ଚାକରାଣୀ ଆଉ ମାଲିକାଣୀ ଯାହାସବୁ କହିଲେ ତା ନିଶ୍ଚୟ ସତ ବୋଲି ଯେଉଁ ଧାରଣା ତା ପ୍ରଥମେ ମନରୁ ପୋଛିଦିଅ । ମୁଁ ସେ ବିଷୟରେ ତୁମକୁ କେତେ ଗୁଡ଼ାଏ ପ୍ରମାଣ ଦେଉଛି । ଭଦ୍ରମହିଳାଙ୍କ ସୁନ୍ଦର ବ୍ୟକ୍ତିତ୍ୱରେ ଭୁଲିଯାଇ ଆମ ବିଚାରଧାରା ଭୁଲ କରି ବସିବା ଠିକ୍ ହେବ ନାହିଁ ।

"ଭଦ୍ରମହିଳା ଯାହାସବୁ କହିଲେ ସେଥିରୁ କେତେଟା ଛୋଟିଆ ବିବରଣୀ ମନରେ ସନ୍ଦେହ ଜାତ କରୁଛି । ଧୀର ସ୍ଥିର ଭାବେ ବିଚାର କଲେ ଏକଥା ଜାଣିପାରିବ । ଏଇ ଡକାୟତ ଦଳ ମୋଟେ ପନ୍ଦର ଦିନ ତଳେ ସିଡେନ୍‌-ହାମରେ ଯଥେଷ୍ଟ ଚହଳ ପକାଇ ଦେଇଛନ୍ତି । ତାଙ୍କ ସମ୍ବନ୍ଧରେ ଆଉ ତାଙ୍କ କାମ ବିଷୟରେ କେତେ କଥା ଖବରକାଗଜରେ ପ୍ରକାଶ ପାଇଛି । ତେଣୁ ଏକ କାଳ୍ପନିକ ଡକାୟତ ଦଳକୁ ନେଇ ଗୋଟେ ଗପ ଗଢ଼ି ଦେବା ଭାବନା ମନରେ ଆସିବା ସ୍ୱାଭାବିକ । ଆଉ ଗୋଟେ କଥା, ଦଳେ ଡକାୟତ କେଉଁଠୁ କିଛି ଭଲରକମର ପାଇଗଲେ କିଛିଦିନଯାଏ ଆରାମରେ ବସି ତାକୁ ଭୋଗ କରିବା ସ୍ୱାଭାବିକ । ସେମାନେ ସାଙ୍ଗେ ସାଙ୍ଗେ କିଛି ବିପଜ୍ଜନକ କାମକୁ ଯିବେନାହିଁ । ଏତେ ଶୀଘ୍ର ପୁଣି ଏତେ ପାଖରେ ଆଉ ଗୋଟେ କାଣ୍ଡ କରିବା

Digitized by srujanika@gmail.com

ସମ୍ଭବ ନୁହେଁ । ତା'ପରେ ଜଣେ ନାଗ୍ସ କା'କେ ଚକ୍ରାର କରିବ ବୋଲି ଡକାୟ୍ତମାନେ ତାକୁ ମାରିବା ନହାତ ଅସ୍ୱାଭାବିକ । କାରଣ ତା କଲେ ନାଗ୍ସ ଜଣକ ବରଂ ଚକ୍ରାର କରି ଉଠିବ । ସେମାନେ ତିନ ଜଣ ଥିଲେ । ଜଣେ ଲୋକକୁ କାବୁ କରି ନେବା ତାଙ୍କ ପକ୍ଷରେ ଅତି ସହଜ । ଏପରିସ୍ଥଳେ ସେମାନେ ତାକୁ ହତ୍ୟା କରିବାଟା ମଧ୍ୟ ଅସ୍ୱାଭାବିକ । ଘର ଭିତରେ ଯଥେଷ୍ଟ ଜିନଷ ଥିଲେ ମଧ୍ୟ ଖୁବ୍ ଅଳ୍ପ ଜିନଷ ନେଇ ଡକାୟ୍ତମାନେ ପଳାଇଯିବା ବି ଅସ୍ୱାଭାବିକ । ଶେଷରେ ସେ ଲୋକମାନେ ମଦ ବୋତଲ ଅଧା ଖାଲି କରି ଛାଡ଼ି ଯିବାଟି ନହାତ ଅସ୍ୱାଭାବିକ । ଏଇ ସବୁ ଅସ୍ୱାଭାବିକ ଘଟଣା ବିଷୟରେ ତୁମର ମତ କ'ଣ ?''

''ସବୁ ଘଟଣାଗୁଡ଼ା ଏକାଠିକରି ଦେଖିଲେ ଅସମ୍ଭବ ଜଣାଯାଉଛି । କିନ୍ତୁ ଗୋଟି ଗୋଟି କରି ଦେଖିଲେ ପ୍ରତ୍ୟେକଟା ସମ୍ଭବ । ମୋତେ କିନ୍ତୁ ସବୁଠୁଁ ବେଶୀ ଅସ୍ୱାଭାବିକ ଜଣାଯାଉଛି, ଭଦ୍ରମହିଳାଙ୍କୁ ଚଉକିରେ ବାନ୍ଧିବାଟା ।''

''ସେ'ଟା ଠିକ୍ ଅସ୍ୱାଭାବିକ ବୋଲି ମୁଁ କହିପାରୁ ନାହିଁ । କାରଣ ଏଟା ନିଶ୍ଚିତ ଯେ, ସେମାନେ ତାଙ୍କୁ ମାରିଦେବେ କିମ୍ବା ଏପରିଭାବେ ରଖିବେ ଯାହା ଫଳରେ ସେମାନେ ଚାଲିଯିବା ଆଗରୁ ଆଗରୁ ଭଦ୍ରମହିଳା ଘଟଣାଟା କାହାକୁ ଜଣାଇ ପାରିବେ ନାହିଁ । ଯାହାହେଉ, ମୁଁ ଦେଖାଇ ଦେଲି, ଭଦ୍ରମହିଳା ଯାହା କହିଗଲେ ସେଥିରୁ କେତେଗୁଡ଼ାଏ ଅସମ୍ଭବ । ସବୁଠୁ ବଡ଼ ହେଲା ଏଇ ମଦ ଗ୍ଲାସ୍ ଘଟଣା ।''

''ମଦ ଗ୍ଲାସ ଘଟଣା କ'ଣ ?''

''ମଦ ଗ୍ଲାସ ଗୁଡ଼ା ଏବେ ତୁମେ ଚିନ୍ତା କରି ଦେଖିପାରୁଛ ?''

''ହଁ, ସେଗୁଡ଼ା ମୋତେ ଜଳ ଜଳ ହୋଇ ଦେଖାଯାଉଛି ।''

''ଆମେ ଶୁଣିଲେ ତିନ ଜଣ ଲୋକ ସେଥିରେ ମଦ ପିଉଥିଲେ । ସେଟା ସମ୍ଭବ ପରି ତୁମକୁ ଲାଗୁଛି ?''

''କାହିଁକି ନୁହେଁ ? ପ୍ରତି ଗ୍ଲାସରେ ତ ମଦ ଥିଲା ।''

''ବିଲ୍‌କୁଲ୍ ଠିକ୍ । କିନ୍ତୁ କେବଳ ଗୋଟେ ଗ୍ଲାସରେ ମଦର ତଳ ତଳିଆ

Digitized by srujanika@gmail.com

ଖଦଡ଼ା ଅଂଶ ଥିଲା । ସେଟା ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ । ସେଥିରୁ ତୁମେ କ'ଣ ଜାଣିପାରୁଛ ?"

"ସବାପଛରେ ଯେଉଁ ଗ୍ଲାସଟାରେ ମଦ ଢଳାଯାଇଛି ସେଥିରେ ଖଦଡ଼ା ଅଂଶ ରହିବା ସମ୍ଭବପର ।"

"ମୋଟେ ନୁହେଁ । ବୋତଲଟାରେ ମଦ ପୂରି ଥିଲା । ତେଣୁ ଦି'ଟା ଗ୍ଲାସକୁ ପରିଷ୍କାର ମଦ ଆଉ ତୃତୀୟଟାକୁ ଖଦଡ଼ା ଅଂଶ ଢାଳିବା ବେଳେ ଆସିବା କେବେ କଳ୍ପନା କରାଯାଇପାରେନା । ତାର କେବଳ ଦୁଇଟା ମାତ୍ର କାରଣ ଥାଇପାରେ । ପ୍ରଥମ କାରଣ ହେଲା, ଦ୍ୱିତୀୟ ଗ୍ଲାସରେ ମଦ ପୂରାଇବା ପରେ ବୋତଲଟା ଖୁବ୍ ଜୋର୍‌ରେ ହଲିଯାଇଛି; ଫଳରେ ତୃତୀୟ ଗ୍ଲାସକୁ ଖଦଡ଼ା ଅଂଶ ଚାଲିଆସିଛି । ସେ'ଟା କିନ୍ତୁ ସମ୍ଭବ ବୋଲି ମନେ ହେଉ ନାହିଁ । ନା, ନା, ମୁଁ ଯାହା ଭାବୁଛି ନିଶ୍ଚୟ ଠିକ୍ ।"

"ତୁମେ ତା'ହେଲେ କ'ଣ ଭାବୁଛ ?"

"କେବଳ ଦୁଇଟା ଗ୍ଲାସ ବ୍ୟବହାର କରାଯାଇଛି । ଦୁଇଟାଯାକରେ ତଳ-ତଳିଆ ଅଂଶ ତୃତୀୟ ଗ୍ଲାସରେ ଢାଳି ଦିଆଯାଇଛି । ଉଦ୍ଦେଶ୍ୟ ହେଲା ସେଠିକି ତିନି ଜଣ ଲୋକ ଆସିଥିଲେ ବୋଲି ଭୁଲ ଧାରଣା ଦେବା । ସେମିତ କରି-ଥିଲେ ସବୁଯାକ ଖଦଡ଼ା ଅଂଶ ତୃତୀୟ ଗ୍ଲାସକୁ ଚାଲି ଯାଇଥିବ । ସେଇଆ ନା ନାହିଁ ? ହଁ, ମୁଁ ନିଶ୍ଚିତ ଯେ, ସେଇଆ ହୋଇଛି । ମୋର ସିଦ୍ଧାନ୍ତ ଯଦି ସତ ତେବେ କେଶ୍‌ଟା ସାଧାରଣ ନୁହେଁ । ମୁହୂର୍ତ୍ତିକ ଭିତରେ ତାହା ଉଲ୍ଲେଖନୀୟ ଭାବେ ଅସାଧାରଣ ହୋଇ ଉଠିଛି । କାରଣ ତାର ଅର୍ଥ ଲେଡ଼ି ବ୍ରାକେନ୍‌ଷ୍ଟଲ୍ ଆଉ ତାଙ୍କ ଚାକରାଣୀ ଜାଣି ଜାଣି ଆମକୁ ମିଛ କହିଛନ୍ତି, ତାଙ୍କ କଥାର ପଦେହେଲେ ବିଶ୍ୱାସ କରାଯାଇପାରେନା, ପ୍ରକୃତ ଅପରାଧୀକୁ ଘୋଡ଼େଇ ରଖିବାରେ ତାଙ୍କର ଯଥେଷ୍ଟ କାରଣ ଅଛି, ଆଉ ତାଙ୍କଠୁଁ କୌଣସି ସାହାଯ୍ୟ ଆଶା ନକରି ଆମକୁ ଆମ କେଶ୍ ଗଢ଼ିବାକୁ ହେବ । ଆମ ଆଗରେ ବର୍ତ୍ତମାନ ସେଇ କାମ । ଏଇତ ଚିଜେଲ୍‌ହର୍‌ଷ୍ଟ ଟ୍ରେନ୍ ଆସିଗଲା ।"

Digitized by srujanika@gmail.com

ଆମ ଫେରିବାରେ ଏବ ଗ୍ରେନ୍‌ଜର ସମସ୍ତେ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ହୋମ୍‌ସ ଦେଖିଲେ, ହପ୍‌କିନ୍‌ସ ତାଙ୍କ ରିପୋର୍ଟ ଦେବା ପାଇଁ ସ୍କଟ୍‌ଲାଣ୍ଡ୍ ଇୟାର୍ଡ ଯାଇଛନ୍ତି । ସେ ଯାଙ୍ଗେ ଯାଙ୍ଗେ ଖାଇବା ଘର ଭିତରକୁ ପଶି ଯାଇ ଭିତର ପାଖରୁ କବାଟ ବନ୍ଦ କରିଦେଲେ । ତା'ପରେ ଦୁ'ଘଣ୍ଟା ଯାଏ ଖୁବ୍ ପରିଶ୍ରମ କରି ତାଙ୍କ ଅନୁସନ୍ଧାନ ଚଳାଇଲେ । ତାଙ୍କର ବୈଜ୍ଞାନିକ ଅନୁଶୀଳନ ଏଇ କଠିନ ପରିଶ୍ରମ ଉପରେ ନିର୍ଭର କରିଥାଏ । ମୁଁ ଗୋଟେ କଣରେ ଜଣେ ପ୍ରଫେସରଙ୍କ ଆଗରେ ଆଗ୍ରହୀ ଛାତ୍ର ପରି ଚୁପ୍‌ଚାପ୍ ବସି ତାଙ୍କ ଗବେଷଣାର ପ୍ରତ୍ୟେକ ସୋପାନକୁ ଲକ୍ଷ୍ୟ କରୁଥାଏ । ଘରର ଝରକା, ପରଦା, ଗାଲିଚା, ଚଉକି ଆଉ ସେ ଦଉଡ଼ି, ପ୍ରତ୍ୟେକ ଜିନିଷ ଖୁବ୍ ଭଲଭାବେ ପରୀକ୍ଷା କରାଗଲା ଆଉ ସବୁ ବିଷୟରେ ହୋମ୍‌ସ ଗମ୍ଭୀର ଭାବେ ଚିନ୍ତା କଲେ । ବିଚରା ବାରନଙ୍କ ଦେହଟା ସେଠୁ ଉଠାଇ ନିଆଯାଇଥିଲା । ଆଉ ସବୁ ଜିନିଷ ଆମେ ସକାଳେ ଯେଉଁ ଅବସ୍ଥାରେ ଦେଖିଥିଲୁ ସେମିତି ଥିଲା । ତା'ପରେ ହୋମ୍‌ସ ବିରାଟ ଧୂଆଁ ଘୋଡ଼ଣୀଟା ଉପରେ ଚଢ଼ିଗଲେ । ମୁଁ ବିସ୍ମିତ ହୋଇଗଲି । ତାଙ୍କ ମୁଣ୍ଡ ଉପରେ ଖୁବ୍ ଉଚ୍ଚରେ ଛିଣ୍ଡା ଦଉଡ଼ି ଖଣ୍ଡ ତାର ଦେହରୁ ଝୁଲୁଥାଏ । ଅନେକ ବେଳଯାଏଁ ସେ ଉପରକୁ ନିରୀକ୍ଷଣ କରି ରହିଲେ । ତା'ପରେ ଦଉଡ଼ିଟାକୁ ଧରିବା ପାଇଁ ସେ କାନ୍ଥରେ ଥିବା ଗୋଟେ କାଠ ବ୍ରାକେଟ୍‌ରେ ଆଣ୍ଠୁ ଭରାଦେଇ ଉଠିଲେ । ଯା'ଦ୍ୱାରା ତାଙ୍କ ହାତ ଦଉଡ଼ି ପାଖରୁ ଅଳ୍ପ କେତେ ଇଞ୍ଚ ଛଡ଼ାରେ ରହିଲା । କିନ୍ତୁ ବ୍ରାକେଟ୍‌ଟା ଆଡ଼େ ତାଙ୍କର ଯେତେ ଧ୍ୟାନ ଥିଲା ଦଉଡ଼ି ଆଡ଼େ ସେତେ ନଥିଲା । ଶେଷରେ ସେ ସନ୍ତୁଷ୍ଟ ହେବା ଭଙ୍ଗୀରେ ତଳକୁ ଡେଇଁ ପଡ଼ିଲେ ।

"ସବୁ ଠିକ୍ ଅଛି ଉଆଟ୍‌ସନ୍,"—ସେ କହିଲେ । ଆମ କେସ୍ ପୂର୍ଣ୍ଣାଙ୍ଗ ହୋଇଗଲା । ଆମ ଅଭିଯାନ ଭିତରେ ଏଇଟା ବେଶ୍ ଉଲ୍ଲେଖନୀୟ । ହେଲେ ମୁଁ କେତେ ଡେରିରେ ସବୁ ବୁଝିଲି ! ମୋ ଜୀବନରେ ଏମିତି ଭୁଲ କରି ନଥିଲି । ଏବେ ମୁଁ ଭାବୁଛି କେତୋଟା ବିଷୟକୁ ଛାଡ଼ିଦେଲେ ମୋ କେସ୍ ପୂର୍ଣ୍ଣାଙ୍ଗ ।"

"ଲୋକଗୁଡ଼ା କିଏ ତୁମେ ଜାଣିପାରିଲଣି ?"

Digitized by srujanika@gmail.com

"ଲୋକଗୁଡ଼ା ନୁହେଁ ୱାଟ୍‌ସନ୍‌, କେବଳ ଜଣେ ଲୋକ। କିନ୍ତୁ ବଡ଼ ଦୁର୍ଦ୍ଧର୍ଷ ଲୋକ। ସିଂହ ପରି ବଳୁଆ। ଛଅ ଫୁଟ ଛଅ ଇଞ୍ଚ ଉଚ୍ଚା। ଗୁଣ୍ଡୁଚି ମୂଷା ପରି କାର୍ଯ୍ୟକ୍ଷମ। ନଖଗୁଡ଼ାକ ତାର କାମ କରିବାରେ ଦକ୍ଷ। ଶେଷରେ ଲୋକଟା ଗୁଳକ୍‌, ଚତୁର ଆଉ ପ୍ରତ୍ୟୁତ୍ପନ୍ନମତି। କାରଣ ଏଇ କାଳନ୍ତକ କାହାଣୀ ତାହାର ଅଭିସନ୍ଧି। ଲୋକଟା ଉଲ୍ଲେଖଯୋଗ୍ୟ ଭାବେ ଧୂର୍ତ୍ତ। ତଥାପି ସେଇ ଘଣ୍ଟି ଦଉଡ଼ିରେ ସେ ଆମ ପାଇଁ ଗୋଟେ ସୂତ୍ର ରଖିଯାଇଛି। ସେଥିରେ ସନ୍ଦେହର କିଛି କାରଣ ନାହିଁ।"

"ସୂତ୍ରଟା କେଉଁଠି ?"

"ଭାବି ଦେଖ। ତୁମେ ଯଦି ଏ ଘଣ୍ଟି ଦଉଡ଼ିଟା ଟାଣି ଦେଇଥାନ୍ତ ତେବେ ସେଟା କେଉଁଠୁ ଛିଣ୍ଡିଥାନ୍ତା ? ନିଶ୍ଚୟ ଯେଉଁଠି ତାର ସାଥିରେ ଦଉଡ଼ିଟା ଯୋଡ଼ା ହୋଇଛି। କିନ୍ତୁ ଏପରି ତିନି ଇଞ୍ଚ ତଳୁ ଛିଣ୍ଡିବ କାହିଁକି ?"

"କାରଣ ସେ ଜାଗାରେ ଦଉଡ଼ିଟା ପାକଲ ଫିଟି ଯାଇଥିଲା ନା କ'ଣ ?"

"ହଁ, ସେଇଆ ଠିକ୍‌। ଆମେ ଦଉଡ଼ିର ଏଇ ଯେଉଁ ମୁଣ୍ଡଟା ପରୀକ୍ଷା କରି ଦେଖିଲେ ସେଟା ପାକଲ ଫିଟିଯାଇଛି। ଲୋକଟା ଖୁବ୍‌ ଗୁଳକରେ ଛୁରୀରେ ଏ ମୁଣ୍ଡଟା ଏମିତି କରି ଦେଇଛି। କିନ୍ତୁ ଆର ମୁଣ୍ଡଟାର ପାକଲ ଫିଟିନାହିଁ। ଏଠୁ ତୁମେ ସେଟା ଲକ୍ଷ୍ୟ କରି ପାରି ନାହଁ। କିନ୍ତୁ ଧୂଆଁ ଚିମ୍ନୀ ଉପରକୁ ଗଲେ ଦେଖିବ ସେ ମୁଣ୍ଡଟା ଛୁରୀରେ କଟାଯାଇଛି। ପାକଲ ଫିଟିବାର କିଛି ଚିହ୍ନ ନାହିଁ। ତେଣୁ ଘଟଣାଟା କେମିତି ଘଟିଛି ତୁମେ ଜାଣିପାରିବ। ଲୋକଟାର ଦଉଡ଼ିଟା ଦର୍କାରହେଲା। ସେ ଦଉଡ଼ିଟା ଟାଣି ଛିଣ୍ଡାଇବାକୁ ସାହସ କରି ନାହିଁ। କାରଣ ତାହାହେଲେ ଘଣ୍ଟିଟା ବାଜିବ ଆଉ ସମସ୍ତେ ଜାଣିପାରିବେ। ସେ କ'ଣ କରିଛି ? ଧୂଆଁ ଚିମ୍ନୀ ଉପରକୁ ଉଠିଛି। ଦଉଡ଼ିକୁ ତା ହାତ ପାଇ ନାହିଁ। ବ୍ରାକେଟ୍‌ ଉପରେ ଆଣ୍ଠୁ ଭରି ଦେଇଛି। ଧୂଳିରେ ସେ ଚିହ୍ନଟା ବି ତୁମେ ଦେଖିପାରିବ। ତା'ପରେ ଛୁରୀରେ ଦଉଡ଼ିଟାକୁ କାଟି ଦେଇଛି। ମୋ ହାତ ପାଖରୁ ଦଉଡ଼ି ଖଣ୍ଡ ତିନି ଇଞ୍ଚ ଛଡ଼ାରେ ରହିଲା। ସେଥିରୁ ମୁଁ ଜାଣିଲି ସେ ମୋ ଠାରୁ ଅନ୍ୟୂନ ତିନି ଇଞ୍ଚ ଡେଙ୍ଗା। ଦେଖ ଓକ୍‌ କାଠ ଚଉକିରେ ବସିବା ଜାଗାରେ ସେ ଚିହ୍ନଟା ଦେଖ। ସେଟା କି ଚିହ୍ନ ?"

Digitized by srujanika@gmail.com

"ରକ୍ତ ।"

"ନିଃସନ୍ଦେହରେ ରକ୍ତ । କେବଳ ଏଇଥିରୁ ପ୍ରମାଣ ମିଳୁଛି ଯେ, ଭଦ୍ରମହିଳାଙ୍କ କଥା ମୋଟେ ସତ ନୁହେଁ । ଯଦି ହତ୍ୟାକାଣ୍ଡ ବେଳେ ସେ ସେଇ ଚଉକିରେ ବସିଥିଲେ ତେବେ ସେଠିକି ରକ୍ତ ଦାଗ ଆସିଲା କେମିତି ? ନା,ନା, ତାଙ୍କ ସ୍ୱାମୀଙ୍କ ହତ୍ୟା ପରେ ତାଙ୍କୁ ସେ ଚଉକିରେ ବସାଇ ଦିଆଯାଇଛି । ଏବେ ମୁଁ ପରିଚାରିକା ଥେରେସା ସାଥିରେ କଥାବାର୍ତ୍ତା କରିବାକୁ ଚାହେଁ । ଆମେ ଯେଉଁ ଖବର ଜାଣିବାକୁ ଚାହୁଁଛେ ତା ପାଇବାକୁ ହେଲେ ଆମକୁ କିଛି ସମୟ ଖୁବ୍ ସତର୍କ ରହିବାକୁ ହେବ ।"

ସେଇ ରୁକ୍ଷ ଅଷ୍ଟ୍ରେଲିଆନ୍ ପରିଚାରିକା ଏକ କୌତୂହଳପ୍ରଦ ଲୋକ । ସେ ଖୁବ୍ ଅଳ୍ପ କଥା କହେ, ବଡ଼ ସନ୍ଦେହୀ ଆଉ ଶିଷ୍ଟାଚାର ଜାଣେନା । ହୋମ୍‌ସଙ୍କ ମଧୁର ବ୍ୟବହାର ଆଉ ସେ ଯାହା କହିଲେ ତାକୁ ଗ୍ରହଣ କରି ନେବା ଫଳରେ ବେଶ୍ କିଛି ସମୟ ପରେ ତା ମନ ତରଳିଲା । ତା' ମୃତ ମାଲିକଙ୍କ ପ୍ରତି ତାର ଯେଉଁ ଘୃଣା ତାକୁ ଲୁଚାଇବାକୁ ଚେଷ୍ଟା କଲା ନାହିଁ । କହିଲା, "ହଁ ଆଜ୍ଞା, ସେ ମୋ ଉପରକୁ ମଦପାତ୍ର ଫିଙ୍ଗିବା କଥା ସତ । ସେ ମୋ ମାଲିକାଣୀଙ୍କୁ ଗାଳି ଦେବାର ମୁଁ ଶୁଣିଲି । ତାଙ୍କୁ କହିଲି, ମୋ ମାଲିକାଣୀଙ୍କ ଭାଇ ସେଠି ଥିଲେ । ସେ ଏ କଥା କହିବାକୁ ସାହସ କରି ପାରିନଥାନ୍ତେ । ସେଇଠୁ ସେ ମଦପାତ୍ରଟା ମୋ ଉପରକୁ ଫିଙ୍ଗିଦେଲେ । ସେ ମୋ ସୁକୁମାରୀ ମାଲିକାଣୀଙ୍କୁ କିଛି ନ କହି ମୋ ଉପରକୁ ଡଜନ୍‌ଟାଏ ମଦ ପାତ୍ର ଫିଙ୍ଗିଥିଲେ ବି ମୁଁ କିଛି ମନେ କରିନଥାନ୍ତି । ବରାବର ସେ ତାଙ୍କ ପ୍ରତି ଖରାପ ବ୍ୟବହାର କରନ୍ତି; କିନ୍ତୁ ବିଚାରୀ କିଛି ଅଭିଯୋଗ କରନ୍ତି ନାହିଁ । ମୋ ଆଗରେ ବି କିଛି କହନ୍ତି ନାହିଁ । ଆଜି ସକାଳେ ତାଙ୍କ ବାହୁରେ ଯେଉଁ ଚିହ୍ନ ଆପଣ ଦେଖିଲେ, ସେ ବିଷୟରେ ସେ ମୋତେ କିଛି କହିନାହାନ୍ତି । ହେଲେ ମୁଁ ଜାଣେ ସେଗୁଡ଼ା ମାଲିକଙ୍କ ଟୋପି ପିନ୍‌ର ଫୋଡ଼ା ଦାଗ । ସେ ପିଶାଚ—ସେ ମଲା ପରେ ତାଙ୍କୁ ପିଶାଚ ବୋଲି କହୁଛି; ସେଥିପାଇଁ ଭଗବାନ ମୋତେ କ୍ଷମା କରନ୍ତୁ—କିନ୍ତୁ ଦୁନିଆରେ ଯଦି କେହି ପିଶାଚ ଥାଏ ତେବେ ସେ ମୋ ମାଲିକ । ଅଠର ମାସ ତଳେ ତାଙ୍କ ସାଥିରେ ଆମର

Digitized by srujanika@gmail.com

ପ୍ରଥମ ଦେଖା । ସେତେବେଳେ ସେ ଖୁବ୍ ଭଲ ଥିଲେ । ଏବେ ଏଇ ଅଠର ମାସ ଆମକୁ ଅଠର ବର୍ଷ ପରି ଲାଗୁଛି । ମୋ ମାଲିକାଣୀ ଆସି ଲଣ୍ଡନରେ ପହଞ୍ଚିଥାଆ'ନ୍ତି । ହଁ, ସେଇଟା ତାଙ୍କର ପ୍ରଥମ ଜଳଯାତ୍ରା । ଆଗରୁ ସେ ଘରୁ କୁଆଡ଼େ ଯାଇ ନଥିଲେ । ବ୍ରାକେନ୍‌ଷ୍ଟଲ୍ ତାଙ୍କ ପଇସା ଆଉ ପଦମର୍ଯ୍ୟାଦା ବଳରେ ତାଙ୍କ ମନକୁ ଜିଣିଗଲେ । ବିଚାରି ଯେଉଁ ଭୁଲ୍ କଲେ ତାର ଯଥେଷ୍ଟ ଫଳ ପାଇଲେଣି । କେଉଁ ମାସରେ ତାଙ୍କ ସାଥିରେ ଆମର ଦେଖାହେଲା ? ଆମେ ଠିକ୍ ଏଠି ଆସି ପହଞ୍ଚିବା ପରେ ପରେ । ଆମେ ଜୁନ୍ ମାସରେ ପହଞ୍ଚିଲୁ ଆଉ ତାଙ୍କ ସାଥିରେ ଦେଖାହେଲା ଜୁଲାଇରେ । ଗଲା ବର୍ଷ ଜାନୁୟାରି ମାସରେ ତାଙ୍କର ବିବାହ ହେଲା । ହଁ, ଏବେ ସେ ପୁଣି ବୈଠକ-ଖାନାରେ ଅଛନ୍ତି ଆଉ ଆପଣଙ୍କ ସାଥିରେ ଦେଖା କରିବେ ବୋଲି ମୋର ସନ୍ଦେହ ନାହିଁ । କିନ୍ତୁ ଆପଣ ତାଙ୍କୁ ବେଶୀ ପଚରା ଉଚରା କରିବେ ନାହିଁ । କାରଣ ରକ୍ତ ମାଂସର ଦେହ ଧରି ସେ ତେର ସହିଲେଣି ।

ଲେଡ଼ି ବ୍ରାକେନ୍‌ଷ୍ଟଲ୍ ସେଇ ପଲଙ୍କଟାରେ ବସିଥିଲେ । କିନ୍ତୁ ପୂର୍ବାପେକ୍ଷା ସତେଜ ଦେଖାଯାଉଥିଲେ । ଚାକରାଣୀ ଆମକୁ ଧରି ଘର ଭିତରକୁ ଗଲା ଆଉ ତାଙ୍କ ଆଖି ପତା ଉପରର ଘା'କୁ ଧୋଇବା ଆରମ୍ଭ କଲା ! ଲେଡ଼ି ବ୍ରାକେନ୍-ଷ୍ଟଲ୍ କହିଲେ, "ମୋର ଆଶା ଆପଣ ପୁଣି ମୋତେ ପଚରା ଉଚରା କରିବା ପାଇଁ ଆସିନାହାନ୍ତି ।"

ହୋମ୍‌ସ ଧୀର ଆଉ ଭଦ୍ରଭାବରେ କହିଲେ, "ନା, ମୁଁ ଆପଣଙ୍କୁ ଅକାରଣ କଷ୍ଟ ଦେବାକୁ ଚାହେଁନା । ଆପଣଙ୍କର ଭଲ କରିବା ମୋର ଉଦ୍ଦେଶ୍ୟ । କାରଣ ମୁଁ ଜାଣେ ଆପଣ ବହୁତ ଦାଉ ଧକ୍କା ସହିଲେଣି ଆଉ କ୍ଳାନ୍ତ ହୋଇ ପଡ଼ିଛନ୍ତି । ଆପଣ ଯଦି ମୋତେ ବନ୍ଧୁ ବୋଲି ମନେକରିବେ ଆଉ ବିଶ୍ୱାସ କରିବେ ତେବେ ଦେଖିବେ ଆପଣ ମୋତେ ବିଶ୍ୱାସ କରିବାଟା ଯଥାର୍ଥ ।"

"ମୁଁ କ'ଣ କରିବାକୁ ଆପଣ ଚାହାନ୍ତି ?"

"ମୋ ଆଗରେ ସତକଥାଟା କହିବା ।"

"ମିଷ୍ଟର୍ ହୋମ୍‌ସ !"

Digitized by srujanika@gmail.com

ନା ନା, ଲେଡ଼ି ବ୍ରାକେନ୍‌ଷ୍ଟଲ୍, କିଛି ଲାଭ ନାହିଁ । ମୋର ଯାହା କିଛି ସାମାନ୍ୟ ନାଁ ଅଛି ଆପଣ ଶୁଣିଥିବେ । ମୁଁ ବାଜିମାରି କହୁଛି, ଆପଣଙ୍କ କଥା ଏକ ପୂରାପୂରି ମନଗଢ଼ା କାହାଣୀ ।"

ମାଲିକାଣୀ ଆଉ ଗୃହପରିଚାରିକା ଦୁହେଁ ହୋମ୍‌ସଙ୍କ ମୁହଁକୁ ଚାହିଁ ରହିଲେ । ତାଙ୍କ ମୁହଁ ମଳିନ ଆଉ ଆଖିରେ ଭୟର ଚିହ୍ନ । ଶେଷରେ ଗୃହପରିଚାରିକା ଥେରେସା କହିଲା, "ଆପଣ ବଡ଼ ଉଦ୍ଧତ ମିଷ୍ଟର୍ ହୋମ୍‌ସ । ଆପଣ କ'ଣ କହିବାକୁ ଚାହାଁନ୍ତି, ମୋ ମାଲିକାଣୀ ମିଛ କହୁଛନ୍ତି ?"

ଚଉକିରୁ ଉଠି ପଡ଼ି ହୋମ୍‌ସ କହିଲେ, "ଆପଣଙ୍କର କିଛି କହିବାର ନାହିଁ ଲେଡ଼ି ବ୍ରାକେନ୍‌ଷ୍ଟଲ୍ ?"

"ମୁଁ ସବୁ କଥା ଆପଣଙ୍କୁ କହିଛି ।"

"ଆଉ ଥରେ ଚିନ୍ତା କରନ୍ତୁ । ଆମେ ଖୋଲା ଖୋଲି କଥାବାର୍ତ୍ତା ହେବାଟା ଭଲ ହେବ ନାହିଁ ?"

ମୁହୂର୍ତ୍ତିକ ପାଇଁ ଭଦ୍ରମହିଳାଙ୍କ ମୁହଁରେ ଦ୍ୱିଧାଭାବ ଦେଖାଗଲା । ପର-ମୁହୂର୍ତ୍ତରେ କୌଣସି ଦୃଢ଼ଚିନ୍ତା ସେ ଭାବକୁ ଦୂର କରିଦେଲା । ସେ ଉତ୍ତର ଦେଲେ, "ମୁଁ ଯାହା ଜାଣେ ସବୁ ଆପଣଙ୍କୁ କହିଛି ।"

ଟୋପିଟା ଉଠାଇ ହୋମ୍‌ସ୍ କହିଲେ, "ମୁଁ ବଡ଼ ଦୁଃଖିତ ।" ଆଉ ପଦେ ହେଲେ କିଛି ନ କହି ଆମେ ସେ ଘରୁ ଚାଲିଆସିଲୁ । ବଗିଚା ଭିତରେ ଗୋଟେ ପୋଖରୀ ଥିଲା । ମୋ ବନ୍ଧୁ ସେଇଠିକି ବାଟ କଢ଼ାଇ ନେଲେ । ପୋଖରୀର ପାଣି ଜମାଟ ବାନ୍ଧି ଯାଇଥାଏ । ମଝିରେ କେବଳ ଗୋଟେ ଛୋଟ ଜାଗାରେ ପାଣି ଥାଏ । ହଂସଟିଏ ସେଇଠି ବୁଲୁଥାଏ । ହୋମ୍‌ସ୍ ସେ ଆଡ଼କୁ ନିରେଖି ଚାହିଁଲେ । ତାପରେ ଜଗୁଆଳି ଘରଆଡ଼କୁ ଚାଲିଲେ । ସେଠି ଖଣ୍ଡେ କାଗଜରେ ହପ୍‌କିନ୍‌ସଙ୍କ ପାଖକୁ ଦି'ଚାରି ଧାଡ଼ି ଚିଠିଲେଖି ଜଗୁଆଳି ଜିମାରେ ସେ ଖଣ୍ଡ ଦେଇଦେଲେ ।

ତାପରେ ସେ କହିଲେ, "କଥାଟା ବାଜିପାରେ ନ ବାଜିପାରେ । କିନ୍ତୁ ଆମେ ପୁଣି ଥରେ ଏଠିକି ଆସିବାର ଜିନିଷ ଗୋଟେ କାରଣ ହପ୍‌କିନ୍‌ସଙ୍କୁ ଜଣାଇବାର ଅଛି । ଏ ପର୍ଯ୍ୟନ୍ତ ମୋର ତାଙ୍କ ଉପରେ ଭରସା ନାହିଁ । ଏବେ

Digitized by srujanika@gmail.com

ଆମର କାମ ଆଡ୍‌ଲେଡ୍ ସାଉଦାମ୍‌ପଟନ୍ ଜାହାଜ ଚଳାଚଳ ଅଫିସ୍‌ରେ । ସେଟା ପାଲ୍‌ମାଲ୍‌ରେ ବୋଲି ମୋର ଠିକ୍ ମନେଅଛି । ଦକ୍ଷିଣ ଅଷ୍ଟ୍ରେଲିଆରୁ ଇଂଲଣ୍ଡକୁ ଆଉ ଗୋଟେ ଜାହାଜ ଚଳାଚଳ ସଂସ୍ଥା ଅଛି । କିନ୍ତୁ ଆମେ ଆଗେ ଏଇ ବଡ଼ ସଂସ୍ଥାଟା ଦେଖିବା ।"

ହୋମ୍‌ସ୍‌ଙ୍କ କାର୍ଡଟା ପାଇଲା ମାତ୍ରେ ମ୍ୟାନେଜର ଆମ ସାଙ୍ଗେ ଦେଖା କଲେ । ଯାହା ସବୁ ଖବର ଦର୍କାର ହୋମ୍‌ସ୍ ତାଙ୍କ ଠାରୁ ଜାଣିପାରିଲେ । ୧୮୯୫ ମସିହା ଜୁନ୍‌ମାସରେ ତାଙ୍କର ଗୋଟେ ଜାହାଜ ଇଂଲଣ୍ଡରେ ପହଞ୍ଚିଥିଲା । ସେ ଜାହାଜ ନାଁ ରକ୍-ଅଫ-ଜିବ୍ରାଲ୍‌ଟାର୍ । ଆଉ ସେଟା ତାଙ୍କର ସବୁଠୁ ବଡ଼ ଆଉ ଭଲ ଜାହାଜ । ତାର ଯାତ୍ରୀ ତାଲିକାରୁ ଦେଖା ଗଲା, ଆଡ୍‌ଲେଡ୍‌ରମିସ୍ ଫ୍ରେସର୍ ଆଉ ତାଙ୍କ ଚାକରାଣୀ ସେ ଜାହାଜରେ ଆସିଥିଲେ । ଏବେ ସେ ଜାହାଜ ଅଷ୍ଟ୍ରେଲିଆକୁ ଫେରୁଛି । ସୁଏଜ୍‌କେନାଲର ଦକ୍ଷିଣକୁ କେଉଁଠି ପହଞ୍ଚିଥିବ । ଆସିଲାବେଳେ ଜାହାଜରେ ଯେଉଁ କର୍ମଚାରୀ ସବୁ ଥିଲେ କେବଳ ଜଣକ ବ୍ୟତୀତ ସେମାନେ ସମସ୍ତେ ଅଛନ୍ତି । ପ୍ରଥମ ଅଫିସର ମିଷ୍ଟର ଜାକ୍ କ୍ରୋକର କ୍ୟାପଟେନ୍ ପଦକୁ ପ୍ରମୋସନ୍ ପାଇଛନ୍ତି । ସେ ତାଙ୍କର ନୂଆ ଜାହାଜ ବାସ୍‌ରକ୍‌ର ଦାୟିତ୍ୱ ନେବେ । ଦୁ'ଦିନ ପରେ ଏଇ ଜାହାଜ ସାଉଦାମ୍‌ପଟନ୍ ଛାଡ଼ିବ । କ୍ରୋକର ଏବେ ସିଡେନ୍‌ହାମ୍‌ରେ ରହୁଛନ୍ତି । କିନ୍ତୁ ସେ କେତେ ବିଷୟ ବୁଝିବା ପାଇଁ ଅଫିସକୁ ଆସିବାର ଅଛି । ଆମେ ଅପେକ୍ଷାକଲେ ତାଙ୍କୁ ଭେଟି ପାରିବୁ ।

ହୋମ୍‌ସ୍‌ଙ୍କର ତାଙ୍କୁ ଭେଟିବାର ଇଚ୍ଛା ନଥିଲା । କିନ୍ତୁ ତାଙ୍କର କାର୍ଯ୍ୟ କଳାପ ଆଉ ଚରିତ୍ର ବିଷୟରେ କିଛି ଜାଣିବାକୁ ସେ ଚାହୁଁ ଥିଲେ । କ୍ରୋକର୍‌ଙ୍କ ରେକର୍ଡରୁ ଜଣାଗଲା ତାଙ୍କ କାର୍ଯ୍ୟକଳାପ ଅତି ଭଲ । ତାଙ୍କ ଚରିତ୍ର ମଧ୍ୟ ଭଲ । କାମ ଉପରେ ସେ ବେଶ୍ ନିର୍ଭରଯୋଗ୍ୟ । କିନ୍ତୁ କାମ ସାରି ଜାହାଜରୁ ବାହାରିଲେ ସେ ଖୁବ୍ ରାଗି, ଲଗାମଛଡ଼ା । ତଥାପି ସେ କର୍ତ୍ତବ୍ୟନିଷ୍ଠ, ସଚ୍ଚୋଟ ଏବଂ ଦୟାଳୁ । ଏଇ ସବୁ ସମ୍ବାଦ ସଂଗ୍ରହ କରି ହୋମ୍‌ସ୍ ଅଡ୍‌ଲେଡ୍ ସାଉଦାମ୍‌ପଟନ୍ ଜାହାଜ ଚଳାଚଳ ଅଫିସ୍ ଛାଡ଼ିଲେ । ତାପରେ ସେ ଗାଡ଼ିରେ ବସି ସିଧା ସ୍କଟଲଣ୍ଡ ଇୟାର୍ଡ଼ ଚାଲିଲେ । କିନ୍ତୁ ଭିତରକୁ ଯିବା

Digitized by srujanika@gmail.com

ପରିବର୍ତ୍ତେ ସେ ଗାଡ଼ିରେ ବସିରହି ଖୁବ୍ ଚିନ୍ତା କଲେ । ତାପରେ ସେ ଗାଡ଼ି ବୁଲାଇ ଗ୍ରିଙ୍ଗ୍ କ୍ରସ୍ ଟେଲିଗ୍ରାଫ୍ ଅଫିସ୍‌କୁ ଯାଇ ଗୋଟେ ଟେଲିଗ୍ରାମ ପଠାଇଲେ । ଶେଷରେ ଆମେ ବେକର୍‌ଷ୍ଟ୍ରୀଟ୍‌କୁ ଫେରିଆସିଲୁ ।

ବ୍ରେକରଷ୍ଟ୍ରୀଟ୍‌ରେ ଆମେ ଘର ଭିତରେ ପଶିଲା ମାତେ ହୋମ୍‌ସ କହିଲେ, "ନା, ମୁଁ ପାରିଲି ନାହିଁ ଭ୍ୟାଟ୍‌ସନ୍ । ଥରେ ସେ ଭ୍ୟାରିଣ୍ଟା କାରି ହୋଇଗଲେ ପୃଥିବୀରେ କେହି ଆଉ ତାଙ୍କୁ ରକ୍ଷା କରିପାରିବ ନାହିଁ । ମୋ ଜୀବନରେ ଥରେ ଦୁ'ଥର ମୁଁ ଅପରାଧୀକୁ ଖୋଜି ବାହାର କରିବା ଦ୍ୱାରା ଯେଉଁ କ୍ଷତି କରିଛି, ଅପରାଧୀ ତା'କାମ ଦ୍ୱାରା ସେତେ କ୍ଷତି କରିନଥିବ । ଏବେ ମୁଁ ସାବଧାନ ହେବା ଶିଖିଛି । ମୁଁ ବରଂ ଇଂଲଣ୍ଡର ଆଇନ୍ ସାଥିରେ ଖେଳ ଖେଳିପାରେ; କିନ୍ତୁ ନିଜ ବିବେକ ସାଥିରେ ନୁହେଁ । ଆମେ କିଛି କରିବା ପୂର୍ବରୁ ଆଉ ଟିକିଏ ଭଲଭାବରେ ସବୁ ଜାଣିବା ଦର୍କାର ।"

ସନ୍ଧ୍ୟା ପୂର୍ବରୁ ହପକିନ୍‌ସ ଆସି ପହଞ୍ଚିଲେ । ସେ କାମରେ ବିଶେଷ ସଫଳ ହୋଇପାରି ଜଣାଯାଉନଥିଲା । ହଠାତ୍ ସେ କହିଲେ, "ମୁଁ ଭାବୁଛି ଆପଣ ଜଣେ ଯାଦୁକର ମିଷ୍ଟର ହୋମ୍‌ସ । ବେଳେ ବେଳେ ଭାବେ ଆପଣଙ୍କର ଶକ୍ତି ମାନବିକ ନୁହେଁ । ଚୋରି ଯାଇଥିବା ରୁପା ପୋଖରୀରେ ପଡ଼ିଛି ବୋଲି ଆପଣ ଜାଣିଲେ କେମିତି ?"

"ମୁଁ ଜାଣି ନଥିଲି ।"

"କିନ୍ତୁ ପୋଖରୀଟା ଖୋଜିବା ପାଇଁ ଆପଣ ମୋତେ କହିଥିଲେ ।"

"ତୁମେ ତା'ହେଲେ ସେ ରୁପା ପାଇଲ ?"

"ହଁ, ପାଇଲି ।"

"ତୁମକୁ ସାହାଯ୍ୟ କରିଥିବାରୁ ମୁଁ ଖୁବ୍ ଖୁସି ।"

"କିନ୍ତୁ ଆପଣ ମୋତେ ସାହାଯ୍ୟ କଲେ କ'ଣ ? ଘଟଣାଟାକୁ ଆପଣ ବେଶି ଜଟିଳ ଆଉ କଷ୍ଟକର କରି ଦେଇଛନ୍ତି । ଯେଉଁମାନେ ରୁପା ଚୋରି କରି ତାକୁ ନେଇ ପାଖ ପୋଖରୀରେ ପକାଇଦିଅନ୍ତି, ସେମାନେ କି ପ୍ରକାରର ଡକାୟତ ?"

Digitized by srujanika@gmail.com

"ଏଇଟା ନିଶ୍ଚୟ ଖାମ୍‌ଖିଆଲି ବ୍ୟବହାର । ମୁଁ କେବଳ ଭାବିଲି ଯାହାର ରୁପା ଦର୍କାର ନାହିଁ ସେ ଯଦି ନେଇଥାଏ, ସେ କେବଳ ଗୋଟେ ଧୂଆଁ-ବାଣ ମାରି ଠକିବା ମତଲବରେ ଏ ରୁପା ନେଇଥିବ । ସେ ଯେତେ ଶୀଘ୍ର ପାରେ ତାକୁ ପାଖ ଛଡ଼ା କରିବା ପାଇଁ ବ୍ୟସ୍ତ ହୋଇଉଠିବ ।"

ଏପରି ଧାରଣା ଆପଣଙ୍କ ମନକୁ ଆସିଲା କାହିଁକି ?"

"ଏହା ସମ୍ଭବ ହୋଇପାରେ ବୋଲି ମୁଁ କେବଳ ଭାବିଥିଲି । ସେମାନେ ଝରକାବାଟେ ପଦାକୁ ବାହାରିଲା ମାତ୍ରେ ଏଇ ପୋଖରୀଟା । ଗୁରିଆଡ଼େ ବରଫ କେବଳ ଗୋଟେ ମାତ୍ର ଫାଙ୍କ । କୌଣସି ଜିନିଷ ଲୁଗ୍ଲଇବା ପାଇଁ ସ୍ଥାଠୁ ଭଲ୍ ଜାଗା ଆଉ କ'ଣ ହୋଇପାରେ ?"

"ହଁ, ଲୁଗ୍ଲଇବା ଜାଗା । ବିଲ୍‌କୁଲ୍ ଠିକ୍ । ଏବେ ମୁଁ ସବୁ ବୁଝିପାରିଲି । ସେତେବେଳକୁ ରାତି ବେଶୀ ହୋଇ ନଥିଲା । ରାସ୍ତାରେ ଲୋକ ଯିବା ଆସିବା କରୁଥିଲେ । ରୁପା ନେଇ ଗଲାବେଳେ କାଳେ କିଏ ତାଙ୍କୁ ଦେଖି ପକାଇବ, ସେଇ ଭୟରେ ସେମାନେ ରୁପାକୁ ସେ ପୋଖରୀରେ ଲୁଗ୍ଲଇ ଦେଇଥିଲେ । ପରେ ସୁବିଧା ଦେଖି ନେଇ ଯାଇଥାନ୍ତେ । ଚମତ୍କାର ମିଷ୍ଟର୍ ହୋମ୍‌ସ । ଆପଣଙ୍କ ଧୂଆଁ ବାଣ ଧାରଣା ଅପେକ୍ଷା ଏଇଟା ବେଶି ଯୁକ୍ତିସଙ୍ଗତ ।"

"ତା ସତ । ତୁମର ଏ ସିଦ୍ଧାନ୍ତଟା ବେଶ୍ ଚମତ୍କାର । ମୋ ଧାରଣା ଭୁଲ୍ ବୋଲି ଆଉ ସନ୍ଦେହ ନାହିଁ । କିନ୍ତୁ ତୁମେ ନିଶ୍ଚୟ ସ୍ୱୀକାର କରିବ ଯେ ମୋର ସେଇ ଧାରଣା ଫଳରେ ରୁପା ମିଳି ପାରିଲା ।"

"ନିଶ୍ଚୟ ଆଜ୍ଞା । ଯେ ସବୁ ତ ଆପଣଙ୍କ ଯୋଗୁଁ । କିନ୍ତୁ ମୋ କାମରେ ଗୋଟେ ବଡ଼ ପ୍ରତିବନ୍ଧକ ପଡ଼ିଯାଇଛି ।"

"ପ୍ରତିବନ୍ଧକ ?"

"ହଁ ମିଷ୍ଟର୍ ହୋମ୍‌ସ । ଏଇ ରାସ୍କାଲ୍ ଦଳଙ୍କୁ ଆଜି ସକାଳେ ନିଉୟର୍କରେ ଆରେଷ୍ଟ କରାଯାଇଛି ।"

"କ'ଣ କହୁଛ ହପ୍‌କିନ୍‌ସ ! ତେବେ ତ ସେମାନେ କାଲି ରାତି କେଣ୍ଟ୍‌ରେ ଗୋଟେ ହତ୍ୟା କରିଛନ୍ତି ବୋଲି ତୁମେ ଯେଉଁ ଧାରଣା କରିଛ ଏ ଘଟଣା ତାର ଘୁରି ବସୁଛି ।"

Digitized by srujanika@gmail.com

"ଖାଲି ବିରୁଦ୍ଧ ନୁହେଁ, ସାଂଘାତିକ । ତଥାପି ସ୍ପାଣ୍ଡାଲ୍ ଦଳକୁ ଗ୍ରହଣ-ଦେଲେ ଆହୁରି ଚାଇନିଜଣିଆ ଦଳ ତ ଅଛି କିମ୍ବା ଏ ଗୋଟିଏ ନୂଆ ଦଳ ହୋଇପାରେ ଆଉ ତାଙ୍କ କଥା ପୋଲିସ୍ କାନକୁ ଆସିନାହିଁ ।"

"ତା ପୂରା ସମ୍ଭବ । କ'ଣ, ତୁମେ ଫେରିଯିବ ନା କ'ଣ ?"

"ହଁ, ମିଷ୍ଟର୍ ହୋମ୍‌ସ । ଏ ଘଟଣାର ମୂଳ ବାହାର ନ କରିବାଯାଏ ମୋର ବିଶ୍ରାମ ନାହିଁ । ଆପଣଙ୍କର ବୋଧହୁଏ ଆଉ କିଛି ସୂଚନା ଦେବାର ନାହିଁ ?"

"ମୁଁ ତୁମକୁ ଗୋଟିଏ ସୂଚନା ଦେଇଛି ।"

"କେଉଁଟା ?"

"ଯେଉଁ ଧୂଆଁ ବାଣ କଥା କହିଲି ।"

"କିନ୍ତୁ କାହିଁକି କେହି ଏପରି କରିବ ?"

"ସେଇ ତ ହେଲା ପ୍ରଶ୍ନ । ଯାହାହେଉ, ଏ ଗୋଟିଏ ଧାରଣା ମୁଁ ତୁମକୁ ଦେଲି । ସ୍ୟା' ଦ୍ୱାରା ହୁଏତ କିଛି ହୋଇପାରେ । ତୁମେ ଖାଇବା ପାଇଁ ରହିବ ନାହିଁ ? ହଉ, ବିଦାୟ । କାମରେ କେତେ ଦୂର ଆଗେଇଲ ଆମକୁ ଜଣାଇବ ।"

ରାତି ଖିଆପିଆ ସରିଲା । ଟେବୁଲ୍ ସଫା ହେଲା । ହୋମ୍‌ସ ପାଇପ୍‌ଟା ଲଗାଇ ନିଆଁ ଆଡ଼କୁ ଗୋଡ଼ ଦି'ଟା ଲମ୍ବାଇ ବସିଗଲେ । ହଠାତ୍ ଘଣ୍ଟାଟା ଆଡ଼କୁ ଚାହିଁ ସେ କହିଲେ, "ମୁଁ ଆମ କାମରେ ଅଗ୍ରଗତି ଆଶା କରୁଛି ଓ୍ୱାଟ୍‌ସନ୍ ।"

"କେତେବେଳେ ?"

"ବର୍ତ୍ତମାନ । କେତେ ମିନିଟ୍ ଭିତରେ ହ୍ୱାଇକନ୍‌ସଙ୍କ ପ୍ରତି ମୋର ଏ ବ୍ୟବହାର ଖରାପ ବୋଲି ତୁମେ ଭାବୁଛ ନିଶ୍ଚୟ ?"

"ନା, ମୋର ତୁମ ବିଚାର ଉପରେ ଆସ୍ଥା ଅଛି ।"

"ଠିକ୍ କହୁଛ । କଥାଟା ବିଚାର କରି ଦେଖ । ମୁଁ ଯାହା ଜାଣେ ସେ ସବୁ ବେସରକାରୀ, ଘରୋଇ । କିନ୍ତୁ ସେ ଯାହା ଜାଣନ୍ତି ତା ସରକାରୀ । ମୁଁ କଥାଟା ପ୍ରକାଶ କରିବି କି ନାହିଁ ତା ବିଚାର କରିବାର ଅଧିକାର ମୋର ଅଛି;

Digitized by srujanika@gmail.com

କିନ୍ତୁ ତାଙ୍କର ସେ ଅଧିକାର ନାହିଁ । ସେ ଯାହା ଜାଣିଲେ ତାକୁ ପ୍ରକାଶ କରିବାକୁ ବାଧ୍ୟ । ତା ନହେଲେ ସେ କର୍ତ୍ତବ୍ୟରେ ଅବହେଳା କରିବେ । ତେଣୁ ଯେଉଁ କଥାରେ ସନ୍ଦେହ ଅଛି ସେ କଥା ତାଙ୍କୁ କହି ମୁଁ ତାଙ୍କୁ ଅସୁବିଧାରେ ପକାଇବାକୁ ଚାହେଁନା । ମୋ ନିଜ ମନରୁ ସନ୍ଦେହ ଦୂର ହେବାଯାଏ ମୁଁ ଯାହା ଜାଣେ ତା ମୋ ଭିତରେ ରହିଲା ।"

"କିନ୍ତୁ ତୁମର ଏ ସନ୍ଦେହ ଦୂର ହେବ କେତେବେଳେ ?"

"ସେ ସମୟ ଆସି ଯାଇଛି । ବର୍ତ୍ତମାନ ଅଳ୍ପ ସମୟରେ ତୁମେ ଗୋଟେ ଉଲ୍ଲେଖନୀୟ ନାଟକର ଶେଷ ଦୃଶ୍ୟ ଦେଖିବାକୁ ପାଇବ ।"

ପାହାଚ ଉପରେ ଗୋଟେ ଶବ୍ଦ ଶୁଣାଗଲା । ତାପରେ ଆମ ଘରର ଦରଜା ଖୋଲି ଭିତରକୁ ଜଣେ ଅତି ସୁନ୍ଦର ଭଦ୍ରଲୋକ ଆସିଲେ । ସେ ଜଣେ ଡେଙ୍ଗା ଯୁବକ, ମୁହଁରେ ସୁନା ରଙ୍ଗର ଦାଢ଼ି, ଆଖି ଦି'ଟା ନୀଳ, ବିଷୁବମଣ୍ଡଳୀୟ ସୂର୍ଯ୍ୟତାପରେ ଦେହର ରଙ୍ଗ ତମ୍ବା ପରି । ତାଙ୍କ ଚାଲିରୁ ସେ ଖୁବ୍ ବଳୁଆ ବୋଲି ଜଣାଯାଉଥାଏ । ସେ ଦରଜାଟା ବନ୍ଦକରି ହାତ ମୁଠାକରି ଠିଆ ହେଲେ । ତାଙ୍କ ଛାତି ପଡ଼ୁଥାଏ ଉଠୁଥାଏ । ଜଣାଯାଉଥାଏ ସେ ଯେମିତି କିଛି ଆବେଗକୁ ଚାପିରଖିବାକୁ ଚେଷ୍ଟା କରୁଛନ୍ତି ।

"ବସନ୍ତୁ କ୍ୟାପ୍‌ଟେନ୍ କ୍ରୋକର୍ । ଆପଣ ମୋ ଟେଲିଗ୍ରାମ୍ ପାଇଲେ ?"

ଆଗନ୍ତୁକ ଗୋଟେ ଆର୍ମ ଚଉକିରେ ବସି ଆମ ଆଡ଼କୁ ପ୍ରଶ୍ନକଲା ଭଙ୍ଗୀରେ ଚାହିଁ କହିଲେ, "ମୁଁ ଆପଣଙ୍କ ଟେଲିଗ୍ରାମ୍ ପାଇଲି ଆଉ ଯେତେବେଳେ ଆସିବା ଲାଗି କହିଥିଲେ ଆସିଛି । ଶୁଣିଲି ଆପଣ ଆମ ଅଫିସ୍‌କୁ ଯାଇଥିଲେ । ଆପଣଙ୍କ ହାତୁଡ଼ରୁ ଖସିଯିବାର ବାଟ ନାହିଁ । ହଉ, କ'ଣ କହୁଛନ୍ତି ଶୁଣିବା । ଆପଣ କ'ଣ କରିବାକୁ ଚାହାଁନ୍ତି ? ମୋତେ ଆରେଷ୍ଟ କରିବେ ? କହନ୍ତୁ ସେଠି ସେମିତି ବସି ବିଲେଇ ମୂଷାସାଙ୍ଗେ ଖେଳିଲା ପରି ମୋ ସାଥିରେ ଖେଳି ପାରିବେ ନାହିଁ ।"

ହୋମ୍‌ସ କହିଲେ, "ତାଙ୍କୁ ଖଣ୍ଡେ ସିଗାରେଟ୍ ଦିଅ । ସିଗାରେଟ୍‌ଟା ନିଅ କ୍ୟାପ୍‌ଟେନ୍ କ୍ରୋକର୍ ଆଉ ଏତେ ଅଧୈର୍ଯ୍ୟ ହୁଅ ନାହିଁ । ଆପଣଙ୍କୁ ଜଣେ ସାଧାରଣ ଅପରାଧୀ ବୋଲି ଭାବିଥିଲେ ମୁଁ ଏଠି ବସି ଆପଣଙ୍କ ସାଙ୍ଗେ

Digitized by srujanika@gmail.com

ସିଗାରେଟ୍ ଟାଣି ନଥାନ୍ତୁ । ଏକଥା ଭଲଭାବରେ ଜାଣି ରଖନ୍ତୁ । ମୋ ପାଖରେ କିଛି ଲୁଗୁନ୍ତୁ ନାହିଁ । ତାହେଲେ ଭଲ ହେବ । ଯଦି ଖେଳିବାକୁ ବସନ୍ତି ତେବେ ମୁଁ ଆପଣଙ୍କୁ ଶେଷ କରିଦେବି ।”

“ମୁଁ କ’ଣ କରିବା ପାଇଁ ଆପଣ ଚାହାନ୍ତି ?”

“କାଲି ରାତିରେ ଏବି ଗ୍ରେନ୍‌ଜ୍‌ରେ ଯାହା ଘଟିଲା ସବୁ ସତ ସତ କହିବେ । ମନେରଖନ୍ତୁ ସବୁ ସତ କଥା କିଛି ଛାଡ଼ିବେ ନାହିଁ । ମୁଁ ଏ ବିଷୟରେ ବହୁତ ଜାଣେ । ଆପଣ ଇଆଡ଼େ ସେପଟ ହେଲେ ମୁଁ ଏଇ ପୋଲିସ ହୁଇସିଲ୍‌ଟା ବଜାଇ ଦେବି । ତେଣିକି କଥା ମୋ ହାତରୁ ଚାଲିଯିବ ।”

କ୍ୟାପ୍‌ଟେନ୍ କିଛିକ୍ଷଣ ଚିନ୍ତା କରି କହିଲେ, “ହଉ, ଯାହା ହେବାର ହେବ । ମୋର ବିଶ୍ୱାସ ଆପଣ ନିଶ୍ଚୟ ଆପଣଙ୍କ କଥା ରଖିବେ । ତାଛଡ଼ା ଆପଣ ଜଣେ ଇଂରେଜ । ମୁଁ ଆପଣଙ୍କୁ ସବୁକଥା କହିବି; କିନ୍ତୁ ତା ଆଗରୁ ପ୍ରଥମେ ମୁଁ ଗୋଟେ କଥା କହିବି । ଏ ଘଟଣା ବାବଦରେ ମୁଁ ମୋଟେ ଅନୁତପ୍ତ ନୁହେଁ କିମ୍ବା ଭୟ କରେ ନାହିଁ । ସେଥିପାଇଁ ବରଂ ମୁଁ ଗର୍ବ ଅନୁଭବ କରୁଛି । ସେଇ ନରାଧମ ପଶୁଟା ତାର ଯଦି ଗୁଡ଼ାଏ ଜୀବନ ଥାଆନ୍ତା; ତେବେ ସେସବୁ ମୋ ହାତରେ ଯାଇଥାନ୍ତା । କିନ୍ତୁ ସେହି ଭଦ୍ରମହିଳା ମେରି ଫ୍ରେଜର ତାଙ୍କୁ ମୁଁ ସେ ଘୃଣିତ ବ୍ରାକେନ୍‌ଷ୍ଟଲ୍ ନାଁରେ ଡାକିବି ନାହିଁ । ତାଙ୍କ ମୁହଁରେ ହସ ଫୁଟାଇବା ପାଇଁ ମୁଁ ମୋର ଜୀବନ ପର୍ଯ୍ୟନ୍ତ ଦେଇପାରେ । ସେ କୌଣସି ବିପଦରେ ପଡ଼ିବା କଥା ଚିନ୍ତା କଲେ ମୋ ଛାତି ଫାଟିଯାଉଛି । ତଥାପି ମୁଁ ଆଉ କ’ଣ କରି ପାରି ଥାଆନ୍ତି । ମୁଁ ଆପଣମାନଙ୍କ ଆଗରେ ମୋ କଥା କହିବି । ତାପରେ ଆପଣମାନଙ୍କ ମଣିଷପଣିଆକୁ ପଚାରିବି, ଆଉ କଣ ମୁଁ କରିପାରିଥାନ୍ତି ।

“ମୁଁ ଟିକିଏ ପୂର୍ବରୁ କଥାଟା କହିବି । ଆପଣ ତ ସବୁ ଜାଣିଲା ପରି ଲାଗୁଛି । ତେଣୁ ମୋର ଆଶା ଆପଣ ଜାଣିଥିବେ, ରକ୍ ଜିବ୍ରାଲ୍‌ଟାର୍ ଜାହାଜରେ ତାଙ୍କ ସହିତ ମୋର ପ୍ରଥମ ଦେଖା । ସେ ଥିଲେ ଜଣେ ଯାତ୍ରୀ ଆଉ ମୁଁ ଜାହାଜର ପ୍ରଥମ ଅଫିସର୍ । ପ୍ରଥମ ଦେଖାରେ ହିଁ ମୁଁ ତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲି । ଦିନକୁ ଦିନ ତାଙ୍କ ପ୍ରତି ମୋର ଅନୁରାଗ ବଢ଼ିବାରେ

Digitized by srujanika@gmail.com

ଲାଗିଲା । ଡେକ୍‌ରେ ଯେଉଁଠି ସେ ବୁଲାଚାଲା କରୁଥିଲେ ରାତିର ଅଂଧାରରେ ମୁଁ ସେ ଜାଗାକୁ ଚୁମ୍ବନ କରୁଥିଲି । କିନ୍ତୁ ତାଙ୍କ ସଙ୍ଗେ ବିବାହର ପ୍ରସ୍ତାବ ମୋଟେ ନଥିଲା । ଜଣେ ଭଦ୍ରମହିଳା ଜଣେ ଭଦ୍ରଲୋକ ପ୍ରତି ଯେମିତି ବ୍ୟବହାର କରିବା କଥା ସେ ତାହାହିଁ କରୁଥିଲେ । ସେଥିରେ ମୋର ଆପତ୍ତି କରିବାର କିଛି ନାହିଁ । ପ୍ରେମଟା କେବଳ ମୋ ତରଫରୁ ଥିଲା । ତାଙ୍କଠୁ ମୁଁ ସାଧାରଣ ବନ୍ଧୁତା ପାଇଥିଲି । ଜାହାଜ ଛାଡ଼ିଗଲା ପରେ ସେ ପୂରା ସ୍ୱାଧୀନ; କିନ୍ତୁ ମୋର ସେ ସ୍ୱାଧୀନତା ନଥିଲା ।

"ତା ପର ଥର ମୁଁ ସମୁଦ୍ର ଯାତ୍ରାରୁ ଫେରିଲାପରେ ତାଙ୍କ ବିବାହ କଥା ଶୁଣିଲି । ସେ ଯାହାକୁ ଇଚ୍ଛାକଲେ ତାକୁ ବିବାହ ନ କରିବେ କାହିଁକି ? ପଦମର୍ଯ୍ୟାଦା, ଧନ ସମ୍ପତ୍ତି, ଆଉ ଅଧିକା ସେ କେଉଁଠୁ ପାଇଥାନ୍ତେ ? ତାଙ୍କର ବିବାହଯୋଗୁଁ ମୁଁ ମନରେ ଦୁଃଖ କଲିନାହିଁ । ମୁଁ ଏତେଟା ନୀଚ, ସ୍ୱାର୍ଥପର ନ ଥିଲି । ମୁଁ ବରଂ ଖୁସି ହେଲି ଯେ, ତାଙ୍କର ସୌଭାଗ୍ୟ ଆସିଛି ଆଉ ଗୋଟେ କପର୍ଦ୍ଦକହୀନ ନାବିକ ହାତରେ ସେ ନିଜକୁ ଫିଙ୍ଗିଦେଇ ନାହାନ୍ତି । ମେରି ଫ୍ରେସର୍‌ଙ୍କୁ ମୁଁ ଏଇପରି ପ୍ରେମ କରୁଥିଲି ।

"ତାଙ୍କୁ ଆଉ ଦେଖିବାର ମୋର ଆଶା ନଥିଲା । କିନ୍ତୁ ଗଲା ଯାତ୍ରା ପରେ ମୋର ପ୍ରମୋସନ୍ ହୋଇଗଲା । ନୂଆ ଜାହାଜ ସେ ଯାଏଁ ଯାତ୍ରା ପାଇଁ ପ୍ରସ୍ତୁତ ହୋଇନଥିଲା । ନେଣୁ ମୋତେ ଦି'ମାସ ଖଣ୍ଡେ ଅପେକ୍ଷା କରିବାକୁ ହେଲା । ସିଡେନ୍‌ହାମ୍‌ରେ ମୁଁ ନିଜ ଲୋକଙ୍କ ପାଖରେ ରହିଲି । ଦିନେ ଗୋଟେ ଗଳି ରାସ୍ତାରେ ତାଙ୍କ ଚାକରାଣୀ ଥେରେସା ରାଇଟ୍ ସାଥିରେ ଦେଖା ହେଲା । ତାଠୁ ମେରିଙ୍କ କଥା, ତାଙ୍କ ସ୍ୱାମୀଙ୍କ କଥା ସବୁ ଶୁଣିଲି । ଆପଣମାନଙ୍କ ଆଗରେ ସତ କହୁଛି, ସବୁ ଶୁଣି ମୁଁ ପାଗଳପରି ହୋଇଗଲି । ସେଇ ସଇତାନ କୁକୁରଟା, ଯାହାଙ୍କ ଜୋତା ଚାଟିବାକୁ ସେ ଯୋଗ୍ୟ ନୁହେଁ, ମଦୁଆଟା ପୁଣି ତାଙ୍କ ଉପରକୁ ହାତଉଠାଇବ ! ଥେରେସାକୁ ପୁଣି ଭେଟିଲି । ତାପରେ ମୁଁ ନିଜେ ଯାଇ ମେରି ସାଥିରେ ଦେଖାକଲି । ପରେ ପୁଣି ଥରେ ଦେଖାକଲି । ସେଇଠୁ ଆଉ ଦେଖାହେଲାନାହିଁ । ଦିନେ ନୋଟିସ୍ ପାଇଲି ସପ୍ତାହକ ଭିତରେ ମୋର ଜଳଯାତ୍ରା ଆରମ୍ଭ ହେବ । ମନେ ମନେ ଠିକ୍ କଲି ଯିବା

Digitized by srujanika@gmail.com

ପୂର୍ବରୁ ଆଉଥରେ ମେରୀଙ୍କୁ ଦେଖାକରିବ । ଥେରେସା ସବୁବେଳେ ମୋତେ ସାହାଯ୍ୟ କରିଆସିଛି । କାରଣ ସେ ମେରୀଙ୍କୁ ପ୍ରାଣଭରି ଭଲପାଏ ଆଉ ଏଇ ସଇତାନ୍‌ଟାକୁ ମୋଠୁ ବଳି ଘୃଣା କରେ । ତାଠୁ ମୁଁ ଘରର ସବୁ ହାଲ୍‌ଚାଲ୍ ବୁଝିଲି । ମେରୀ ତଳ ମହଲାରେ ତାଙ୍କ କୋଠରୀରେ ବସି ପଢ଼ାପଢ଼ି କରନ୍ତି । ଗଲା ରାତିରେ ମୁଁ ଛପି ଛପି ସେଠିକି ଯାଇ ଝରକା ଠକ୍ ଠକ୍ କଲି । ପ୍ରଥମେ ସେ ଝରକା ଖୋଲିଲେ ନାହିଁ । କିନ୍ତୁ ମୁଁ ଜାଣିଥିଲି ସେତେବେଳକୁ ସେ ମୋତେ ଅନ୍ତରର ସହ ଭଲ ପାଇବସିଲେଣି ଆଉ କାକର ରାତିରେ ମୋତେ ବାହାରେ ଠିଆ କରାଇ ରଖିବେ ନାହିଁ । ସାମନାପଟର ବଡ଼ ଝରକା ପାଖକୁ ବୁଲି ଆସିବାକୁ ସେ ମୋତେ ଗୁନ ଗୁନ କରି କହିଦେଲେ । ଯାଇ ଦେଖିଲି ସେଟା ଖୋଲାଅଛି । ମୁଁ ଖାଇବା ଘର ଭିତରକୁ ପଶିଗଲି । ତାଙ୍କ ମୁହଁରୁ କେତେ କଥା ଶୁଣି ମୋ ରକ୍ତ ତାତି ଉଠିଲା । ଯାହାକୁ ମୁଁ ଏତେ ଭଲପାଏ ତା ପ୍ରତି ଦୁର୍ବ୍ୟବହାର କରୁଥିବା ଏଇ ପଶୁଟା ଉପରେ ରକ୍ତ ଗରିଲା ଗ୍ରେବାଇଲି । ଆପଣମାନଙ୍କୁ ସତ କହୁଛି, ଆଉ ଭଗବାନ ସେକଥା ଜାଣନ୍ତି, ଆମେ ଝରକା ପାଖରେ ଠିଆ ହୋଇଥିଲୁ । କୌଣସି ମନ୍ଦ ଉଦ୍ଦେଶ୍ୟ ଆମର ନଥିଲା । ଏତିକିବେଳେ ସଇତାନ୍‌ଟା ପାଗଳ ପରି ଘର ଭିତରକୁ ଛୁଟି ଆସିଲା । ମେରୀଙ୍କୁ ଯାହା ଇଚ୍ଛା ତାହା ଗାଳିଗୁଲଜ କରି ହାତରେ ଧରିଥିବା ବାଡ଼ିରେ ତାଙ୍କ ମୁହଁକୁ ପିଟିଦେଲା । ମୁଁ ତେଇଁପଡ଼ି ପୋକର୍‌ଟା ଧରିନେଲି । ଆମ ଭିତରେ ଲଢ଼େଇ ଲାଗିଗଲା । ଏଇ ଦେଖନ୍ତୁ, ସେ ପ୍ରଥମେ ମୋ ହାତକୁ କିପରି ପିଟିଛି । ତାପରେ ମୋ ପାଳି ପଡ଼ିଗଲା । ଗୋଟେ ପଚରା ଲଉ ପରି ତାକୁ ତଳେ ଗଡ଼ାଇଦେଲି । ଆପଣ କ'ଣ ଭାବୁଛନ୍ତି ସେଥିପାଇଁ ମୋ ମନରେ ଦୁଃଖ ହୋଇଥିବ ? ମୋଟେ ନୁହେଁ । ମୋ ଜୀବନ ବା ତା ଜୀବନ ଉପରେ କଥା । ତାଠୁ ବଡ଼ କଥା ହେଲା ତା ଜୀବନ ଯିବ ନଚେତ୍ ମେରୀ ଜୀବନ ଯିବ । କାରଣ ଏଇ ସଇତାନ୍ ପାଗଳଟା ହାତରେ ତାଙ୍କୁ ଛାଡ଼ି ଯାଇଥାନ୍ତି କିପରି ? ଏଇପରି ଭାବରେ ମୁଁ ତାକୁ ହତ୍ୟା କରିଛି । ଏଇଟା କ'ଣ ମୋର ଭୁଲ ? ତା ହେଲେ ଆପଣମାନଙ୍କ ଭିତରୁ କେହି ମୋ ଜାଗାରେ ଥିଲେ କ'ଣ କରିଥାନ୍ତେ ?

Digitized by srujanika@gmail.com

ସଇତାନ୍‌ଟା ଯେତେବେଳେ ମେରୀଙ୍କୁ ପିଟିଦେଲା ସେ ଚିତ୍କାର କରି ଉଠିଲେ । ସେ ପାଟି ଶୁଣି ଥେରେସା ଉପରୁ ଚାଲି ଆସିଲା । ପାଖ ଥାକରେ ଗୋଟେ ମଦ ବୋତଲ ଥିଲା । ମୁଁ ସେଟା ଖୋଲି ମେରୀଙ୍କ ପାଟିରେ ଟିକିଏ ଦେଲି । କାରଣ ସେ ପ୍ରାୟ ଦରମରା ହୋଇଯାଇଥିଲେ । ତା'ପରେ ମୁଁ ବି ଟିକିଏ ମଦ ପିଇନେଲି । ଥେରେସା କିନ୍ତୁ ବରଫ ପରି ଶୀତଳ ଆଉ ଅବିଚଳିତ । ସେ ଆଉ ମୁଁ ଏଇ କାହାଣୀଟା ଠିକ୍ କଲୁ । ଆମକୁ କିଛି କରିବାକୁ ହେବ, ଯାହାଦ୍ୱାରା ଜଣାପଡ଼ିବ ଏଟା ତସ୍କରମାନଙ୍କ କାମ । ଥେରେସା ଆମ ଯୋଜନାଟା ବାରମ୍ବାର ମେରୀଙ୍କ ଆଗରେ କହି ଲାଗିଲା । ମୁଁ ଉପରକୁ ଉଠି ଘଣ୍ଟା ଦଉଡ଼ିଟା କାଟି ଆଣିଲି । ସେଟାକୁ ସ୍ୱାଭାବିକ କରିବା ପାଇଁ ମୁଣ୍ଡିରେ ପାକଳ ଫିଟାଇ ଦେଲି । ତା'ପରେ ରୁପାର କେତେଟା ପ୍ଲେଟ୍ ଆଦି ଧରିଲି । ତସ୍କର ହୋଇଛି ବୋଲି ଧାରଣା ଦେବା ଆମର ଉଦ୍ଦେଶ୍ୟ । ମୁଁ ଚାଲିଯିବାର ପନ୍ଦର ମିନିଟ୍ ପରେ ପାଟି କରି ଡାକିବାକୁ ତାଙ୍କୁ କହି ସେଠାରୁ ଚାଲିଆସିଲି । ରୁପାବାସନ ଗୁଡ଼ା ପୋଖରୀରେ ପକାଇ ଦେଇ ସିଡ଼େନ୍‌ହାମ୍ ଚାଲିଆସିଲି । ମୋତେ ଜଣାଗଲା ଜୀବନରେ ଥରକ ପାଇଁ ମୁଁ ଗୋଟେ ଭଲକାମ କରିଛି । ଏଇ ହେଲା ସତକଥା ମିଷ୍ଟର୍ ହୋମ୍‌ସ । ସେଥିପାଇଁ ମୋ ମୁଣ୍ଡକାଟ ହେଲେ ବି ମୋର ଦୁଃଖ ନାହିଁ ।"

ହୋମ୍‌ସ କିଛି ସମୟ ଚୁପ୍‌ଚାପ୍ ବସି ସିଗାରେଟ୍ ଟାଣିଲେ । ତାପରେ ସେ ଉଠିଯାଇ ଆଗନ୍ତୁକଙ୍କ ହାତଧରି କହିଲେ, "ମୁଁ ବି ସେଇଆ ଭାବୁଛି । ମୁଁ ଜାଣେ ଆପଣଙ୍କ କଥା ପୁରାପୁରି ସତ । କାରଣ ଆପଣ ଯାହା କହିଗଲେ ସେଥିରୁ ଗୋଟିଏ ଶବ୍ଦ ବି ମୋର ଅଜଣା ନୁହେଁ । ସେଇ ବ୍ରାକେଟ୍ ଉପରୁ ଦଉଡ଼ିକୁ ହାତ ବଢ଼ାଇବା ଜଣେ ନାବିକ ବା ଦଉଡ଼ିରେ ଚାଲି ଖେଳ କରିବା ଲୋକ ପକ୍ଷରେ କେବଳ ସମ୍ଭବ । ଚଉକିରେ ଦଉଡ଼ିଟା ବାନ୍ଧିଲାବେଳେ ଯେଉଁ ଗଣ୍ଠି ପଡ଼ିଥିଲା, ଜଣେ ନାବିକ ବିନା ଅନ୍ୟ କେହି ସେ ଗଣ୍ଠି ପକାଇ ପାରିବ ନାହିଁ । ଏଇ ଭଦ୍ରମହିଳା ଥରେ ମାତ୍ର ନାବିକଙ୍କ ସମ୍ପର୍କରେ ଆସିଥିଲେ । ସେଟା ହେଲା ଅଷ୍ଟ୍ରେଲିଆରୁ ଇଂଲଣ୍ଡ ଆସିଲାବେଳେ । ତାପରେ ସେ ନାବିକ ନିଶ୍ଚୟ ତାଙ୍କ ସମାଜର ଲୋକ । କାରଣ ସେ ତାକୁ ଘୋଡ଼ାଇ ରଖିବାକୁ

Digitized by srujanika@gmail.com

ଚେଷ୍ଟା କରୁଥିଲେ ଆଉ ତାହାର ଜଣାଇଦେଲେ ଯେ, ସେ ତାକୁ ଭଲ ପାଆନ୍ତି । ମୁଁ ଥରେ ଠିକ୍ ବାଟଟା ଧରି ନେଲା ପରେ କେତେ ସହଜରେ ଆପଣଙ୍କୁ ଧରିପାରିଲି ଦେଖିଲେ ତ ।"

"ମୁଁ ଭାବିଥିଲି ପୋଲିସ୍ ଆମର ଏ ଛଳନା ଜାଣିପାରିବନାହିଁ ।"

"ଆଉ ପୋଲିସ୍ ଜାଣିପାରିନାହିଁ । ମୋର ପୂର୍ବ ବିଶ୍ୱାସ ସେମାନେ ଜାଣି ପାରିବେ ନାହିଁ । ଦେଖନ୍ତୁ କ୍ୟାପ୍‌ଟେନ୍ କ୍ରୋକର୍ । ଘଟଣା ଅତି ଗୁରୁତର । ଅବଶ୍ୟ ମୁଁ ସ୍ୱୀକାର କରୁଛି ଆପଣ ଉତ୍ତେଜନାର ବଶବର୍ତ୍ତୀ ହୋଇ ଯାହା କରିଛନ୍ତି । ଯେ କେହି ଲୋକ ଏଇଆ କରିଥାନ୍ତା । ଆପଣ ନିଜ ଜୀବନ ରକ୍ଷା କରିବା ପାଇଁ ଯାହା କଲେ ସେଟା ଆଇନ୍ ସଙ୍ଗତ ନୁହେଁ ମୁଁ କହିପାରୁନାହିଁ । ଯାହାହେଉ, ତାର ବିଚାର କରିବ ବ୍ରିଟିଶ୍ ଜୁରି । ମୋର ଆପଣଙ୍କ ପାଇଁ ଯଥେଷ୍ଟ ସହାନୁଭୂତି ଅଛି । ଆପଣ ଚବିଶ ଘଣ୍ଟା ଭିତରେ ଏଠାରୁ ଗୁଲି-ଯିବାର ଠିକ୍ କଲେ କେହି ଆପଣଙ୍କର କିଛି କରିପାରିବନାହିଁ । ମୁଁ ଏ ପ୍ରତିଶ୍ରୁତି ଦେଉଛି ।"

"ତାପରେ ତ ଘଟଣାଟା ଜଣାପଡ଼ିଯିବ ?"

"ନିଶ୍ଚୟ ଜଣାପଡ଼ିବ ।"

କ୍ୟାପ୍‌ଟେନ୍ ରାଗରେ ପଡିଯାଇ କହିଲେ, "ଆପଣ ଅମଣିଷ ପରି ଏ କି ପ୍ରସ୍ତାବ କରୁଛନ୍ତି ? ମୁଁ ଆଇନ୍ ବିଷୟରେ ଯଥେଷ୍ଟ ଜାଣେ । ମେରିଙ୍କୁ ହତ୍ୟାକାଣ୍ଡର ସହଯୋଗୀ ହିସାବରେ ଧରାଯିବ । ତାଙ୍କୁ ଏକା ଏପରି ଗ୍ଭଡ଼ି ଦେଇ ମୁଁ ଖସିଯିବି ବୋଲି କ'ଣ ଆପଣ ଭାବୁଛନ୍ତି ? ନା ଆଜ୍ଞା, ସେମାନେ ମୋତେ ଯାହା କରିବାର କରନ୍ତୁ । କିନ୍ତୁ ଭଗବାନଙ୍କ ଶପଥ ମିଷ୍ଟର୍ ହୋମ୍‌ସ, କିଛିବି ମେରି ଅଦାଲତ ନ ଯିବା ପାଇଁ କିଛି କରନ୍ତୁ ।"

କ୍ୟାପ୍‌ଟେନ୍‌ଙ୍କ ଆଡ଼କୁ ହାତବଢ଼ାଇ ହାଣ୍ଡ୍‌ସେକ୍‌କରି ହୋମ୍‌ସ କହିଲେ, "ମୁଁ ଆପଣଙ୍କୁ କେବଳ ପରୀକ୍ଷା କରୁଥିଲି । ଆପଣ ବରାବର ସଚ୍ଚୋଟ ପଣିଆ ଦେଖାଇଛନ୍ତି । ଯାହାହେଉ, ମୁଁ ଗୋଟେ ବଡ଼ ଦାୟିତ୍ୱ ମୁଣ୍ଡାଇ ନେଉଛି । କିନ୍ତୁ ମୁଁ ହପ୍‌କିନସ୍‌ଙ୍କୁ ଗୋଟେ ସୂଚନା ଦେଉଛି । ଯଦି ସେ ତାର ସଦ୍‌ବ୍ୟବହାର କରି ନ ପାରିଲେ ତେବେ ମୋର କିଛି କରିବାର

Digitized by srujanika@gmail.com

ନାହିଁ । ଦେଖନ୍ତୁ କ୍ୟାପ୍‌ଟେନ୍ କ୍ରୋକର୍ । ଆମେ ଆଇନ୍ ତାଙ୍କରେ ସବୁ କରିବା । ଆପଣ ବନ୍ଦୀ । ଡ୍‌ଆଟ୍‌ସନ୍, ତୁମେ ଜଣେ ବ୍ରିଟିଶ୍ ଜୁରି । ତୁମ ପରି ଉପଯୁକ୍ତ ଲୋକ ମୁଁ ଦେଖିନାହିଁ । ମୁଁ ବିଗ୍ଭରପତି । ଏବେ ଜୁରି ଭଦ୍ରବ୍ୟକ୍ତି ଗଣ, ଆପଣମାନେ ସବୁ ସାକ୍ଷ୍ୟ ପ୍ରମାଣ ଶୁଣିଲେ । ବନ୍ଦୀ ଦୋଷୀ କି ନିର୍ଦ୍ଦୋଷ ?"

"ନିର୍ଦ୍ଦୋଷ ମାନ୍ୟବର ବିଗ୍ଭରପତି ।" ମୁଁ କହି ଉଠିଲି ।

"ଆପଣ ମୁକ୍ତ କ୍ୟାପ୍‌ଟେନ୍ କ୍ରୋକର୍ । ମୋ ନିକଟରେ ଆପଣ ନିରାପଦ । ବର୍ଷେ ପରେ ଏଇ ଭଦ୍ରମହିଳାଙ୍କ ପାଖକୁ ଫେରିଆସିବେ । ତାଙ୍କର ଆଉ ଆପଣଙ୍କର ଭବିଷ୍ୟତ ଆମର ଆଜି ରାତିର ଏଇ ବିଗ୍ଭରର ଯଥାର୍ଥତା ପ୍ରତିପାଦନ କରୁ ।

* * *

Digitized by srujanika@gmail.com

ଦ୍ୱିତୀୟ ଦାଗ

ଭାବିଥିଲି, ମୋ ବନ୍ଧୁ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସଙ୍କର ଯେଉଁ ସବୁ ଅଭିଯାନ କାହାଣୀ ଲୋକଙ୍କ ଆଗରେ ଉପସ୍ଥାପନ କରିବି ତା’ଭିତରେ ଏବି ଗ୍ରେନ୍‌ଜ୍‌ର ଅଭିଯାନ କାହାଣୀ ହେବ ସର୍ବଶେଷ । ଉପକରଣର ଅଭାବ ମୋର ଏ ପ୍ରକାର ସିଦ୍ଧାନ୍ତର କାରଣ ନୁହେଁ । କାରଣ ମୋ ପାଖରେ ଶହ ଶହ କେଶ୍‌ର ନୋଟ୍ ସବୁ ରହିଛି ଆଉ ମୁଁ ସେ ବିଷୟରେ କେବେ କିଛି କହିନାହିଁ । ତାଛଡ଼ା ହୋମ୍‌ସଙ୍କର ଅଦ୍ୱିତୀୟ ବ୍ୟକ୍ତିତ୍ୱ ଆଉ କର୍ମ ପନ୍ଥା ବିଷୟ ପଢ଼ିବା ପାଇଁ ଲୋକଙ୍କର ଆଗ୍ରହ ଯେ କମି ଯାଇଥିଲା ତା ନୁହେଁ । ପ୍ରକୃତ କାରଣ ହେଲା, ତାଙ୍କ ଅନୁଭୂତିଗୁଡ଼ା ନିୟମିତ ଭାବେ ପ୍ରକାଶ କରିବା ପାଇଁ ସେ କୁଣ୍ଠା ପ୍ରକାଶ କରୁଥିଲେ । ଯେତେ ଦିନ ଯାଏ ସେ ତାଙ୍କ ବ୍ୟବସାୟରେ ଲିପ୍ତ ଥିଲେ ସେତେ ଦିନ ଯାଏ ତାଙ୍କ ସଫଳତାର ବିବରଣୀ ତାଙ୍କ ପାଇଁ ପ୍ରକୃତ ମୂଲ୍ୟବାନ ଥିଲା । କିନ୍ତୁ ବ୍ୟବସାୟ ଛାଡ଼ି, ଲଣ୍ଡନ ସହରରୁ ଯାଇ ସସେକ୍‌ସରେ ମହୁକୃଷି ଆଉ ପଢ଼ାପଢ଼ିରେ ବୁଡ଼ି ରହିବା ପରେ, ଏଇ କେଶ୍, ଗଣ୍ଡଗୋଳ, ଦୁର୍ନାମ ଆଦିକୁ ସେ ଖୁବ୍ ଘୃଣା କରୁଥିଲେ । ଏ ବାବଦରେ ତାଙ୍କ ଇଚ୍ଛା ବିରୁଦ୍ଧରେ କିଛି ନ କରିବାପାଇଁ ସେ ବାରମ୍ବାର ଅନୁରୋଧ କରିଥିଲେ । ଏବେ ମୁଁ ତାଙ୍କୁ କହିଲି ଯେ, ସମୟ ଆସିଲେ ‘ଦ୍ୱିତୀୟ ଦାଗ’ କାହାଣୀଟା ଲୋକଙ୍କ ଆଗରେ ପ୍ରକାଶ କରିବି ବୋଲି ମୁଁ କଥା ଦେଇଛି । ତାଛଡ଼ା ତାଙ୍କ ଅଭିଯାନ ବିଷୟରେ ଯେଉଁ ଲମ୍ବା ଲେଖା ମୁଁ ପ୍ରକାଶ କରିଛି, ତାର ଶେଷ ସେ ହାତକୁ ନେଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ କେଶ୍‌ର ବିବରଣୀରେ ହେଲେ ବେଶ୍ ସୁନ୍ଦର ଆଉ ଉପଯୁକ୍ତ ହେବ ବୋଲି ତାଙ୍କୁ ଜଣାଇଲି । ଶେଷରେ ମୁଁ ତାଙ୍କ ଅନୁମତି ପାଇଲି; କିନ୍ତୁ ଖୁବ୍ ସାବଧାନତା ସହ ବିବରଣୀଟା ଲୋକଙ୍କ

Digitized by srujanika@gmail.com

ଆଗରେ ଉପସ୍ଥାପନ କରିବାକୁ ସେ ମୋତେ ସାବଧାନ କରାଇ ଦେଇଛନ୍ତି । ତେଣୁ କଥାଟା କହିଲାବେଳେ ଟିକିନଖି ବିବରଣୀରେ ଯଦି ମୁଁ ଅସ୍ପଷ୍ଟ ହୋଇ ପଡ଼େ, ତେବେ ସମସ୍ତେ ଜାଣି ରଖିବା ଦର୍କାର ଯେ, ମୋର ଏପରି ସଂଯତ ହୋଇ ଲେଖିବାର ଯଥେଷ୍ଟ କାରଣ ଅଛି ।

ବର୍ଷେ ଶରତଋତୁର ଏକ ମଙ୍ଗଳବାର ସକାଳେ ଆମ ବେକର୍ଷ୍ଟ୍ରୀଟ୍ର ସାଦାସିଧା ଘରେ ଦୁ’ ଜଣ ଭଦ୍ରଲୋକ ପହଞ୍ଚିଲେ । ସାରା ଇଉରୋପରେ ତାଙ୍କର ଖ୍ୟାତି ଅଛି । ସେଥିରୁ ଜଣେ ଖୁବ୍ ଗମ୍ଭୀର ଆଉ ପ୍ରଭାବଶାଳୀ । ତାଙ୍କ ନାକଟା ଉଚା, ଆଖି ଦୁ’ଟା ଇଗଲ୍ ଆଖି ପରି । ସେ ଖ୍ୟାତନାମା ଲର୍ଡ ବେଲିଞ୍ଜର୍ଙ୍କ ବ୍ୟତୀତ ଅନ୍ୟ କେହି ନୁହନ୍ତି । ଦୁ’ଥର ଇଂଲଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ । ଅନ୍ୟଜଣକ ମଧ୍ୟ ବୟସ୍କ । ବେଶ୍ ସୁନ୍ଦର ଚେହେରା । ସେ ମାନ୍ୟବର ଟ୍ରେଲନହୋପ, ଇଉରୋପିୟାନ୍ ଆଫେୟାର୍ସ୍ ସେକ୍ରେଟାରୀ ଆଉ ଜଣେ ଉଦୀୟମାନ ରାଜନୀତିଜ୍ଞ । ସେ ଦୁହେଁ ଆମ କାଗଜ ଗଦାହୋଇଥିବା ବେଞ୍ଚଉପରେ ପାଖାପାଖି ବସିଥାନ୍ତି । ତାଙ୍କର କ୍ଲାନ୍ତ ଆଉ ବିଷଣ୍ଣ ମୁହଁରୁ ସହଜରେ ଜାଣି ହେଉଥିଲା ଯେ, ଅତି ଗୁରୁତ୍ୱପୂର୍ଣ୍ଣ କାମରେ ସେ ଏଠିକି ଆସିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନୀଳ ଶିରାଯୁକ୍ତ ପତଳା ହାତ ଦୁ’ଟା ତାଙ୍କ ଛତାର ହାତୀଦାନ୍ତ ମୂଠାରେ ଚିପିହୋଇ ରହିଥାଏ । ସେ ବିମର୍ଷ ହୋଇ ହୋମ୍ସ ଆଉ ମୋ ଆଡ଼କୁ ଚାହିଁଥାନ୍ତି । ଇଉରୋପିୟାନ୍ ସେକ୍ରେଟାରୀ ଅସ୍ଥିର ହୋଇ ତାଙ୍କ ଦାଢ଼ି ଆଉ ଘଣ୍ଟା ଚେନ୍ରେ ହାତ ବୁଲାଉଥାନ୍ତି ।

ସେ କହିଲେ, "ଆଜି ସକାଳ ଆଠଟାରେ ହଜିଯିବା କଥାଟା ମୁଁ ଜାଣିଲି । ସାଙ୍ଗେ ସାଙ୍ଗେ ପ୍ରଧାନମନ୍ତ୍ରୀଙ୍କୁ ଏ କଥା ଜଣାଇଲି । ତାଙ୍କର ପ୍ରସ୍ତାବରେ ଆମେ ଦୁହେଁ ଏଠିକି ଆସିଛୁ ।"

"ଆପଣ ପୋଲିସକୁ ଏ ବିଷୟ ଜଣାଇଛନ୍ତି ?"

ଚଟ୍କରି ପ୍ରଧାନମନ୍ତ୍ରୀ ଉତ୍ତରଦେଲେ "ନା ଆଜ୍ଞା, ଆମେ ତା କରିନାହୁଁ କିମ୍ବା କରିବା ସମ୍ଭବ ନୁହେଁ । ପୋଲିସକୁ ଜଣାଇବା ଅର୍ଥ ସମୟ କ୍ରମେ ସର୍ବସାଧାରଣଙ୍କୁ ଜଣାଇବା । ଆଉ ଆମର ଉଦ୍ଦେଶ୍ୟ ତାକୁ ଏଡ଼ାଇଦେବା ।"

"କାହିଁକି ଆଜ୍ଞା ?"

Digitized by srujanika@gmail.com

"କାରଣ ଯେଉଁ ଦଲିଲ ହଜିଯାଇଛି ତା ଅତି ଗୁରୁତ୍ୱପୂର୍ଣ୍ଣ । ତାହା ପ୍ରକାଶ ପାଇଗଲେ ଯେ କୌଣସି ମୁହୂର୍ତ୍ତରେ ସାରା ଇଉରୋପରେ ଗଣ୍ଡ-ଗୋଳ ଆଉ ଜଟିଳ ପରସ୍ଥିତି ସୃଷ୍ଟି ହୋଇପିବାର ଯଥେଷ୍ଟ ସମ୍ଭାବନା । ଏ ଘଟଣା ଉପରେ ଯୁଦ୍ଧ ବା ଶାନ୍ତି ନିର୍ଭର କରେ ବୋଲି କହିବା ଅଯୁକ୍ତ ହେବ ନାହିଁ । ଏଇ ଦଲିଲ୍‌କୁ ଚରମ ଗୋପନୀୟତା ସହି ଉଦ୍ଧାର କରି ନଗଲେ ବରଂ ଉଦ୍ଧାର ନ କରିବା ଭଲ । କାରଣ ଯେଉଁମାନେ ଏକୁ ନେଇ ଯାଇଛନ୍ତି, ସେମାନଙ୍କ ଉଦ୍ଦେଶ୍ୟ ହେଲା ଏଟାକୁ ସର୍ବସାଧାରଣରେ ପ୍ରକାଶ କରିବା ।"

"ମୁଁ ବୁଝୁଛି । ଏଥର ମିଷ୍ଟର୍ ଟ୍ରେଲ୍‌ନହୋପ୍, କିଭଳି ପରସ୍ଥିତିରେ ଏଇ ଦଲିଲ ହଜିଗଲା ମୋତେ ସଠିକ୍ କହିଲେ ବଡ଼ ଉପକୃତ ହେବ ।"

"ସେଟା ମାତ୍ର କେତେ ପଦ କଥାରେ କହିହେବ ମିଷ୍ଟର ହୋମ୍‌ସ । ସେଟା ଖଣ୍ଡେ ଚିଠି, ଜଣେ ପ୍ରଭୂତ କ୍ଷମତାଶାଳୀ ବୈଦେଶିକ ବ୍ୟକ୍ତିଙ୍କ ପାଖରୁ ଆସି-ଥିଲା । ଛଅ ଦିନ ପୂର୍ବେ ଏ ଚିଠିଟା ଆସିଲା । ଚିଠିଟା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ମୁଁ ତାକୁ କେବେହେଲେ ମୋ ଅଫିସ ଆଲମିରାରେ ଛାଡ଼ିଯାଏନାହିଁ । ପ୍ରତି-ଦିନ ସନ୍ଧ୍ୟାରେ ମୁଁ ତାକୁ ହ୍ୱାଇଟ୍‌ହଲ୍ ଟେରାସ୍‌ରେ ଥିବା ମୋ ଘରକୁ ନେଇ ଯାଏ । ମୋ ଶୋଇବାଘରେ ବିଭିନ୍ନ ସମ୍ବାଦ ରହୁଥିବା ବାକ୍‌ସରେ ରଖି ଦ୍ୱାର ପକାଇଦିଏ । କାଲି ରାତିରେ ଚିଠିଟା ସେଇ ବାକ୍‌ସରେ ଥିଲା । ସେ ବିଷୟରେ ମୁଁ ନିଶ୍ଚିତ । ରାତି ଖାଇବା ଆଗରୁ ମୁଁ ପୋଷାକ ବଦଳାଇଲା ବେଳେ ବାକ୍‌ସଟା ଖୋଲିଥିଲି ଆଉ ଚିଠିଟା ସେଥିରେ ଥିଲା । ଆଜି ସକାଳେ ଦେଖିଲିବେଳକୁ ସେଟା ନାହିଁ । ବାକ୍‌ସଟା ମୋ ଡ୍ରେସିଙ୍ଗ ଟେବୁଲ ଦର୍ପଣ ପାଖରେ ରାତି ସାରା ଥୁଆ ହୋଇଛି । ମୋ ନିଦ ଖରାପ ପଡ଼ିଲା । ମୋ ସ୍ତ୍ରୀଙ୍କ ନିଦ ମଧ୍ୟ ପଡ଼ିଲା । ରାତିରେ ସେ ରୁମ୍ ଭିତରକୁ କେହି ପଶି ନାହିଁ ବୋଲି ଆମେ ଦୃଢ଼ ଭାବେ କହି ପାରିବୁ । ତଥାପି ଚିଠିଟା କୁଆଡ଼େ ଚାଲିଯାଇଛି ।"

"ଆପଣ ରାତି କେତେବେଳେ ଖାଇଲେ ?"

"ସାଢ଼େ ସାତଟାରେ ।"

"କେତେ ସମୟ ପରେ ଶୋଇବାକୁ ଗଲେ ?"

Digitized by srujanika@gmail.com

"ମୋ ସ୍ତ୍ରୀ ଥିଏଟର୍ ଦେଖି ଯାଇଥିଲେ । ମୁଁ ତାଙ୍କୁ ଅପେକ୍ଷାକରି ରହିଲି । ଆମେ ଶୋଇବାଘରକୁ ଗଲାବେଳକୁ ସାଢ଼େ ଏଗାର ବାଜି ଯାଇଥିଲା ।"

"ତା ହେଲେ ଚାରିଘଣ୍ଟା ସମୟ ବାକ୍‌ସଟାକୁ କେହି ଜଗିନଥିଲେ ?"

"ସେ ଘର ଭିତରକୁ ଯିବାକୁ କାହାକୁ ଅନୁମତି ଦିଆଯାଏ ନାହିଁ । କେବଳ ଘରର ଚାକରାଣୀ ସକାଳେ ଘରସଫା କରିବାକୁ ଯାଏ ଆଉ ମୋ ଚାକର ଆଉ ମୋ ସ୍ତ୍ରୀଙ୍କ ଚାକରାଣୀ ଅନ୍ୟବେଳେ ଯାଆନ୍ତି । ସେ ଦୁ'ଜଣଯାକ ଖୁବ୍ ବିଶ୍ୱାସୀ ଆଉ ଅନେକ ଦିନ ହେଲା ଆମ ପାଖରେ ଅଛନ୍ତି । ତାଛଡ଼ା ମୋର ସେ ବାକ୍‌ସରେ ସାଧାରଣ କାଗଜପତ୍ର ଛଡ଼ା ଅଧିକ ମୂଲ୍ୟବାନ କିଛି ଅଛି ବୋଲି ତାଙ୍କ ଭିତରୁ କେହି ସମ୍ଭବତଃ ଜାଣିନଥିବେ ।"

"ସେ ଚିଠିଟା ବାକ୍‌ସରେ ଥିବା କଥା ଆଉ କିଏ ଜାଣିଥିଲା ?"

"ଘରର କେହି ନୁହଁ ।"

"ଆପଣଙ୍କ ସ୍ତ୍ରୀ ନିଶ୍ଚୟ ଜାଣିଥିବେ ?"

"ନା, ଆଜି ସକାଳେ କାଗଜଟା ହଜିବାଯାଏ ମୁଁ ତାଙ୍କୁ କିଛି କହିନଥିଲି ।"

ପ୍ରଧାନମନ୍ତ୍ରୀ କଥାଟାକୁ ପସନ୍ଦକରି ମୁଣ୍ଡ ହଲାଇଲେ ।

ତାପରେ ସେ କହିଲେ, "ଆପଣଙ୍କ କର୍ତ୍ତବ୍ୟଜ୍ଞାନ କେତେ ଉଚ୍ଚ ସେ କଥା ମୁଁ ଅନେକ ଦିନରୁ ଜାଣେ । ମୁଁ ନିଶ୍ଚିତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଗୋପନୀୟ ବିଷୟରେ ଆପଣଙ୍କ କର୍ତ୍ତବ୍ୟଜ୍ଞାନ ପାରିବାରିକ ବନ୍ଧନଠାରୁ ଯଥେଷ୍ଟ ଉଚ୍ଚରେ ରହିଥିବ ।"

ଇଉରୋପିଆନ୍ ସେକ୍ରେଟାରୀ ମୁଣ୍ଡ ନୁଆଁଇଲେ ଆଉ କହିଲେ, "ଆପଣ ମୋ ପ୍ରତି ଯଥେଷ୍ଟ ଅନୁକମ୍ପା ଦେଖାଇଛନ୍ତି ଆଜ୍ଞା । ଆଜି ସକାଳଯାଏ ମୁଁ ମୋ ସ୍ତ୍ରୀଙ୍କୁ ପଦେହେଲେ ଭୁଲ୍‌ରେ କହି ନାହିଁ ।"

ହୋମ୍‌ସ ପଚାରିଲେ, "ସେ ଅନୁମାନ କରି ଥାଇ ପାରନ୍ତି ?"

"ନା ମିଷ୍ଟର୍ ହୋମ୍‌ସ । ସେ କିମ୍ବା ଅନ୍ୟ କେହି ଅନୁମାନ କରି ପାରି ନ ଥିବେ ।

"ଆଗରୁ ଆପଣ ଏପରି କିଛି ଦଲିଲ ହରାଇଥିଲେ ?"

Digitized by srujanika@gmail.com

"ନା ।"

"ଏଇ ଚିଠିଟା କଥା ଇଂଲଣ୍ଡର ଆଉ କିଏ ଜାଣିଥିଲେ ?"

"କାଲି ମନ୍ତ୍ରୀମଣ୍ଡଳର ପ୍ରତ୍ୟେକ ସଦସ୍ୟଙ୍କୁ ଏ ବିଷୟ ଜଣାଇ ଦିଆଯାଇଥିଲା । କିନ୍ତୁ ମନ୍ତ୍ରୀମଣ୍ଡଳର ପ୍ରତ୍ୟେକ ମିଟିଂରେ ସଭ୍ୟମାନେ ସବୁକଥା ଗୋପନ ରଖିବାର ଶପଥ ନଅନ୍ତି । ତାଛଡ଼ା ଏଥର ପ୍ରଧାନମନ୍ତ୍ରୀ ନିଜେ ସମସ୍ତଙ୍କୁ ସାବଧାନ କରି ଦେଇଥିଲେ । କିନ୍ତୁ ହେ ଭଗବାନ ! ମାତ୍ର କେତେ ଘଣ୍ଟା ଭିତରେ ମୁଁ ନିଜେ ତାକୁ ହରାଇବସିଲି !"

ତାଙ୍କ ସୁନ୍ଦର ମୁହଁ ହତାଶାରେ ବିବର୍ଣ୍ଣ ହୋଇ ଯାଇଥାଏ । ସେ ପୁଣି କହିଲେ, "ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ଛାଡ଼ିଦେଲେ ବିଭାଗୀୟ ଅଫିସର ଦୁ'ତିନି ଜଣ ଏ ଚିଠି କଥା ଜାଣିଥିଲେ । ତା'ଛଡ଼ା ଇଂଲଣ୍ଡରେ ଆଉ କେହି ଜାଣିନଥିଲେ ମିଷ୍ଟର୍ ହୋମ୍‌ସ ।"

"କିନ୍ତୁ ଇଂଲଣ୍ଡ ବାହାରେ ?"

"ମୋର ବିଶ୍ୱାସ ଯେ ଏ ଚିଠି ଲେଖିଥିଲେ ତାଙ୍କ ଛଡ଼ା ଅନ୍ୟ କେହି ଜାଣନ୍ତି ନାହିଁ । ମୁଁ ନିଶ୍ଚିତ ଯେ ତାଙ୍କ ମନ୍ତ୍ରୀମାନେ କିମ୍ବା ଅଫିସରମାନେ କେହି ଏ ବିଷୟ ଜାଣନ୍ତି ନାହିଁ ।"

ହୋମ୍‌ସ କିଛି ସମୟ ଭାବି କହିଲେ, "ଏଥର ଏ ଚିଠିଟା କ'ଣ ଆଉ ସେଟା ହଜିଗଲେ କାହିଁକି ଫଳ ଗୁରୁତ୍ୱପୂର୍ଣ୍ଣ ହେବ, ସେକଥା ମୁଁ ଆପଣମାନଙ୍କୁ ପଚାରିବି ।"

ଦୁଇ ରାଜନୀତିଜ୍ଞ ପରସ୍ପର ମୁହଁକୁ ଟିକିଏ ଚାହିଁନେଲେ । ପ୍ରଧାନମନ୍ତ୍ରୀ ରାଗରେ ଭ୍ରୂକୁଞ୍ଚନ କରି କହିଲେ, "ମିଷ୍ଟର୍ ହୋମ୍‌ସ, ଲଫାଫାଟା ଲମ୍ବା, ଫିକାନେଳି କାଗଜର । ସେଥିରେ ନାଲି ଜଉ ଉପରେ ଗୋଟେ ସିଂହର ଛବି ସିଲ୍ କରାଯାଇଛି । ଉପରେ ପରିଷ୍କାର ଭାବରେ ଠିକଣା ଲେଖାଅଛି—।"

ହୋମ୍‌ସ କହିଲେ, "ଦେଖନ୍ତୁ, ଏସବୁ ଟିକିନିଖି ବିବରଣୀ କୌତୂହଳପୂର୍ଣ୍ଣ ଆଉ ଅତି ଆବଶ୍ୟକୀୟ । କିନ୍ତୁ ମୋର ଅନୁସନ୍ଧାନ ମୂଳରୁ ମୂଳଯାଏ ଯିବା ଦରକାର । ଏଇ ଚିଠିଟା କ'ଣ ?"

Digitized by srujanika@gmail.com

"ସେଟା ଅତି ଗୁରୁତ୍ୱପୂର୍ଣ୍ଣ ସରକାରୀ ଗୋପନ କଥା । ମୁଁ ସେକଥା ଆପଣଙ୍କୁ କହିପାରିବିନାହିଁ । ତା'ଛଡ଼ା ତାର ଆବଶ୍ୟକତା ମୁଁ ଦେଖୁନାହିଁ । ଆପଣଙ୍କର ଯେଉଁ ବିଶେଷ କ୍ଷମତା ଅଛି ବୋଲି ଶୁଣାଯାଏ, ତାର ସାହାଯ୍ୟରେ ମୁଁ ବର୍ଣ୍ଣନା କରିଥିବା ଲଫଫା ଆଉ ତା ଭିତର କାଗଜ ଯଦି ଆପଣ ଖୋଜି ବାହାର କରିପାରନ୍ତି ତେବେ ଆପଣ ନିଜ ଦେଶ ପାଇଁ ଉପଯୁକ୍ତ କାମ କରିବେ ଆଉ ଆମ କ୍ଷମତା ଭିତରେ ଯାହା ସମ୍ଭବ ସେ ପୁରସ୍କାର ପାଇବେ ।"

ହୋମ୍‌ସ ଉଠି ଠିଆହେଲେ । ଟିକିଏ ହସି କହିଲେ, "ଆପଣ ଦୁଇଜଣ ଦେଶର ବିଶିଷ୍ଟ ଲୋକ ଆଉ ଆପଣଙ୍କର ଅନେକ କାମ । ସେଇପରି ମୋର ଏ କ୍ଷୁଦ୍ର ପରିସର ଭିତରେ ମୋର ବି ଅନେକ କାମ । ବଡ଼ ଦୁଃଖର ସହିତ କହୁଛି ଏ ଘଟଣାରେ ମୁଁ ଆପଣଙ୍କୁ ସାହାଯ୍ୟ କରି ପାରିବି ନାହିଁ । ଆମ କଥାବାର୍ତ୍ତାକୁ ଆଉ ଲମ୍ବାଇଲେ କେବଳ ସମୟ ନଷ୍ଟ ହେବ ।"

ପ୍ରଧାନମନ୍ତ୍ରୀ ଭୟଙ୍କର ରାଗିଯାଇ ଉଠିପଡ଼ିଲେ । ତାଙ୍କ ଆଖି ଦି'ଟା ଜଳିଉଠିଲା । ସେ କହିଲେ, "ମୋ ସାମନାରେ ଏପରି କହିବାକୁ;—କିନ୍ତୁ ପରେ ରାଗ ସମ୍ଭାଳି ନେଇ ବସିଗଲେ । ମିନିଟ୍ଏ ଯାଏ ଆମେ ଚୁପ୍‌ଚାପ୍ ବସିରହିଲୁ । ତାପରେ ପ୍ରଧାନମନ୍ତ୍ରୀ କହିଲେ, "ଆପଣଙ୍କ ପ୍ରସ୍ତାବ ଆମର ଗ୍ରହଣ କରିବା ଉଚିତ । ଆପଣ ଠିକ୍ କହୁଛନ୍ତି । ଆମେ ଆପଣଙ୍କ ଉପରେ ପୁରା ବିଶ୍ୱାସ ନ ରଖିଲେ ଆପଣ କିଛି କରିବେ ବୋଲି ଆଶା କରିବା ଠିକ୍ ନୁହେଁ ।"

"ମୁଁ ଆପଣଙ୍କ ସହିତ ଏକମତ"—କହିଲେ ମିଷ୍ଟର୍ ହୋପ୍ ।

ପ୍ରଧାନମନ୍ତ୍ରୀ କହିଲେ, "ଆପଣ ଆଉ ଆପଣଙ୍କ ବନ୍ଧୁ ଡାକ୍ତର ୱାଟ୍‌ସନଙ୍କ ବିବେକ, ସମ୍ମାନ ଆଉ ଦେଶପ୍ରେମ ଉପରେ ଯଥେଷ୍ଟ ଭରସା ରଖି ମୁଁ ସବୁକଥା କହିବି । କାରଣ ଏ ଘଟଣା ବାହାରେ ପ୍ରକାଶ ପାଇବା ଦେଶ ପକ୍ଷରେ ଚରମ ଦୁର୍ଦ୍ଦଶା ।"

"ଆପଣ ନିର୍ଶ୍ଚିନ୍ତରେ ଆମ ଉପରେ ଭରସା ରଖିପାରନ୍ତି ।"

"ତାହେଲେ ଶୁଣନ୍ତୁ । ଏଇ ଚିଠିଟା ଜଣେ ବିଦେଶୀ ପ୍ରଭାବଶାଳୀ ରାଜପୁରୁଷଙ୍କ ପାଖରୁ ଆସିଥିଲା । ଏବେ ଆମ ଦେଶର ଔପନିବେଶିକ ଅଗ୍ରଗତିରେ ସେ ବିବ୍ରତ ହୋଇପଡ଼ିଲେ । ଚିଠିଟା ସେ ନିଜେ ଖୁବ୍ ତରତରରେ

Digitized by srujanika@gmail.com

ଲେଖିଥିଲେ । ଖବର ନେବାରେ ଜଣାଯାଇଛି ଯେ, ତାଙ୍କ ମନ୍ତ୍ରୀମାନେ ଏ ବିଷୟରେ କିଛି ଜାଣନ୍ତି ନାହିଁ । ତା'ଛଡ଼ା ଚିଠିଟା ଏମିତି ଲେଖା ହୋଇଛି ଆଉ କେତେଟା ଲେଖା ଏମିତି ଉତ୍ତେଜନାମୂଳକ ଯେ, ଏଟା ପ୍ରକାଶ ପାଇଗଲେ ଏ ଦେଶରେ ନିଶ୍ଚୟ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଯିବ । ଏପରି ଉତ୍ତେଜନା ଦେଖାଯିବ ଯାହା ଫଳରେ ଏ ଚିଠିଟା ପ୍ରକାଶ ପାଇବାର ଗୋଟେ ସପ୍ତାହ ଭିତରେ ଆମ ଦେଶ ଏକ ମହାସମରରେ ଲିପ୍ତ ହୋଇଯିବ ।"

ହୋମ୍‌ସ ଖଣ୍ଡେ କାଗଜରେ ଗୋଟେ ନାଁ ଲେଖି ପ୍ରଧାନମନ୍ତ୍ରୀଙ୍କ ହାତକୁ ବଢ଼ାଇଦେଲେ ।

"ହଁ, ଠିକ୍ । ସେଇ । ଆଉ ଏଇ ଚିଠି ଯୋଗୁଁ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହୋଇ ଯାଇପାରେ ଆଉ ହଜାର ହଜାର ଲୋକଙ୍କ ଜୀବନ ଯାଇପାରେ । ଆଉ ସେଇ ଚିଠି ଏମିତି ଭାବରେ ହଜିଯାଇଛି ।"

"ଆପଣ ଚିଠି ପଠାଇଥିବା ଲୋକଙ୍କୁ ଏ ବିଷୟ ଜଣାଇଛନ୍ତି ?"

"ହଁ, ଗୋଟେ ସାଂକେତିକ ଟେଲିଗ୍ରାମ୍‌ ପଠାହୋଇଛି ।"

"ବୋଧହୁଏ ଚିଠିଟା ପ୍ରକାଶ ପାଇବା ତାଙ୍କର ଇଚ୍ଛା ।"

"ନା, ଆମେ ବୁଝିବାକୁ ପାଇଛୁ ଯେ, ସେ ଭଲଭାବେ ନ ଭାବି ନ ଚିନ୍ତି କାମ କରିଛନ୍ତି ବୋଲି ବୁଝିଲେଣି । ଚିଠିଟା ପ୍ରକାଶ ପାଇଗଲେ ସେ ଏବଂ ତାଙ୍କ ଦେଶ ଆମ ଅପେକ୍ଷା ଅଧିକ ଆଘାତ ପାଇବେ ।"

"ଯଦି ତା' ହୁଏ ତେବେ ଚିଠିଟା ପ୍ରକାଶ ପାଇଲେ କାହାର ଲାଭ ? ଏଟାକୁ ଚୋରି କରିବା ବା ପ୍ରକାଶକରିବାପାଇଁ କିଏ କାହିଁକି ଚାହିଁବ ?"

"ଏଠି ଆପଣ ମୋତେ ଆନ୍ତର୍ଜାତୀୟ ରାଜନୀତି କ୍ଷେତ୍ରକୁ ଟାଣି ନେଉଛନ୍ତି । କିନ୍ତୁ ଆପଣ ଯଦି ଇଉରୋପର ରାଜନୈତିକ ପରିସ୍ଥିତି ବିଚାର କରନ୍ତି ତେବେ ଉଦ୍ଦେଶ୍ୟଟା ବୁଝିବାରେ ଅସୁବିଧା ହେବ ନାହିଁ । ବର୍ତ୍ତମାନ ସାରା ଇଉରୋପଟା ସେନା ଛାଉଣୀରେ ପରିଣତ ହୋଇଛି । ଦୁଇଟା ଦଳ ଯୋଗୁଁ ସାମରିକ ଶକ୍ତିର ଭାରସାମ୍ୟ ରଖାଯାଇ ପାରୁଛି । ଗ୍ରେଟ୍‌ ବ୍ରିଟେନ୍‌ ହାତରେ ତାର ଚାବି । ଯଦି ବ୍ରିଟେନ୍‌ ଏଇ ସନ୍ଧିବଦ୍ଧ ରାଜ୍ୟ ଭିତରୁ କାହା ସହିତ ଯୁଦ୍ଧକୁ

Digitized by srujanika@gmail.com

ଟାଣି ହୋଇଯାଏ ତେବେ ଅନ୍ୟ ସନ୍ଧିବଦ୍ଧ ରାଜ୍ୟ ଯୁଦ୍ଧରେ ଯୋଗଦେବ କି ନାହିଁ ନଜେ ବିଗ୍ଭର କରିବ । ବୁଝିପାରିଲେ ?"

"ହଁ, ବୁଝିଲି । ସେଇ ପ୍ରଭାବଶାଳୀ ରାଜପୁରୁଷଙ୍କ ଶତ୍ରୁଙ୍କର ଏ ଚିଠି ପ୍ରକାଶ କରିବାରେ ସ୍ୱାର୍ଥ ଅଛି ? ଫଳରେ ତାଙ୍କ ଦେଶ ଆଉ ଆମ ଦେଶର ବନ୍ଧୁତା ଭାଙ୍ଗିଯିବ ?"

"ହଁ ।"

"ଆଚ୍ଛା, ଏ ଚିଠିଟା ଯଦି କୌଣସି ଶତ୍ରୁହାତରେ ପଡ଼େ, ସେ କାହା ପାଖକୁ ଏଟା ପଠାଇବ ?"

"ଇଉରୋପର ଯେ କୌଣସି ବଡ଼ ରାଜ୍ୟର ମୁଖ୍ୟଙ୍କ ପାଖକୁ । ମୋର ସନ୍ଦେହ ଚିଠିଟା କୌଣସି ଜାହାଜରେ ବର୍ତ୍ତମାନ ଲକ୍ଷ୍ୟସ୍ଥଳକୁ ଗ୍ଭଲିଛି ।"

ମିଷ୍ଟର୍ ଟ୍ରେଲ୍‌ନହୋପ୍ ଛାତି ଉପରକୁ ମୁଣ୍ଡ ଲୁଆଇଁ ଦୁଃଖରେ ମ୍ରିୟମାଣ ହୋଇ ଉଠିଲେ । ପ୍ରଧାନମନ୍ତ୍ରୀ ତାଙ୍କ କାନ୍ଧରେ ହାତ ଥାପୁଡ଼ାଇ କହିଲେ, "ଏଟା ଆପଣଙ୍କର ଦୁର୍ଭାଗ୍ୟ । ଆପଣ ସତର୍କତା ଅବଲମ୍ବନ କରିବାରେ ହେଳା କରି ନାହାନ୍ତି । ଏବେ ମିଷ୍ଟର୍ ହୋମ୍‌ସ, ଆପଣ ତ ସବୁ ଘଟଣା ଜାଣିଲେ । ଏବେ କ'ଣ କରାଯିବ ?"

ଦୁଃଖରେ ମୁଣ୍ଡ ହଲାଇ ହୋମ୍‌ସ କହିଲେ, "ଆପଣ କ'ଣ ଭାବୁଛନ୍ତି, ଏ ଚିଠିଟା ଫେରି ନପାଇଲେ ଯୁଦ୍ଧ ଲାଗିଯିବ ?"

"ମୁଁ ଭାବୁଛି ସେଟା ଖୁବ୍ ସମ୍ଭବ ।"

"ତେବେ ଆଜ୍ଞା, ଯୁଦ୍ଧପାଇଁ ପ୍ରସ୍ତୁତ ହୁଅନ୍ତୁ ।"

"କଥାଟା ବଡ଼ କଠୋର ହୋଇଯାଉଛି ମିଷ୍ଟର ହୋମସ ।"

"ଘଟଣାଗୁଡ଼ାକୁ ବିଗ୍ଭର କରନ୍ତୁ । ରାତି ସାଢ଼େ ଏଗାରଟା ପରେ ଚିଠିଟା ଚୋରି ହୋଇଥିବା କଳ୍ପନା କରାଯାଇପାରେନା । କାରଣ ସେଇ ସମୟଠାରୁ ଚିଠିଟା ହଜିଛି ବୋଲି ଜଣାଯିବାଯାଏ ମିଷ୍ଟର୍ ହୋପ ଆଉ ତାଙ୍କ ସ୍ତ୍ରୀ ସେ ଘରେ ଥିଲେ । ତା ହେଲେ କାଲି ସଂଧ୍ୟା ସାଢ଼େ ସାତଟାରୁ ସାଢ଼େ ଏଗାରଟା ଭିତରେ ଚୋରି ହୋଇଛି । ଯେତେଦୂରସମ୍ଭବ ସଂଧ୍ୟା ସମୟରେ । କାରଣ ଯେ ଚିଠିଟା ନେଇଛି ସେ ନିଶ୍ଚୟ ଜାଣିଥିଲା ସେଟା ସେଠି ଅଛି । ତେଣୁ ସେ

Digitized by srujanika@gmail.com

ଯେତେ ଶୀଘ୍ର ପାରେ ସେଟାକୁ ହାତ କରିବାକୁ ଯାଇଥିବ । ଏବେ ବିଚାର କରନ୍ତୁ, ଏପରି ଗୋଟେ ଗୁରୁତ୍ୱପୂର୍ଣ୍ଣ ଦଲିଲ ଯେତେବେଳେ ନିଆ ଯାଇଥିଲେ ବର୍ତ୍ତମାନ ସେଟା କେଉଁଠି ଥିବ ? କେହି ତାକୁ ପାଖରେ ସାଇତି ରଖିବାର କିଛି କାରଣ ନାହିଁ । ଯାହାର ସେଟା ଦର୍କାର ତା ପାଖକୁ ଖୁବ ଶୀଘ୍ର ଚାଲି ଯାଇଥିବ । ଏବେ ତାକୁ ଖୋଜି ବାହାର କରିବା ଆମ ପକ୍ଷରେ କେତେ ଦୂର ସମ୍ଭବ । ସେଟା ଆମ ଅକ୍ତିଆର ବାହାରେ ।"

ପ୍ରଧାନମନ୍ତ୍ରୀ ବସିବା ଜାଗାରୁ ଉଠି କହିଲେ, "ଆପଣ ଯାହା କହିଲେ, ତା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ମୁଁ ବୁଝୁଛି, ଘଟଣାଟା ଆମ ହାତପୂଆରେ ନାହିଁ ।"

"ଧରି ନିଆ ଯାଉ ଚାକରାଣୀ ବା ଚାକର ସେ ଚିଠିଟା ନେଇ ଯାଇଛନ୍ତି ।"

"କିନ୍ତୁ ସେମାନେ ପୁରୁଣା ଆଉ ବିଶ୍ୱାସୀ ଲୋକ ।"

"ଆପଣ କହୁଥିଲେ, ଆପଣଙ୍କ ରୁମ୍‌ଟା ଦ୍ୱିତୀୟ ମହଲାରେ, ବାହାରୁ ସେଠିକି କୌଣସି ବାଟ ନାହିଁ ଆଉ ଘର ଭିତରବାଟେ କେହି କାହାରି ଅଜଣାରେ ଯାଇପାରିବନାହିଁ । ତା'ହେଲେ ଘର ଲୋକଙ୍କ ଭିତରୁ କେହି ଚିଠିଟା ନେଇଛି । ଚୋର ସେଟା କାହାପାଖକୁ ନେବ । ଅନେକ ଆନ୍ତର୍ଜାତୀୟ ଗୁପ୍ତଚରଙ୍କ ଭିତରୁ ଜଣକ ପାଖକୁ । ସେଇ ଗୁପ୍ତଚରମାନଙ୍କ ନାଁ ମୋର ପରିଚିତ । ଏଇ ବ୍ୟବସାୟର ତିନିଜଣ ମୁଖ୍ୟ ଅଛନ୍ତି । ସେମାନେ ତାଙ୍କ ଜାଗାରେ ଅଛନ୍ତି କି ନାହିଁ ଖୋଜିବା ହେବ ମୋ ଅନୁସନ୍ଧାନର ଆରମ୍ଭ । ଯଦି ତା'ଭିତରୁ କେହି ନାହିଁ, ବିଶେଷତଃ କାଲିରାତିରୁ ଚାଲିଯାଇଛି, ତେବେ ଦଲିଲ୍‌ଟା କେଉଁଠିକି ଯାଇଛି ଆମେ ତାର କିଛିଟା ସଙ୍କେତ ପାଇପାରିବା ।"

ଇଉରୋପିୟାନ୍ ସେକ୍ରେଟାରୀ ପଚାରିଲେ, "ସେ କୁଆଡ଼େ ଚାଲିଯିବ କାହିଁକି ? ସେ ଇଂଲଣ୍ଡରେ ଥିବା କୌଣସି ଦୂତାବାସକୁ ସେଟା ନେଇଯିବ ।"

"ମୁଁ ଭାବୁଛି ତା' ନୁହେଁ । ଏଇ ଗୁପ୍ତଚରମାନେ ସ୍ୱାଧୀନ ଭାବେ କାମ କରନ୍ତି । ବେଳେବେଳେ ଦୂତାବାସ ସହ ସେମାନଙ୍କର ସମ୍ପର୍କ ନଥାଏ ।"

କଥାଟାକୁ ପସନ୍ଦକରି ମୁଣ୍ଡହଲାଇ ପ୍ରଧାନମନ୍ତ୍ରୀ କହିଲେ, "ମୁଁ ଭାବୁଛି ଆପଣ ଠିକ୍ କହୁଛନ୍ତି ମିଷ୍ଟର୍ ହୋମ୍‌ସ । ଏପରି ଏକ ମୂଲ୍ୟବାନ ଜିନିଷ ସେ ନିଜେ ନେଇ ଯଥାସ୍ଥାନକୁ ଯିବ । ମୁଁ ଭାବୁଛି ଆପଣ ଯାହା କରିବାକୁ ଯାଉଛନ୍ତି

Digitized by srujanika@gmail.com

ତା' ବେଶ୍ ଭଲ । ଏବେ ହୋପ, ଏଇ ଗୋଟେ ଦୁର୍ଭାଗ୍ୟ ଯୋଗୁଁ ଆମେ ଆମର ଅନ୍ୟକାମରେ ହେଳା କଲେ ଚଳିବ ନାହିଁ । ଆଜି ଆଉ କିଛି ଘଟିଲେ ଆମେ ଆପଣଙ୍କୁ ଜଣାଇବୁ ମିଷ୍ଟର୍ ହୋମ୍ସ ଆଉ ଆପଣ ଆମକୁ ଆପଣଙ୍କ ଅନୁସନ୍ଧାନର ଫଳାଫଳ ଜଣାଇବେ ।"

ଦୁଇ ରାଜନୀତଜ୍ଞ ମୁଣ୍ଡ ନୁଆଁଇ ଗମ୍ଭୀରଭାବେ ରୁମ୍‌ରୁ ବାହାରିଗଲେ । ଆମର ବିଶିଷ୍ଟ ଅତିଥି ଦୁହେଁ ଗଲାପରେ ହୋମ୍ସ୍ ଚୁପ୍‌ଚାପ୍ ତାଙ୍କ ପାଇପ୍ ଲଗାଇଲେ ଆଉ କିଛି ସମୟ ଗଭୀର ଚିନ୍ତାରେ ବସିଗଲେ । ମୁଁ ସକାଳର ଖବର କାଗଜଟା ଖୋଲି ଗଲ ରାତିରେ ଲଣ୍ଡନରେ ଘଟିଥିବା ଏକ ଚମକପ୍ରଦ ଅପରାଧର ବିବରଣୀ ପଢୁଥାଏ । ହଠାତ୍ ମୋ ବନ୍ଧୁ ଚିତ୍କାର କରି ଉଠି ଠିଆ ହୋଇ ପଡ଼ିଲେ ଆଉ ପାଇପ୍‌ଟା ଟେବୁଲ୍ ଉପରେ ରଖିଦେଲେ । ତାପରେ କହିଲେ, "ହଁ, ଏହାଠୁ ଆଉ ଭଲ ବାଟ କିଛି ନାହିଁ । ପରିସ୍ଥିତିଟା ନିରାଶଜନକ କିନ୍ତୁ ପୂରାପୂରି ଆଶାଶୂନ୍ୟ ନୁହେଁ । ବର୍ତ୍ତମାନ ମଧ୍ୟ ଆମେ ଯଦି ଜାଣି ପାରିବା ଏମାନଙ୍କ ଭିତରୁ କିଏ ଚିଠିଟା ନେଇଛି, ତେବେ ତା ହାତରୁ ସେଟା ଯାଇ ନଥିବାର ସମ୍ଭାବନା ଅଛି । ଏଇ ଲୋକମାନେ କେବଳ ପଇସା ଗୃହାନ୍ତି ଆଉ ଇଂଲଣ୍ଡର ଟ୍ରେଜେରି ମୋ ପଛରେ ଅଛି । ମୁଁ ସେଟାକୁ କିଣି ଆଣିବି । କିଏ ଏ ଚିଠି ପାଇଁ କେତେ ପଇସା ଦେବ ଦେଖିବାପାଇଁ ଲୋକଟା ଏବେ ବି ସେଟା ପାଖରେ ରଖିଥିବା ସମ୍ଭବ । ଏ ଦୁଃସାହସିକ ଖେଳ ଖେଳିବାକୁ କେବଳ ତିନିଜଣ ସାହସ କରିପାରନ୍ତି । ସେମାନେ ହେଲେ ଓବର୍‌ଷ୍ଟିନ୍, ଲାରୋଥାସ୍ୱାର୍, ଆଉ ଏଡୁଆର୍ଡୋ ଲୁକାସ୍ । ମୁଁ ପ୍ରତ୍ୟେକଙ୍କୁ ଭେଟିବି ।"

ଖବରକାଗଜଟା ଉପରେ ଆଖି ପକାଇ ମୁଁ କହିଲି, "ଏଇ ଏଡୁଆର୍ଡୋ ଲୁକାସ୍ ଗଡ଼ୋଲ୍‌ଫିନ୍ ଷ୍ଟ୍ରୀଟ୍‌ର ?

"ହଁ ।"

"ତୁମେ ତାଙ୍କୁ ଆଉ ଦେଖି ପାରିବ ନାହିଁ ।"

"କାହିଁକି ?"

"କାଲି ରାତିରେ ତାଙ୍କ ଘରେ ତାଙ୍କୁ ହତ୍ୟା କରାଯାଇଛି ।"

Digitized by srujanika@gmail.com

ଆମ ଅଭିଯାନ ଭିତରେ ହୋମ୍‌ସ କେତେଥର ମୋତେ ବିସ୍ମିତ କରି ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ମୁଁ ତାଙ୍କୁ ବିସ୍ମିତ କରିଦେବା ଦୃଶ୍ୟଟା ବେଶ୍ ମଜାଳିଆ ଲାଗିଲା। ସେ ଆଶ୍ଚର୍ଯ୍ୟରେ ମୋ ମୁହଁକୁ ଚାହିଁରହିଲେ। ତାପରେ ମୋ-ହାତରୁ କାଗଜଟା ଟାଣି ନେଲେ। ସେ ଚଉକିରୁ ଉଠିଲା ବେଳକୁ ମୁଁ ଏଇ ପାରାଗ୍ରାଫ୍‌ଟା ପଢ଼ୁଥିଲି: 'ୱେଷ୍ଟ ମିନଷ୍ଟର୍‌ରେ ନରହତ୍ୟା'।

ଗତ ରାତିରେ ୧୬ ଗଡ଼ୋଲ୍‌ଫିନ୍ ଷ୍ଟ୍ରୀଟ୍‌ରେ ଏକ ରହସ୍ୟଜନକ ଅପରାଧ ଘଟିଯାଇଛି। ଏଇ ଗଡ଼ୋଲ୍‌ଷ୍ଟ୍ରୀଟ୍ ପାର୍ଲିଆମେଣ୍ଟ ଭବନ ପାଖରେ ନଦୀ ଆଉ ଏବି ମଧ୍ୟରେ ଅବସ୍ଥିତ। ଏଠି ଅଠର ଶତାବ୍ଦିର ପୁରୁଣା କାଳିଆ ଘର ସବୁ ଧାଡ଼ି ଧାଡ଼ି ହୋଇ ରହିଛି। ୧୬ ନମ୍ବର ଘରଟା ଛୋଟ; କିନ୍ତୁ ଖୁବ୍ ସୁନ୍ଦର ଆଉ ସୁବିଧାଜନକ। କେତେବର୍ଷ ହେଲା ମିଷ୍ଟର୍ ଏଡୁଆର୍ଡ଼ୋଲୁକାସ୍ ନାଁରେ ଜଣେ ଭଦ୍ରଲୋକ ରହୁଥିଲେ। ତାଙ୍କର ବ୍ୟକ୍ତିତ୍ୱ ଯୋଗୁଁ ସେ ସମାଜରେ ବେଶ୍ ଜଣାଶୁଣା। ତାଛଡ଼ା ସେ ଜଣେ ସୌଖିନ ଘୋଡ଼ା ରଖିବାବାଲା। ମିଷ୍ଟର୍ ଲୁକାସ୍‌ଙ୍କ ବୟସ ଚଉତିରିଶ ବର୍ଷ ଆଉ ସେ ଅବିବାହିତ। ତାଙ୍କ ଘରେ ମିସେସ୍ ପ୍ରିଙ୍ଗ୍‌ଲ୍ ନାଁରେ ଜଣେ ଚାକରାଣୀ ଆଉ ମିଟନ୍ ନାଁରେ ଜଣେ ଚାକର ଛଡ଼ା ଆଉ କେହି ନାହିଁ। ଚାକରାଣୀ ସହଳ କାମସାରି ସବା ଉପର ମହଲରେ ଶୁଏ। କାଲି ସନ୍ଧ୍ୟାରେ ଚାକର ମିଟନ୍ ତାର ଜଣେ ବନ୍ଧୁ ପାଖକୁ ହାମର୍‌ସ୍ମିଥ୍ ଯାଇଥିଲା। ଦଶଟାଠାରୁ ତେଣିକି ମିଷ୍ଟର୍ ଲୁକାସ୍ ଏକା ଘରେ ଥିଲେ। ସେ ସମୟ ଭିତରେ କ'ଣ ଘଟିଲା ଜଣାଯାଇନାହିଁ। କିନ୍ତୁ ରାତି ବାରଟା ବାଜି-ବାକୁ ପନ୍ଦର ମିନିଟ୍ ଥିବା ବେଳେ ପୋଲିସ୍ କନେଷ୍ଟବଲ୍ ବାରେଟ୍ ଗଡ଼ୋଲ୍‌ଫିନ୍ ଷ୍ଟ୍ରୀଟ୍ ଦେଇ ଗଲାବେଳେ ଦେଖିଲା ୧୬ ନମ୍ବର ଘରର ଦରଜା ଅଳ୍ପ ଖୋଲାଅଛି। ସେ କବାଟରେ ଠକ୍ ଠକ୍ କଲା; କିନ୍ତୁ କିଛି ଉତ୍ତର ପାଇଲା ନାହିଁ। ସାମନା ରୁମ୍‌ରେ ଗୋଟେ ଆଲୁଅ ଜଳୁଥିବାର ଦେଖି ସେ ଆଗକୁ ଯାଇ ଦରଜାଟା ପେଲି ଫିଟାଇ ଦେଲା। ଘରର ଜିନିଷପତ୍ରଗୁଡ଼ା ଛତରା ବତରା ହୋଇ ଏଣେ ତେଣେ ପଡ଼ିଥିଲା। ଘର ମଝିରେ ଗୋଟେ ଚଉକି ଓଲଟି ପଡ଼ିଥିଲା। ଏଇ ଚଉକି ପାଖରେ ହତଭାଗା ଘର ମାଲିକ ପଡ଼ିଥିଲେ। ଚଉକିର ଗୋଟେ ଗୋଡ଼ ଜାବୁଡ଼ି ଧରିଥାନ୍ତି। ତାଙ୍କ ଛାତିରେ ଖୁବ୍ ଗମ୍ଭୀରକୁ

Digitized by srujanika@gmail.com

ଛୁରୀ ଭୂଷା ହୋଇଥିଲା ଆଉ ଯେତେ ଦୂର ସମ୍ଭବ ସାଙ୍ଗେ ସାଙ୍ଗେ ମୃତ୍ୟୁ ହୋଇଯାଇଥିବ । ଯେଉଁ ଛୁରୀରେ ହତ୍ୟା କରାଯାଇଥିଲା ସେଟା ଗୋଟେ ବଙ୍କା ଭାରତୀୟ ଛୁରୀ । କାନ୍ଥରେ ଅନ୍ୟ କେତେକ ପ୍ରାଚ୍ୟ ଅସ୍ତ୍ର ସାଥିରେ ଏ ଛୁରୀଟା ଥିଲା । ହତ୍ୟାର ଉଦ୍ଦେଶ୍ୟ ଡକାୟତି ବୋଲି ଜଣାଯାଏନା । କାରଣ କିଛି ମୂଲ୍ୟବାନ ଜିନିଷ ନେବା ଲାଗି ଚେଷ୍ଟା କରାଯାଇନି । ମିଷ୍ଟର ଲୁକାସ୍ ଖୁବ୍ ଲୋକପ୍ରିୟ ଥିଲେ । ତେଣୁ ତାଙ୍କର ଏ ରହସ୍ୟମୟ ହତ୍ୟା ତାଙ୍କ ବନ୍ଧୁ ମହଲରେ ବିସ୍ମୟ ଓ ବିଷାଦ ସୃଷ୍ଟି କରିବ ।

କିଛି ସମୟପରେ ହୋମ୍‌ସ ପଚାରିଲେ, "ଆଚ୍ଛା ୱାଟ୍‌ସନ୍, ଏ ଘଟଣା ବିଷୟରେ ତୁମେ କ'ଣ ଭାବୁଛ ?"

"ଏଇଟା ଗୋଟେ ଚମତ୍କାର କାକତାଳିକ ଘଟଣା ।"

"କାକତାଳିକ ଘଟଣା ! ଯେଉଁ ନାଟକ ଘଟିଯାଇଛି ତାର ଜଣେ ଅଭିନେତା ବୋଲି ଏଇ ଲୋକକୁ ଆମେ ସନ୍ଦେହ କରୁଛେ । ଆଉ ଘଟଣାଟା କଥା ଆମେ ଠିକ୍ ଜାଣିଲାବେଳକୁ ତାକୁ ନିର୍ମମ ଭାବେ ହତ୍ୟା କରାଯାଇଛି । ଏଇଟା କଣ କାକତାଳିକ ଘଟଣା ହୋଇପାରେ ? ନା, ନା, ୱାଟ୍‌ସନ୍, ଦୁ'ଟାଯାକ ଘଟଣାର ନିଶ୍ଚୟ ସମ୍ପର୍କ ଅଛି । ଆମକୁ ସେ ସମ୍ପର୍କ ଖୋଜି ବାହାର କରିବାକୁ ହେବ ।"

"କିନ୍ତୁ ଏବେ ତ ସରକାରୀ ପୋଲିସ ସବୁକଥା ଜାଣିବେ ।"

"ମୋଟେ ନୁହେଁ । ସେମାନେ ଗଡ୍‌ଫୋଲ୍‌ଫିନ୍ ଷ୍ଟ୍ରୀଟ୍‌ରେ ଯାହା ଦେଖିବେ ସେତିକ ଜାଣିବେ । କିନ୍ତୁ ହ୍ୱାଇଟ୍‌ହଲ୍ ଟେରାସ୍ ଘଟଣା ଜାଣିନାହାନ୍ତି ବା ଜାଣିପାରିବେନାହିଁ । କେବଳ ଆମେ ଦୁ'ଟାଯାକ ଘଟଣା କଥା ଜାଣୁ ଆଉ ତାର ସମ୍ପର୍କ ବାହାର କରିପାରିବା । ୱେଷ୍ଟମିନିଷ୍ଟରର ଗଡ୍‌ଫୋଲ୍‌ଫିନ୍‌ଷ୍ଟ୍ରୀଟ୍ ହ୍ୱାଇଟ୍‌ହଲ୍ ଟେରାସ୍‌ରୁ ଖୁବ୍ କମ୍ ବାଟ । ଅନ୍ୟ ଯେଉଁ ଦୁ'ଜଣ ଗୁପ୍ତଚରଙ୍କ କଥା ମୁଁ କହୁଛି ସେମାନେ ଦୂରରେ ସହରର ପଶ୍ଚିମ ମୁଣ୍ଡରେ ରହନ୍ତି । ତେଣୁ ଇଉରୋପିୟାନ୍ ସେକ୍ରେଟାରୀଙ୍କ ଘର ସହିତ କିଛି ଯୋଗାଯୋଗ ରଖିବା କିମ୍ବା ସେଠୁ କିଛି ଖବର ସଂଗ୍ରହ କରିବା ଅନ୍ୟମାନଙ୍କ ତୁଳନାରେ ଲୁକାସ୍ ପକ୍ଷରେ ସହଜ । ଏଟା ଗୋଟେ ଛୋଟ କଥା ହୋଇପାରେ; କିନ୍ତୁ

Digitized by srujanika@gmail.com

କେତେ ଘଣ୍ଟା ଭିତରେ ଏତେଗୁଡ଼େ ଘଟଣା ଘଟିଯାଇଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।

ମିସେସ୍ ହଡ୍‌ସନ୍ ଜଣେ ଭଦ୍ରମହିଳାଙ୍କ କାର୍ଡ଼ ଧରି ଆସି ପହଞ୍ଚିଲେ । ହୋମ୍‌ସ ସେଟା ଦେଖି ମୋ ହାତକୁ ବଢ଼ାଇଦେଲେ । ମିସେସ୍ ହଡ୍‌ସନ୍‌ଙ୍କୁ କହିଲେ, "ଲେଡ଼ି ହିଲ୍‌ଡାଟ୍ରେଲ୍‌ନି ହୋପ୍‌ଙ୍କୁ ଭିତରକୁ ଆସିବାକୁ କୁହ ।"

ମିନିଟିଏ ପରେ ଆମ ଛୋଟ ଘରଟିରେ ଲଣ୍ଡନର ସବୁଠୁ ସୁନ୍ଦରୀ ଭଦ୍ରମହିଳା ପହଞ୍ଚିଲେ । ସେ ବେଲ୍‌ମିନଷ୍ଟରର ଡିଉକ୍‌ଙ୍କ ସାନ ଝିଅ । ମୁଁ କେତେଥର ତାଙ୍କ ସୌନ୍ଦର୍ଯ୍ୟ କଥା ଶୁଣିଛି । କିନ୍ତୁ ଯାହା ଶୁଣିଥିଲି ଆଉ ତାଙ୍କ ରୂପ ବିଷୟରେ ଯାହା କଳ୍ପନା କରିଥିଲି ତା ତାଙ୍କ ପ୍ରକୃତ ସୌନ୍ଦର୍ଯ୍ୟ ତୁଳନାରେ କିଛି ନୁହେଁ । ତଥାପି ସେଦିନ ସକାଳେ ଯାହା ଆମ ଦୃଷ୍ଟି ଆକର୍ଷଣ କଲା ସେ ତାଙ୍କର ସୌନ୍ଦର୍ଯ୍ୟ ନୁହେଁ । ତାଙ୍କ ମୁହଁ ଭାବପ୍ରବଣତାରେ ମଳିନ ପଡ଼ି ଯାଇଥାଏ । ଆଖି ଦିଟା ଚିନ୍ତାରେ ଉଜ୍ଜ୍ୱଳ ଦେଖାଯାଉଥାଏ । ଭିତରର ଆବେଗକୁ ଚାପି ରଖିବାପାଇଁ ମୁହଁଟା ବନ୍ଦ ହୋଇଥାଏ । ସୌନ୍ଦର୍ଯ୍ୟ ବଦଳରେ ଭୟ ଆମ ଆଖିରେ ପଡ଼ିଲା ।

ସେ ପଚାରିଲେ, "ମୋ ସ୍ୱାମୀ ଏଠିକି ଆସିଥିଲେ ମିଷ୍ଟର୍ ହୋମ୍‌ସ ?"

"ହଁ ଆଜ୍ଞା, ସେ ଆସିଥିଲେ ।"

"ଆପଣଙ୍କୁ ଅନୁରୋଧ କରୁଛି ମିଷ୍ଟର୍ ହୋମ୍‌ସ, ମୁଁ ଏଠିକି ଆସିବା କଥା ତାଙ୍କୁ କହିବେ ନାହିଁ ।"

ହୋମ୍‌ସ ମୁଣ୍ଡ ଲୋଇଁ ଗୋଟେ ଚଉକି ଆଡ଼କୁ ଠାରି କହିଲେ, "ଆପଣ ମୋତେ ବଡ଼ ଅସୁବିଧାଜନକ ପରିସ୍ଥିତିରେ ପକାଉଛନ୍ତି । ଦୟାକରି ବସନ୍ତୁ ଆଉ ଆପଣ କ'ଣ ଚାହାନ୍ତି ମୋତେ କହନ୍ତୁ । କିନ୍ତୁ କ୍ଷମାକରିବେ, ମୁଁ କୌଣସି ପ୍ରକାର ସର୍ତ୍ତହୀନ ପ୍ରତିଶ୍ରୁତି ଦେଇପାରିବିନାହିଁ ।"

"ମୁଁ ଆପଣଙ୍କ ସହିତ ଖୋଲାଖୋଲି ଭାବେ କଥାବାର୍ତ୍ତା କରିବି ମିଷ୍ଟର୍ ହୋମ୍‌ସ ଆଉ ମୋର ଆଶା ଆପଣ ବି ସେଇଆ କରିବେ । ଆମ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କେବଳ ଗୋଟେ ବିଷୟକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ପୂର୍ଣ୍ଣ ବିଶ୍ୱାସଅଛି । ସେଇ ଗୋଟାକ ହେଲା ରାଜନୀତି । ସେ ବିଷୟରେ ସେ ମୋତେ

Digitized by srujanika@gmail.com

କିଛି କହନ୍ତୁ ନାହିଁ । ଏବେ ମୁଁ ଜାଣିଛି ଗଲାରାତିରେ ଆମ ଘରେ ଗୋଟେ ଶୋଚନୀୟ ଦୁର୍ଘଟଣା ଘଟିଯାଇଛି । ଗୋଟେ କାଗଜ ହଜିଯାଇଥିବା କଥା ମୁଁ ଜାଣିଛି । କିନ୍ତୁ କାଗଜଟା ରାଜନୀତି ସଂକ୍ରାନ୍ତରେ ବୋଲି ମୋ ସ୍ୱାମୀ ମୋତେ ସେ ବିଷୟରେ କିଛି କହି ନାହାନ୍ତି । କିନ୍ତୁ ଏବେ ମୁଁ ସେ ବିଷୟରେ ସବୁକଥା ଜାଣିବା ନିହାତି ଦରକାର । ଏଇ ରାଜନୀତିଜ୍ଞମାନଙ୍କୁ ଛାଡ଼ି ଦେଲେ ଏକମାତ୍ର ଆପଣ ସେ ବିଷୟରେ ସବୁ ଜାଣନ୍ତି । ତେଣୁ କ'ଣ ହୋଇଛି ଆଉ ତା'ର ପରିଣତି କ'ଣ ହେବ, ସେ କଥା ମୋତେ କହିବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି । ମୋତେ ସବୁକଥା କହନ୍ତୁ ମିଷ୍ଟର୍ ହୋମ୍‌ସ । ଆପଣଙ୍କ ମହକିଲଙ୍କ ସ୍ୱାର୍ଥ ଯୋଗୁଁ ଚୁପ୍ ରହନ୍ତୁ ନାହିଁ । କାରଣ ସେ ଜାଣିବା ଦରକାର, ମୋ ଉପରେ ଦୃଢ଼ ଆସ୍ଥା ରଖିଲେ ତାଙ୍କ ସ୍ୱାର୍ଥ ସାଧିତ ହୋଇପାରିବ । ଏଇ ଯେଉଁ କାଗଜଟା ଚୋରି ହୋଇଯାଇଛି ସେଟା କ'ଣ ?"

"ଦେଖନ୍ତୁ ଆଜ୍ଞା, ଆପଣ ଯାହାପଚାରିଲେ ମୁଁ ତା କହିବା ଅସମ୍ଭବ ।"

ଦୁଃଖରେ ଲେଡ଼ି ହିଲ୍‌ଡା ହାତ ପାପୁଲିରେ ମୁହଁ ପୋତି ବସିଲେ । ହୋମ୍‌ସ କହିଲେ, "ଆପଣ ବିଚାରକରି ଦେଖନ୍ତୁ । ମୋ ବ୍ୟବସାୟଗତ ଗୋପନତା ରଖିବାକୁ ମୁଁ ଶପଥ କରିଛି । ଏ ବିଷୟରେ ଆପଣଙ୍କ ସ୍ୱାମୀ ଆପଣଙ୍କୁ କିଛି ନ କହିବାକୁ ଯଦି ଚାହୁଁଥାନ୍ତି ମୁଁ କହିବି କେମିତି ? ଆପଣଙ୍କର ମୋତେ ଏ କଥା ପଚାରିବା ଠିକ୍ ହେଲା ନାହିଁ । ଆପଣ ତାଙ୍କୁ ପଚାରନ୍ତୁ ।"

"ମୁଁ ତାଙ୍କୁ ପଚାରିଛି । ଆପଣଙ୍କୁ ଶେଷ ଭରସା ଭାବି ଆସିଛି । କିନ୍ତୁ ଆପଣ ସଠିକ୍ ଭାବେ କିଛି ନ କହିଲେ ନାହିଁ, କେବଳ ଗୋଟେ ବିଷୟରେ ମୋତେ କିଛି ଆଭାସ ଦିଅନ୍ତୁ ।"

"କେଉଁ ବିଷୟ ?"

"ଏଇ ଘଟଣା ମୋ ସ୍ୱାମୀଙ୍କ ରାଜନୈତିକ ଜୀବନରେ କିଛି ଆଞ୍ଚ ଆଣିବ ?"

"ଘଟଣାଟାର କିଛି ସମାଧାନ ନ ହେଲେ ପରିଣତି ନିଶ୍ଚୟ ଦୁର୍ଭାଗ୍ୟଜନକ ହେବ ।"

Digitized by srujanika@gmail.com

"ଆଃ ।" ସେ ଏକ ଦୀର୍ଘଶ୍ୱାସ ପକାଇଲେ । ସେତିକିବେଳେ ତାଙ୍କର ସନ୍ଦେହ ଦୃଢ଼ ହୋଇଗଲା । ସେ କହିଲେ, "ଆଉ ଗୋଟିଏ ପ୍ରଶ୍ନ ମିଷ୍ଟର୍ ହୋମ୍ସ । ଏଇ ଦୁର୍ଭାଗ୍ୟ ପରେ ପରେ ମୋ ସ୍ୱାମୀଙ୍କ କଥାରୁ ଜାଣିଲି, ଏଇ ଦୁର୍ଘଟଣା ଯୋଗୁଁ ଦେଶରେ କିଛି ଭୟଙ୍କର ପରିସ୍ଥିତି ଉପୁଜିପାରେ ।"

"ସେ ଯଦି ଏ କଥା କହୁଥିଲେ, ମୁଁ ମନା କରିପାରିବିନାହିଁ ।"

"ସେ ପରିସ୍ଥିତି କି ପ୍ରକାରର ?"

"ନା ଆଜ୍ଞା, କ୍ଷମା କରିବେ । ମୁଁ ଯାହାର ଉତ୍ତର ଦେଇପାରିବି ନାହିଁ ଆପଣ ପୁଣି ମୋତେ ସେ ପ୍ରଶ୍ନ ପଚାରୁଛନ୍ତି ।"

"ତା'ହେଲେ ମୁଁ ଆଉ ଆପଣଙ୍କ ସମୟ ନଷ୍ଟକରିବି ନାହିଁ । ଆପଣ ମୋତେ ଅଧିକ ଖୋଲିଖୋଲି କିଛି ନ କହିବାରୁ ମୁଁ ଆପଣଙ୍କୁ ଦୋଷ ଦେଉନାହିଁ । ଆଉ ମୋ ସ୍ୱାମୀଙ୍କ ଦୁଃଖରେ ମୁଁ ସମଦୁଃଖୀ ହେବାକୁ ଇଚ୍ଛା କରୁଥିବାରୁ ଆପଣ କିଛି ଖରାପ ଭାବିବେ ନାହିଁ । ଆଉ ଥରେ ଆପଣଙ୍କୁ ଅନୁରୋଧ କରୁଛି, ମୋ ଆସିବା କଥା କିଛି କହିବେ ନାହିଁ ।" ଦରଜା ପାଖରେ ଠିଆହୋଇ ସେ ମୁହଁ ବୁଲାଇ ଆମ ଆଡ଼େ ଚାହିଁଲେ । ତାପରେ ଚାଲିଗଲେ ।

ଦରଜାଟା ବନ୍ଦ ହେଲାପରେ ଅଳ୍ପ ହସି ହୋମ୍ସ କହିଲେ, "ଏଥର ୱାଟ୍‌ସନ୍, ନାରୀ ଜାତିଟା ତୁମ ଭାଗ । ଏଇ ସୁନ୍ଦରୀ ମହିଳାଙ୍କର ଖେଳଟା କ'ଣ ? ସେ ପ୍ରକୃତରେ କ'ଣ ଚାହୁଁଥିଲେ ?"

"ସେ ନିଜେ ଯାହା କହିଲେ ସେଟା ତ ବେଶ୍ ପରିଷ୍କାର ଆଉ ତାଙ୍କର ବ୍ୟସ୍ତ ହେବାଟା ସ୍ୱାଭାବିକ ।"

"ହୁଁ । ତାଙ୍କର ଚେହେରା, ଭାବ ଭଙ୍ଗୀ କଥା ଭାବ ୱାଟ୍‌ସନ୍ । ସେ କେମିତି ଉତ୍ତେଜିତ ଆଉ ବିଚଳିତ ଦେଖାଯାଉଥିଲେ । ମନେରଖ, ସେ ଯେଉଁ ସଂପ୍ରଦାୟର ସେମାନେ କେବେ ଏତେ ସହଜରେ ବିବ୍ରତ ହୋଇପଡ଼ନ୍ତି ନାହିଁ ।"

"ସେ ନିଶ୍ଚୟ ଖୁବ୍ ବିଚଳିତ ହୋଇପଡ଼ିଛନ୍ତି ।"

"ସେ କେମିତି ଉତ୍ସୁକ ହୋଇ ଆମକୁ କହିଲେ, 'ସେ ସବୁକଥା ଜାଣିବା ତାଙ୍କ ସ୍ୱାମୀଙ୍କ ପକ୍ଷରେ ମଙ୍ଗଳଜନକ' । ତାଙ୍କର ଏ କଥା କହିବାର ଅର୍ଥ

Digitized by srujanika@gmail.com

କ'ଣ ? ଆଉ ଗୋଟେ କଥା ତୁମେ ଲକ୍ଷ୍ୟ କରିଥିବ ୱାଟ୍‌ସନ୍ । ସେ ଆଲୁଅ ଆଡ଼କୁ ପିଠିକରି ବସିବାକୁ ଚାହୁଁଥିଲେ । ତାଙ୍କ ମୁହଁର ଭାବ ଆମକୁ ନ ଜଣାଇବା ତାଙ୍କ ଉଦ୍ଦେଶ୍ୟ ।

"ହଁ, ସେଥିପାଇଁ ସେ ସେଇ ଚଉକିଟା ବାଛିଲେ ।"

"ତଥାପି ନାରୀମାନଙ୍କର ଉଦ୍ଦେଶ୍ୟ ଜାଣିବା ସହଜ ନୁହେଁ । ତୁମର ମାର୍ଗେଟ କଥା ମନେଥିବ । ସେ ବି ମୁହଁରଭାବ ଲୁଚାଇବାକୁ ଚେଷ୍ଟାକରୁଥିଲା । ସେଇଥିପାଇଁ ମୁଁ ତାକୁ ସନ୍ଦେହ କଲି । ତା ନାକ ଉପରେ ପାଉଡ଼ର୍ ନଥିଲା । ସେଇଟା ଠିକ୍ ସମାଧାନ ବୋଲି ପ୍ରମାଣିତ ହେଲା । ତାଙ୍କର ଅତି ଛୋଟ ଛୋଟ କାମର ଅର୍ଥ ଅତି ବଡ଼ଟ ହୋଇପାରେ ଆଉ ଅତି ଅସାଧାରଣ କାମର କାରଣ ଗୋଟେ ହେୟାର୍‌ପିନ୍ ହୋଇପାରେ । ହଉ, ବଦାୟ ୱାଟ୍‌ସନ୍ ।"

"ତୁମେ କୁଆଡ଼େ ଯିବ ନା କଣ ?"

"ହଁ, ଗଡୋଲ୍‌ଫିନ୍ ଷ୍ଟ୍ରୀଟ୍ ଯାଇ ସରକାରୀ ପୋଲିସ୍‌ଙ୍କ ସାଥିରେ କିଛି ସମୟ କଟେଇବ । ଆମ ରହସ୍ୟର ସୂତ୍ର ଏଡୁଆର୍ଡୋ ଲୁକାସ୍ ପାଖରେ ହିଁ ଅଛି । ଅବଶ୍ୟ ସମାଧାନଟା କି ରୂପ ଧରିବ ମୁଁ ତାର କିଛି ସୂଚନା ପାଉନାହିଁ । ସବୁ ଘଟଣା ଜାଣିବା ଆଗରୁ କିଛି ସିଦ୍ଧାନ୍ତ କରିବା ବଡ଼ଟ ଭୁଲ । ତୁମେ ଏଠି ରୁହ ୱାଟ୍‌ସନ୍ । ଆଉ କେହି ଆସିଲେ ତାଙ୍କୁ ସାକ୍ଷାତ କରିବ । ମୁଁ ବୋଧହୁଏ ଖାଇଲାବେଳକୁ ଫେରିଆସିବି ।"

ସେଦିନ, ତା'ପରଦିନ ଆଉ ତା' ପରଦିନ ହୋମ୍‌ସଙ୍କର ସେଉଁ ଅବସ୍ଥା ତାକୁ ତାଙ୍କ ବନ୍ଧୁମାନେ ବାକ୍‌ସଂଯମ ବୋଲି କହିବେ; କିନ୍ତୁ ଅନ୍ୟମାନେ ରୁକ୍ଷ ସ୍ୱଭାବ ବୋଲି ଭାବିବେ । ସେ ବରାବର ଘରୁ ପଦାକୁ ଆଉ ପଦାରୁ ଘରକୁ ଯିବାଆସିବା କରୁଥାନ୍ତି, ଅନବରତ ସିଗାରେଟ୍ ଟାଣିବାରେ ଲାଗିଥାନ୍ତି, ବେଳେ ବେଳେ ଭାଓଲିନ୍ ବଜାଉଥାନ୍ତି, ଅବେଳରେ ସାଣ୍ଡଉଇଚ୍ ଖାଉଥାନ୍ତି ଆଉ କେତେବେଳେ କେମିତି ମୁଁ କିଛି ପଚାରିଲେ ଉତ୍ତର ଦଅନ୍ତି ନାହିଁ । ମୁଁ ଜାଣି ପାରିଲି ତାଙ୍କ ଅନୁସନ୍ଧାନ ବିଶେଷ କିଛି ଆଗେଇପାରୁନାହିଁ । ସେ କେଶ୍ ବିଷୟରେ ମୋତେ କିଛି କହନ୍ତି ନାହିଁ । କେବଳ ଖବରକାଗଜରୁ ମୁଁ ପୋଲିସର ପ୍ରାଥମିକ ଅନୁସନ୍ଧାନ ରିପୋର୍ଟ ଦେଖିବାକୁ ପାଇଲି । କନ୍‌ଷ୍ଟେବଲ୍‌କୁ

Digitized by srujanika@gmail.com

ଆରେଷ୍ଟ କରାଯାଇ ପରେ ଖଲାସ କରି ଦିଆଯାଇଥିଲା । ଜୁରି ଘଟଣାଟାକୁ ଇଚ୍ଛାକୃତ ହତ୍ୟାବୋଲି ମତ ଦେଲେ । କିନ୍ତୁ ହତ୍ୟାକାରୀ କିଏ କିଛି ଜଣାଗଲା ନାହିଁ । ହତ୍ୟାର ଉଦ୍ଦେଶ୍ୟ ମଧ୍ୟ କିଛି ସ୍ଥିର କରାଯାଇପାରିଲା ନାହିଁ । ଘରଟାରେ ଅନେକ ମୂଲ୍ୟବାନ ଜିନିଷ ଥିଲା; କିନ୍ତୁ କିଛି ଚୋରି ହୋଇନାହିଁ । ମୃତ ଲୋକଙ୍କ କାଗଜପତ୍ରରେ ମଧ୍ୟ ହାତ ମରା ଯାଇନାହିଁ । କାଗଜଗୁଡ଼ା ଭଲଭାବେ ପରୀକ୍ଷା କରାଯାଇଥିଲା । ସେଥିରୁ ଜଣାଗଲା ମୃତ ବ୍ୟକ୍ତି ଆନ୍ତର୍ଜାତୀୟ ରାଜନୀତିରେ ଖୁବ୍ ଆଗ୍ରହୀ ଥିଲେ । ସେ ଅବିଶ୍ରାନ୍ତ ଗପ କରିପାରନ୍ତି ଆଉ ବିଭିନ୍ନ ଭାଷା ଜାଣିଥିଲେ । ଅନବରତ ଚିଠି ଲେଖିବା ମଧ୍ୟ ତାଙ୍କର ଅଭ୍ୟାସ । ବିଭିନ୍ନ ଦେଶର ବଡ଼ ବଡ଼ ରାଜନୀତିଜ୍ଞମାନଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ତାଙ୍କ ଡ୍ରୟାରରେ ଭର୍ତ୍ତି ହୋଇଥିବା କାଗଜ ଭିତରେ ସେମିତି ଚାଞ୍ଚଲ୍ୟକର କିଛି ନଥିଲା । ନାରୀମାନଙ୍କ ସାଥିରେ ସେ ଖୁବ୍ ମିଳାମିଶା କରୁଥିଲେ; କିନ୍ତୁ ସେମାନଙ୍କ ଭିତରେ ତାଙ୍କର ବନ୍ଧୁ ଖୁବ କମ୍ ଥିଲେ ଆଉ ପ୍ରେମିକା କେହି ନଥିଲେ । ତାଙ୍କର ଅଭ୍ୟାସ ବେଶ୍ ଶୃଙ୍ଖଳାପୂର୍ଣ୍ଣ ଆଉ ଚରିତ୍ର ଦୋଷ ଶୂନ୍ୟ । ତାଙ୍କର ମୃତ୍ୟୁ ପୁରାପୁରି ରହସ୍ୟମୟ ଆଉ ବୋଧହୁଏ ରହସ୍ୟ ଭିତରେ ରହିଯିବ ।

ଚାକର ଜନ୍ ମିଟନ୍‌କୁ ଆରେଷ୍ଟ କରିବାଟା ଖାଲି କିଛି କାମ ହେଉଛି ବୋଲି ଦେଖାଇବା କଥା । ତା ବିରୁଦ୍ଧରେ କୌଣସି କେଶ୍ ଗଢ଼ା ଯାଇ ପାରିଲା ନାହିଁ । ସେଦିନ ରାତିରେ ସେ ତା ବନ୍ଧୁମାନଙ୍କ ପାଖକୁ ହାମର୍ସ୍ମିଥ୍ ଯାଇଥିଲା । ତାର ସଫେଇ ପ୍ରମାଣ ମଧ୍ୟ ମିଳିଲା । ଅବଶ୍ୟ ସେ ହାମର୍ସ୍ମିଥ୍‌ରୁ ଯେତେବେଳେ ଫେରିଲା ହତ୍ୟାକାଣ୍ଡ ଘଟିବା ଆଗରୁ ଓ୍ୱେଷ୍ଟମିନଷ୍ଟର୍‌ରେ ପହଞ୍ଚିବା କଥା । କିନ୍ତୁ ତାର କୈଫିୟତ ହେଲା, ସେ ଖଣ୍ଡେ ବାଟ ଚାଲି ଚାଲି ଆସିଥିଲା । ସେ ପ୍ରକୃତରେ ବାରଟାବେଳେ ଆସି ପହଞ୍ଚିଲା ଆଉ ଏ ଶୋଚନୀୟ ଘଟଣା ଦେଖି ଦୁଃଖରେ ଭାଙ୍ଗିପଡ଼ିଥିଲା । ତା ମାଲିକଙ୍କ ସହିତ ତାର ସବୁବେଳେ ଭଲ ସମ୍ପର୍କ । ତା ବାକ୍ସରୁ ଲୁକାସ୍‌ଙ୍କ ସେଫ୍‌ଟିରେଜର୍ ଏବଂ ଆଉ କେତେ ଜିନିଷ ମିଳିଲା । ସେ କହେ ମାଲିକ ସେଗୁଡ଼ା ତାକୁ ଉପହାର ଦେଇଥିଲେ । ପରିଚାରିକା ମଧ୍ୟ ଏକଥାକୁ ଦୃଢ଼ ସମର୍ଥନ କଲା । ମିଟନ୍ ତିନି

Digitized by srujanika@gmail.com

ବର୍ଷ ହେଲା ଲୁକାସ୍‌ଙ୍କ ପାଖରେ ଅଛୁ । ଗୋଟେ କଥା ଲକ୍ଷ୍ୟ କରାଗଲା ଯେ, ଲୁକାସ୍ ଇଉରୋପର ଅନ୍ୟ ଦେଶକୁ ଗଲାବେଳେ ମିଟନ୍‌କୁ ମୋଟେ ସାଥିରେ ନେଉନଥିଲେ । ବେଳେବେଳେ ସେ ପାରିସ୍ ଯାଇ ତିନିମାସଯାଏ ରହୁଥିଲେ । ସେତେବେଳେ ମିଟନ୍ ଗଡ଼ୋଲ୍‌ଫିନ୍ ଷ୍ଟ୍ରୀଟ୍ ଘର ଦାୟିତ୍ୱରେ ରହୁଥିଲା । ପରିଚାରିକା ଜବାବ୍ ଦେଲା ଯେ, ହତ୍ୟାକାଣ୍ଡ ଦିନ ରାତିରେ ସେ କିଛି ଶୁଣି ନାହିଁ । ଯଦି ରାତିରେ କେହି ଆସିଥାଏ ତେବେ ମାଲିକ ନିଜେ ଦରଜା ଖୋଲି ଦେଇଥିବେ ।

ଏଇପରି ଭାବରେ ତିନିଦିନ ଯାଏ କଥାଟା ରହସ୍ୟମୟ ହୋଇ ରହିଲା । ହୋମ୍‌ସ୍ କେଜାଣି କ'ଣ ଜାଣିଥିବେ । କିନ୍ତୁ ତାଙ୍କ କଥା ତାଙ୍କ ଭିତରେ । କିନ୍ତୁ ସେ କହିଲେ ଯେ, ଏ କେଶ୍‌ରେ ଇନ୍‌ସ୍‌ପେକ୍ଟର୍ ଲେଷ୍ଟ୍ରେଡ୍ ତାଙ୍କ ସହଯୋଗ ଚାହିଁଛନ୍ତି । ତେଣୁ ବୁଝିଲି ଯଦି କିଛି ଅଗ୍ରଗତି ହେଉଥିବ ହୋମ୍‌ସ୍ ନିଶ୍ଚୟ ଜାଣୁଥିବେ । ଶେଷରେ ଚତୁର୍ଥଦିନ ପାରିସ୍‌ରୁ ଗୋଟେ ଲମ୍ବା ଟେଲିଗ୍ରାମ୍ ଆସିଲା ଆଉ ସବୁ ପ୍ରଶ୍ନର ସମାଧାନ ହୋଇଗଲା ପରି ଜଣାଗଲା ।

ଡେଲି ଟେଲିଗ୍ରାଫ୍ ଖବରକାଗଜରେ ବାହାରିଲା : ପାରିସ୍ ପୋଲିସ୍ ନିକଟରେ ଗୋଟେ କଥା ଆବିଷ୍କାର କରିଛନ୍ତି । ତାଦ୍ୱାରା ଗଲା ସୋମବାର ରାତିରେ ଓ୍ୱେଷ୍ଟ୍ ମିନିଷ୍ଟର୍‌ର ଗଡ଼ୋଲ୍‌ଫିନ୍ ଷ୍ଟ୍ରୀଟ୍‌ରେ ମିଷ୍ଟର୍ ଏଡୁଆର୍ଡ଼ ଲୁକାସ୍‌ଙ୍କ ହତ୍ୟା ଘଟଣା ବିଷୟରେ ସବୁ ଜଣାପଡ଼ିଛି । ପାଠକମାନଙ୍କର ମନେ ଥିବ ଯେ, ଏଇ ମୃତଲୋକ ତାଙ୍କ ନିଜ ରୁମ୍‌ରେ ଛୁରୀ ଭୁଷା ହୋଇ ପଡ଼ିଥିବାର ଦେଖାଯାଇଥିଲା । ତାଙ୍କ ଚାକରକୁ ଏ ବାବଦରେ ସନ୍ଦେହ କରାଯାଇଥିଲା । କିନ୍ତୁ ସଫେଇ ପ୍ରମାଣ ବଳରେ କେଶ୍‌ଟା ଭାଙ୍ଗିଗଲା । ଗଲକାଲି ରୁଭ ଅଷ୍ଟେର୍‌ଲିଜ୍‌ରେ ରହୁଥିବା ମାଡ଼ାମ୍ ହେନ୍‌ରୀ ଫୋର୍‌ନେ ନାମକ ଜଣେ ଭଦ୍ର ମହିଳା ପାଗଳ ହୋଇ ଯାଇଛନ୍ତି ବୋଲି ତାଙ୍କ ଚାକର ମାନେ କର୍ତ୍ତୃପକ୍ଷଙ୍କୁ ଜଣାଇଲେ । ପରୀକ୍ଷା କରି ଦେଖାଗଲା ଯେ ପ୍ରକୃତରେ ତାଙ୍କର ଏକ ଭୟଙ୍କର ସ୍ଥାୟୀ ଧରଣର ବାତୁଳତା ଆସିଯାଇଛି । ପୋଲିସ୍ ତଦନ୍ତରୁ ଜଣାଯାଇଛି ଯେ ମାଡ଼ାମ୍ ହେନ୍‌ରି ଲଣ୍ଡନ ଯାଇଥିଲେ । ଗଲା ମଙ୍ଗଳବାରଦିନ ସେଠୁ ଫେରିଛନ୍ତି । ଓ୍ୱେଷ୍ଟ୍ ମିନିଷ୍ଟର୍‌ରେ ଘଟିଥିବା ଅପରାଧରେ ସେ ସଂପୃକ୍ତ ବୋଲି

Digitized by srujanika@gmail.com

ପ୍ରମାଣ ମିଳିଛି । ଫଟୋଗ୍ରାଫ୍ ସବୁ ତୁଳନା କରିବାରେ ନିଶ୍ଚିତ ଭାବରେ ପ୍ରମାଣିତ ହୋଇଛି ଯେ, ମିଷ୍ଟର୍ ହେନ୍‌ରୀ ଫୋର୍‌ନେ ଆଉ ଏଡ୍‌ଆର୍ଡେ ଲୁକାସ୍ ଜଣେ ଲୋକ । କୌଣସି କାରଣରୁ ସେ ଲଣ୍ଡନ ଆଉ ପାରିସ୍‌ରେ ଭିନ୍ନ ଭିନ୍ନ ନାଁରେ ରହୁଥିଲେ । ମାଡ଼ାମ ଫୋର୍‌ନେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଅଧିବାସୀଙ୍କ ବଂଶଧର । ଅଳ୍ପକେ ଉତ୍ତେଜିତ ହୋଇଯିବା ତାଙ୍କ ପ୍ରକୃତି । ଅତୀତରେ ସେ ଖୁବ୍ ଈର୍ଷାପରାୟଣ ଥିଲେ । ପରେ ତା ବାତୁଳତାରେ ପରିଣତ ହୋଇଛି । ଅନୁମାନ କରାଯାଏ ଲଣ୍ଡନରେ ଚହଳ ପକାଇଥିବା ଏଇ ହତ୍ୟାକାଣ୍ଡ ସେ ଏଇ ବା'ତୁଳ ଅବସ୍ଥାରେ କରିଛନ୍ତି । ସୋମବାର ଦିନ ରାତିରେ ସେ କୁଆଡ଼େ ଯିବା ଆସିବା କରିଥିଲେ ଜଣାଯାଇନାହିଁ । କିନ୍ତୁ ତାଙ୍କଭଳି ଚେହେରାର ଜଣେ ସ୍ତ୍ରୀଲୋକକୁ ଗ୍ରିଙ୍ଗ୍‌କସ୍ ଷ୍ଟେସନ ପାଖରେ ଲୋକେ ଦେଖିଛନ୍ତି । ତାଙ୍କର ଭୟଙ୍କର ଚେହେରା ଆଉ ହାବଭାବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତେଣୁ ଅନୁମାନ ସେ ପାଗଳ ଅବସ୍ଥାରେ ଏ ହତ୍ୟାକାଣ୍ଡ କରିଛନ୍ତି କିମ୍ବା ହତ୍ୟା କରିବା ପରେ ପରେ ପାଗଳ ହୋଇଯାଇଛନ୍ତି । ବର୍ତ୍ତମାନ ସେ ଅତୀତ କଥାର କିଛି ସଠିକ ବିବରଣୀ ଦେବା ଅବସ୍ଥାରେ ନାହାନ୍ତି । ଡାକ୍ତର ମାନେ ତାଙ୍କର ଜ୍ଞାନ ଫେରିବାର କିଛି ଆଶା ଦେଖୁ ନାହାନ୍ତି । ଜଣେ ସ୍ତ୍ରୀ ଲୋକ ଗଡ଼ୋଲଫିନ ଷ୍ଟ୍ରୀଟର ସେ ଘର ଉପରେ ସୋମବାର ରାତିରେ ନଜର ପକାଉ ଥିବାର ପ୍ରମାଣ ମିଳିଛି ଆଉ ସେ ସ୍ତ୍ରୀଲୋକ ମାଡ଼ାମ ଫୋର୍‌ନେ ହୋଇପାରନ୍ତି ।

ହୋମସ ଜଳଖିଆ ଖାଉ ଖାଉ ମୁଁ ବିବରଣୀଟା ବଡ଼ ପାଟିରେ ପଢ଼ିଗଲି । ତାପରେ ପଚାରିଲି, "ଏ ବିଷୟରେ ତୁମେ କ'ଣ ଭାବୁଛ ହୋମ୍‌ସ୍ ?"

ସେ ଟେବୁଲ ପାଖରୁ ଉଠି ଘର ଭିତରେ ଏପଟ ସେପଟ ହେଉ ହେଉ କହିଲେ, "କୁହିଲ ଉଆଟ୍‌ସନ୍, ତୁମେ ଭାରି ବ୍ୟସ୍ତ ହୋଇଗଲଣି । ଗଲା ତିନିଦିନ ହେଲା ମୁଁ ତୁମକୁ କିଛି କହି ନାହିଁ । ତାର କାରଣ କହିବାର କିଛି ନାହିଁ । ବର୍ତ୍ତମାନ ବି ପାରିସ୍‌ରୁ ଆସିଥିବା ଏଇ ରିପୋର୍ଟ ଆମକୁ କିଛି ସାହାଯ୍ୟ କରିବ ନାହିଁ ।"

"କାହିଁକି, ହତ୍ୟା ଘଟଣା ତ ନିଶ୍ଚିତ ଭାବେ ଜଣାଗଲା ।"

Digitized by srujanika@gmail.com

"ସେ ହତ୍ୟା ଘଟଣାଟା ଅତି ତୁଚ୍ଛ କଥା । ଆମର ପ୍ରକୃତ କାମ ହେଲା ଏଇ ଦଲିଲଟା ଖୋଜି ବାହାର କରିବା ଆଉ ଇଉରୋପକୁ ଗୋଟାଏ ଘୋର ଦୁର୍ଗତିରୁ ରକ୍ଷାକରିବା । ତା ତୁଳନାରେ ଏଇ ହତ୍ୟା ଘଟଣା ଅତି ନଗଣ୍ୟ । ଗଲା ତିନଦିନ ଭିତରେ କେବଳ ଗୋଟେ ଗୁରୁତ୍ୱ ପୂର୍ଣ୍ଣ ଘଟଣା ଘଟିଛି । ତାଛଡ଼ା କିଛି ଘଟିନାହିଁ । ମୁଁ ପ୍ରତି ଘଣ୍ଟାରେ ସରକାରୀ ମହଲରୁ ରିପୋର୍ଟ ପାଉଛି । ଏଟା ନିଶ୍ଚିତ ଯେ ଏ ଯାଏ ଇଉରୋପର କେଉଁଠି କିଛି ଗଣ୍ଡଗୋଳର ସୂଚନା ନାହିଁ । ଚିଠିଟା ଯଦି ବାହାରକୁ ଚାଲିଯାଇଥାନ୍ତା—ନା, ଚିଠିଟା ମୋଟେ ଯାଇନାହିଁ,—ଯଦି ଯାଇନାହିଁ ତେବେ ଅଛି କେଉଁଠି ? କାହାପାଖରେ ଅଛି ? ସେ ସେଟାକୁ ଲୁଚାଇ ରଖିଛି କାହିଁକି ? ଏଇ ପ୍ରଶ୍ନ ମୋ ମୁଣ୍ଡକୁ ଠିକ୍ ପାହାର ପରି ଆଘାତ କରୁଛି । ଚିଠିଟା ଯେଉଁ ରାତିରେ ହଜିଲା ସେଇ ରାତିରେ ଲୁକାସ୍ଙ୍କର ମୃତ୍ୟୁ କ'ଣ ପ୍ରକୃତରେ କାକତାଳିକ ? ଚିଠିଟା ତାଙ୍କ ହାତକୁ ଯାଇଛି ? ତାଙ୍କର ଏଇ ସ୍ତ୍ରୀ କ'ଣ ଚିଠିଟା ନେଇଯାଇଛନ୍ତି ? ଯଦି ତା ହୋଇ-ଥାଏ, ଚିଠିଟା କ'ଣ ପାରିସ୍‌ରେ ତାଙ୍କ ଘରେ ଅଛି ? ଫରାସୀ ପୋଲିସର ସନ୍ଦେହ ଏଡ଼େଇ ମୁଁ ତାଙ୍କ ଘର ଖାନତଲାସ କରିବି କେମିତି ? ଏ କେଶ୍‌ରେ ଆମପାଇଁ ଅପରାଧୀ ଯେତିକି ବିପଜ୍ଜନକ ଆଇନ ମଧ୍ୟ ସେତିକି । ସବୁ କଥା ଆମ ବିରୁଦ୍ଧରେ । ତଥାପି ଦେଶର ଯେଉଁ ସ୍ୱାର୍ଥ ଏଥିରେ ଜଡ଼ିତ ତା ଅତି ବିଶାଳ । ଯଦି ମୁଁ ଏହାର ସଫଳ ସମାଧାନ କରିପାରେ ତେବେ ମୋ ଜୀବନର ଏଟା ଶ୍ରେଷ୍ଠ କୀର୍ତ୍ତି ହେବ । ଏଇତ, ସର୍ବଶେଷ ଖବର ଆସିଗଲା ।" ଯେଉଁ ଚିଠିଖଣ୍ଡ ସେ ପାଇଲେ ତା ଉପରେ ତରତରରେ ଆଖି ପକାଇ ନେଇ କହିଲେ, "ବାଃ, ଲେସ୍‌ଟ୍ରେଡ୍ କିଛି ଗୋଟେ ଗୁରୁତ୍ୱପୂର୍ଣ୍ଣ ଜିନଷ ଲକ୍ଷ୍ୟ କଲା ପରି ମନେହେଉଛି । ତୁମ ଟୋପିଟା ପିନ୍ଧି ନିଅ ୱାଟ୍‌ସନ୍, ଆଉ ଆମେ ସାଥି ହୋଇ ଉଏଷ୍ଟମିନଷ୍ଟର୍ ଆଡ଼େ ଯିବା ।"

ହତ୍ୟାକାଣ୍ଡ ଘଟିଥିବା ଜାଗାକୁ ମୋର ଯିବା ଏଟା ପ୍ରଥମ । ଖୁବ୍ ଉଚ୍ଚା ଆଉ ମଜଭୁତ୍ ଘର । ସାମନା ଝରକା ପାଖରୁ ଲେସ୍‌ଟ୍ରେଡ୍‌ଙ୍କ ଆଖି ଆମ ଉପରେ ପଡ଼ିଲା । ଜଣେ କନେଷ୍ଟବଲ୍ ଦରଜା ଖୋଲିଦେଲା । ଆମେ ଭିତରକୁ ଗଲା ମାତ୍ରେ ଲେସ୍‌ଟ୍ରେଡ୍ ଆମକୁ ସ୍ୱାଗତ କଲେ । ଯେଉଁ ଘରେ ହତ୍ୟାକାଣ୍ଡ

Digitized by srujanika@gmail.com

ଘଟିଥିଲା ଆମକୁ ସେଇ ଘରକୁ ନେଇଗଲେ । କେବଳ ଗାଲିଚା ଉପରେ କେତେ ମଇଳା ଦାଗ ଛଡ଼ା ଅନ୍ୟ କିଛି ଚିହ୍ନ ନଥିଲା । ଗାଲିଚାଟା ଗ୍ରେଟ ଚାରିକୋଣିଆ ଆଉ ଘର ମଝିରେ ପଡ଼ିଥିଲା । ତା'ଚାରିପାଖେ ପୁରୁଣାକାଳିଆ ଢାଞ୍ଚାରେ ଚାରିକୋଣିଆ ପଟା ସବୁ ବସିଯାଇଥିଲା । ପଟାଗୁଡ଼ା ଖୁବ୍ ଚିକ୍କଣିଆ । କାନ୍ଥ ଚୂଲି ଉପରକୁ କାନ୍ଥରେ ନାନା ପ୍ରକାରର ଅସ୍ତ୍ରଶସ୍ତ୍ର । ସେଇଥିରୁ ଗୋଟେ ହତ୍ୟା କରିବାରେ ବ୍ୟବହାର କରାଯାଇଥିଲା । ଝରକା ପାଖରେ ଗୋଟେ ବଡ଼ ଡେସ୍କ । ଘରର ସବୁ ଜିନିଷ ଆଡ଼ମ୍ବରପୂର୍ଣ୍ଣ ।

ଲେସ୍‌ଟ୍ରେଡ୍ ପଚାରିଲେ, "ପାରିସ୍ ସମ୍ବାଦ ପଢ଼ିଛନ୍ତି ?"

ହୋମ୍‌ସ ମୁଣ୍ଡହଲାଇ ସମ୍ମତି ଜଣାଇଲେ । ଲେସ୍‌ଟ୍ରେଡ୍ କହିଲେ, "ଏଇ ଥର ଆମ ଫରାସୀ ବନ୍ଧୁମାନେ ଠିକ୍ ବାଟ ଧରିପାରିଛନ୍ତି । ସେମାନଙ୍କ କଥା ନିଶ୍ଚୟ ଠିକ୍ । ସ୍ତ୍ରୀଲୋକ ଜଣକ ଅତର୍କିତ ଭାବେ ଆସି କବାଟ ଠକ୍ ଠକ୍ କରିଛନ୍ତି । ଲୁକାସ୍ ଦରଜା ଖୋଲି ତାଙ୍କୁ ଘର ଭିତରକୁ ନେଇଛନ୍ତି । କାରଣ ତାଙ୍କୁ ସେ ବାହାରେ ଠିଆକରାଇ ରଖିପାରିନାହାନ୍ତି । ସେ ତାଙ୍କୁ କେମିତି ଖୋଜି ବାହାର କଲେ ସେ କଥା କହି କୁ-ଭାଷାରେ ଗାଳି ଦେଇଛନ୍ତି । ଏଇଥିରୁ ଗଣ୍ଡଗୋଳ ହୋଇଛି । ଶେଷରେ ଡାଗର୍‌ଟାରେ କାଳ ଶେଷ ହୋଇଛି । ଏସବୁ ମୁହୂର୍ତ୍ତକ ଭିତରେ ହୋଇନାହିଁ । କାରଣ ଚଉକିଗୁଡ଼ା ସବୁ ଏଣେ ତେଣେ ପଡ଼ିଥିଲା । ଲୁକାସ୍ ଗୋଟେ ଚଉକି ହାତରେ ଧରିଥିଲେ । ବୋଧହୁଏ ସେଇଟା ଦ୍ୱାରା ସେ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଘଟଣାଗୁଡ଼ା ଆଖି ଆଗରେ ଦେଖିଲା ପରି ପରିଷ୍କାର ଜଣାଯାଉଛି ।"

ଆଖିପତା ଉପରକୁ ଟେକି ହୋମ୍‌ସ କହିଲେ, "ତଥାପି ତୁମେ ମୋତେ ଡକାଇଲ ?"

"ହଁ, ସେ ଆଉ ଗୋଟେ କଥା । ନିହାତି ସାମାନ୍ୟ କଥା; କିନ୍ତୁ ତୁମେ ଯେଉଁ ସବୁଥିରେ ଆଗ୍ରହ ପ୍ରକାଶ କର ସେଇପରି କଥା । ମୂଳ ଘଟଣା ସହିତ ତାର କିଛି ସମ୍ପର୍କ ନାହିଁ ।"

"ଘଟଣାଟା କ'ଣ ?"

Digitized by srujanika@gmail.com

"ତୁମେ ତ ଜାଣ ଏପରି ଅପରାଧ ପରେ ଆମେ ଜିନିଷପତ୍ର ସବୁ ଯେଉଁ ଅବସ୍ଥାରେ ଥାଏ ସେଇ ଅବସ୍ଥାରେ ରଖୁ । ଏଠି ବି କିଛି ଜିନିଷ ଏପଟ ସେପଟ ହୋଇନାହିଁ । ଘନ ରାତ୍ର ପନ୍ଦର । ଆଜି ସକାଳେ ମୃତ ଲୋକକୁ କବର ଦିଆଗଲା ଆଉ ଅନୁସନ୍ଧାନ ଶେଷ ହେଲା । ଆମେ ଭାବିଲୁ ଏ ଘରଟା ଟିକିଏ ସଫା ସୁତୁରା କରିଦେବା । ଏଇ ଗାଲିଚା, ତୁମେତ ଦେଖୁଛ ଏଟା ବନ୍ଧା ହୋଇନାହିଁ, ଖାଲି ବିଛେଇ ଦିଆଯାଇଛି । ଆମେ ଏଟାକୁ ଉଠାଇଲୁ ଆଉ ଦେଖିଲୁ—।"

"ହଁ, ଦେଖିଲ --"

ହୋମ୍‌ସ ଖୁବ୍ ବ୍ୟଗ୍ର ହୋଇଉଠିଲେ ।

"ଆମେ କ'ଣ ଦେଖିଲୁ ଶହେ ବର୍ଷ ଗଲେ ବି ତୁମେ କଳ୍ପନା କରିପାରିବ ନାହିଁ । ଗାଲିଚା ଉପରେ ସେଇ ରକ୍ତ ଦାଗ ତ ତୁମେ ଦେଖୁଛ ? ଆଚ୍ଛା, ଗାଲିଚାରେ ତ ଗୁଡ଼େ ରକ୍ତ ଭିଜି ଯାଇଥିବ ନା ନାହିଁ ?"

"ନିଶ୍ଚୟ ।"

"କିନ୍ତୁ ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବ, ଗାଲିଚା ତଳ ଧଳା ପଟାରେ ସେଇପରି ଦାଗ ନାହିଁ ।"

"ଦାଗ ନାହିଁ ? କିନ୍ତୁ ରହିବାର କଥା ।"

"ହଁ, ତୁମେ ତ ସେ କଥା କହିବ । କିନ୍ତୁ ଦାଗ ନାହିଁ ।

ସେ ଗାଲିଚାର ଗୋଟେ କଣରୁ ଧରି ଓଲଟାଇ ଦେଲେ । ଦେଖାଇଦେଲେ ସେ ଯାହା କହୁଥିଲେ ଠିକ୍ ସେଇଆ ।

"କିନ୍ତୁ ଗାଲିଚାର ତଳ ପାଖରେ ଉପରପାଖ ପରି ଦାଗ ଅଛି । ତେଣୁ ଦାଗ ନିଶ୍ଚୟ ରହିବା କଥା ।"

ଏଇ ଖ୍ୟାତନାମା ବିଶେଷଜ୍ଞଙ୍କୁ ଧନ୍ଦାରେ ପକାଇ ଦେଇଥିବାରୁ ଲେଷ୍ଟ୍ରେଡ୍ ସାମାନ୍ୟ ହସିଦେଲେ । ତାପରେ କହିଲେ, 'ତାର କାରଣଟା ମୁଁ ତୁମକୁ ଦେଖାଇ ଦେଉଛି । ଆଉ ଗୋଟେ ଜାଗାରେ ଗୋଟେ ଦ୍ୱିତୀୟ ଦାଗ ଅଛି; କିନ୍ତୁ ସେଟା ଏ ଦାଗ ସାଥିରେ ମିଶୁନାହିଁ । ତୁମେ ନିଜେ ଦେଖ ।"

Digitized by srujanika@gmail.com

ସେ ଗାଲିଚାର ଆଉ ଗୋଟେ କଣ ଧରି ଓଲଟାଇ ଦେଲେ । ଦେଖିଲି ବେଲକୁ ଧଳା ମେଜିଆ ଉପରେ ଗୋଟେ ବଡ଼ ନାଲି ରଙ୍ଗର ଦାଗ ।

"ଏଥିରୁ ତୁମେ କ'ଣ ବୁଝୁଛ ମିଷ୍ଟର୍ ହୋମ୍‌ସ ?"

"କାହିଁକି, ଏଟା ତ ଖୁବ୍ ସହଜ କଥା । ଦୁଇଟି ଯାକ ଦାଗ ସମାନ । କିନ୍ତୁ ଗାଲିଚାଟା ଓଲଟାଇ ଦିଆଯାଇଛି । ସେଟା ଚାରିକୋଣିଆ ଆଉ ବନ୍ଧା ହୋଇ ନଥିଲା । ତେଣୁ ଓଲଟାଇ ଦେବାଟା ସହଜ ।"

"ଗାଲିଚାଟା ଓଲଟାଇ ଦିଆଯାଇଛି ବୋଲି କହିବାକୁ ତ ଆମେ ତୁମକୁ ଡାକି ନାହୁଁ । ସେଟା ତ ଜଣାଶୁଣା କଥା । ଗାଲିଚାଟା ଏମିତି ଓଲଟାଇ ରଖି ଦେଲେ ଦାଗ ଦୁ'ଟା ତଳ ଉପର ହୋଇଯିବ । କିନ୍ତୁ ମୁଁ ଜାଣିବାକୁ ଚାହେଁ, ଗାଲିଚାଟା ଉଠେଇଲା କିଏ ଆଉ କାହିଁକି ?"

ହୋମ୍‌ସଙ୍କ ମୁହଁରୁ ଜାଣିଲି ତାଙ୍କ ମନ ଭିତରେ ଗୋଟେ ଆନ୍ଦୋଳନ ସୃଷ୍ଟି ହୋଇଛି । ସେ କହିଲେ, "ଦେଖ ଲେସ୍‌ଟ୍ରେଡ୍, ଦରଜା ପାଖରେ ଯେଉଁ କନେଷ୍ଟବଲ ସେ କ'ଣ ବରାବର ଏଠି ଅଛି ?"

"ହଁ ।"

"ତାହେଲେ ମୋ କଥା ଶୁଣ । ତାକୁ ପରୀକ୍ଷା କର । ଏଠି ଆମ ଆଗରେ ନୁହେଁ । ଆମେ ଏଠି ଅପେକ୍ଷା କରୁଛୁ । ତୁମେ ତାକୁ ପଛପାଖ ଘରକୁ ଡାକି ନିଅ । ତା'ଠୁ ସତ କଥା ପାଇ ପାରିବ । ସିଧା ତାକୁ ପଚାରିବ ସେ କେଉଁ ସାହସରେ ଏ ଘର ଭିତରକୁ କୌଣସି ଲୋକକୁ ଏକା ଛାଡ଼ିଦେଇଛି । ସେ ଛାଡ଼ିଦେଇଛି କି ନାହିଁ ବୋଲି ପଚାରିବ ନାହିଁ । ମୋ କଥା ସତ ବୋଲି ଧରି ନିଅ । ତାକୁ କହିବ ଏ ଘର ଭିତରକୁ କେହି ଆସିବା କଥା ତୁମେ ଜାଣ । ତାକୁ କହିବ ସେ ସତକଥା କହିଲେ ତାକୁ କ୍ଷମା କରାଯିବ । ମୁଁ ଯାହା କହିଲି ଠିକ୍ ସେଇଆ କର ।"

ଲେସ୍‌ଟ୍ରେଡ କହି ଉଠିଲେ, "ଭଗବାନ୍ ! ସେ ଯଦି ଏକଥା ଜାଣେ ମୁଁ ନିଶ୍ଚୟ ତା'ଠୁ କଥା ଆଦାୟ କରିବି ।"

ସେ ବାଟ ଘରକୁ ଚାଲିଗଲେ । କିଛିକ୍ଷଣ ପରେ ପଛପାଖ ଘରୁ ତାଙ୍କ ଗର୍ଜନ ତର୍ଜନ ଶୁଣାଗଲା । ଖୁବ୍ ବ୍ୟଗ୍ର ହୋଇ ଉଠି ହୋମ୍‌ସ । କହିଲେ, "ଶୀଘ୍ର

Digitized by srujanika@gmail.com

ୱାଟ୍‌ସନ୍‌ ଶୀଘ୍ର ।” ମେଜଆ ଉପରେ ବସ୍ତୁ ହୋଇଥିବା କନାକୁ ଆଡ଼େଇ ଦେଇ ମୁହୂର୍ତ୍ତିକ ଭିତରେ ଆଣ୍ଠୁମାଡ଼ ପ୍ରସ୍ଥ ପଟାଖଣ୍ଡ ଦେଖିଗଲେ । ଖଣ୍ଡେ ପଟା କଡ଼ରେ ନଖ ମାରିଦେଲାବେଳକୁ ସେଟା ଟିକିଏ ଘୁଞ୍ଚିଗଲା । ତାପରେ ବାକ୍‌ସର ଢାଙ୍କୁଣୀ ପରି ପଟାଟା ଖୋଲିଗଲା । ତା ତଳେ ଗୋଟେ ଘୋଟ ଅନ୍ଧାରୁଆ ଗାତ । ହୋମ୍‌ସ ବ୍ୟସ୍ତହୋଇ ତା ଭିତରେ ହାତ ପୂରାଇଲେ । ପରମୁହୂର୍ତ୍ତରେ ହତାଶା ଆଉ ରାଗରେ ହାତଟା ବାହାରକରି ଆଣିଲେ ।

“ଶୀଘ୍ର ୱାଟ୍‌ସନ୍‌, ଶୀଘ୍ର । ଏଟାକୁ ବନ୍ଦ କରିଦିଅ ।” କାଠ ଢାଙ୍କୁଣୀଟା ପକାଇ ଦେଇ ତା ଉପର କନା ଖୋଳଟା ଟାଣି ସିଧା କରିଦେଲା ବେଳକୁ ବାରଣ୍ଡାରେ ଲେଷ୍ଟ୍ରେଡ୍‌ଙ୍କ ପାଟି ଶୁଭିଲା । ସେ ଆସିଲା ବେଳକୁ ହୋମ୍‌ସ ହଁଆ ଢାଙ୍କୁଣୀଟା ଉପରକୁ ଆଉଜି ଧୀରସ୍ଥିରଭାବେ ଠିଆ ହୋଇଛନ୍ତି ।

“ତୁମକୁ ବହୁତ ସମୟ ଅଟକାଇ ରଖିବାରୁ ମୁଁ ଦୁଃଖିତ ମିଷ୍ଟର୍ ହୋମ୍‌ସ । ଦେଖୁଛି ତୁମେ ଏ ଘଟଣାରେ କ୍ଲାନ୍ତ ହୋଇଗଲଣି । ଯାହାହେଉ, ସେ ସବୁ କଥା ସ୍ୱୀକାର କରିଛି । ଏଇ ଭିତରକୁ ଆସ ମାକ୍‌ଫର୍‌ସନ୍ । ଏଇ ଭଦ୍ରଲୋକଙ୍କ ଆଗରେ ତୁମ କାର୍ଯ୍ୟକଳାପ କୁହ ।”

କନେଷ୍ଟବଲ୍ ଘର ଭିତରକୁ ଆସି ଧୀର ସ୍ଥିର ଭାବେ କହିଲା, “ମୋର କିଛି ଖରାପ ଉଦ୍ଦେଶ୍ୟ ନଥିଲା ଆଜ୍ଞା । କାଲି ସନ୍ଧ୍ୟାରେ ତରୁଣୀ ଜଣକ ଭୁଲରେ ଏଠିକି ଚାଲିଆସିଲେ । ତାପରେ ମୋ ସାଥିରେ କଥାବାର୍ତ୍ତା କଲେ । ଏଠି ଏକୁଟିଆ ରହି ରହି ଭାରି ଖରାପ ଲାଗୁଥିଲା ।”

“ତାପରେ କ’ଣ ହେଲା ?”

“ସେ ହତ୍ୟାକାଣ୍ଡ ଘଟିଥିବା ଜାଗାଟା ଦେଖିବାକୁ ଚାହିଁଲେ । କହିଲେ, ଖବର କାଗଜରୁ ଘଟଣାଟା ବିଷୟ ପଢ଼ିଛନ୍ତି । ସେ ଜଣେ ଭଦ୍ରମହିଳା ପରି ଦିଶୁଥିଲେ ଆଉ ତାଙ୍କ କଥାବାର୍ତ୍ତା ବି ବେଶ୍ ଭଦ୍ର । ତାଙ୍କୁ ଘରଟା ଦେଖିବା ପାଇଁ ଛାଡ଼ିଦେଲେ; କିଛି କ୍ଷତି ହେବ ବୋଲି ମୁଁ ଭାବି ପାରିଲି ନାହିଁ । ସେ ଗାଲିଚା ଉପରେ ସେଇ ରକ୍ତ ଦାଗ ଦେଖି କମ୍ପି ହୋଇ ତଳେ ପଡ଼ିଗଲେ । ମଲାପରି ସେଇଠି ପଡ଼ି ରହିଲେ । ମୁଁ ଧାଇଁଯାଇ ପାଣି ଆଣି ତାଙ୍କ ମୁହଁରେ ଛିଞ୍ଚିଲି; କିନ୍ତୁ କିଛି ଫଳ ହେଲା ନାହିଁ । ତେଣୁ ମୁଁ କିଛି ବ୍ରାଣ୍ଡି ଆଣିବା ପାଇଁ

Digitized by srujanika@gmail.com

ଆଇଭି ବୁଢା ପାଖକୁ ଚାଲିଗଲି । ଫେରିଲାବେଳକୁ ସେ ଭଲ ହୋଇ ଉଠି ଚାଲିଗଲେଣି । ଲାଜରେ ମୋତେ ଆଉ ମୁହଁ ଦେଖାଇନାହାନ୍ତି ।"

"ମେଜଆ ଉପର କନାଟା ଘୁଞ୍ଚା ଘୁଞ୍ଚି ହୋଇଥିଲା ?"

"ହଁ ଆଜ୍ଞା, ମୁଁ ଆସିଲା ବେଳକୁ ସେଟା ଟିକିଏ କୁଞ୍ଚମୁଞ୍ଚ ହୋଇ ଯାଇଥିଲା । ସେତାର ଉପରେ ପଡ଼ି ଯାଇଥିଲେ ଆଉ ପଟାଟା ଖୁବ୍ ଚକ୍‌କଣା । ପରେ ମୁଁ କନାଟା ସିଧା କରିଦେଲି ।"

ଗମ୍ଭୀର ହୋଇ ଲେସ୍‌ଟ୍ରେଡ୍ କହିଲେ, "ତୁମେ ମୋତେ ଠକିପାରିବ ନାହିଁ ଏକଥା ମନେରଖ କନେଷ୍ଟବଲ୍ ମାକ୍‌ଫରସନ୍ । ତୁମେ ଭାବିଥିଲ ତୁମ କର୍ତ୍ତବ୍ୟରେ ଅବହେଳା କେହି ଜାଣି ପାରିବେ ନାହିଁ । କିନ୍ତୁ କନାଟାରେ ଦୃଷ୍ଟି ପଡ଼ିବା ମାତ୍ରେ ମୁଁ ଜାଣି ପାରିଲି କେହି ଏ ଘର ଭିତରକୁ ଆସିଥିଲା । ତୁମ ଭାଗ୍ୟକୁ ଏଠୁ କିଛି ଜିନିଷ ହଜିନାହିଁ, ନହେଲେ ତୁମ ଅବସ୍ଥା ଶୋଚନୀୟ ହୋଇଯାଇଥାନ୍ତା । ଏଇ ସାମାନ୍ୟ କଥା ପାଇଁ ତୁମକୁ ଡକାଇଲି ମିଷ୍ଟର୍ ହୋମ୍‌ସ । ସେଥିପାଇଁ ମୁଁ ଦୁଃଖିତ । କିନ୍ତୁ ମୁଁ ଭାବିଲି ପ୍ରଥମ ଦାଗ ସାଥିରେ ମିଶୁ ନ ଥିବା ଏଇ ଦ୍ୱିତୀୟ ଦାଗଟାରେ ତୁମର କୌତୂହଳ ଆସିବ ।"

"ଘଟଣାଟା ନିଶ୍ଚୟ କୌତୂହଳପ୍ରଦ । ଆଚ୍ଛା କନେଷ୍ଟବଲ୍, ଏଇ ସ୍ତ୍ରୀଲୋକ କ'ଣ ସେଇ ଥରକ ଏଠିକି ଆସିଥିଲେ ?"

"ହଁ ଆଜ୍ଞା, ମୋଟେ ଥରେ ।"

"ସେ କିଏ ?"

"ତାଙ୍କ ନାଁ ମୁଁ ଜାଣେ ନାହିଁ ଆଜ୍ଞା ! ଟାଇପ୍‌ରାଇଟିଙ୍ଗ୍ ବିଷୟରେ କଣ ଗୋଟେ ବିଜ୍ଞାପନ ବାହାରିଥିଲା । ସେଇଥିପାଇଁ ଯାଉଥିଲେ, ଭୁଲରେ ଏଠିକି ଚାଲି ଆସିଲେ । ବେଶ୍ ସୁନ୍ଦର ଭଦ୍ରମହିଳା ଆଜ୍ଞା !"

"ବେଶ୍ ଉଚ୍ଚା, ସୁନ୍ଦରୀ ?"

"ହଁ ଆଜ୍ଞା । ଗଠନ ବେଶ ସୁନ୍ଦର । ଆପଣ ତାଙ୍କୁ ଅତି ସୁନ୍ଦରୀ ବୋଲି କହିବେ । ମୋତେ କହିଲେ, 'ଅଫିସର୍, ମୋତେ ଟିକିଏ ଜାଗାଟା ଦେଖିବାକୁ ଛାଡ଼ି ଦିଅନ୍ତୁ ।' ମୁଁ ଭାବିଲି ସେ ଦରଜା ପାଖରେ ରହି ଟିକିଏ ଦେଖିଦେଲେ କିଛି କ୍ଷତି ହେବ ନାହିଁ ।"

Digitized by srujanika@gmail.com

"ତାଙ୍କର ପୋଷାକପତ୍ର କେମିତିକା ?"

"ସାଦାସିଧା ଆଜ୍ଞା । ବେକଠୁ ପାଦଯାଏଁ ଗୋଟେ ଲମ୍ବା କାମା ।"

"ସେତେବେଳକୁ ସମୟ କେତେ ହୋଇଥିଲ ?"

"ଅନ୍ଧାର ହୋଇ ଆସୁଥିଲା । ମୁଁ ବ୍ରାଣ୍ଡି ଧରି ଫେରିଲା ବେଳକୁ ବଡ଼ ଲାଗୁଥିଲା ।"

"ଠିକ୍ ଅଛି । ଆସ୍, ଡ୍ୱାଟ୍‌ସନ୍ । ଅନ୍ୟଠି ଆମର ଅଧିକ ଗୁରୁତ୍ୱପୂର୍ଣ୍ଣ କାମ ଅଛି ।"

ଆମେ ଘରଗୁଡ଼ିକ ବାହାରିଲୁ । ଲେସ୍ଟ୍ରେଡ୍ ସାମନା ପାଖ ଘରଟାରେ ରହିଲେ । ଅନୁତପ୍ତ କନେଷ୍ଟବଲ୍ ଦରଜା ଖୋଲିଦେଲା । ହୋମ୍‌ସ ପାହାଚ ଉପରେ ବୁଲିପଡ଼ି କ'ଣ ଗୋଟେ ହାତରେ ଧରିନେଲେ । କନେଷ୍ଟବଲ୍ ନଜରେଖି କରି ତାଙ୍କ ଆଡ଼େ ଚାହିଁଲା ।

ଆଶ୍ଚର୍ଯ୍ୟ ହୋଇ ସେ କହିଲା, "ଆଜ୍ଞା !"

ହୋମ୍‌ସ ଖାଲି ଓଠରେ ଆଙ୍ଗୁଠି ମାରିଦେଲେ ଆଉ ତାଙ୍କ ଗୁପ୍ତ ପକେଟରେ ହାତଟା ପୂରାଇଦେଲେ । ତାପରେ ଆମେ ରାସ୍ତା ଉପରକୁ ଚାଲିଆସିଲୁ । ଖୁବ୍ ଜୋର୍‌ରେ ହସି ଉଠି ହୋମ୍‌ସ କହିଲେ, "ଚମତ୍କାର ! ଆସ ଡ୍ୱାଟ୍‌ସନ୍, ଶେଷ ଦୃଶ୍ୟ ପାଇଁ ପରଦା ଉଠିବାବେଳ ହୋଇଗଲା । ତୁମେ ଶୁଣି ଖୁସିହେବ, ଯୁଦ୍ଧ ହେବ ନାହିଁ, ମାନ୍ୟବର ଟ୍ରେଲନ ହୋପଙ୍କ ରାଜନୈତିକ ଜୀବନରେ କିଛି ବାଧା ଆସିବ ନାହିଁ, ପ୍ରଧାନମନ୍ତ୍ରୀଙ୍କୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଆମେ ଟିକିଏ ଚତୁରତାର ସହ କାମ କରି ପାରିଲେ କୌଣସି ଦୁର୍ଘଟ ଘଟିବ ନାହିଁ ଆଉ କାହାରି କିଛି କ୍ଷତି ହେବ ନାହିଁ ।"

ଏଇ ଅସାଧାରଣ ବ୍ୟକ୍ତିଙ୍କୁ ମନେ ମନେ ପ୍ରଶଂସାକରି ପଚାରିଲି, "ରହସ୍ୟଟା ତୁମେ ତାହେଲେ ସମାଧାନ କରିସାରିଛ ?"

"ଠିକ ତା ନୁହେଁ । କେତେଟା ପଏଣ୍ଟ ଏବେ ବି ମୋତେ ଅଜଣା । କିନ୍ତୁ ଆମକୁ ଏତେ କଥା ଜଣା ଯେ, ବାକିତକ ବାହାର କରି ନ ପାରିବାଟା ଆମର

Digitized by srujanika@gmail.com

ଭୁଲ । ଆମେ ସିଧା ହ୍ୱାଇଟହଲ୍ ଟେରାସ ଯିବା ଆଉ ଘଟଣାଟାରେ ପୂର୍ଣ୍ଣଚ୍ଛେଦ ପକାଇବା ।"

ଆମେ ଇଉରୋପିୟାନ ସେକ୍ରେଟାରୀଙ୍କ ଘରେ ପହଞ୍ଚିଲୁ । ହୋମ୍ସ ଲେଡ଼ି-ହିଲ୍ଡା ଟ୍ରେଲନ ହୋପ୍‌ଙ୍କ ସାଥିରେ ଦେଖାକରିବାକୁ ଚାହିଁଲେ । ଆମକୁ ବୈଠକଖାନାକୁ ଡକାହେଲା । ଘୃଣା ଆଉ ରାଗରେ ମୁହଁ ଲାଲକରି ଲେଡ଼ି ହିଲ୍ଡା କହିଲେ, "ଏଟା ଆପଣଙ୍କ ପକ୍ଷରେ ନିହାତ ଅନ୍ୟାୟ ଆଉ ଅନୁଚିତ ମିଷ୍ଟର୍ ହୋମ୍ସ । ମୁଁ ଆପଣଙ୍କ ପାଖକୁ ଯିବା କଥା ଗୋପନ ରଖିବାକୁ ଆପଣଙ୍କୁ କହିଥିଲି । କାରଣ ମୋ ସ୍ୱାମୀ ଭାବିପାରନ୍ତି, ମୁଁ ତାଙ୍କ ଧନ୍ଦାରେ ହସ୍ତକ୍ଷେପ କରୁଛି । କିନ୍ତୁ ଆପଣ ଏଠିକି ଆସି ଦେଖାଇଦେଲେ, ଆପଣଙ୍କ ସାଥିରେ ମୋର ବ୍ୟବସାୟଗତ ସମ୍ପର୍କ ଅଛି ।"

"ଦୁଃଖର କଥା ମାଡ଼ାମ । ମୋର ଅନ୍ୟ କିଛି ଉପାୟ ନଥିଲା । ଏଇ ଗୁରୁତ୍ୱପୂର୍ଣ୍ଣ କାଗଜଟା ଖୋଜି ବାହାର କରିବା ଦାୟିତ୍ୱ ମୋତେ ଦିଆ-ଯାଇଛି । ତେଣୁ ମୁଁ ଆପଣଙ୍କୁ କହିବାକୁ ବାଧ ହେଉଛି, ସେଟା ମୋତେ ଦେଇ ଦିଅନ୍ତୁ ।"

ଲେଡ଼ି ହିଲ୍ଡା ଚମ୍‌କିକରି ଉଠି ଠିଆ ହୋଇଗଲେ । ମୁହୂର୍ତ୍ତିକ ଭିତରେ ତାଙ୍କର ସୁନ୍ଦର ମୁହଁ ଲାଲପଡ଼ିଗଲା, ଆଖିଯୁଡ଼ା ଜଳି ଉଠିଲା । ସେ ଥରି ଉଠିଲେ । ମୁଁ ଭାବିଲି ସେ ବୋଧହୁଏ ଚେତା ହରାଇ ପଡ଼ିଯିବେ । ତାପରେ ଖୁବ୍ ଚେଷ୍ଟାକରି ସେ ନିଜକୁ ସମ୍ଭାଳିନେଲେ । ଘୃଣା ଆଉ ବିସ୍ମୟ ଛଡ଼ା ଆଉ ସବୁ ଭାବ ତାଙ୍କ ମୁହଁରୁ ଚାଲିଗଲା ।

"ଆପଣ,ଆପଣ ମୋତେ ଅପମାନିତ କରୁଛନ୍ତି ମିଷ୍ଟର୍ ହୋମ୍ସ ।"

"ଦେଖନ୍ତୁ ମାଡ଼ାମ ଏସବୁର କିଛି ମୂଲ୍ୟନାହିଁ । ଚିଠିଟା ଦେଇ ଦିଅନ୍ତୁ ।"

ସେ କଲିଂବେଲ୍ ପାଖକୁ ଚାଲିଯାଇ କହିଲେ, "ଚାକର ଆସି ଆପଣଙ୍କୁ ବାହାର କରିଦେଲେ ଭଲହେବ ।"

"ବେଲ୍‌ଟା ବଜାନ୍ତୁ ନାହିଁ ଲେଡ଼ି ହିଲ୍ଡା । ତାହେଲେ ଗୋଟେ ଅପବାଦ ଘୋଡ଼େଇ ରଖିବାକୁ ମୁଁ ଯେଉଁ ଚେଷ୍ଟା କରିଛି ତା ପଣ୍ଡ ହୋଇଯିବ । ଚିଠିଟା ଦେଇ ଦିଅନ୍ତୁ, ସବୁ ଠିକ୍ ହୋଇଯିବ । ଆପଣ ଯଦି ମୋ ସାଥିରେ

Digitized by srujanika@gmail.com

ସହଯୋଗ କରନ୍ତୁ ମୁଁ ସବୁ ବ୍ୟବସ୍ଥା କରିଦେବି । ଯଦି ମୋ ବିରୁଦ୍ଧରେ ଯାଆନ୍ତି, ମୁଁ ଆପଣଙ୍କୁ ପଦାରେ ପକାଇଦେବି ।”

ଲେଡ଼ି ହିଲ୍‌ଡ଼ା ଖୁବ୍ ଦମ୍ଭରେ ଠିଆହୋଇଥାନ୍ତି । ତାଙ୍କ ଆଖି ଦି’ଟା ହୋମ୍‌ସଙ୍କ ଆଖି ଉପରେ । ହାତଟା ବେଲ୍ ଉପରେ କିନ୍ତୁ ସେଟା ବଜାଇବାରୁ ସେ ନିବୃତ ହୋଇଯାଇଥାନ୍ତି ।

“ଆପଣ ମୋତେ ଭୟ ଦେଖାଇବାକୁ ଚେଷ୍ଟା କରୁଛନ୍ତି । ଆପଣ ଏଠିକି ଆସି ଜଣେ ନାରୀକୁ ଧମକାଇବାଟା ପୁରୁଷପଣିଆ ନୁହେଁ ମିଷ୍ଟର୍ ହୋମ୍‌ସ । ଆପଣ କହୁଛନ୍ତି ଆପଣ କିଛି ଜାଣନ୍ତି । ଆଚ୍ଛା, କଣ ଜାଣନ୍ତି ?”

“ଦୟାକରି ବସନ୍ତୁ ମାଡ଼ାମ । ପଡ଼ିଗଲେ ଆଘାତ ପାଇବେ । ଆପଣ ନ ବସିବା ଯାଏ ମୁଁ କିଛି କହିବି ନାହିଁ । ଧନ୍ୟବାଦ ।”

“ମୁଁ ଆପଣଙ୍କୁ ପାଞ୍ଚମିନିଟ୍ ସମୟ ଦେଲି ମିଷ୍ଟର୍ ହୋମ୍‌ସ ।”

“ଗୋଟେ ମିନିଟ୍ ଯଥେଷ୍ଟ ଲେଡ଼ି ହିଲ୍‌ଡ଼ା । ଆପଣ ଏଡୁଆର୍ଡୋ ଲୁକାସଙ୍କ ପାଖକୁ ଯାଇ ତାଙ୍କୁ ଏ ଚିଠିଟା ଦେବା କଥା ମୁଁ ଜାଣେ । ପୁଣି କାଲିରାତିରେ ଚତୁରତାର ସହିତ ସେ ରୁମ୍‌କୁ ଯାଇ ଗାଲିଚା ତଳେ ଲୁଚି ହୋଇଥିବା କାଗାରୁ ଚିଠିଟା ଯେମିତି ଖବରରେ ଆଣିଲେ ତା ବି ଜାଣେ ।”

ତାଙ୍କ ମୁହଁ ପାଉଁଶିଆ ପଡ଼ିଗଲା । କଥା କହିବା ଆଗରୁ ଦି’ଥର ଛେପ ଢୋକିନେଲେ ।

ଶେଷରେ କହିଲେ, “ଆପଣ ପାଗଳ ମିଷ୍ଟର୍ ହୋମ୍‌ସ୍ ଆପଣ ପାଗଳ ।”

ହୋମ୍‌ସ ପକେଟ୍‌ରୁ ଖଣ୍ଡେ ଗ୍ରେଟ କାର୍ଡ଼ବୋର୍ଡ ବାହାର କଲେ । ସେଟା ଜଣେ ନାରୀର ମୂର୍ତ୍ତି, ଗୋଟେ ଫଟୋରୁ କଟାଯାଇଥିଲା । ସେ କହିଲେ, “ଏଟା ଦର୍କାର ହୋଇପାରେ ବୋଲି ମୁଁ ପାଖେ ପାଖେ ରଖିଛି । ସେ ପୋଲିସ ଏ ଫଟୋଟା ଭଲଭାବେ ଚହ୍ନିଛି ।”

ଲେଡ଼ି ହିଲଡା ଗୋଟେ ଦୀର୍ଘଶ୍ୱାସ ପକାଇଲେ ଆଉ ତାଙ୍କ ମୁଣ୍ଡ ଚଉକି ଉପରକୁ ଲଇଁ ପଡ଼ିଲା ।

“କହନ୍ତୁ ଲେଡ଼ି ହିଲ୍‌ଡା । ଚିଠିଟା ଆପଣ ରଖିଛନ୍ତି । ଏବେ ବି କଥାଟା ସୁଧାରି ନେଇହେବ । ଆପଣଙ୍କୁ କିଛି ହଇରାଣ କରିବା ମୋର ମୋଟେ ଇଚ୍ଛା

Digitized by srujanika@gmail.com

ନୁହେଁ । ଚିଠିଟା ଆପଣଙ୍କ ସ୍ୱାମୀଙ୍କୁ ଫେରାଇଦେଲେ ମୋ କାମ ସରିଲା । ମୋ ଉପଦେଶ ମାନନ୍ତୁ । ସେଇହେଲା ଆପଣଙ୍କର ଏକ ମାତ୍ର ପନ୍ଥା ।"

ଲେଡ଼ି ହିଲ୍‌ଡ଼ାଙ୍କ ସାହସ ବାସ୍ତବିକ ପ୍ରଶଂସନୀୟ । ଏବେ ବି ସେ ହାର ମାନିବାକୁ ରାଜି ନ ଥିଲେ । କହିଲେ, "ମୁଁ ଆପଣଙ୍କୁ ପୁଣି କହୁଛି ମିଷ୍ଟର୍ ହୋମ୍‌ସ, ଆପଣଙ୍କର ଧାରଣା ଅତି ଭ୍ରାନ୍ତ ।"

ହୋମ୍‌ସ ଚଉକିରୁ ଉଠି କହିଲେ, "ଆପଣଙ୍କ ପାଇଁ ମୁଁ ଦୁଃଖିତ ଲେଡ଼ି ହିଲ୍‌ଡ଼ା । ମୁଁ ଯାହା କରିବାର କରିଛି; କିନ୍ତୁ ଦେଖୁଛି ସବୁ ବୃଥା ।"

ସେ ବେଲ୍‌ଟା ବଜାଇଦେଲେ । ଚାକର ଆସି ପହଞ୍ଚିଲା । ହୋମ୍‌ସ ପଚାରିଲେ, "ମିଷ୍ଟର୍ ଟ୍ରେଲିନି ହୋପ୍ ଘରେ ଅଛନ୍ତି ?"

"ସେ ବାରଟା ପଇଁଚାଳିଶ ମିନିଟ୍ ସମୟରେ ଘରକୁ ଆସିବେ ।"

ହୋମ୍‌ସ ଘଣ୍ଟା ଦେଖି କହିଲେ, "ଆହୁରି ପନ୍ଦର ମିନିଟ୍ । ହଉ, ମୁଁ ଅପେକ୍ଷା କରିବ ।"

ଚାକର ଚାଲିଯାଇ ଦରଜାଟା ବନ୍ଦ କରିଛି କି ନାହିଁ ଲେଡ଼ି ହିଲ୍‌ଡ଼ା ହୋମ୍‌ସଙ୍କ ଗୋଡ଼ ପାଖେ ଆଣ୍ଠୁମାଡ଼ି ବସି ପଡ଼ିଲେ । ହାତ ଦି'ଟା ଆଗକୁ ବଢ଼ାଇ ଦେଇଥାନ୍ତି । ତାଙ୍କ ସୁନ୍ଦର ମୁହଁ ଲୁହରେ ଓଦା ହୋଇଯାଇଥାଏ । ସେ କହିଲେ,"ମୋତେ ରକ୍ଷା କରନ୍ତୁ ମିଷ୍ଟର୍ ହୋମ୍‌ସ, ମୋତେ ରକ୍ଷା କରନ୍ତୁ । ଭଗବାନଙ୍କ ରାଣ । ତାଙ୍କୁ କିଛି କହିବେ ନାହିଁ । ମୁଁ ତାଙ୍କୁ ପ୍ରାଣଭରି ଭଲ ପାଏ । ତାଙ୍କ ଜୀବନରେ କୌଣସି ଦୁଃଖ ମୁଁ ଆଣିବି ନାହିଁ । ଏକଥା ଶୁଣିଲେ ସେ ପୂରା ଭାଙ୍ଗି ପଡ଼ିବେ ।"

ହୋମ୍‌ସ ତାଙ୍କ ହାତଧରି ଉଠାଇ କହିଲେ, "ଏ ଶେଷ ମୁହୂର୍ତ୍ତରେ ମଧ୍ୟ ଆପଣଙ୍କର ସଦ୍‌ବୁଦ୍ଧି ଆସିଥିବାରୁ ମୁଁ ଆନନ୍ଦିତ । ଏବେ ମୁହୂର୍ତ୍ତେ ସମୟ ନଷ୍ଟ କରିବାର ନୁହେଁ । ଚିଠିଟା କେଉଁଠି ?"

ସେ ଗୋଟେ ଡେସ୍କ ପାଖକୁ ଯାଇ ଚାବି ଖୋଲି ଗୋଟେ ଲମ୍ବା ନେଳି ଲଫାଫା ବାହାର କରି ଆଣିଲେ ।

"ଏଇଟି ମିଷ୍ଟର୍ ହୋମ୍‌ସ । ଭଗବାନ ଜାଣନ୍ତି, ମୁଁ ଏଟା ମୋଟେ ଦେଖି ନାହିଁ ।"

Digitized by srujanika@gmail.com

ହୋମ୍‌ସ ଗୁଣ୍ଡୁଗୁଣ୍ଡୁହୋଇ କହିଲେ, "ଆମେ ଏଠା ଫେରାଇବା କେମିତି ? ଆମକୁ କିଛି ଉପାୟ ଚିନ୍ତା କରିବାକୁ ପଡ଼ିବ । ଆଚ୍ଛା, ମିଷ୍ଟର୍ ହୋପ୍‌ଙ୍କ ସେ ବାକ୍‌ସଟା କେଉଁଠି ?"

"ତାଙ୍କ ଶୋଇବା ଘରେ ।"

"କି ସୌଭାଗ୍ୟ ! ଶୀଘ୍ର ମାଡ଼ାମ୍, ସେଟା ନେଇଆସନ୍ତୁ ।"

ଟିକଏ ପରେ ସେ ଗୋଟେ ଚାରିକୋଣିଆ ନାଲି ବାକ୍‌ସ ଧରି ଆସିଲେ ।

"ଆପଣ ଏଟା ଖୋଲିଲେ କେମିତି ? ଆପଣଙ୍କ ପାଖେ ଆଉ ନକଲି ଚାବି ଅଛି ? ହଁ, ନିଶ୍ଚୟ ଅଛି । ବାକ୍‌ସଟା ଖୋଲନ୍ତୁ ।"

ଲେଡ଼ି ହିଲ୍‌ଡ଼ା ଗୁଡ଼ିଏ ଭିତରୁ ଗୋଟେ ଛୋଟ ଚାବି ବାହାର କଲେ । ବାକସଟା ଖୋଲା ହେଲା । ତା ଭିତରେ କାଗଜ ଭର୍ତ୍ତି ହୋଇଥିଲା । ହୋମ୍‌ସ ଗୁଡ଼ାଏ କାଗଜ ମଝିରେ ନେଇ ଲଫାଫାଟା ପୂରାଇ ଦେଲେ । ବାକ୍‌ସଟା ବନ୍ଦ କରାଯାଇ ଶୋଇବାଘରକୁ ପଠାଇଦିଆଗଲା । ହୋମ୍‌ସ କହିଲେ, "ଏଥର ଆମେ ପ୍ରସ୍ତୁତ ହୋଇଗଲେ । ଏବେ ବି ମିଷ୍ଟର୍ ହୋପ୍ ଆସିବାକୁ ଦଶ ମିନିଟ୍ ସମୟ ଅଛି । ଆପଣଙ୍କୁ ଘୋଡ଼ାଇ ରଖିବାକୁ ମୁଁ ଯଥେଷ୍ଟ କରୁଛି ଲେଡ଼ି ହିଲ୍‌ଡ଼ା । ତା ବଦଳରେ ଏଇ ଘଟଣାର ପ୍ରକୃତ ଅର୍ଥ ଆପଣ ମୋତେ କହନ୍ତୁ ।"

"ମୁଁ ଆପଣଙ୍କୁ ସବୁ କଥା କହିବି ମିଷ୍ଟର୍ ହୋମ୍‌ସ । ତାଙ୍କୁ କିଛି ଦୁଃଖ ଦେବା ଆଗରୁ ମୋର ବରଂ ମୃତ୍ୟୁ ହୋଇଯାଉ । ମୁଁ ତାଙ୍କୁ ଯେତେ ଭଲ ପାଏ, ଇଂଲଣ୍ଡର କୌଣସି ସ୍ତ୍ରୀ ତା ସ୍ୱାମୀଙ୍କୁ ସେତେ ଭଲ ପାଉ ନଥିବ । ତଥାପି ମୁଁ ଯାହା କରୁଛି—କରିବାକୁ ବାଧ୍ୟ ହୋଇଛି— ସେ କଥା ଜାଣିଲେ ସେ ମୋତେ କ୍ଷମାକରିବେନାହିଁ । ମୋତେ ସାହାଯ୍ୟ କରନ୍ତୁ ମିଷ୍ଟର୍ ହୋମ୍‌ସ ମୋ ସୁଖ, ତାଙ୍କ ସୁଖ, ସବୁ ନଷ୍ଟ ହୋଇଯିବ ।"

"ଶୀଘ୍ର କହନ୍ତୁ ମାଡ଼ାମ୍, ସମୟ ଚାଲିଯାଉଛି ।"

"ମୋର ଗୋଟେ ଚିଠି ମିଷ୍ଟର୍ ହୋମ୍‌ସ । ମୋ ବିବାହ ପୂର୍ବର ଗୋଟେ ବିଚାରହୀନ ଚିଠି, ଗୋଟେ ବୁଦ୍ଧିହୀନା ତରୁଣୀର ଚିଠି । ମୋର କିଛି ଖରାପ ଉଦ୍ଦେଶ୍ୟ ନଥିଲା । ତଥାପି ସେ ସେଟାକୁ ଗୁରୁତର ଅପରାଧ ବୋଲି ଭାବି

Digitized by srujanika@gmail.com

ଥାଆନ୍ତେ । ସେ ଚିଠିଟା ସେ ପଢ଼ିଥିଲେ ମୋ ଉପରେ ତାଙ୍କର ବିଶ୍ୱାସ ସବୁଦିନ ପାଇଁ ତୁଟି ଯାଇଥାନ୍ତା । ଅନେକ ବର୍ଷତଳେ ସେଟା ମୁଁ ଲେଖିଥିଲି । ଭାବିଥିଲି ସେକଥା ଭୁଲି ହୋଇଯାଇଛି । ତାପରେ ମୁଁ ଏଇ ଲୁକାସ୍‌ଠାରୁ ଶୁଣିଲି ଚିଠିଟା ତା'ହାତରେ ପଡ଼ିଛି ଆଉ ସେ ମୋ ସ୍ୱାମୀଙ୍କୁ ସେଟା ଦେଇଦେବ । ମୋ ସ୍ୱାମୀଙ୍କ ବାକ୍‌ସରେ ଥିବା ଗୋଟେ କାଗଜର ବର୍ଣ୍ଣନା କରି ସେ କହିଲା, ମୁଁ ତାକୁ ଏଇ କାଗଜଟା ଦେଲେ ସେ ମୋତେ ଚିଠିଟା ଫେରାଇ ଦେବ । ଅଫିସ୍‌ରେ କେହି ତାର ଗୁପ୍ତଚର ଥିଲା ଆଉ ତାଠାରୁ ସେ ଏଇ କାଗଜ କଥା ଜାଣିଥିଲା । ମୋ ସ୍ୱାମୀଙ୍କର କିଛି ଅନିଷ୍ଟ ହେବନାହିଁ ବୋଲି ସେ ମୋତେ ପ୍ରତିଶ୍ରୁତି ଦେଲା । ଆପଣ ନିଜକୁ ମୋ ସ୍ଥାନରେ ରଖି ବିଚାର କରନ୍ତୁ ମିଷ୍ଟର୍ ହୋମ୍‌ସ, ମୁଁ ଆଉ କ'ଣ କରିଥାନ୍ତି ?"

"ଆପଣଙ୍କ ସ୍ୱାମୀଙ୍କ ଉପରେ ଭରସାରଖି ଏକଥା କହିଦେଇଥାନ୍ତେ ।"

"ମୁଁ ପାରିଲିନାହିଁ ମିଷ୍ଟର୍ ହୋମ୍‌ସ, ମୁଁ ପାରିଲି ନାହିଁ । ଗୋଟେ ପାଖରେ ନିଶ୍ଚିତ ସର୍ବନାଶ, ଅନ୍ୟପାଖରେ ମୋ ସ୍ୱାମୀଙ୍କ କାଗଜଟା ନେଇଯିବା, ପୁଣି ରାଜନୀତି ସଂକ୍ରାନ୍ତ କାଗଜ । ମୁଁ ତାର ଫଳ କ'ଣ ହେବ ଚିନ୍ତା କରି ପାରିଲି ନାହିଁ । ଶେଷରେ ମୁଁ ସେଇଆ କଲି । ମୁଁ ଚାବିର ଗୋଟେ ଛାପା ନେଇଗଲି । ଏଇ ଲୁକାସ୍ ମୋତେ ନକଲି ଚାବି ଯୋଗାଇ ଦେଲା । ମୁଁ ବାକ୍‌ସଟା ଖୋଲି କାଗଜଟା ନେଇ ଗଡ଼ୋଲ୍‌ଫିନ୍ ଷ୍ଟ୍ରୀଟ୍‌ରେ ତାକୁଦେଇଦେଲି ।"

"ସେଠି କ'ଣ ଘଟିଲା ମାଡ଼ାମ୍ ?"

"ଆଗରୁ କଥା ହୋଇଥିବା ଅନୁସାରେ ମୁଁ ଦରଜାରେ ଠକ୍ ଠକ୍ କଲି । ଲୁକାସ୍ ଦରଜା ଖୋଲିଲା । ମୁଁ ତା ସାଥିରେ ତା ରୁମ୍‌କୁ ଗଲି । ବାଟଘର ଦରଜାଟା ଦରମେଲା କରି ରଖିଦେଲି । କାରଣ ମୁଁ ଏକା ଲୋକଟା ପାଖରେ ରହିବାକୁ ଡର ଲାଗିଲା । ମୋର ମନେଅଛି, ମୁଁ ଘର ଭିତରକୁ ଗଲାବେଳେ ବାହାରେ ଜଣେ ସ୍ତ୍ରୀ ଲୋକ ବୁଲୁଥିଲା । ଆମ ଧନ୍ଦା ସରିଗଲା । ସେ ମୋ ଚିଠିଟା ଡେସ୍କରେ ରଖିଥିଲା । ମୁଁ କାଗଜଟା ତାକୁ ଦେଇଦେଲି ଆଉ ସେ ମୋତେ ଚିଠିଟା ଦେଇଦେଲା । ଏତିକିବେଳେ ଦରଜାରେ ଗୋଟେ ଶବ୍ଦ ହେଲା । ବାରଣ୍ଡାରେ ପାଦ ଶବ୍ଦ ଶୁଣାଗଲା । ଲୁକାସ୍ ତରତର ହୋଇ କନା

Digitized by srujanika@gmail.com

ଟାଙ୍କୁଣିଟା ଟେକ ସେଠି କୌଣସି ଜାଗାରେ କାଗଜଟା ପୂରାଇ ଦେଇ କନାଟା ପୁଣି ଘୋଡ଼େଇଦେଲ ।

"ତାପରେ ଯାହା ଘଟିଲ ସେ ଗୋଟେ ଭୟଙ୍କର ସ୍ୱପ୍ନପରି । ଜଣେ ନାଗ୍ରିର କ୍ରୋଧାନ୍ଧ ମୁହଁ ମୋତେ ଦେଖାଗଲା ଆଉ ତାର ସ୍ୱର ଶୁଣାଗଲା । ଫରାସୀ ଭାଷାରେ ସେ କହିଲା, 'ମୋ ଅପେକ୍ଷା କରିବାଟା ବୃଥା ନୁହେଁ । ଶେଷରେ ତା ସହିତ ମୁଁ ତୁମକୁ ଭେଟିଛି ।' ତାପରେ ଭୀଷଣ ଝଗଡ଼ା ହୋଇଗଲା । ଲୁକାସ୍ ହାତରେ ଗୋଟେ ଚଉକି ଆଉ ସେ ନାଗ୍ରୀ ହାତରେ ଗୋଟେ ଛୁରୀ ଦେଖିଲି । ମୁଁ ସେ ଭୟଙ୍କର ଜାଗାରୁ ଆଖିବୁଜା ଦୌଡ଼ି ପଳାଇ ଆସିଲି । ତା' ପରଦିନ ସକାଳେ ଖବରକାଗଜରୁ ଏ ହତ୍ୟା କଥା ଜାଣିଲି । ସେ ରାତରେ ମୁଁ ବେଶ୍ ଖୁସି ହେଲି । କାରଣ ମୋ ଚିଠିଟା ମୁଁ ଫେରିପାଇଥିଲି ଆଉ ଭବିଷ୍ୟତରେ କ'ଣ ହେବ ମୁଁ ଚିନ୍ତା କରି ନଥିଲି ।

"ତା ପରଦିନ ସକାଳେ ମୁଁ ଜାଣିଲି, ମୁଁ ମହାରଗରୁ ଯାଇ କାନ୍ତାରରେ ପଡ଼ିଛି । କାଗଜଟା ହଜିଥିବାରୁ ମୋ ସ୍ୱାମୀଙ୍କ ଦୁଃସହ ବେଦନା ମୋ ମନରେ କଠୋର ଆଘାତ ଦେଲା । ସେଇଠି ତାଙ୍କ ପାଖରେ ଆଣ୍ଠୁମାଡ଼ି ଯାହା କରିଛି କେହିଦେଇଥାନ୍ତି । କିନ୍ତୁ ତାଦ୍ୱାରା ମୋ ଅତୀତ କଥାଟା ସ୍ୱୀକାର କରିବାକୁ ପଡ଼ିଥାନ୍ତା । ମୋ ଗୁରୁତର ଅପରାଧର ଫଳ କ'ଣ ହେବ ବୁଝିବା ପାଇଁ ମୁଁ ଆପଣଙ୍କ ପାଖକୁ ଯାଇଥିଲି । ସେକଥା ଜାଣିଲା ପରେ ମୋ ସ୍ୱାମୀଙ୍କ କାଗଜଟା କେମିତି ଫେରିପାଇବି, ସେଇ ଚିନ୍ତା ମନରେ ପଶିଲା । ଲୁକାସ୍ ଯେଉଁଜାଗାରେ ସେଟା ରଖିଥିଲା ସେଟା ନିଶ୍ଚୟ ସେଇଠି ଥିବ । କାରଣ ଭୀଷଣ ସେଇ ନାଗ୍ରୀ ଘର ଭିତରକୁ ଆସିବା ଆଗରୁ ସେ କାଗଜଟା ଲୁଚାଇ ଦିଆଯାଇଥିଲା । ଯେ ନାଗ୍ରୀ ଆସିନଥିଲେ ଲୁଚାଇବା ଜାଗାଟା ମୁଁ ଜାଣିପାରିନଥାନ୍ତି । ସେ ରୁମ୍ ଭିତରକୁ ଯିବି କେମିତି ? ଦୁ' ଦିନ ଯାଏ ମୁଁ ଜାଗାଟାକୁ ଲକ୍ଷ୍ୟ କଲି; କିନ୍ତୁ ଦାରଜାଟା କେବେ ଖୋଲା ହୁଏ ନାହିଁ । କାଲି ରାତରେ ମୁଁ ଶେଷ ଚେଷ୍ଟା କଲି । ମୁଁ କଣ କଲି ଆଉ ମୋ କାମରେ କେମିତି ସଫଳ ହେଲି ଆପଣ ଜାଣନ୍ତି । ମୁଁ କାଗଜଟା ନେଇ ଆସିଲି । ଭାବିଲି ସେଟା ନଷ୍ଟ କରି ଦେବ । କାରଣ ମୋ

Digitized by srujanika@gmail.com

ସ୍ୱାମୀଙ୍କ ଆଗରେ ନିଜ ଦୋଷ ସ୍ୱୀକାର ନକରି କାଗଜଟା ତାଙ୍କୁ କେମିତି ଫେରାଇବ ? ଏଇତ ପାହାଚରେ ତାଙ୍କ ପାଦ ଶବ୍ଦ ଶୁଭୁଛି ।"

ଇଉରୋପିଯାନ୍ ସେକ୍ରେଟାରୀ ଘର ଭିତରକୁ ଧାଇଁ ଆସି ପଚାରିଲେ, "କିଛି ଖବର ପାଇଲେ ମିଷ୍ଟର ହୋମ୍‌ସ ?"

"ମୋର କିଛିଟା ଆଶା ଅଛି ।"

"ଆଃ, ଭଗବାନ !" ତାଙ୍କ ମୁହଁ ଉଜ୍ଜ୍ୱଳ ଦିଶିଲା ।

"ପ୍ରଧାନମନ୍ତ୍ରୀ ମୋ ସାଥିରେ ଏଇଠି ଖାଇବାକୁ ଆସିବେ । ଆପଣଙ୍କ ଆଶା କଥାଟା ତାଙ୍କୁ ବି ଶୁଣାଇବେ ? ସେ ଖୁବ୍ ଦୃଢ଼ ଲୋକ । ତଥାପି ମୁଁ ଜାଣେ ଏଇ ଘଟଣା ପରେ ସେ ପ୍ରାୟ ଶୋଇ ନାହାନ୍ତି । ଜାକବ୍‌ସ୍, ପ୍ରଧାନମନ୍ତ୍ରୀଙ୍କୁ ଉପରକୁ ଡାକି ଆଣ । ଆଉ ତୁମେ ହିଲ୍‌ଡ଼ା, ଏଟା ରାଜନୀତି ବିଷୟର କଥା । ତୁମେ ଯାଅ । ଆମେ କେତେ ମିନଟ୍ ପରେ ଖାଇବା ଘରେ ତୁମ ପାଖରେ ପହଞ୍ଚିବୁ ।"

ପ୍ରଧାନମନ୍ତ୍ରୀଙ୍କ ମୁହଁର ଭାବ ଶାନ୍ତ । ତଥାପି ତାଙ୍କ ଆଖିରୁ ଜାଣିପାରିଲି ସେ ତାଙ୍କ ସହକର୍ମୀଙ୍କ ଦୁଃଖରେ ଦୁଃଖିତ । ସେ ପଚାରିଲେ, "ଶୁଣିଲି, ଆପଣଙ୍କର କିଛି ରିପୋର୍ଟ କରିବାର ଅଛି ମିଷ୍ଟର୍ ହୋମ୍‌ସ ।"

ମୋ ବନ୍ଧୁ ଉତ୍ତର ଦେଲେ, "ମୋ ଉତ୍ତର ନା । କାଗଜଟା ଯେଉଁ ଜାଗାକୁ ଯିବାର ସମ୍ଭାବନା ମୁଁ ସବୁଠି ଅନୁସନ୍ଧାନ କରିଛି । ମୁଁ ନିଶ୍ଚିତ ଯେ, କୌଣସି ବିପଦର ଆଶଙ୍କା ନାହିଁ ।"

"କିନ୍ତୁ ସେତିକି ତ ଯଥେଷ୍ଟ ନୁହେଁ ମିଷ୍ଟର୍ ହୋମ୍‌ସ । ସବୁଦିନ ପାଇଁ ଆମେ ଏ ଆଗ୍ନେୟଗିରିକୁ ନେଇ ରହିପାରିବୁନାହିଁ । ଆମେ କିଛି ନିର୍ଦ୍ଦିଷ୍ଟ ଜାଣିବା ଦରକାର ।"

"ମୋର ସେଟା ପାଇବାର ଆଶା ଅଛି । ସେଇଥିପାଇଁ ମୁଁ ଏଠିକି ଆସିଛି । ମୁଁ କଥାଟା ଯେତେ ଭାବୁଛି ମୋର ସେତିକି ଦୃଢ଼ବୋଧ ହେଉଛି ଯେ, ଚିଠିଟା ମୋଟେ ଏ ଘରୁ ଯାଇନାହିଁ ।"

"ମିଷ୍ଟର୍ ହୋମସ୍ !"

Digitized by srujanika@gmail.com

"ଯଦି ଯାଇଥାନ୍ତା ଏତେବେଳକୁ ନିଶ୍ଚୟ ପ୍ରକାଶିତ ହୋଇସାରନ୍ତାଣି ।"

"କିନ୍ତୁ ଏଇଘରେ ସେଟା ରଖିବା ପାଇଁ କିଏ କାହିଁକି ନେବ ?"

"ସେଟା କେହି ନେଇଛି ବୋଲି ମୋ ମନ ମାନୁ ନାହିଁ ।"

"ତା ହେଲେ ବାକ୍‌ସରୁ ସେଟା ଗଲା କେମିତି ?"

"ସେଟା ମୋଟେ ବାକ୍‌ସରୁ ଯାଇଛି ବୋଲି ମୋ ମନ ମାନୁ ନାହିଁ ।"

"ମିଷ୍ଟର୍ ହୋମ୍‌ସ, ଏଟା ରହସ୍ୟ କରିବା ବେଳ ନୁହେଁ । ଆପଣଙ୍କୁ ମୁଁ ଦୃଢ଼ଭାବେ କହୁଛି, ଚିଠିଟା ବାକ୍‌ସରୁ ଚାଲିଯାଇଛି ।"

"ମଙ୍ଗଳବାର ସକାଳ ପରେ ଆପଣ ଆଉ ବାକ୍‌ସଟା ଦେଖିଛନ୍ତି ?"

"ନା, ତାର ଦର୍କାର ନାହିଁ ।"

"ଭୁଲ୍‌ରେ ହୁଏତ ଆପଣଙ୍କର ଦୃଷ୍ଟି ସେଟା ଉପରେ ପଡ଼ିନଥିବ ।"

"ଅସମ୍ଭବ ।"

"କିନ୍ତୁ ମୋ ମନ ମାନୁ ନାହିଁ । ଏଭଳି ଘଟିବାର ମୁଁ ଜାଣିଛି । ମୁଁ ଭାବୁଛି ସେ ବାକ୍‌ସରେ ଅନ୍ୟାନ୍ୟ କାଗଜପତ୍ର ଅଛି । ଏଟା ତା ସାଥିରେ ମିଶିଯାଇଥାଇପାରେ ।"

"ସେଟା ସବା ଉପରେ ଥିଲା ।"

"କେହି ବାକ୍‌ସଟାକୁ ହଲାଇ ଦେଇପାରିଥାଏ । ଆଉ ଏ ଚିଠିଟା ଅନ୍ୟ ଜାଗାକୁ ଚାଲିଯାଇପାରିଥାଏ ।"

"ନା, ନା, ମୁଁ ସବୁ ଖୋଲି ଦେଖିଛି ।"

ପ୍ରଧାନମନ୍ତ୍ରୀ କହିଲେ, "ସେ କଥାଟା ସହଜରେ ଜାଣି ହେବ ହୋପ୍ । ବାକ୍‌ସଟା ଏଠିକି ଅଣାଯାଉ ।"

ସେକ୍ରେଟାରୀ ବେଲ୍‌ଟା ବଜାଇଲେ । କହିଲେ, "ଜାକବ୍‌ସ୍, ମୋ ଚିଠି ବାକ୍‌ସଟା ନେଇଆସ । ଏଟା ଖାଲି ଫାର୍ସ କରି ସମୟ ନଷ୍ଟ କରିବା କଥା । ତଥାପି ଆପଣ ଯଦି କେଉଁଥିରେ ସନ୍ତୁଷ୍ଟ ନୁହନ୍ତି, ବାକ୍‌ସଟା ଦେଖି ଦେବା । ଧନ୍ୟବାଦ୍ ଜାକବ୍‌ସ୍, ଏଇଠି ରଖ । ଚାବିଟା ମୁଁ ସବୁବେଳେ ମୋ ଘଣ୍ଟା-ଚେନ୍‌ରେ ରଖିଛି । ଏଇ କାଗଜଗୁଡ଼ା ସବୁ ଦେଖନ୍ତୁ-। ଲର୍ଡ଼ ମେରୋଙ୍କ ଚିଠି, ସାର୍ ଚାର୍ଲସ୍ ହାର୍ଡ଼ିଙ୍କ ରିପୋର୍ଟ, ବେଲ୍‌ଗ୍ରେଡ୍‌ରୁ ଆସିଥିବା ମାନପତ୍ର, ରୁଷୋ-

Digitized by srujanika@gmail.com

ଜର୍ମାନ୍ ଶସ୍ୟ ଟାକ୍‌ସର ରିପୋର୍ଟ ମାଡ୍ରିଡ୍‌ରୁ ଆସିଥିବା ଚିଠି, ଲର୍ଡଫ୍ଲାଉ-ଆର୍‌ସ୍‌ଙ୍କ ପାଖରୁ ଆସିଥିବା ଚିଠି—ହେ ଭଗବାନ ! ଏଟା କ'ଣ ? ଲର୍ଡ ବେଲ୍‌ନ୍‌ଜର୍ ! ଲର୍ଡ ବେଲ୍‌ନଜର୍ !"

ପ୍ରଧାନମନ୍ତ୍ରୀ ନେଳିଆ ଲଫାଫାଟା ତାଙ୍କ ହାତରୁ ଝାଣି ନେଲେ । କହିଲେ, "ହିଁ, ଏଇଟା । ଭିତରେ ଚିଠିଟା ଠିକ୍ ଅଛି । ହୋପ୍, ମୁଁ ତୁମକୁ ଅଭିନନ୍ଦନ କରୁଛି ।"

"ଧନ୍ୟବାଦ, ଧନ୍ୟବାଦ ! ମୋ ଛାତିରୁ କେତେ ବୋଝ ଓହ୍ଲାଇଗଲା ! କିନ୍ତୁ ଏହା କଳ୍ପନାତୀତ, ଅସମ୍ଭବ ! ମିଷ୍ଟର ହୋମ୍‌ସ, ଆପଣ ଜଣେ ଯାଦୁକର, ଐନ୍ଦ୍ରଜାଲିକ । ଚିଠିଟା ଏଠି ଅଛି ବୋଲି ଆପଣ ଜାଣିଲେ କେମିତି ?"

"କାରଣ ମୁଁ ଜାଣିଲି ଚିଠିଟା ଆଉ କେଉଠି ନାହିଁ ।"

"ମୁଁ ନିଜ ଆଖିକୁ ବିଶ୍ୱାସ କରି ପାରୁନାହିଁ ।" ସେ ପାଗଳଙ୍କ ପରି ଦରଜା ପାଖକୁ ଧାଇଁଗଲେ । "ମୋ ସ୍ତ୍ରୀ କେଉଁଠି ? ସବୁ ଠିକ୍ ଅଛି ବୋଲି ମୁଁ ତାଙ୍କୁ କହିଦିଏ । ହିଲ୍‌ଡ଼ା, ହିଲ୍‌ଡ଼ା !" ପାହାଚ ଉପରୁ ତାଙ୍କ ପାଟି ଶୁଣାଗଲା ।

ପ୍ରଧାନମନ୍ତ୍ରୀ ଆଖି ମିଟି ମିଟି କରି ହୋମ୍‌ସଙ୍କ ଆଡ଼କୁ ଚାହିଁଲେ । କହିଲେ, 'କହନ୍ତୁ, ଏ ଘଟଣା ଆଖି ଆଗରେ ଯାହା ଦେଖାଗଲା ତା ବ୍ୟତୀତ ଏଥିରେ ଅନ୍ୟ କିଛି ରହସ୍ୟ ଅଛି । ଚିଠିଟା ବାକ୍‌ସ ଭିତରକୁ ଫେରି ଆସିଲା କେମିତି ?"

ହୋମ୍‌ସ ତାଙ୍କ ଆଖି ଆଡ଼ୁ ମୁହଁ ବୁଲାଇ ଆଣି କହିଲେ, "ଆମର ମଧ୍ୟ କୂଟନୈତିକ ଗୋପନୀୟତା ଅଛି ଆଜ୍ଞା ।" ସେ ଟୋପିଟା ଉଠାଇ ଦରଜା ଆଡ଼କୁ ଚାଲିଆସିଲେ ।

* * *

Digitized by srujanika@gmail.com